# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୧/୨୦୨୦ (୨୦ ପୃଷ୍ଠା+ ଛୁଟିଦିନ) | Bhubaneswar, Sunday, March 1/2020 | ★★★★★★

୪୬ଶ ଭାଗ ୯୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ରାଧାଙ୍କ କ୍ୟାରିୟରର ଶ୍ରେଷ୍ଠ ବୋଲିଂ**

ଶ୍ରୀଲଙ୍କା ବିପକ୍ଷ ମହିଳା ଟି୨୦ ବିଶ୍ୱକପ୍ ମ୍ୟାଚରେ କ୍ୟାରିୟରର ଶ୍ରେଷ୍ଠ ବୋଲିଂ କରି ଭାରତୀୟ ସ୍ପିନର ରାଧା ଯାଦବ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୯

୦୯

**ମୁହଁ ସର୍ଜରି କଥା ମାନିଲେ ଶ୍ରୁତି**

ବଲିଉଡ୍ ଅଭିନେତ୍ରୀ ଶ୍ରୁତି ହାସନ ନିଜ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ଏକ ଲମ୍ବା ଚଉଡା ମେସେଜ୍ କରି ନିଜ ମୁହଁର ପାଷ୍ଟିକ୍ ସର୍ଜରି କରିଥିବା ସ୍ୱୀକାର କରିଛନ୍ତି।





କଳିଙ୍ଗ ଷ୍ଟାଡିୟମରେ ଶନିବାର ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ୧୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ଧାବିକା ଦୂତୀ ଚାନ୍ଦ। **(ବିବରଣୀ ଖେଳ ପୃଷ୍ଠାରେ)** (ଫଟୋ: ବିକାଶ ନାୟକ)

# ଆଫଗାନିସ୍ତାନକୁ ଶାନ୍ତି ଫେରିବ

## ଆମେରିକା-ତାଲିବାନ ଚୁକ୍ତି ସ୍ୱାକ୍ଷର

- ୧୮ ବର୍ଷ ଲାଗି ରହିଥିବା ବିବାଦର ଅନ୍ତ
- ୧୪ ମାସରେ ସେନା ପ୍ରତ୍ୟାହାର କରିବ ଆମେରିକା
- ଚୁକ୍ତି ବେଳେ ଉପସ୍ଥିତ ଥିଲେ ଭାରତୀୟ ରାଷ୍ଟ୍ରଦୂତ ପି. କୁମାରନ

ୱାଶିଂଟନ/କାବୁଲ,୨୯।୨ (ପି.ଟି./ଆଇଏଏନ୍ଏସ୍)

ଆମେରିକା ଓ ତାଲିବାନ ମଧ୍ୟରେ ବହୁପ୍ରତୀକ୍ଷିତ ଶାନ୍ତି ଚୁକ୍ତି ଶନିବାର ସ୍ୱାକ୍ଷର ହୋଇଛି। ଏହି ଚୁକ୍ତି ଅନୁଯାୟୀ ୧୪ ମାସ ମଧ୍ୟରେ ଆଫଗାନିସ୍ତାନରୁ ଆମେରିକା ଓ ନାଟୋ ସେନା ପ୍ରତ୍ୟାହୃତ ହେବେ। କାତାର ରାଜଧାନୀ ଦୋହାଠାରେ ଚୁକ୍ତି ସ୍ୱାକ୍ଷର ଅବସରରେ ଆମେରିକା ଓ ଆଫଗାନିସ୍ତାନ ପକ୍ଷରୁ ମିଳିତ ଭାବେ ଏହା ଘୋଷଣା କରାଯାଇଛି। ଫଳରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଆଫଗାନିସ୍ତାନରେ ଲାଗିରହିଥିବା ବିବାଦର ପରିସମାପ୍ତି ହେବାକୁ ଯାଉଛି। ସେଠାରେ ଶାନ୍ତି ଫେରାଇ ଆଣିବା ଚୁକ୍ତିର ମୁଖ୍ୟ ଉଦ୍ଦେଶ୍ୟ ବୋଲି କୁହାଯାଇଛି। ଆଫଗାନିସ୍ତାନରେ ଶାନ୍ତି ପାଇଁ ଆମେରିକାର ସ୍ୱତନ୍ତ୍ର ପ୍ରତିନିଧି ଜଲମେ ଖାଲିଜାଦ୍ ଓ ତାଲିବାନ ସହପ୍ରତିଷ୍ଠାତା ମୁଲ୍ଲା ଅବଦୁଲ ଗନି ବରାଦର ଏହି ଚୁକ୍ତି ସ୍ୱାକ୍ଷର କରିଛନ୍ତି।

ଆଫଗାନିସ୍ତାନରେ ଏବେ ୧୩ ହଜାର ଆମେରିକୀୟ ସୈନ୍ୟ ନିୟୋଜିତ ହୋଇ ରହିଛନ୍ତି। ଚୁକ୍ତିନାମା ଅନୁଯାୟୀ ୪ ମାସ ମଧ୍ୟରେ ଏହି ସଂଖ୍ୟା ୮,୬୦୦କୁ ହ୍ରାସ କରାଯିବ। ୧୪ମାସ ଭିତରେ ସମ୍ପୂର୍ଣ୍ଣ ଭାବେ ସେନା ପ୍ରତ୍ୟାହାର କରାଯିବ। ମିଶନ ପୂରଣ ଲାଗି ଏହା ଅପରିହାର୍ଯ୍ୟ ବୋଲି ଆଫଗାନିସ୍ତାନରେ ଥିବା ଆମେରିକା ଓ ନାଟୋ ସେନାର କମାଣ୍ଡର ଜେନେରାଲ



ଆଫଗାନିସ୍ତାନ ଶାନ୍ତି ପାଇଁ ଆମେରିକାର ସ୍ୱତନ୍ତ୍ର ପ୍ରତିନିଧି ଜଲମେ ଖାଲିଜାଦ୍ (ବାମ) ଓ ତାଲିବାନ ସହପ୍ରତିଷ୍ଠାତା ମୁଲ୍ଲା ଅବଦୁଲ ଗନି ବରାଦର ଚୁକ୍ତି ସ୍ୱାକ୍ଷର କରିବା ପରେ କରମର୍ଦ୍ଦନ କରୁଛନ୍ତି।

ସ୍କଟ୍ ମିଲର ଆକଳନ କରିଥିଲେ। ଏହି ଐତିହାସିକ ଚୁକ୍ତିନାମା ସ୍ୱାକ୍ଷର ବେଳେ ଆମେରିକା ପରରାଷ୍ଟ୍ର ସଚିବ ମାଇକ୍ ପମ୍ପିଓଙ୍କ ସମେତ ଅନ୍ୟ ରାଷ୍ଟ୍ରର କୂଟନୀତିଜ୍ଞମାନେ ଉପସ୍ଥିତ ଥିଲେ। କାତାରରେ ଥିବା ଭାରତୀୟ ରାଷ୍ଟ୍ରଦୂତ ପି. କୁମାରନ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଆଫଗାନିସ୍ତାନରେ ଶାନ୍ତି ଓ ପାରସ୍ପରିକ ବୁଝାମଣାରେ ଭାରତର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେବେ ଏହି ସେନା ପ୍ରତ୍ୟାହାର ସର୍ତ୍ତଭିତ୍ତିକ। ରାଜନୈତିକ ସମାଧାନ ବିଫଳ ହେଲେ ଆମେରିକାକୁ ସେନା ପ୍ରତ୍ୟାହାର ପାଇଁ ବାଧ୍ୟ କରାଯାଇପାରିବ ନାହିଁ ବୋଲି ଏହାର ଜଣେ ଅଧିକାରୀ ନିଜ ନାଁ ଗୋପନ ସର୍ତ୍ତରେ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ୨୦୦୧ ସେପ୍ଟେମ୍ବର ୧୧ରେ ନ୍ୟୁୟର୍କସ୍ଥିତ ବିଶ୍ୱ ବାଣିଜ୍ୟ କେନ୍ଦ୍ର (ଡବ୍ଲ୍ୟୁଟିଓ) ଉପରେ ଆତଙ୍କବାଦୀ ସଂଗଠନ ଅଲ୍ କାଏଦା ଆକ୍ରମଣ କରିଥିଲା। ଏଥିରେ ୨୯୯୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୫ ହଜାରରୁ ଅଧିକ ଆହତ ହୋଇଥିଲେ। ଏହି ଆକ୍ରମଣ ପରେ ତତ୍କାଳୀନ ଆମେରିକା ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ ବୁଶ୍ ତାଲିବାନ ଉପରେ ଆକ୍ରମଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେବେଠାରୁ ୧୮ ବର୍ଷ ହେଲା ଆଫଗାନିସ୍ତାନରେ ଆମେରିକା ଓ ନାଟୋ ସେନା ଉପସ୍ଥିତ ରହିଛନ୍ତି। ଏ ବାବଦରେ ଆମେରିକା ୭୫୦ ବିଲିୟନ ଡଲାର ବ୍ୟୟ କଲାଣି। ବିଭିନ୍ନ ସମୟରେ ଆକ୍ରମଣ ଓ ପ୍ରତିଆକ୍ରମଣ ଯୋଗୁ ଉଭୟ ପକ୍ଷରୁ ହଜାର ହଜାର ସୈନ୍ୟ ଓ ଆତଙ୍କବାଦୀ ନିହତ ହୋଇଛନ୍ତି। ୨୦୦୧ରୁ ଆମେରିକା ସେଠାରେ ୨୩୦୦ରୁ ଅଧିକ ସୈନ୍ୟଙ୍କୁ ହରାଇଛି।

# ଆଜିଠୁ ଯାନବାହନ ଯାଞ୍ଚ କଡ଼ାକଡ଼ି

## ଧରାପଡ଼ିଲେ ଗଣିବେ ଜରିମାନା

ଭୁବନେଶ୍ୱର, ୨୯।୨ (ବ୍ୟୁରୋ)

ଯାନବାହନ ମାଲିକ ଓ ଚାଳକଙ୍କୁ ଆଉ ମିଳିବନି ରିହାତି। ମାର୍ଚ୍ଚ ପହିଲାରୁ ସଂଶୋଧିତ ମୋଟରଯାନ ଆଇନ ରାଜ୍ୟରେ କଡାକଡି ଲାଗୁହେବ। ଲାଇସେନ୍ସ, ଫିଟ୍‌ନେସ, ପଲ୍ୟୁଶନ ଅଣ୍ଡର କଣ୍ଟ୍ରୋଲ ସାର୍ଟିଫିକେଟ (ପିୟୁସି) ନ ଥିଲେ କିମ୍ବା ବିନା ହେଲ୍‌ମେଟ, ବିପରୀତ ଦିଗରୁ ଗାଡି ଚଳାଇଲେ, ଟ୍ରାଫିକ୍ ନିୟମ ଉଲ୍ଲଂଘନ କଲେ, ମଦ୍ୟପାନ କରି ଗାଡି ଚଳାଇଲେ, ନାବାଳକ ଗାଡି ଚଳାଇଲେ, ଯାନବାହନରେ ଅଧିକ ପରିବହନ କଲେ ମୋଟା ଅଙ୍କର ଜରିମାନା ଦେବାକୁ ପଡିବ। ଗାଡି କାଗଜପତ୍ର ପ୍ରସ୍ତୁତ କରିବାକୁ ରାଜ୍ୟ ସରକାର ୨ଟି ପର୍ଯ୍ୟାୟରେ ୬ ମାସ ସମୟ ଦେଇଛନ୍ତି। ଆଉ ଅଧିକ ସମୟ ☞ପୃଷ୍ଠା–୪

**ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ**





**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**

**ଆଉ ମାସେ ବଢ଼ିବ ସର୍ବକ୍ଷମା ଯୋଜନା**

........୩........

# କୋଲାବରେ ବୁଡ଼ିଗଲେ ୩ ଛାତ୍ର

## ଜନ୍ମଦିନରେ କାଳ ଲେଖିଥିଲା ମୃତ୍ୟୁଲଗ୍ନ

କୋରାପୁଟ,୨୯।୨(ସ୍ୱ.ପ୍ର.)

ଜଣେ ବନ୍ଧୁଙ୍କ ଜନ୍ମଦିନ ପାଳିବାକୁ ଯାଇଥିଲେ କେତେଜଣ କଲେଜ ଛାତ୍ର। କିନ୍ତୁ ସେହି ଜନ୍ମଲଗ୍ନରେ କାଳ ଲେଖିଦେଇଗଲା ୩ ଜଣଙ୍କ ମୃତ୍ୟୁର ଲଗ୍ନ। କୋଲାବ ଡ୍ୟାମ୍‌ରେ ବୁଡ଼ିଯାଇ ସଲିଳ ସମାଧି ନେଇଛନ୍ତି ୩ ଜଣ ଛାତ୍ର। କୋରାପୁଟ ଜିଲା ସଦରରେ ଶନିବାର ଏଭଳି ଦୁଃଖଦ ଘଟଣା ଶୋକାକୁଳ ପରିବେଶ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, ଶନିବାର ପୂର୍ବାହ୍ନରେ କୋରାପୁଟସ୍ଥିତ ସରକାରୀ ମହାବିଦ୍ୟାଳୟର ଯୁକ୍ତ ୩ କମ୍ପ୍ୟୁଟର ସାଇନ୍ସର ୭ ଛାତ୍ର ଜଣେ ବନ୍ଧୁଙ୍କ ଜନ୍ମଦିନ ପାଳିବା ପାଇଁ କୋଲାବ ଡ୍ୟାମ୍‌କୁ ଯାଇଥିଲେ। ଏହି ସମୟରେ ପାଣିରେ ଗାଧୋଇ ଫଟୋ ଉଠାଉଥିବାବେଳେ ଜଣେ ଛାତ୍ରଙ୍କ ଗୋଡ଼ ଖସିଯାଇଥିଲା। ସେ ପାଣିରେ ବୁଡ଼ିବା ମାତ୍ରେ ତାଙ୍କୁ ଉଦ୍ଧାର କରିବାକୁ ଯାଇ ଅନ୍ୟ ଦୁଇଜଣ ମଧ୍ୟ ବୁଡ଼ିଯାଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚି ୩ ଜଣଙ୍କୁ ଉଦ୍ଧାର କରିବା ପରେ ସେମାନଙ୍କୁ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ନିଆଯାଇଥିଲା। ସେଠାରେ ଡାକ୍ତର ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ। ମୃତକମାନେ ହେଲେ କୋରାପୁଟ ଅଞ୍ଚଳର ମନ୍ମଥ ସାସମଲ (୧୯), ମାଲକାନଗିରି ଜିଲାର ସନ୍ଦୀପ ପୂଜାରୀ (୧୯) ଓ ରମାକାନ୍ତ ପଟ୍ଟନାୟକ (୧୯)। ଏହି ଘଟଣା ପ୍ରଚାର ହେବା ପରେ ଶତାଧିକ ଛାତ୍ରୀଛାତ୍ର, ଅଧ୍ୟାପକ ମେଡିକାଲ କଲେଜରେ ପହଞ୍ଚିଥିଲେ। ଏଭଳି ଦୁଃଖଦ ଘଟଣା ସମସ୍ତଙ୍କୁ ମର୍ମାହତ କରିଥିବାବେଳେ ସେଠାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। କୋରାପୁଟ ବିଧାୟକ ରଘୁରାମ ପଡାଲ, ଏଡିଏମ୍ ଦେବେନ ପ୍ରଧାନ, ଉପଜିଲାପାଳ ଲଳିତ ମୋହନ କହଁର ମଧ୍ୟ ସେଠାରେ ପହଞ୍ଚିଥିଲେ। ରେଡ୍‌କ୍ରସ୍ ପାଣ୍ଠିରୁ ମୃତକଙ୍କ ପରିବାରକୁ ୧୦ ହଜାର ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରାଯାଇଥିଲା। କୋରାପୁଟ ସଦରଥାନାରେ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଏସ୍‌ଡିପିଓ ବଳଭଦ୍ର ଦୀପ ସୂଚନା ଦେଇଛନ୍ତି। ତେବେ ୩ ଛାତ୍ରଙ୍କ ମଧ୍ୟରୁ ଶନିବାର କାହାର ଜନ୍ମଦିନ ଥିଲା, ସେନେଇ କିଛି ସ୍ପଷ୍ଟ ହୋଇପାରି ନାହିଁ।

**ଆଜିର ସମ୍ପାଦକୀୟ**

**ମିଛ ଆଶ୍ୱାସନା**

**ଆଜିର ମନ୍ତବ୍ୟ**

"ଦିଲ୍ଲୀ ଦଙ୍ଗା ଏକ ଜାତୀୟ କଳଙ୍କ। ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେଉ।

–ରାମ ବିଳାସ ପାଶ୍ୱାନ, କେନ୍ଦ୍ରମନ୍ତ୍ରୀ

**କିଛି ତଥ୍ୟ**

ଚଳିତ ଆର୍ଥିକ ବର୍ଷ ଏପ୍ରିଲ–ଜାନୁୟାରୀରେ ସରକାର ୧୨.୮୨ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିଥିବା ବେଳେ ଏହି ସମୟରେ ଖର୍ଚ୍ଚ ୨୨.୬୮ ଲକ୍ଷ କୋଟି ଟଙ୍କା ରହିଛି।

–ରାଜସ୍ୱ ବିଭାଗ


Taste the difference! Vencobb FRESH CHICKEN

29.02.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 38 | 77 | 87 |
| CTC | 37 | 76 | 86 |
| DKL | 37 | 76 | 86 |
| BDK | 38 | 77 | 87 |
| BLS | 39 | 79 | 89 |
| ANG | 37 | 76 | 86 |
| BMP | 37 | 76 | 86 |

*Conditions Apply

Issued in the Interest of Consumers


# ସୂର୍ଯ୍ୟମନ୍ଦିରରୁ କଢ଼ାଯିବ ବାଲି



ଭୁବନେଶ୍ୱର,(ବ୍ୟୁରୋ)/ କୋଣାର୍କ,୨୯।୨(ଡି.ଏନ୍.ଏ.)

ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିର ଜଗମୋହନ ଅଭ୍ୟନ୍ତରରୁ କଢ଼ାଯିବ ବାଲି। ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ତଥା ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ଟେକ୍ନିକାଲ କୋର କମିଟି ସଦସ୍ୟ ଡ. ଏନ୍.ସି. ପାଲ ଶନିବାର ଏହା କହିଛନ୍ତି। ସୂର୍ଯ୍ୟମନ୍ଦିରର ସଂରକ୍ଷଣ ଓ ରକ୍ଷଣାବେକ୍ଷଣ ନେଇ ଏଏସ୍‌ଆଇ ଆନୁକୂଲ୍ୟରେ ଅନୁଷ୍ଠିତ ଜାତୀୟ କର୍ମଶାଳାର ଶନିବାର ଉଦ୍‌ଯାପନୀ ଦିବସରେ ସେ ଏହି ସୂଚନା ଦେଇଛନ୍ତି।

ସୂର୍ଯ୍ୟମନ୍ଦିରକୁ ସୁରକ୍ଷା ଦେବାକୁ ଯାଇ ୧୯୦୩ରେ ଇଂରେଜମାନେ ମନ୍ଦିର ଜଗମୋହନରେ ବାଲି ଭର୍ତ୍ତି କରିଥିଲେ। ହେଲେ ଭର୍ତ୍ତି ହୋଇଥିବା ୧୨ ଫୁଟର ବାଲି ଦବିବା କାରଣରୁ ମନ୍ଦିର ପ୍ରତି ବିପଦ ସୃଷ୍ଟି ହୋଇଥିବା ବିଶେଷଜ୍ଞମାନେ ଜାଣିପାରିଥିଲେ। ଏନେଇ ବିଭିନ୍ନ ଆଲୋଚନା ପରେ ଜଗମୋହନ ଅଭ୍ୟନ୍ତରରୁ ବାଲି କଢ଼ାଯିବାକୁ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ହେଲେ କେଉଁ ଉପାୟରେ ବାଲି କଢ଼ାଯିବ ତାହା ସ୍ପଷ୍ଟ ଜଣାପଡ଼ିନାହିଁ। ଏ ସମ୍ପର୍କରେ ଏଏସ୍‌ଆଇ ଭୁବନେଶ୍ୱର ସର୍କଲ ସୁପରିଣ୍ଟେଣ୍ଡିଂ ଆର୍କିଓଲୋଜିଷ୍ଟ ଅରୁଣ ମଲ୍ଲିକ କହିଛନ୍ତି ଯେ, ୨ଟି ଉପାୟରେ ବାଲି କଢ଼ାଯାଇପାରେ। ପୂର୍ବରୁ ରତ୍ନଗିରି ମହାକାଳ ମନ୍ଦିରର ପଥର ଖୋଲାଯାଇ ପୁନଃନିର୍ମାଣ କରାଯାଇଛି। ସେହିଭଳି ଉପାୟରେ କୋଣାର୍କ ସୂର୍ଯ୍ୟମନ୍ଦିରର ମଧ୍ୟ ପଥରଗୁଡ଼ିକୁ ନମ୍ବରିଂ କରି କଢ଼ାଯାଇପାରିବ ଏବଂ ଭିତରୁ ବାଲି ବାହାର କରାଯିବାପରେ ନମ୍ବର ଅନୁଯାୟୀ ପଥରଗୁଡ଼ିକୁ ଖଞ୍ଜାଯାଇପାରିବ। ଏହାଦ୍ୱାରା ଭିତର ଅଂଶକୁ ପୁଣି ଥରେ ସଜଡ଼ାଯାଇ ସମ୍ପୂର୍ଣ୍ଣ ମନ୍ଦିରକୁ ସୁରକ୍ଷିତ କରାଯାଇପାରିବ। ଲୋକମାନେ ଜଗମୋହନ ଭିତରକୁ ଯାଇପାରିବେ। ☞ପୃଷ୍ଠା–୪






ମହାରାଷ୍ଟ୍ର ସରକାର ଶନିବାର ବରିଷ୍ଠ ଆଇପିଏସ୍ ଅଧିକାରୀ ପରମ୍ବୀର ସିଂଙ୍କୁ ମୁମ୍ବାଇର ନୂଆ ପୋଲିସ କମିଶନର ଭାବେ ନିଯୁକ୍ତି ଦେଇଛନ୍ତି। ସେ ରାଜ୍ୟ ଦୁର୍ନୀତି ବିରୋଧୀ ବ୍ୟୁରୋ(ଏସିବି)ର ଡିଜି ଭାବେ କାର୍ଯ୍ୟ କରୁଥିଲେ। ରାଜ୍ୟ ଉପମୁଖ୍ୟମନ୍ତ୍ରୀ ଅଜିତ୍ ପାୱାର ବିଦର୍ଭ ଜଳସେଚନ ବିକାଶ ନିଗମ ପ୍ରକଳ୍ପ କାର୍ଯ୍ୟରେ ଅନିୟମିତତା କରିଥିବା ଅଭିଯୋଗ କରାଯାଇଥିବା ବେଳେ ପରମ୍ବୀର ତାଙ୍କୁ କ୍ଲିନ୍‌ଚିଟ ଦେଇଥିଲେ।



# ୧୮ ବର୍ଷ ପରେ ଫେରୁଛି ଆମେରିକା ସେନା



୨୦୦୧ ସେପ୍ଟେମ୍ବର ୯ରେ ବିଶ୍ୱ ବାଣିଜ୍ୟ କେନ୍ଦ୍ର ଉପରେ ଅଲ୍‌କାଏଦାର ଆକ୍ରମଣ।

## ତାଲିବାନ ଦମନର ପୃଷ୍ଠଭୂମି

**କାବୁଲ,୨୯।୨:** ୨୦୦୧ ସେପ୍ଟେମ୍ବର ୧୧ରେ ନ୍ୟୁୟର୍କସ୍ଥିତ ବିଶ୍ୱ ବାଣିଜ୍ୟ କେନ୍ଦ୍ର ଉପରେ ବିମାନ ଆକ୍ରମଣ ସାରା ଦେଶକୁ ସ୍ତବ୍ଧ କରିଦେଇଥିଲା। ଓସାମା ବିନ୍ ଲାଡେନ୍ ନେତୃତ୍ୱରେ ଆଫଗାନିସ୍ତାନରେ ସକ୍ରିୟ ଥିବା ଅଲ୍‌କାଏଦା ଆତଙ୍କବାଦୀମାନେ ଏହି ଆକ୍ରମଣ କରିଥିଲେ, ଯେଉଁଥିରେ ୨୯୭୭ ଜଣଙ୍କ ମୃତ୍ୟୁ ହେବା ସହ ୨୫,୦୦୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ। ଏଥିରେ ୧୦ ବିଲିୟନ ଡଲାର ମୂଲ୍ୟର ଭିତ୍ତିଭୂମି ଓ ସମ୍ପତ୍ତି ଧ୍ୱଂସ ହୋଇଥିଲା। ଆମେରିକାରୁ ବିମାନ ଅପହରଣ କରି ଏହାର ସେଣ୍ଟର ଉପରେ ଆକ୍ରମଣ କରିଥିଲେ ଆତଙ୍କବାଦୀ। ବିଶ୍ୱର ସବୁଠୁ ଶକ୍ତିଶାଳୀ ରାଷ୍ଟ୍ର ଉପରେ ଥିଲା ଏହା ପ୍ରଥମ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ । ଏହାର ପ୍ରତିଶୋଧ ନେବା ପାଇଁ ତତ୍କାଳୀନ ଆମେରିକା ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ. ବୁଶ୍ ଆଫଗାନିସ୍ତାନ ଉପରେ ଆକ୍ରମଣ ଘୋଷଣା କରିଥିଲେ। ଅଲ୍ କାଏଦାକୁ ଆଶ୍ରୟ ଦେବା ସହ ସହଯୋଗ କରୁଥିବା ତାଲିବାନକୁ କ୍ଷମତାରୁ ହଟାଇବା ପାଇଁ ଏହି ଆକ୍ରମଣ କରାଯାଇଥିଲା। ୨୦୦୧ ଅକ୍ଟୋବର ୭ରେ ଆମେରିକା ଓ ଏହାର ମିତ୍ରଶକ୍ତି ତାଲିବାନକୁ କ୍ଷମତାରୁ ହଟାଇବାରେ ସଫଳ ହୋଇଥିଲେ। ପ୍ରାଥମିକ ଲକ୍ଷ୍ୟ ପୂରଣ ହୋଇଥିଲେ ହେଁ ସେଠାରେ ଆମେରିକା ଓ ନାଟୋ ପକ୍ଷରୁ ଏକ ସୁରକ୍ଷା ମିଶନ ଗଢ଼ାଯାଇଥିଲା। ୨୦୧୪ ପର୍ଯ୍ୟନ୍ତ ଆଫଗାନ ସରକାରୀ ସେନା ସହ ମିଶି ଆମେରିକା ତାଲିବାନ ଉଗ୍ରପନ୍ଥୀଙ୍କ ବିରୋଧରେ ଲଢ଼େଇ ଜାରି ରଖିଥିଲା। ଏହା ଆମେରିକା ଇତିହାସରେ ଦୀର୍ଘତମ ଯୁଦ୍ଧ।

୨୦୦୧ରୁ ଆଫଗାନିସ୍ତାନରେ ଆମେରିକା ଓ ନାଟୋ ସେନା ଉପସ୍ଥିତ ରହିଛନ୍ତି। ଯୁଦ୍ଧରେ ୨୪୦୦ ଆମେରିକା ସୈନ୍ୟ ପ୍ରାଣ ହରାଇଥିବାବେଳେ ଆଫଗାନିସ୍ତାନର ୧୦ ହଜାରରୁ ଊର୍ଦ୍ଧ୍ୱ ଯବାନ ନିହତ ହୋଇଥିଲେ। ଦୀର୍ଘଦିନର ସଂଘର୍ଷ ମଧ୍ୟରେ ସେଠାରେ ୫୦ ହଜାରରୁ ଅଧିକ ଲୋକଙ୍କ ଜୀବନ ଯାଇଛି।

**୨୦୦୧ ନଭେମ୍ବର:** ଆଫଗାନିସ୍ତାନରେ ପହଞ୍ଚିଥିଲେ ୧୩୦୦ ଆମେରିକୀୟ ସୈନ୍ୟ।

**୨୦୦୧ ଡିସେମ୍ବର:** ଆମେରିକା ସୈନ୍ୟ ସଂଖ୍ୟା ୨୫୦୦କୁ ବୃଦ୍ଧି ପାଇଥିଲା। ଯୁଦ୍ଧରେ ତାଲିବାନ କ୍ଷମତାଚ୍ୟୁତ ହେବା ସହ ପସ୍ତୁନ୍ ନେତା ହମିଦ୍ କାର୍ଜାଇଙ୍କ ନେତୃତ୍ୱରେ ଅନ୍ତରୀଣ ସରକାର ଗଠନ ହୋଇଥିଲା।

**୨୦୦୨ ମାର୍ଚ୍ଚ:** ଆଫଗାନିସ୍ତାନରେ ଆମେରିକା ସୈନ୍ୟ ସଂଖ୍ୟା ୭୨୦୦କୁ ବୃଦ୍ଧି ପାଇଥିଲା।

**୨୦୦୨ ଡିସେମ୍ବର:** ଆମେରିକା ସୈନ୍ୟ ସଂଖ୍ୟା ବର୍ଷ ଶେଷରେ ୯୭୦୦ରେ ପହଞ୍ଚିଥିଲା।

**୨୦୦୪ ଏପ୍ରିଲ:** ପୁନର୍ଗଠନ କାର୍ଯ୍ୟକୁ ସୁରକ୍ଷା ଯୋଗାଇବା ପାଇଁ ଆଫଗାନିସ୍ତାନ-ପାକିସ୍ତାନ ସୀମାରେ ଆମେରିକା ଏକ ସ୍ୱତନ୍ତ୍ର ବାହିନୀ ଗଠନ କରିଥିଲା ଓ ମୋଟ ସୈନ୍ୟ ସଂଖ୍ୟା ୨୦,୩୦୦କୁ ବୃଦ୍ଧି ପାଇଥିଲା।

**୨୦୦୬ ଡିସେମ୍ବର:** ଇରାକ ଯୁଦ୍ଧ ଯୋଗୁ ଆଫଗାନିସ୍ତାନରୁ ଅଳ୍ପ ସଂଖ୍ୟକ ସେନା ଫେରାଇ ନେଇଥିଲା ଆମେରିକା।



### ଏକାଧିକ ଥର ବିଫଳ ହୋଇଛି ସମ୍ପୂର୍ଣ୍ଣ ପ୍ରତ୍ୟାହାର ଉଦ୍ୟମ

**୨୦୦୭ ଡିସେମ୍ବର:** ପୁଣି ଆଫଗାନିସ୍ତାନରେ ଆମେରିକା ଓ ନାଟୋ ସୈନ୍ୟ ସଂଖ୍ୟା ୨୫,୦୦୦କୁ ବୃଦ୍ଧି ପାଇଥିଲା।

**୨୦୦୯ ମେ':** ଆଫଗାନିସ୍ତାନରେ ଅଲ୍‌କାଏଦା ଓ ତାଲିବାନ ବିରୋଧରେ ଆମେରିକା ଆକ୍ରମଣକୁ ଜୋରଦାର କରିଥିଲା। ଫଳରେ ସେଠାରେ ଆମେରିକା ସୈନ୍ୟସଂଖ୍ୟା ୫୦, ୦୦୦ ଟପିଥିଲା। ବର୍ଷ ଶେଷ ବେଳକୁ ଏହି ସଂଖ୍ୟା ୬୭,୦୦୦ରେ ପହଞ୍ଚିଥିଲା। ତତ୍କାଳୀନ ରାଷ୍ଟ୍ରପତି ବାରାକ ଓବାମା ଆଉ ୩୩,୦୦୦ ସୈନ୍ୟ ପଠାଇବାକୁ ନିର୍ଦ୍ଦେଶ ଦେଇଥିଲେ।

**୨୦୧୦ ଅଗଷ୍ଟ:** ଆଫଗାନିସ୍ତାନରେ ଆମେରିକା ସୈନ୍ୟ ସଂଖ୍ୟା ଲକ୍ଷେରେ ପହଞ୍ଚିଥିଲା।

**୨୦୧୧ ମେ':** ଆମେରିକା ସେନାର ସ୍ୱତନ୍ତ୍ର ଅପରେଶନରେ ପାକିସ୍ତାନର ଆବୋଟାବାଦରେ ଥିବା ଅଲ୍‌କାଏଦା ନେତା ଓସାମା ବିନ୍ ଲାଡେନ ନିହତ ହୋଇଥିଲେ।

**୨୦୧୧ ଜୁନ୍:** ଲକ୍ଷ୍ୟ ପୂରଣ ହେବା ପରେ ଓବାମା ସୈନ୍ୟ ପ୍ରତ୍ୟାହାର ଯୋଜନା ଘୋଷଣା କରିଥିଲେ। ସେହିବର୍ଷ ଶେଷ ସୁଦ୍ଧା ୧୦ ହଜାର ଯବାନ ପ୍ରତ୍ୟାହୃତ ହୋଇଥିଲେ। ୨୦୧୨ ସେପ୍ଟେମ୍ବରରେ ସୈନ୍ୟସଂଖ୍ୟା ୭୭,୦୦୦କୁ ହ୍ରାସ ପାଇଥିଲା।

**୨୦୧୪ ମାର୍ଚ୍ଚ:** ଆଫଗାନିସ୍ତାନରେ ଆମେରିକା ସୈନ୍ୟସଂଖ୍ୟା ୩୪,୦୦୦ରେ ପହଞ୍ଚିଥିବାବେଳେ ରାଷ୍ଟ୍ରପତି ଓବାମା ସମ୍ପୂର୍ଣ୍ଣ ସେନା ପ୍ରତ୍ୟାହାର ଚାହିଁଥିଲେ। ତେବେ କାର୍ଜାଇ ଆମେରିକା ସହ ସୁରକ୍ଷା ଚୁକ୍ତି ସ୍ୱାକ୍ଷର କରିବାକୁ ମନା କରିଦେଇଥିଲେ। ପରେ ୨୦୧୬ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ସୈନ୍ୟ ପ୍ରତ୍ୟାହାର ପାଇଁ ଓବାମା ଘୋଷଣା କରିଥିଲେ। ଏହି ଘୋଷଣା ପରେ ସୈନ୍ୟ ସଂଖ୍ୟା ୨୦୧୪ ଡିସେମ୍ବରରେ ୧୬,୧୦୦କୁ ହ୍ରାସ ପାଇଥିଲା।

**୨୦୧୫ ଅକ୍ଟୋବର:** ଆଫଗାନିସ୍ତାନରେ ଆମେରିକା ସୈନ୍ୟସଂଖ୍ୟା ୯୮୦୦କୁ ହ୍ରାସ ପାଇଥିବାବେଳେ ଆତଙ୍କବାଦ ନିରୋଧୀ ମିଶନ ପାଇଁ ଆଉ ଅଧିକ ସୈନ୍ୟ ଫେରାଇ ନ ନେବାକୁ ଓବାମା ନିଷ୍ପତ୍ତି ନେଇଥିଲେ।

**୨୦୧୬ ଜୁଲାଇ:** ସେନା କମାଇବା ପାଇଁ ପୂର୍ବରୁ ଘୋଷଣା କରିଥିଲେ ମଧ୍ୟ ସୁରକ୍ଷା ସ୍ଥିତିକୁ ଲକ୍ଷ୍ୟ କରି ୨୦୧୭ ଜାନୁୟାରୀ ପର୍ଯ୍ୟନ୍ତ ସେଠାରେ ୮୪୦୦ ସୈନ୍ୟ ରଖିବାକୁ ଓବାମା ଘୋଷଣା କରିଥିଲେ।

**୨୦୧୭ ଅଗଷ୍ଟ:** ସେନା ପ୍ରତ୍ୟାହାରର ବିପଜ୍ଜନକ ପରିଣାମ ହୋଇପାରେ ବୋଲି ଜାଣିବା ପରେ ଏହାକୁ କମାଇବା ପରିବର୍ତ୍ତେ ୧୪,୦୦୦କୁ ବୃଦ୍ଧି କରିଥିଲା ଆମେରିକା।

**୨୦୧୯ ସେପ୍ଟେମ୍ବର:** ରାଜିନାମା ଚୂଡ଼ାନ୍ତ ହେଲେ ଆଫଗାନିସ୍ତାନରୁ ୧୩୫ ଦିନରେ ୫ ହଜାର ସୈନ୍ୟ ପ୍ରତ୍ୟାହାର ହେବେ ବୋଲି ଆମେରିକା ରାଷ୍ଟ୍ରଦୂତ ଖଲିଲଜାଦ୍ ଘୋଷଣା କରିଥିଲେ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍, ତାଲିବାନ ନେତା ଓ ଆଫଗାନିସ୍ତାନ ରାଷ୍ଟ୍ରପତିଙ୍କ ମଧ୍ୟରେ କ୍ୟାମ୍ପ ଡେଭିଡରେ ହେବାକୁ ଥିବା ବୈଠକ ବାତିଲ ହୋଇଥିଲା।

**୨୦୨୦ ଫେବୃୟାରୀ ୨୯:** ଆମେରିକା ଓ ତାଲିବାନ ମଧ୍ୟରେ ଚୂଡ଼ାନ୍ତ ଶାନ୍ତି ଚୁକ୍ତି ସ୍ୱାକ୍ଷର ହୋଇଛି।



ଦୋହାଠାରେ ଶନିବାର ଶାନ୍ତି ଚୁକ୍ତି ସ୍ୱାକ୍ଷର ପୂର୍ବରୁ ଆମେରିକା ପରରାଷ୍ଟ୍ର ସଚିବ ମାଇକ୍ ପମ୍ପିଓଙ୍କ ସହ କାତାର ବିଦେଶ ମନ୍ତ୍ରୀ ଶେଖ୍ ମହମ୍ମଦବିନ୍ ଅବଦୁଲ୍ଲାମନ ଅଲ ଥାନି ।

## ଆଫଗାନିସ୍ତାନ ଉପରେ ଭାରତର ନଜର

ନୂଆଦିଲ୍ଲୀ/ ଦୋହା, ୨୯।୨(ପି.ଟି.): ତାଲିବାନ୍ ସହ ଐତିହାସିକ ଶାନ୍ତିଚୁକ୍ତି ସ୍ୱାକ୍ଷର ପରେ ଆଫଗାନିସ୍ତାନରୁ ବିଦେଶୀ ସେନା ପ୍ରତ୍ୟାହାର ହେବା ନିଶ୍ଚିତ ହୋଇଛି। ଦୀର୍ଘ ୧୮ ବର୍ଷର ଯୁଦ୍ଧାଭିଯାନ ଶେଷକରି ଆମେରିକା ୧୪ ମାସ ମଧ୍ୟରେ ସେନା ପ୍ରତ୍ୟାହାର କରିବ ବୋଲି ଜଣାପଡ଼ିଛି। ଆଫଗାନିସ୍ତାନରେ ଶାନ୍ତି ଫେରିବ ବୋଲି ଆଶା କରାଯାଉଥିବା ବେଳେ ଏଥିରେ ବ୍ୟତିକ୍ରମ ଦେଖାଦେବାର ଆଶଙ୍କା ରହିଛି। ଭାରତ ଏହା ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଛି। ସେଠାରେ ସୁରକ୍ଷା ଓ ଆତଙ୍କବାଦ ଦମନ କ୍ଷେତ୍ରରେ ଭାରତ ସହାୟକ ହେବ। ହେଲେ ପାକିସ୍ତାନ ଏଠାରେ ଆତଙ୍କବାଦ ଚଳାଇବାର ଆଶଙ୍କା କରାଯାଉଛି। ତାଲିବାନ୍‌ଙ୍କୁ ସମର୍ଥନ ଦେଇଆସୁଥିବା ପାକ୍ ସମର୍ଥିତ ଲଶ୍କର-ଇ-ତୋଇବା, ଜୈଶ୍-ଇ-ମହମ୍ମଦ ଆତଙ୍କବାଦୀ ଗୋଷ୍ଠୀ ଏଠାରେ ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ ପ୍ରୟାସ କରିବେ। ଅନ୍ୟପକ୍ଷରେ ଅଶ୍ରଫ ଘନିଙ୍କୁ କ୍ଷମତାରେ ନ ବସାଇ ତାଲିବାନ୍ ଗୋଷ୍ଠୀ ଅନ୍ୟ ସହ ହାତ ମିଳାଇବା ନିଶ୍ଚିତ। ତାଲିବାନ୍ ଉପନେତା ତଥା ହକାନୀ ନେଟୱାର୍କର ମୁଖ୍ୟ ସିରାଜୁଦ୍ଦିନ ହକାନୀ ଖୋଲାଖୋଲି ଭାବେ ନୂଆ ସରକାର ପ୍ରତିଷ୍ଠା କରାଯିବ ବୋଲି କହିଥିଲେ। ଏହାକୁ ନେଇ ଆଫଗାନିସ୍ତାନରେ କ୍ଷମତା କନ୍ଦଳ ଦେଖାଦେବାର ଆଶଙ୍କା ରହିଛି। ସେନା ପ୍ରତ୍ୟାହାର ପରେ ତାଲିବାନ ଗୋଷ୍ଠୀ ପାକିସ୍ତାନର ପ୍ରରୋଚନାରେ କ୍ଷମତା ଦଖଲ ଲାଗି ଲୋକଙ୍କୁ ଆତଙ୍କିତ କରିପାରନ୍ତି। ଏସବୁ ଦୃଷ୍ଟିକୋଣରୁ ଭାରତ ଆଫଗାନିସ୍ତାନ ଉପରେ ନଜର ରଖିବ ବୋଲି କହିଛି।

## ସେନା ପ୍ରତ୍ୟାହାରକୁ ବିରୋଧ କରିଥିଲେ କୂଟନୀତିଜ୍ଞ

ଆଫଗାନିସ୍ତାନରୁ ସେନା ପ୍ରତ୍ୟାହାରକୁ ଆମେରିକାର କେତେଜଣ କୂଟନୀତିଜ୍ଞ ପୂର୍ବରୁ ବିରୋଧ କରିଥିଲେ। ଏହାଦ୍ୱାରା ସେଠାରେ ଗୃହଯୁଦ୍ଧ ହୋଇପାରେ ବୋଲି ସେମାନେ ଆଶଙ୍କା ବ୍ୟକ୍ତ କରିଥିଲେ। ଚିଠା ରାଜିନାମା ଘୋଷଣା ହେବା ପରେ ଆମେରିକାର ଜଣେ ପୂର୍ବତନ ଡେପୁଟି ପରରାଷ୍ଟ୍ର ସଚିବଙ୍କ ସମେତ ୯ ଜଣ କୂଟନୀତିଜ୍ଞ କହିଥିଲେ, ଆଫଗାନିସ୍ତାନ ସହ ଶାନ୍ତି ଆଲୋଚନାକୁ ସେମାନେ ସମର୍ଥନ କରନ୍ତି। ତେବେ ସେନା ପ୍ରତ୍ୟାହାର ହେଲେ ସେଠାରେ ତାଲିବାନ ପୁଣି ସକ୍ରିୟ ହେବ ଏବଂ ହିଂସା ବଢ଼ିବ ବୋଲି ସେମାନେ ସତର୍କ କରାଇଦେଇଥିଲେ। କାରଣ ବୁଝାମଣାକାରୀମାନେ ଆଫଗାନ ସରକାରଙ୍କୁ ବାହାରେ ରଖି ପୂର୍ଣ୍ଣ ଶାନ୍ତି ଚୁକ୍ତିନାମା ପୂର୍ବରୁ ଆମେରିକା ସେନା ଫେରାଇନେବାକୁ ଯୋଜନା କରିଥିଲେ। ବାସ୍ତବ ଶାନ୍ତି ସ୍ଥାପନ ପରେ ସେନା ପ୍ରତ୍ୟାହାର ହେବାକୁ ମହିଳାମାନେ ଚାହୁଁଥିଲେ ବୋଲି ଆଟଲାଣ୍ଟିକ୍ କାଉନସିଲ ପକ୍ଷରୁ ପ୍ରକାଶିତ ଏକ ଖୋଲାଚିଠିରେ କୁହାଯାଇଥିଲା।

## ଫାଶୀ ସ୍ଥଗିତ ରଖିବାକୁ ଆବେଦନ

**ନୂଆଦିଲ୍ଲୀ,୨୯।୨:** ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ୪ ଅପରାଧୀଙ୍କୁ ୩ରେ ଫାଶୀ ଦେବା ପାଇଁ ଡେଥ୍ ୱାରେଣ୍ଟ ଜାରି ହୋଇଥିବାବେଳେ ଏହାର ଦୁଇଦିନ ପୂର୍ବରୁ ପବନ ଗୁପ୍ତା ଓ ଅକ୍ଷୟ୍ ସିଂ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମାର୍ଚ୍ଚ ୩ ଫାଶୀ କାର୍ଯ୍ୟକାରିତା ଉପରେ ରହିତାଦେଶ ପାଇଁ ସେମାନେ ଦିଲ୍ଲୀର ଏକ ଅଦାଲତରେ ଆବେଦନ କରିଛନ୍ତି। ପବନ ଗୁପ୍ତା ଶୁକ୍ରବାର ସୁପ୍ରିମକୋର୍ଟରେ କ୍ୟୁରେଟିଭ ପିଟିଶନ ଦାଏର କରିଥିବାବେଳେ ଶନିବାର ରାଷ୍ଟ୍ରପତିଙ୍କ ପାଖରେ ସାନି କ୍ଷମା ଆବେଦନ କରିଛନ୍ତି। ସ୍ଥଗିତାଦେଶ ଆବେଦନ ଉପରେ ସୋମବାର ଶୁଣାଣି ହେବ।

## ମୁହିଦ୍ଦିନ୍ ୟାସିନ ମାଲେସିଆ ପ୍ରଧାନମନ୍ତ୍ରୀ

**କୁଆଲାଲୁମ୍ପୁର,୨୯।୨(ଏଏଫ୍‌ପି):** ପୂର୍ବତନ ଗୃହମନ୍ତ୍ରୀ ମୁହିଦ୍ଦିନ୍ ୟାସିନଙ୍କୁ ମାଲେସିଆର ନୂଆ ପ୍ରଧାନମନ୍ତ୍ରୀ ଭାବେ



ଶନିବାର ନିଯୁକ୍ତି ଦିଆଯାଇଛି। ଫଳରେ ମହାଥିର୍ ମହମ୍ମଦଙ୍କ ଶାସନର ଅନ୍ତ ହୋଇଛି। ମୁହିଦ୍ଦିନ ରବିବାର ଶପଥ ଗ୍ରହଣ କରିବେ। କିଛି ଦିନର ଅଚଳାବସ୍ଥା ପରେ ମହାଥିର୍ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ।

### [ଇତିହାସର ଆଇନାରେ]

## ମାର୍ଚ୍ଚ ୧ର ପ୍ରମୁଖ ଘଟଣା

୧୯୮୯ ମାର୍ଚ୍ଚ ୧ରେ ମହାରାଷ୍ଟ୍ରର ଷଷ୍ଠ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସର ମରାଠା ନେତା ବସନ୍ତରାଓ ପାଟିଲଙ୍କ ପରଲୋକ ହୋଇଥିଲା।

୨୦୧୪ ମାର୍ଚ୍ଚ ୧ରେ ଚାଇନାର କୁନ୍‌ମିଙ୍ଗ ରେଳ ଷ୍ଟେଶନରେ ଆଖିବୁଜା ଛୁରାମାଡ଼ ହେବାରୁ ୩୫ ଜଣଙ୍କ ମୃତ୍ୟୁ ହୋଇଥିଲା।

# 'ଗୋଲି ମାରୋ' ସ୍ଲୋଗାନ ଦେଇ ୬ ଗିରଫ

ନୂଆଦିଲ୍ଲୀ,୨୯।୨(ପି.ଟି.)

ଦିଲ୍ଲୀର ସବୁଠୁ ବ୍ୟସ୍ତ ରାଜୀବ ଚୌକ ମେଟ୍ରୋ ଷ୍ଟେଶନରେ ଶନିବାର ସକାଳେ 'ଗୋଲି ମାରୋ' ସ୍ଲୋଗାନ ଦେଇଥିବା ୬ ଜଣ ଯୁବକଙ୍କୁ ମେଟ୍ରୋ କର୍ମଚାରୀ ଓ ସୁରକ୍ଷା କର୍ମୀ କାବୁ କରି ରେଲୱେ ପୋଲିସକୁ ହସ୍ତାନ୍ତର କରିଥିଲେ। ପୋଲିସ ସେମାନଙ୍କୁ ଅଟକ ରଖି ପଚରାଉଚରା କରୁଛି। ଦେଶ ପ୍ରତି ବିଶ୍ୱାସଘାତ କରିଥିବା ଲୋକଙ୍କୁ ଗୁଳି ମାରିଦେବା ପାଇଁ ସେମାନେ କହୁଥିବାର ଭିଡିଓ କ୍ଲିପିଙ୍ଗ୍ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ସେମାନଙ୍କୁ ଦିଲ୍ଲୀ ମେଟ୍ରୋ ରେଲ୍ ପୋଲିସକୁ ହସ୍ତାନ୍ତର କରାଯାଇଥିଲା। ଦଙ୍ଗାଗ୍ରସ୍ତ ଉତ୍ତରପୂର୍ବ ଦିଲ୍ଲୀରେ ଶନିବାର ସ୍ଥିତି ଶାନ୍ତିପୂର୍ଣ୍ଣ ରହିଥିଲା। ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିବାବେଳେ ଲୋକେ କାମ ପାଇଁ ବାହାରକୁ ବାହାରିଛନ୍ତି। ଘରଛାଡ଼ି ପଳାଇଥିବା ଅଧିକାଂଶ ଲୋକ ଫେରିଆସି ସେମାନଙ୍କ ଘର ସଜାଡିବା ଆରମ୍ଭ କରିଛନ୍ତି। ସମ୍ପୂର୍ଣ୍ଣ ସ୍ୱାଭାବିକ ଅବସ୍ଥା ଫେରିବାକୁ ଆଉ କିଛିଦିନ ଲାଗିବ ବୋଲି କର୍ତ୍ତୃପକ୍ଷ କହିଛନ୍ତି। ଶନିବାର ଦଙ୍ଗା ଅଞ୍ଚଳରେ କେତେକ ଦୋକାନ ଖୋଲିଥିବା ଦେଖାଯାଇଥିଲା। ତେବେ ଅଧିକ ସଂଖ୍ୟାରେ ଲୋକ ଏକାଠି ରୁଣ୍ଡ ହେବା ଉପରେ କଟକଣା ଲଗାଯାଇଛି। ପୋଲିସ ୫୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଅଟକ ରଖି ପଚରାଉଚରା କରୁଛି। ହିଂସାକାଣ୍ଡ ସ୍ଥଳରୁ ଉତ୍ତର ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ ଭଗ୍ନାବଶେଷକୁ ସଫା କରିଦେଇଛି। ଜଳିଯାଇଥିବା ଗାଡ଼ିଗୁଡ଼ିକୁ ଉଠାଇବା ଓ ରାସ୍ତା ଅବରୋଧ ହଟାଇବାରେ କ୍ରେନ୍ ଓ ବୁଲ୍‌ଡୋଜର ବ୍ୟବହାର କରାଯାଉଛି। ସୁରକ୍ଷାବଳ ପକ୍ଷରୁ ଫ୍ଲାଗ୍ ମାର୍ଚ୍ଚ କରାଯିବା ସହ ସ୍ଥାନୀୟ ଲୋକଙ୍କ ମନରୁ ଭୟ ଦୂର କରିବା ପାଇଁ ସେମାନଙ୍କ ସହ ଆଲୋଚନା କରୁଛନ୍ତି। ଜନସାଧାରଣ ଗୁଜବରେ ବିଶ୍ୱାସ ନ କରିବାକୁ ଏବଂ ଷଡ଼ଯନ୍ତ୍ରକାରୀଙ୍କ ଚକ୍ରାନ୍ତରେ ନ ପଡିବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି। ଗତ ୨୩ ତାରିଖରୁ ୩ ଦିନ ଧରି ଉତ୍ତରପୂର୍ବ ଦିଲ୍ଲୀର ଜାଫରାବାଦ, ମୌଜପୁର, ବାବରପୁର, ଚାନ୍ଦବାଗ୍, ଶିବ ବିହାର, ଭଜନପୁରା, ଯମୁନା ବିହାର ଅଞ୍ଚଳରେ ହିଂସାକାଣ୍ଡ ଯୋଗୁ ୪୩ ଜଣଙ୍କ ଜୀବନ ଯାଇଥିବାବେଳେ ୨୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ।

### ସ୍ୱାଭାବିକ ହେଉଛି ସ୍ଥିତି
### ପୋଲିସର ଫ୍ଲାଗ୍‌ମାର୍ଚ୍ଚ
### ଗୁଜବରେ ବିଶ୍ୱାସ ନ କରିବାକୁ ପରାମର୍ଶ



ଦଙ୍ଗାଗ୍ରସ୍ତ ଉତ୍ତରପୂର୍ବ ଦିଲ୍ଲୀର ପୁରୁଣା ମୁସ୍ତଫାବାଦ୍‌ରେ ଶନିବାର ଲୋକେ ପନିପରିବା କିଣୁଛନ୍ତି।

## ୫ ଦିନ ପରେ ବି ଶବାଗାର ବାହାରେ ଲୋକଙ୍କ ଅପେକ୍ଷା

ଦଙ୍ଗାର ୫ ଦିନ ପରେ ବି ସମ୍ପର୍କୀୟଙ୍କ ମୃତଦେହ ନେବା ଲାଗି ଗୁରୁ ତେଗ୍‌ବାହାଦୁର (ଜିଟିବି) ହସ୍ପିଟାଲ ଶବାଗାର ବାହାରେ ଲୋକଙ୍କ ଭିଡ଼ ଲାଗି ରହିଛି। ସୋମବାରଠାରୁ ଅପେକ୍ଷା କରିଥିବା ସଲିମ କୌଶର(୫୦) ଧୈର୍ଯ୍ୟହରା ହୋଇପଡ଼ିଲେଣି ବୋଲି କହିଛନ୍ତି। ସେ ତାଙ୍କ ଭାଇଙ୍କ ମୃତଦେହ ନେବା ପାଇଁ ଅପେକ୍ଷା କରିଛନ୍ତି। ଦଙ୍ଗା ବେଳେ ତାଙ୍କ ଭାଇଙ୍କୁ ଜିଅନ୍ତା ଜାଳିଦିଆଯାଇଥିଲା। ଦଙ୍ଗାରେ ସଲିମ୍ ସବୁକିଛି ହରାଇଛନ୍ତି। ବାରମ୍ବାର ଆସିବା ପାଇଁ ତାଙ୍କ ପାଖରେ ପଇସା ନ ଥିବା ସେ ପୋଲିସକୁ କହିଛନ୍ତି। ସେହିପରି ନିଜ୍‌ମା ନାମ୍ନୀ ମହିଳା ତାଙ୍କ ପୁଅ ମୋନିସଙ୍କୁ ଦଙ୍ଗା ପରେ ପାଉନାହାନ୍ତି। ସେ ୪ଟି ହସ୍ପିଟାଲ ଖୋଜିବା ପରେ ଶୁକ୍ରବାର ଜିଟିବି ହସ୍ପିଟାଲ ଶବାଗାରରେ ପୁଅଙ୍କ ମୃତଦେହ ପାଇଥିଲେ। ସେ ହସ୍ପିଟାଲକୁ ୭-୮ ଥର ଆସିବା ସତ୍ତ୍ୱେ ତାଙ୍କୁ ପୁଅ ଶବ ହସ୍ତାନ୍ତର କରାଯାଇ ନ ଥିବା କହିଛନ୍ତି। ତଦନ୍ତ ଦାୟିତ୍ୱରେ ଥିବା ପୋଲିସ ଅଧିକାରୀ କାଗଜପତ୍ର କାମ କରିବାରେ ବିଳମ୍ବ କରୁଥିବାରୁ ଶବ ହସ୍ତାନ୍ତରରେ ବିଳମ୍ବ ହେଉଥିବା କୁହାଯାଇଛି। ୨୫ଟି ଶବ ବ୍ୟବଚ୍ଛେଦ ସରିଲାଣି, ଆଉ ୧୩ଟି ବାକି ରହିଛି ବୋଲି ଜିଟିବି କର୍ତ୍ତୃପକ୍ଷ କହିଛନ୍ତି।

## ୭ ଯାଏ ସ୍କୁଲ ବନ୍ଦ

ଉତ୍ତରପୂର୍ବ ଦିଲ୍ଲୀରେ ମାର୍ଚ୍ଚ ୭ ପର୍ଯ୍ୟନ୍ତ ସ୍କୁଲ ବନ୍ଦ ରହିବ ବୋଲି ଶନିବାର ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଘୋଷଣା କରାଯାଇଛି। ସୋମବାର ହିଂସାକାଣ୍ଡ ପରେ ମଙ୍ଗଳବାରଠାରୁ ଉକ୍ତ ଅଞ୍ଚଳର ସମସ୍ତ ସ୍କୁଲକୁ ଛୁଟି ଘୋଷଣା କରାଯାଇଥିଲା। ଏଥିସହିତ ଦିଲ୍ଲୀ ସରକାର ଉକ୍ତ ଅଞ୍ଚଳରେ ବୋର୍ଡ ପରୀକ୍ଷା ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଥିଲେ। ବୋର୍ଡ ପରୀକ୍ଷା ହେବାକୁ ଥିବା ସେଣ୍ଟରଗୁଡ଼ିକରେ ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ଲାଗି ଶୁକ୍ରବାର ଦିଲ୍ଲୀ ହାଇକୋର୍ଟ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ।

## ପୋଲିସର ବର୍ବରତା

### ଆହତଙ୍କୁ ଜାତୀୟ ସଙ୍ଗୀତ ଗାଇବାକୁ ବାଧ୍ୟ କଲା

ନୂଆଦିଲ୍ଲୀ,୨୯।୨

ଦିଲ୍ଲୀ ଦଙ୍ଗାରେ ଆହତ ହୋଇ ରାସ୍ତାରେ ଛଟପଟ ହେଉଥିବା ଯୁବକଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ ନେବା ପରିବର୍ତ୍ତେ ତାଙ୍କୁ ଜାତୀୟ ସଙ୍ଗୀତ ଗାଇବା ପାଇଁ ବାଧ୍ୟ କରାଯାଇଥିଲା। ଏଭଳି ଏକ ଭିଡ଼ିଓ ସାମନାକୁ ଆସିଛି। ଉତ୍ତରପୂର୍ବ ଦିଲ୍ଲୀ ଅନ୍ତର୍ଗତ କର୍ଦ୍ଦମପୁରୀ ଅଞ୍ଚଳର ଫୈଜାନ ନାମକ ଉକ୍ତ ଯୁବକଙ୍କର ମୃତ୍ୟୁ ହୋଇଛି। ୱେବ୍‌ସାଇଟ ଅଲ୍ଟନ୍ୟୁଜ୍ ଯାଞ୍ଚରୁ ଜଣାପଡିଛି ୫ ଜଣ ଆହତ ଯୁବକ ରାସ୍ତାରେ ପଡ଼ି ଜାତୀୟ ସଙ୍ଗୀତ ଗାଉଥିଲେ। ସେମାନଙ୍କୁ କେହିଜଣେ ଏଥିପାଇଁ ବାଧ୍ୟ କରୁଥିଲା। ସେମାନଙ୍କ ପାଖରେ ପୋଲିସ ଛିଡ଼ାହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ଦୁଇଜଣ ଆହତ ଯୁବକଙ୍କ ମୁହଁ ପାଖରେ ଲାଠି ଦେଖାଇ 'ଭଲ ଭାବରେ ଗାଅ' ବୋଲି କହୁଥିବା ଦେଖାଯାଇଛି। ଜିଟିବି ହସ୍ପିଟାଲରେ ଫୈଜାନଙ୍କ ମୃତ୍ୟୁ ଘଟିଥିଲା। ତାଙ୍କୁ ଓ ଅନ୍ୟମାନଙ୍କୁ ପୋଲିସ ହାଜତକୁ ନେଇ ମାଡ଼ ମାରିଥିବା ତାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଲୁହା ରଡ୍‌ରେ ମାଡ଼ ଯୋଗୁ ଫୈଜାନଙ୍କର ଗୋଡ଼ ଭାଙ୍ଗିବା ସହ ଦେହ କଳା ପଡ଼ିଯାଇଛି।

## ବିନା ଖାଦ୍ୟ, ଔଷଧରେ ୬ ଓଡ଼ିଆ ପରିବାର

ନୂଆଦିଲ୍ଲୀ,୨୯।୨

ଉତ୍ତରପୂର୍ବ ଦିଲ୍ଲୀରେ ଧୀରେ ଧୀରେ ସ୍ୱାଭାବିକ ଅବସ୍ଥା ଫେରୁଛି। ଏହା ସତ୍ତ୍ୱେ ଖଜୁରି ଖାସ୍ ଅଞ୍ଚଳରେ ରହିଥିବା ୬ ଓଡ଼ିଆ ପରିବାର ଏବେ ବି ଦଙ୍ଗାଜନିତ ମାନସିକ ଆଘାତରୁ ମୁକୁଳିପାରି ନାହାନ୍ତି। ଦଙ୍ଗା ସମୟର କଥା ମନେପକାଇ ସେମାନେ କହିଛନ୍ତି, ସେମାନେ ଖଜୁରି ଖାସ୍‌ରେ ଏକ ବିଲ୍ଡିଂରେ ଫସିଯାଇଥିଲେ। ଦଙ୍ଗାରୁ ବର୍ତ୍ତିବା ପାଇଁ ସେମାନଙ୍କୁ ପିଲାଛୁଆ ଧରି ୨ କିଲୋମିଟର ଚାଲିବାକୁ ପଡ଼ିଥିଲା। ପ୍ରବଳ ଧୂଆଁ ଯୋଗୁ ଭିତରେ ରହି ହେଉ ନ ଥିବାବେଳେ ଚାରିପଟୁ ଟେକାମାଡ଼ ହେଉଥିଲା। କୌଣସି ପ୍ରକାରେ ସେମାନେ ଉକ୍ତ ଘରୁ ବାହାରି ଏକ ନିରାପଦ ସ୍ଥାନକୁ ପଳାଇଥିଲେ ବୋଲି କହିଛନ୍ତି। ୭ ରାତି ହେଲା ସେମାନେ ଶୋଇନାହାନ୍ତି। ସେମାନଙ୍କ ଘରେ ରାଶନ ସାମଗ୍ରୀ ସରିଯାଇଥିବାରୁ ସେମାନେ ଦୁଇଦିନ ହେଲା ବିନା ଖାଦ୍ୟ ଓ ଔଷଧରେ ରହିଛନ୍ତି। ଖାଦ୍ୟ ଓ ଔଷଧ ବିନା ପିଲାମାନେ ଅସୁସ୍ଥ ହୋଇପଡ଼ିଲେଣି ବୋଲି ସେମାନେ କହିଛନ୍ତି।

**ଆଇଏଏସ୍ ଅଧିକାରୀ ସ୍ତରରେ ଛୋଟ ଅଦଳବଦଳ**

ଭୁବନେଶ୍ୱର,୨୯।୨(ବ୍ୟୁରୋ): ଓଡ଼ିଶା ସରକାର ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଅଧିକାରୀସ୍ତରରେ ଛୋଟ ଧରଣର ଅଦଳବଦଳ କରିଛନ୍ତି। ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ମଧୁସୂଦନ ପାଢୀଙ୍କୁ କଟକସ୍ଥିତ ଜମିଜମା ରେକର୍ଡସ ଏବଂ ଚକବନ୍ଦୀ କମିଶନର ଭାବେ ନିଯୁକ୍ତି ଦିଆଯାଇଛି। ଏହି କମିଶନର ପଦବୀ ଓଡ଼ିଶା ପ୍ରଶାସନରେ ଆଇଏଏସ୍ ଅଧିକାରୀଙ୍କ ପାଇଁ ଉର୍ଦ୍ଧ୍ୱତନ ପ୍ରମୁଖ ଶାସନ ସଚିବ ପଦ ସହ ସମତୁଲ୍ୟ। ସେହିପରି ବାଣିଜ୍ୟ ଓ ପରିବହନ ବିଭାଗ କମିଶନର ତଥା ଶାସନ ସଚିବ ଡକ୍ଟର ପ୍ରମୋଦ କୁମାର ମେହେର୍ଦ୍ଦାଙ୍କୁ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଭାବେ ଦାୟିତ୍ୱ ଦିଆଯାଇଛି। ଏହାସହ ମେହେର୍ଦ୍ଦା ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ଦାୟିତ୍ୱ ତୁଲାଇବେ ବୋଲି ଜଣାପଡିଛି। ନିକଟରେ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍)ରୁ ଆଇଏଏସ୍‌କୁ ପଦୋନ୍ନତି ପାଇଥିବା ୮ ଜଣ ଅଧିକାରୀଙ୍କୁ ୨୦୦୯ ବ୍ୟାଚ୍ ପ୍ରଦାନ କରାଯାଇଛି।




# ଆଉ ମାସେ ବଢ଼ିବ ସର୍ବକ୍ଷମା ଯୋଜନା

- ୧୦୦ କୋଟି ଆଦାୟ
- ୨ ମାସ ବଢ଼ାଇବାକୁ ଦାବି
- କଟକ-ଭୁବନେଶ୍ୱରରେ ସର୍ବାଧିକ ଆବେଦନ

**ଭୁବନେଶ୍ୱର,୨୯।୨(ବ୍ୟୁରୋ)**

ଉନ୍ନୟନ କର୍ତ୍ତୃପକ୍ଷଙ୍କ ବିନା ଅନୁମୋଦନ କିମ୍ବା ଅନୁମୋଦନ ନେଇ ନିୟମ ଉଲ୍ଲଂଘନ କରି ଗଢିଉଠିଥିବା ବେଆଇନ ଆବାସିକ କୋଠାଘର, ବ୍ୟବସାୟିକ ଗୃହ ଏବଂ ଅଟ୍ଟାଳିକାଗୁଡିକୁ ଜରିମାନା ଦେଇ ନିୟମିତ (ରେଗୁଲାର) କରିବା ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଆରମ୍ଭ କରାଯାଇଥିବା ସର୍ବକ୍ଷମା ଯୋଜନା (ଆମ୍‌ନେଷ୍ଟି ସ୍କିମ୍) ଆଉ ମାସକ ପାଇଁ ବଢିବ। ଆସନ୍ତା ସୋମବାର ଏ ନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରାଯିବ ବୋଲି ଜଣାପଡ଼ିଛି। ଜରିମାନା ଦେଇ ଘରକୁ ଅନୁମୋଦନ କରାଇ ନେବାକୁ ଲୋକମାନଙ୍କର ପ୍ରବଳ ଆଗ୍ରହ ଦେଖାଦେଇଛି। ଯଦିଓ ଏହି ଯୋଜନା ୨୦୧୮ରେ ଆରମ୍ଭ କରାଯାଇଥିଲା ତେବେ ଜରିମାନା ରାଶି ଅଧିକ ଥିବାରୁ ଏହି ଯୋଜନା ଘର ମାଲିକଙ୍କୁ ଆକୃଷ୍ଟ କରିପାରି ନ ଥିଲା। ଶେଷ ୬ ମାସ ମଧ୍ୟରେ ସରକାର ଜରିମାନା ରାଶି ହ୍ରାସ କରିବାରୁ ଏଥିପ୍ରତି ପ୍ରବଳ ଆଗ୍ରହ ଦେଖାଦେଇଛି। ଜନସାଧାରଣଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ସର୍ବକ୍ଷମା ଯୋଜନାର ଅବଧି ବୃଦ୍ଧି କରିବାକୁ ବିଭିନ୍ନ ମହଲରୁ ଦାବି ହୋଇଆସୁଛି।

୨୦୨୦ ଫେବୃୟାରୀ ୨୦ରେ ସର୍ବକ୍ଷମା ଯୋଜନାର ଅବଧି ଶେଷ ହୋଇଛି। ଲୋକମାନଙ୍କ ଆଗ୍ରହକୁ ଦେଖି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ସର୍ବକ୍ଷମା ଯୋଜନାର ଅବଧି ଆଉ ୬ ମାସ ବଢ଼ାଇବାକୁ ଗତ ୨୦ ତାରିଖରେ ବିଧାନସଭା ଶୂନ୍ୟକାଳରେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଯୋଜନାର ଅବଧି ବଢ଼ାଇବା ଉପରେ ବିଚାର କରିବାକୁ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ବିଭାଗୀୟ ମନ୍ତ୍ରୀ ପ୍ରତାପ ଜେନା ଅବଧି ନ ବଢ଼ାଇବାକୁ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ମନ୍ତ୍ରୀଙ୍କ ଏଭଳି ଘୋଷଣାକୁ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି। ରାଜ୍ୟ ସରକାରଙ୍କ ଆର୍ଥିକ ଅବସ୍ଥା ଭଲ ନ ଥିବାବେଳେ ଗୃହ ଓ ନଗର ଉନ୍ନୟନ ବିଭାଗ ରାଜସ୍ୱ ଆଦାୟ ବାଟ ବନ୍ଦ କରିବା ନେଇ ଖୋଦ୍ ସରକାରୀ କର୍ମଚାରୀ ମଧ୍ୟ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ।

ମିଳିଥିବା ସୂଚନା ଅନୁଯାୟୀ ସର୍ବକ୍ଷମା ଯୋଜନା ପ୍ରଥମେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଅଞ୍ଚଳରେ ୨୦୦୭ ଡିସେମ୍ବର ୩୧ରେ କାର୍ଯ୍ୟକାରୀ କରାଯାଇଥିଲା। ୨୦୦୯ରେ କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ଅଞ୍ଚଳରେ କାର୍ଯ୍ୟକାରୀ ହୋଇଥିଲା। ଏହି ସ୍କିମ୍‌ରେ ବିଡିଏ ଜରିମାନା ବାବଦରେ ୪୫୯୬ ଜଣଙ୍କଠାରୁ ୩୫ କୋଟି ୬୧ ଲକ୍ଷ ୬୦ ହଜାର ଟଙ୍କା ଆଦାୟ କରିଥିବାବେଳେ ସିଡିଏ ୪୦୮୦ ଜଣ ଆବେଦନକାରୀଙ୍କଠାରୁ ୧୩,୦୨,୦୭,୦୦୦ ଟଙ୍କା ଆଦାୟ କରିଥିଲା। ଅର୍ଥାତ୍ ଉଭୟ ସହରରୁ ମୋଟ ୪୮ କୋଟି ୬୩ ଲକ୍ଷ ୬୭ ହଜାର ଟଙ୍କା ଆଦାୟ ହୋଇଥିଲା। ରାଜସ୍ୱ ମିଳୁଥିବା ଲକ୍ଷ୍ୟକରି ରାଜ୍ୟ ସରକାର ସର୍ବକ୍ଷମା ଯୋଜନାକୁ ରାଜ୍ୟର ୯ଟି ଉନ୍ନୟନ କର୍ତ୍ତୃପକ୍ଷ ଅଞ୍ଚଳରେ ୨୦୧୮ ଜୁନ୍ ୨୦ ତାରିଖରେ ଆରମ୍ଭ କରିଥିଲେ। ୨୦୨୦ ଫେବୃୟାରୀ ୨୦ରେ ଏହି ଯୋଜନା ଅବଧି ଶେଷ ହୋଇଛି। ଏହି ସମୟ ମଧ୍ୟରେ ବିଡିଏର ୫୭୧୯ ଜଣ, ସିଡିଏ ନିକଟରେ ୧୦୨୭, ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ ନିକଟରେ ୬୯, ପୁରୀ ଉନ୍ନୟନ କର୍ତ୍ତୃପକ୍ଷଙ୍କ ନିକଟରେ ୫୬, କଳିଙ୍ଗନଗର ଉନ୍ନୟନ କର୍ତ୍ତୃପକ୍ଷଙ୍କ ନିକଟରେ ୫୯, ତାଳଚେର-ଅନୁଗୋଳ-ମେରାମୁଣ୍ଡଳୀ ଉନ୍ନୟନ କର୍ତ୍ତୃପକ୍ଷଙ୍କ ନିକଟରେ ୪୫, ପାରାଦୀପ ଉନ୍ନୟନ କର୍ତ୍ତୃପକ୍ଷଙ୍କ ନିକଟରେ ୩୩, ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ ନିକଟରେ ୨୪୦ ଏବଂ ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷଙ୍କ ନିକଟରେ ୩୮୭ ଜଣ ନିଜ ଘରକୁ ଅନୁମୋଦନ କରିବାକୁ ଆବେଦନ କରିଛନ୍ତି। ଏ ବାବଦରେ ରାଜ୍ୟ ସରକାର ପ୍ରାୟ ୧୦୦ କୋଟି ଟଙ୍କା ରାଜସ୍ୱ ପାଇଥିବା ଜଣାପଡ଼ିଛି। ବିଶେଷକରି ବିଡିଏ ଏବଂ ସିଡିଏ ଅଞ୍ଚଳରେ ଏହି ଯୋଜନା ଅଧିକ ଲୋକପ୍ରିୟ ହୋଇଛି। ଏହି ଯୋଜନା ବନ୍ଦ କରିବା ପରେ ବହୁ ଜନଅସନ୍ତୋଷ ଦେଖାଦେଇଛି। ସରକାରଙ୍କୁ କୋଟି କୋଟି ଟଙ୍କା ରାଜସ୍ୱ ମିଳୁଥିବା ବେଳେ କେଉଁ ଉଦ୍ଦେଶ୍ୟରେ ଯୋଜନାକୁ ବନ୍ଦ କରି ଦିଆଗଲା ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଏହି ସ୍କିମ୍‌ର ଅବଧି ଆଉ ୬ ମାସ ବଢ଼ାଇବାକୁ ଦାବି କରାଯାଇଛି।

ସୂଚନାଯୋଗ୍ୟ ଯେ ରାଜ୍ୟ ସରକାର ୨୦୧୮ ଜୁନ୍ ୨୦ ତାରିଖରେ ୯ଟି ଉନ୍ନୟନ କର୍ତ୍ତୃପକ୍ଷ ଅଞ୍ଚଳରେ ସର୍ବକ୍ଷମା ଯୋଜନା ଆରମ୍ଭ କରିଥିଲେ। ଏହି ଯୋଜନାରେ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ପ୍ଲାନିଂ ଆଣ୍ଡ ବିଲ୍ଡିଂ ଷ୍ଟାଣ୍ଡାର୍ଡସ ରେଗୁଲେଶନରେ ଥିବା ନିୟମାବଳୀ ଆଧାରରେ ନିୟମ ଉଲ୍ଲଂଘନକାରୀଙ୍କୁ ଏହି ସୁବିଧା ଯୋଗାଇ ଦିଆଯାଉଛି। ପ୍ରଥମେ ଏହାକୁ ୬ ମାସ ପାଇଁ କାର୍ଯ୍ୟକାରୀ କରିବାକୁ ଘୋଷଣା କରାଯାଇଥିଲା। ଏହା ପରେ ପୁଣି ୬ ମାସ ବୃଦ୍ଧି କରାଯାଇଥିଲା। ଜରିମାନା ରାଶି ଅଧିକ ହେବାରୁ ତାହା ଘର ମାଲିକଙ୍କୁ ଆକୃଷ୍ଟ କରିପାରିଲା ନାହିଁ। ଫଳରେ ବାଧ୍ୟ ହୋଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଜରିମାନା ରାଶିକୁ ପ୍ରତି ବର୍ଗମିଟରକୁ ୨୫୦ ଏବଂ ୫୦୦ ଟଙ୍କାକୁ ହ୍ରାସ କରିଥିଲା। ଜରିମାନା ହ୍ରାସ କରିବା ପରେ ଏହାର ଅବଧିକୁ ଆଉ ୬ ମାସ ପାଇଁ ବଢାଯାଇଥିଲା। ଫଳରେ ଏହି ଯୋଜନା ପ୍ରତି ଲୋକଙ୍କର ଆଗ୍ରହ ବୃଦ୍ଧି ପାଇଥିଲା।

# ଯୁକ୍ତ୨ ପରୀକ୍ଷା ପାଇଁ ବ୍ୟାପକ ପ୍ରସ୍ତୁତି

- ପରୀକ୍ଷା କେନ୍ଦ୍ରକୁ ପ୍ରବେଶ ପୂର୍ବରୁ କଡ଼ାକଡ଼ି ହେବ ଯାଞ୍ଚ
- ପ୍ରଶ୍ନପତ୍ରରେ କୌଣସି ଚିହ୍ନ ନ ଦେବାକୁ ପରାମର୍ଶ

**ଭୁବନେଶ୍ୱର, ୨୯।୨(ବ୍ୟୁରୋ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ଆସନ୍ତା ୩ ତାରିଖରୁ ଆରମ୍ଭ ହେବ। ପରୀକ୍ଷାକୁ କପିମୁକ୍ତ କରିବାକୁ ବ୍ୟାପକ ପ୍ରସ୍ତୁତି ହୋଇଛି। ଏଥିପାଇଁ ସିଏଚ୍‌ଏସ୍‌ଇ ପକ୍ଷରୁ ସ୍ୱତନ୍ତ୍ର ନିୟମାବଳୀ ହୋଇଛି। କପିକୁ କିପରି ରୋକାଯାଇପାରିବ ଓ ନକଲି ପରୀକ୍ଷାର୍ଥୀଙ୍କୁ କିପରି ଧରାଯାଇପାରିବ ସେଥିପାଇଁ ପରିଷଦ ପକ୍ଷରୁ ବିଭିନ୍ନ ବ୍ୟବସ୍ଥା କରାଯାଇଛି। ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲାଗିଥିବାବେଳେ ୨୪ଘଣ୍ଟା ଏହା ଅନ୍ ହୋଇ ରହିବ। ପରୀକ୍ଷା କେନ୍ଦ୍ର ଭିତରକୁ ମୋବାଇଲ ଫୋନ୍ ଏବଂ ଅନ୍ୟାନ୍ୟ ବୈଦ୍ୟୁତିକ ଉପକରଣକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ପରୀକ୍ଷା କେନ୍ଦ୍ରରେ ପ୍ରବେଶ ପୂର୍ବରୁ ସମସ୍ତ ଅଧିକାରୀ, ଅବଜରଭର, ସ୍କ୍ୱାଡ୍ ମେମ୍ବର, ଜିଲା ପ୍ରଶାସନିକ ଅଧିକାରୀ ଏବଂ ଅନ୍ୟ କର୍ମଚାରୀମାନେ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ମୋବାଇଲ ଫୋନ ଦାଖଲ କରିବାକୁ କଡ଼ା ନିୟମ କରାଯାଇଛି। ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିବା ପୂର୍ବରୁ ଦୁଇଥର ଯାଞ୍ଚ କରାଯିବ। ଏହାସହ ପରୀକ୍ଷା ସରିବାର ନିର୍ଦ୍ଧାରିତ ସମୟ ପୂର୍ବରୁ ଯେଉଁ ଛାତ୍ରୀଛାତ୍ର ବାହାରକୁ ଯିବେ ସେମାନେ ନିଜ ସାଙ୍ଗରେ ପ୍ରଶ୍ନପତ୍ର ନେଇପାରିବେ ନାହିଁ ବୋଲି ମଧ୍ୟ ନିୟମ କରାଯାଇଛି। ପରୀକ୍ଷା ଚାଲିଥିବା ସମୟରେ ପରୀକ୍ଷାର୍ଥୀମାନେ ପ୍ରଶ୍ନପତ୍ରରେ କୌଣସି ଚିହ୍ନ ନ ଦେବା ପାଇଁ ପରାମର୍ଶ ଦିଆଯାଇଛି। ଯଦି କୌଣସି ପରୀକ୍ଷାର୍ଥୀ ପରୀକ୍ଷା ସମୟରେ ନିଜ ପ୍ରଶ୍ନପତ୍ରରେ ଚିହ୍ନ ଦେଇଥିବେ, ତେବେ ସେ କପି କରୁଥିବା ଧରାଯିବ। ପ୍ରଶ୍ନପତ୍ରଗୁଡ଼ିକ ସକାଳ ୯ଟା ୩୦ରେ ସୁପରିଣ୍ଟେଣ୍ଡେଣ୍ଟ, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଓ ହବ୍ ଅବଜରଭରଙ୍କ ଉପସ୍ଥିତିରେ ଖୋଲାଯିବ। ଆଲଟମେଣ୍ଟ ଅନୁସାରେ ରୁମ୍ ଅନୁସାରେ ଭାଗ ଭାଗ କରାଯିବ। ତାକୁ ସିଲ୍‌ଡ କଭର ମାଧ୍ୟମରେ ପ୍ରତ୍ୟେକ ରୁମ୍‌ରେ ପହଞ୍ଚାଇବାକୁ ବ୍ୟବସ୍ଥା କରାଯିବ। ପୂର୍ବାହ୍ନ ୧୦ଟାରେ ପ୍ରଶ୍ନପତ୍ର ଦିଆଯିବ। ପ୍ରଶ୍ନପତ୍ର ବଳି ପଡ଼ିଲେ, ତାକୁ ସିଲ୍ କରି ରଖାଯିବ। ୧୦ଟା ୩୦ ପରେ କୌଣସି ପରୀକ୍ଷାର୍ଥୀଙ୍କୁ ପରୀକ୍ଷା ହଲ୍ ଭିତରକୁ ଛଡ଼ାଯିବ ନାହିଁ ବୋଲି ପରିଷଦ ପକ୍ଷରୁ କୁହାଯାଇଛି। ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପରିଷଦ ଅଧ୍ୟକ୍ଷ ଅମରେନ୍ଦ୍ର ପଟ୍ଟନାୟକ ଏହିସବୁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଚଳିତବର୍ଷ ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ଆସନ୍ତା ୩ ତାରିଖରୁ ଆରମ୍ଭ ହୋଇ ୨୮ ତାରିଖରେ ଶେଷ ହେବ। ମୋଟ୍ ୨୦ଟି ସିଟିଂରେ ପରୀକ୍ଷା ହେବ। ଏଥର ରାଜ୍ୟରେ ୧୧୪୩ ପରୀକ୍ଷା କେନ୍ଦ୍ରରେ ୩ଲକ୍ଷ ୫୦ହଜାର ୮୦୦ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଏଥିରେ କଳାରେ ୨ଲକ୍ଷ ୨୦ହଜାର ୪୩୭ ପରୀକ୍ଷାର୍ଥୀ ଥିବାବେଳେ ବିଜ୍ଞାନରେ ୯୭ହଜାର ୫୪୬, ବାଣିଜ୍ୟରେ ୨୫ହଜାର ୭୮୫ ଓ ଧନ୍ଦାମୂଳକରେ ୭ହଜାର ୩୨ଜଣ ପରୀକ୍ଷାର୍ଥୀ ଅଛନ୍ତି।




NATIONAL HEALTH MISSION
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଭାରତ ସରକାର
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓଡ଼ିଶା ସରକାର

**ସଶକ୍ତ ମିଶନ୍ ଇନ୍ଦ୍ରଧନୁଷ୍ ୨.୦ ଅଭିଯାନ**

DSPL-290



**ସମ୍ପୂର୍ଣ୍ଣ ଟୀକାକରଣ**

ପ୍ରତ୍ୟେକ ଶିଶୁର ଅଧିକାର, ସୁସ୍ଥ ଜୀବନର ଆଧାର

- କୌଣସି କାରଣରୁ ଆଦୌ ଟୀକା ନେଇନଥିବା କିମ୍ବା ସମ୍ପୂର୍ଣ୍ଣ ଟୀକାକରଣ ନହୋଇ ଅଧାରୁ ଟୀକାନେବା ବନ୍ଦ କରିଥିବା ଶିଶୁମାନଙ୍କ ପାଇଁ ଏହା ଉଦ୍ଦିଷ୍ଟ।
- ଆମ ରାଜ୍ୟରେ ଏହି କାର୍ଯ୍ୟକ୍ରମ ଢେଙ୍କାନାଳ, ଗଜପତି, କନ୍ଧମାଳ, କୋରାପୁଟ, ମାଲକାନାଗିରି ଓ ରାୟଗଡା ଜିଲ୍ଲାରେ ଡିସେମ୍ବର ୨୦୧୯ ଠାରୁ ମାର୍ଚ୍ଚ ୨୦୨୦ ପର୍ଯ୍ୟନ୍ତ ୪ଟି ପର୍ଯ୍ୟାୟରେ ଚାଲୁଅଛି।

**୪ର୍ଥ ପର୍ଯ୍ୟାୟ**
**ସଶକ୍ତ ମିଶନ୍ ଇନ୍ଦ୍ରଧନୁଷ୍ ଅଭିଯାନ**
**ଚଳିତ ମାର୍ଚ୍ଚ ମାସ**
**୨ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ**

OIPR-10003/13/0084/1920

ଅଧିକ ସୂଚନା ପାଇଁ ଆଶା, ଅଙ୍ଗନୱାଡି କର୍ମୀ କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କ ସହ ଯୋଗାଯୋଗ କରନ୍ତୁ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

Facebook.com http://www.health.odisha.gov.in HFWOdisha

**ଜାତୀୟ ପରୀକ୍ଷା ଏଜେନ୍ସି**
ମୂଲ୍ୟାୟନରେ ଉତ୍କର୍ଷତା

(ଉଚ୍ଚଶିକ୍ଷା ବିଭାଗ, ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନରେ ଏକ ସ୍ୱୟଂଶାସିତ ସଂଗଠନ)

**ଆଇସିଏଆର୍ ପ୍ରବେଶିକା ପରୀକ୍ଷା - ୨୦୨୦**
**[ଏଆଇଇଇଏ (ୟୁଜି), ଏଆଇଇଇଏ (ପିଜି) ଏବଂ ଏଆଇସିଇ-ଜେଆର୍‌ଏଫ୍/ଏସ୍‌ଆର୍‌ଏଫ୍ (ପିଏଚ୍.ଡି)]**
**ଜୁନ୍ - ୨୦୨୦**

**ସର୍ବସାଧାରଣ ବିଜ୍ଞପ୍ତି**

ତାରିଖ: ୦୧।୦୩।୨୦୨୦

ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ (ଏମ୍‌ଏଚ୍‌ଆର୍‌ଡି) ଦ୍ୱାରା **ଜାତୀୟ ପରୀକ୍ଷା ଏଜେନ୍ସି** (ଏନ୍‌ଟିଏ)କୁ ଏକ ସ୍ୱାଧୀନ ସ୍ୱୟଂଶାସିତ, ଆତ୍ମ-ନିର୍ଭରଶୀଳ ଏବଂ ଆତ୍ମ-ପୋଷିତ ପ୍ରମୁଖ ପରୀକ୍ଷା ସଙ୍ଗଠନ ଭାବେ ପ୍ରତିଷ୍ଠା କରାଯାଇଛି। **ଆଇସିଏଆର୍ ପ୍ରବେଶିକା ପରୀକ୍ଷା [ଏଆଇଇଇଏ (ୟୁଜି), ଏଆଇଇଇଏ (ପିଜି) ଏବଂ ଏଆଇସିଇ-ଜେଆର୍‌ଏଫ୍/ଏସ୍‌ଆର୍‌ଏଫ୍ (ପିଏଚ୍.ଡି)]**-୨୦୨୦ ସଞ୍ଚାଳନ ପାଇଁ ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର୍) ଦ୍ୱାରା ଏନ୍‌ଟିଏ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି।

ଏନ୍‌ଟିଏ ୦୧ ଜୁନ୍, ୨୦୨୦ ଦିନ ଆଇସିଏଆର୍ ପ୍ରବେଶିକା ପରୀକ୍ଷା **[ଏଆଇଇଇଏ (ୟୁଜି), ଏଆଇଇଇଏ (ପିଜି) ଏବଂ ଏଆଇସିଇ-ଜେଆର୍‌ଏଫ୍/ଏସ୍‌ଆର୍‌ଏଫ୍ (ପିଏଚ୍.ଡି)]**-୨୦୨୦ ସଞ୍ଚାଳନ କରିବ। ପରୀକ୍ଷା ନିମ୍ନ ଅନୁଯାୟୀ ଏକକ ପ୍ରଶ୍ନପତ୍ର ସମ୍ବଳିତ ହେବ:

| ପରୀକ୍ଷା | ସର୍ବାଧିକ ମାର୍କ | ପ୍ରଶ୍ନାବଳୀ ସଂଖ୍ୟା (ସବୁ ପ୍ରଶ୍ନ ବାଧ୍ୟତାମୂଳକ) | ଅବଧି |
|---|---|---|---|
| ଆଇସିଏଆର୍ ଏଆଇଇଇଏ (ୟୁଜି)-୨୦୨୦ | ୬୦୦ | ୧୫୦ (ପ୍ରତ୍ୟେକ ବିଷୟରେ ୫୦) | ୦୨ ୧/୨ ଘଣ୍ଟା (୧୫୦ ମିନିଟ୍) |
| ଆଇସିଏଆର୍ ଏଆଇଇଇଏ (ପିଜି)-୨୦୨୦ | ୪୮୦ | ୧୨୦ | ୦୨ ଘଣ୍ଟା (୧୨୦ ମିନିଟ୍) |
| ଆଇସିଏଆର୍ ଏଆଇସିଇ-ଜେଆର୍‌ଏଫ୍/ଏସ୍‌ଆର୍‌ଏଫ୍ (ପିଏଚ୍.ଡି)-୨୦୨୦ | ୪୮୦ | ୧୨୦ (ଭାଗ କ-୨୦)+(ଭାଗ ଖ-୫୦)+(ଭାଗ ଗ-୫୦)* | ୦୨ ଘଣ୍ଟା (୧୨୦ ମିନିଟ୍) |

*{ଏଆଇସିଇ ଜେଆର୍‌ଏଫ୍/ଏସ୍‌ଆର୍‌ଏଫ୍ (ପିଏଚ୍.ଡି)ର ସଂଶୋଧିତ ଯୋଜନା ପାଇଁ ପ୍ରାର୍ଥୀମାନଙ୍କୁ http://icar.org.in/node/13680 ପରିଦର୍ଶନ କରିବା ପାଇଁ ପରାମର୍ଶ ଦିଆଯାଉଛି}

ପରୀକ୍ଷା କେବଳ **କମ୍ପ୍ୟୁଟର ଭିତ୍ତିକ ପରୀକ୍ଷା (ସିବିଟି)** ପଦ୍ଧତିରେ ସଞ୍ଚାଳନ କରାଯିବ।

ଉପରଦର୍ଶିତ ପରୀକ୍ଷାରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ପ୍ରାର୍ଥୀମାନେ ଆଇସିଏଆର୍ ପ୍ରବେଶିକା ପରୀକ୍ଷା-୨୦୨୦ର ବିସ୍ତୃତ ସୂଚନା ବୁଲେଟିନ୍ ଦେଖିପାରନ୍ତି ଯାହା **୦୧ ମାର୍ଚ୍ଚ, ୨୦୨୦**ଠାରୁ ୱେବ୍‌ସାଇଟ୍ www.nta.ac.in ଏବଂ https://icar.nta.nic.inରେ ଉପଲବ୍ଧ ହେବ।

ପ୍ରାର୍ଥୀମାନଙ୍କୁ **୦୧ ମାର୍ଚ୍ଚ ୨୦୨୦-୩୧ ମାର୍ଚ୍ଚ ୨୦୨୦ (ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ)** ମଧ୍ୟରେ ଅନ୍‌ଲାଇନ୍‌ରେ ଆବେଦନ କରିବାକୁ ହେବ। ଦେୟଗୁଡ଼ିକ ଅନ୍‌ଲାଇନ୍‌ରେ **୩୧ ମାର୍ଚ୍ଚ ୨୦୨୦ (ରାତ୍ରି ୧୧.୫୦ ଘଟିକା)** ପର୍ଯ୍ୟନ୍ତ ପୈଠ କରାଯାଇପାରିବ।

**ଯୋଗାଯୋଗ ଠିକଣା:**
ବ୍ଲକ୍ ସି-୨୦, ୧ଏ/୮, ସେକ୍ଟର ୬୨, ଆଇଆଇଟିକେ ଆଉଟ୍‌ରିଚ୍ ସେଣ୍ଟର,
ଗୌତମ ବୁଦ୍ଧ ନଗର, ନୋଏଡା-୨୦୧୩୦୯, ଉତ୍ତରପ୍ରଦେଶ (ଭାରତ)

**ବରିଷ୍ଠ ନିର୍ଦ୍ଦେଶକ, ଏନ୍‌ଟିଏ**

davp 21354/11/0017/1920



ଦିଲ୍ଲୀ ପୋଲିସ ମୁଖ୍ୟ ପଦରୁ ଅମୂଲ୍ୟ ପଟ୍ଟନାୟକ ଅବସର ଗ୍ରହଣ କରିଛନ୍ତି। ୧୯୮୫ ବ୍ୟାଚ୍ ଅଧିକାରୀ ପଟ୍ଟନାୟକ ୨୦୧୭ ଜାନୁୟାରୀ ୩୧ରେ ଏହି ପଦ ଅଳଙ୍କୃତ କରିଥିଲେ। ତାଙ୍କର ପ୍ରାରମ୍ଭିକ ପର୍ଯ୍ୟାୟ ଠିକ୍ ଥିବା ବେଳେ ଶେଷ ଭାଗରେ ହିଂସାକାଣ୍ଡ ପୋଲିସ ଅଶାନ୍ତି ଦେଖିବାକୁ ମିଳିଥିଲା।, ତିସ୍ ହଜାରୀ କୋର୍ଟ ସ୍ଥିତି ପରେ ଶାହିନ୍‌ବାଗ୍, ଜାମିଆଁ, ଜେଏନ୍‌ୟୁ ଓ ପରେ ଦିଲ୍ଲୀ ହିଂସାକାଣ୍ଡ ତାଙ୍କ ପାଇଁ କଠିନ ପରିସ୍ଥିତି ସୃଷ୍ଟି କରିଥିଲା। ଦିଲ୍ଲୀ ନିର୍ବାଚନ ଲାଗି ଜାନୁୟାରୀ ପରିବର୍ତ୍ତେ ଫେବୃୟାରୀ ଶେଷରେ ସେ ଅବସର ନେଇଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଆରାଧ୍ୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ମଧ୍ୟାହ୍ନଭୋଜନରୁ ବାହାରିଲା କାଚଗୁଣ୍ଡ, ଗୋଡ଼ି

ରାଇରଙ୍ଗପୁର, ୨୯।୨ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସହରାଞ୍ଚଳ ପୁରୁଣାଘାଟି ବସ୍ତି ଅଞ୍ଚଳସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନରୁ କାଚଗୁଣ୍ଡ, ଗୋଡି ବାହାରିବା ପରେ ଅସନ୍ତୋଷ ଦେଖାଦେଇଛି। ଏହାର ପ୍ରତିବାଦରେ ଶନିବାର ପୂର୍ବାହ୍ନ ୧୧ଟାରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି କାର୍ଯ୍ୟାନୁଷ୍ଠାନ ଦାବି କରି ଧାରଣା ଦେଇଥିଲେ। ସହକାରୀ ଜିଲାପାଳ ଧର୍ମେନ୍ଦ୍ର ଶତପଥୀ, ରାଇରଙ୍ଗପୁର ବ୍ଲକ ଶିକ୍ଷାଧିକାରୀ ପ୍ରକାଶ ଚନ୍ଦ୍ର ମହାଲିକ ପ୍ରମୁଖ ଧାରଣାକାରୀ ଛାତ୍ରୀଛାତ୍ର ଏବଂ ତାଙ୍କର ଅଭିଭାବକମାନଙ୍କ ସହ ଆଲୋଚନା କରି ଆସନ୍ତା ସୋମବାର ଏହାର ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଛାତ୍ରୀଛାତ୍ର ଧାରଣାରୁ ହଟିଥିଲେ।

# ସମ୍ ଅଲ୍ଟିମେଟ୍ ମେଡିକେୟାର ଲୋକାର୍ପିତ



ସମ୍ ଅଲ୍ଟିମେଟ୍ ମେଡିକେୟାର ଲୋକାର୍ପଣ ଉତ୍ସବରେ ମଞ୍ଚାସୀନ (ବାମରୁ) ସିଇଓ ଡା. ଶ୍ୱେତପଦ୍ମା ଦାଶ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ସୋଆର ସଭାପତି ପ୍ରଫେସର ଡ. ମନୋଜରଞ୍ଜନ ନାୟକ।

- ସ୍ୱାସ୍ଥ୍ୟସେବାରେ ଓଡ଼ିଶାବାସୀଙ୍କୁ ବିଶେଷ ସହାୟକ ହେବ: ମୁଖ୍ୟମନ୍ତ୍ରୀ
- ସ୍ୱାସ୍ଥ୍ୟ କ୍ଷେତ୍ରରେ ଘରୋଇ ଉଦ୍ୟୋଗୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି: ଅମିତ ଶାହା
- ରାଜ୍ୟରେ ଆୟୁଷ୍ମାନ୍ ଭାରତ ଯୋଜନା ଲାଗୁ ହେଉ: ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର, ୨୯।୨(ବ୍ୟୁରୋ)

ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ (ସୋଆ) ଦ୍ୱାରା ଶନିବାର ଅତ୍ୟାଧୁନିକ ସମ୍ ଅଲ୍ଟିମେଟ୍ ମେଡିକେୟାର(ସମ୍ମମ୍) ଲୋକାର୍ପିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ନବୀନ ପଟ୍ଟନାୟକ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ହସ୍ପିଟାଲକୁ ଲୋକାର୍ପିତ କରିଥିଲେ। ମୁଖ୍ୟମନ୍ତ୍ରୀ ସୋଆର ନୂତନ ପଦକ୍ଷେପକୁ ପ୍ରଶଂସା କରିବା ସହ ଏହି ହସ୍ପିଟାଲ ଓଡ଼ିଶା ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା କ୍ଷେତ୍ରରେ ଏକ ବିଶେଷ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ। ସ୍ୱରାଷ୍ଟ୍ରମନ୍ତ୍ରୀ ଶାହା କହିଥିଲେ ଯେ, ଦେଶରେ ସମସ୍ତଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ଲାଗି ସରକାରୀ ଭିତ୍ତିଭୂମି ପର୍ଯ୍ୟାପ୍ତ ନୁହେଁ। ଏ କ୍ଷେତ୍ରରେ ଘରୋଇ ଉଦ୍ୟୋଗୀମାନଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା କ୍ଷେତ୍ରରେ ବେସରକାରୀ ଅନୁଷ୍ଠାନଗୁଡ଼ିକର ସହଯୋଗର ଆବଶ୍ୟକତା ରହିଛି ବୋଲି ଶାହା କହିଥିଲେ। ଅନ୍ୟତମ ଅତିଥି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ ଯେ, ଏହି ହସ୍ପିଟାଲ ପୂର୍ବ ଭାରତର ଅନ୍ୟତମ ବୃହତ ହସ୍ପିଟାଲରେ ପରିଣତ ହେବ। ଏହି ଅବସରରେ ସେ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ୍ ଭାରତ ଯୋଜନାକୁ ରାଜ୍ୟରେ ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଥିଲେ। ସମ୍ମମର ସିଇଓ ଡା. ଶ୍ୱେତପଦ୍ମା ଦାଶ କହିଥିଲେ ଯେ, ଏହି ହସ୍ପିଟାଲରେ ଡାକ୍ତରୀ ଶିକ୍ଷା ଏବଂ ଗବେଷଣା ଉପରେ ଗୁରୁତ୍ୱ ଦିଆଯିବ। ସମ୍ମମ୍ ଏଭଳି ଏକ ପ୍ଲାଟଫର୍ମ ହେବ, ଯେଉଁଠାରେ ଆମେ ସମାଜର ସମସ୍ତ ବର୍ଗଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇପାରିବୁ। ଏହି ଆଶା ଓ ଆବେଗକୁ ପାଥେୟ କରି ଆମେ ରୋଗୀଙ୍କୁ ଉତ୍ତମଧରଣର ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ଉଦ୍ୟମ କରିବୁ ବୋଲି ସିଇଓ କହିଛନ୍ତି। ଲୋକାର୍ପଣ ଉତ୍ସବରେ ସୋଆ ସଭାପତି ପ୍ରଫେସର ଡ. ମନୋଜରଞ୍ଜନ ନାୟକ ଉପସ୍ଥିତ ରହି ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

'ସମ୍ମମ୍'ରେ ୧୪ଟି ମଡ୍ୟୁଲାର ଓଟି ସହିତ ଟ୍ରମା ଆଇସିୟୁ ତଥା ଆନ୍ତର୍ଜାତିକ ଜ୍ଞାନକୌଶଳ ପର୍ଯ୍ୟବସିତ ପେଟ୍ ସିଟି ସ୍କାନ୍, ଥ୍ରୀ ଟେଲସା ଏମଆରଆଇ ଏବଂ ଏଚଡିଆର୍ ବ୍ରାଭୋସ୍ ବ୍ରାକିଥେରାପି ଭଳି ଅତ୍ୟାଧୁନିକ କ୍ୟାନ୍‌ସର ଚିକିତ୍ସାର ବ୍ୟବସ୍ଥା କରାଯାଇଛି। ପ୍ରାୟ ୩୦ଟି ସ୍ପେଶିଆଲିଟି କ୍ଷେତ୍ରରେ ଚିକିତ୍ସା ଯୋଗାଇ ଦେବା ନିମନ୍ତେ ବ୍ୟବସ୍ଥା ରହିଛି।

ପ୍ରଥମ ପୃଷ୍ଠାରୁ...

## ଆଜିଠୁ...

ଦିଆଯିବ ନାହିଁ। କଡାକଡି ଯାଞ୍ଚ କରିବାକୁ ସମସ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ପରିବହନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ସମଗ୍ର ଦେଶରେ ଦିନକୁ ଦିନ ଦୁର୍ଘଟଣା ହାର ବଢ଼ିଚାଲିଛି। ଓଡ଼ିଶାରେ ସର୍ବାଧିକ ଦୁର୍ଘଟଣା ଘଟୁଛି। ଏଥିରେ ବହୁ ଧନଜୀବନ ନଷ୍ଟ ହେଉଛି। ମିଳିଥିବା ସୂଚନା ଅନୁଯାୟୀ ଗତ ୧୦ବର୍ଷ ମଧ୍ୟରେ ଓଡ଼ିଶାରେ ସମୁଦାୟ ୧ ଲକ୍ଷ ୧ ହଜାର ୩୯୫ ସଡକ ଦୁର୍ଘଟଣାରେ ୪୩ ହଜାର ୩୭୧ ଜଣଙ୍କର ଜୀବନ ଯାଇଥିବା ବେଳେ ୧ ଲକ୍ଷ ୧୨ ହଜାର ୫୩୮ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ବଢୁଥିବା ଦୁର୍ଘଟଣାକୁ ନେଇ ସୁପ୍ରିମକୋର୍ଟ ଘୋର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏ ନେଇ ପଦକ୍ଷେପ ନେବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବେପରୁଆ ଗାଡି ଚାଳକଙ୍କ ଉପରେ ଅଙ୍କୁଶ ଲଗାଇବାକୁ କେନ୍ଦ୍ର ସରକାର ପୁରୁଣା ଆଇନକୁ ସଂଶୋଧନ କରି ଜରିମାନା ରାଶିକୁ ବହୁଗୁଣିତ କରିଛନ୍ତି। ଏହାଛଡା ପ୍ରତ୍ୟେକ ବର୍ଷ ୧୦ ପ୍ରତିଶତ ଦୁର୍ଘଟଣା ହ୍ରାସ କରିବା ପାଇଁ ପଦକ୍ଷେପ ନେବାକୁ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ତାଗିଦ୍ କରିଛନ୍ତି। ହେଲେ ସରକାର ଦୁର୍ଘଟଣା ହାର କମାଇବାରେ ବିଫଳ ହୋଇଛନ୍ତି। ପରିବହନ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ୨୦୧୭ ଠାରୁ ୨୦୧୮ରେ ଦୁର୍ଘଟଣା ହାର ୧୦.୯୬ ପ୍ରତିଶତ ଅଧିକ ରହିଥିବା ବେଳେ ୨୦୧୯ରେ ୨୦୧୮ ତୁଳନାରେ ୦.୩୪ ପ୍ରତିଶତ ଅଧିକ ରହିଛି। କେବଳ ଗତ ୩ ବର୍ଷ ୨୦୧୭ ଠାରୁ ୨୦୧୯ ମଧ୍ୟରେ ରାଜ୍ୟରେ ସଡକ ଦୁର୍ଘଟଣାରେ ୧୫ ହଜାର ୪୩୮ ଜଣଙ୍କର ମୃତ୍ୟୁ ହୋଇଛି। ୨୦୧୭ରେ ୪୭୯୦ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୦୧୮ରେ ୫୩୧୫ ଏବଂ ୨୦୧୯ରେ ୫୩୩୩ ଜଣଙ୍କର ଜୀବନ ଚାଲିଯାଇଛି। ଦୁର୍ଘଟଣା ମୁଖ୍ୟତଃ ବେପରୁଆ ଗାଡି ଚାଳନା ଓ ମଦ୍ୟପାନ ଯୋଗୁ ହୋଇଥିବା କୁହାଯାଉଛି। ଏହାକୁ ରୋକିବାକୁ ସଂଶୋଧିତ ମୋଟର ଯାନ ଆଇନକୁ ରାଜ୍ୟରେ କଡାକଡି ଲାଗୁ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି।

ସୂଚନାଯୋଗ୍ୟ ଯେ ୨୦୧୯ ସେପ୍ଟେମ୍ବର ପହିଲାରୁ ରାଜ୍ୟରେ ସଂଶୋଧିତ ମୋଟର ଯାନ ଆଇନ ଲାଗୁ କରାଯାଇଛି। ଏହି ଆଇନ କାର୍ଯ୍ୟକାରୀ ହେବା ଦିନଠାରୁ ୨୦୨୦ ଜାନୁୟାରୀ ୩୧ ତାରିଖ ମଧ୍ୟରେ ବେପରୁଆ ଗାଡି ଚାଳକ ଓ ବିନା କାଗଜପତ୍ରରେ ଚାଲୁଥିବା ଯାନବାହନଗୁଡ଼ିକରୁ ୩୮ କୋଟି ୬୭ ଲକ୍ଷ ୨୫ ହଜାର ଟଙ୍କା ଆଦାୟ ହୋଇଛି। ଏହି ସମୟ ମଧ୍ୟରେ ୪ ଲକ୍ଷ ୧୩ ହଜାର ୯୯୪ ଜଣଙ୍କ ମଧ୍ୟରୁ ୨,୮୭,୯୩୨ ଜଣଙ୍କୁ ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ କରାଯାଇଛି।

## ସୂର୍ଯ୍ୟମନ୍ଦିରରୁ...

ଆଉ ଏକ ଉପାୟ ହେଲା ଜଗମୋହନର ଉତ୍ତର ଓ ପଶ୍ଚିମ ପଟ ଖୋଲି ବାଲି ସୁରକ୍ଷିତ ଭାବେ କଢ଼ାଯାଇପାରିବ।

କୋଣାର୍କ ଯାତ୍ରୀନିବାସ ସମ୍ମିଳନୀ କକ୍ଷରେ ଆୟୋଜିତ କର୍ମଶାଳାରେ ଅନେକ ପ୍ରସଙ୍ଗରେ ଆଲେଚନା ହୋଇଥିଲା। ବିଶେଷକରି ସୂର୍ଯ୍ୟମନ୍ଦିର ଜଗମୋହନ ଅଭ୍ୟନ୍ତରରେ ଯେତିକି ବାଲି ଦବିଛି ସେତିକି ବାଲି ଭର୍ତ୍ତି କରିବାକୁ ପ୍ରସ୍ତାବ ଆସିଥିଲା। କିନ୍ତୁ ତାହାକୁ ବିଶେଷଜ୍ଞମାନେ ଗ୍ରହଣ କରି ନ ଥିଲେ। କାରଣ ପୁଣି ବାଲି ଭର୍ତ୍ତି କରିବା ଦ୍ୱାରା ସୂର୍ଯ୍ୟମନ୍ଦିରକୁ ଅତିବେଶିରେ ୧୦୦ ବର୍ଷ ସୁରକ୍ଷିତ ରଖାଯାଇପାରିବ। କିନ୍ତୁ ବାଲି କାଢ଼ି ଭିତର ଅଂଶକୁ ଆଧୁନିକ ଜ୍ଞାନକୌଶଳରେ ସଜଡ଼ାଗଲେ ୫୦୦ ବର୍ଷ ପର୍ଯ୍ୟନ୍ତ ଏହି ବିଶ୍ୱ ଐତିହ୍ୟକୁ ସୁରକ୍ଷିତ କରାଯାଇପାରିବ ବୋଲି ଆଲୋଚନା ହୋଇଥିଲା। ଏପରି କି ବାଲି କାଢ଼ି ତା' ବଦଳରେ ଷ୍ଟିଲ୍ କିମ୍ବା ପଥର ଖମ୍ବ ବସାଇବାକୁ ଅନେକ ବିଶେଷଜ୍ଞ ମତ ଦେଇଥିଲେ। ହେଲେ ଉପଯୁକ୍ତ ବ୍ୟବସ୍ଥା ଓ ସତର୍କତା ଅନୁଯାୟୀ ବାଲି କଢ଼ା ନ ଗଲେ ସୂର୍ଯ୍ୟମନ୍ଦିର ପ୍ରତି ବିପଦ ସୃଷ୍ଟି ହେବ ବୋଲି ପଦ୍ମଶ୍ରୀ ଜି.ସି. ମିତ୍ର କହିଥିଲେ।

କର୍ମଶାଳାର ଉଦ୍‌ଯାପନୀ ସମାରୋହରେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ପ୍ରହଲ୍ଲାଦ ସିଂ ପଟେଲ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, କୋଣାର୍କ ସୂର୍ଯ୍ୟମନ୍ଦିରରୁ ବିଚ୍ଛୁରିତ ହୋଇ ପଡ଼ିଥିବା ପ୍ରସ୍ତରଗୁଡ଼ିକ ନମ୍ବରିଂ କରାଯାଇ ସଂରକ୍ଷିତ ରଖାଯିବ। ଏଥିସହ ମନ୍ଦିରର କଳାକୃତିକୁ ଉଜ୍ଜୀବିତ ରଖିବା ପାଇଁ ଏହାର ସଂରକ୍ଷଣ ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ। କର୍ମଶାଳାରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ)ର ମୁଖ୍ୟ ପରାମର୍ଶଦାତା ଆର୍. ବାଲକ୍ରିଷ୍ଣନ୍ ବିଶ୍ୱର ଅନ୍ୟାନ୍ୟ କଳାକୃତିର ଉଦାହରଣ ଦେଇ ଐତିହ୍ୟର ରକ୍ଷଣାବେକ୍ଷଣ ପାଇଁ ରାଜ୍ୟ ସରକାର ସବୁପ୍ରକାର ସହଯୋଗ କରିବେ ବୋଲି କହିଥିଲେ। କର୍ମଶାଳାରେ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ୍ କ୍ୟୁରି ଏନ.କେ. ମହାନ୍ତି, ଚେନ୍ନାଇ ଆଇଆଇଟିର ବିଶେଷଜ୍ଞ, ସିବିଆର୍‌ଆଇର ପ୍ରତିନିଧି ଦଳଙ୍କ ସମେତ ବହୁ ବିଶେଷଜ୍ଞ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ 'ଅନଟୋଲ୍ଡ ଷ୍ଟୋରି ଅଫ୍ କୋଣାର୍କ' ସମ୍ପର୍କିତ ଏକ ପୁସ୍ତକ ଉନ୍ମୋଚନ କରିଥିଲେ। ଆଗାମୀ ଦିନରେ ସୂର୍ଯ୍ୟମନ୍ଦିରରୁ ବାଲି କାଢ଼ିବା, ସଂରକ୍ଷଣ ଓ ରକ୍ଷଣାବେକ୍ଷଣ ପାଇଁ ବିଶେଷଜ୍ଞ କମିଟି ଦେଇଥିବା ରିପୋର୍ଟକୁ ଗୁରୁତ୍ୱ ଦିଆଯାଉଛି ନା ଚାପି ଦିଆଯାଉଛି ତାହା ସମୟ କହିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଏହି ପରିପ୍ରେକ୍ଷୀରେ କୋଣାର୍କ ସୁରକ୍ଷା ସମିତି ପକ୍ଷରୁ ସଭାପତି ବାଦଲ ଦାଶ, ସମ୍ପାଦକ ରାମକୃଷ୍ଣ ମହାନ୍ତି ଓ ଆବାହକ ଭାଗୀରଥି ସ୍ୱାଇଁ କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କୁ ଭେଟି ସୂର୍ଯ୍ୟମନ୍ଦିରର ସଂରକ୍ଷଣ ଓ ରକ୍ଷଣାବେକ୍ଷଣ ନିମନ୍ତେ ଏକ ଦାବିପତ୍ର ପ୍ରଦାନ କରିଥିଲେ।



କୋଣାର୍କଠାରେ ଶନିବାର ଜାତୀୟ କର୍ମଶାଳାର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ପ୍ରହଲ୍ଲାଦ ସିଂ ପଟେଲ ଓ ଅନ୍ୟ ଅତିଥି 'ଅନଟୋଲ୍ଡ ଷ୍ଟୋରି ଅଫ୍ କୋଣାର୍କ' ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ୬୯୨୩ କୋଟି ଟଙ୍କାର ପୁଞ୍ଜିନିବେଶକୁ ଅନୁମୋଦନ

ଭୁବନେଶ୍ୱର, ୨୯।୨(ବ୍ୟୁରୋ)

ରାଜ୍ୟ ସରକାର ୬୯୨୩.୨୬ କୋଟି ଟଙ୍କାର ପୁଞ୍ଜିନିବେଶକୁ ଶନିବାର ଅନୁମୋଦନ କରିଛନ୍ତି। ୩ ପ୍ରକଳ୍ପ ମାଧ୍ୟମରେ ଏହି ନିବେଶ ଦ୍ୱାରା ୪୬୩୮ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବାର ଲକ୍ଷ୍ୟ ରଖାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଖାରବେଳ ଭବନରେ ବସିଥିବା ୨୨ତମ ଉଚ୍ଚସ୍ତରୀୟ କ୍ଲିଅରାନ୍ସ ଅଥରିଟି ବୈଠକରେ ଏହାକୁ ଅନୁମୋଦନ କରିଛି। ଏହି କମିଟି ତ୍ରିବେଣୀ ଆର୍ଥମୁଭର ପ୍ରାଃ ଲିଃର ବାର୍ଷିକ ୩୦ ମିଲିୟନ ଟନ୍ କ୍ଷମତା ବିଶିଷ୍ଟ ପ୍ଲାଣ୍ଟକୁ ମଞ୍ଜୁରୀ ଦେଇଛି। କେନ୍ଦୁଝର ଜିଲାର ଦେଓଝରଠାରେ ଦୁଇ ପର୍ଯ୍ୟାୟରେ ଏହାର ନିର୍ମାଣ କରାଯିବ। ଏହି ପ୍ରକଳ୍ପରେ ୧୪୨୬.୭୫ କୋଟି ଟଙ୍କାର ପୁଞ୍ଜିନିବେଶ ଦ୍ୱାରା ୮୮୪ଜଣଙ୍କୁ ନିଯୁକ୍ତି ଦେବାର ଲକ୍ଷ୍ୟ ରଖାଯାଇଛି। ଅନୁରୂପ ଭାବେ ଏହି କମ୍ପାନୀର ଭିତରଗଡ ସିଟିରେ ପେଲେଟ ପ୍ଲାଣ୍ଟକୁ ମଧ୍ୟ ସମ୍ପ୍ରସାରଣ କରାଯିବ। ୩ ପର୍ଯ୍ୟାୟରେ ବାର୍ଷିକ ୨୪ ମିଲିୟନ ଟନ୍ କ୍ଷମତା ବିଶିଷ୍ଟ ପ୍ଲାଣ୍ଟ ନିର୍ମିତ ହେବ। ଏହି ପ୍ରକଳ୍ପରେ ୩୩୯୬.୫୧ କୋଟି ଟଙ୍କା ନିବେଶରେ ଅତିରିକ୍ତ ୯୫୪ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବ। ଅନୁରୂପ ଭାବେ ଓଡିଶା ମେଟାଲିକ୍ସ ପ୍ରାଃ ଲିଃରେ ବାର୍ଷିକ ୧.୨ ମିଲିୟନ ଟନ୍ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟ ସହ ୨୨୫ ମେଗାୱାଟ ସିପିପି କେନ୍ଦୁଝର ଜିଲାରେ ପ୍ରତିଷ୍ଠା ହେବ। ଏହି ପ୍ରକଳ୍ପରେ ୨୧୦୦ କୋଟି ଟଙ୍କାର ନିବେଶରେ ୨୮୦୦ ଲୋକଙ୍କ ପାଇଁ ନିଯୁକ୍ତି ସୃଷ୍ଟି ହେବ ଲକ୍ଷ୍ୟ ରଖାଯାଇଛି।

# ଦିଲ୍ଲୀ ଜଳୁଥିବା ବେଳେ ସିଏଏ ସପକ୍ଷ ରାଲି ଦୁର୍ଭାଗ୍ୟଜନକ: ସୁରେଶ



ଖବରଦାତା ସମ୍ମିଳନୀରେ ବିଧାୟକ ସୁରେଶ ରାଉତରାୟ ଓ ଅନ୍ୟ କଂଗ୍ରେସ ନେତା।

ଭୁବନେଶ୍ୱର, ୨୯।୨(ବ୍ୟୁରୋ)

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଥିବାବେଳେ ରାଜଧାନୀ ଭୁବନେଶ୍ୱରରେ ଭାଜପା ପକ୍ଷରୁ ଆୟୋଜିତ ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ) ସପକ୍ଷ ରାଲିରେ ଉଦ୍‌ବୋଧନ ଦେଇଥିଲା। ଶାହା ନିଜର ୧୬ ମିନିଟ୍‌ର ବକ୍ତବ୍ୟରେ ବିରୋଧୀ କଂଗ୍ରେସକୁ ସର୍ବାଧିକ ଟାର୍ଗେଟ କରିଥିଲେ। ସିଏଏ ବିରୋଧରେ ଜନତାଙ୍କୁ କଂଗ୍ରେସ ମତାଇ ହିଂସାକାଣ୍ଡ ସୃଷ୍ଟି କରୁଥିବା କହିଥିଲେ। ସେହିପରି କଂଗ୍ରେସ ଶାସନ ସମୟ ତୁଳନାରେ ବର୍ତ୍ତମାନ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଓଡ଼ିଶାକୁ ଅଧିକ ଅର୍ଥ ଦେଉଥିବା କହିଥିଲେ। ଶାହାଙ୍କ ଏପରି ବକ୍ତବ୍ୟକୁ ନେଇ ପ୍ରଦେଶ କଂଗ୍ରେସ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି।

ବରିଷ୍ଠ କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ କଂଗ୍ରେସ ଭବନରେ ଖବରଦାତା ସମ୍ମିଳନୀ କରି ଭାଜପାକୁ ଟାର୍ଗେଟ କରିଛନ୍ତି। ସୁରେଶ କହିଛନ୍ତି ଯେ, ଅମିତ ଶାହା ଦେଶରେ ଗୁଜରାଟ ମଡେଲ ଦଙ୍ଗା କରାଇବା ପାଇଁ ଷଡ଼ଯନ୍ତ୍ର କରୁଛନ୍ତି। ଭାରତର ରାଜଧାନୀ ଦିଲ୍ଲୀ ଜଳୁଥିବା ବେଳେ ଶାହା ଆସି ଓଡ଼ିଶାରେ ସିଏଏ ସମର୍ଥନରେ ରାଲି କରିବା ଦୁର୍ଭାଗ୍ୟଜନକ। ଯେଉଁ ସମୟରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ଦିଲ୍ଲୀ ହାଇକୋର୍ଟ ଓ ସୁପ୍ରିମକୋର୍ଟ ଭର୍ତ୍ସନା କରିଛନ୍ତି, ସେ ସମୟରେ ଦିଲ୍ଲୀର ଦଙ୍ଗା ପୀଡିତଙ୍କ ସମସ୍ୟା ନ ବୁଝି ଓଡ଼ିଶା ଆସି ସିଏଏ ବିଷୟରେ ବୁଝାଇବା କେତେଦୂର ସମୀଚୀନ ବୋଲି ସୁରେଶ ପ୍ରଶ୍ନ କରିଛନ୍ତି। ସେହିଭଳି ପୂର୍ବତନ ଆରବିଆଇ ଗଭର୍ନର ରଘୁରାମ ରାଜନ, ନୋବେଲ ପୁରସ୍କାର ବିଜେତା ଅର୍ଥନୀତିଜ୍ଞ ଅଭିଜିତ୍ ବାନାର୍ଜୀ ଭାରତର ଅର୍ଥନୀତି ଭୁଶୁଡ଼ି ପଡ଼ିଛି ବୋଲି ମତ ଦେଇସାରିଲେଣି। ହେଲେ କେନ୍ଦ୍ର ସରକାର ଏହାକୁ ସ୍ୱୀକାର କରୁନାହାନ୍ତି। ବିଜେଡି ସହ ଭାଗୁଆଳି ଭାବେ ଶାସନ କରିବା ସମୟରେ ହିଁ କନ୍ଧମାଳରେ ଭୟାନକ ଦଙ୍ଗା ହୋଇଥିଲା। ଭାରତୀୟ ସେନା ପାଇଁ ଭାଜପା ସରକାରର ଅସଲ ମନୋଭାବ ପଦାରେ ପଡ଼ିଯାଇଛି। ସୀମାରେ ଜଗିଥିବା ଯବାନମାନଙ୍କୁ ଉପଯୁକ୍ତ ଖାଦ୍ୟ, ପୋଷାକ ଓ ଜୋତା ଦିଆଯାଉ ନାହିଁ ବୋଲି ସିଏଜି ରିପୋର୍ଟରେ ଉଲ୍ଲେଖ କରାଯାଇଛି। କଂଗ୍ରେସ ପ୍ରାକ୍ ସ୍ୱାଧୀନତା କାଳରୁ ଦେଶବାସୀଙ୍କ ସହ ରହିଆସିଥିବାବେଳେ ଭାଜପାର ମୂଳ ସଂଗଠନ ଆରଏସ୍‌ଏସ୍ ବ୍ରିଟିଶ ସରକାରର ଗୋଲାମଗିରି କରୁଥିଲା। ଆଜିର ବିକଶିତ ଭାରତ କେବଳ କଂଗ୍ରେସ ସରକାରର ସୁଶାସନର ପ୍ରତିଫଳନ। ସେହିପରି ଆଗକୁ ରାଜ୍ୟ ସଭା ନିର୍ବାଚନ ଆସୁଛି। ପୂର୍ବଥର ଭଳି ବିଜେଡି-ଭାଜପା ଏକ ହୋଇ କୌଣସି ପ୍ରାର୍ଥୀଙ୍କୁ ଯେ ନ ପଠାଇବେ, ସେ କଥା କିଏ କହିବ ବୋଲି ସୁରେଶ କହିଥିଲେ।

## ଖଣ୍ଡନ କଲା ଭାଜପା

ଅପରପକ୍ଷରେ ଭାଜପା ପକ୍ଷରୁ ପୃଥ୍ୱୀରାଜ ହରିଚନ୍ଦନ କଂଗ୍ରେସର ଆରୋପକୁ ଖଣ୍ଡନ କରିଛନ୍ତି। ପୃଥ୍ୱୀରାଜ କହିଛନ୍ତି ଯେ, କଂଗ୍ରେସ ଦେଶ ଏବଂ ରାଜ୍ୟରେ ନିଜ ସ୍ଥିତି ହରାଇଛି। ଭାଜପା ଦେଶକୁ ପ୍ରଗତିପଥରେ ନେଉଛି। ତେଣୁ ଜନତାଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇଥିବା ଦଳର କୌଣସି କଥାକୁ ଗୁରୁତ୍ୱ ଦିଆଯିବା ଆବଶ୍ୟକ ନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ଆପଣଙ୍କ ରାଶିରେ ଶୁକ୍ରଙ୍କ ସହ ଚନ୍ଦ୍ରଙ୍କ ସଂଯୋଗରୁ ମନ ପ୍ରଫୁଲ୍ଲ ରହିବା ସହ ହସଖୁସିରେ ଦିନଟି ଅତିବାହିତ ହେବ। ସମ୍ପର୍କୀୟ ବନ୍ଧୁ ସାହାଯ୍ୟ କରିବେ। ଏହା ସାଙ୍ଗକୁ ସୁଖଭ୍ରମଣ ଯୋଗ ମଧ୍ୟ ରହିଛି। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇନେବେ। କର୍ମକ୍ଷେତ୍ରରେ ସମ୍ମାନଜନକ ସ୍ଥିତିରେ ରହିବା ସହ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ବୃଷ**
ବିଳାସକାରକ ଗ୍ରହଙ୍କ ଶୁଭ ସଂସ୍ଥାନରୁ ମନୋରଞ୍ଜନ ପ୍ରିୟ ହେବେ ଏବଂ ତତ୍ ସମ୍ପର୍କିତ ଉପକରଣ କ୍ରୟ କରିବେ। କର୍ମକ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବା ସାଙ୍ଗକୁ ଅର୍ଥଲାଭ ମଧ୍ୟ ହେବ। ରୁକ୍ଷ ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେବା ସହ ସନ୍ତାନ ହେତୁକ ଦ୍ୱନ୍ଦ୍ୱର ସମ୍ମୁଖୀନ ହେବେ। ବ୍ୟବସାୟିକ ସ୍ଥିତି ପୂର୍ବ ପରି ରହିବ।

**ମିଥୁନ**
ପ୍ରତ୍ୟେକ କ୍ଷେତ୍ରରେ ଶନିଙ୍କ ପ୍ରଭାବ କାମକୁ ବିଳମ୍ବ ଓ ସମସ୍ୟାବହୁଳ କରିବ। କିନ୍ତୁ ଏକାଦଶସ୍ଥ ଗ୍ରହ ଆପଣଙ୍କ ଆଶା ଓ ଅଭିଳାଷକୁ ପୂର୍ଣ୍ଣ କରିବାରେ ପଶ୍ଚାଦ୍‌ପଦ ହେବନାହିଁ। ବନ୍ଧୁମାନଙ୍କ ସହ ସାଧାରଣ କଥାକୁ କେନ୍ଦ୍ରକରି ମନାନ୍ତରର ଆଶଙ୍କା ରହିଛି। କଳା, କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**କର୍କଟ**
ପ୍ରତ୍ୟେକ ଦୃଷ୍ଟିକୋଣରୁ ଦିନଟି ବହୁତ ଭଲ, ଅବଶ୍ୟ ଖର୍ଚ୍ଚାନ୍ତ ହେଲେ ମଧ୍ୟ ସୁଯୋଗର ସଦୁପଯୋଗ କରିବାରେ ସଫଳ ହେବେ। କିନ୍ତୁ ଅଶ୍ଳେଷା ନକ୍ଷତ୍ର ମନକଥା ମନରେ ରଖିପାରିବେ ନାହିଁ, ଅନ୍ୟକୁ କହି ସମସ୍ୟାକୁ ଡାକି ଆଣିବେ। ପାରିବାରିକ କ୍ଷେତ୍ରରେ ସ୍ତ୍ରୀଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ବିଶେଷ ଭାବରେ ଉପକୃତ ହେବେ।

**ସିଂହ**
ପୂର୍ବ ପରିକଳ୍ପିତ କାର୍ଯ୍ୟାରମ୍ଭ କଲେ କୌଣସି ଅସୁବିଧା ହେବନାହିଁ। ତଥାପି ପ୍ରତ୍ୟେକ କ୍ଷେତ୍ରରେ ନୂତନ ପଦକ୍ଷେପ ନେବା ପୂର୍ବରୁ ଭଲ ଭାବରେ ଚିନ୍ତା କରିବା ଭଲ ହେବ। ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ବନ୍ଧୁମାନଙ୍କ ସାହାଯ୍ୟରେ ସଫଳତା ହାସଲ କରିବେ। ସ୍ଥଗିତ କାମ ସକାଶେ ଉପରିସ୍ଥଙ୍କୁ କୈଫିୟତ୍ ଦେବାକୁ ପଡ଼ିପାରେ।

**କନ୍ୟା**
ଧନ ସ୍ଥାନକୁ ଗ୍ରହଙ୍କ ଦୃଷ୍ଟି ଆପଣଙ୍କୁ ଅର୍ଥ ସାଙ୍ଗକୁ ମନ ଚାହୁଁଥିବା ସୁବିଧା ସୁଯୋଗ ମଧ୍ୟ ପ୍ରଦାନ କରିବ। ହସ୍ତା ନକ୍ଷତ୍ର ଅସୁବିଧା କ୍ଷେତ୍ରରେ ନେତୃ ସ୍ଥାନୀୟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଉପକୃତ ହେବେ। ପାରିବାରିକ କ୍ଷେତ୍ରରେ ରହିଥିବା ସମସ୍ୟା ସମାଧାନ ହୋଇଯିବ। ଅସ୍ଥିରତା ଦେଖାଦେଲେ ମଧ୍ୟ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାକୁ ସମର୍ଥ ହେବେ।

**ତୁଳା**
ଆପଣଙ୍କ ମନ ଯେମିତି, କାମ ମଧ୍ୟ ତଦନୁରୂପ ହେବାରେ କୌଣସି ଅସୁବିଧା ରହିବ ନାହିଁ। ଚେଷ୍ଟା କରୁଥିବା କାର୍ଯ୍ୟ ହାସଲ ସକାଶେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି।

**ବିଛା**
ଗ୍ରହ ସ୍ଥିତି ଅନୁକୂଳ ରହିଥିଲେ ମଧ୍ୟ କୌଣସି ପରିସ୍ଥିତି ଆପଣଙ୍କୁ ଅସ୍ଥିରତା ପ୍ରଦାନ କରିପାରେ। କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ପ୍ରତିକୂଳତା କାରଣରୁ ଆଜିହିଁ ସମ୍ପନ୍ନ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନି। ଯାତ୍ରା, ବ୍ୟବସାୟ ଓ ପରିବହନରେ ବିଶେଷ ଉନ୍ନତି କରିବେ।

**ଧନୁ**
ଆପଣ ଧନୁ ପରି ନଇଁଯିବେ ସିନା କୌଣସି କ୍ଷେତ୍ରରେ ଭାଙ୍ଗପଡିବେ ନାହିଁ। ଏହି କାରଣରୁ ପରିବାର, ବନ୍ଧୁବର୍ଗ, ସାହିପଡ଼ିଶା ପ୍ରତ୍ୟେକ ଦିଗରୁ ଅପ୍ରିୟତା ମାଡ଼ି ଆସିବ। ଆକସ୍ମିକ ଭାବରେ ସ୍ଥାନାନ୍ତର କିମ୍ବା ନୂତନ କର୍ମସଂସ୍ଥାନ ପାଇଁ ମନ ବଳିପାରେ। ନୂତନ ଗୃହୋପକରଣ କ୍ରୟ କରିପାରନ୍ତି ଏବଂ ସମ୍ପର୍କରେ ନ୍ୟୂନତାରୁ କ୍ଷୋଭ ପ୍ରକାଶ ମଧ୍ୟ କରିପାରନ୍ତି।

**ମକର**
ସବୁ ଦିଗରୁ ଭଲ ଥିଲେ ମଧ୍ୟ ଯାହା ମନକୁ ଆସିଲା ତାହା କହିବା ଓ କରିବା ସମସ୍ୟାର କାରଣ ହେବ। ଯେତେ ଚେଷ୍ଟା କଲେ ମଧ୍ୟ କାମରେ ପ୍ରତିବନ୍ଧକ ଯୋଗୁ ଅଗ୍ରଗତି ହୋଇ ପାରିବ ନାହିଁ। ବ୍ୟାବହାରିକ ବିଷମତା ଜନିତ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତାପ୍ରକଟ କରିବେ। ତଥାପି ପରକ୍ଷଣରେ ସମସ୍ୟା ସମାଧାନ ପାଇଁ ଚେଷ୍ଟିତ ହୋଇପାରନ୍ତି।

**କୁମ୍ଭ**
ଏକାଦଶସ୍ଥ ଉଚ୍ଚାରୋହୀ ମଙ୍ଗଳଙ୍କ ଯୋଗୁ କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନିଧ୍ୟରେ ଆସିବେ। କିନ୍ତୁ ପରିବାରରେ ପିଲାମାନଙ୍କ ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ନିଜ ଦୋଷକୁ ଅସ୍ୱୀକାର କରି ପାଖରେ ନ ଥିବା ଜିନିଷଟି ପାଇଁ ପରିବାରରେ ବିବାଦ ବଢ଼ିବ। ଆର୍ଥିକ, ବ୍ୟବସାୟିକ କ୍ଷେତ୍ର ଭଲ ରହିବା ସହ ବିବାଦୀୟ କ୍ଷେତ୍ରରେ ବିଜୟୀ ହେବେ।

**ମୀନ**
କେତୁଙ୍କ କୁପ୍ରଭାବରେ ଅପରିଣାମଦର୍ଶୀ ହୋଇ କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି। ତଥାପି ସମସ୍ୟା ସମାଧାନ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିବେ। ଅର୍ଥ ସଂକଟ ରହିଥିଲେ ମଧ୍ୟ ନୂତନ କାର୍ଯ୍ୟାରମ୍ଭରେ କୃତକାର୍ଯ୍ୟ ହେବେ। ବନ୍ଧୁମାନଙ୍କ ସହଯୋଗରେ ନିଜ ପରିସରରେ ପ୍ରାଧାନ୍ୟ ବିସ୍ତାର କରିପାରନ୍ତି।

ଆଜି ଫାଲ୍‌ଗୁନ ଶୁକ୍ଳ ଷଷ୍ଠୀ ଯୁକ୍ତ ସପ୍ତମୀ, ମାର୍ଚ୍ଚ ୧ ତାରିଖ, ରବିବାର, ରାଶି ନକ୍ଷତ୍ର-କୃତିକା/ମେଷ, ଦିବା ଘ୨ ।୧୬ମି. ଗତେ, ବୃଷ ଚନ୍ଦ୍ର, ମେଷ ରାଶିର ଘାତବାର, ପୂର୍ବାହ୍ନେ ମେଷ ରାଶି ଏବଂ ଅପରାହ୍ନେ, ବିଛା ରାଶିର ଘାତଚନ୍ଦ୍ର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୬ ।୫୬ମି. ଗତେ ଘ୧୦ ।୦୨ମି. ମଧ୍ୟେ ଅମୃତବେଳା। ଦିବା ଘ୯ ।୦୩ମି. ଗତେ ଘ୧୦ ।୩୦ମି. ମଧ୍ୟେ ଘ୧ ।୨୦ମି. ଗତେ ଘ୨ ।୪୬ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୪ ।୨୦ମି. ଗତେ ଘ୫ ।୪୮ମି. ମଧ୍ୟେ ରାହୁକାଳ।

ସାଧାରଣ ଜୀବନଟି ହେଉଛି–ବହୁବିଧ ଆକାଂକ୍ଷା ଓ ପ୍ରଲୋଭନର ଗୋଟିଏ ଗତାନୁଗତିକ ପରିକ୍ରମା। ଯେତେଦିନ ପର୍ଯ୍ୟନ୍ତ ବ୍ୟକ୍ତି ତହିଁରେ ବ୍ୟସ୍ତ ରହିଥାଏ, ସେତେଦିନ ପର୍ଯ୍ୟନ୍ତ ତା'ର କୌଣସି ସ୍ଥାୟୀ ଅଗ୍ରଗତି ହୁଏ ନାହିଁ। –ଶ୍ରୀମା

# ମିଛ ଆଶ୍ୱାସନା



ଆକାର ପଟେଲ

ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରିମାସୀରେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ପୁଣି ୪.୭ ପ୍ରତିଶତକୁ କମିଯାଇଛି। ଗତ ଛଅବର୍ଷ ଭିତରେ ଏହା ସବୁଠାରୁ କମ୍। କିନ୍ତୁ ଆମ ଅର୍ଥନୀତି ବେଶି ଖରାପ ହୋଇଯାଇ ନାହିଁ ଭାବି ଅର୍ଥମନ୍ତ୍ରୀ ଆଶ୍ୱସ୍ତ ଅଛନ୍ତି। ତାଙ୍କ ଅମଲାତନ୍ତ୍ରୀମାନେ ଏହାକୁ 'ବଟମିଙ୍ଗ୍ ଆଉଟ୍' ବୋଲି କହି ମିଛ ଆଶ୍ୱାସନା ଦେଇଛନ୍ତି। ଅର୍ଥାତ୍ ଏହା ଆଉ ଖରାପ ହେବ ନାହିଁ ଏବଂ ଏଇଠୁ ଉପରକୁ ଉଠିବ। କିନ୍ତୁ ଏହା ସତ ନୁହେଁ। ମୋଦି ସରକାର ଏ ବାବଦରେ ତଥ୍ୟ ପ୍ରକାଶ କରିବା ଅବସରରେ ପୂର୍ବ ତ୍ରିମାସୀଗୁଡ଼ିକର ତଥ୍ୟରେ ସଂଶୋଧନ କରିଛନ୍ତି। ଅର୍ଥାତ୍ ୨୦୧୯–୨୦ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରିମାସୀରେ ଘୋଷିତ ୪.୫୫ ପ୍ରତିଶତକୁ ୫.୧ ପ୍ରତିଶତ ଭାବେ ଏବଂ ପ୍ରଥମ ତ୍ରିମାସୀରେ ଘୋଷିତ ୫ ପ୍ରତିଶତକୁ ୫.୬ ପ୍ରତିଶତ ଭାବେ ସଂଶୋଧନ କରିଛନ୍ତି। ସୁତରାଂ ଜାନୁୟାରୀ–ମାର୍ଚ୍ଚ ୨୦୧୮ରୁ ଏ ପର୍ଯ୍ୟନ୍ତ ୮ଟି ତ୍ରିମାସୀରେ ଅଭିବୃଦ୍ଧି ହାର ଯଥାକ୍ରମେ ୮.୧%, ୭.୯%, ୭%, ୬.୫%, ୫.୮%, ୫.୬%, ୫.୧% ଓ ବର୍ତ୍ତମାନ ୪.୭% ହୋଇଛି ବୋଲି ସରକାର ଘୋଷଣା କରିଛନ୍ତି। କ୍ରମାଗତ ଭାବେ ଗତ ୮ଟି ତ୍ରିମାସୀରେ ଅଭିବୃଦ୍ଧି ହାର କମିବାରେ ଲାଗିଛି। ଏହାପରେ ଆଉ କମିବ ନାହିଁ ବୋଲି କିଏ କହିପାରିବ ? ଆମେ ଯଦି ବି ଉକ୍ତ ସରକାରୀ ତଥ୍ୟକୁ ଠିକ୍ ବୋଲି ମାନିନେଉ, ତଥାପି ଏଥିରେ କେବଳ କମିବାର ଦୃଶ୍ୟ ହିଁ ଦେଖିବାକୁ ମିଳୁଛି। ସରକାର କହୁଛନ୍ତି ୨୦୧୯–୨୦ ଆର୍ଥିକ ବର୍ଷର ହାରାହାରି ଅଭିବୃଦ୍ଧି ୫ ପ୍ରତିଶତ ହେବ। ଭାରତରେ ବିଶ୍ୱସନୀୟ ଭାବେ ଔପଚାରିକ କ୍ଷେତ୍ର ବାହାରେ ତଥ୍ୟ ସଂଗ୍ରହ କରିବା କଷ୍ଟକର। ପୁନଶ୍ଚ ଗତବର୍ଷରେ ଔପଚାରିକ କ୍ଷେତ୍ର ପ୍ରବଳଭାବେ କ୍ଷତିଗ୍ରସ୍ତ ହୋଇଛି। ଦୁଇଟି କ୍ରମିକ ତ୍ରିମାସୀରେ ଉଭୟ ବିକ୍ରୟ ଓ ଲାଭ କ୍ଷେତ୍ରରେ ବିୟୁକ୍ତାତ୍ମକ ଅଭିବୃଦ୍ଧି ଘଟିଛି। ଭାରତୀୟ ଅର୍ଥନୀତି ପର୍ଯ୍ୟବେକ୍ଷଣ କେନ୍ଦ୍ରର କହିବା ଅନୁସାରେ, ୨୦୧୯–୨୦ର ଅକ୍ଟୋବର–ଡିସେମ୍ବର ତ୍ରିମାସୀରେ କର୍ପୋରେଟ୍ ବିକ୍ରୟ ୧.୨% ହ୍ରାସ ପାଇଛି (ପୂର୍ବ ତ୍ରିମାସୀରେ ତାହା ୨.୮% ହ୍ରାସ ପାଇଥିଲା) ଏବଂ ଟିକସ ପ୍ରଦାନ ପୂର୍ବର ଲାଭ ୧୦ ପ୍ରତିଶତ ହ୍ରାସ ପାଇଛି (ପୂର୍ବ ତ୍ରିମାସୀରେ ତାହା ୬୦% ହ୍ରାସ ପାଇଥିଲା)। ଏଥିରୁ ବଟମିଙ୍ଗ୍ ଆଉଟ୍ ବା ଏଇଠୁ ଉପରକୁ ଉଠିବାର ସୂଚନା ମିଳୁନାହିଁ। ପୂର୍ବବର୍ଷ ତୁଳନାରେ ପୁଞ୍ଜିନିବେଶ ୫.୨ ପ୍ରତିଶତ ହ୍ରାସ ପାଇଛି। ପୂର୍ବ ତ୍ରିମାସୀରେ ତାହା ୪.୨ ପ୍ରତିଶତ ହ୍ରାସ ପାଇଥିଲା, ଅର୍ଥାତ୍ ଏବେ ଆହୁରି କମିଛି। ସରକାର ଆଶା କରୁଛନ୍ତି ପୂରା ବର୍ଷ ପାଇଁ ଏହା ବିୟୁକ୍ତାତ୍ମକ ରହିବ, ଅର୍ଥାତ୍ ପୂର୍ବବର୍ଷ ତୁଳନାରେ କମ୍ ପୁଞ୍ଜିନିବେଶ ହେବ।

ଚାଇନାର ଜଣେ ନେତା ଲି କେକ୍ୱିଆଙ୍ଗ୍ ଅଭିବୃଦ୍ଧି ଆକଳନ କରିବା ପାଇଁ ଏକ ପଦ୍ଧତିର ବିକାଶ କରିଛନ୍ତି। ଏଥିପାଇଁ ସେ ରେଳଗାଡ଼ିରେ ପରିବହନ ହେଉଥିବା ସାମଗ୍ରୀର ପରିମାଣ, ବ୍ୟାଙ୍କ ଋଣ ଓ ବିଜୁଳିଶକ୍ତିର ବ୍ୟବହାର ଉପରେ ମିଳୁଥିବା ନିର୍ଭରଯୋଗ୍ୟ ତଥ୍ୟ ଉପରେ ଭରସା କରିଥାନ୍ତି। ଏ ତିନୋଟି କ୍ଷେତ୍ରରେ ଭାରତ ବିୟୁକ୍ତାତ୍ମକ ରହିଛି। ନିର୍ମାଣ କ୍ଷେତ୍ର ପୁନରପି ସଂକୁଚିତ ହୋଇଯାଇଛି। ଏହା ଆଶ୍ଚର୍ଯ୍ୟଜନକ କାରଣ ମୋଦି ନିଜେ ମେକ୍ ଇନ୍ ଇଣ୍ଡିଆ ଯୋଜନା ଦ୍ୱାରା ଅର୍ଥନୈତିକ ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦେଉଛନ୍ତି। ତାଙ୍କର ଏହି ଯୋଜନା କେବଳ ବିଫଳ ହୋଇନାହିଁ ବରଂ ଜିଡିପିରେ ନିର୍ମାଣ କ୍ଷେତ୍ରର ଅଂଶ ହ୍ରାସ ପାଇଛି। ବେକାରି ଏବେ ୮% ରହିଛି ଏବଂ ଦୀର୍ଘଦିନ ହେଲା ଏହା ତା'ରି ପାଖାପାଖି ରହିଆସିଛି। ଏ କ୍ଷେତ୍ରରେ ସରକାର ତାଙ୍କ ତଥ୍ୟ ପ୍ରକାଶ କରୁନାହାନ୍ତି କାରଣ ଗତ ପାଞ୍ଚ ଦଶନ୍ଧି ଭିତରେ ଏହା ସର୍ବନିମ୍ନ ହୋଇଥିବାରୁ ଏହାଦ୍ୱାରା ସରକାରଙ୍କ ବିଫଳତା ପ୍ରମାଣିତ ହେବ।

ସରକାର ନିଜର ସଂଗୃହୀତ ତଥ୍ୟ ପ୍ରକାଶ କରୁ ନ ଥିବା ବେଳେ ଘର ଘର ବୁଲି ତଥ୍ୟ ସଂଗ୍ରହ କରିବାରେ ନୂଆ ସମସ୍ୟା ଉଭା ହୋଇଛି। ଚଳିତ ମାସରେ ହାଇଦ୍ରାବାଦରେ ଜାତୀୟ ନମୁନା ସର୍ବେକ୍ଷଣ କାର୍ଯ୍ୟାଳୟର ତଥ୍ୟ ସଂଗ୍ରହକାରୀମାନେ ଲୋକେ ଗମନାଗମନରେ କେତେ ଖର୍ଚ୍ଚ କରନ୍ତି ଜାଣିବା ପାଇଁ ଯାଇଥିବା ବେଳେ ବିରୋଧର ସମ୍ମୁଖୀନ ହୋଇ କାର୍ଯ୍ୟ ବନ୍ଦ କରିଦେଇଛନ୍ତି। ଜାତୀୟ ନାଗରିକ ପଞ୍ଜୀକରଣ (ଏନ୍ଆରସି) ସହ ଏହାର ସମ୍ବନ୍ଧ ଅଛି ବୋଲି ସନ୍ଦେହ କରି ଲୋକେ ତଥ୍ୟ ଦେବାକୁ ମନା କରିଦେଇଥିଲେ। ଯଥାସମୟରେ ସର୍ଭେ ରିପୋର୍ଟ ଦେଇହେବ ନାହିଁ ଏବଂ ଦେବା ମୋଟେ ସମ୍ଭବ ନ ହୋଇପାରେ ବୋଲି ହାଇଦ୍ରାବାଦରେ ଏନ୍ଏସ୍ଏସ୍ଓ ଯୁଗ୍ମ ନିର୍ଦ୍ଦେଶକ କହିଛନ୍ତି। ଏହା ହେଉଛି ଏବେ ଦେଶର ଅବସ୍ଥା। ବିନା ତଥ୍ୟରେ ସରକାର କିଛି କରିପାରିବେ ନାହିଁ।

ଭାଜପା ସରକାର କେବଳ ବିଭାଜନକାରୀ ରାଜନୀତି ଉପରେ ଗୁରୁତ୍ୱ ଦେଇ ଦେଶର ଆର୍ଥିକ ଅଭିବୃଦ୍ଧି କିପରି ବଢ଼ିବ ତା' ଉପରେ ଆଦୌ ଗୁରୁତ୍ୱ ଦେଉନାହାନ୍ତି। ଦିଲ୍ଲୀ ହିଂସା ଘଟଣା ବିଶ୍ୱ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଦେଶର ସମ୍ମାନରେ ଆଞ୍ଚ ଆସିଛି। କରୋନା ଭାଇରସ୍‌କୁ ନେଇ ବିଶ୍ୱ ଅର୍ଥନୀତି ବେଶ୍ ପ୍ରଭାବିତ ହୋଇଛି। ଚାରି ସପ୍ତାହ ପରେ ଜାତୀୟ ଜନସଂଖ୍ୟା ପଞ୍ଜିକା ପାଇଁ ତଥ୍ୟ ସଂଗ୍ରହ ଆରମ୍ଭ ହେବ। କିନ୍ତୁ ଭାଜପା–ନିୟନ୍ତ୍ରିତ ବିହାର ସମେତ ଅନେକ ରାଜ୍ୟ ମୋଦି ସରକାରଙ୍କ ଏନ୍ପିଆର୍ ଯୋଜନାକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ପୁନଶ୍ଚ ତଥ୍ୟ ସଂଗ୍ରହକାରୀମାନଙ୍କୁ ବିଭିନ୍ନ ସ୍ଥାନରେ ହାଇଦ୍ରାବାଦ ଭଳି ବିରୋଧର ସମ୍ମୁଖୀନ ହେବାକୁ ପଡ଼ିପାରେ। ଅର୍ଥନୈତିକ ଓ ସାମାଜିକ ଦୃଷ୍ଟିରୁ ଭାରତ ଏବେ ଅତ୍ୟନ୍ତ ଖରାପ ସ୍ଥିତିରେ ଅଛି। ତେଣୁ ସରକାର ଏ ସବୁ ଉପରେ ଦୃଷ୍ଟି ଦେଇ ସକାରାତ୍ମକ ଆଭିମୁଖ୍ୟ ଗ୍ରହଣ କରିବା ଉଚିତ।

Email: aakar.patel@gmail.com

## ଚିରନ୍ତନୀ

ପଉଷ ପଥ ଉତ୍ତରା ହେ
ଉତ୍ତରୀୟ ତବ
ଉଡ଼ାଇ ଦେଲେ ଅଖିଳ ପ୍ରାଣେ
ଲଗାଅ ଅନୁଭବ।
(ପଉଷ ସନ୍ଧ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | | 1 | 5 | 6 | | | | | | | 8 | | | |
| | 3 | | 7 | | | 8 | | | | | 6 | E | B | 4 |
| | | 0 | D | 4 | | | | | 3 | 9 | | 1 | 2 | |
| | | | | | | C | | | | 7 | 2 | 0 | 5 | |
| | D | | E | | 8 | | 0 | | 1 | | | | | 3 |
| E | B | | | | 7 | | | | 8 | | 0 | | 3 | 2 |
| 3 | 5 | | | | | | E | | 9 | 4 | | A | | |
| | 9 | | | E | 1 | | | A | B | | | 4 | | |
| | | | | | | | | B | A | | | | | |
| | | | | | 6 | 2 | | 4 | E | | | | 7 | 5 |
| | C | | | D | | | B | 2 | | | | | A | |
| | | | | | | 0 | 4 | 6 | | | E | 9 | C | |
| 4 | | | | | | | A | | C | | | 5 | | |
| 5 | | 3 | | C | | 7 | | D | | | | | 1 | |
| | | 7 | 3 | | A | | | | | | B | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 6 | 9 | C | E | 0 | 2 | 8 | 5 | B | D | 4 | 1 | A | 7 |
| 2 | D | B | 9 | 5 | A | 4 | 6 | E | 1 | 7 | 3 | 8 | C | 0 |
| 0 | A | 7 | 6 | 3 | 2 | 1 | 9 | D | C | 8 | 5 | E | B | 4 |
| E | 4 | 1 | 8 | B | 7 | C | 0 | A | 2 | 9 | 6 | 3 | D | 5 |
| C | 8 | 5 | 4 | 1 | D | B | 3 | 7 | A | E | 0 | 6 | 9 | 2 |
| 7 | B | 2 | D | A | E | 0 | 4 | 9 | 5 | 6 | 8 | C | 1 | 3 |
| A | 3 | C | 7 | 0 | 6 | 5 | E | 1 | D | 2 | B | 9 | 4 | 8 |
| 5 | 0 | D | 1 | 8 | 9 | 7 | 2 | 3 | 4 | A | C | B | 6 | E |
| 9 | E | 8 | 5 | C | 4 | D | B | 6 | 3 | 1 | 7 | 2 | 0 | A |
| 4 | 1 | 6 | 3 | 2 | B | A | C | 8 | 9 | 0 | E | 5 | 7 | D |
| 1 | 5 | E | A | 7 | 8 | 6 | D | B | 0 | 3 | 9 | 4 | 2 | C |
| D | C | 4 | 0 | 6 | 5 | 3 | 1 | 2 | 8 | B | A | 7 | E | 9 |
| B | 9 | 3 | 2 | D | C | E | 5 | 0 | 7 | 4 | 1 | A | 8 | 6 |
| 8 | 2 | A | E | 4 | 1 | 9 | 7 | C | 6 | 5 | D | 0 | 3 | B |
| 6 | 7 | 0 | B | 9 | 3 | 8 | A | 4 | E | C | 2 | D | 5 | 1 |

ଗତକାଲିର ଉତ୍ତର

# ଗୀତାର ପ୍ରାସଙ୍ଗିକତା



ଶରତ ଚନ୍ଦ୍ର ମିଶ୍ର

ମହାଭାରତ ଯୁଦ୍ଧ କଥା ପ୍ରାୟ ସମସ୍ତେ ଜାଣନ୍ତି। ସେହି ମହାଭାରତରେ ଭୀଷ୍ମ ପର୍ବର ୩୍ୟ ଅଧ୍ୟାୟରୁ ୪୨ ଅଧ୍ୟାୟକୁ 'ଭଗବଦ୍ ଗୀତା' ପର୍ବ ବୋଲି କୁହାଯାଏ। ଅନ୍ୟ ସମସ୍ତ ଧର୍ମପୁସ୍ତକ ଅପେକ୍ଷା 'ଗୀତା' ଅଧିକ ଭାବରେ ଲୋକଙ୍କ ହୃଦୟରେ ସ୍ଥାନ ଅଧିକାର କରିଛି। କୋର୍ଟ କଚେରିରେ ସାକ୍ଷୀମାନଙ୍କୁ ଗୀତା ଉପରେ ହାତ ରଖି ଶପଥ ନେବାକୁ ହୁଏ। ଗୀତା ହେଉଛି ଦୁଇ ବ୍ୟକ୍ତିଙ୍କ କଥୋପକଥନ। ନର (ଅର୍ଜୁନ) ଓ କୃଷ୍ଣରୂପୀ ନାରାୟଣଙ୍କର ଯୁଦ୍ଧ କ୍ଷେତ୍ରରେ ବାର୍ତ୍ତାଳାପ। ଗୀତାର ୭୦୧ ଶ୍ଳୋକ ଅର୍ଜୁନଙ୍କ ବିଷାଦ ଯୋଗରୁ ଆରମ୍ଭହୋଇ ମୋକ୍ଷ ସନ୍ନ୍ୟାସ ଯୋଗରେ ଶେଷ ହୋଇଛି। ଗୀତାରେ ପରିବେଷିତ ସମସ୍ତ ଜ୍ଞାନ ବୈଦିକ ଜ୍ଞାନର ଅନ୍ତର୍ଭୁକ୍ତ। ବୈଦିକ ଯୁଗର ଯାଗଯଜ୍ଞର ପ୍ରାଧାନ୍ୟରେ ଏହି ଜ୍ଞାନ ଲୋପ ପାଇବା ସମୟରେ ଶ୍ରୀକୃଷ୍ଣ ଶୁଦ୍ଧ ବୈଦିକ ତତ୍ତ୍ୱ ଅର୍ଜୁନଙ୍କୁ ଗୀତାରେ ବୁଝାଇଛନ୍ତି। ସମଗ୍ର ଗୀତା ଉପନିଷଦ ବା ବେଦତତ୍ତ୍ୱର ସାରସଂଗ୍ରହ। ଗୀତା ସ୍ମୃତିରେ ଏକ ବଚନ ଅନୁସାରେ ଶ୍ରୀକୃଷ୍ଣ ସବୁ ଉପନିଷଦରୂପୀ ଗାଈଠାରୁ ଗୀତାମୃତରୂପୀ ଦୁଗ୍ଧ ଦୋହନ କରିଛନ୍ତି ଏବଂ ଅର୍ଜୁନରୂପୀ ବାଛୁରି ତାହା ପ୍ରଥମେ ପାନ କରିବା ସହ ଦୋହନରେ ସାହାଯ୍ୟ କରିଛନ୍ତି। ସୁଧୀ ବା ସଜ୍ଜନମାନେ ସେଇ ଦୁଗ୍ଧ ପାନ କରିବା ଲୋକ। ମନୁଷ୍ୟର ଦାର୍ଶନିକ ପଥର ଏହା ଏକ ସ୍ୱୟଂସମ୍ପୂର୍ଣ୍ଣ ସଂଶ୍ଳେଷଣ। ବିଭିନ୍ନ ପଥ ହେଲା ଜ୍ଞାନ, ଭକ୍ତି, କର୍ମ ଓ ସନ୍ନ୍ୟାସ। ଆଲଡସ ହକ୍ସଲେଙ୍କ ମତରେ ଗୀତା ହେଉଛି ଚିରନ୍ତନ ଦର୍ଶନର ସର୍ବଶ୍ରେଷ୍ଠ ପଦ୍ଧତିଗତ ବିବରଣୀ।

ସମସ୍ତ ସୃଷ୍ଟି ଓ ଭକ୍ତଙ୍କ ପ୍ରତି ଦିବ୍ୟଶକ୍ତିଙ୍କର ଚିରନ୍ତନ ପ୍ରେମ ଓ ସ୍ନେହ, ଭାରତୀୟ ଦର୍ଶନରେ ଗୀତାର ଗୁରୁତ୍ୱପୂର୍ଣ୍ଣ ଅଭିନବକରଣ। ବୈଦିକ ଧର୍ମର କଠିନ କୃଚ୍ଛ୍ର ସାଧନାରେ ଗୀତା ହିଁ ପ୍ରଥମେ ଆବେଗପ୍ରବଣତାର ଶିକ୍ଷା ପ୍ରଦାନ କଲା। ଦୈବ ଶକ୍ତିକୁ ବ୍ୟକ୍ତିଗତ ସ୍ତରକୁ ନେଇ ଆସିବା ଓ ହୃଦୟ ମଧ୍ୟରେ ଅନୁଭବ କରିବା ଗୀତାରୁ ହିଁ ଆରମ୍ଭ। ବୈଦିକ ଯୁଗରେ ଏ ଚିନ୍ତାଧାରାର ପରିପ୍ରକାଶ ଥିଲେ ମଧ୍ୟ ଯଜ୍ଞ ଓ ତପସ୍ୟା ଏବଂ ବ୍ରାହ୍ମଣବାଦର ପ୍ରଭାବରେ ଏହା ଲୋପ ପାଇ ଯାଇଥିଲା। ଶ୍ରୀକୃଷ୍ଣ ସେଇ ଚିନ୍ତାଧାରାକୁ କୁରୁକ୍ଷେତ୍ର ଯୁଦ୍ଧରେ ଅର୍ଜୁନଙ୍କ ଆଗରେ ପୁନଃପ୍ରକାଶ କଲେ। ତେଣୁ ଶ୍ରୀକୃଷ୍ଣଙ୍କୁ ଏକ ନବପ୍ରବର୍ତ୍ତକ ବିବେଚନା ନ କରି ଏକ ପୁନଃପ୍ରବର୍ତ୍ତକ ବୋଲି ଭାବିବା ଠିକ୍ ହେବ। ଗୀତାର ଚିନ୍ତାଧାରା ଉପନିଷଦଗୁଡ଼ିକରେ ସ୍ଥାନିତ ଥିଲେ ମଧ୍ୟ ଜନମାନସରେ ଏହି ଧାର୍ମିକ ଭାବକୁ ଆଣିବାରେ ଗୀତା ହିଁ ସଫଳ ହେଲା। ମହାଭାରତ ଯୁଦ୍ଧ ଏକ ଐତିହାସିକ ସତ୍ୟ ଘଟଣା ହୋଇଥାଇପାରେ। ଗୀତାରେ ଏ ଯୁଦ୍ଧକୁ କେବଳ ଉପଲକ୍ଷ୍ୟ ଭାବରେ ଗ୍ରହଣ କରାଯାଇଛି। ମଣିଷ ଜୀବନର ଅନ୍ତର୍ଦାହ, ଅନ୍ତର୍ଯୁଦ୍ଧ, ଐଶ୍ୱରିକ ଚେତନା ଓ ଆସୁରିକ ଚେତନା ମଧ୍ୟରେ ସଂଘର୍ଷ, ଉଚିତ ଓ ଅନୁଚିତ ମଧ୍ୟରେ ସଂଘର୍ଷ ହିଁ ଗୀତାର ପ୍ରକୃତ କାହାଣୀ। ଜୀବନର ସମସ୍ତ ସମସ୍ୟାର ଜଟିଳତା ଓ ତାହାର ସମାଧାନ ନିମନ୍ତେ ଗୀତା ଦିଗ୍‌ଦର୍ଶନ ପ୍ରଦାନ କରେ।

ଭାରତର ଧର୍ମ ହିଁ ଆର୍ଯ୍ୟ ଧର୍ମ। ଏହା ପୃଥିବୀର ସର୍ବପ୍ରାଚୀନ ଜୀବନ୍ତ ଧର୍ମ। ଏ ଧର୍ମର ମୂଳମନ୍ତ୍ର ହେଉଛି ସମସ୍ତେ ନିଜ ନିଜର କର୍ତ୍ତବ୍ୟ ପ୍ରତି ଦୃଷ୍ଟି ଦେବେ। ଏଇ ନୀତିରେ ପ୍ରତିଷ୍ଠିତ ଆର୍ଯ୍ୟ ସଭ୍ୟତା ଅବିଚ୍ଛିନ୍ନ ଧାରାରେ ଚାଲିଛି। ଶ୍ରୀକୃଷ୍ଣ ଗୀତାରେ ସେଇଆ ହିଁ କହିଛନ୍ତି। ଶ୍ରୀକୃଷ୍ଣ ଗୀତାରେ ଅର୍ଜୁନଙ୍କୁ ଆର୍ଯ୍ୟଧର୍ମ ବୁଝାଇଛନ୍ତି। ଯୋଗ ଓ ସ୍ୱଧର୍ମ ହିଁ ଆର୍ଯ୍ୟ ଧର୍ମର ଭିତ୍ତି। ଏହି ଯୋଗସିଦ୍ଧ ହେବା ନିମନ୍ତେ ବ୍ରହ୍ମରେ ବୁଦ୍ଧି ସ୍ଥିର ରହିବା ଦରକାର। ବ୍ରହ୍ମ ହିଁ ମନୁଷ୍ୟର ସ୍ଥିର ଓ ଚରମ ଆଦର୍ଶ। ବ୍ରହ୍ମର ଆଦର୍ଶରେ ମନ ସ୍ଥିର କରି ନିଷ୍କାମ ଅଥଚ ନିରଳସ ଭାବରେ ନିଜର କର୍ମ କରିଯିବା ହିଁ ଯୋଗ। ଗୀତା ଧର୍ମ ମାନବ ଧର୍ମ। ସରଳ ସାଧାରଣ ଜୀବନରେ, କର୍ମରେ, ସ୍ୱଧର୍ମନିରତ ହେବା ହିଁ ଗୀତା ଧର୍ମ। ଏହାର ଆଦର୍ଶ ଶାନ୍ତି।

ଆର୍ଯ୍ୟ ଧର୍ମ ଅବତାରବାଦରେ ବିଶ୍ୱାସ କରେ। ସମସ୍ତ ଅବତାରଙ୍କ ମଧ୍ୟରେ ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ଓ ଶ୍ରୀକୃଷ୍ଣ ସର୍ବାଧିକ ଜନପ୍ରିୟ। ପର୍ଶୁରାମଙ୍କ ବ୍ୟତୀତ ସମସ୍ତ ମାନବ ଅବତାର କ୍ଷତ୍ରିୟ। ରାଜ୍ୟ ପାଳନ ସେମାନଙ୍କର ଧର୍ମ। ସେଇ ଧର୍ମରୁ ସେମାନେ ବିଚ୍ୟୁତ ହେବାରୁ ବ୍ରାହ୍ମଣ ପର୍ଶୁରାମ ସେମାନଙ୍କର ଦଣ୍ଡବିଧାନ କଲେ। କ୍ଷତ୍ରିୟ ଧର୍ମର ପୁନଃପ୍ରତିଷ୍ଠା କଲେ ଶ୍ରୀରାମଚନ୍ଦ୍ର। ଶ୍ରୀକୃଷ୍ଣ କିନ୍ତୁ ଅବତାର ଗ୍ରହଣ କରିଥିଲେ ଆର୍ଯ୍ୟଧର୍ମର ପୁନଃପ୍ରତିଷ୍ଠା ନିମନ୍ତେ। ତାଙ୍କ ସମୟରେ ଭାରତରେ ଜରାସନ୍ଧ, କଂସ, ଶିଶୁପାଳ, ଦୁର୍ଯ୍ୟୋଧନ ଆଦି ରାଜା, ସମ୍ରାଟମାନେ ଆର୍ଯ୍ୟଧର୍ମ ପାଳନ ନ କରି ଅନ୍ୟାନ୍ୟ ଧର୍ମକୁ ପ୍ରୋତ୍ସାହନ ପ୍ରଦାନ କରୁଥିଲେ। ସେ ସମସ୍ତଙ୍କ ବିନାଶ କରି ଆର୍ଯ୍ୟଧର୍ମର ପୁନଃପ୍ରତିଷ୍ଠା କଲେ।

ଦୁର୍ଯ୍ୟୋଧନ କାମନାଗ୍ରସ୍ତ ହୋଇ ପାଣ୍ଡବମାନଙ୍କୁ ରାଜ୍ୟରେ ସ୍ଥାନ ନ ଦେଇ ନିଜେ ସବୁ ଭୋଗ କରିବାକୁ ବସିଲେ। ଆର୍ଯ୍ୟଧର୍ମର ଧାରା ଲୋପ ହେବାକୁ ବସିଲା। ଅଧିକନ୍ତୁ ସମାଜର ଅନେକ ମୁଖ୍ୟ ବ୍ୟକ୍ତି, ରାଜା ମହାରାଜା ଆସି ଦୁର୍ଯ୍ୟୋଧନ ନିମନ୍ତେ ରଣାଙ୍ଗନରେ ଠିଆହେଲେ। ଦୁର୍ଯ୍ୟୋଧନର ସୈନ୍ୟବଳ ପାଣ୍ଡବମାନଙ୍କଠାରୁ ବହୁଗୁଣରେ ଅଧିକ। ସମାଜରେ ଅନ୍ୟାୟକୁ ସମର୍ଥନ କରିବା ଲୋକ ନ୍ୟାୟର ସମର୍ଥକଙ୍କଠାରୁ ଅଧିକ। ଅନ୍ୟାୟ ସମର୍ଥନକାରୀମାନେ ମଧ୍ୟ ସମାଜର ବଡ଼ପଣ୍ଡା। ଏ କଥା ଏବେ ବି ସମାଜରେ ପରିଦୃଷ୍ଟ। ଶ୍ରୀକୃଷ୍ଣ ଆର୍ଯ୍ୟଧର୍ମର ଧାରା ରକ୍ଷାରେ ପାଣ୍ଡବମାନଙ୍କୁ ଧରି ରଣାଙ୍ଗନରେ ଅବତୀର୍ଣ୍ଣ ହେଲେ। ସମ୍ମୁଖରେ ନିଜର ଜ୍ଞାତିକୁଟୁମ୍ବଙ୍କୁ ଦେଖି ଅର୍ଜୁନ ଧର୍ମସଙ୍କଟରେ ପଡ଼ିଗଲେ। ଏମାନଙ୍କୁ ମାରିଲେ କୁଳକ୍ଷୟ ହେବ, କୁଳଧର୍ମ ବୁଡ଼ିଯିବ, ପିତୃମାନେ ପିଣ୍ଡପାଣି ନ ପାଇ ନରକରେ ପଡ଼ିବେ। କୁଳନାରୀମାନେ ଅନ୍ୟ ପୁରୁଷ ଆଦରିବେ ଓ ଆର୍ଯ୍ୟ ଜାତି ନଷ୍ଟ ହୋଇଯିବ। ଏହା କହି ସେ ଧନୁଶର ଛାଡ଼ିଦେଲେ। ଶ୍ରୀକୃଷ୍ଣ ଏ ବିଷାଦ ଅବସ୍ଥାର ମୁକାବିଲା କରିବାକୁ ଉଦ୍ୟମ କଲେ। ଭାରତର ବଡ଼ ବଡ଼ ଲୋକ ଦୁର୍ଯ୍ୟୋଧନର ଏଇ ଦୁର୍ବାର ଲାଳସାରେ ଆପତ୍ତି ନ କରି ତା'ର ସହାୟ ହୋଇ ଯୁଦ୍ଧରେ ଅବତୀର୍ଣ୍ଣ ହୋଇଛନ୍ତି। ଲାଳସା ଏକ ସ୍ୱଭାବଗତ ପ୍ରବୃତ୍ତି। ସଂଯମ ହିଁ ଲାଳସାକୁ ଆୟତ୍ତରେ ରଖେ। ସେଇ ସଂଯମ ଏବେ ତୁଟିବା ଉପରେ। ଶ୍ରୀକୃଷ୍ଣ ବୁଝାଇଲେ, ନିଜର ଧର୍ମ ପାଳନ କରିବା ସମସ୍ତଙ୍କର କର୍ତ୍ତବ୍ୟ। କର୍ତ୍ତବ୍ୟ ପାଳନରେ ଫଳର ବିଚାର ନ କରି କାର୍ଯ୍ୟ କରିଯିବ। ଯୁଦ୍ଧରେ କାହାର ମୃତ୍ୟୁ ନାହିଁ। କାରଣ ଆତ୍ମା ଅମର। କେବଳ ଶରୀରର ଘଟ ପରିବର୍ତ୍ତନ ହୁଏ। ଯୁଦ୍ଧରେ ମୃତାହତଙ୍କ ଶୋକକୁ ଡରି ସନ୍ନ୍ୟାସ ନେବା ଆର୍ଯ୍ୟଧର୍ମ ନୁହେଁ କି କୌଣସି ଧର୍ମ ନୁହେଁ। ଏଇ ଶୋକ ଏଡ଼ି ନିଜର କର୍ତ୍ତବ୍ୟ କରିବା ହିଁ ସ୍ୱଧର୍ମ। ଶେଷରେ ବିଶ୍ୱରୂପ ପ୍ରଦର୍ଶନ କରି ଅନୁଭବ କରାଇଛନ୍ତି ଯେ, ସଂସାରରେ ସମସ୍ତ କାର୍ଯ୍ୟ ଦିବ୍ୟ ଇଙ୍ଗିତରେ ହିଁ ଚାଲୁଛି। ତେଣୁ ମାନବ ନିଜର କର୍ମ ହିଁ କରିଯିବା ଦରକାର। ଭକ୍ତି, ଜ୍ଞାନ, କର୍ମ ଇତ୍ୟାଦି ନାନାଦି ପନ୍ଥା ଥିଲେ ହେଁ ସଂସାରୀ ପ୍ରତି କର୍ମଯୋଗ ଅଧିକ ପ୍ରଯୁଜ୍ୟ।

ଶ୍ରୀକୃଷ୍ଣଙ୍କ ସମୟରେ ମଧ୍ୟ ଚାର୍ବାକ୍‌ପନ୍ଥୀ ଥିଲେ, ଯେଉଁମାନେ କି କେବଳ ଭୋଗବିଳାସରେ ବିଶ୍ୱାସ କରୁଥିଲେ। ଏମାନେ ଦେହବାଦୀ ଓ ଭୌତିକ ସୁଖରେ ବିଶ୍ୱାସୀ। ବର୍ତ୍ତମାନ ସଂସାରରେ ଏଇମାନଙ୍କ ସଂଖ୍ୟା ମାତ୍ରାଧିକ। ଫଳତଃ ସଂସାରରେ ଅଶାନ୍ତି ଓ ହତାଶାର ଧାରା ପ୍ରବହମାନ। କାମନା ଏକ ସହଜାତ ପ୍ରବୃତ୍ତି। କାମନାକୁ ବନ୍ଦ କରିବା ସହଜସାଧ୍ୟ ନୁହେଁ। ବୁଦ୍ଧଦେବଙ୍କ ବାଣୀ 'କାମନାର ବିନାଶରେ ଦୁଃଖର ବିନାଶ' ମଧ୍ୟ ଆଶାନୁରୂପ ଅନୁସୃତ ହୋଇପାରିଲାନି। କର୍ମଯୋଗରେ 'ପ୍ରବୃତ୍ତିଂ ଯାନ୍ତି ଭୂତାନି ନିଗ୍ରହଃ କିଂ ଭବିଷ୍ୟତି'ରେ ମଧ୍ୟ ଏଇ ଭାବଧାରା ପ୍ରତିଫଳିତ। ଯିଏ କର୍ମେନ୍ଦ୍ରିୟମାନଙ୍କୁ ରୋକି, ମନ ମଧ୍ୟରେ ଇନ୍ଦ୍ରିୟ ଭୋଗ କଥା ବିଚାରୁଥାଏ, ତାକୁ ମିଥ୍ୟାଚାର କୁହାଯାଏ। ବର୍ତ୍ତମାନ ଜଗତରେ ଏଇ ପ୍ରକାର ବ୍ୟକ୍ତି ଅନେକ। ଗୀତା ଧର୍ମର ପ୍ରଚାର ଓ ଗ୍ରହଣୀୟତା ବୃଦ୍ଧି ପାଇଲେ, ସଂସାରରୁ ଅଶାନ୍ତି ଓ ହତାଶା ହ୍ରାସପାଇବ। ଜ୍ଞାନ, ଭକ୍ତି ଓ କର୍ମ ଏହି ତ୍ରିଗୁଣର ସୁଷମ ବିକାଶରେ ହିଁ ବ୍ୟକ୍ତିତ୍ୱର ପ୍ରତିଷ୍ଠା ଲାଭ ହେବ।

ମୋ–୯୯୩୭୪୨୨୫୨୧

# 'ରେବତୀ' ଅନୁବାଦିକା

ସାହିତ୍ୟ କ୍ଷେତ୍ରରେ ସର୍ବୋଚ୍ଚ ପୁରସ୍କାର ପାଇବାଠାରୁ ପାଠକୀୟ ସ୍ୱୀକୃତି ଜଣେ ଲେଖକଙ୍କୁ ଅଧିକ ଉତ୍ସାହିତ କରିଥାଏ ବୋଲି ବହୁ ସମୟରେ ବିଭିନ୍ନ ସାହିତ୍ୟିକ କହିଥାଆନ୍ତି। କିନ୍ତୁ ଯେଉଁ ଚରିତ୍ର ଆଧାରରେ ଲେଖକ ଜଣେ ବ୍ୟକ୍ତିଙ୍କ ବିଷୟରେ ଲେଖିଥିବେ ସେ ଯଦି ତାଙ୍କୁ ପ୍ରଶଂସା କରନ୍ତି, ସମ୍ଭବତଃ ତାହାଠାରୁ ବଡ଼ ସମ୍ମାନ ସମ୍ପୃକ୍ତ ସାହିତ୍ୟିକଙ୍କ ଜୀବନରେ ଆସି ନ ଥାଏ। ଅନୁବାଦ କ୍ଷେତ୍ରରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପାଇବା ଲାଗି ଯୋଗ୍ୟ ହୋଇଥିବା ତେଲୁଗୁ ଲେଖିକା ପି. ସତ୍ୟବତୀଙ୍କୁ ନିକଟରେ ସେଭଳି ଆନନ୍ଦ ମିଳିଛି। କିନ୍ନର ତଥା ତାମିଲ ଲେଖିକା ରେବତୀ ୨୦୦୪ରେ ତାଙ୍କ ଆତ୍ମଜୀବନୀ ପୁସ୍ତକ 'ଉନର୍ଭୁମ୍ ଉରୁଭାମୁମ୍' ରଚନା କରିଥିଲେ। ତାହା ଇଂଲିଶରେ ଅନୁବାଦ କରାଯାଇଥିଲା। ସତ୍ୟବତୀ ସେହି ଇଂଲିଶ ପୁସ୍ତକ ପଢ଼ିବା ପରେ ରେବତୀଙ୍କ କାହାଣୀ ପ୍ରତି ଆକୃଷ୍ଟ ହୋଇଥିଲେ। ସମାଜରେ କିନ୍ନରମାନଙ୍କୁ ଅତି ନ୍ୟୂନ ଦୃଷ୍ଟିରେ ଦେଖାଯାଉଥିବା ଅନୁଭବ କରିବା ପରେ ଉକ୍ତ ପୁସ୍ତକକୁ ତେଲୁଗୁରେ ଅନୁବାଦ କରିବାକୁ ସେ ମନସ୍ଥ କରିଥିଲେ। ଫଳରେ ଇଂଲିଶ ଅନୂଦିତ 'ଦି ଟ୍ରୁଥ୍ ଏବାଉଟ୍ ମି: ଏ ହିଜ୍‌ରା ଲାଇଫ୍ ଷ୍ଟୋରି'କୁ ସତ୍ୟବତୀ ତେଲୁଗୁରେ 'ନିଜାମ୍ ଚେପ୍‌ତୁନ୍ନା: ଓକା ହିଜ୍‌ରା ଆତ୍ମକଥା' ନାମକ ପୁସ୍ତକରେ ୨୦୧୬ରେ ଏହାକୁ ପ୍ରକାଶ କରିଥିଲେ। ୨୪ ଫେବୃୟାରୀ ୨୦୨୦ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ତାଙ୍କୁ ଯେତେବେଳେ ଏହି ବହି ପାଇଁ ପୁରସ୍କୃତ କରାଯିବ ବୋଲି ଟେଲିଫୋନ୍ ମିଳିଲା ସେତେବେଳେ ସତ୍ୟବତୀ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏହା ପରେ ଗଣମାଧ୍ୟମରେ ଏହି ଖବର ପ୍ରସାରିତ ହେବା ପରେ ତାଙ୍କ ନିକଟକୁ ଅନେକ୍ ଫୋନ ଆସିଥିଲା। ତେବେ ସବୁଠାରୁ ଅଧିକ ଆନନ୍ଦ ଦେଇଥିଲେ ନିଜେ ରେବତୀ ତାଙ୍କ ସହ କଥା ହେବା। ସତ୍ୟବତୀ କହିଛନ୍ତି, କଥା ହେବା ଲାଗି ପରସ୍ପରର ଭାଷା ପ୍ରତିବନ୍ଧକ ସୃଷ୍ଟି କରିଥିଲେ ମଧ୍ୟ ଉଭୟ ହିନ୍ଦୀରେ କାମ ଚଳାଇ ନେଇଥିଲେ।

**ବ୍ୟକ୍ତିତ୍ୱ**



ପି. ସତ୍ୟବତୀ

ବାସ୍ତବରେ ରେବତୀ ତାଙ୍କୁ କଥା ହେବା ପାଇଁ କଲ୍ କରିବା ଥିଲା ପ୍ରକୃତ ପୁରସ୍କାର ବୋଲି ସତ୍ୟବତୀ କହିଛନ୍ତି। ଏଭଳି ମର୍ମସ୍ପର୍ଶୀ ଅନୁଭବକୁ ବ୍ୟକ୍ତ କରିଥିବାରୁ ସତ୍ୟବତୀଙ୍କ ଦୀର୍ଘବର୍ଷର ସୃଜନଶୀଳତାକୁ ଜାଣିବା ଲାଗି ସମସ୍ତେ ଆଗ୍ରହ ରଖିବା ସ୍ୱାଭାବିକ।

ଆନ୍ଧ୍ରପ୍ରଦେଶ ତେନାଲିର ଏକ ଛୋଟିଆ ଗ୍ରାମ କୋଲାକାଲୁରର ଏକ ମଧ୍ୟବିତ୍ତ ପରିବାରରେ ସତ୍ୟବତୀଙ୍କ ଜନ୍ମ। ପିତା ସତ୍ୟନାରାୟଣ ଦେଶୀରାଜୁ ଥିଲେ ଜଣେ କୃଷକ ଓ ମାତା କନକା ଦୁର୍ଗ ଥିଲେ ଗୃହିଣୀ। ୭୯ ବର୍ଷୀୟା ସତ୍ୟବତୀ ହେଉଛନ୍ତି ପରିବାରର ବଡ଼ ଝିଅ। ସେତେବେଳର ରକ୍ଷଣଶୀଳ ସମାଜରେ ପିତାଙ୍କ ପ୍ରଗତିଶୀଳ ଚିନ୍ତାଧାରା ତାଙ୍କୁ ପଢ଼ିବା ଲାଗି ସୁଯୋଗ ଦେଖାଇଥିବାରୁ ସେ ତାଙ୍କ ନିକଟରେ କୃତଜ୍ଞ ବୋଲି କହିଥାଆନ୍ତି। ସ୍କୁଲ ଶିକ୍ଷା ପରେ ଇଂଲିଶ ସାହିତ୍ୟରେ ସ୍ନାତକୋତ୍ତର କରିଥିଲେ। ପରବର୍ତ୍ତୀ ସମୟରେ ଅଧ୍ୟାପିକା ଭାବେ ଯୋଗଦେଇ ସୟେଦ ଆପଲ୍ଲାସ୍ୱାମୀ କଲେଜରେ ପ୍ରାଧ୍ୟାପକ ହୋଇଥିଲେ। ୧୯୭୧ରେ ଲେଖାଲେଖି ପ୍ରତି ଅନୁରାଗ ରଖିଥିବା ସତ୍ୟବତୀଙ୍କ ସୃଜନଯାତ୍ରା ୧୯୯୮ରୁ ଅଧିକ କ୍ରିୟାଶୀଳ ହୋଇଥିଲା। ଅଦ୍ୟାବଧି ସେ ୬୦ କ୍ଷୁଦ୍ରଗଳ୍ପ ଲେଖି ସାରିଛନ୍ତି। ଉଭୟ ମୌଳିକ ଓ ଅନୁବାଦ ସାହିତ୍ୟରେ ସେ ସିଦ୍ଧହସ୍ତା ହୋଇଥିଲେ ହେଁ ନିଜେ କାହାଣୀ ସୃଷ୍ଟି ଲାଗି ଅଧିକ ଆଗ୍ରହ ରଖିଥାଆନ୍ତି। ରେବତୀଙ୍କ ଚରିତ୍ର ତାଙ୍କୁ ଅଧିକ ପ୍ରଭାବିତ କରିଥିବାରୁ ସେ ଉପରଲିଖିତ ପୁସ୍ତକକୁ ଅନୁବାଦ କରିଥିଲେ ବୋଲି ସତ୍ୟବତୀ କହିଥାଆନ୍ତି। ତାଙ୍କ ରଚନାରେ ସାମାଜିକ ମୂଲ୍ୟବୋଧ ଭରି ରହିଥିବାରୁ 'ହ୍ୱାଟ୍ ଇଜ୍ ମାଇଁ ନେମ୍' ଆନ୍ଧ୍ରପ୍ରଦେଶର ଦଶମ ଶ୍ରେଣୀ ପାଠ୍ୟପୁସ୍ତକରେ ସ୍ଥାନ ପାଇପାରିଛି। ଏହା ଉପରେ ମତ ଦେଇ ଲେଖିକା କହିଛନ୍ତି ଯେ, ସାଧାରଣତଃ ଜଣେ ମହିଳା ବିବାହ କରିସାରିବା ପରେ ନିଜ ପରିଚୟ ହଜାଇ ବସିଥାଆନ୍ତି। ଉକ୍ତ ଲେଖାରେ ଜଣେ ମହିଳା ନିଜ ନାମ ଜାଣିବା ଲାଗି ସହରର ଏତେତେଣେ ବୁଲୁଛନ୍ତି, ଯେଭଳି ତାଙ୍କୁ କେହି ଚିହ୍ନିପାରିବେ ନାହିଁ। କାହାଣୀ ଗତିଶୀଳ ହେଉଛି ବୁଲିବା ଭିତରେ ମହିଳା ଜଣଙ୍କ ଯେତେବେଳେ ନିଜ ପରିଚୟ, ସଉକ ଏବଂ ପ୍ରତିଭାକୁ ଖୋଜିପାଉଛନ୍ତି। ସେଥିପାଇଁ ସତ୍ୟବତୀ ଏହି ଲେଖା ମାଧ୍ୟମରେ ପ୍ରତ୍ୟେକ ମହିଳାଙ୍କୁ ଆହ୍ୱାନ ଦେଉଛନ୍ତି, ପରିସ୍ଥିତି ଯେତେ ଶୋଚନୀୟ ହେଉ ପଛେ ନିଜ ପରିଚୟ ହରାନ୍ତୁ ନାହିଁ। ଏଭଳି ଏକ ଆତ୍ମପ୍ରତ୍ୟୟର ବାର୍ତ୍ତା ଦେଇ ସେ ନାରୀ ସମାଜକୁ ସଶକ୍ତ କରିବାକୁ ଚାହିଁଛନ୍ତି।

ଆଜିର ଯୁବପିଢ଼ି ପଢ଼ା ପ୍ରତି ଆକର୍ଷିତ ହେଉନାହାନ୍ତି। ସେମାନଙ୍କୁ ସନ୍ଦେଶ ଦେବାକୁ ଯାଇ ସତ୍ୟବତୀ କହନ୍ତି, ପିଲାଟିଏ କେଉଁ ପରିବେଶରେ ବଢ଼ୁଛି ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତାଙ୍କ ପିଲାବେଳେ ଖବରକାଗଜ ଓ ପୁସ୍ତକ ପଠନ ପ୍ରତି ଆଗ୍ରହ ଥିଲା। ସେ ଆଜି ଯେଉଁଠାରେ ପହଞ୍ଚିଛନ୍ତି, ଏହା ପଛରେ ପଢ଼ାଭ୍ୟାସ ଥିଲା। ଏବେ ଅନ୍‌ଲାଇନ୍‌ରେ ପୁସ୍ତକ ମିଳିପାରୁଛି। ଆଜିର ପ୍ରଯୁକ୍ତିବିଦ୍ୟା ଓ କ୍ଷିପ୍ର ଯୁଗରେ ଏହା ଦରକାର। କିନ୍ତୁ ଖଣ୍ଡେ ବହି ହାତରେ ଧରି ପଢ଼ିବାରେ ଥାଏ ଅପାର ଆନନ୍ଦ ଓ ଅନୁଭବ। ଜଣେ ପୁସ୍ତକପ୍ରେମୀ ସେଥିରୁ ବାସ୍ତବ ବାସ୍ନା ପାଇଥାଏ ବୋଲି ସତ୍ୟବତୀ କହନ୍ତି।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ପଞ୍ଜାବରେ କେତେକ ସରକାରୀ ସ୍କୁଲରେ ପିଲାମାନେ ପଢିବା ସହ ସ୍କୁଲ ବଗିଚାରେ ଚାଷ କରି ଉଦାହରଣ ସୃଷ୍ଟି କରିଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ମନ୍‌ସା ଜିଲାର ୭୦ଟି ସରକାରୀ ବିଦ୍ୟାଳୟରେ। ଏହିସବୁ ବିଦ୍ୟାଳୟର ପାଖାପାଖି ୫୦୦ ପିଲା ବିନା କୀଟନାଶକରେ ଚାଷ କରୁଛନ୍ତି। ସେମାନେ ବାଇଗଣ, ଛତୁ, ଲଙ୍କା, କଲରା, କଖାରୁ ଏବଂ ବିଭିନ୍ନ ପ୍ରକାର ଶାଗ ଉତ୍ପାଦନ କରି ତାହାକୁ ମଧ୍ୟାହ୍ନଭୋଜନରେ ଉପଯୋଗ କରୁଛନ୍ତି। ଅନେକ ସମୟରେ ଆବଶ୍ୟକତାଠାରୁ ଅଧିକ ପରିବା ଉତ୍ପାଦିତ ହେଲେ ସେମାନେ ଗ୍ରାମବାସୀଙ୍କୁ ମାଗଣାରେ ବାଣ୍ଟି ଦେଉଛନ୍ତି। ମୁଖ୍ୟତଃ କୃଷିଭିତ୍ତିକ ବ୍ୟାବହାରିକ ଜ୍ଞାନ ହାସଲ କରିବା ପାଇଁ ୫ମରୁ ୧୦ମ ଶ୍ରେଣୀ ଯାଏ ପଢୁଥିବା ପିଲାମାନଙ୍କୁ କୃଷି ସମ୍ପର୍କରେ ଏଭଳି ଶିକ୍ଷା ଦିଆଯାଉଛି। ଜିଲା ଉଦ୍ୟାନ କୃଷି ବିଭାଗର 'ଏଡିବଲ ଗାର୍ଡେନ' ନାମକ ଯୋଜନାର ଏକ ଅଂଶଭାବେ ଏହି ପାଠ୍ୟକ୍ରମ ସ୍କୁଲରେ ଆରମ୍ଭ କରାଯାଇଛି। ପ୍ରତି ସପ୍ତାହରେ ପିଲାମାନଙ୍କୁ ବଗିଚାରେ ୧ ଘଣ୍ଟା କାମ କରିବା ଲାଗି ସମୟ ରଖାଯାଇଛି। ପ୍ରଥମେ ଚାଷ ସମ୍ପର୍କରେ ପଢାଯିବା ପରେ ବଗିଚାରେ ବ୍ୟାବହାରିକ ଶିକ୍ଷା ପ୍ରଦାନ କରାଯାଉଛି। ପିଲାମାନେ ଚାଷରେ ଜୈବ ଖତ ବ୍ୟବହାର କରୁଛନ୍ତି। ସବୁଜ ବର୍ଜ୍ୟବସ୍ତୁରୁ ସେମାନେ ଖତ ପ୍ରସ୍ତୁତ କରୁଛନ୍ତି। କେତେକ ସ୍କୁଲରେ ପିଲାମାନେ ଗହମ ଓ ନଡାର ଧୂସରୁ ଖତ ପ୍ରସ୍ତୁତ କରିବା ସହ ସେଥିରେ ଛତୁଚାଷ ବି କରୁଛନ୍ତି। ୧ କିଲୋ ଗହମ ଧୂସ ବ୍ୟବହାର କରି ସେମାନେ ୬୦୦ ଗ୍ରାମ୍ ଛତୁ ଉତ୍ପାଦନ କରୁଛନ୍ତି ବୋଲି କୁହନ୍ତି ଶିକ୍ଷକ ଡ. ଯଶବୀର ସିଂ। କୃଷି ଶିକ୍ଷା ବ୍ୟତୀତ ପିଲାମାନଙ୍କୁ ନଡାରୁ କିଭଳି ଫର୍ନିଚର ପ୍ରସ୍ତୁତ କରାଯାଇପାରିବ ସେ ସମ୍ପର୍କରେ ମଧ୍ୟ ଶିକ୍ଷା ପ୍ରଦାନ କରାଯାଉଛି। ଅନେକ ପିଲା ସ୍କୁଲରୁ ଚାଷ ସମ୍ପର୍କରେ ଶିକ୍ଷା ପାଇବା ପରେ ଘର ବଗିଚାରେ ବି ଚାଷ ଆରମ୍ଭ କରିବା ଲକ୍ଷ୍ୟ କରାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

**୧ ମାର୍ଚ୍ଚ ୧୯୯୫**

- ବିଦ୍ରୋହୀ କୁର୍ଦ୍ଦ ନିୟନ୍ତ୍ରିତ ଇରାକ ଉତ୍ତରାଞ୍ଚଳ ଜାଖୋ ସହରରେ ଗତକାଲି ଏକ କାରବୋମା ବିସ୍ଫୋରଣ ଘଟି ୧୦୦ରୁ ଊର୍ଦ୍ଧ୍ୱ ମୃତ୍ୟୁବରଣ କରିଛନ୍ତି।
- ପାକିସ୍ତାନର ସୋରେଦାଜ କୋଇଲା ଖଣିରେ ବିସ୍ଫୋରଣ ଘଟି ୨୭ ଜଣ ଶ୍ରମିକଙ୍କ ପ୍ରାଣହାନି।

## ପାଠକ ଶ୍ରେଷ୍ଠ ବିଚାରକ

### ଗରିବ ହେବାକୁ ପ୍ରତିଯୋଗିତା

ମହାଶୟ,

ଆଜିକାଲି ଦେଖାଯାଉଛି କି ଧନୀ, ମାନୀ, ନେତା, ଜମିମାଲିକ ଓ ସରକାରୀ କର୍ମଚାରୀ ସମସ୍ତେ ଗରିବ ହେବାକୁ ପ୍ରତିଯୋଗିତା ଆରମ୍ଭ କରିଦେଇଛନ୍ତି। ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟ ସରକାର ଗରିବଙ୍କ ପାଇଁ ଗୋଟିଏ ପରେ ଗୋଟିଏ ଆକର୍ଷଣୀୟ ଯୋଜନା କରିଚାଲିଛନ୍ତି ଭୋଟରମାନଙ୍କୁ ପ୍ରଭାବିତ କରିବା ପାଇଁ। ଯଦି ଥରେ ଦେହରେ ଗରିବୀ ମୋହର ବାଜିଯାଏ, ତା'ହେଲେ ଆରାମରେ ଟଙ୍କିକିଆ ଚାଉଳ, ଚିନି, କିରୋସିନ ପାଇବାଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଭତ୍ତା, ଆବାସ ଓ ପାଇଖାନା ହାତେଇବାରେ କିଛି ଅସୁବିଧା ହେବନି। ଖାଲି ନିଜ ପାଇଁ ନୁହେଁ ସ୍ତ୍ରୀ, ପୁଅ, ବାପମା'ଙ୍କୁ ମଧ୍ୟ ଏହି ଯୋଜନାରେ ସାମିଲ କରିହେବ, ଯଦି ତୁମେ ପାରିଲାପଣିଆ ଦେଖାଇ ସମ୍ପୃକ୍ତ ଅଧିକାରୀଙ୍କୁ ସନ୍ତୁଷ୍ଟ କରିପାରିବ। ବଡ଼ ପରିତାପର ବିଷୟ, ଶୀତତାପ ନିୟନ୍ତ୍ରିତ ବହୁତଳ ପ୍ରାସାଦ ଥାଇ ପୁଅଝିଅମାନେ ବାହାରେ ଉଚ୍ଚ ପଦପଦବୀରେ ଥିଲେ ମଧ୍ୟ ନିଜକୁ ଗରିବ ବୋଲି ଦର୍ଶାଇ ଧାଡିରେ ଠିଆହୋଇ ପ୍ରକୃତ ଗରିବମାନଙ୍କୁ ଦଳିଚକଟି ଆଗକୁ ମାଡ଼ିଯିବାର ପ୍ରଚେଷ୍ଟା ମଣିଷର ମଣିଷପଣିଆକୁ କ୍ଷୁଣ୍ଣ କରୁନାହିଁ କି ? ବିଚରା ନିରୀହ ଅଶିକ୍ଷିତ ନିପାରିଲା ମଣିଷଗୁଡିକ କି ହନ୍ତସନ୍ତ ହେଉଛନ୍ତି, ସେଥିପ୍ରତି କାହାରି ଦୃଷ୍ଟି ନାହିଁ।

ଭଗବାନ ଦାସ, ହରିନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

### ଗାନ୍ଧିଜୀ ଭାରତରତ୍ନଠୁ ଉର୍ଦ୍ଧ୍ୱରେ

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କୁ ଭାରତ ରତ୍ନ ପ୍ରଦାନ ଲାଗି ସୁପ୍ରିମ୍‌କୋର୍ଟରେ ଆଗତ ଏକ ଜନସ୍ୱାର୍ଥ ମାମଲାର ବିଚାର କରି କୋର୍ଟ ଏହି ରାୟ ଦେଇଛନ୍ତି ଯେ, ଔପଚାରିକ ମାନ୍ୟତାଠାରୁ ଗାନ୍ଧିଜୀ ବହୁ ଉଚ୍ଚ ସମ୍ମାନର ଅଧିକାରୀ। ସାରା ଦେଶରେ ତାଙ୍କର ସ୍ଥାନ ଭାରତରତ୍ନଠାରୁ ବହୁ ଊର୍ଦ୍ଧ୍ୱରେ। ବାସ୍ତବିକ ମହାତ୍ମା ଗାନ୍ଧୀ ହେଉଛନ୍ତି ମହାନ ଆତ୍ମା। ସାରା ଦେଶ ଓ ବିଶ୍ୱ ପାଇଁ ବିରଳ, ଅବିସ୍ମରଣୀୟ ବ୍ୟକ୍ତିତ୍ୱ। ତାଙ୍କ ଦେହାନ୍ତର ଏତେ ବର୍ଷ ପରେ ଭାରତରତ୍ନ ପରି ତୁଚ୍ଛ ସମ୍ମାନ ପାଇଁ କୋର୍ଟରେ ଲଢ଼େଇ କରିବା ହାସ୍ୟାସ୍ପଦ।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧ ମାର୍ଚ୍ଚ, ୨୦୨୦



ଗତ ୪ ବର୍ଷ ମଧ୍ୟରେ ନାସା ୧୭ଟି ନୂଆ ଗ୍ରହର ସନ୍ଧାନ ପାଇଛି। ସେଥିମଧ୍ୟରେ ଗୋଟିଏ ପୃଥିବୀ ଭଳି ବାସ ଉପଯୋଗୀ ଗ୍ରହ ଥିବା କୁହାଯାଇଛି। ନାସା ପକ୍ଷରୁ ଏହି ବାସ ଉପଯୋଗୀ ଗ୍ରହକୁ 'କେଆଇସି-୭୩୪୦୨୮- ବି' ଭାବେ ନାମିତ କରାଯାଇଛି। ଏହି ଗ୍ରହଟି ପୃଥିବୀଠାରୁ ଦେଢ଼ଗୁଣ ବଡ଼। ଏଠାରେ ଏଲିଅନ୍ ଥିବାର ସମ୍ଭାବନା ରହିଛି। ଏଠାକାର ପରିବେଶ ନେଇ ଅଧିକ ଗବେଷଣା କରାଯାଉଛି। ଭବିଷ୍ୟତରେ ଏହି ଗ୍ରହ ସହିତ ଯୋଗାଯୋଗ କରାଯାଇପାରିବ ବୋଲି ନାସା ପକ୍ଷରୁ କୁହାଯାଇଛି।



## ସଂକ୍ଷେପରେ

### ପୋଲିସ ଇନ୍‌ଫର୍ମର ଦର୍ଶାଇ ୨ଜଣଙ୍କୁ ହତ୍ୟା କଲେ ମାଓବାଦୀ

ମାଲକାନଗିରି,୨୯।୨(ସ୍ୱ.ପ୍ର.): ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକୁମା ଜିଲାରେ ଲାଲବାହିନୀ ବର୍ବରତା ସୀମା ଟପିଛି। ୨ଟି ସ୍ଥାନରେ ପୋଲିସ ଇନ୍‌ଫର୍ମର ଦର୍ଶାଇ ୨ ଜଣ ନିରୀହ ଗ୍ରାମବାସୀଙ୍କୁ ବେକ କାଟି ହତ୍ୟା କରିଛି। ଏଥିସହ ଜଣେ ମହିଳାଙ୍କୁ ନିସ୍ତୁକ ମାଡ ମାରିଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ସୁକୁମା ଜିଲା ଚିନ୍ତାନର ଥାନା ମୁକରମ ଗ୍ରାମର ପୂଜାରୀପାରାସ୍ଥିତ ମାଡ଼କା ଓରାଙ୍କ ଘରକୁ ଶୁକ୍ରବାର ରାତିରେ ୧୦ରୁ ଊର୍ଦ୍ଧ୍ୱ ମାଓବାଦୀ ଆସି ମାଡକାଙ୍କୁ ଘରୁ ଟାଣିନେଇ ଟାଙ୍ଗିଆରେ ବେକ କାଟି ହତ୍ୟା କରିଥିଲେ। ସେ ପୋଲିସ ପାଇଁ କାମ କରୁଥିବାରୁ ତାଙ୍କୁ ହତ୍ୟା କରାଗଲା ବୋଲି କହି ଚାଲି ଯାଇଥିଲେ। ସେହିପରି ଅନ୍ୟ ଏକ ଘଟଣା ଘଟିଛି ତଙ୍ଗପାଲ ଥାନା କୋଲାମ କୋଟା ଗ୍ରାମରେ। ଗ୍ରାମର ମୁଚକି ହିଡ଼ମାଙ୍କୁ ମାଓବାଦୀମାନେ ପୋଲିସ ଇନ୍‌ଫର୍ମର ଦର୍ଶାଇ ବେକ କାଟି ହତ୍ୟା କରିବା ସହ ତାଙ୍କ ଘର ଓ ପାଖରେ ଥିବା ଏକ ମୋଟର ସାଇକେଲରେ ନିଆଁ ଲଗାଇ ପୋଡି ଦେଇଥିଲେ। ଏପରି କି ମାଓବାଦୀମାନେ ମୁଚକିଙ୍କ ସ୍ତ୍ରୀଙ୍କୁ ସେ ଧରିଥିବା ମୋବାଇଲ ଫୋନ ମାଗିଥିଲେ। ସେ ନ ଦେବାରୁ ତାଙ୍କୁ ଉଲଗ୍ନ କରି ମାଡ ମାରିଥିଲେ। ଗ୍ରାମବାସୀ ମାଓବାଦୀଙ୍କୁ ବିରୋଧ କରିବାରୁ ସେମାନଙ୍କୁ ମଧ୍ୟ ମାଡ ମାରିଥିଲେ। ଆହତ ମହିଳା ଜଣକ ଗୁରୁତର ଅବସ୍ଥାରେ ସୁକୁମା ମେଡ଼ିକାଲରେ ଭର୍ତ୍ତି ହୋଇଥିବା ଜଣାପଡିଛି।

### ଉତ୍କଳ ବିଶ୍ୱବିଦ୍ୟାଳୟରେ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ

ଭୁବନେଶ୍ୱର,୨୯।୨(ବ୍ୟୁରୋ): ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହାର ଶିକ୍ଷକ ଏବଂ ଅଣଶିକ୍ଷକ କ୍ୟାଡରଙ୍କ ପାଇଁ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଛି। ବିଶ୍ୱବିଦ୍ୟାଳୟ ସହ ଏମ୍‌ଡିଆରଏଏଫ୍‌ଏମ୍ ସହଭାଗିତାରେ ୫ ଦିନିଆ ପ୍ରଶିକ୍ଷଣ ଆରମ୍ଭ କରାଯାଇଛି। ବିଶ୍ୱବିଦ୍ୟାଳୟର ମିନିଷ୍ଟେରିଆଲ କର୍ମଚାରୀଙ୍କ ମଧ୍ୟରେ ଆର୍ଥିକ ଏବଂ ପରିଚାଳନାଗତ ଦକ୍ଷତା ବୃଦ୍ଧି ଉଦ୍ଦିଷ୍ଟ। ଏହି କାର୍ଯ୍ୟକ୍ରମ ଜରିଆରେ ଆଗାମୀ ଦିନରେ ୩୦ଆସିଷ୍ଟାଣ୍ଟ ପ୍ରଫେସର ଏବଂ ଆସୋସିଏଟ୍ ପ୍ରଫେସରଙ୍କୁ ନୂଆଦିଲ୍ଲୀସ୍ଥିତ ଏନ୍‌ଆଇଇପିଏକୁ ୫ ଦିନିଆ ଭ୍ରମଣରେ ନିଆଯିବ ବୋଲି ଜଣାପଡିଛି।

### ଅଭିଭାବକଙ୍କ ଆତ୍ମାହୁତି ଉଦ୍ୟମ

**ସେଣ୍ଟ ଯୋଶେଫ୍ ସ୍କୁଲ ଏସି ଫି ବିବାଦ**

ସମ୍ବଲପୁର,୨୯।୨(ବ୍ୟୁରୋ): ସମ୍ବଲପୁର ସାକ୍ଷୀପଡା ସେଣ୍ଟ ଯୋଶେଫ ସ୍କୁଲର ଏସି ଫି ବିବାଦ ପିଛା ଛାଡୁନାହିଁ। ଶନିବାର ସ୍କୁଲ ସମ୍ମୁଖରେ ହର୍ଷ ମେହେଟା ନାମକ ଜଣେ ଅଭିଭାବକ ଏହାକୁ ବିରୋଧକରି ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଅଭିଭାବକମାନେ ଓ ପୋଲିସ ଉପସ୍ଥିତ ଥିବାରୁ ତାଙ୍କୁ କାବୁ କରି ନେଇଥିଲେ। ସ୍କୁଲ ପକ୍ଷରୁ ଏସି ଫି ନ ଦେଲେ ରିପୋର୍ଟ କାର୍ଡ ଦିଆଯିବ ନାହିଁ ବୋଲି କୁହାଯାଇଥିଲା। ଏହାକୁ ନେଇ ପୂର୍ବାହ୍ନ ପ୍ରାୟ ସଢେ ୧୦ ଟାରେ ଅଭିଭାବକମାନେ ସ୍କୁଲକୁ ଯାଇଥିଲେ। ସେଠାରେ କର୍ତ୍ତୃପକ୍ଷଙ୍କୁ ପଚାରି ବୁଝିବାରୁ ସେମାନେ ଟଙ୍କା ଦେବାକୁ କହିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଏସି ଫି ଉପରେ କୋହଳ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ମଧ୍ୟ ସ୍କୁଲ ରାଜି ହୋଇଥିଲା। ହେଲେ ଏବେ କାହିଁକି ପୁଣି ଟଙ୍କା ମାଗାଯାଉଛି ବୋଲି କହିଥିଲେ। ଆଲୋଚନା ହେବା ପରେ ମେହେଟା ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇବାବେଳେ ଅନ୍ୟମାନେ କାବୁ କରିନେଇଥିଲେ। ଧନୁପାଲି ପୋଲିସ ତାଙ୍କୁ ଥାନାକୁ ଆଣିଥିବାବେଳେ ଅନ୍ୟ ଅଭିଭାବକମାନେ ମଧ୍ୟ ଥାନାରେ ପହଞ୍ଚି ସ୍କୁଲ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ଡେପୁଟି କଲେକ୍ଟର ବିନୋଦ ବିହାରୀ ଦାସ, ଜିଲା ଶିକ୍ଷା ଅଧିକାରୀ ରୀନାରାଣୀ ମଙ୍ଗରାଜଙ୍କ ସମେତ ପୋଲିସ ଅଧିକାରୀ ପହଞ୍ଚି ସ୍କୁଲରେ ତଦନ୍ତ କରିଛନ୍ତି।

# ଉନ୍ନତି ଭବନ ଲୋକାର୍ପିତ



ଉନ୍ନତି ଭବନର ଲୋକାର୍ପଣ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟ ଅତିଥିମାନେ।



- ଓଏମ୍‌ଏସ୍, ଓଏମ୍‌ପିଏସ୍ ଅଧିକାରୀଙ୍କୁ ନିଯୁକ୍ତିପତ୍ର
- ମୋ ସରକାର, ୫-ଟି ଧାରାରେ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଭୁବନେଶ୍ୱର,୨୯।୨(ବ୍ୟୁରୋ)

ନୂତନ ଭାବେ ଚୟନ ହୋଇଥିବା ଓଡିଶା ପୌର କ୍ୟାଡର ଅନ୍ତର୍ଭୁକ୍ତ ଓଡିଶା ପୌର ପ୍ରଶାସନ ସେବା (ଓଏମ୍‌ଏସ୍) ଏବଂ ଓଡିଶା ପୌର ଯୋଜନା ସେବା (ଓଏମ୍‌ପିଏସ) ଅଧିକାରୀଙ୍କୁ ନିଯୁକ୍ତି ପତ୍ର ଦେବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସତ୍ୟନଗରଠାରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ନିର୍ମିତ ଉନ୍ନତି ଭବନର ଲୋକାର୍ପଣ କରିଛନ୍ତି। ଶନିବାର ଏହି ରାଜ୍ୟସ୍ତରୀୟ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଓଏମ୍‌ଏସ୍‌ର ୨୮ ଏବଂ ଓଏମ୍‌ପିଏସ୍‌ର ୧୨ ଜଣ ଅଧିକାରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବ ନିଯୁକ୍ତ ଅଧିକାରୀମାନଙ୍କୁ ସ୍ୱାଗତ କରିବା ସହ ମୋ ସରକାର ଏବଂ ୫-ଟି ଧାରାରେ କାର୍ଯ୍ୟ କରି ପୌରାଞ୍ଚଳ ଶାସନ ବ୍ୟବସ୍ଥାକୁ ଏକ ନୂତନ ସ୍ତରକୁ ନେବାକୁ ପରାମର୍ଶ ଦେଇଥିଲେ।

ନଗର ଉନ୍ନୟନ ବିଭାଗ ଦ୍ୱାରା ୩୦ କୋଟି ଟଙ୍କାରେ ନିର୍ମିତ ଉନ୍ନତି ଭବନରେ ଓଡିଶା ଜଳଯୋଗାଣ ଓ ସ୍ୱେରେଜ ବୋର୍ଡ, ଜନସ୍ୱାସ୍ଥ୍ୟ ଇଞ୍ଜିନିୟରିଂ ସଂଗଠନ, ୱାଟ୍‌କୋ, ଆବାସ ମିଶନ, ଜାଗା ମିଶନ ଭଳି କାର୍ଯ୍ୟାଳୟ ରହିଛି। ଏହି ଅବସରରେ ବସ୍ତି ରୂପାନ୍ତରଣ ଉଦ୍ଦେଶ୍ୟରେ କାର୍ଯ୍ୟ କରୁଥିବା ଜାଗା ମିଶନକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଛନ୍ତି। ଏହାଛଡା ଡ୍ରିଙ୍କ ଫ୍ରମ ଟ୍ୟାପ ମିଶନ ଏବଂ ୨୪ ଘଣ୍ଟିଆ ଉତ୍ତମ ଜଳଯୋଗାଣ ଯୋଜନାରେ କାର୍ଯ୍ୟରତ ୱାଟ୍‌କୋ କର୍ପୋରେଟ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଛନ୍ତି। ଉନ୍ନତି ଭବନ ୨ ଏକର ପରିମିତ ଅଞ୍ଚଳରେ ୯୩,୨୫୦ ବର୍ଗଫୁଟ ବିଶିଷ୍ଟ ନିର୍ମାଣ ହୋଇଥିବା ବେଳେ ଏଥିରେ ୨୫୦ ଦୁଇଚକିଆ ଏବଂ ୮୦ଟି ଚାରିଚକିଆ ଯାନ ରଖିବା ବ୍ୟବସ୍ଥା ହୋଇଛି। ଏଥିରେ ୪୦୦ ଲୋକ କାମ କରିବା ନେଇ ଦୀର୍ଘ ସ୍ପେଶ ରହିଛି। ଏହି ଭବନରେ ୧୧୦ କିଲୋୱାଟର ସୌର ଶକ୍ତି ପ୍ରକଳ୍ପ ସ୍ଥାପନ କରାଯାଇଥିବା ବେଳେ ଛାତ ଉପର ବର୍ଷା ଜଳ ସଂରକ୍ଷଣ ବ୍ୟବସ୍ଥା ହୋଇଛି। ଏଥିରେ ୩ଟି ବୃହତ୍ ସମ୍ମିଳନୀ କକ୍ଷ ଥିବାବେଳେ ୩ଟି କ୍ଷୁଦ୍ର ସମ୍ମିଳନୀ କକ୍ଷ, ଲାଇବ୍ରେରୀ, ଡାଇନିଂ ହଲ, ରିସେପସନ ଲବି, ସର୍ବସାଧାରଣଙ୍କ ପାଇଁ ୪ଟି ୱେଟିଂ ଲବି ରହିଛି। ଏହି ଭବନର ସବୁ ଅଞ୍ଚଳରେ ସିସି ଟିଭି ସର୍ଭେଲାନ୍ସ ବ୍ୟବସ୍ଥା ରହିଛି। ଏହି ଲୋକାର୍ପଣ ଉତ୍ସବରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା, ମୁଖ୍ୟ ଶାସନ ସଚିବ ଅସୀତ ତ୍ରିପାଠୀ, ଓପିଏସ୍‌ସି ଅଧ୍ୟକ୍ଷ ଏବଂ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ବିଧାନସଭା ବିଭାଗୀୟ ସ୍ଥାୟୀ କମିଟି ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,୨୯।୨(ବ୍ୟୁରୋ)

ଓଡ଼ିଶା ବିଧାନସଭାର ବିଭିନ୍ନ ବିଭାଗର ସ୍ଥାୟୀ କମିଟି ବୈଠକ ଶନିବାର ଅନୁଷ୍ଠିତ ହୋଇଛି। ବିଧାୟକ କିଶୋର କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଗୃହ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ, ଆଇନ୍ ବିଭାଗର ୨୦୨୦-୨୧ ଆର୍ଥିକ ବର୍ଷର ବଜେଟ୍ ଆକଳନ ସମ୍ପର୍କିତ ଅନୁଦାନ ପାଇଁ ଦାବିର ତର୍ଜମା କରାଯାଇଛି। ସେହିପରି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନ୍ୟ ଏକ କମିଟିର ବୈଠକ ବସିଛି। ଏଥିରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ଏବଂ ସରକାରୀ ଉଦ୍ୟୋଗ ବିଭାଗ ସମ୍ପର୍କରେ ଆଲୋଚନା ହୋଇଥିଲା। ବିଧାୟକ ଭୂପିନ୍ଦର ସିଂହଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଉଚ୍ଚଶିକ୍ଷା ବିଭାଗ, ବିଜ୍ଞାନ ଓ କାରିଗରି ବିଭାଗ, କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗର ଆଗାମୀ ଆର୍ଥିକ ବର୍ଷର ବଜେଟ୍ ଆକଳନ ସଂପର୍କିତ ଅନୁଦାନ ପାଇଁ ଦାବିର ତର୍ଜମା କରାଯାଇଥିଲା। ପ୍ରଫୁଲ୍ଲ ସାମଲଙ୍କ ଅଧ୍ୟକ୍ଷତାରେ ପୂର୍ତ୍ତ ବିଭାଗ, ପର୍ଯ୍ୟଟନ ବିଭାଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ତର୍ଜମା କରାଯାଇଥିଲା। ଅନୁରୂପଭାବେ ଦେବୀପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ୨୦୨୦-୨୧ ଆର୍ଥିକ ବର୍ଷର ବଜେଟ୍ ଆକଳନ ସଂପର୍କିତ ଅନୁଦାନ ପାଇଁ ଦାବିର ତର୍ଜମା କରାଯାଇଥିଲା।

# ଡିଡିଓଙ୍କୁ ଅର୍ଥ ବିଭାଗର ଚେତାବନୀ

**ବ୍ୟାଙ୍କରେ ଅଯଥା ସରକାରୀ ଅର୍ଥ ରଖିଲେ କାର୍ଯ୍ୟାନୁଷ୍ଠାନ**

ଭୁବନେଶ୍ୱର,୨୯।୨(ବ୍ୟୁରୋ)

ଆର୍ଥିକବର୍ଷ ଶେଷକୁ ଖର୍ଚ୍ଚ ନ ରଖି ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ଅର୍ଥ ବିଭାଗ ସମସ୍ତ ବିଭାଗ ଓ ବିଭାଗୀୟ ମୁଖ୍ୟ ଦପ୍ତରକୁ ନିର୍ଦ୍ଦେଶ ଦେଇଛି। ଏ ନେଇ ଅର୍ଥ ବିଭାଗ ସଚିବ ଅଶୋକ କୁମାର ମୀନା ଚିଠି ଲେଖିଛନ୍ତି। ଚିଠିରେ କୁହାଯାଇଛି ଯେ, କୌଣସି ଆର୍ଥିକ ଅନୁମୋଦନ, ଆଲଟମେଣ୍ଟ, ଅର୍ଥ ପଇଠ କରିବା, ଟ୍ରେଜେରିକୁ ବିଲ୍ ଦେବା କିମ୍ବା ଅର୍ଥ ବିଭାଗକୁ କୌଣସି ଆର୍ଥିକ ପ୍ରସ୍ତାବ ଆଦି ଦେବା ପାଇଁ ଆର୍ଥିକବର୍ଷ ଶେଷକୁ ନ ରଖି ଧାର୍ଯ୍ୟ ତାରିଖ ମଧ୍ୟରେ ଶେଷ କରିବାକୁ କୁହାଯାଇଛି।

ଏଥିସହିତ ଟ୍ରେଜେରିରେ ବିଲ୍ ପଇଠ କରିବା ନେଇ ମଧ୍ୟ ଅର୍ଥ ବିଭାଗ ପକ୍ଷରୁ କଡା ତାଗିଦ କରାଯାଇଛି। ଟ୍ରେଜେରିରେ ବିଲ୍ ପଇଠ କରିବା ଶେଷ ତାରିଖ ବିଷୟରେ ୨୦୨୦ ଫେବୃୟାରୀ ୬ ତାରିଖରେ ଦିଆଯାଇଥିବା ଚିଠିରେ ଉଲ୍ଲେଖ କରାଯାଇଛି। ପ୍ରଶାସନିକ ସୁବିଧା ଏବଂ ବିଲ ପଇଠ ବ୍ୟବସ୍ଥାକୁ ସୁସଙ୍ଗତ କରିବା ପାଇଁ ଏହି ନିର୍ଦ୍ଦେଶନାମା ଦିଆଯାଇଛି। ଟ୍ରେଜେରିରେ ଧାର୍ଯ୍ୟ କରାଯାଇଥିବା ତାରିଖ ଅନୁଯାୟୀ ବିଲ୍ ପଇଠ ହେଉଛି କି ନାହିଁ ସେନେଇ ସମୀକ୍ଷା କରାଯିବ।

ଜରୁରୀ ନ ଥିଲେ ଡିଡିଓ ଟ୍ରେଜେରିରୁ ଅର୍ଥ ଉଠାଇ ପାରିବେ ନାହିଁ। ଏ ନେଇ ୨୦୧୪ ନଭେମ୍ବର ୧୧ ଏବଂ ୨୦୧୯ ଜୁଲାଇ ୧୦ ତାରିଖରେ ଅର୍ଥ ବିଭାଗ ପକ୍ଷରୁ ଚିଠି ଲେଖାଯାଇଥିଲା। ସରକାରୀ ଅର୍ଥକୁ କୌଣସି ବ୍ୟାଙ୍କରେ ଅଯଥାରେ ଜମା କରାଯାଇ ପାରିବ ନାହିଁ। ଏହାକୁ ଅମାନ୍ୟ କଲେ ସମ୍ପୃକ୍ତ ଡିଡିଓଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅର୍ଥ ବିଭାଗ ପକ୍ଷରୁ ଦିଆଯାଇଥିବା ଆର୍ଥିକ ପରିଚାଳନା ଗାଇଡଲାଇନକୁ ଅନୁସରଣ କରିବାକୁ ଚିଠିରେ କୁହାଯାଇଛି।


**ଏସ୍.ଇ. ରେଳପଥ ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: (୧) ସିଓଏମ୍‌ଏମ୍‌ଏଲ୍‌୭୫-ସିଏସ୍-କ୍ରିପି-୨୦୨୦, (୨) ସିଓଏମ୍‌ଏମ୍‌ଏଲ୍‌୭୫-ସିପି-ସିଏସ୍-ଏଡିଟିପି-୨୦୨୦, (୩) ସିଓଏମ୍‌ଏମ୍‌ଏଲ୍‌୭୫-ସିଏସ୍-ଆର୍‌କେଏସ୍‌ଏନ୍-୨୦୨୦, (୪) ସିଓଏମ୍‌ଏମ୍‌ଏଲ୍‌୭୫-ସିଏସ୍-ଏସ୍‌ଆଇଏନ୍‌ଆଇ-ମେନ୍-୨ୟ-୨୦୨୦, ତାରିଖ: ୨୫।୦୨।୨୦୨୦। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଆସିଷ୍ଟାଣ୍ଟ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁରଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। କ୍ର.ସଂ., କାର୍ଯ୍ୟର ନାମ, ବିଭାଗୀୟ ମୂଲ୍ୟ, ଟେଣ୍ଡର ଫର୍ମ ମୂଲ୍ୟ ଏବଂ ଅମାନତ ରାଶି ନିମ୍ନ ଅନୁଯାୟୀ ଅଟେ: (୧) ତିନିବର୍ଷ ଅବଧି ପାଇଁ ରାଜଗାଙ୍ଗପୁର ରେଳ ଷ୍ଟେଶନଠାରେ ସ୍କୁଟର/ମୋଟର ସାଇକେଲ/ସାଇକେଲ ପାର୍କିଂ ଷ୍ଟାଣ୍ଡର ପରିଚାଳନା, ମୋଟ ମୂଲ୍ୟ- ₹୩,୦୩,୨୯୩.୦୪ ଜିଏସ୍‌ଟି ସମେତ, ₹୧,୦୦୦/-, ₹୫,୨୦୦/-। (୨) ତିନିବର୍ଷ ଅବଧି ପାଇଁ ଆଦିତ୍ୟପୁର ରେଳ ଷ୍ଟେଶନଠାରେ ସ୍କୁଟର/ମୋଟର ସାଇକେଲ/ସାଇକେଲ/ ଅଟୋ ଟ୍ୟାକ୍ସି/କାର୍ ପାର୍କିଂ ଷ୍ଟାଣ୍ଡର ପରିଚାଳନା, ମୋଟ ମୂଲ୍ୟ - ₹୩,୬୧,୪୩୭.୫୪ ଜିଏସ୍‌ଟି ସମେତ, ₹୧,୦୦୦/-, ₹୬,୨୦୦/-। (୩) ତିନିବର୍ଷ ଅବଧି ପାଇଁ ରାଜଖରସୁଆଁ ରେଳ ଷ୍ଟେଶନଠାରେ ସ୍କୁଟର/ ମୋଟର ସାଇକେଲ/ ସାଇକେଲ ପାର୍କିଂ ଷ୍ଟାଣ୍ଡର ପରିଚାଳନା, ମୋଟ ମୂଲ୍ୟ- ₹୩,୦୩,୨୯୧.୮୭ ଜିଏସ୍‌ଟି ସମେତ, ₹୧,୦୦୦/-, ₹୫,୨୦୦। (୪) ତିନିବର୍ଷ ଅବଧି ପାଇଁ ସିନି ରେଳ ଷ୍ଟେଶନର ମୁଖ୍ୟ ଏବଂ ୨ୟ ପ୍ରବେଶ ପଥରେ ସ୍କୁଟର/ ମୋଟର ସାଇକେଲ/ ସାଇକେଲ ପାର୍କିଂ ଷ୍ଟାଣ୍ଡର ପରିଚାଳନା, ମୋଟ ମୂଲ୍ୟ- ₹୨,୮୩,୫୨୨.୧୪ ଜିଏସ୍‌ଟି ସମେତ, ₹୧,୦୦୦/-, ₹୪,୯୦୦/-। ଇ-ଟେଣ୍ଡର ସମାପ୍ତିର ତାରିଖ ଓ ସମୟ: ପ୍ରତ୍ୟେକ କାର୍ଯ୍ୟ ପାଇଁ ତା୧୮।୦୩।୨୦୨୦ରିଖ ୧୫.୩୦ ଘଟିକାରେ। ୱେବ୍‌ସାଇଟ୍‌ର ବିବରଣୀ: www.ireps.gov.in। ବି.ଦ୍ର.: ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ଠିକାଦାରଙ୍କୁ www.ireps.gov.inରେ ଅନ୍‌ଲାଇନ୍ ଟେଣ୍ଡର ଦାଖଲ କରିବାକୁ ହେବ। PR-1401

ଟେଣ୍ଡର ବିଜ୍ଞପ୍ତି ନଂ.: (୧) ସିକେପି-ସେଣ୍ଟ୍ରାଲ-୧୯-୨୦-୪୮, (୨) ସିକେପି-ଇଷ୍ଟ-୧୯-୨୦-୬୩। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲୱେ ମ୍ୟାନେଜର (ଇଂ.), ଚକ୍ରଧରପୁର, ଦକ୍ଷିଣ ପୂର୍ବ ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ଏହି ଟେଣ୍ଡର ବାବଦରେ ମାନୁଆଲ୍ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ୍ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ। କ୍ର.ସଂ., କାର୍ଯ୍ୟର ନାମ, ଟେଣ୍ଡର ମୂଲ୍ୟ, ଇଏମ୍‌ଡି ନିମ୍ନ ଅନୁଯାୟୀ ଅଟେ: (୧) ସିପିଇ-ପିଏସ୍‌କେ ମଧ୍ୟରେ କିମି ୪୩୭/୧୫-୧୭ଠାରେ ଏଲ୍.ସି. ନଂ. ଆର୍‌ବି-୧୩କୁ ହଟାଇ ଏଲ୍.ଏଚ୍.ଏସ୍. ନିମନ୍ତେ ପ୍ରସ୍ତାବ (୩ୟ କଲ୍), ₹୨,୧୩,୮୭,୯୬୯.୨୩, ₹୨,୫୬,୯୦୦/-। (୨) ଏଡିଇଏନ୍/II/ଟାଟାଙ୍କ କ୍ଷେତ୍ରାଧିକାର ଅଧୀନରେ ବିର୍ବିଂସଠାରେ ପିଏଫ୍ ନଂ.୧ ଓ ୨ ତଥା ୩ ଏବଂ ଏମ୍‌ଏମ୍‌ଡିଠାରେ ପିଏଫ୍ ନଂ.୩ ପ୍ଲାଟ୍‌ଫର୍ମ ଉଚ୍ଚତାକୁ ରେଳ ସ୍ତର/ମଧ୍ୟମ ସ୍ତରରୁ ଉଚ୍ଚ ସ୍ତରକୁ ଉଠାଇବା (୨ୟ କଲ୍), ₹୧,୯୯,୪୩,୪୬୯.୮୯, ₹୨,୪୯,୭୦୦/-। ଟେଣ୍ଡର ଫର୍ମ ମୂଲ୍ୟ: କ୍ର.ସଂ. ୧ ପାଇଁ ₹୧୦,୦୦୦/- ଏବଂ କ୍ର.ସଂ. ୨ ପାଇଁ ₹୫,୦୦୦/-। ଖୋଲାଯିବା ତାରିଖ: କ୍ର.ସଂ. ୧ ଓ ୨ ପାଇଁ ତା୨୪।୦୩।୨୦୨୦ରିଖ। ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ରହିଥିବା ଏବଂ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ପର୍କିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ। PR-1405






**ପୂର୍ବ ତଟ ରେଳପଥ**

**ଇଞ୍ଜିନିୟରିଂ କାର୍ଯ୍ୟ**

ଫାଇଲ ନଂ. DRM/Engg/KUR/19-20/E-Tender/53, ତା: 25.02.2020

1) ଟେଣ୍ଡର ବିଜ୍ଞପ୍ତି ସଂ. e-Tender-NORTH KUR-357-2019, ତା: 17.02.2020
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର କପାଳି ରୋଡ଼ (ପିଏଚ), ଦୁଲାଖାପାଟଣା (ପିଏଚ), ବ୍ରାହ୍ମଣୀ (ପିଏଚ୍) ଏବଂ ସୁକିନ୍ଦା ରୋଡ଼ ଷ୍ଟେସନଠାରେ ପ୍ରଥମ ଫୁଟ୍ ଓଭର ବ୍ରିଜ୍‌ର ବ୍ୟବସ୍ଥା।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 815.58 ଲକ୍ଷ, EMD (ଟଙ୍କାରେ) : ₹ 5,57,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 11,800/-, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ।

2) ଟେଣ୍ଡର ବିଜ୍ଞପ୍ତି ସଂ. e-Tender-HQ-KUR-358-2019, ତା: 17.02.2020
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳ ମୁଖ୍ୟାଳୟରେ ଅଧିକାରୀ ବିଶ୍ରାମ ଗୃହ-ସହ-ସମ୍ମିଳନୀ ହଲର ନିର୍ମାଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 289.24 ଲକ୍ଷ, EMD (ଟଙ୍କାରେ) : ₹ 2,94,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 11,800/-, କାର୍ଯ୍ୟ ଶେଷ ହେବା ଅବଧି : 08 (ଆଠ) ମାସ।

3) ଟେଣ୍ଡର ବିଜ୍ଞପ୍ତି ସଂ. e-Tender-NORTH-KUR-359-2019, ତା: 17.02.2020
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ନୟାଗଡ଼ ଷ୍ଟେସନଠାରେ କ୍ରସ୍ ଡ୍ରେନ୍‌ଗୁଡ଼ିକର ବ୍ୟବସ୍ଥା ସହିତ R/4 - R/5 ଏବଂ R/5 - R/6 ମଧ୍ୟରେ ସେଣ୍ଟ୍ରାଲ ଡ୍ରେନ୍‌ର ବ୍ୟବସ୍ଥା ଦ୍ୱାରା ୟାର୍ଡ଼ ଜଳ ନିକାଶର ପ୍ରସ୍ତାବିତ ଉନ୍ନୟନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 236.28 ଲକ୍ଷ, EMD (ଟଙ୍କାରେ) : ₹ 2,68,100/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 11,800/-, କାର୍ଯ୍ୟ ଶେଷ ହେବା ଅବଧି : 10 (ଦଶ) ମାସ।

4) ଟେଣ୍ଡର ବିଜ୍ଞପ୍ତି ସଂ. e-Tender-NORTH KUR-360-2019, ତା: 17.02.2020
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ବାଉଦପୁର ଏବଂ କେନ୍ଦୁଆପଦା ତଥା ଯାଜପୁର କେନ୍ଦୁଝର ରୋଡ଼ ଏବଂ ଜଖପୁରା ଷ୍ଟେସନଗୁଡ଼ିକ ମଧ୍ୟରେ ଡାଉନ୍ ଲାଇନ୍ ସାଇଡ଼ରେ ଟୋ ୱାଲ (Toe Wall) ବ୍ୟବସ୍ଥା ଦ୍ୱାରା ଦୁର୍ବଳ ଫର୍ମେସନ ପ୍ୟାଚ୍‌ଗୁଡ଼ିକରେ ଆଡ଼ିବନ୍ଧ (Embankment)ର ପ୍ରସ୍ତାବିତ ସୁରକ୍ଷା।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 215.19 ଲକ୍ଷ, EMD (ଟଙ୍କାରେ) : ₹ 2,57,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 11,800/-, କାର୍ଯ୍ୟ ଶେଷ ହେବା ଅବଧି : 10 (ଦଶ) ମାସ।

5) ଟେଣ୍ଡର ବିଜ୍ଞପ୍ତି ସଂ. e-Tender-SouthKUR-361-2020, ତା: 15.02.2020
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ଇଚ୍ଛାପୁରମ୍-ପଲାସା ସେକ୍ସନ ମଧ୍ୟରେ ବିଭିନ୍ନ ପ୍ୟାଚ୍‌ଗୁଡ଼ିକରେ 5400 ସଂଖ୍ୟକ କ୍ଷତିଗ୍ରସ୍ତ(Cracked) PSC ସ୍ଲିପରଗୁଡ଼ିକର କାଜୁଆଲ ସ୍ଲିପର ନବୀକରଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹49.76 ଲକ୍ଷ, EMD (ଟଙ୍କାରେ) : ₹99,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 3,540/-, କାର୍ଯ୍ୟ ଶେଷ ହେବା ଅବଧି : 08 (ଆଠ) ମାସ।

6) ଟେଣ୍ଡର ବିଜ୍ଞପ୍ତି ସଂ. e-Tender-CENT-KUR-362-2020, ତା: 15.02.2020
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ, ଭୁବନେଶ୍ୱର ପରିସୀମା ଅଧୀନସ୍ଥ ରେଟଙ୍ଗ ଠାରେ ପୂର୍ବବର୍ତ୍ତୀ ଏବଂ ପରବର୍ତ୍ତୀ ପରିଚାଳନା ଏବଂ BCM ପ୍ରକ୍ରିୟା ସହିତ ଅନ୍ୟ ବିବିଧ କାର୍ଯ୍ୟ, ଥ୍ରୁ ରେଲ୍ ନବୀକରଣ କାର୍ଯ୍ୟ ତଥା PSR ର ଅପସାରଣ ସମ୍ବନ୍ଧୀୟ ଅନ୍ୟ P.Way ସମ୍ପର୍କିତ କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 154.95 ଲକ୍ଷ, EMD (ଟଙ୍କାରେ) : ₹ 2,27,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,900/-, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ।

7) ଟେଣ୍ଡର ବିଜ୍ଞପ୍ତି ସଂ. e-Tender-CENT-KUR-363-2019, ତା: 18.02.2020
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ଯନ୍ତ୍ରୀ, ଢେଙ୍କାନାଳ ପରିସୀମା ଅଧୀନସ୍ଥ କି.ମି.163/0 ଠାରୁ କି.ମି.166/0 ମଧ୍ୟରେ ବ୍ୟାଙ୍କ ସ୍ଲୋପଗୁଡ଼ିକର ପ୍ରସ୍ତାବିତ ମରାମତି, ସେସ୍ (Cess), ଟ୍ରୋଲି ରେଫ୍ୟୁଜି (Trolley Refuges) ଏବଂ ଟୋ ୱାଲ (Toe Wall) ମରାମତି।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹82.55 ଲକ୍ଷ, EMD (ଟଙ୍କାରେ) : ₹1,65,100/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,900/-, କାର୍ଯ୍ୟ ଶେଷ ହେବା ଅବଧି : 08 (ଆଠ) ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ) : ତା.11.03.2020 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ଼ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 ଦିନ ପୂର୍ବରୁ ୱେବସାଇଟ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବସାଇଟ http://www.ireps.gov.in ରେ ଉପଲବ୍ଧ ହେବ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼
PR-747/K/19-20



**THE ODISHA MINING CORPORATION LIMITED**
OMC House, Bhubaneswar-751001, Odisha
CIN : U13100OR1956SGC000313, www.omcltd.in

No.47/OMC Date : 29.02.2020

**ADVERTISEMENT FOR ENGAGEMENT OF EXECUTIVE DIRECTOR (BUSINESS EXCELLENCE / TQM) ON FIXED TERM CONTRACT BASIS IN OMC LTD**

The OMC, a Gold category and largest State PSU in Mining Sector in the Country, undertakes exploration, mining and trading of iron, chrome & bauxite ores. The Corporation has achieved an annual turnover of Rs. 4053 Crores in the FY 2018 -19. Inspired by the vision to emerge as the market leader and to play a catalytic role in the growth of industrialization, OMC caters to the requirements of mineral based industries.

The OMC intends to engage one Executive Director (Business Excellence / TQM) on fixed term contract basis to head the Business Excellence /TQM wing of the Corporation for which applications are invited from dynamic & competent professionals for filling up the Post.

| Sl. No. | Name of the Post | No of post | Qualification | Experience & Competency | Maximum Age as on 29.02.2020 | Monthly consolidated remuneration |
|---|---|---|---|---|---|---|
| 1 | Executive Director (Business Excellence / TQM) | 01 | **Essential**<br>• BE / B.Tech (Mechanical / Production / Industrial Engg.) from a recognized University / Institute approved by AICTE.<br>**Desirable**<br>• MBA (Operations) from a reputed B School<br>• Six Sigma Certification Experience of working in a Mining organization<br>• Knowledge of MS Projects and Project management / analytical tools. | (i) 15 years' Post-qualification experience in BE/ TQM strategy or spearheading/ driving QC projects in large organization(s).<br>(ii) Proven experience in BE/ TQM related role at senior/mid-senior Management level in a reputed Company.<br>(iii) Fair exposure in leading/ institutionalizing quality and process reengineering.<br>(iv) Adherence to policy / systems, Facilitation, Change Agent, Trainer, Team Management, Kaizen Concept, Continuous Improvement Program, Motivation, Risk Taking, Innovation.<br>(v) Project Planning and Implementation.<br>(vi) A strong strategic and business mind-set. | • Minimum 40 years<br>• Maximum 55 years | Negotiable |

- The eligible candidates will be short-listed on the basis of relevant work experience.
- The selection will be made on the basis of personal interview of eligible shortlisted candidates.
- The engagement is on full time contract basis.

Interested eligible candidates are requested to download the application format from OMC website : **omcltd.in** and submit the same duly filled in & signed along with self attested copies of Mark sheets, Certificates, Testimonials, Experience Certificate in support of their eligibility by Speed Post / Courier in a cover superscribed **"APPLICATION FOR THE POST OF EXECUTIVE DIRECTOR (BUSINESS EXCELLENCE / TQM)"** so as to reach the General Manager (P&A), The Odisha Mining Corporation Ltd., OMC House, Bhubaneswar- 751001 by **20.03.2020** positively. Applications received after the last date due to delay in postal/courier or any other reason shall not be entertained and will be rejected.

The OMC Management reserves the right to cancel, amend or alter the above advertisement without assigning any reason thereof.

Sd/-
Director (Personnel)



ଯେଉଁମାନେ ଗୁଡ଼ାଏ କଥା କୁହନ୍ତି,
ସେମାନେ ଖୁବ୍ କମ୍ ଚିନ୍ତା କରନ୍ତି।
- ଜନ୍ ଡ୍ରାଇଡେନ୍

# ୧୨ ଘଣ୍ଟା ବାଙ୍କୀ ବନ୍ଦ

ବାଙ୍କୀ/ବାରଙ୍ଗ,୨୯।୨(ସ୍ୱ.ପ୍ର./ ଡି.ଏନ୍.ଏ.)

ବାଙ୍କୀ ଡବଲ ମର୍ଡର ଘଟଣାର ପ୍ରତିବାଦରେ ଶନିବାର କଂଗ୍ରେସ ପକ୍ଷରୁ ସ୍ଥାନୀୟ ଅଞ୍ଚଳରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। କଂଗ୍ରେସର ପୂର୍ବତନ ବିଧାୟକ ଡ.ଦେବାଶିଷ ପଟ୍ଟନାୟକ ଏହାର ନେତୃତ୍ୱ ନେଇଥିଲେ। ଏହି ଅବସରରେ କଂଗ୍ରେସ ପକ୍ଷରୁ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି ହୋଇଥିଲା। ଦେବାଶିଷ ଏକ ପ୍ରେସ ବିବୃତି ଜରିଆରେ ଡବଲ ମର୍ଡର ଘଟଣାକୁ ନିନ୍ଦା କରିବା ସହ ହତ୍ୟାକାଣ୍ଡରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଜଡିତ ଥିବା ରାଜନୈତିକ ବ୍ୟକ୍ତିଙ୍କୁ ତଦନ୍ତ ପରିସର ଭିତରକୁ ଆଣିବାକୁ ଦାବି କରିଥିଲେ। ବନ୍ଦ ଯୋଗୁ ବାଙ୍କୀର ସମସ୍ତ ଦୋକାନ ବଜାର, ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିବା ବେଳେ ଯାନବାହନ ଚଳାଚଳ ପ୍ରଭାବିତ ହୋଇଥିଲା। ହାଟ ପାଳି ଥିଲେ ମଧ୍ୟ କୌଣସି ଚାଷୀ ପନିପରିବା ବିକ୍ରି କରିବାକୁ ଆସି ନ ଥିଲେ। ସ୍ଥାନୀୟ ଅଞ୍ଚଳର ଶିକ୍ଷା ଅନୁଷ୍ଠାନଗୁଡିକ ବନ୍ଦ ରହିଥିଲା। କଂଗ୍ରେସ ନେତା ଡ. ଦେବାଶିଷଙ୍କ ନେତୃତ୍ୱରେ କର୍ମୀମାନେ ବାଙ୍କୀ ଟାଉନ୍ ପରିକ୍ରମା କରି ଜନସାଧାରଣଙ୍କୁ ଏହି ହତ୍ୟାକାଣ୍ଡ ସମ୍ପର୍କରେ ଅବଗତ କରାଇଥିଲେ। ଭାଜପା ନେତା ଶୁଭ୍ରାଂଶୁ ମୋହନ ପାଢ଼ୀ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଦଳ ପକ୍ଷରୁ ନୈତିକ ସମର୍ଥନ ଜଣାଇଥିଲେ। ଶାନ୍ତିଶୃଙ୍ଖଳାକୁ ଦୃଷ୍ଟିରେ ରଖି ବାଙ୍କୀର ସରକାରୀ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। କଂଗ୍ରେସର ଏହି ବନ୍ଦ ପାଳନ ବେଳେ ବାଙ୍କନିଧି ବେହେରା, କ୍ଷେତ୍ରବାସୀ ଦାଶ, ବିଶ୍ୱରଞ୍ଜନ ପଣ୍ଡା, କାଶୀନାଥ ମହାପାତ୍ର, ଶିବ ପ୍ରସାଦ ପାଢୀ, ନିତ୍ୟାନନ୍ଦ ବେହେରା, କୁବେର ଚୌଧୁରୀ, ବାବୁଲି ଦଳେଇ ଓ ଗୋପୀନାଥ ବେହେରା ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଉପଖଣ୍ଡ କଳାପଥର, ଡମପଡ଼ା ଓ ବୈଦ୍ୟେଶ୍ୱର ଆଦି ଅଞ୍ଚଳରେ ବନ୍ଦ ପାଳନ ସଫଳ ହୋଇଥିବା ନେଇ କଂଗ୍ରେସ ପକ୍ଷରୁ କୁହାଯାଇଛି।

ଗତ ୧୫ ତାରିଖ ଅପରାହ୍ନରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବାଙ୍କୀ ଥାନା ଅନ୍ତର୍ଗତ କିଆପଲା ଜୋକଲାଣ୍ଡି ଜଳସେଚନ ପ୍ରକଳ୍ପ ନିକଟରେ ଡବଲ୍ ମର୍ଡର ହୋଇଥିଲା। ଦୁର୍ବୃତ୍ତମାନେ ନୂଆଗାଁ ସରପଞ୍ଚ ମମତା ମହାପାତ୍ରଙ୍କ ସ୍ୱାମୀ ଭଗବାନ ସାଇଁ ଓ ଖଜୁରିପଦାସ୍ଥିତ ୱେବ ପୋର୍ଟାଲ ଖବରଦାତା ଆଦିତ୍ୟ ରଣସିଂହଙ୍କୁ ମାରଣାସ୍ତ୍ର ସାହାଯ୍ୟରେ ଗୋଡ଼େଇ ଗୋଡ଼େଇ ହାଣିଥିଲେ। ଘଟଣାସ୍ଥଳରେ ଆଦିତ୍ୟଙ୍କ ମୃତ୍ୟୁ ହୋଇଥିବା ବେଳେ କଟକ ବଡ଼ ଡାକ୍ତରଖାନାରେ ଭଗବାନଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ପୋଲିସ ମାମଲା (ନଂ.୩୯/୨୦)ରୁଜୁ କରି ଅଦ୍ୟାବଧି ୮ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ ଦାବିରେ କଂଗ୍ରେସ ପକ୍ଷରୁ ବନ୍ଦ ପାଳନ କରାଯାଇଥିଲା।



କଂଗ୍ରେସ କର୍ମୀମାନେ ଟାୟାର ଜାଳି ରାସ୍ତାରୋକୋ କରୁଛନ୍ତି ।

**ଡବଲ ମର୍ଡର ଘଟଣାର ପ୍ରତିବାଦ**

## ବାରଙ୍ଗ ବନ୍ଦ ସଫଳ

ବହୁଚର୍ଚ୍ଚିତ ଖଜୁରିପଦା ଡବଲ ମର୍ଡର ଘଟଣାରେ ପୋଲିସର ନିଷ୍କ୍ରିୟତା, ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ନ କରିବା ଓ ମୃତକଙ୍କ ପରିବାରକୁ ସରକାରୀ ସାହାଯ୍ୟ ଦେବା ଦାବିରେ ବାଙ୍କୀ ନିର୍ବାଚନମଣ୍ଡଳୀ କଂଗ୍ରେସ ପକ୍ଷରୁ ଶନିବାର ୧୨ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା। ତେବେ ଏହି ନିର୍ବାଚନମଣ୍ଡଳୀ ଅଧୀନ ବାରଙ୍ଗରେ ମଧ୍ୟ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ସଫଳ ହୋଇଥିବା ଦେଖିବାକୁ ମିଳିଛି। ଏହି ବନ୍ଦକୁ ସାଧାରଣ ଲୋକଙ୍କ ସହ ବ୍ୟବସାୟୀମାନେ ସମର୍ଥନ ଜଣାଇଛନ୍ତି। ବାରଙ୍ଗ କଂଗ୍ରେସର କର୍ମୀମାନେ ଏକ ଶୋଭାଯାତ୍ରାରେ ବାହାରି ବାରଙ୍ଗ ବ୍ଲକ ଓ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ହତ୍ୟାକାଣ୍ଡରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଧରିବା ନେଇ ନାରାବାଜି ଦେଇଥିଲେ। ବାରଙ୍ଗ ମୁଖ୍ୟରାସ୍ତା ସାମୟିକ ଭାବେ ବନ୍ଦ ହୋଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ସ୍ୱାଭାବିକ ଭାବେ ଗାଡ଼ିମୋଟର ଚଳାଚଳ କରିଥିଲା। ଏଥିରେ ମଣ୍ଟୁ ମାଝି, ଅରୁଣ କୁମାର ସାହୁଙ୍କ ନେତୃତ୍ୱରେ ବାରଙ୍ଗର ବିଭିନ୍ନ ସ୍ଥାନରେ କଂଗ୍ରେସ କର୍ମୀମାନେ ଉପସ୍ଥିତ ରହି ଦୋକାନ ବଜାର ସବୁ ବନ୍ଦ କରିବାକୁ ଅନୁରୋଧ କରିଥିଲେ।

**ସଂକ୍ଷେପରେ**

## ୨ ବାଇକ୍ ମଧ୍ୟରେ ଧକ୍କା, ୪ ଗୁରୁତର

ପୁରୁଣା ଭୁବନେଶ୍ୱର, ୨୯।୨(ଡି.ଏନ.ଏ.)- ପୁରୀ-ଭୁବନେଶ୍ୱର ୩୧୬ ନଂ. ଜାତୀୟ ରାଜପଥର ମଧୁର ମତ୍ସ୍ୟ ଗବେଷଣା କେନ୍ଦ୍ର (ସିଫା) ନିକଟରେ ଶୁକ୍ରବାର ବିଳମ୍ବିତ ରାତ୍ରିରେ ଦୁଇଟି ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟିଥିଲା। ଏଥିରେ ୪ ଜଣ ଗୁରୁତର ହୋଇଥିଲେ। ଆହତମାନଙ୍କ ମଧ୍ୟରୁ ୩ ଜଣ ଇଞ୍ଜିନିୟରିଂ ଛାତ୍ର ହୋଇଥିବାବେଳେ ଅନ୍ୟ ଜଣେ ସ୍ଥାନୀୟ ଅଞ୍ଚଳର ବୋଲି ଜଣାପଡିଛି। ପୋଲିସ ସୂଚନା ମୁତାବକ, ପିପିଲି ପଟୁ ରଙ୍ଗସାଇଡ଼ରେ ଗୋଟିଏ ବାଇକ୍‌ରେ ୩ ଇଞ୍ଜିନିୟରିଂ ଛାତ୍ର ଦ୍ରୁତଗତିରେ ଆସୁଥିଲେ। ଏହି ସମୟରେ ଭୁବନେଶ୍ୱର ପଟୁ ପିପିଲି ଯାଉଥିବା ଅନ୍ୟ ଏକ ବାଇକ୍ ଚାଳକ ସହ ସେମାନଙ୍କ ବାଇକ୍ ଧକ୍କା ହୋଇଥିଲା। ଉଭୟ ଆହତମାନେ ରାସ୍ତା କଡକୁ ଛିଟିକି ପଡିଥିଲେ। ବାଇକ ଦୁଇଟି ଭାଙ୍ଗିରୁଜି ଯାଇଥିଲା। ଖବର ଲେଖା ହେବା ବେଳକୁ ଗାଡ଼ି ନମ୍ବର କିମ୍ବା ଆହତଙ୍କ ପରିଚୟ ପତ୍ର ମିଳିପାରି ନ ଥିବା ଉତ୍ତରା ଫାଣ୍ଡି ଇନଚାର୍ଜ ମନୋଜ ଦାଶ ସୂଚନା ଦେଇଛନ୍ତି। ଏଭଳି ଏକ ଦୁର୍ଘଟଣା ଘଟିବାର ୨୪ ଘଣ୍ଟା ପରେ ପୋଲିସ ପାଖରେ କୌଣସି ତଥ୍ୟ ନ ମିଳିବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଯୌତୁକ ଲାଗି ବୋହୂକୁ ପୋଡ଼ି ହତ୍ୟା ଉଦ୍ୟମ

ପୁରୀ ଅଫିସ,୨୯।୨:ଅଧିକ ଯୌତୁକ ଲାଗି ବୋହୂକୁ ପୋଡ଼ି ମାରିବାକୁ ଉଦ୍ୟମ ହୋଇଥିବା ବାସେଳି ସାହି ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଅଟକ ରଖିଛି। ସମ୍ପୃକ୍ତ ମହିଳାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।ଅଭିଯୋଗରେ ଦର୍ଶାଯାଇଛି ଯେ, ୮ବର୍ଷ ତଳେ ରମେଶ ଚନ୍ଦ୍ର ତ୍ରିପାଠୀଙ୍କ ଝିଅ ଝରଣା ପୁରୀ ଜିଲା ପାର୍ବତୀପୁର ଲକ୍ଷ୍ମୀନାରାୟଣ ନଗରର ମନୁଆ ନନ୍ଦଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ତାଙ୍କର ୫ ଓ ୩ବର୍ଷର ଦୁଇଜଣ ପୁଅ ଅଛନ୍ତି। ବିବାହ ସମୟରେ କନ୍ୟାଘର ପକ୍ଷରୁ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ତେବେ ବିବାହର କିଛି ବର୍ଷ ପରେ ଶାଶୁଘର ଲୋକେ ଅଧିକ ଯୌତୁକ ଦାବିରେ ଝରଣାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ଏ ନେଇ ସେ ପରିବାର ଲୋକଙ୍କୁ ଜଣାଇଥିଲେ। ଶନିବାର ଭୋର ସମୟରେ ସେ ପୋଡ଼ି ଯାଇଥିବା ଏବଂ ମେଡିକାଲରେ ଭର୍ତ୍ତି ହୋଇଥିବା ଖବର ପାଇ ତାଙ୍କ ବାପଘର ଲୋକେ ପୁରୀରେ ପହଞ୍ଚିଥିଲେ। ଭଉଣୀ ଝରଣାଙ୍କୁ ଶାଶୁଘର ଲୋକେ ଯୌତୁକ ପାଇଁ ପୋଡ଼ି ମାରିବାକୁ ଉଦ୍ୟମ କରିଛନ୍ତି ବୋଲି ଭାଇ ଅକ୍ଷୟ ତ୍ରିପାଠୀ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ ଜାରି ରହିଥିବା ପୋଲିସ କହିଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବେଙ୍କର କଣ୍ଠୀ,**
**କେତେ ତୁ ଦେଖାଉ ଛଇଛଟକୀ ।**

ସାଧାରଣତଃ ଅଳଙ୍କାର ପ୍ରତି ମହିଳାମାନଙ୍କ ମନରେ ଅନେକ ଦୁର୍ବଳତା ଭାବ ରହିଥାଏ। ସୁନ୍ଦର ଗହଣାଗାଣ୍ଠି ପିନ୍ଧି ଅନ୍ୟ ଆଗରେ ନିଜ ରୂପଲାବଣ୍ୟକୁ ନେଇ ଦେଖେଇ ହେବାରେ ସେମାନେ ଖୁସି ଅନୁଭବ କରିଥାନ୍ତି। ଏପରିସ୍ଥଳେ ସାମାନ୍ୟ ବେଶଭୂଷା ହୋଇ ଅନ୍ୟ ଆଗେର ଛଇଛଟକ ଦେଖେଇ ହେଉଥିବା ମହିଳାଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ବୁଢ଼ା ବଡ଼ କୃପଣ**
**ପଖାଳ ଭାତରେ ନ ଖାଏ ଲୁଣ ।**

କେତେଜଣ ବ୍ୟକ୍ତି କୃପଣ ସ୍ୱଭାବର ହୋଇଥାନ୍ତି। କାଳେ ଅଧିକ ଧନ ଖର୍ଚ୍ଚ ହୋଇଯିବ ସେହି ଭୟରେ ନା ଭଲକି ଖଣ୍ଡେ ଖାଇଥାନ୍ତି ନା ଦେହକୁ ଭଲ ଖଣ୍ଡେ ପିନ୍ଧିଥାନ୍ତି। ପଖାଳ ଭାତରେ ସାମାନ୍ୟ ଲୁଣ ଟିକେ ନ ପକାଇବା ଭଳି ନିଜ ଦୈନନ୍ଦିନ ଚଳଣିରେ ଯଥାସମ୍ଭବ କାଟଛାଣ୍ଟ କରୁଥିବା କଞ୍ଜୁସ ବ୍ୟକ୍ତି ପ୍ରତି ଏଭଳି ଉକ୍ତି ଉଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

## ବିକାଶ ପ୍ରକ୍ରିୟାରେ ନାରୀ ବଞ୍ଚିତ

**ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଜାତୀୟ ଆଲୋଚନାଚକ୍ର**

ଭୁବନେଶ୍ୱର, ୨୯।୨(ବ୍ୟୁରୋ)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଜେଣ୍ଡର ଷ୍ଟଡ଼ିଜ୍ ବିଭାଗ ଆନୁକୂଲ୍ୟରେ ଲିଙ୍ଗ, ପରିବେଶ ଓ ନିରନ୍ତର ବିକାଶ ସମ୍ପର୍କିତ ଜାତୀୟ ଆଲୋଚନାଚକ୍ର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। କୁଳପତି ପଦ୍ମଜା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ପଦ୍ମଶ୍ରୀ ରାଧାମୋହନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେ କହିଥିଲେ ଯେ, ପ୍ରଚଳିତ ବିକାଶ ପ୍ରକ୍ରିୟାରେ ନାରୀମାନେ ବଞ୍ଚିତ ହୋଇଆସୁଛନ୍ତି। କାରିଗରୀ କୌଶଳ ମଧ୍ୟ ନାରୀ ବିରୋଧୀ ହୋଇଛି। ଧର୍ମ, ପରମ୍ପରା ତଥା ସଂସ୍କୃତିରେ ନାରୀମାନେ ପୁରୁଷମାନଙ୍କ ସହ ସମାନ ସ୍ଥାନ ପାଉନାହାନ୍ତି । ଘରେ ତଥା ଶିକ୍ଷାନୁଷ୍ଠାନରେ ମହିଳାମାନେ ପ୍ରଶ୍ନ ପଚାରିବାକୁ ବା ପ୍ରଚଳିତ ପିତୃ କେନ୍ଦ୍ରିକ ବ୍ୟବସ୍ଥାକୁ ପ୍ରତିବାଦ ନ କରିବାକୁ ପ୍ରଶିକ୍ଷିତ ହେଉଛନ୍ତି। ଏହା ବିକାଶ ସର୍ବସ୍ୱ ନୁହେଁ, ଏଥିରେ ପରିବର୍ତ୍ତନ କରିବାର ସମୟ ଆସିଛି। ବଜାର ଅର୍ଥନୀତିରେ କ୍ଷମତାଶୀଳମାନେ ଲାଭ ପାଉଛନ୍ତି, ନାରୀ ଦୁର୍ବଳ ଥିବାରୁ ଏହାର ସୁଯୋଗ ପାଇବାରୁ ବଞ୍ଚିତ ହେଉଛନ୍ତି। ଏସବୁରେ ପରିବର୍ତ୍ତନ ନ ହେଲେ ସାମାଜିକ ବିକାଶ ସମ୍ଭବ ହୋଇପାରିବ ନାହିଁ ବୋଲି ପଦ୍ମଶ୍ରୀ ରାଧାମୋହନ କହିଛନ୍ତି। ଆଲୋଚନାଚକ୍ରରେ ଅନ୍ୟମାନଙ୍କ ମଧ୍ୟରେ ପଦ୍ମଶ୍ରୀ ସାବରମତୀ, କୃଷି ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଏସ. କେ. ଶ୍ରୀବାସ୍ତବ, ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ଼ ପାମେଲା ସିଂ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷା ଡ଼. ସରିତା ସୂପକାର ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ରଖିଥିଲେ। ବିଭାଗୀୟ ମୁଖ୍ୟ ପ୍ରଫେସର ଜ୍ୟୋତିର୍ମୟୀ ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ଼. ଅଲିଭା ମହାନ୍ତି ଧନ୍ୟବାଦ ଦେଇଥିଲେ। ଡ଼. ସାୟନ୍ତନି ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କୁଳପତି ମିଶ୍ର ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆସନ୍ତା ଦିନରେ ଆଲୋଚନାଚକ୍ରରେ ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ଆସିଥିବା ଗବେଷକମାନେ ଶତାଧିକ ପ୍ରବନ୍ଧ ଉପସ୍ଥାପନ କରିବେ ବୋଲି ଶନିବାର ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି।

# ଗଞ୍ଜାମର ଜନଜାତି ମତ୍ସ୍ୟଚାଷୀଙ୍କ କର୍ମଶାଳା

ପିପିଲି/ବାଲକାଟୀ, ୨୯।୨(ସ୍ୱ.ପ୍ର./ଡି.ଏନ୍.ଏ.)

ଭାରତ ସରକାରଙ୍କ ବିଜ୍ଞାନ ଓ ବୈଷୟିକ ବିଭାଗ ପ୍ରାୟୋଜିତ କାର୍ପ ଯାଆଁଳ ଉତ୍ପାଦନ ଓ ଗଞ୍ଜାମ ଜିଲାର ଫାଇଲିନ୍ କ୍ଷତିଗ୍ରସ୍ତ ଆଦିବାସୀ ମତ୍ସ୍ୟଚାଷୀଙ୍କ ପାଇଁ 'ସମନ୍ୱିତ ମତ୍ସ୍ୟଚାଷ' କୌଶଳ ପ୍ରକଳ୍ପର ଶେଷ କର୍ମଶାଳା ସିଫାଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସିଫା ଓ ଓଡ଼ିଶା ସରକାରଙ୍କ ମତ୍ସ୍ୟ ବିଭାଗ ଗଞ୍ଜାମ ଜୋନ୍‌ର ମିଳିତ ସହଯୋଗରେ କାର୍ଯ୍ୟକାରୀ ହେଉଥିବା ଏହି ପ୍ରକଳ୍ପଟି ୨୦୧୬-୧୭ ମସିହାରୁ ଆରମ୍ଭ ହୋଇ ୨୦୨୦ରେ ଶେଷ ହେଉଛି। ସିଫାର ନିର୍ଦ୍ଦେଶିକା ଡ. ବି.ଆର୍.ପିଲାଇଙ୍କ ସଭାପତିତ୍ୱରେ ରାଜ୍ୟ ଖଦି ଓ ଗ୍ରାମୋଦ୍ୟୋଗ ପରିଷଦର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ଗଞ୍ଜାମ ଜୋନ୍‌ର ଡିଡିଏଫ୍ ଶିବ ପ୍ରସାଦ ଭୋଇ ଓ ଅତିରିକ୍ତ ମତ୍ସ୍ୟ ନିର୍ଦ୍ଦେଶକ ଦେବାନନ୍ଦ ଭଞ୍ଜ, ପ୍ରକଳ୍ପର ମୁଖ୍ୟ ତଥା ପ୍ରଧାନ ବୈଜ୍ଞାନିକ ଡ. ବିକାଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଗଞ୍ଜାମ ଜିଲାର ୨୧୩ ଜଣ ଆଦିବାସୀ ମତ୍ସ୍ୟଚାଷୀ ପରିବାରଙ୍କୁ ଏହି ପ୍ରକଳ୍ପ ଅଧୀନରେ ପୋଷ୍ୟ ଭାବେ ଗ୍ରହଣ କରାଯିବା ସହ ସିଫା ଦ୍ୱାରା ପ୍ରସ୍ତୁତ ୪ଗୋଟି ଏଫ୍.ଆର୍.ପି. ହାଚେରି ପ୍ରଦାନ କରାଯାଇଥିଲା। ବୈଜ୍ଞାନିକ ପଦ୍ଧତିରେ ଜଳ କୃଷି କରିବା ପାଇଁ ୧୧ଗୋଟି ଆବଶ୍ୟକୀୟ ପ୍ରଶିକ୍ଷଣ ଦିଆଯାଇ ଡେମୋ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। ପ୍ରକଳ୍ପର ମୁଖ୍ୟ ତଥା ପ୍ରଧାନ ବୈଜ୍ଞାନିକ ଡ.ବିକାଶ ଚନ୍ଦ୍ର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ 'ଗଞ୍ଜାମ ଜିଲାର ଜନଜାତି କୃଷକଙ୍କ ପାଇଁ ମଧୁର ଜଳକୃଷି ପ୍ରଯୁକ୍ତି ବିଦ୍ୟାର ବିସ୍ତାରଣ' ଶୀର୍ଷକ ଏକ ସ୍ୱତନ୍ତ୍ର ପୁସ୍ତିକାକୁ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ୫ ଗୋଟି ପୋଷ୍ୟଗ୍ରାମ, ୩ଜଣ ମତ୍ସ୍ୟ ଅଧିକାରୀଙ୍କୁ ପ୍ରକଳ୍ପର ସଫଳତା ପାଇଁ ସେମାନଙ୍କ ଅବଦାନ ନିମନ୍ତେ ସମ୍ମାନିତ କରାଯାଇଥିଲା। ଶେଷରେ ସାମାଜିକ ବିଜ୍ଞାନ ବିଭାଗର ପ୍ରଧାନ ବୈଜ୍ଞାନିକ ଡ. ଗୌର ସୁନ୍ଦର ସାହା ଧନ୍ୟବାଦ ଦେଇଥିଲେ।





କର୍ମଶାଳାରେ ଅତିଥିମାନେ ଜଣେ ଅଧିକାରୀଙ୍କୁ ସମ୍ମାନିତ କରୁଛନ୍ତି ।

**୫ ପୋଷ୍ୟ ଗ୍ରାମ, ୩ ମତ୍ସ୍ୟ ଅଧିକାରୀଙ୍କୁ ସମ୍ମାନିତ**

## ଆଇଓବିର ଅଲ୍ ଇଣ୍ଡିଆ ୱାର୍କିଂ କମିଟି ବୈଠକ

ଭୁବନେଶ୍ୱର,୨୯।୨

ଇଣ୍ଡିଆନ ଓଭରସିଜ ବ୍ୟାଙ୍କ (ଆଇଓବି)ର ଅଲ ଇଣ୍ଡିଆ ୱର୍କିଂ କମିଟି ବୈଠକ ଏବଂ ମେମ୍ବର୍ସ ମିଟ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଆଞ୍ଚଳିକ କାର୍ଯ୍ୟାଳୟ ଏବଂ ଶାଖା କାର୍ଯ୍ୟାଳୟଗୁଡିକରୁ ଅଧିକାରୀ ଏବଂ କର୍ମଚାରୀମାନେ ଯୋଗ ଦେଇଥିଲେ। ଆଇବିଏ ନିକଟରେ ହୋଇ ଆସୁଥିବା ମଜୁରି ସଂଶୋଧନ, ୫ ଦିନ କାର୍ଯ୍ୟ ଦିବସ, ବେସିକ ପେ ସହିତ ସ୍ୱତନ୍ତ୍ର ଭତ୍ତା ମିଶ୍ରଣ, ସ୍ୱତନ୍ତ୍ର ପେନସନ ସ୍କିମ, ପରିବାର ପେନସନ ବୃଦ୍ଧି ଭଳି ବିଭିନ୍ନ ପ୍ରସଙ୍ଗ ଉପରେ ଏଠାରେ ଆଲୋଚନା କରାଯାଇଥିଲା। ଅଲ୍ ଇଣ୍ଡିଆ ୱର୍କିଂ କମିଟିର ସାଧାରଣ ସମ୍ପାଦକ ଭବାନୀ ଶଙ୍କର ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ବୈଠକ ଆୟୋଜନ କରାଯାଇଥିଲା। ଏଥିରେ ସଭାପତି ଆବ୍ରାହମ ଶାହଜି ଜନ୍, କାର୍ଯ୍ୟକାରୀ ସଭାପତି ଆର୍.କାମେଶ୍ୱରନ, ସାଧାରଣ ସମ୍ପାଦକ ଟି.ମୁରଲୀ ସୌନ୍ଦରାଜନ ପ୍ରମୁଖ ଯୋଗ ଦେଇଥିଲେ। ସହାୟକ ସାଧାରଣ ସମ୍ପାଦକ ସଞ୍ଜିତ ପଟ୍ଟନାୟକ , ରଜତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବିଜୁ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ

କଟକ ଅଫିସ,୨୯।୨:

ଆସନ୍ତା ୫ତାରିଖରେ ତଳବାଲିଯାତ୍ରା ପଡ଼ିଆରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଉତ୍ସବ ପାଳନ ହେବ। ଏ ନେଇ ସ୍ଥାନୀୟ ସର୍କିଟ ହାଉସରେ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମନ୍ତ୍ରୀ ପ୍ରତାପ ଜେନା ଏଥିରେ ଅଧ୍ୟକ୍ଷତା କରିବା ସହିତ ଉତ୍ସବର ସଫଳ ଆୟୋଜନ ନେଇ ଆଲୋଚନା କରିଥିଲେ। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ବ୍ୟବସ୍ଥା କରାଯିବାକୁ ସ୍ଥିର ହୋଇଛି। ବିଧାୟକ ଦେବୀ ପ୍ରସାଦ ମିଶ୍ର, ପ୍ରଣବ ପ୍ରକାଶ ଦାସ, ଚନ୍ଦ୍ରସାରଥୀ ବେହେରା, ପ୍ରଶାନ୍ତ ବେହେରା, ଡ. ପ୍ରମୋଦ ମଲ୍ଲିକ, ଦେବୀ ରଞ୍ଜନ ତ୍ରିପାଠୀ, ସୌଭିକ ବିଶ୍ୱାଳ ଏବଂ ପୂର୍ବତନ ବିଧାୟକ ସଞ୍ଜୟ ଦାସବର୍ମା ପ୍ରମୁଖ ବିଜେଡି ନେତା ଉପସ୍ଥିତ ଥିଲେ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
78950-82886
73765-91521
B-34/7 A Block Vijay Enclave, Bururi, New Delhi

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

BUSINESS

Hi TECH TOWER
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ ଉପରେ Digital ଟାୱାର ଲଗାନ୍ତୁ । ଅଗ୍ରିମ- 60,00,000/-, ଭଡ଼ା 40,000/- + 25,000/-ର ଅନ୍ୟାନ୍ୟ ସୁବିଧା।
(NOTE- କୌଣସି ଟାୱାର କମ୍ପାନୀରୁ ଠକାମିର ଶିକାର ହୋଇଥିଲେ କିମ୍ବା କାମ ଚାଲିଥିଲେ ତେବେ ଅଭିଯୋଗ କରି ନିଜର ଟଙ୍କା ଫେରିପାଆନ୍ତୁ ଓ ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାଇ ଟାୱାର ଲଗାନ୍ତୁ।
HELPLINE No.
07488344055

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ ।
ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: galaxytower1999@gmail.com
WhatsApp No
9479667248

INDUS TOWER LTD
କୌଣସୀ ଖର୍ଚ୍ଚ ନାହିଁ ନିଜର ଖାଲିଥିବା ଜମି, ଛାତ, ପ୍ଲଟ ଓ ଘର ଆଦି ସମସ୍ତ ସ୍ଥାନରେ ଡିଜିଟାଲ ଟାୱର ବସାଇ ଅଗ୍ରୀମ 60,000,00/-, ଭଡା 50,000/- ଟଙ୍କା ପାଆନ୍ତୁ ।
Plot No 37 UA, Bungalow Rd, Kamla Nagar, New Delhi,
8882906098

Harpreet Corporation Digital Company
Required Land / Roof / Khet in Village and City Digital Tower Installation + Advance 65 Lakh + Rent 45 Thousand +
Contact :-
9811014559

BUSINESS
American Tower କମ୍ପାନୀ ଦ୍ୱାରା ନିଜର ଖାଲିଥିବା ଜମି ଓ ଛାତରେ (ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ) ଟାୱର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 70,000/- ଟଙ୍କା ପାଆନ୍ତୁ + ବାଇକ୍ ପାଆନ୍ତୁ
ଧୋକାବାଜ୍ ଙ୍କୁ ସାବଧାନ
American Tower B Wing, Mumbai , Maharashtra-400021.
9473860496

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday

FINANCE

ଋଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ
ପର୍ସନାଲ | ପ୍ରପର୍ଟି
ଏଗ୍ରିକଲ୍ଚର | ବ୍ୟବସାୟ
ଗୃହ ଋଣ | ଟୁ-ହ୍ୱିଲର୍
ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲଧାରୀଙ୍କୁ ମଧ୍ୟ ଋଣ
8929889612
7290830466
Shahajahanabad, Bhopal (MP)

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
ବିଜିନେସ୍ ଋଣ
ସମ୍ପତ୍ତି ଋଣ
ମାର୍କଶିଟ୍ ଋଣ
ଆଧାର କାର୍ଡ ଋଣ
ବ୍ୟକ୍ତିଗତ ଋଣ
ବିପିଏଲ୍ ଋଣ
ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
୦୮୭୬୫୪୧୪୪୮୧, ୦୯୧୨୬୩୪୪୯୮୦

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ଶ୍ରୀ ସାଇ ଫାଇନାନ୍ସ
—ଖର୍ଚ୍ଚ ଋଣରୁ କଟିବ—
ନ୍ୟାଶନାଲ ଆୱାର୍ଡ ଭାରତର ନଂ.1 କମ୍ପାନୀ
ଦ୍ୱାରା ଶିକ୍ଷା, ପ୍ରପର୍ଟି, ଗ୍ରୁପ୍ ଋଣ, ପର୍ସନାଲ, ଗୃହ ଋଣ, ମୁଦ୍ରା, ଆଧାର କାର୍ଡ, ଇଟାଭାଟି ଋଣ, ସବୁ ବର୍ଗ ପାଇଁ ଘରେ ବସି ପାଆନ୍ତୁ 12 ଘଣ୍ଟାରେ ଋଣ।
2% ସୁଧ 40% ଛାଡ଼
ମହିଳା ଓ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ପ୍ରଥମେ ଆସନ୍ତୁ, ପ୍ରଥମେ ପାଆନ୍ତୁ
ସହାୟତା କେନ୍ଦ୍ରଃ 75992-54565
89012-71684
94506-10896

DHANLAXMI FINANCE
DHANLAXMIଋଣ 2%ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
8146524009
9992204863

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବଲିଉଡ୍ ଫିଲ୍ମ 'ଡିଡିଏଲ୍‌ଜେ'କୁ ପ୍ରଶଂସା କରିଛନ୍ତି। ଶାହରୁଖ୍ 'ଡିଡିଏଲ୍‌ଜେ-୨' କରିବା ଉଚିତ୍। ୧୯୯୫ରେ ରିଲିଜ୍ ହୋଇଥିବା ଏହି ସୁପରହିଟ୍ ଫିଲ୍ମର ଦ୍ୱିତୀୟ ପାର୍ଟକୁ ମଧ ଦର୍ଶକ ଅଧିକ ଭଲ ପାଇବେ। 'ଡିଡିଏଲ୍‌ଜେ'ର ନିର୍ଦ୍ଦେଶକ-ପ୍ରଯୋଜକଙ୍କୁ ଏହାର ଦ୍ୱିତୀୟ ପାର୍ଟ କରିବା ପାଇଁ ମୁଁ କହିବି। ଯାହା ଫଳରେ ସାରା ବିଶ୍ୱରୁ ଯେଉଁ ପ୍ରଧାନମନ୍ତ୍ରୀ ବା ରାଷ୍ଟ୍ରପତି ଭାରତ ଆସିବେ ଏହି ଫିଲ୍ମ ଉପରେ ନିଶ୍ଚିତ ଚର୍ଚ୍ଚା କରିବେ।

-ଗୌରୀ ଖାନ୍, ବଲିଉଡ୍ କିଙ୍ଗ୍ ଶାହରୁଖ ଖାନ୍‌ଙ୍କ ସ୍ତ୍ରୀ



# ବିଗ୍‌ବ୍ୟାଙ୍ଗ୍ ପରେ ସବୁଠୁ ବଡ଼ ବିସ୍ଫୋରଣ



**ମେଲବୋର୍ନ:** ବିଗ୍‌ବ୍ୟାଙ୍ଗ୍ ବିସ୍ଫୋରଣରୁ ବିଶ୍ୱ ବ୍ରହ୍ମାଣ୍ଡ ସୃଷ୍ଟି ହୋଇଛି ବୋଲି କୁହାଯାଏ। କିନ୍ତୁ ସେହି ବିରାଟ ବିସ୍ଫୋରଣ ପରେ ଏବେ ଆଉ ଏକ ବିସ୍ଫୋରଣ ବୈଜ୍ଞାନିକମାନେ ମହାକାଶରେ ଦେଖିବାକୁ ପାଇଛନ୍ତି। ପୁଣେସ୍ଥିତ ଜ୍ୟାଣ୍ଟ ମେଟ୍ରିଓ୍ୱେଭ ରେଡିଓ ଟେଲିସ୍କୋପ୍( ଜିଏମ୍‌ଆର୍‌ଟି) ସମେତ ନାସାର ଚନ୍ଦ୍ର ଏକ୍ସ-ରେ ଅବ୍‌ଜର୍‌ଭେଟୋରି , ୟୁରୋପିଆନ ସ୍ପେଶ୍ ଏଜେନ୍ସି( ଇଏସଏ)ର ଏକ୍ସଏମଏମ -ନ୍ୟୁଟନ ଓ ପଶ୍ଚିମ ଅଷ୍ଟ୍ରେଲିଆସ୍ଥିତ ମୁର୍‌ଚିଶନ ଓ୍ୱାଇଡ୍‌ଫିଲ୍ଡ ଆରେ (ଏମ୍‌ଡବ୍ଲ୍ୟୁଏ) ଟେଲିସ୍କୋପ ମାଧ୍ୟମରେ ଏହି ବିସ୍ଫୋରଣକୁ ଠାବ କରାଯାଇ ତା 'ଉପରେ ଅନୁଧ୍ୟାନ କରାଯାଇଛି। ମହାକାଶରେ ପୂର୍ବରୁ ସଂଗଠିତ ବିସ୍ଫୋରଣ ତୁଳନାରେ ଏଥିରୁ ୫ ଗୁଣ ଅଧିକ ଶକ୍ତି ନିର୍ଗତ ହୋଇଛି। ପୃଥିବୀଠାରୁ ୩୯୦ ମିଲିୟନ ଆଲୋକ ବର୍ଷ ଦୂରରେ ଥିବା ଏକ ଗ୍ରହାଣୁପୁଞ୍ଜ ବା ଛାୟାପଥ ମଧ୍ୟରେ ଥିବା ବିଶାଳ ବ୍ଲାକ୍ ହୋଲ୍‌ରେ ଘଟିଥିବା ଏହି ବିସ୍ଫୋରଣ ଖୁବ୍ ବଡ ବୋଲି କହିଛନ୍ତି ଆଷ୍ଟ୍ରେଲିଆର କୁର୍ଟିନ ବିଶ୍ୱବିଦ୍ୟାଳୟର ଗବେଷକ ମେଲାନି ଜନଷ୍ଟୋନ ହୋଲିଟ୍। ଏହି ବିସ୍ଫୋରଣ ଖୁବ୍ ଧୀରେ ଧୀରେ ହୋଇଥିଲା ଓ ଏଥିଲାଗି ଶହ ଶହ ମିଲିୟନ ବର୍ଷ ଲାଗିଛି ବୋଲି ଗବେଷକମାନେ ଅନୁମାନ କରିଛନ୍ତି। ଏହାଦ୍ୱାରା ବ୍ଲାକ୍‌ହୋଲ୍ ବାହାରେ ଘେରି ରହିଥିବା ଅତ୍ୟଧିକ ଉତ୍ତପ୍ତ ଗ୍ୟାସ ( ବ୍ଲାକ୍‌ହୋଲ୍ ପ୍ଲାଜମା)ମଧ୍ୟରେ ଏକ ବିଶାଳ ଗାଡ ସଦୃଶ ଶୂନ୍ୟସ୍ଥାନ ସୃଷ୍ଟି କରିଦେଇଛି। ଏହା ଏତେ ବଡ ଯେ, ଏହା ମଧ୍ୟରେ ଅନେକ ଗ୍ରହାଣୁପୁଞ୍ଜ ସ୍ଥାନ ନେଇପାରିବ।



ଶ୍ରୁତି ହାସନ

# ମୁହଁ ସର୍ଜରି କଥା ମାନିଲେ ଶ୍ରୁତି

**ମୁମ୍ବାଇ:** ବଲିଉଡ୍ କଳାକାରମାନେ ପ୍ଲାଷ୍ଟିକ୍ ସର୍ଜରୀ କରିବା କିଛି ନୂଆ କଥା ନୁହେଁ। ଅନେକ ଅଭିନେତ୍ରୀ ଓଠ, ନାକ ଆଦି ଶରୀରର ବିଭିନ୍ନ ଅଙ୍ଗକୁ ଆକର୍ଷଣୀୟ କରିବା ପାଇଁ ପ୍ଲାଷ୍ଟିକ୍ ସର୍ଜରୀର ସହାୟତା ନେଇଛନ୍ତି। ମାତ୍ର ଖୁବ୍ କମ୍ କଳାକାର ରହିଛନ୍ତି ଯେଉଁମାନେ ପ୍ଲାଷ୍ଟିକ୍ ସର୍ଜରୀ କରିଥିବା ସ୍ୱୀକାର କରନ୍ତି। ଏମାନଙ୍କ ମଧ୍ୟରୁ ଜଣେ ଅଭିନେତ୍ରୀ ହେଉଛନ୍ତି ଶ୍ରୁତି ହାସନ। ଶ୍ରୁତି ନିଜ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ଏକ ଲମ୍ବା ଚଉଡା ମେସେଜ୍ କରିଛନ୍ତି। ସେଥିରେ ସେ ନିଜ ମୁହଁର ପାଷ୍ଟିକ୍ ସର୍ଜରୀ କରିଥିବା ସ୍ୱୀକାର କରିଛନ୍ତି। ଏହା ଫଳରେ ସେ ଅଧିକ ସୁନ୍ଦରୀ ଓ ଆକର୍ଷଣୀୟ ମଧ୍ୟ ଲାଗୁଛନ୍ତି।

# ପାଦରେ ଲେଖି ପରୀକ୍ଷାରେ ପାସ୍ କଲେ ଛାତ୍ର



**ଆମେଠି :** କୁହାଯାଏ, ଭଗବାନ ଯାହାକୁ ଯେମିତି ସୃଷ୍ଟି କରିଛନ୍ତି, ତାକୁ ସେମିତି ବୁଦ୍ଧି ବିବେକ ମଧ ଦେଇଛନ୍ତି। ଏହି ଉକ୍ତିଟି ଉତ୍ତରପ୍ରଦେଶର ଅମର ବାହାଦୂର ନାମକ ଜଣେ ଛାତ୍ରଙ୍କଠାରେ ଶତ ପ୍ରତିଶତ ପ୍ରମାଣିତ ହୋଇଛି। ଈଶ୍ୱର ତାଙ୍କୁ ହାତ ଦେଇ ନାହାନ୍ତି ସତ ମାତ୍ର ଅମର ତାଙ୍କ ପାଦରେ ପରୀକ୍ଷା ଦେଇ ଭଲ ନମ୍ବର ରଖି ମାଟ୍ରିକ୍ ପାସ୍ କରିଛନ୍ତି। ପିଲାଟି ଦିନରୁ ତାଙ୍କର ଦୁଇ ହାତ ନାହିଁ। ସେ ଗୋଡ଼ରେ ସବୁ କାମ ଭଲ ଭାବରେ କରିପାରନ୍ତି। ଏପରିକି ୨୦୧୭ରେ ରାମବଳୀ ଇଣ୍ଟର କଲେଜରେ ଅମର ହାଇସ୍କୁଲ ପରୀକ୍ଷା ଦେଇଥିଲେ। ପରୀକ୍ଷାରେ ସେ ଗୋଡ଼ରେ ଲେଖିଥିଲେ। ମାତ୍ର ଯେତେବେଳେ ରେଜଲ୍ଟ ବାହାରିଲା ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ। ୫୯ ପ୍ରତିଶତ ନମ୍ବର ରଖି ଅମର ଗାଁର ସମ୍ମାନ ବଢ଼ାଇ ଦେଇଥିଲେ। ଉଚ୍ଚଶିକ୍ଷା ପାଇଁ ତାଙ୍କର ଇଚ୍ଛା ଅଛି। ମାଆ କେବଳା ଦେବୀ ଏବଂ ବାପା ରମଲଖନଙ୍କ ଇଚ୍ଛା ଦିବ୍ୟାଙ୍ଗ ପୁଅକୁ ଉଚ୍ଚଶିକ୍ଷିତ କରିବେ କିନ୍ତୁ ଅର୍ଥ ବାଧକ ସାଜିଛି ବୋଲି କୁହନ୍ତି।

# ୫୦ ବର୍ଷ ମଧ୍ୟରେ ପୁଣି ରେନ୍‌ବୋ ସ୍ନେକ୍



**ଓ୍ୱାଶିଂଟନ୍:** ବେଳେବେଳେ କିଛି ଖରାପ ଜିନିଷ ମଧ୍ୟରେ ଖୁବ୍ ସୁନ୍ଦର ଝଲକ ଦେଖିବାକୁ ମିଳେ। ସେ ବୃକ୍ଷଲତା ହୁଅନ୍ତୁ କିମ୍ବା ଜୀବଜନ୍ତୁ। ଏମିତି ଏକ ସୁନ୍ଦର ଜୀବ ହେଉଛି ରେନ୍‌ବୋ ସାପ। ଇନ୍ଦ୍ରଧନୁ ପରି ସାତ ରଙ୍ଗ ଏହି ସାପ ଦେହରେ ଦେଖିବାକୁ ମିଳେ। ଏହି ପ୍ରଜାତିର ସାପ ବେଶ୍ ଆକର୍ଷଣୀୟ ଦେଖାଯା'ନ୍ତି। ୫୦ ବର୍ଷ ମଧ୍ୟରେ ଆମେରିକାର ଫ୍ଲୋରିଡା ଜଙ୍ଗଲରେ ଏପରି ସାପ ଦେଖିବାକୁ ମିଳେ। ଏହି ସାପର ଫଟୋ ଓକେଲା ନ୍ୟାଶନାଲ ଫରେଷ୍ଟ ଫେସବୁକ୍ ଆକାଉଣ୍ଟରେ ଶେୟାର ହୋଇଛି। ଯାହା ଖୁବ୍ ଭାଇରାଲ ହେବାରେ ଲାଗିଛି। ଏହି ରଙ୍ଗୀନ ସାପର ଲମ୍ବ ୪ ଫୁଟ। ସାପର ବିଶେଷତ୍ୱ ହେଲା ଏହା ବିଷଧର ନୁହେଁ। ତେଣୁ କୌଣସି କ୍ଷତି କରେ ନାହିଁ। ଦୁନିଆରେ ଏହି ପ୍ରଜାତିର ସାପ କ୍ୱଚିତ୍ ଦେଖାଯା'ନ୍ତି। ୧୯୬୯ରେ ଫ୍ଲୋରିଡାରେ ଶେଷଥର ପାଇଁ ଏପରି ସାପ ଦେଖାଯାଇଥିଲା। କୁହାଯାଏ, ଏହା ବହୁତ ଲାଜୁଆ ସ୍ୱଭାବର। ସାଧାରଣତଃ ପାଣି ଥିବା ସ୍ଥାନରେ ଏହି ସାପ ଦେଖିବାକୁ ମିଳେ। ଏହି ସାପବଂଶ ବିଲୁପ୍ତପ୍ରାୟ। ଫ୍ଲୋରିଡାର ବାୟୋଲୋଜିକାଲ ଡାୟବର୍ସିଟି ସେଣ୍ଟର ପକ୍ଷରୁ ୨୦୧୦ରେ ଏପରି ସାପବଂଶ ବଞ୍ଚାଇ ରଖିବା ପାଇଁ ଦାବି କରାଯାଇଥିଲା।

ଫ୍ଲୋରିଡା ସଂଗ୍ରାହାଳୟ ଅନୁଯାୟୀ, ରୋଡମ୍ୟାନ୍ ଝରଣାର ଜଳସ୍ତର ପରିବର୍ତ୍ତନ ହେଉଥିବାରୁ ଏହି ସାପ ବାହାରକୁ ଚାଲିଆସିଛି। କହିରଖୁଛୁ, ଆମେରିକା ସରକାର ଏହାକୁ ବିଲୁପ୍ତ ପ୍ରାୟ ବୋଲି ଧରିନେଇଥିଲେ। ଏପରିକି ଏହି ସାପ ଖୋଜି ଆଣିଦେଲେ ୫୦୦ ଡଲାର ପୁରସ୍କାର ରାଶି ମଧ ଘୋଷଣା କରିଥିଲେ। ମାତ୍ର ଏବେ ଦ୍ୱିତୀୟ ଥର ପାଇଁ ଏହି ସାପ ଦେଖି ଫ୍ଲୋରିଡାବାସୀ ଆଖିକୁ ବିଶ୍ୱାସ କରିପାରୁନାହାନ୍ତି।



# ୩୬ ବର୍ଷରେ ଜାନ୍‌ଭୀ

**ମୁମ୍ବାଇ:** ଛୋଟ ପରଦାର ସୁନ୍ଦରୀ ନାୟିକା ଜାନ୍‌ଭୀ ଛେଡ଼ା ଶନିବାର ୩୬ ବର୍ଷରେ ପାଦ ଦେଇଛନ୍ତି। ସେ ୧୯୮୪ ଫେବୃୟାରୀ ୨୯ରେ ମୁମ୍ବାଇଠାରେ ଜନ୍ମଗ୍ରହଣ କରିଥିଲେ। ପ୍ରତି ୪ ବର୍ଷରେ ଥରେ ଅଧିବର୍ଷ ପଡ଼ିଲେ ଏହା ଫେବୃୟାରୀ ୨୯ ରେ ପାଳନ କରାଯାଇଥାଏ। ତେଣୁ ତାଙ୍କୁ ଜନ୍ମଦିନ ପାଳନ କରିବା ପାଇଁ ୪ ବର୍ଷ ଅପେକ୍ଷା କରିବାକୁ ପଡ଼ିଥାଏ। ଏବେ ତାଙ୍କର ଜନ୍ମଦିନ ପୁଣି ୨୦୨୪ରେ ପଡ଼ିବ ବୋଲି ଜାନଭୀ କୁହନ୍ତି। ତେବେ ଏନେଇ ସେ କେବେ ମନଦୁଃଖ କରି ନ ଥାନ୍ତି। ବାଳିକା ବଧୁ ସିରିଏଲ୍‌ରେ ଜାନ୍‌ଭୀଙ୍କ ଅଭିନୟ ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଥିଲା। ସେହିପରି ସିଆଇଡି ସିରିଏଲ୍‌ରେ

## ୪ ବର୍ଷରେ ଥରେ ପାଳନ କରନ୍ତି ଜନ୍ମଦିନ

ସେ ଇନ୍‌ସ୍ପେକ୍ଟର ଭାବେ ମଧ ଅଭିନୟ କରିଛନ୍ତି। ୨୦୧୧ରେ ଜାନ୍‌ଭୀ ବୟଫ୍ରେଣ୍ଡ୍ ନିଶାନ୍ତ ଗୋପାଲିଆଙ୍କୁ ବିବାହ କରିଥିଲେ। ଏହାପରେ ଜାନ୍‌ଭୀ ଅଭିନୟ ଜଗତରୁ ଦୂରେଇ ରହିଥିଲେ। ତେବେ ମନପସନ୍ଦର ଭୂମିକା ମିଳିଲେ ସେ ପୁଣି ଅଭିନୟ କରିବେ ବୋଲି ଏକ ସାକ୍ଷାତ୍କାରରେ କହିଥିଲେ।

# ପାଣି ଭିତରେ ଜଙ୍ଗଲ

**କାଜାଖସ୍ତାନ:** ଦୁନିଆରେ ଏମିତି କିଛି ଅଜବ ଦୃଶ୍ୟ ଅଛି, ଯାହା ଦେଖିଲେ ଆଶ୍ଚର୍ଯ୍ୟ ଲାଗେ। ଏହାର ରହସ୍ୟ ସହଜରେ ବୁଝିହୁଏ ନାହିଁ। ଏପରି ଏକ ସ୍ଥାନ ହେଉଛି 'ଲେକ୍ କ୍ୟାଣ୍ଡି। କାଜାଖସ୍ତାନରେ ଥିବା ଏହି ହ୍ରଦ ସବୁଠୁ ରହସ୍ୟମୟୀ ତଥା ରୋମାଞ୍ଚକର। କାରଣ ଏଠାକାର ପୂରା ଜଙ୍ଗଲ ପାଣି ଭିତରେ ହିଁ ରହିଛି। ସାଧାରଣତଃ ଗଛଗୁଡ଼ିକ ଭୂମିରେ ଉଠିଥାଏ। କିନ୍ତୁ ଏଠାରେ ପାଣି ଭିତରେ ବିରାଟ ବିରାଟ ଗଛ ରହିବା ରହସ୍ୟଜନକ। କୁହାଯାଏ, ୧୯୧୧ରେ ଏହି ଅଞ୍ଚଳରେ ଭୟଙ୍କର ଭୂକମ୍ପ ହୋଇଥିଲା। ଫଳରେ ଜଙ୍ଗଲଟି ମଧ ଥରି ଉଠିଥିଲା। ସେତେବେଳେ ବଡ଼ବଡ଼ ଗଛ ସବୁ ଜଳାଶୟ ମଧ୍ୟକୁ ଚାଲିଯାଇଥିଲା। ସେହିଦିନଠାରୁ ସମଗ୍ର ଜଙ୍ଗଲଟି ପାଣି ମଧ୍ୟରେ ରହିଯାଇଛି। ସମୁଦ୍ରଠାରୁ ୨୦୦୦ ମିଟର ଉପରେ ଥିବା ଏହି ହ୍ରଦପାଣି ବହୁତ ଥଣ୍ଡା। ଏହି ସ୍ଥାନ ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରେ। ଏହା ଯେତିକି ରହସ୍ୟମୟ ସେତିକି ମନୋଲୋଭା।



# ଡେଲିଭରି ବୟ 'ସୋନୁ'ଙ୍କ କମାଲ

**ନୂଆଦିଲ୍ଲୀ:** ଫୁଡ୍ ଡେଲିଭରି କମ୍ପାନୀ ଜମାଟୋର ଜଣେ ରାଇଡର ସୋନୁ ଏବେ ଇଣ୍ଟରନେଟ୍ ସେନ୍‌ସେଶନ ପାଲଟି ଯାଇଛନ୍ତି। ତାଙ୍କର କିଛି ଭିଡିଓ ଏବେ ଇଣ୍ଟରନେଟରେ ଭାଇରାଲ ହେବାରେ ଲାଗିଛି। ଏଥିରେ ସୋନୁଙ୍କ କଥା କହିବାର ଶୈଳୀ ଓ ସ୍ମାଇଲ ଲୋକଙ୍କ ମନ ଜିତି ପାରିଛି। ତାଙ୍କର ଭିଡିଓ ଏମିତି ଭାଇରାଲ ହୋଇଛି ଯେ, ଜମାଟୋ ଇଣ୍ଡିଆ ତା'ର ଟୁଇଟର ହ୍ୟାଣ୍ଡେଲର ଡିସ୍‌ପ୍ଲେ ପିକ୍ଚର (ଡିପି)ରେ ସୋନୁଙ୍କ ଏକ ସ୍ମାଇଲିଂ ଫଟୋ ଲଗାଇ ଦେଇଛି। ଏହାପରେ ଜମାଟୋ ଇଣ୍ଡିଆ ଟୁଇଟ୍ କରିଛି, ଏହା ଏକ ହାପି ରାଇଡର ଫ୍ୟାନ୍‌ଙ୍କ ଆକାଉଣ୍ଟ। ଏହି ଆକାଉଣ୍ଟର ୧ ଲକ୍ଷରୁ ଊର୍ଦ୍ଧ୍ୱ ଫଲୋୟର୍ସ ହୋଇଯାଇଥିବା ଜଣାପଡିଛି। ପ୍ରଥମେ ସୋନୁଙ୍କର ଏକ ଟିକ୍‌ଟକ୍ ଭିଡିଓ ଦାନିସ ଅଂସାରି ସୋସିଆଲ ମିଡିଆରେ ଶେୟାର କରିଥିଲେ। ଉକ୍ତ ଭିଡିଓ ଧୀରେ ଧୀରେ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା।



ଏଥିରେ ସୋନୁ କହୁଥିଲେ, ସେ ଦିନକୁ ୧୨ ଘଣ୍ଟା ପରିଶ୍ରମ କରୁଥିବା ବେଳେ କମ୍ପାନୀ ତାଙ୍କୁ ଖାଇବା ସହ ଇନସେନଟିଭ ମିଶାଇ ୩୫୦ ଟଙ୍କା ଦରମା ଦେଇଥାଏ। ଏବେ ସୋନୁଙ୍କ ହସହସ ମୁହଁର ଭିଡିଓ ଦେଖିବା ପରେ କିଏ କେତେ ପ୍ରକାରର କମେଣ୍ଟ ଦେଉଛନ୍ତି। କେହି କେହି ଜମାଟୋର ସବୁ ରାଇଡରଙ୍କ ଦରମା ବଢାଇ ଦେବାକୁ କମେଣ୍ଟରେ ଲେଖିଥିବା ଦେଖାଯାଇଛି।



ଯେଉଁ ଘରେ ସୁଲକ୍ଷଣା ନାରୀ ବାସ କରେ, ସେହି ଘରେ ଲକ୍ଷ୍ମୀ ରହନ୍ତି। କୋଟି କୋଟି ଦେବତା ମଧ ସେହି ଘରକୁ ତ୍ୟାଗ କରନ୍ତି ନାହିଁ।
- ମହର୍ଷି ଗର୍ଗ



# ଏ ସପ୍ତାହର କାର୍ଯ୍ୟକ୍ରମ

## ରବିବାର(୧।୩।୨୦୨୦)

**ଭୁବନେଶ୍ୱର**

- ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ, ମା' ଭୁବାସିନି ପୀଠ, ସରଦେଇପୁର, ଧଉଳି, ସକାଳ ୮ଟା ଠାରୁ ରାତି ୮ଟା।
- ସାର୍ବଜନୀନ ଦୁର୍ଗାପୂଜା ସମିତି ପକ୍ଷରୁ ରକ୍ତଦାନ ଶିବିର, ଭିଏସ୍ଏସ୍ ନଗର ଦୁର୍ଗାପୂଜା ମଣ୍ଡପ, ସକାଳ ୯ଟା।
- ବିଜେବି କଲେଜର ଅର୍ଥନୀତି ବିଭାଗରେ ଜାତୀୟ ସେମିନାର କାର୍ଯ୍ୟକ୍ରମ, ଆଡମିନିଷ୍ଟ୍ରେଟିଭ ବ୍ଲକ, ପୂର୍ବାହ୍ନ ୧୦ଟା ୪୫।
- ଷ୍ଟୁଡେଣ୍ଟ୍ସ ଫର୍ ଡେମୋକ୍ରାଟିକ ରାଇଟ୍ ଆଣ୍ଡ ସେକ୍ୟୁଲାରିଜମ ପକ୍ଷରୁ ଛାତ୍ର କନଭେନସନ, ଲୋହିଆ ଏକାଡେମୀ, ପୂର୍ବାହ୍ନ ୧୧ଟା।
- ଅଲ୍ ଓଡ଼ିଶା ଦଳିତ ସମାଜ କଲ୍ୟାଣ ପରିଷଦର ସାଧାରଣ ସଭା ଓ ସାହିତ୍ୟ ପତ୍ରିକା ଉନ୍ମୋଚନ, ବୁଦ୍ଧ ବିହାର(ହାଉସିଂ ବୋର୍ଡ ଅଫିସ ଏଗାରତାଲା ନିକଟ), ୟୁନିଟ-୯, ପୂର୍ବାହ୍ନ ୧୧ଟା।
- ରାଷ୍ଟ୍ରୀୟ ମଜଦୁର ସଂଘର ରାଜ୍ୟ ସମ୍ମିଳନୀ, ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ରାଜ୍ୟ ଅଣଗେଜେଟେଡ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ସଂଗ୍ରାମ ସୁଧାଂଶୁ ଶେଖର ପତିଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା, କର୍ମଚାରୀ ଭବନ, ୟୁନିଟ-୫, ପୂର୍ବାହ୍ନ ୧୧ଟା ୫୫।
- ଓଡ଼ିଶା ଇଞ୍ଜିନିୟର୍ସ ସର୍ଭିସ ଆସୋସିଏଶନର ବାର୍ଷିକ ସାଧାରଣ ସଭା, ଇନଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟର୍ସ, ମଧୁସୂଦନ ନଗର, ୟୁନିଟ-୪, ମଧାହ୍ନ ୧୨ଟା ୩୦।
- ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଉଦ୍‌ଯାପନୀ ଉତ୍ସବ, କିଟ୍ ଇନ୍‌ଡୋର ହଲ, ଅପରାହ୍ନ ୫ଟା।
- ମସରୁମ ଟିମ୍ ପକ୍ଷରୁ ବାର୍ଷିକ ଫଟୋ ଉତ୍ସବ, ଲଳିତ କଳା ଏକାଡେମୀ, ଅପରାହ୍ନ ୫ଟା ୩୦।
- ସାରସ୍ୱତ ସମାଜ, ଓଡ଼ିଶା ପକ୍ଷରୁ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ, ଗୋଦାବରୀଶ ସାହିତ୍ୟ ସଂସଦ, ୟୁନିଟ-୩, ସନ୍ଧ୍ୟା ୬ଟା।
- ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଜାତୀୟ ନାଟ୍ୟ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଶତରୂପା ସଙ୍ଗୀତ ଓ ସାହିତ୍ୟ ପ୍ରକାଶିକାର ସାମ୍ବତ୍ସରିକ ସାରସ୍ୱତ ସମାରୋହ, ସୂଚନା ଭବନ, ସନ୍ଧ୍ୟା ୭ଟା।

**ବାଲିଅନ୍ତା**

- ମାଗଣା ସ୍ୱାସ୍ଥ୍ୟ ସେବା ଶିବିର, ବଇଁଚୁଆ ପଞ୍ଚାୟତ କାର୍ଯ୍ୟାଳୟ, ସକାଳ ୯ଟା।

## ସୋମବାର(୨।୩।୨୦୨୦)

**ଭୁବନେଶ୍ୱର**

- ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଜାତୀୟ ନାଟ୍ୟ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଭୁବନେଶ୍ୱର ଭଞ୍ଜଭାରତୀ ପକ୍ଷରୁ ଓଡ଼ିଆ ସାହିତ୍ୟ ସମାରୋହ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।
- ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀର ଉଦ୍‌ଘାଟନ ଉତ୍ସବ, ପ୍ରଦର୍ଶନୀ ପଡ଼ିଆ, ୟୁନିଟ-୩, ସନ୍ଧ୍ୟା ୭ଟା।

## ମଙ୍ଗଳବାର(୩।୩।୨୦୨୦)

**ଭୁବନେଶ୍ୱର**

- ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଜାତୀୟ ନାଟ୍ୟ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଭୁବନେଶ୍ୱର ଭଞ୍ଜଭାରତୀ ପକ୍ଷରୁ ଓଡ଼ିଆ ସାହିତ୍ୟ ସମାରୋହ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।
- ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ, ପ୍ରଦର୍ଶନୀ ପଡ଼ିଆ, ୟୁନିଟ-୩, ଅପରାହ୍ନ ୨ଟା।

## ବୁଧବାର(୪।୩।୨୦୨୦)

**ଭୁବନେଶ୍ୱର**

- ମସରୁମ ଟିମ୍ ପକ୍ଷରୁ ବାର୍ଷିକ ଫଟୋ ପ୍ରଦର୍ଶନୀର ଉଦ୍‌ଯାପନ ଉତ୍ସବ, ଲଳିତ କଳା ଏକାଡେମୀ, ଅପରାହ୍ନ ୫ଟା ୩୦।
- ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଜାତୀୟ ନାଟ୍ୟ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଭୁବନେଶ୍ୱର ଭଞ୍ଜଭାରତୀ ପକ୍ଷରୁ ଓଡ଼ିଆ ସାହିତ୍ୟ ସମାରୋହ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।
- ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ, ପ୍ରଦର୍ଶନୀ ପଡ଼ିଆ, ୟୁନିଟ-୩, ଅପରାହ୍ନ ୨ଟା।

**କଟକ**

- ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଆଦିବାସୀ ନୃତ୍ୟ ଓ ସଙ୍ଗୀତ ଉତ୍ସବ, ବାରବାଟୀ ଷ୍ଟାଡିୟମ, ଅପରାହ୍ନ ୫ଟା ୩୦।

## ଗୁରୁବାର(୫।୩।୨୦୨୦)

**ଭୁବନେଶ୍ୱର**

- ମସରୁମ ଟିମ୍ ପକ୍ଷରୁ ବାର୍ଷିକ ଫଟୋ ଉତ୍ସବ, ଲଳିତ କଳା ଏକାଡେମୀ, ଅପରାହ୍ନ ୫ଟା ୩୦।
- ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଜାତୀୟ ନାଟ୍ୟ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ, ପ୍ରଦର୍ଶନୀ ପଡ଼ିଆ, ୟୁନିଟ-୩, ଅପରାହ୍ନ ୨ଟା।

**କଟକ**

- ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଆଦିବାସୀ ନୃତ୍ୟ ଓ ସଙ୍ଗୀତ ଉତ୍ସବ, ବାରବାଟୀ ଷ୍ଟାଡିୟମ, ଅପରାହ୍ନ ୫ଟା ୩୦।

## ଶୁକ୍ରବାର(୬।୩।୨୦୨୦)

**ଭୁବନେଶ୍ୱର**

- ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ, ପ୍ରଦର୍ଶନୀ ପଡ଼ିଆ, ୟୁନିଟ-୩, ଅପରାହ୍ନ ୨ଟା।

## ଶନିବାର(୭।୩।୨୦୨୦)

**ଭୁବନେଶ୍ୱର**

- ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ, ପ୍ରଦର୍ଶନୀ ପଡ଼ିଆ, ୟୁନିଟ-୩, ଅପରାହ୍ନ ୨ଟା।

# ଟ୍ରେନ୍ ଯାତ୍ରୀଙ୍କୁ ଟିସିଙ୍କ ଚଟକଣା, ଷ୍ଟେଶନରେ ଉତ୍ତେଜନା

ଭୁବନେଶ୍ୱର,୨୯।୨(ବ୍ୟୁରୋ)

ଟ୍ରେନ୍ ଓ ଷ୍ଟେଶନରେ ଟିକେଟ ଚେକିଂ ନାଁରେ ଯାତ୍ରୀଙ୍କୁ ନାନା ପ୍ରକାର ହଇରାଣ କରାଯାଉଥିବା ବିଭିନ୍ନ ସମୟରେ ଅଭିଯୋଗ ହେଉଛି। ଶନିବାର ଭୁବନେଶ୍ୱର ରେଳ ଷ୍ଟେଶନ ମୁଖ୍ୟ ଫାଟକରେ ଜଣେ ଯାତ୍ରୀଙ୍କୁ ଟିକେଟ କଲେକ୍ଟର (ଟିସି) ଦୁର୍ବ୍ୟବହାର କରିବା ସହ ଚଟକଣା ମାରିବାକୁ ନେଇ ତୁମୁଳକାଣ୍ଡ ଘଟିଛି। ଅନ୍ୟ ଯାତ୍ରୀମାନେ ଏହି ଘଟଣାକୁ ନେଇ ତୀବ୍ର ପ୍ରତିବାଦ କରିବା ସହ ଷ୍ଟେଶନ ପରିସର ସିଟିଆଇ କାର୍ଯ୍ୟାଳୟକୁ ଘେରାଉ କରି ହୋହଲ୍ଲା କରିଥିଲେ। ଏପରି କି ଆକ୍ରମଣକାରୀ ଟିସି ଜଣକ ଉକ୍ତ କାର୍ଯ୍ୟାଳୟ ବାହାରକୁ ନ ଆସିବାରୁ ଯାତ୍ରୀମାନେ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ସେଠାରେ ଉପସ୍ଥିତ ଥିବା ପୋଲିସ ଓ ଯାତ୍ରୀଙ୍କ ମଧ୍ୟରେ କିଛି ସମୟ ଧରି ଧସ୍ତାଧସ୍ତି ହୋଇଥିଲା। ଫଳରେ ଦୀର୍ଘ ସମୟ ଧରି ଷ୍ଟେଶନରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ଶେଷରେ ପୋଲିସ ଯାତ୍ରୀଙ୍କୁ ବୁଝାଶୁଝା କରିବା ସହ ଜିଆର୍‌ପି ଥାନାରେ ଅଭିଯୋଗ କରିବାକୁ ପରାମର୍ଶ ଦେଇଥିଲା। ପରେ ଟିସି ଜଣକ ଭୁଲ୍ ମାଗିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।





ମିଳିଥିବା ସୂଚନା ଅନୁଯାୟୀ, କେନ୍ଦ୍ରାପଡା ପଟ୍ଟାମୁଣ୍ଡାଇର କିଶୋରଚନ୍ଦ୍ର ବେହେରା ପୁଣେରେ ପାଣି ପାଇପ୍ କାମ କରନ୍ତି। ସେ ସ୍ତ୍ରୀ ଓ ୯ ମାସର ଶିଶୁ ସହ କୋଣାର୍କ ଏକ୍ସପ୍ରେସ୍‌ରେ ଘରକୁ ଫେରୁଥିଲେ। ଶନିବାର ଅପରାହ୍ନ ପ୍ରାୟ ୪ଟା ୪୫ରେ ଭୁବନେଶ୍ୱର ଷ୍ଟେଶନରେ ଟ୍ରେନ୍‌ରୁ ଓହ୍ଲାଇଥିଲେ। ପରେ ସେମାନେ ଲଗେଜ ଧରି ଷ୍ଟେଶନରୁ ବାହାରୁଥିଲେ। ଏହି ସମୟରେ ପ୍ରସ୍ଥାନ ଗେଟ ନିକଟରେ ଜଣେ ଟିସି ସେମାନଙ୍କୁ ଅଟକାଇ ଟିକେଟ ମାଗିଥିଲେ। ଟିକେଟ ସ୍ତ୍ରୀଙ୍କ ପାଖରେ ରହିଥିଲା। କିଶୋର ଟିକେଟ କାଢ଼ିବାକୁ ତାଙ୍କ ସ୍ତ୍ରୀଙ୍କୁ କହିଥିଲେ। ହେଲେ ତାଙ୍କ ସ୍ତ୍ରୀ ୯ମାସର ଶିଶୁକୁ କାଖେଇ ଥିବାରୁ ଟିକେଟ ପର୍ସରୁ କାଢିବାରେ ବିଳମ୍ବ ହୋଇଥିଲା। କ'ଣ ପାଇଁ ବିଳମ୍ବ କରୁଛୁ, ଟିକେଟ ନ କରି ଟ୍ରେନରେ ଆସିଛୁ। ଖୋଜିବା ଆଳରେ ମିଛ ବାହାନା ଦେଖାଉଛୁ ବୋଲି ଟିସି ଜଣକ କିଶୋରଙ୍କୁ କହିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ ଓ ଦୁର୍ବ୍ୟବହାର କରିଥିଲେ। କିଶୋର ପ୍ରତିବାଦ କରିବାରୁ ଟିସି ଜଣକ ତାଙ୍କୁ ଚଟକଣା ମାରିଥିଲେ। ଫଳରେ ସେ ତଳେ ପଡିଯାଇଥିଲେ। ସେଠାରେ ଥିବା ଅନ୍ୟ ଯାତ୍ରୀମାନେ ଏହା ଦେଖି ଟିସିଙ୍କୁ ବିରୋଧ କରିଥିଲେ। କ୍ରମଶଃ ଯାତ୍ରୀଙ୍କ ଗହଳି ବଢ଼ିବା ସହ ହୋହଲ୍ଲା କରିବାରୁ ସମ୍ପୃକ୍ତ ଟିସି ସେଠାରୁ ଖସିଯାଇ ସିଟିଆଇ କାର୍ଯ୍ୟାଳୟ ଭିତରକୁ ପଶିଯାଇଥିଲେ। ଯାତ୍ରୀମାନେ ଉକ୍ତ କାର୍ଯ୍ୟାଳୟ ଆଗରେ ଗହଳି ଜମାଇ ସମ୍ପୃକ୍ତ ଅଧିକାରୀଙ୍କୁ ବାହାରକୁ ଆସି ଉତ୍ତର ଦେବାକୁ ପାଟିକରି ଡାକିବା ସହ ହୋହଲ୍ଲା କରିଥିଲେ। ଖବର ପାଇ ରେଳ ସୁରକ୍ଷା ବଳ (ଆର୍‌ପିଏଫ୍) ଓ ଜେନେରାଲ ରେଲ୍‌ୱେ ପୋଲିସ (ଜିଆର୍‌ପି) ସେଠାରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା।

- ଟ୍ରେନ୍, ଷ୍ଟେଶନରେ ବଢୁଛି ଟିଟିଇ, ଟିସିଙ୍କ ଉତ୍ପାତ
- ଟିକେଟ ଚେକିଂ ନାଁରେ ଯାତ୍ରୀଙ୍କୁ ହଇରାଣ କରୁଥିବା ଅଭିଯୋଗ
- ସିଟିଆଇ ଅଫିସ ଆଗରେ ଯାତ୍ରୀଙ୍କ ହୋହଲ୍ଲା, ପୋଲିସ ସହ ଧସ୍ତାଧସ୍ତି
- ଭୁଲ୍ ମାଗିଲେ ଦୁର୍ବ୍ୟବହାର କରିଥିବା ଟିସି

ରାଜୁ ରାଉତ ନାମକ ଜଣେ ଯାତ୍ରୀ କହିଛନ୍ତି ଯେ,ପୂର୍ବରୁ ସେ ଏହି ଷ୍ଟେଶନରୁ ବାହାରିବା ସମୟରେ ଟିକେଟ ଯାଞ୍ଚ କରୁଥିବା ଅଧିକାରୀମାନେ ବିଳମ୍ବ ପାଇଁ ତାଙ୍କୁ ମଧ ଦୁର୍ବ୍ୟବହାର କରିଥିଲେ। ସେମାନେ ଗାଳିଗୁଲଜ କରିବା ସହ ମାଡ଼ ମାରିବାକୁ ଉଦ୍ୟମ କରିଥିଲେ। ଅଧିକାରୀ ଓ କର୍ମଚାରୀମାନେ ଅନ୍ୟ ଉଦ୍ଦେଶ୍ୟ ରଖି କିଛି ଗୋଟେ ବାହାନା କରି ହଇରାଣ କରୁଛନ୍ତି। ସେହିଭଳି ଟିଟିଇମାନେ ମଧ ଟିକେଟ ଯାଞ୍ଚ ନାଁରେ ହଇରାଣ କରୁଥିବା ଅନ୍ୟଜଣେ ଯାତ୍ରୀ କହିଛନ୍ତି। ତେବେ ଶନିବାର ଘଟଣା ସଂକ୍ରାନ୍ତରେ ଷ୍ଟେଶନ ନିର୍ଦ୍ଦେଶକ ଚିତ୍ତରଞ୍ଜନ ନାୟକ କହିଛନ୍ତି, ଏ ନେଇ ମୋ ନିକଟରେ ଖବର ରହିଛି। ପ୍ରକୃତରେ ଘଟଣା କ'ଣ ହୋଇଛି ପୂରା ଯାଞ୍ଚ କରୁଛୁ। ଯଦି ଅଭିଯୋଗର ପ୍ରମାଣ ମିଳେ ନିଶ୍ଚିତ ପଦକ୍ଷେପ ନିଆଯିବ, ଆଗକୁ ଯେଭଳି ଯାତ୍ରୀମାନେ ଏଭଳି ସମସ୍ୟାର ସମ୍ମୁଖୀନ ନ ହେବେ ସେଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି।

# ସଫଳତା ପରେ ଡିଜିପିଙ୍କୁ ଭେଟିଲା ପୋଲିସ ବ୍ୟାଣ୍ଡ ଦଳ

## ସର୍ବଭାରତୀୟ ପୋଲିସ ବ୍ୟାଣ୍ଡ ପ୍ରତିଯୋଗିତାରେ ଓଡ଼ିଶା ୩ୟ

କଟକ ଅଫିସ,୨୯।୨

ରେଳ ସୁରକ୍ଷା ବଳ ଆନୁକୂଲ୍ୟରେ ତେଲେଙ୍ଗାନାର ସିକନ୍ଦରାବାଦ୍‌ସ୍ଥିତ ରେଳ ସୁରକ୍ଷା ବଳ ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ଗତ ୧୯ରୁ ୨୩ତାରିଖ ପର୍ଯ୍ୟନ୍ତ ୨୦ତମ ସର୍ବଭାରତୀୟ ପୋଲିସ ବ୍ୟାଣ୍ଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଗନେଇଥିବା ଓଡ଼ିଶା ଦଳ ତୃତୀୟ ସ୍ଥାନ ଅଧିକାର କରିଥିଲା। ଓଡ଼ିଶା ପୋଲିସ ଇତିହାସରେ ପ୍ରଥମ ଥର ପାଇଁ ରାଜ୍ୟ ପୋଲିସ ବ୍ୟାଣ୍ଡ ଦଳ ଏହି ସଫଳତା ହାସଲ କରିଛି। ଏହି ଦଳ ଓଡ଼ିଶା ଫେରିବା ପରେ ଶନିବାର ଅପରାହ୍ନରେ କଟକ ପୋଲିସ ମୁଖ୍ୟାଳୟକୁ ଯାଇ ପୋଲିସ ମହାନିର୍ଦ୍ଦେଶକ ଅଭୟଙ୍କୁ ସୌଜନ୍ୟ ସାକ୍ଷାତ କରିଥିଲେ। ଏହି ଅବସରରେ ଡିଜିପି ଅଭୟ ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଭବିଷ୍ୟତରେ ଆହୁରି ଅଧିକ ସୁନାମ ଆଣିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇଜି ଯତିନ୍ଦ୍ର କୋଏଲ୍, ଏଆଇଜି ବିବେକାନନ୍ଦ ଶର୍ମା ଏବଂ ରବିନାରାୟଣ ବେହେରା ଉପସ୍ଥିତ ଥିଲେ। କ୍ରୀଡ଼ା ଅଧିକାରୀ ବିଭୁତି ଭୂଷଣ ମହାରଣା ଓ ସହକାରୀ ଦୁର୍ଗପତି ଦୀପକ କୁମାର ଗଡ଼ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟରେ ଡିଜିପି ଅଭୟ ଓ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ସର୍ବଭାରତୀୟ ପୋଲିସ ବ୍ୟାଣ୍ଡ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଓଡ଼ିଶା ଟିମ୍।

# ହେଲାନି ଶ୍ରୀଲିଙ୍ଗରାଜଙ୍କ ହାଣ୍ଡିଭଙ୍ଗା ଯାତ୍ରା

ପୁରୁଣା ଭୁବନେଶ୍ୱର, ୨୯।୨ (ଡି.ଏନ.ଏ.)

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ୨୦୧୫ରୁ ବନ୍ଦ ରହିଥିବା ହାଣ୍ଡିଭଙ୍ଗା ଯାତ୍ରା ଚଳିତବର୍ଷ ସମ୍ପାଦନ ପାଇଁ ପ୍ରଶାସନର ସମସ୍ତ ଚେଷ୍ଟା ବିଫଳ ହୋଇଛି। ପ୍ରତ୍ୟେକ ବର୍ଷ ମହାଶିବରାତ୍ରି ପରେ ପ୍ରଥମ ଶନିବାର ପାରମ୍ପରିକ ରୀତିନୀତି ଅନୁସାରେ ଶ୍ରୀଲିଙ୍ଗରାଜଙ୍କ ହାଣ୍ଡିଭଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହିଦିନ ଶ୍ରୀଜୀଉମାନେ କପିଳେଶ୍ୱରସ୍ଥିତ ଶ୍ରୀକପିଳେଶ୍ୱର ମନ୍ଦିରକୁ ଯାତ୍ରା କରିଥାନ୍ତି। ମାତ୍ର କପିଳେଶ୍ୱର ମନ୍ଦିରରେ ମଲିଆ ଏବଂ ଖୁଣ୍ଟିଆ ସେବାୟତଙ୍କ ମଧ୍ୟରେ ବିବାଦ ଯୋଗୁ ଏହି ହାଣ୍ଡିଭଙ୍ଗା ଯାତ୍ରାରେ ବିଭ୍ରାଟ ସୃଷ୍ଟି ହୋଇଥିଲା। ଏହାକୁ ପୁଣି କାର୍ଯ୍ୟକାରୀ କରିବାକୁ ଦେବୋତ୍ତର ବିଭାଗ, ମନ୍ଦିର ପ୍ରଶାସନ, ସେବାୟତମାନେ ଚଳିତବର୍ଷ ଚେଷ୍ଟା ଚଳାଇଥିଲେ। ମାତ୍ର ପ୍ରଶାସନର ଚେଷ୍ଟା ସତ୍ତ୍ୱେ ହାଣ୍ଡିଭଙ୍ଗା ଯାତ୍ରା ହୋଇପାରିନାହିଁ।

## ଶ୍ରୀଜୀଉଙ୍କ ସକାଳ ସାଢେ ୯ଟାରୁ ନୀତି ବନ୍ଦ



ଲିଙ୍ଗରାଜ ମହାପ୍ରଭୁଙ୍କ ହାଣ୍ଡି ଭଙ୍ଗା ଯାତ୍ରା ନ ହେବାରୁ ସେବା ପ୍ରତିନିଧି ପକ୍ଷରୁ ଶନିବାର ଶ୍ରୀଲିଙ୍ଗରାଜ ମନ୍ଦିର ସମ୍ମୁଖରେ ଧାରଣା ଦିଆଯାଇଛି।

ପୂର୍ବରୁ ସେବାୟତମାନେ ହାଣ୍ଡି ଭଙ୍ଗାଯାତ୍ରା ଯଦି ଚଳିତବର୍ଷ ନ ହେବ ତେବେ ନୀତିରେ ଅସହଯୋଗ କରାଯିବ ବୋଲି ମନ୍ଦିର ପ୍ରଶାସନକୁ ପତ୍ର ମାଧ୍ୟମରେ ଜଣାଇଥିଲେ। ସେହି ଅନୁଯାୟୀ, ଶନିବାର ସକାଳୁ ଠାକୁରଙ୍କ ସାଢେ ୬ଟାରୁ ମଙ୍ଗଳ ଆଳତି, ଅବକାଶ କରାଯାଇ ସାଢେ ୯ ପର୍ଯ୍ୟନ୍ତ ସାହାଣମେଲା ଦର୍ଶନ ବଳବତ୍ତର ରହିଥିଲା। ମହାସ୍ନାନ ପରଠାରୁ ଠାକୁରଙ୍କ ନୀତି ବନ୍ଦ ହୋଇଥିଲା। ନୀତିରେ ଶୃଙ୍ଖଳା ଆଣିବାକୁ ଯାଇ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ଼ ପ୍ରମୁଖ ନିଯୋଗ ସେବାୟତଙ୍କୁ ଡକାଇ ଏକ ଜରୁରୀ ବୈଠକ ବସାଇଥିଲେ। ହେଲେ ଏହାର କୌଣସି ପ୍ରଭାବ ପଡ଼ି ନ ଥିଲା। କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶ କୁହନ୍ତି, ଚଳିତବର୍ଷ ୧୦ରୁ ୧୨ଦିନ ପୂର୍ବରୁ ହାଣ୍ଡିଭଙ୍ଗା ଯାତ୍ରା କାର୍ଯ୍ୟକାରୀ କରିବାକୁ ଦେବୋତ୍ତର ବିଭାଗ ୪ ଗୋଟି ବୈଠକ ଡକାଇ ଥିଲା। ହେଲେ କପିଳେଶ୍ୱର ମନ୍ଦିରର ନିଯୋଗ ଦ୍ୱୟଙ୍କ ମଧ୍ୟରେ ତାଳମେଳ ନ ଥିବାରୁ ଏହା ସମ୍ଭବ ହୋଇପାରିଲା ନାହିଁ। ରବିବାରଠାରୁ ଶ୍ରୀଲିଙ୍ଗରାଜଙ୍କ ବନ୍ଦ ଥିବା ନୀତି ସମ୍ପାଦନ ହେବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ଦାଶ କହିଛନ୍ତି। ସୂଚନାଥାଉ କି ଏହି ଯାତ୍ରାପୁଣି ଆରମ୍ଭ କରିବାକୁ ବିଭିନ୍ନ ସାମାଜିକ ଅନୁଷ୍ଠାନ ମଧ ଶନିବାର ଧାରଣା ଦେଇଥିଲେ। ପ୍ରତ୍ୟେକ ବର୍ଷ ଠିକ ଶିବରାତ୍ରି ପରେ ଏହି ସମସ୍ତ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସେବାୟତ, ପ୍ରଶାସନର ଯାତ୍ରାକୁ ସମ୍ପାଦନ ପାଇଁ ବିଭିନ୍ନ ପ୍ରତିବାଦ ଜଣାଇଥାନ୍ତି। କେହି ହେଲେ ବର୍ଷର ଅନ୍ୟଦିନରେ ଏଥିପ୍ରତି ଆନ୍ତରିକତା ଭାବେ ଚେଷ୍ଟା କରୁ ନ ଥିବାରୁ ଏଭଳି ଭାବେ ପ୍ରଶାସନ ଫେଲ ମାରୁଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



ସୌମ୍ୟାଶ୍ରୀ



ଚନ୍ଦନ



ଅମିତ୍



ଗୁରୁପ୍ରସାଦ



ଜଗତ



ସୁନୀତା

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

# ବାଣୀବିହାର: ଗବେଷଣା ପାଇଁ ଲାଗିଲା ମାକ୍ରୋ ସ୍ପେକ୍ଟ୍ରୋମିଟର

ଭୁବନେଶ୍ୱର, ୨୯।୨(ବ୍ୟୁରୋ)

ଜାତୀୟ ବିଜ୍ଞାନ ଦିବସ ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗରେ ଶୁକ୍ରବାର ଏକ ମାକ୍ରୋ ସ୍ପେକ୍ଟ୍ରୋମିଟର ଲଗାଯାଇଛି। ଗବେଷଣା ପାଇଁ ଆବଶ୍ୟକ ଥିବା ଏହି ମିଟରର ମୂଲ୍ୟ ୧ କୋଟି ୫ ଲକ୍ଷ ଟଙ୍କା ହେବ ବୋଲି ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ, ୨୦୧୭ ମସିହାଠାରୁ ଏହା ଲାଗିବାର ଥିଲା। କିନ୍ତୁ ଆବଶ୍ୟକ ଜାଗା ନ ଥିବାରୁ ଏହା ଲାଗି ପାରୁ ନ ଥିଲା। ଓଡ଼ିଶାର ଆକାଉଣ୍ଟ ଜେନେରାଲ ଗତବର୍ଷ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଏହା ଉପରେ ରିପୋର୍ଟ ଦେବାକୁ କହିଥିଲେ। ୨୦୧୭ ମାର୍ଚ୍ଚରେ ଉତ୍କଳ ବିଶ୍ୱବିଦ୍ୟାଳୟ ସିଣ୍ଡିକେଟରେ ଏହା ଲଗାଇବାକୁ ନିଷ୍ପତ୍ତି ଗୃହୀତ ହୋଇଥିଲା। ୨୦୧୭-୧୮ ରୁସା ପକ୍ଷରୁ ମିଟର ଲଗାଇବା ପାଇଁ ଟଙ୍କା ଆସିଥିଲା। ଏହି ମିଟର ଦ୍ୱାରା ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ମେଡିସିନ୍ ଏବଂ ଜୈବ ବିଜ୍ଞାନ, ବିସ୍ଫୋରକ ଚିହ୍ନଟ, ଫିଙ୍ଗରପ୍ରିଣ୍ଟ ଆଦି ବିଜ୍ଞାନ କ୍ଷେତ୍ରରେ ଗବେଷଣା ପାଇଁ ଏହା ସହାୟକ ହେବ ବୋଲି ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫୁଲ୍ଲ ପଣ୍ଡା କହିଛନ୍ତି।



ଯେତେବେଳେ ମନ ଭିତରକୁ ଖରାପ ଚିନ୍ତା ମାଡ଼ି ଆସୁଛି, ସେତେବେଳେ ଭଗବାନଙ୍କୁ ରଡ଼ିଛାଡ଼ି ଡାକ, ଫଳରେ ଦୁର୍ବୁଦ୍ଧି ମନ ଭିତରେ ପଶିପାରିବ ନାହିଁ।
- ଶିରିଡ଼ି ସାଇବାବା



## ସଂକ୍ଷେପରେ

### ରେଭେନ୍ସା: ଅସ୍ୱାସ୍ଥ୍ୟକର ଖାଦ୍ୟ ଖାଇ ୩ ଛାତ୍ରୀ ଅସୁସ୍ଥ

**କଟକ ଅଫିସ,୨୯।୨:** ଅସ୍ୱାସ୍ଥ୍ୟକର ଖାଦ୍ୟ ଖାଇ ରେଭେନ୍ସା ବିଶ୍ୱବିଦ୍ୟାଳୟର ୩ ଛାତ୍ରୀ ଅସୁସ୍ଥ ହୋଇଛନ୍ତି। ସେମାନେ ଭାର୍ଗବୀ ହଷ୍ଟେଲର ଅନ୍ତେବାସୀ। ଶନିବାର ସନ୍ଧ୍ୟାରେ ହଷ୍ଟେଲ କ୍ୟାଣ୍ଟିନରୁ ଖାଦ୍ୟ ଖାଇ ରୁମ୍‌କୁ ଫେରିବା ପରେ ସେମାନେ ବାନ୍ତି କରିଥିଲେ। ଅନ୍ୟ ଅନ୍ତେବାସୀମନେ ଖାଦ୍ୟ ଯାଞ୍ଚ କରିବାରୁ ସେଥିରୁ ପୋକ ବାହାରିଥିଲା। ଫଳରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ଏହାକୁ ନେଇ ହଷ୍ଟେଲ ଅନ୍ତେବାସୀମାନେ ଧାରଣାରେ ବସିଛନ୍ତି। ଚିଫ୍ ୱାର୍ଡେନ ଡ. କିଶୋର କୁମାର ଦାସ ଛାତ୍ରୀମାନଙ୍କ ସହ ଆଲୋଚନା କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

### ଟ୍ରେନ୍ ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ

**ଜଟଣୀ/ଡେଲାଙ୍ଗ,୨୯।୨ (ଡି.ଏନ୍.ଏ.):** ପୁରୀ ସେକ୍ସନର ହରିପୁର-ମୋଟରୀ ଷ୍ଟେଶନ ମଧ୍ୟବର୍ତ୍ତୀ ଦୟାନଦୀ ବ୍ରିଜ୍‌ରେ ଟ୍ରେନ୍ ଧକ୍କାରେ ଶନିବାର ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ନାମ ବିଶ୍ୱନାଥ ଜେନା(୪୨) ଓରଫ ପ୍ରକାଶ। ଡେଲାଙ୍ଗ ବ୍ଲକ ନିମପୁର ଗ୍ରାମରେ ତାଙ୍କ ଘର। ବାଇକ୍‌ରେ ସେ ବ୍ରିଜ୍ ଉପରକୁ ଉଠୁଥିବା ବେଳେ ପୁରୀ-କଟକ ପାସେଞ୍ଜର ଟ୍ରେନ୍ ଧକ୍କା ଦେଇଥିଲା। ଫଳରେ ସେ କିଛିବାଟ ଛିଟିକି ଯାଇ ସିମେଣ୍ଟ ଚଟାଣରେ ବାଡେଇ ହୋଇ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖୋର୍ଦ୍ଧାରୋଡ଼ ରେଲୱେ ପୋଲିସ ପହଞ୍ଚି ମୃତଦେହକୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ପୋଲିସ ନଂ. ୧୮/୨୦ରେ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ବ୍ରାଉନସୁଗାର ଜବତ, ଦୁଇ ଗିରଫ

**ପୁରୁଣା ଭୁବନେଶ୍ୱର, ୨୯।୨(ଡି.ଏନ.ଏ.):** ଧଉଳି ଥାନା ଅଧୀନ ସ୍ଥାନୀୟ ଛକରେ ବ୍ରାଉନସୁଗାର ବିକ୍ରି କରୁଥିବା ଅଭିଯୋଗରେ ଶନିବାର ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କ ପାଖରୁ ୩୦ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଅଭିଯୁକ୍ତ ଦ୍ୱୟ ହେଲେ ପୁରୀ ଜିଲା ବଳଙ୍ଗା ଥାନା ଅଧୀନ ବାଣପୁର ଅଞ୍ଚଳର ସୁନୀଲ କୁମାର ଦାସ ଓରଫ ପାଣ୍ଡୁ, ପୁରୀ କୁମ୍ଭାରପଡା ଥାନା ଅଧୀନ ଘୋଡା ବଜାର ଅଞ୍ଚଳର ବିସ୍ମୟ ପଟ୍ଟନାୟକ ଓରଫ ବୁଲୁ। ସେମାନଙ୍କଠାରୁ ଗୋଟିଏ ବାଇକ୍, ୬ଶହ ଟଙ୍କା ଏବଂ ୨ଟି ମୋବାଇଲ ପୋଲିସ ଜବତ କରିଛି। କ୍ୟୁଏଟି ଧଉଳି ଥାନା ପୋଲିସ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇଥିଲା। ଏ ନେଇ ଥାନାରେ ନଂ. ୩୭/୨୦ରେ ଏକ ମାମଲା ରୁଜୁ ହୋଇଛି।

### ବ୍ୟବସାୟୀଙ୍କ ଆତ୍ମହତ୍ୟା

**ପୁରୁଣା ଭୁବନେଶ୍ୱର,୨୯।୨(ଡି.ଏନ.ଏ.):** ଏୟାରଫିଲ୍ଡ ଥାନା ଲିଙ୍ଗରାଜ ବିହାରଠାରେ ଥିବା ଏକ ଲେଡିଜ୍ କର୍ନର ବ୍ୟବସାୟୀ ଶନିବାର ଆତ୍ମହତ୍ୟା କରିଛନ୍ତି। ପୋଲିସ ସୂଚନା ମୁତାବକ, ବାଲେଶ୍ୱର ଭୋଗରାଇ ଗବଗାଁର ବିଶ୍ୱଭୂଷଣ ଜେନା(୩୫) ଏଠାରେ ଏକ ଲେଡିଜ୍ କର୍ନର କରି ଚଳୁଥିଲେ। ୫ଦିନ ପୂର୍ବରୁ ତାଙ୍କ ଦୋକାନ ବନ୍ଦ ଥିବାବେଳେ ସେ ଆଜି ଦୋକାନ ଖୋଲିଥିଲେ ଏବଂ ଅପରାହ୍ନରେ ଶଟର ପକାଇ ଦୋକାନରେ ଥିବା ପଙ୍ଖାରେ ଗାମୁଛା ସାହାଯ୍ୟରେ ଆତ୍ମହତ୍ୟା କରିଥିଲେ। ଖବର ପାଇ ପୋଲିସ ଏବଂ ପ୍ରଦୀପ ସେବା ଟ୍ରଷ୍ଟର ସଦସ୍ୟା ମଧୁସ୍ମିତା ପୃଷ୍ଟି ତୁରନ୍ତ ଶବ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଆତ୍ମହତ୍ୟାର କାରଣ ଜଣାପଡିନାହିଁ। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଶାହାଙ୍କ ଶ୍ରୀମନ୍ଦିର ଗସ୍ତବେଳେ ସୁରକ୍ଷା ଢିଲା

**ପୁରୀ ଅଫିସ, ୨୯।୨**

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଶ୍ରୀମନ୍ଦିର ଗସ୍ତ ସମୟରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ଉଠିଛି ପ୍ରଶ୍ନ। ଜଣେ ଯୁବକ ବାଇଶି ପାହାଚରେ ଶାହାଙ୍କ ଫଟୋ ଉଠାଇ ଧରାପଡ଼ିବା ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଶାହା ମହାପ୍ରଭୁ ଦର୍ଶନ ପାଇଁ ଆସୁଥିବାରୁ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ବାହାରେ ମଧ୍ୟ ମାଳ ମାଳ ପୋଲିସ କର୍ମଚାରୀ ଥିଲେ। ହେଲେ ସମସ୍ତ ସୁରକ୍ଷା ବ୍ୟବସ୍ଥାକୁ ଚକ୍‌ମା ଦେଇ ଜଣେ ଯୁବକ ମନ୍ଦିର ଭିତରକୁ ମୋବାଇଲ ଫୋନ ନେବା ପୋଲିସର ଦକ୍ଷତା ପ୍ରତି ଅଙ୍ଗୁଳି ଉଠାଇଛି।

ଶ୍ରୀମନ୍ଦିର ଉପରେ ଆତଙ୍କବାଦୀଙ୍କ ନଜର ରହିଛି। ଏ ନେଇ ଗୋଇନ୍ଦା ବିଭାଗ ବିଭିନ୍ନ ସମୟରେ ରିପୋର୍ଟ ଦେଇଆସୁଛି। ଏହାକୁ ନଜରରେ ରଖି ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡି କରାଯାଇଛି। ପ୍ରତି ଦ୍ୱାରରେ ମେଟାଲ ଡିଟେକ୍ଟର ସାଙ୍ଗକୁ ପୋଲିସ କର୍ମଚାରୀ ମୁତୟନ ରହୁଛନ୍ତି। ଭକ୍ତଙ୍କୁ ଯାଞ୍ଚ କରି ଭିତରକୁ ଛଡ଼ାଯାଉଛି। ସମ୍ଭାବ୍ୟ ଆଶଙ୍କା କରି ଗତ କିଛିବର୍ଷ ହେଲା ଜାତୀୟ ସୁରକ୍ଷା ବାହିନୀ (ଏନ୍ଏସ୍‌ଜି) ଶ୍ରୀମନ୍ଦିରକୁ ଆସି ସୁରକ୍ଷା ବ୍ୟବସ୍ଥା ମଧ୍ୟ ଯାଞ୍ଚ କରୁଛନ୍ତି। ଏସବୁ ସତ୍ତ୍ୱେ ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥା ଯେ କେତେ ବିପନ୍ନ ଉପରୋକ୍ତ ଘଟଣା ଏହାକୁ ସ୍ପଷ୍ଟ କରୁଛି। ଶନିବାର ସକାଳେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ମହାପ୍ରଭୁଙ୍କ ଦର୍ଶନ ପାଇଁ ଯିବାବେଳେ ବାଇଶି ପାହାଚରେ ଜଣେ ଯୁବକ ମୋବାଇଲରେ ତାଙ୍କ ଫଟୋ ଉଠାଉଥିଲେ। ଏହି ସମୟରେ ଜଣେ ପୋଲିସ କର୍ମଚାରୀ ଏହା ଦେଖିପାରି ସମ୍ପୃକ୍ତ ଯୁବକଙ୍କୁ କାବୁ କରି ନେଇଥିଲେ। ତାଙ୍କ ମୋବାଇଲ ଜବତ କରିବା ସହ ତାଙ୍କୁ ଅଟକ ରଖିଥିଲେ। ସମ୍ପୃକ୍ତ ଯୁବକଙ୍କ ପରିଚୟ ଜଣାପଡି ନ ଥିବାବେଳେ ଏହି ଘଟଣାକୁ ପୋଲିସ ଏଡ଼ାଇଦେବାକୁ ଚେଷ୍ଟା କରିଛି। ଖୋଦ୍ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଗସ୍ତବେଳେ ସୁରକ୍ଷା ବ୍ୟବସ୍ଥାକୁ ନେଇ ଏବେ ପୁରୀ ପୋଲିସର ଦକ୍ଷତାକୁ ନେଇ ସବୁଠି ଚର୍ଚ୍ଚା ହେଉଛି।

**ବାଇଶି ପାହାଚରେ ଫଟୋ ଉଠାଇ ଧରାପଡ଼ିଲେ ଯୁବକ**



ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ ନେବା ଉପରେ କଡ଼ା କଟକଣା ରହିଛି। କିନ୍ତୁ ଏହି କଟକଣାକୁ ଅନେକେ ମାନୁନାହାନ୍ତି। ବିଭିନ୍ନ ସମୟରେ ଭକ୍ତ ମନ୍ଦିର ଭିତରକୁ ମୋବାଇଲ ଫୋନ ନେଇ ଭିଡିଓ ଏବଂ ଫଟୋ ଉଠାଉଛନ୍ତି। ଏହାଦ୍ୱାରା ଶ୍ରୀମନ୍ଦିରର ଅନେକ ଗୁପ୍ତ ତଥ୍ୟ ବାହାରକୁ ଆସୁଛି। ବାରମ୍ବାର ଏଭଳି ଘଟଣା ଘଟୁଥିଲେ ମଧ୍ୟ ପୋଲିସ ଏଥିରେ ରୋକ୍ ଲଗାଇ ପାରୁନାହିଁ। ଗତ ୨୬ ତାରିଖରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶ୍ରୀମନ୍ଦିରକୁ ଆସିଥିବାବେଳେ ସମାନ ପ୍ରକାର ଦୃଶ୍ୟ ଦେଖିବାକୁ ମିଳିଥିଲା। ଜଣେ ଯୁବକ ଆନନ୍ଦ ବଜାର ଭିତରେ ମେଘନାଦ ପାଚେରି କଡ଼ରେ ଠିଆହୋଇ ମୋବାଇଲରେ କଥା ହେଉଥିଲେ। ଶନିବାର ଶାହାଙ୍କ ଗସ୍ତ ବେଳେ ବି ମୋବାଇଲ ଫୋନ ଭିତରକୁ ଯାଇଥିବା ସ୍ପଷ୍ଟ ହୋଇଛି। ତେବେ ଏଠାରେ ପ୍ରଶ୍ନ ଉଠୁଛି ଯଦି ଭିଭିଆଇପି ଆସିବା ସମୟରେ ମୋବାଇଲ ଫୋନକୁ କେହି ଭିତରକୁ ନେଇପାରୁଛନ୍ତି ତେବେ ଅନ୍ୟ କିଛି ସାମଗ୍ରୀ ନେଇପାରିବେ ନାହିଁ କାହିଁକି? କୌଣସି ମନ୍ଦ ଉଦ୍ଦେଶ୍ୟ ରଖି ଅନ୍ୟ କେହି କିଛି ଘଟାଇବା ସମ୍ଭାବନାକୁ ବି ଏଡ଼ାଇ ଦିଆଯାଇ ନ ପାରେ।

## ଶ୍ରୀଲିଙ୍ଗରାଜ ମନ୍ଦିରରେ ଅମିତ ଶାହା

**ପୁରୁଣା ଭୁବନେଶ୍ୱର, ୨୯।୨ (ଡି.ଏନ୍.ଏ.)**

ଦୁଇଦିନିଆ ଓଡ଼ିଶାଗସ୍ତରେ ଆସିଥିବା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ପୁରୀରୁ ଫେରି ଶନିବାର ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କରିଥିଲେ। ସକାଳ ୯ଟା ୪୫ରେ ମନ୍ଦିରରେ ପ୍ରବେଶ କରି ଗର୍ଭଗୃହରେ ଶ୍ରୀଜୀଉଙ୍କୁ ଦର୍ଶନ କରିବା ସହ ୧୧ଟା ୧୫ ପର୍ଯ୍ୟନ୍ତ ରହିଥିଲେ। ଏହି ଅବସରରେ ସେ ମୁଖ୍ୟ ମନ୍ଦିର ସହ ବିଭିନ୍ନ ପାର୍ଶ୍ୱ ଦେବଦେବୀ ମନ୍ଦିରରେ ଦିଅଁ ଦର୍ଶନ କରିବା ସହ ମନ୍ଦିରର କାରୁକାର୍ଯ୍ୟ ବୁଲି ଦେଖିଥିଲେ। ତାଙ୍କ ସହ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ବଲାଙ୍ଗୀର ଏମ୍‌ପି ସଙ୍ଗୀତା ସିଂଦେଓ, ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, କେ.ପି. ସିଂଦେଓ, ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, ଭାଜପା ନେତା ବାବୁ ସିଂ ଏବଂ ଦଳୀୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।



## ତାଲିମ ପାଇଁ ବିଦେଶ ଯିବେ ଓୟୁଏଟିର ୧୪ ଛାତ୍ରୀଛାତ୍ର




**ଭୁବନେଶ୍ୱର, ୨୯।୨(ବ୍ୟୁରୋ)**

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ୧୪ଜଣ ଛାତ୍ରୀଛାତ୍ର ଉନ୍ନତ ଜ୍ଞାନକୌଶଳ ତଥା ଅତ୍ୟାଧୁନିକ ବୈଷୟିକ ତାଲିମ ପାଇଁ ରବିବାର ବିଦେଶ ଯାତ୍ରା କରିବେ। ଓୟୁଏଟି ଅଧୀନ ଭୁବନେଶ୍ୱରର ପଶୁଚିକିତ୍ସା ଓ ପଶୁପାଳନ ମହାବିଦ୍ୟାଳୟ ଏବଂ ରଙ୍ଗେଇଲୁଣ୍ଡା ସ୍ଥିତ ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟର ଶେଷ ବର୍ଷର ଏହି ୧୪ ଛାତ୍ରୀଛାତ୍ର ୩ମାସ ପାଇଁ ଆମେରିକା ଓ ଥାଇଲାଣ୍ଡ ଗସ୍ତ କରିବେ। ସେମାନେ ସେଠାକାର ବିଭିନ୍ନ ବିଜ୍ଞାନ ଗବେଷଣାଗାର, ପଶୁପକ୍ଷୀ ଓ ମତ୍ସ୍ୟ ସମ୍ବନ୍ଧୀୟ ଫାର୍ମରେ ବିଜ୍ଞାନଭିତ୍ତିକ ଅତ୍ୟାଧୁନିକ ଯନ୍ତ୍ରପାତିର ବ୍ୟବହାର ଏବଂ ପ୍ରାଣୀ ଚିକିତ୍ସା ସମ୍ବନ୍ଧୀୟ ନୂତନ ଜ୍ଞାନକୌଶଳ ଆହରଣ କରିବେ। ଏହି ଉପଲକ୍ଷେ ଶନିବାର ଓୟୁଏଟିରେ ଛାତ୍ରୀଛାତ୍ରଙ୍କ ବିଦେଶ ଗସ୍ତକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପଓ୍ୱନ କୁମାର ଅଗ୍ରଓ୍ୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବିଦେଶରେ ଉନ୍ନତ ଜ୍ଞାନ କୌଶଳ ଆହରଣ କରି ଆମ ରାଜ୍ୟରେ କୃଷକମାନଙ୍କ ଉନ୍ନତି ନିମନ୍ତେ ବିନିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଶୁଚିକିତ୍ସା ଓ ପଶୁପାଳନ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଲକ୍ଷ୍ମଣ କୁମାର ବାବୁ, ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ସୌମେନ୍ଦ୍ର ନନ୍ଦ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଥିଲେ।

## ଧାର ଟଙ୍କା ମାଗିବାରୁ ଅସହାୟ ବୃଦ୍ଧାଙ୍କ ଘର ପୋଡ଼ିଦେଲେ ପଡ଼ୋଶୀ

**ଭୁବନେଶ୍ୱର,୨୯।୨(ବ୍ୟୁରୋ)**

- ଥାନାରେ ଅଭିଯୋଗ କଲେ ପୋଲିସ ଶୁଣୁନି
- ମୋ ସରକାରକୁ ନେଇ ଉଠାଇଲେ ପ୍ରଶ୍ନ

ଧାର ଟଙ୍କା ମାଗିବାରୁ ଜଣେ ଅସହାୟ ବୃଦ୍ଧାଙ୍କ ଘର ପୋଡ଼ିଦେଲେ ପଡୋଶୀ। ମହିଳା ଜଣକ ଏନେଇ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରି ଦୁଇମାସ ହେବ ଦୌଡୁଥିଲେ ମଧ୍ୟ ପୋଲିସ ନ୍ୟାୟ ଦେଉନି କି ତାଙ୍କ କଥା ଶୁଣୁନି। ଫଳରେ ଶ୍ରୀକୃଷ୍ଣନଗର ବସ୍ତିରେ ରହୁଥିବା ସୁଷମା ଭାରତୀ(୫୬) ପୁଣି ଥାନାରେ ଆଉ ଏକ ଅଭିଯୋଗ କରିବା ସହ କମିଶନରେଟ ପୋଲିସରେ 'ମୋ ସରକାର'ର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି।

ମହିଳାଙ୍କ ଘର ଯାଜପୁର ବିଞ୍ଝାରପୁରରେ ହୋଇଥିବାବେଳେ ସେ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶ୍ରୀକୃଷ୍ଣନଗର ବସ୍ତିରେ ୪୦ ବର୍ଷ ହେବ ରହୁଛନ୍ତି। ସେ ଜଣେ ଅସହାୟ ମହିଳା। ତାଙ୍କର ଏଠାରେ କେହି ନାହାନ୍ତି। ସେ ଏକ ଘରୋଇ କଲେଜରେ ସୁଇପର ଭାବେ କାମ କରି ଯାହା ଟଙ୍କା ମିଳେ ନିଜେ ଚଳିଯାଆନ୍ତି। ବର୍ଷେ ତଳେ ତାଙ୍କ ଘର ନିକଟରେ ରହୁଥିବା ଜଣେ ପଡୋଶୀଙ୍କ ପୁଅ ଦେହ ଅସୁସ୍ଥ ହେବାରୁ ସେ ସୁଷମାଙ୍କୁ ଟଙ୍କା ମାଗିଥିଲେ। ପଡୋଶୀଙ୍କ ଦୁଃଖ ଦେଖି ସୁଷମା ୮୦ ହଜାର ଟଙ୍କା ଧାର ଦେଇଥିଲେ। ସୁଷମା ବାରମ୍ବାର ଉକ୍ତ ଧାର ଟଙ୍କା ମାଗିଥିଲେ ମଧ୍ୟ ପଡୋଶୀ ଜଣକ ତାହାକୁ ନ ଫେରାଇ ନାଲିଆଖି ଦେଖାଇଥିଲେ। ଗତବର୍ଷ ଡିସେମ୍ବର ୬ ରାତି ଗୋଟାଏରେ ସୁଷମା ଘରେ ନ ଥିବା ସମୟରେ ପଡୋଶୀ ଜଣକ ତାଙ୍କ ଘରେ ପଶି ସୁନା ଗହଣା ଓ ଟଙ୍କା ଲୁଟି ନେବା ପରେ ନିଆଁ ଲଗାଇ ଦେଇଥିଲେ। ପରଦିନ ଖବର ପାଇ ସୁଷମା ପହଞ୍ଚି ଘର ଦେଖିବା ପରେ ଏହା ପଡୋଶୀଙ୍କ କାର୍ଯ୍ୟ ହୋଇଥିବା ଜାଣି ଥାନାରେ ଅଭିଯୋଗ କରିଥିଲେ। ହେଲେ ପୋଲିସ ଘଟଣା ସ୍ଥଳକୁ ଗଲା ନାହିଁ କି ତଦନ୍ତ କଲା ନାହିଁ। ଫଳରେ ଅଭିଯୁକ୍ତ ତାଙ୍କୁ ହତ୍ୟା ଧମକ ଦେଉଥିବା ସୁଷମା ଅଭିଯୋଗ କରିଛନ୍ତି।

ଏନେଇ ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକ କହିଛନ୍ତି, ମହିଳା ଜଣକ ପୂର୍ବରୁ କରିଥିବା ଅଭିଯୋଗ ନେଇ ମୁଁ କିଛି ଜାଣିନି। କ'ଣ ହୋଇଛି ରିପୋର୍ଟ ଦେଖିବା ପରେ ପଦକ୍ଷେପ ନେବି।

## 'ଆଇନଜୀବୀଙ୍କୁ ମିଳୁ ୫ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା'

**କଟକ ଅଫିସ,୨୯।୨**

**ନିଖିଳ ଓଡ଼ିଶା ଆଇନଜୀବୀ ସଂଘର କାର୍ଯ୍ୟକାରୀ କମିଟି ବୈଠକ**




ହାଇକୋର୍ଟ ବାର୍ ଆସୋସିଏଶନ ସମ୍ମିଳନୀ କକ୍ଷରେ ଶନିବାର ନିଖିଳ ଓଡ଼ିଶା ଆଇନ୍‌ଜୀବୀ ସଂଘର ୨୦୨୦ ବର୍ଷର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ବିଚିତ୍ର କୁମାର ବଡ଼ଜେନା ଏଥିରେ ଅଧ୍ୟକ୍ଷତା କରିଥିଲେ। ହାଇକୋର୍ଟ ଆଇନଜୀବୀ ସଂଘ ସଭାପତି ଗୋପାଳକୃଷ୍ଣ ମହାନ୍ତି ଏଥିରେ ନେତୃତ୍ୱ ନେଇଥିଲେ। ବୈଠକରେ ଆଇନଜୀବୀଙ୍କ ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରାଯାଇଛି। ଆଇନଜୀବୀଙ୍କୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ସ୍ୱାସ୍ଥ୍ୟ ବୀମା ବ୍ୟବସ୍ଥା କରିବାକୁ ସରକାରଙ୍କ ନିକଟରେ ଦାବି ରଖାଯିବ। ସେହିଭଳି ଯୁବ ଆଇନଜୀବୀଙ୍କୁ ମାସିକ ୫ହଜାର ଟଙ୍କା ଭତ୍ତା, ସମସ୍ତ ଆଇନ୍‌ଜୀବୀ ସଂଘ ପାଇଁ ବିଦ୍ୟୁତ୍, ପାଣି, ପାଠାଗାର, ସୁରକ୍ଷା ବ୍ୟବସ୍ଥା ଏବଂ ସମସ୍ତ ଜିଲା ସଦର ମହକୁମାରେ ଆଇନଜୀବୀ କଲ୍ୟାଣ ଭବନ ଏବଂ ପ୍ରତ୍ୟେକ ବାର୍ ଆସୋସିଏଶନ ପାଇଁ ଆମ୍ବୁଲାନ୍ସର ବ୍ୟବସ୍ଥା ନିମନ୍ତେ ସରକାରଙ୍କ ପାଖରେ ଦାବି କରାଯିବ। ସଂଘର ସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ। କାର୍ଯ୍ୟରତ ଆଇନଜୀବୀମାନେ କୌଣସି ଫୌଜଦାରୀ ମକଦ୍ଦମାର ସମ୍ମୁଖୀନ ହେଲେ ମକଦ୍ଦମା ପାଇଁ ରାଜ୍ୟ ଆଇନଜୀବୀ ପରିଷଦର ଅନୁମୋଦନ ନେବାକୁ ପଡ଼ିବ ବୋଲି ସିଆର୍‌ପିସିରେ ସଂଶୋଧନ/ରିଭ୍ୟୁ ରଖିବାକୁ ଦାବି କରାଯିବ। ସଂଘର ପରବର୍ତ୍ତୀ ବୈଠକ ନବରଙ୍ଗପୁରରେ ହେବ ବୋଲି ସର୍ବସମ୍ମତିରେ ନିଷ୍ପତ୍ତି ନିଆଯାଇଥିଲା। ଉପସଭାପତି ସୁଶାନ୍ତ କୁମାର ବରାଳ, ଉପଦେଷ୍ଟା ଶିବାନନ୍ଦ ରାୟ, ଶିଶିର ପାଢ଼ୀ, ଅକ୍ଷୟ କୁମାର ପତି, ପ୍ରଦୀପ କୁମାର ପଣ୍ଡା, ସଂଗଠନ ସମ୍ପାଦକ ବିଭୁ ପ୍ରସନ୍ନ ମହାପାତ୍ର, ଜ୍ୟୋତି ପ୍ରସାଦ ରଥ, ଦୁଷ୍ମନ୍ତ କୁମାର ବିଶ୍ୱାଳ, ଆଶିଷ କୁମାର ମିଶ୍ର, ପୀତବାସ ପଣ୍ଡା, ବିଶ୍ୱଜିତ ଦାସ, ମୁକ୍ତିକାନ୍ତ ଦାସ, ପ୍ରଦୀପ ପଟ୍ଟନାୟକ, ଗୋବର୍ଦ୍ଧନ ସାହୁ, ନିରଞ୍ଜନ ନାୟକ, ଅଭିଜିତ ଦାସ, ଜଗଦୀପ ସାହୁଙ୍କ ସମେତ ବହୁ ଆଇନ୍‌ଜୀବୀ ବୈଠକରେ ଉପସ୍ଥିତ ଥିଲେ।

## ୧ଲକ୍ଷ ଲେଖାଏ ପାଇବେ ୧୪ କ୍ଷତିଗ୍ରସ୍ତ ଯାଦବ ପରିବାର

**ପୁରୀ ଅଫିସ,୨୯।୨**

**ଜିଲାପାଳଙ୍କ ରିଭ୍ୟୁ ପିଟିଶନ୍ ଓଏଚ୍ଆର୍‌ସିରେ ଖାରଜ**

ବ୍ରହ୍ମଗିରି ଥାନା ଅଧୀନ ବୁଢାକେରା ଗ୍ରାମର ୧୪ଟି ଯାଦବ ପରିବାର ପ୍ରତ୍ୟେକ ୧ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ପାଇବେ। ଓଡ଼ିଶା ରାଜ୍ୟ ମାନବାଧିକାର କମିଶନ (ଓଏଚ୍ଆର୍‌ସି) ସରକାରଙ୍କୁ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏପ୍ରିଲ ୬ତାରିଖ ସୁଦ୍ଧା ଏହା ଉପରେ ପଦକ୍ଷେପ ନେବା ଲାଗି ରାୟରେ ଉଲ୍ଲେଖ ରହିଛି।

ସୂଚନା ଅନୁଯାୟୀ, ବୁଢାକେରା ଗ୍ରାମର ଅନାବାଦୀ ଓ ଗୋଚର ଜମିରେ ୧୪ଟି ଯାଦବ ପରିବାର ଗୋପାଳନ କରି ଗୁଜୁରାଣ ମେଣ୍ଟାଉଥିଲେ। ଗ୍ରାମର କେତେଜଣ ଜମି ମାଫିଆ ଅସାମାଜିକ ଯୁବକଙ୍କ ଜରିଆରେ ସେମାନଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ସେଠାରୁ ତଡ଼ି ଦେଇଥିଲେ। ଫଳରେ ଏହି ଯାଦବ ପରବାର ରାସ୍ତାକୁ ଚାଲିଆସିଥିଲେ। ଯାଦବ ପରିବାରଗୁଡ଼ିକର ଜୀବନ ଜୀବିକା ଲାଗି ମାନବାଧିକାର କର୍ମୀ ବାଘାମ୍ବର ପଟ୍ଟନାୟକ ଓଏଚ୍ଆର୍‌ସିରେ ଅଭିଯୋଗ କରିଥିଲେ। ଏଥିରେ ସେ ଜିଲା ପ୍ରଶାସନକୁ ପକ୍ଷଭୁକ୍ତ କରିଥିଲେ। ଏହି ଅଭିଯୋଗ ଉପରେ ପୁରୀ ଜିଲାପାଳ ବଲଓ୍ୱନ୍ତ ସିଂ ଗତ ୨୦୧୯ ସେପ୍ଟେମ୍ବର ୨୭ ତାରିଖରେ କମିଶନଙ୍କ ନିକଟରେ ରିଭ୍ୟୁ ପିଟିଶନ୍ ଦାଖଲ କରିଥିଲେ। ଏହାର ଜବାବରେ ମାନବାଧିକାର କର୍ମୀ ପଟ୍ଟନାୟକ ଜିଲାପାଳଙ୍କ ଆପତ୍ତି ଉପରେ କମିଶନଙ୍କ ନିକଟରେ ଉତ୍ତର ରଖିଥିଲେ। କମିଶନ ସମସ୍ତ ପ୍ରମାଣ, ରିପୋର୍ଟ ବିଚାରକୁ ନେଇ ଜିଲାପାଳଙ୍କ ରିଭ୍ୟୁ ପିଟିଶନକୁ ଖାରଜ କରିବା ସହ ସମସ୍ତ କ୍ଷତିଗ୍ରସ୍ତ ଯାଦବ ପରିବାରଙ୍କୁ ୧ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦେବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏହି ରାୟ ଫଳରେ ଯାଦବ ପରିବାରଙ୍କୁ ଉପଯୁକ୍ତ ନ୍ୟାୟ ମିଳିଛି ବୋଲି ପଟ୍ଟନାୟକ କହିଛନ୍ତି।

## ଫଟୋରେ ଖବର



ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଶନିବାର ୪ଦଫା ଦାବିରେ ଭାରତୀୟ ସ୍ୱାଧୀନତା ସୁରକ୍ଷା ସାମ୍ମୁଖ୍ୟ ଓ ମିଳିତ ଓଡ଼ିଶା ଶିକ୍ଷା ସଂସ୍କାର ଅଭିଯାନ ପକ୍ଷରୁ ଦିଆଯାଇଥିବା ଧାରଣା।




ଭୁବନେଶ୍ୱର ସୂଚନା ଭବନଠାରେ ଶନିବାର ୟୁରୋ କିଡ୍‌ସ ପ୍ରି-ସ୍କୁଲର ବାର୍ଷିକ ଉତ୍ସବ ପାଳନ ଅବସରରେ ପରିବେଷିତ ଓଡ଼ିଶୀ ନୃତ୍ୟ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧ ମାର୍ଚ୍ଚ, ୨୦୨୦



> ରାଷ୍ଟ୍ରର ପ୍ରତ୍ୟେକ ବ୍ୟକ୍ତି ଶ୍ରଦ୍ଧା, ନିଷ୍ଠା ତଥା ଦୃଢ଼ ଆତ୍ମବିଶ୍ୱାସ ବଳରେ ରାଷ୍ଟ୍ରକୁ ନିଶ୍ଚୟ ସମୁନ୍ନତ କରାଇପାରିବେ।
> - ମଦନମୋହନ ମାଲବ୍ୟ



**ସଂକ୍ଷେପରେ**

## ଏସ୍‌ସିବି ମେଡିକାଲ: ଅଧୀକ୍ଷକ ଦାୟିତ୍ୱ ନେଲେ ଅନ୍ନଦା ପ୍ରସାଦ ପଟ୍ଟନାୟକ

କଟକ ଅଫିସ, ୨୯।୨: ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର ନୂତନ ଅଧୀକ୍ଷକ ଭାବେ ପ୍ରଫେସର ଡା. ଅନ୍ନଦା ପ୍ରସାଦ ପଟ୍ଟନାୟକ ଶନିବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହେବା ସହ ପୂର୍ବତନ ଅଧୀକ୍ଷକ ପ୍ରଫେସର ଡ. ସରୋଜକାନ୍ତ ସାହୁଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ପ୍ରଫେସର ପଟ୍ଟନାୟକ ନିଜ ଅଭିଭାଷଣରେ କହିଥିଲେ ଯେ, ଏସ୍‌ସିବିର ଉନ୍ନତି ନିମନ୍ତେ ଯାହା ଆବଶ୍ୟକ ସେ ଦିଗରେ ପ୍ରାଧାନ୍ୟ ଦିଆଯିବ। ରୋଗୀମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପ୍ରତି ବିଶେଷ ଦୃଷ୍ଟି ଦିଆଯିବ। ମେଡ଼ିକାଲ ପରିସରରେ ଟ୍ରାଫିକ ବ୍ୟବସ୍ଥା ପ୍ରତି ପଦକ୍ଷେପ ଗ୍ରହଣ କରାଯିବ ବୋଲି ନୂତନ ଅଧୀକ୍ଷକ ପ୍ରକାଶ କରିଥିଲେ। ଉତ୍ସବରେ ଅଧକ୍ଷ ପ୍ରଫେସର ଡ. ଜୟଶ୍ରୀ ମହାନ୍ତି, ପ୍ରଶାସନିକ ଅଧିକାରୀ କଳ୍ପତରୁ ବେହେରା. ଡା. ଇନ୍ଦୁଭୂଷଣ କର, ଡା. ଚିତ୍ତରଞ୍ଜନ କରଙ୍କ ସମେତ ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।



# ରାଜଧାନୀର ୨୪ ଛକରେ ଆଜିଠୁ ଗାଡ଼ି ଯାଞ୍ଚ

ଭୁବନେଶ୍ୱର,୨୯।୨(ବ୍ୟୁରୋ)

ଗାଡ଼ିର କାଗଜପତ୍ର କରିବାକୁ ସରକାର ଦେଇଥିବା ସମୟ ଶନିବାର ଶେଷ ହୋଇଛି। ତେଣୁ ରବିବାରଠାରୁ ଆର୍‌ଟିଓ ଓ ପୋଲିସ ପକ୍ଷରୁ ଯାଞ୍ଚ କଡ଼ାକଡ଼ି କରାଯିବ। ବେପରୁଆ ଗାଡ଼ି ଚାଳକ ଓ ଖାମଖିଆଲ ମାଲିକ ସାବାଡ଼ ହେବେ। ଆଉ ସେମାନେ ବାହାନା ଦେଖାଇ ଖସି ଯାଇପାରିବେ ନାହିଁ। ଧରାପଡିବା ମାତ୍ରେ ବହୁଗୁଣା ଜରିମାନା ଗଣିବେ। ଏନେଇ ଶନିବାର ପରିବହନ ବିଭାଗ ପକ୍ଷରୁ ସମସ୍ତ ଜିଲାପାଳ, ଏସ୍‌ପି, ଜିଲା ମାଜିଷ୍ଟ୍ରେଟ୍, ଡିସିପି, ଟ୍ରାଫିକ ଡିସିପିଙ୍କୁ ଚିଠି କରାଯାଇଛି। ପରିବହନ ବିଭାଗ ଚିଠି ପାଇବା ପରେ ପୁଣି ଆକ୍ସନମୁଡ୍‌ରେ କମିଶନରେଟ ପୋଲିସ। ରାଜଧାନୀ ଭୁବନେଶ୍ୱରରେ ୨୪ ଛକରେ ଯାଞ୍ଚ କଡାକଡି କରାଯିବ। ନିୟମ ଉଲ୍ଲଂଘନକାରୀଙ୍କୁ ଧରାଯାଇ ନୂଆ ମୋଟର ଯାନ ଆଇନ ଅନୁଯାୟୀ ଜରିମାନା କରାଯିବ ବୋଲି ଟ୍ରାଫିକ ଡିସିପି ସାଗରିକା ନାଥ କହିଛନ୍ତି। ଏଥର କିନ୍ତୁ ପୂର୍ବଭଳି ରାସ୍ତା ଉପରେ ଗାଡ଼ି ଚାଳକଙ୍କ ସହ ଝଗଡା କରିବାର ନାହିଁ। ଯିଏ ଜରିମାନା ନ ଦେବ ତାଙ୍କ ନାଁରେ ଚାଲାଣ ଘରକୁ ପଠାଯିବ ବୋଲି ସେ କହିଛନ୍ତି।

### ତଥାପି ଆର୍‌ଟିଓ ଅଫିସରେ ଭିଡ଼

ନୂଆ ମୋଟର ଯାନ ଆଇନ ଲାଗୁକୁ ନେଇ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଅପ୍ରୀତିକର ପରିସ୍ଥିତି ଉପୁଜିବା ପରେ ରାଜ୍ୟ ସରକାର ଲୋକଙ୍କୁ ଡ୍ରାଇଭିଂ ଲାଇସେନ୍ସ ଓ ଗାଡ଼ି କାଗଜପତ୍ର କରିବାକୁ ପ୍ରଥମେ ୩ ମାସ ସମୟ ଦେଇଥିଲେ। ହେଲେ ଏସବୁ କାଗଜପତ୍ର ପାଇଁ ଆର୍‌ଟିଓ ଅଫିସ ସମେତ ଖୋଲିଥିବା କେନ୍ଦ୍ରଗୁଡିକରେ ଆବଶ୍ୟକ ବ୍ୟବସ୍ଥା ନ ଥିବାରୁ ଲୋକେ ବାରମ୍ବାର ଦୌଡ଼ି ନିରାଶ ହେଉଥିଲେ। ଏହାକୁ ହୃଦୟଙ୍ଗମ କରି ସରକାର ଆଉ ୩ ମାସ ସମୟ ବଢ଼ାଇଥିଲେ। ହେଲେ ଏବେ ବି ବହୁ ଲୋକ ଖାମଖିଆଲ ହୋଇ କାଗଜପତ୍ର ପ୍ରସ୍ତୁତ କରିପାରି ନ ଥିବା ଜଣାପଡିଛି। ଶେଷ ମୁହୂର୍ତ୍ତରେ ସେମାନେ ଆର୍‌ଟିଓ ଅଫିସରେ ଭିଡ଼ ଜମାଉଥିବା ଦେଖିବାକୁ ମିଳୁଛି। ଶନିବାର ଭୁବନେଶ୍ୱରର ଆରଟିଓ-୧ ଏବଂ ଆରଟିଓ-୨ରେ ଲୋକେ ଲମ୍ବା ଧାଡ଼ିରେ ରହିଥିବା ଦେଖିବାକୁ ମିଳିଥିଲା। ଲୋକଙ୍କ ଭିଡ଼କୁ ଦେଖି ଆରଟିଓ ଅଫିସରେ ପୋଲିସ ମୁତୟନ କରାଯାଇଛି।

**ପଶିଲା ଛନକା**



ଆର୍‌ଟିଓ-୧ ନିକଟରେ ଲୋକଙ୍କ ଗହଳି।

- ଖସି ପାରିବେନି ବେପରୁଆ, ଖାମଖିଆଲ ଗାଡ଼ି ଚାଳକ
- ପରିବହନ ବିଭାଗ ପକ୍ଷରୁ ଜିଲାପାଳ, ଏସ୍‌ପି, ଡିସିପିଙ୍କୁ ଚିଠି

### ଭିତ୍ତିଭୂମି ଅଭାବ, ଲୋକେ ହନ୍ତସନ୍ତ

ଆର୍‌ଟିଓ ଅଫିସକୁ ଯେତିକି ଲୋକେ ଆସୁଛନ୍ତି ସେମାନଙ୍କୁ ଲର୍ନିଂ ଓ ଡିଏଲ୍ ଦେବାରେ କର୍ମଚାରୀମାନେ ବିଳମ୍ବ କରୁଛନ୍ତି। କର୍ମଚାରୀଙ୍କ ଅଭାବ ସହ ଯଥେଷ୍ଟ ପରିମାଣର କମ୍ପ୍ୟୁଟର ନ ଥିବାରୁ ଏସବୁ ସମସ୍ୟା ହେଉଥିବା ଆର୍‌ଟିଓଙ୍କ ପକ୍ଷରୁ ସଫେଇ ଦିଆଯାଉଛି। ପୁଣି କେତେବେଳେ କମ୍ପ୍ୟୁଟର ଖରାପ ହେଉଛି ତ ଆଉ କେତେବେଳେ ଇଣ୍ଟରନେଟ କଟିଯାଉଛି। ଫଳରେ ଲୋକଙ୍କୁ ଲାଇସେନ୍ସ ପାଇବାକୁ ନାକେଦମ୍ ହେବାକୁ ପଡୁଛି। ତେଣୁ ସରକାର ଆର୍‌ଟିଓ ଅଫିସରେ ଆବଶ୍ୟକ ବ୍ୟବସ୍ଥା କରିବାକୁ ଲୋକେ ଦାବି କରିଛନ୍ତି।

### ଲାଇସେନ୍ସ ବାବଦ ୬ ମାସର ତଥ୍ୟ

ନୂଆ ମୋଟର ଯାନ ଆଇନ ଲାଗୁ ହେବା ପରଠୁ ଲକ୍ଷାଧିକ ଲୋକ ଲର୍ନିଂ ଓ ଡ୍ରାଇଭିଂ ଲାଇସେନ୍ସ ପାଇଛନ୍ତି। ମିଳିଥିବା ତଥ୍ୟ ଅନୁସାରେ, ଭୁବନେଶ୍ୱରର ଆରଟିଓ-୧ରେ ସେପ୍ଟେମ୍ବର ୧ରୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ଲର୍ନିଂ ୫୪,୫୦୩ ଓ ଡିଏଲ୍ ୩୩, ୮୮୧ଜଣ ନେଇଛନ୍ତି। ଜାନୁୟାରୀରୁ ଫେବୃୟାରୀ ପର୍ଯ୍ୟନ୍ତ ଲର୍ନିଂ ୧୫,୧୦୬ ଓ ଡିଏଲ୍ ୧୯,୪୯୭ ଜଣ ପାଇଛନ୍ତି। ସେହିପରି ଆର୍‌ଟିଓ-୨ରେ ସେପ୍ଟେମ୍ବର ୧ରୁ ଫେବୃୟାରୀ ୨୫ ପର୍ଯ୍ୟନ୍ତ ଲର୍ନିଂ ପାଇଁ ୫୯,୬୮୨ଜଣ ଆବେଦନ କରିଥିବାବେଳେ ୪୮,୪୩୦ ଜଣ ପାଇଛନ୍ତି। ସେହିଭଳି ଡିଏଲ୍ ପାଇଁ ୨୬,୪୦୮ ଆବେଦନ କରିଥିବାବେଳେ ୨୨,୯୫୮ଜଣ ପାଇଛନ୍ତି। ଡିଏଲ୍ ନବୀକରଣ ପାଇଁ ୧୫,୨୦୦ ଆବେଦନ କରିଥିବାବେଳେ ୧୩,୦୬୧ଜଣ ପାଇଛନ୍ତି।

## ଜାମୁଝରିରେ ଖୁବ୍‌ଶୀଘ୍ର ମହାତ୍ମା ଗାନ୍ଧୀ ବନ୍ଦୀଗୃହ ଓ ସୁଧାର ସେବା ଏକାଡେମୀ

ଭୁବନେଶ୍ୱର,୨୯।୨(ବ୍ୟୁରୋ)

ଜେଲ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ଭୁବନେଶ୍ୱର ଜାମୁଝରିଠାରେ ମାର୍ଚ୍ଚରେ କାର୍ଯ୍ୟକ୍ଷମ ହେବ ମହାତ୍ମା ଗାନ୍ଧୀ ବନ୍ଦୀଗୃହ ଓ ସୁଧାର ସେବା ଏକାଡେମୀ (ମହାତ୍ମା ଗାନ୍ଧୀ ଏକାଡେମୀ ଅଫ୍ ପ୍ରିଜନ୍ସ ଆଣ୍ଡ କରେକ୍ସନାଲ ସର୍ଭିସେସ୍)। ଭୁବନେଶ୍ୱର ତହସିଲ ଅଧୀନ ଛତାବର ମୌଜାର ୪୬.୭୯୦ ଏକର ଜାଗାରେ ଏହି ଅନୁଷ୍ଠାନ କାର୍ଯ୍ୟ କରିବ। ବ୍ରହ୍ମପୁରଠାରେ ଥିବା ଜେଲ ଟ୍ରେନିଂ ସ୍କୁଲକୁ ଏହାସହିତ ମିଶାଇ ଦିଆଯିବାକୁ ନିଷ୍ପତ୍ତି ନିଆଯାଇଛି। ଏନେଇ ସରକାରଙ୍କ ପକ୍ଷରୁ ଶନିବାର ବିଜ୍ଞପ୍ତି ପ୍ରକାଶ ପାଇଛି।

୧୩ କୋଟି ଟଙ୍କାରେ ଏହି ଅତ୍ୟାଧୁନିକ ଏକାଡେମୀ କୋଠା ନିର୍ମାଣ ଶେଷ ହୋଇଛି। ବିଜୁ ପଟ୍ଟନାୟକ ପୋଲିସ ଏକାଡେମୀ ଭଳି ଏଥିରେ ମଧ୍ୟ ଜେଲର ୱାର୍ଡେନ ଏବଂ ଅନ୍ୟ କର୍ମଚାରୀ ଟ୍ରେନିଂ ନେବାର ସମସ୍ତ ବ୍ୟବସ୍ଥା ରହିଛି। ମାର୍ଚ୍ଚ ୩୧ ସୁଦ୍ଧା ଏହାକୁ ସରକାରଙ୍କ ପକ୍ଷରୁ ଉଦ୍‌ଘାଟନ କରାଯିବ ବୋଲି ଜେଲ୍ ଡିଜି ସନ୍ତୋଷ ଉପାଧ୍ୟାୟ କହିଛନ୍ତି। ଯେଉଁମାନେ ଜେଲ ବିଭାଗରେ ନୂଆ କରି ଚାକିରି ପାଇବେ ସେମାନେ ୬ରୁ ୯ ମାସ ଏହି ଏକାଡେମୀରେ ତାଲିମ ନେବେ। ଏହାସହ ଯେଉଁମାନେ ବର୍ତ୍ତମାନ କାର୍ଯ୍ୟ କରି ରାଜ୍ୟର ବିଭିନ୍ନ ଜେଲରେ ଅଛନ୍ତି, ସେମାନେ ମଧ୍ୟ ଏକ ମାସ ଟ୍ରେନିଂ ନେବେ ବୋଲି ଜେଲ ଡିଜି ସୂଚନା ଦେଇଛନ୍ତି। ଜେଲ ସହ କଏଦୀଙ୍କ ସୁରକ୍ଷା, କଏଦୀଙ୍କୁ ଶୃଙ୍ଖଳିତ ପରିଚାଳନା, ଉତ୍ତମ ବ୍ୟବହାର ପ୍ରଦର୍ଶନ ମାଧ୍ୟମରେ କଏଦୀଙ୍କ ପ୍ରବୃତ୍ତିରେ ପରିବର୍ତ୍ତନ ଆଣିବା ଉପରେ ସ୍ୱତନ୍ତ୍ର ଶିକ୍ଷା ଦିଆଯିବ ବୋଲି ଜେଲ ଡିଜି ସୂଚନା ଦେଇଛନ୍ତି।

## 'ଏକ ଭାରତ ଶ୍ରେଷ୍ଠ ଭାରତ' ଉଦ୍‌ଯାପିତ

ଭୁବନେଶ୍ୱର, ୨୯।୨(ବ୍ୟୁରୋ)

ନେହେରୁ ଯୁବକେନ୍ଦ୍ର ତରଫରୁ ଭୁବନେଶ୍ୱରର ପୋଖରୀପୁଟଠାରେ ଚାଲିଥିବା ୧୫ ଦିନିଆ 'ଏକ ଭାରତ ଶ୍ରେଷ୍ଠ ଭାରତ' କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଶକ୍ତି ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ତାଲିମରେ ଅଂଶଗ୍ରହଣ କରିଥିବା ଯୁବପିଢ଼ିଙ୍କୁ ଦେଶ ଗଠନରେ ସାମିଲ ହେବାକୁ ପରାମର୍ଶ ଦେଇଛନ୍ତି। ନେହେରୁ ଯୁବ କେନ୍ଦ୍ରର ରାଜ୍ୟ ନିର୍ଦ୍ଦେଶକ ଜେ.ପି. ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥିଙ୍କୁ ପୁଣେରୁ ଆସିଥିବା ଯୁବପ୍ରତିନିଧିଙ୍କ ଦ୍ୱାରା ପ୍ରସ୍ତୁତ ଏକ ସ୍ମୃତିଫଳକ ଭେଟି ଦିଆଯାଇଥିଲା। ପରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ତାଲିମ କାର୍ଯ୍ୟକ୍ରମରେ ଉଭୟ ଓଡ଼ିଶା ଓ ମହାରାଷ୍ଟ୍ରର ୧୦ ଜିଲାର ୧୦୦ ଯୁବ ପ୍ରତିନିଧି ଅଂଶଗ୍ରହଣ କରଥିଲେ। ଝାରସୁଗୁଡ଼ା ଓ ପୁରୀ ଜିଲାର ଯୁବ ସଙ୍ଗଠକ ଆର୍.କେ. ସୋନୀ, ଜେ.ଏସ୍. ଜୋଷୀ ଓ ପ୍ରଦୀପ କୁମାର ଉପସ୍ଥିତ ଥିଲେ।

## ଏସ୍‌ସିବି ପରିଦର୍ଶନ କଲେ କେନ୍ଦ୍ରୀୟ ଦଳ

କଟକ ଅଫିସ,୨୯।୨

କରୋନା ଆକ୍ରାନ୍ତ ରୋଗୀଙ୍କ ନିମନ୍ତେ ଏସ୍‌ସିବି ମେଡ଼ିକାଲରେ ହୋଇଥିବା ସ୍ୱତନ୍ତ୍ର ଆଇସୋଲେଶନ ୱାର୍ଡକୁ ଶୁକ୍ରବାର ବୁଲି ଦେଖିଛନ୍ତି ୩ଜଣିଆ କେନ୍ଦ୍ରୀୟ ଦଳ। ଏସ୍‌ସିବିରେ କରୋନା ରୋଗୀଙ୍କ ନିମନ୍ତେ ଜରୁରିକାଳୀନ ତଥା ଆବଶ୍ୟକ ବ୍ୟବସ୍ଥା ଅଛି ନା ନାହିଁ ତାହା କେନ୍ଦ୍ରୀୟ ଦଳ ଯାଞ୍ଚ କରିଥିଲା। କୌଣସି କରୋନା ଆକ୍ରାନ୍ତ ଏସ୍‌ସିବିକୁ ଆସିଲେ, ଏଠାରେ କିପରି ଉନ୍ନତମାନର ସ୍ୱାସ୍ଥ୍ୟସେବା ଦିଆଯିବ ସେ ସମ୍ବନ୍ଧରେ ଏସ୍‌ସିବି ଡାକ୍ତରମାନଙ୍କ ସହ ଆଲୋଚନା କରିଥିଲେ। କରୋନା ଆଇସୋଲେଶନ ୱାର୍ଡରେ ୭୪ଟି ଶଯ୍ୟା ସହିତ ଆଇସିୟୁ ବ୍ୟବସ୍ଥା ମଧ୍ୟ କରାଯାଇଛି।



କରୋନା ଆଇସୋଲେଶନ ୱାର୍ଡ ବୁଲି ଦେଖିଲେ

## ୧୫ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

କଟକ ରୋଡ,୨୯।୨(ଡି.ଏନ୍.ଏ.): ଜଣେ ବ୍ୟକ୍ତିଙ୍କ ଋଣ ଟଙ୍କା ଠକି ନେବା ଅଭିଯୋଗରେ ବଡ଼ଗଡ଼ ଥାନା ପୋଲିସ ଶନିବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ପୁରୀ ଜିଲା ସତ୍ୟବାଦୀ ଥାନା ଇନ୍ଦିପୁର ଗ୍ରାମର ଯୁଧିଷ୍ଠିର ପ୍ରଧାନ। ପୋଲିସ ସୂଚନା ଅନୁଯାୟୀ, ବଡ଼ଗଡ଼ ଥାନା ଅଧୀନ ବିଜେବି ନଗରରେ ରହୁଥିବା ସତ୍ୟବ୍ରତ ସାହୁ ଯୁଧିଷ୍ଠିରଙ୍କ ମାଧ୍ୟମରେ ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାରୁ ୨୭ଲକ୍ଷ ୮୨ହଜାର ଟଙ୍କା ଋଣ କରିଥିଲେ। ଋଣ ଗ୍ରହୀତାଙ୍କ ବ୍ୟାଙ୍କ ଜମାଖାତାରେ ସମସ୍ତ ଟଙ୍କା ଡିପୋଜିଟ ପରେ ଅର୍ଥ ଲଗାଣ ସଂସ୍ଥା ମ୍ୟାନେଜର ୧୦ଟି ଚେକ୍ ମାଗିଥିବା ସତ୍ୟବ୍ରତଙ୍କୁ କହିଥିଲେ। ଫଳରେ ସତ୍ୟବ୍ରତ ଖାଲି ଚେକ୍‌ରେ ଦସ୍ତଖତ କରି ଯୁଧିଷ୍ଠିରଙ୍କୁ ଦେଇଥିଲେ। ପରେ ଯୁଧିଷ୍ଠିର ତାଙ୍କ ସମ୍ପର୍କୀୟଙ୍କ ମାଧ୍ୟମରେ ବିଭିନ୍ନ ସମୟରେ ସମସ୍ତ ଋଣ ଟଙ୍କା ଉଠାଇ ନେଇଥିଲେ। ଏହା ଜଣାପଡିବା ପରେ ସତ୍ୟବ୍ରତ ତାଙ୍କୁ ଟଙ୍କା ମାଗିବା ଫଳରେ ବିଭିନ୍ନ ପର୍ଯ୍ୟାୟରେ ୧୨ଲକ୍ଷ ୫୦ହଜାର ଟଙ୍କା ଯୁଧିଷ୍ଠିର ଫେରାଇଥିଲେ ମଧ୍ୟ ବାକି ୧୫ ଲକ୍ଷ ୩୨ହଜାର ଟଙ୍କା ଫେରାଇ ନ ଥିଲେ। ଏ ସମ୍ପର୍କରେ ବଡ଼ଗଡ଼ ଥାନାରେ ସତ୍ୟବ୍ରତ ୨୦୧୯ ସେପ୍ଟେମ୍ବର ୮ତାରିଖରେ ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ଏକ ମାମଲା (ନଂ.୨୩୮/୧୯)ରୁଜୁ ହୋଇଥିଲା।

## ଆକ୍ରମଣରେ ଅତିରିକ୍ତ ତହସିଲଦାରଙ୍କ ସମେତ ୪ ଆହତ

ଖୋର୍ଦ୍ଧା ଅଫିସ,୨୯।୨

ଖୋର୍ଦ୍ଧା ଜିଲା ଟାଙ୍ଗୀ ତହସିଲର ପାତ୍ରପଡ଼ା ମୌଜାସ୍ଥିତ ମାଙ୍କଡ଼ା ଖଣି ଉପରେ ଶନିବାର ଚଢ଼ାଉ ହୋଇଥିଲା। ଏହି ସମୟରେ ପଥର ମାଫିଆଙ୍କ ଆକ୍ରମଣରେ ଟାଙ୍ଗୀ ଅତିରିକ୍ତ ତହସିଲଦାର ମଧୁସ୍ମିତା ବେହେରାଙ୍କ ସମେତ ଅନ୍ୟ ୩ ଜଣ କର୍ମଚାରୀ ଆହତ ହୋଇଛନ୍ତି। ଆହତମାନେ ଟାଙ୍ଗୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ଅତିରିକ୍ତ ତହସିଲଦାରଙ୍କ ଅଭିଯୋଗକ୍ରମେ ଟାଙ୍ଗୀ ଥାନା ପୋଲିସ ୧୨ ଜଣରୁ ଊର୍ଦ୍ଧ୍ୱ ପଥର ମାଫିଆଙ୍କ ନାମରେ ନଂ. ୬୮/୨୦ରେ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛି।

ପ୍ରାପ୍ତ ସୂଚନା ଅନୁସାରେ, ଅତିରିକ୍ତ ତହସିଲଦାରଙ୍କ ନେତୃତ୍ୱରେ ତହସିଲର ୩ ଜଣ କର୍ମଚାରୀ ଓ ଟାଙ୍ଗୀ ପୋଲିସ ମିଳିତ ଭାବେ ପାତ୍ରପଡ଼ା ମାଙ୍କଡ଼ା ପଥର ଖଣି ଉପରେ ଚଢ଼ାଉ କରିଥିଲେ। ଅତର୍କିତ ଚଢ଼ାଉକୁ ଦେଖି ପଥର ମାଫିଆମାନେ ଭୟଭୀତ ହୋଇ ନ ଥିଲେ। ବରଂ ଚଢ଼ାଉ କରିବାକୁ ଆସିଥିବା ଅତିରିକ୍ତ ତହସିଲଦାରଙ୍କ ସମେତ କର୍ମଚାରୀଙ୍କ ଉପରେ ସଂଘବଦ୍ଧ ଆକ୍ରମଣ କରିଥିଲେ। ଆକ୍ରମଣ ସମୟରେ ଉପସ୍ଥିତ ଥିବା ପୋଲିସ ଖସି ପଳାଇଥିଲା।

**ମାଙ୍କଡ଼ା ପଥର ଖଣିରେ ଚଢ଼ାଉ**

## ନକ୍ସା ମୁଦ୍ରଣ କାର୍ଯ୍ୟାଳୟ ବନ୍ଦ ନିଷ୍ପତ୍ତିକୁ ବିରୋଧ




ଖବରଦାତା ସମ୍ମିଳନୀରେ ଉପସ୍ଥିତ ଏସ୍‌ୟୁସିଆଇ(ସି)ର କର୍ମକର୍ତ୍ତା।

କଟକ ଅଫିସ,୨୯।୨

ଯୋବ୍ରା ସ୍ଥିତ ସର୍ଭେ ଓ ମାନଚିତ୍ର ପ୍ରକାଶନ ଅଫିସରେ ଥିବା ନକ୍ସା ମୁଦ୍ରଣ କାର୍ଯ୍ୟାଳୟକୁ ବନ୍ଦ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ନିଷ୍ପତ୍ତିକୁ ବିଭିନ୍ନ ସଂଗଠନ ପକ୍ଷରୁ ବିରୋଧ କରାଯାଉଛି। ସରକାର ନିଜ ନିଷ୍ପତ୍ତି ପ୍ରତ୍ୟାହାର କରନ୍ତୁ ବୋଲି ଏସୟୁସିଆଇ(ସି) କଟକ ଜିଲା କମିଟି ଦାବି କରିଛି । ଶନିବାର ଗାନ୍ଧୀ ଭବନଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସଂଗଠନ ପକ୍ଷରୁ ଅସନ୍ତୋଷ ପ୍ରକାଶ କରାଯାଇଛି।

ଜିଲା ସମ୍ପାଦକ ବିଶ୍ୱାବସୁ ଦାସ କହିଥିଲେ ଯେ, ସମଗ୍ର ଓଡ଼ିଶାର ଜମିଜମା ସଂକ୍ରାନ୍ତୀୟ ବହୁ ପୁରାତନ ନକ୍ସା ପ୍ରାୟତଃ ୧୮୮୪ ମସିହାରୁ ପ୍ରସ୍ତୁତ ହୋଇଥିବା ନକ୍ସାଗୁଡିକ କେନ୍ଦ୍ର ସରକାରଙ୍କର ଅଧୀନ ବିହାର ରାଜ୍ୟରେ ଥିଲା। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପରେ ତତ୍କାଳୀନ ରାଜନେତାମାନଙ୍କ ଉଦ୍ୟମରେ ୧୯୫୫ରୁ ୧୯୬୦ ମଧ୍ୟରେ ଓଡ଼ିଶାର ଜମିଜମା ସଂକ୍ରାନ୍ତୀୟ ନକ୍ସା ଆମ ରାଜ୍ୟକୁ ଆସିଲା। ନକ୍ସାଗୁଡିକ ସଂରକ୍ଷିତ ରଖି ଏହାର ପୁନଃ ମୁଦ୍ରଣ ନିମନ୍ତେ ୧୯୬୪ରେ କଟକର ଯୋବ୍ରାଠାରେ ତିନି ମହଲା ବିଶିଷ୍ଟ କୋଠା ନିର୍ମିତ ହୋଇଛି। ଓଡ଼ିଶା ସରକାରଙ୍କର ରାଜସ୍ୱ ବିଭାଗ ଅଧୀନରେ ନକ୍ସାଗୁଡିକ ଗଚ୍ଛିତ ରଖାଯାଇଛି। ଜନସାଧାରଣଙ୍କୁ ସେମାନଙ୍କ ଜମିଜମା ତଥ୍ୟ ଜାଣିବା ପାଇଁ ପ୍ରତ୍ୟେକ ଜିଲାପାଳଙ୍କ ମାଧ୍ୟମରେ ତହସିଲ ଅଫିସଗୁଡ଼ିକୁ ୫୦ଟି ଲେଖାଏ ନକ୍ସା ମୁଦ୍ରଣ କରି ଯୋଗାଇ ଦେବା ପାଇଁ ନକ୍ସା ମୁଦ୍ରଣ କାରଖାନା ରହିଛି। ଠିକ ମାପଚୁପ ନିମନ୍ତେ ୧୯୬୪ରୁ ମୂଳ ନକ୍ସାରୁ ମୁଦ୍ରଣ କରାଯାଇ ପ୍ରତ୍ୟେକ ତହସିଲ ଅଫିସ୍ ମାଧ୍ୟମରେ ଲୋକଙ୍କୁ ନକ୍ସା ଯୋଗାଇ ଦିଆଯାଉଥିଲା। କାଳକ୍ରମେ ସର୍ଭେ ଓ ମାନଚିତ୍ର ପ୍ରକାଶନ ଅଫିସରେ ଏକ ନକ୍ସା କାଉଣ୍ଟର ଖୋଲାଯାଇଥିଲା। ଯେଉଁମାନେ ତହସିଲରୁ ନକ୍ସା ପାଉ ନ ଥିଲେ, ସେମାନଙ୍କୁ ଏଠାରେ ତାଲିମପ୍ରାପ୍ତ କର୍ମଚାରୀମାନଙ୍କ ଦ୍ୱାରା ମୁଦ୍ରିତ ନକ୍ସା ଧାର୍ଯ୍ୟ ମୂଲ୍ୟରେ ଦିଆଯାଉଥିଲା। ରାଜସ୍ୱ ବିଭାଗର ବହୁ ଜମିଜମା ସଂକ୍ରାନ୍ତୀୟ ତଥ୍ୟାବଳୀ, ଜର୍ନାଲ, ଜନଗଣନା ପୁସ୍ତିକା, ଚକବନ୍ଦୀ ଫର୍ମ ତଥା ରାଜସ୍ୱ ବିଭାଗର ଅନ୍ୟାନ୍ୟ ଫର୍ମ ସହିତ ସମସ୍ତ ପ୍ରକାର ମୁଦ୍ରଣ ହେଉଥିବା ନକ୍ସା ତିଆରି ହେଉଥିଲା। ପରବର୍ତ୍ତୀ ସମୟରେ କମ୍ପ୍ୟୁଟର ବ୍ୟବହାର ହେବା ପରଠାରୁ ୨୦୧୨ରୁ ମୂଳ ନକ୍ସାଗୁଡିକ ସ୍କାନ କରାଯାଇ ଯୋଗାଇ ଦିଆଯାଉଥିଲା। ମାତ୍ର ଏହି ସ୍କାନ ନକ୍ସାଗୁଡିକରେ ବହୁ ତ୍ରୁଟି ଦେଖାଗଲା। ଫଳରେ ଏହି ନକ୍ସା ଜମିଜମା ସଂକ୍ରାନ୍ତୀୟ ମାମଲାରେ ଅଦାଲତରେ ଗ୍ରହଣଯୋଗ୍ୟ ହେଲା ନାହିଁ। ତେଣୁ ସ୍କାନ ହୋଇଥିବା ନକ୍ସାକୁ ତତ୍କାଳୀନ କର୍ତ୍ତୃପକ୍ଷ 'କେବଳ ସୂଚନା ପାଇଁ' ବୋଲି ଉଲ୍ଲେଖ କରୁଥିଲେ। ମାତ୍ର ମୁଦ୍ରଣ ନକ୍ସା କାର୍ଯ୍ୟ ସମୟ ସାପେକ୍ଷ ହେଲେ ମଧ୍ୟ ମାପଚୁପ ପାଇଁ ପରିଷ୍କାର ଓ ନିର୍ଭୁଲ ହୋଇଥାଏ। ଅଦ୍ୟାବଧି ମୁଦ୍ରଣ କାର୍ଯ୍ୟ ଚାଲିଥିଲା। ବିଭିନ୍ନ ଯୁକ୍ତି ଦର୍ଶାଇ ଗତ ଡିସେମ୍ବର ୧୨ରେ ରାଜସ୍ୱ ବିଭାଗର ନିର୍ଦ୍ଦେଶକଙ୍କ ଦ୍ୱାରା ଏକ ନିର୍ଦ୍ଦେଶରେ ଏହି ନକ୍ସା ମୁଦ୍ରଣ କାର୍ଯ୍ୟକୁ ସଂପୂର୍ଣ୍ଣ ବନ୍ଦ ପାଇଁ ଘୋଷଣା କରାଯାଇଛି। ସେଠାରେ ତାଲିମପ୍ରାପ୍ତ କର୍ମଚାରୀ ଭାବେ ମୁଦ୍ରଣ କାର୍ଯ୍ୟ କରୁଥିବା ୪୮ ଜଣ କର୍ମଚାରୀ ଏହି ନିଷ୍ପତ୍ତି ବିରୋଧରେ ଧାରଣା ଦେଉଛନ୍ତି। ନକ୍ସା ମୁଦ୍ରଣ କାର୍ଯ୍ୟ ବନ୍ଦହେଲେ ସାରା ରାଜ୍ୟର ଜନଗଣ ଜମିଜମା ସଂକ୍ରାନ୍ତୀୟ ବିଷୟରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବେ। ତୁରନ୍ତ ନକ୍ସା ମୁଦ୍ରଣ କାର୍ଯ୍ୟ ବନ୍ଦ ନିଷ୍ପତ୍ତି ପ୍ରତ୍ୟାହାର ପାଇଁ ଏସୟୁସିଆଇ(ସି)ର ଜିଲା ସମ୍ପାଦକ ଦାସ ଦାବି କରିଛନ୍ତି। ଅନ୍ୟଥା ଏହି ଦାବିରେ ଗଣ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲା କମିଟି ସଭ୍ୟ ଖଗେଶ୍ୱର ସେଠୀ, ବସନ୍ତ ନାୟକ, ରାଜକିଶୋର ମଲ୍ଲିକ, ରବି ବଳବନ୍ତରାୟ, ଭାଗ୍ୟରବି ଦାସ, ଦୀପକ ଦାସ, ସିଦ୍ଧାର୍ଥ ରଥ ପ୍ରମୁଖ ଉପସ୍ଥିତ ଥିଲେ।

Government of Odisha No.: B-785

OFFICE OF THE SUPERINTENDING ENGINEER
CUTTACK (R&B) CIRCLE, CUTTACK

E-mail.ID-sectcrb_2006@yahoo.co.in, Tel/Fax – 0671-2301751/2302751

('e' – PROCUREMENT NOTICE)
Bid Identification No.S.E.Ctc.(R&B) 15/2019-20.

1. The Superintending Engineer, Cuttack (R&B)Circle, Cuttack on behalf of Governor of Odisha invites on Percentage rate basis bid in double cover system in ONLINE MODE from eligible contractors for Road work as mentioned below.
2. No. of work : 6 Nos.
3. Nature of work : Road work.
4. Class of contractor : 'B', 'A' & Special Class
5. Tender paper cost : Rs.10000/- (online)
6. Available of bid documents in the web site. : From 16.03.2020 to 16.00 Hours of 30.03.2020
7. Date of opening of bid : Dt. 31.03.2020 at 11.00 Hours.
8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd./- T.P.Mishra
Superintending Engineer
Cuttack(R&B)Circle
OIPR-34012/11/0022/1920

Government of Odisha
e- Procurement Notice
INVITATION FOR BIDS (IFB)
Bid Identification No. S.E.Dkl.(R&B) 12/2019-20
Email Id-sedklpwd@gmail.com

No.: B-784: The Superintending Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Road works as detailed in the table below:

1. Name of the work : Road works
2. No of works : 02 (Two) Nos
3. Estimated Cost : Rs.1,10,63,188/- to Rs. 8,51,12,535/
4. Cost of tender paper : Rs 10,000.00
5. Class of contractor : "A", "B", "Special" & "Super" Class
6. Period of Completion of work : 04( Four) to 11 (Eleven) Calendar months
7. Date and time of availability of bid Document in the website : From Dt.06.03.2020 to 16.00 hours of Dt.20.03.2020
8. Date of opening of bid : Dt.21.03.2020 at 11.30 hours

The bidders have to participate in ONLINE bidding only further details can be seen from the e-Procurement Portal: **www.tendersodisha.gov.in**. Any addendum / corrigendum / cancellation of tender can also be seen in the said website.

Superintending Engineer
Dhenkanal(R&B) Circle, Dhenkanal
OIPR-34132/11/0013/1920

## ପୌରପରିଷଦ କାର୍ଯ୍ୟାଳୟ : ତାଳଚେର

No. C-537

ପତ୍ର ସଂଖ୍ୟା : ୪୯୧/ ତା. ୨୯.୦୨.୨୦୨୦

**ନୋଟିସ**

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି, ତାଳଚେର ପୌରପରିଷଦ ଅନ୍ତର୍ଗତ ନିମ୍ନ ତଫସିଲ ବର୍ଣ୍ଣିତ ସଇରାତଗୁଡିକ ସ୍ନ ୨୦୨୦-୨୧ ବର୍ଷ ପାଇଁ ତା. ୦୧.୦୪.୨୦୨୦ ରିଖ ଠାରୁ ତା. ୩୧.୦୩.୨୦୨୧ ରିଖ ପର୍ଯ୍ୟନ୍ତ ନିମ୍ନସ୍ୱାକ୍ଷରକାରୀଙ୍କ ଦ୍ୱାରା ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି। ଟେଣ୍ଡରରେ ଭାଗନେବାକୁ ଇଚ୍ଛୁକ ଥିବା ବ୍ୟକ୍ତି ତା. ୦୨.୦୩.୨୦୨୦ ରିଖ ଠାରୁ ତା. ୧୧.୦୩.୨୦୨୦ ରିଖ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ (ସରକାରୀ ଛୁଟିଦିନ ବ୍ୟତୀତ) ନିର୍ଦ୍ଦିଷ୍ଟ ଟେଣ୍ଡର ଫର୍ମ ଟ. ୫୦୦/- ଙ୍କା (ପାଞ୍ଚଶତ ଟଙ୍କା) ଦାଖଲ କରି ପୌର କାର୍ଯ୍ୟାଳୟରୁ କ୍ରୟ କରିପାରିବେ। ଟେଣ୍ଡର ତା. ୧୨.୦୩.୨୦୨୦ ରିଖ ପୂର୍ବାହ୍ନ ୧.୦୦ ଘଟିକା ପର୍ଯ୍ୟନ୍ତ ଗ୍ରହଣ କରାଯିବ ଓ ତା. ୧୨.୦୩.୨୦୨୦ରିଖ ଅପରାହ୍ନ ୪.୦୦ ଘଟିକା ସମୟରେ ଟେଣ୍ଡରଦାତା କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଖୋଲାଯିବ। ଟେଣ୍ଡର ପକାଇବା ସମୟରେ ନିମ୍ନବର୍ଣ୍ଣିତ ସର୍ତ୍ତାବଳୀ ପାଳନ କରିବେ ଏବଂ ପରିଷଦର ନିୟମାନୁଯାୟୀ ସଂପତ୍ତି ପରିଚାଳନା କରିବେ ଏବଂ ଫି ଇତ୍ୟାଦି ଆଦାୟ କରିବେ।

**ସର୍ତ୍ତାବଳୀ**

୧. ଯଉଭୁଦ ଟେଣ୍ଡରରେ ଭାଗନେବା ବ୍ୟକ୍ତି ଯେଉଁ ସଇରାତ ସଂପତ୍ତିକୁ ଟେଣ୍ଡରରେ ନେବାକୁ ଚାହାନ୍ତି ସେହି ସଂପତ୍ତିର ନିର୍ଦ୍ଧାରିତ ଅମାନତ ଟଙ୍କା ନିର୍ବାହୀ ଅଧିକାରୀ, ତାଳଚେର ମ୍ୟୁନିସିପାଲିଟିଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଟେଣ୍ଡର ପେପର ସହିତ ନିର୍ଦ୍ଧାରିତ ଟେଣ୍ଡର ବାକ୍ସରେ ଜଉମୁଦ ଲଫାପାରେ ପକାଇବେ, ଯାହାଙ୍କର ଟେଣ୍ଡର ସିଦ୍ଧାନ୍ତ ହେବନାହିଁ ତାଙ୍କ ଟଙ୍କା ଫେରସ୍ତ ଦିଆଯିବ।
୨. ଯେଉଁ ବ୍ୟକ୍ତିଙ୍କ ଉପରେ ପରିଷଦର ବକେୟାପାଉଣା ଥିବ ସେମାନେ ଟେଣ୍ଡରରେ ଭାଗନେଇ ପାରିବେ ନାହିଁ, ଯଦି କରିଥାନ୍ତି ତାହା ଗ୍ରହଣୀୟ ହେବନାହିଁ।
୩. ଟେଣ୍ଡର ଫର୍ଦ୍ଦ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅନୁମୋଦନ ହେବାପରେ ଟେଣ୍ଡରଧାରୀ ଉକ୍ତଦିନ ସଙ୍ଗେ ସଙ୍ଗେ ସମସ୍ତ ଟଙ୍କା ଏକକାଳୀନ ଦାଖଲ କରିବେ ଓ ୩ (ତିନି) ଦିନ ମଧ୍ୟରେ ନିଜ ଖର୍ଚ୍ଚରେ ପରିଷଦ ସହିତ ଚୁକ୍ତିନାମା ସଂପାଦନା କରିବେ। ଏହାପରେ ତାଙ୍କୁ ସଂପତ୍ତି ପରିଚାଳନା ନିମନ୍ତେ ହସ୍ତାନ୍ତର କରାଯିବ।
୪. ଯେଉଁ ବ୍ୟକ୍ତିଙ୍କ ନାମରେ ଟେଣ୍ଡର ଧାର୍ଯ୍ୟ ହେବ, ଯଦି ସେହି ବ୍ୟକ୍ତି ସମସ୍ତ ଟଙ୍କା ପଇଠ ନ କରନ୍ତି, ତାଙ୍କ ଟେଣ୍ଡରଟି ରଦ୍ଦ କରାଯିବା ସଙ୍ଗେ ସଙ୍ଗେ ଦେଇଥିବା ଅମାନତ ଟଙ୍କା ବାଜ୍ୟାପ୍ତି କରାଯିବ।
୫. ଟେଣ୍ଡରଧାରୀ ନିମ୍ନ ସଂପତ୍ତି ପାଇଁ ପରିଷଦର ନିର୍ଦ୍ଧାରିତ ଧାର୍ଯ୍ୟ ସ୍ଥାନରୁ ମହାସୁଲ ଆଦାୟ କରିବେ।
୬. ଦୈବିଦୁର୍ବିପାକ କିମ୍ବା କୌଣସି କାରଣରୁ ଟେଣ୍ଡରଧାରୀ ଯଦି କ୍ଷତି ସହନ୍ତି, ତେବେ ପରିଷଦ ଦାୟୀ ରହିବେ ନାହିଁ କିମ୍ବା ଟେଣ୍ଡରଧାରୀ କିଛି ଦାବି କରିପାରିବେ ନାହିଁ। ଏଥିପାଇଁ କୌଣସି ରିହାତି ଦରଖାସ୍ତ ଗ୍ରହଣୀୟ ହେବ ନାହିଁ।
୭. ଟେଣ୍ଡରଧାରୀ ପରିଷଦର ନିର୍ଦ୍ଦେଶ ପ୍ରକାରେ ଚୁକ୍ତିପତ୍ରର ସର୍ତ୍ତାବଳୀ ମୁତାବକ ସଂପତ୍ତି ପରିଚାଳନା କରିବେ, କୌଣସି ସର୍ତ୍ତ ଖିଲାପ କଲେ କିମ୍ବା ନିୟମାନୁଯାୟୀ ସେହି ସଂପତ୍ତି ପରିଚାଳନା ନ କରିଲେ ଟେଣ୍ଡର ରଦ୍ଦ କରାଯିବା ସଙ୍ଗେ ସଙ୍ଗେ ଅମାନତ ଟଙ୍କାକୁ ବାଜ୍ୟାପ୍ତି କରାଯିବ।
୮. ଟେଣ୍ଡରକାରୀ (ନିର୍ବାହୀ ଅଧିକାରୀ) ଯେ କୌଣସି ଟେଣ୍ଡରର ସର୍ବୋଚ୍ଚ ମୂଲ୍ୟ ଗ୍ରହଣ ନିମନ୍ତେ ବାଧ ନୁହଁନ୍ତି। ସେ ଇଚ୍ଛା କଲେ ବିନା ନୋଟିସରେ କୌଣସି କାରଣ ନ ଦର୍ଶାଇ ଟେଣ୍ଡର ରଦ୍ଦ କରିପାରିବେ।
୯. ଟେଣ୍ଡର ଖୋଲାଯିବ ସମୟରେ ଟେଣ୍ଡରଧାରୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ବ୍ୟକ୍ତିମାନେ ଯଦି ଉପସ୍ଥିତ ନ ରୁହନ୍ତି ତେବେ ବି ନିୟମାନୁଯାୟୀ ଟେଣ୍ଡର ଠିକ୍ ସମୟରେ ଖୋଲାଯିବ। ଏ ବାବଦରେ କୌଣସି ପ୍ରକାର ଅଭିଯୋଗ ଟେଣ୍ଡର ଖୋଲାଯିବା ପରେ ଗ୍ରହଣୀୟ ହେବନାହିଁ।
୧୦. ତା. ୦୨.୦୩.୨୦୨୦ରିଖଠାରୁ ତା. ୧୧.୦୩.୨୦୨୦ ରିଖ ମଧ୍ୟରେ ଯେ କୌଣସି କାର୍ଯ୍ୟ ଦିବସରେ ପରିଷଦ କାର୍ଯ୍ୟାଳୟରୁ ନିର୍ଦ୍ଧାରିତ ଟେଣ୍ଡର ଫର୍ମ ଟ. ୫୦୦.୦୦ (ପାଞ୍ଚ ଶହ ଟଙ୍କା) ମାତ୍ର ଦାଖଲ କରି ପାଇ ପାରିବେ ଓ ଟେଣ୍ଡର ସମ୍ବନ୍ଧୀୟ ତଥ୍ୟ ବୁଝିପାରିବେ।

| | ସଇରାତ ସଂପତ୍ତିଗୁଡିକର ନାମ | ସରକାରୀ ଡାକ | ଅମାନତ ଟଙ୍କା |
|---|---|---|---|
| ୧ | ଦୈନିକ ଗୁଜୁରୀ ହାଟ | ଟ. ୧,୩୦,୦୦୦/- | ଟ. ୨୬,୦୦୦/- |
| ୨ | ହାଟତୋଟା ଶୌଚାଳୟ | ଟ. ୨୧,୧୦୦/- | ଟ. ୫,୦୦୦/- |
| ୩ | ଅଙ୍ଗାରୁଆ ଶୌଚାଳୟ | ଟ. ୨୨,୦୦୦/- | ଟ. ୫,୦୦୦/- |
| ୪ | ରାଣୀପାର୍କ ଶୌଚାଳୟ | ଟ. ୧,୦୯,୦୦୦/- | ଟ. ୨୨,୦୦୦/- |
| ୫ | ଆଡଭର୍ଟାଇଜ୍ ବୋର୍ଡ | ଟ. ୧,୬୦,୦୦୦/- | ଟ. ୩୨,୦୦୦/- |
| ୬ | ଦୀନ୍‌ଦୟାଲ ଭବନ | ଟ. ୧୯,୦୦୦/- | ଟ. ୪,୦୦୦/- |
| ୭ | ହାଟତୋଟା ରୋଡ୍ ମାଂସ ଦୋକାନ ନଂ-୧ | ଟ. ୩୫,୦୦୦/- | ଟ. ୭,୦୦୦/- |
| ୮ | ଚିତ୍ରକୁଟ ପୋଖରୀ ମାଂସ ଦୋକାନ | ଟ. ୨୫,୦୦୦/- | ଟ. ୪,୦୦୦/- |
| ୯ | ବିରାଦରପଡା ମାଂସ ଦୋକାନ-୨ ଗୋଟି | ଟ. ୨୭,୦୦୦/- | ଟ. ୫,୫୦୦/- |
| ୧୦ | ଶର୍ମାଛକ ମାଂସ ଦୋକାନ-୨ | ଟ. ୩୧,୦୦୦/- | ଟ. ୬,୦୦୦/- |
| ୧୧ | ଜେଲ ରୋଡ ମାଛ ମାର୍କେଟ ମାଂସ ଦୋକାନ | ଟ. ୪,୦୦୦/- | ଟ. ୧,୦୦୦/- |
| ୧୨ | ହାଣ୍ଡିଧୁଆଁଛକ ମାଂସ ଦୋକାନ - ୫ ଗୋଟି | ଟ. ୯,୭୦୦/- | ଟ. ୨,୦୦୦/- |
| ୧୩ | ବଜାର ପୋଖରୀ (ମଦନମୋହନ ପଛପାଖ) | ଟ. ୫୦,୦୦୦/- | ଟ. ୧୦,୦୦୦/- |
| ୧୪ | ଚିତ୍ରକୁଟ ପୋଖରୀ | ଟ. ୩୦,୦୦୦/- | ଟ. ୬,୦୦୦/- |
| ୧୫ | ରାଣୀପାର୍କ ବସ୍ ପାର୍କିଂ ଫି | ଟ. ୩,୨୦,୦୦୦/- | ଟ. ୬୪,୦୦୦/- |
| ୧୬ | ରାଣୀ ପାର୍କ ଅଟୋ (ଟାଟାମେଜିକ୍) ଷ୍ଟାଣ୍ଡ | ଟ. ୧୬,୦୦୦/- | ଟ. ୩,୨୦୦/- |
| ୧୭ | ଦେଉଳବେଡ଼ା କୋଲିୟରି ମାଂସ ଦୋକାନ | ଟ. ୧୪,୦୦୦/.- | ଟ. ୩,୦୦୦/- |
| ୧୮ | ବାଘୁଆବୋଲ ରୋଡ୍ ମାଂସ ଦୋକାନ | ଟ. ୪,୦୦୦.- | ଟ. ୧,୦୦୦/- |

ସ୍ୱା./- ନିର୍ବାହୀ ଅଧିକାରୀ, ତାଳଚେର ପୌର ପରିଷଦ
OIPR-13077/11/0015/1920



ରଣକୁ ସମ୍ପୂର୍ଣ୍ଣ ପରିଶୋଧ କରିବା ଉଚିତ। ନିଆଁକୁ ସମ୍ପୂର୍ଣ୍ଣ ଲିଭାଇ ଦେବା ଏବଂ ରୋଗ ମୁକ୍ତ ହେବା ଆବଶ୍ୟକ। କାରଣ ରଣ, ଅଗ୍ନି ଓ ବ୍ୟାଧିର ଅବଶେଷ ରହିଲେ ତାହା ପୁଣି ବଢ଼ିଯାଏ।
-ଚାଣକ୍ୟ



## ସଂକ୍ଷେପରେ

### ମାର୍କେଟ ବିଲ୍ଡିଂ ଆତଙ୍କ ଘଟଣା: ଆଉ ଜଣେ ଗିରଫ

**ଭୁବନେଶ୍ୱର,୨୯।୨(ବ୍ୟୁରୋ):** ୟୁନିଟ୍-୧ ମାର୍କେଟ ବିଲ୍ଡିଂରେ ସଂଘବଦ୍ଧ ଭାବେ ଖଣ୍ଡା, ବନ୍ଧୁକ ଧରି ଆତଙ୍କ ଖେଳାଇବା ସହ ଦଙ୍ଗା ପରିସ୍ଥିତି ସୃଷ୍ଟି କରିବା ଘଟଣାରେ ଆଉଜଣେ ଅଭିଯୁକ୍ତଙ୍କୁ କ୍ୟାପିଟାଲ ଥାନା ପୋଲିସ ଗିରଫ କରିଛି। ସେ ହେଲେ ନୟାଗଡ଼ ଜିଲା ରଣପୁରର ମନୋରଞ୍ଜନ ଖଟୁଆ(୨୭)। ମନୋରଞ୍ଜନ ରହୁଥିବା ବିଜେବିନଗରସ୍ଥିତ ଘରେ ଲୁଚିଥିବା ଖବରପାଇ ଶୁକ୍ରବାର ବିଳମ୍ବିତ ରାତିରେ ପୋଲିସ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା। ଫଳରେ ଏହି ଘଟଣାରେ ଗିରଫ ସଂଖ୍ୟା ୩୧ରେ ପହଞ୍ଚିଥିବାବେଳେ ଏମାନଙ୍କ ମଧ୍ୟରୁ ୧୯ଜଣ ନାବାଳକ ଓ ୧୨ଜଣ ସାବାଳକ ରହିଛନ୍ତି। ଏହାସହ ପୋଲିସ ୯ଜଣଙ୍କ ନାମରେ ଜାତୀୟ ନିରାପତ୍ତା ଆଇନ ଭଳି ସଙ୍ଗିନ ଦଫା ଲଗାଇଛି। ଜାନୁଆରୀ ୧୦ ସନ୍ଧ୍ୟାରେ ୪୦ରୁ ୫୦ ଯୁବକ ମୁହଁରେ ମୁଖା ବାନ୍ଧି ମାର୍କେଟ ବିଲ୍ଡିଂ ଭିତରକୁ ପଶିଥିଲେ। ହାତରେ ଲୁହାରଡ଼, ଖଣ୍ଡା ଓ ବନ୍ଧୁକ ଧରି ବ୍ୟବସାୟୀଙ୍କୁ ଆକ୍ରମଣ କରିବା ସହ ଦୋକାନ ଭଙ୍ଗାରୁଜା କରିଥିଲେ। ପୋଲିସ ତଦନ୍ତରୁ ଜଣାପଡ଼ିଥିଲା ଯେ, ମୁଖ୍ୟ ଅଭିଯୁକ୍ତ ଚିଣ୍ଟୁର ସହଯୋଗୀ ଥିଲେ ଗୋପୀନାଥ ନାୟକ। ଚିଣ୍ଟୁ ଇଙ୍ଗିତରେ ସେ ବ୍ୟବସାୟୀଙ୍କଠାରୁ ବଟି ଆଣିବା ସହ ଆକ୍ରମଣ କରୁଥିଲା। ମାର୍କେଟ ବିଲ୍ଡିରେ ଥିବା ବିହାରୀ ବ୍ୟବସାୟୀଙ୍କୁ ହଟାଇବା ପାଇଁ ସେମାନେ ଅନେକ ଦିନ ଆଗରୁ ଯୋଜନା କରି ସୁଯୋଗ ଅପେକ୍ଷାରେ ଥିଲେ। ଘଟଣାକ୍ରମରେ ଏହାର ପୂର୍ବଦିନ ଘଣ୍ଟା କିଣିବାକୁ ନେଇ ଜଣେ ଯୁବତୀ ଓ ଦୋକାନୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଯୁବତୀଙ୍କ ଭାଇ ପହଞ୍ଚିବା ପରେ ଗଣ୍ଡଗୋଳ ଉଗ୍ର ରୂପ ନେଇଥିଲା। ଏହି ଘଟଣା ଚିଣ୍ଟୁ, ଗୋପୀନାଥଙ୍କ କାନକୁ ଯିବା ପରେ ସେମାନେ ଏଭଳି ଆତଙ୍କ ରଚାଇଥିଲେ।

### ବିଜେଡିର ପଞ୍ଚାୟତ ସଭାପତି ନିର୍ବାଚିତ

**ଟାଙ୍ଗୀ (ଖୋର୍ଦ୍ଧା), ୨୯।୨ (ଡି.ଏନ.ଏ.) :** ଟାଙ୍ଗୀ ବ୍ଲକ୍ ୨୬ଟି ପଞ୍ଚାୟତର ବିଜେଡି ସଭାପତି ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିରାକାରପୁର ରାମକୃଷ୍ଣ ପଟ୍ଟନାୟକ, ଲେଣ୍ଡୋ ରମେଶ ପ୍ରଧାନ, ଡିଆ ପ୍ରଶାନ୍ତ ବେହେରା, ଭୁଷଣ୍ଡପୁର ସୁରେଶ ବେହେରା, ରାମେଶ୍ୱର ସାଜୁଦ୍ଦିନ ଖାନ, ନୂଆଗଡ ମଙ୍ଗୁଳି ଚରଣ ବେହେରା, ସାନରାଉତପଡା କିଶୋର ରାଉତରାୟ, ବାଲିପାଟପୁର ରବୀନ୍ଦ୍ର କୁମାର ସାମନ୍ତରାୟ, ମଙ୍ଗଳାଯୋଡି ରଘୁନାଥ ଜେନା ନିର୍ବାଚିତ ହୋଇଛନ୍ତି। ସେହିଭଳି ଟାଙ୍ଗୀ ସୁରେନ୍ଦ୍ର ଦାସ, କୁହୁଡି ନିରଞ୍ଜନ ଜେନା, ବଡପାରୀ ଗଦାଧର ପାତ୍ର, ଅଚ୍ୟୁତପୁର ବିରଞ୍ଚି ନାରାୟଣ ଦାସ, ବଡପୋଖରିଆ ସାଗର ବଳିଆରସିଂହ, ଝଣଗିରି ଆନନ୍ଦ ପ୍ରଧାନ, ଓଲସିଂହ ପ୍ରେମାନନ୍ଦ ପରିଡା, ସରପାରୀ ଉଦ୍ଧବ ଚନ୍ଦ୍ର ସାହୁ ଓ କମାଗୁରୁ ଅଶୋକ ପଟ୍ଟନାୟକ ପ୍ରମୁଖ ବିଧିବଦ୍ଧ ଭାବେ ସଭାପତି ରୂପେ ନିର୍ବାଚିତ ହୋଇଥିବା ଖବର ମିଳିଛି।

# ସଫେଇବାଲା ସାଜିଲେ ସିନେ ତାରକା

**ଭୁବନେଶ୍ୱର, ୨୯।୨(ବ୍ୟୁରୋ)**

## ୱାର୍ଡ଼ ନଂ. ୭ରେ ବିଏମ୍‌ସିର ସାମୂହିକ ସଫେଇ

- ବର୍ଜ୍ୟ ପକାଇବାରୁ ୨୩,୨୦୦ ଟଙ୍କା ଜରିମାନା ଆଦାୟ
- ସଚେତନତା ପ୍ରୟାସ: ଜାରି ରହିବ ସାମୂହିକ ସଫେଇ କାର୍ଯ୍ୟକ୍ରମ



ବିଏମ୍‌ସି କମିଶନର ପ୍ରେମ୍ ଚନ୍ଦ୍ର ଚୌଧାରୀଙ୍କ ସମେତ ଅନ୍ୟମାନେ ସଫେଇ କରୁଛନ୍ତି।

ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ଶନିବାର ୱାର୍ଡ ନଂ. ୭ରେ ଦ୍ୱିତୀୟ ସାମୂହିକ ସଫେଇ କାର୍ଯ୍ୟକ୍ରମ ଶେଷ ହୋଇଛି। ଭୁବନେଶ୍ୱରରେ ପରିମଳ ଓ ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେଇ ଆରମ୍ଭ କରାଯାଇଥିବା 'ମୁଁ ସଫେଇବାଲା' ଅଭିଯାନ ଅଧୀନରେ ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ଆଗ୍ରହୀ ନାଗରିକଙ୍କ ସହ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଆ ସିନେ ତାରକା ଅଶ୍ରୁମୋଚନ ମହାନ୍ତି ଏବଂ ଅନ୍ତର୍ଯ୍ୟାମୀ ପଣ୍ଡା (ପୁଣ୍ଟୁଭାଇନା) 'ମୁଁସଫେଇବାଲା' ସାଜି ଯୋଗ ଦେଇଥିବା ନାଗରିକଙ୍କ ସହ ସଫେଇ କାର୍ଯ୍ୟ କରିଥିଲେ। ସହରକୁ ଏବଂ ରାସ୍ତାକୁ ନିଜର ମନେକରି ଏହାକୁ ସଫା ରଖିବା ଆମମାନଙ୍କ ଦାୟିତ୍ୱ। ଏଗୁଡ଼ିକ ପରିଷ୍କାର ରହିବାରେ ଜନସାଧାରଣଙ୍କର ଆତ୍ମୀୟତାପୂର୍ଣ୍ଣ ସହଯୋଗ 'ମୁଁ ସଫେଇବାଲା' ଅଭିଯାନକୁ ସାକାର କରିବ ବୋଲି ସିନେ କଳାକାର ଅଶ୍ରୁମୋଚନ କହିଥିଲେ।

ଶୈଳଶ୍ରୀବିହାରସ୍ଥିତ ଜଗନ୍ନାଥ ମନ୍ଦିରଠାରୁ ସକାଳ ସାଢ଼େ ୭ଟାରୁ ସଫେଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ କେବଳ ସାମୂହିକ ସଫେଇ ନୁହେଁ ବରଂ ସେହି ଅଞ୍ଚଳର ବିଭିନ୍ନ ପରିବାର ଏବଂ ଦୋକାନଗୁଡ଼ିକୁ ଯାଇ ଅଂଶଗ୍ରହଣକାରୀ ଅଧିକାରୀ, କର୍ମଚାରୀ ଓ ନାଗରିକମାନେ ପରିମଳ ବାବଦରେ ସଚେତନ କରିଥିଲେ। ସର୍ବସାଧାରଣ ସ୍ଥାନକୁ ଅପରିଷ୍କାର ନ କରିବାକୁ ଅନୁରୋଧ କରିଥିଲେ। ଏହାଛଡ଼ା ସର୍ବସାଧାରଣ ସ୍ଥାନରେ ନିର୍ମାଣ ଓ ଭଗ୍ନାବଶେଷ ସାମଗ୍ରୀ ରଖିବା, ଦୋକାନ କରି ସର୍ବସାଧାରଣ ରାସ୍ତାକୁ ଆବର୍ଜନା କରିବା ଇତ୍ୟାଦି ନିମନ୍ତେ ଉଚ୍ଛେଦ କରାଯିବା ସହ ଖିଲାପକାରୀଙ୍କଠାରୁ ୨୩,୨୦୦ ଟଙ୍କାର ଜରିମାନା ମଧ୍ୟ ଆଦାୟ କରାଯାଇଥିଲା। ବିଏମ୍‌ସି, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏବଂ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସ୍‌ସିଏଲ୍)ର ମିଳିତ ସହଯୋଗରେ କରାଯାଉଥିବା ସାମୂହିକ ସଫେଇ କାର୍ଯ୍ୟକ୍ରମରେ ବିଏମ୍‌ସିର ବରିଷ୍ଠ ଅଧିକାରୀଙ୍କ ମଧ୍ୟରେ ଅତିରିକ୍ତ କମିଶନର ଅବନିକାନ୍ତ ପଟ୍ଟନାୟକ, ମୁଖ୍ୟ ବିତ୍ତ ଅଧିକାରୀ ଲାବଣ୍ୟ ଶବର, ଜୋନାଲ୍ ଡେପୁଟି କମିଶନର (ରାଜସ୍ୱ) ଶ୍ରୀମନ୍ତ ମିଶ୍ର ଏବଂ ଜୋନାଲ୍ ଡେପୁଟି କମିଶନର (ଦକ୍ଷିଣ-ପଶ୍ଚିମ ଜୋନ୍) ରବି ନାରାୟଣ ଜେଠୀ ଉପସ୍ଥିତ ଥିଲେ। ଉତ୍ତର ଜୋନର ଜୋନାଲ୍ ଡେପୁଟି କମିଶନର ପ୍ରମୋଦ କୁମାର ପୃଷ୍ଟି ଏବଂ ଡେପୁଟି କମିଶନର ପରିମଳ ଶୁଭେନ୍ଦୁ କୁମାର ସାହୁ ଉପସ୍ଥିତ ରହି କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ।

ଉଲ୍ଲେଖଯୋଗ୍ୟ, ସାମୂହିକ ସଫେଇକୁ ବ୍ୟବସ୍ଥିତ କରିବାକୁ ୪ଟି ଦଳରେ ଅଂଶଗ୍ରହଣକାରୀଙ୍କୁ ଭାଗ କରାଯାଇଥିଲା। ପ୍ରଥମ ଦଳ ଜଗନ୍ନାଥ ମନ୍ଦିରଠୁ ଏଲ୍‌ସି କ୍ୱାର୍ଟର, ଡୁପ୍ଲେକ୍ସ ସାମ୍ନା ସର୍ଭିସ୍ ଲେନ୍ ଏବଂ ତାରିଣୀ ମନ୍ଦିର ପର୍ଯ୍ୟନ୍ତ ଯାଇଥିବା ରାସ୍ତା ଓ ଫେଜ୍-୨ ର ଉଭୟପାର୍ଶ୍ୱ ରାସ୍ତାକୁ ଯାଇ ସଫେଇ କରିଥିଲେ। ଦ୍ୱିତୀୟ ଦଳ ଜଗନ୍ନାଥ ମନ୍ଦିରଠୁ ବାହାରି ଏଫ୍ ଆଣ୍ଡ କ୍ୱାର୍ଟର୍ସ ଅଞ୍ଚଳର ଗଳିଗୁଡ଼ିକୁ ଯାଇଥିଲେ। ତୃତୀୟ ଦଳ ଜଗନ୍ନାଥ ମନ୍ଦିରଠୁ ମଙ୍ଗଳା ମନ୍ଦିର ଛକ ଭାୟା ଲେବର୍ ଛକ ଏବଂ ଭିଆଇଏମ୍-୧ରୁ ୪୦୦ ପର୍ଯ୍ୟନ୍ତ ଯାଇଥିଲେ। ଚତୁର୍ଥ ଦଳ ସାଇ ମନ୍ଦିର ରାସ୍ତାରୁ ବାମ ପଟକୁ ଯାଇ ଭିଆଇଏମ୍-୪୦୧ରୁ ୮୫୦ ପର୍ଯ୍ୟନ୍ତ ଯାଇଥିଲେ। ଏହି ଦଳଗୁଡ଼ିକର ସହଯୋଗ କରିବାକୁ ଏନ୍‌ଜିଓ, ସିଏଫ୍‌ଏଆର୍, ମୌସୁମୀ, ଜୟ ଓଡ଼ିଶା ଏବଂ କେୟାର୍ ୱାର୍ଲ୍ଡର ସଦସ୍ୟମାନେ ରହିଥିଲେ। ଆବାସିକ ସଙ୍ଗଠନର ନେତୃବୃନ୍ଦ, ଛାତ୍ରୀଛାତ୍ର, ବିଏମ୍‌ସି ସହ କାର୍ଯ୍ୟ କରୁଥିବା ପରିମଳ ସଂସ୍ଥା ରାମ୍‌କୀର ସଫେଇ କର୍ମୀମାନେ ଏଥିରେ ଭାଗ ନେଇଥିଲେ। ସାରା ସହରରେ ଏବେ ମୁଁ ସଫେଇବାଲା ଅଭିଯାନ ଚାଲୁ ରହିଥିବା ବେଳେ ଏପରି ସାମୂହିକ ସଫେଇ କାର୍ଯ୍ୟକ୍ରମ ଆଗକୁ ମଧ୍ୟ ଜାରି ରହିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।

# ୮ରେ ମହିଳାଙ୍କ କାର୍ ରାଲି

## ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ



ଖବରଦାତା ସମ୍ମିଳନୀରେ ସେବା ପ୍ରୟାସ ଫାଉଣ୍ଡେଶନ କର୍ମକର୍ତ୍ତା ସୂଚନା ଦେଉଛନ୍ତି।

**ଭୁବନେଶ୍ୱର, ୨୯।୨(ବ୍ୟୁରୋ)**

ସେବା ପ୍ରୟାସ ଫାଉଣ୍ଡେଶନ ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ରାଜଧାନୀରେ ବିଗତ ଦୁଇବର୍ଷରୁ ଚାଲି ଆସୁଥିବା ମହିଳା କାର୍ ରାଲି ଆସନ୍ତା ମାର୍ଚ୍ଚ ୮ ରେ ଆୟୋଜିତ ହେବ। ଚଳିତବର୍ଷ ଏହି ରାଲି ସ୍ୟାଣ୍ଡି ଟାୱାର ପାର୍ଶ୍ୱରେ ଥିବା ସଡକଠାରୁ ଆରମ୍ଭ ହୋଇ ଜୟଦେବ ବିହାର, ଆଚାର୍ଯ୍ୟବିହାର, ବାଣୀବିହାର, ରାମମନ୍ଦିର ଛକ, ସୈନିକ ସ୍କୁଲ ଛକ ଓ କିଟ୍ କ୍ୟାମ୍ପସ୍-୧ ଗ୍ରାଉଣ୍ଡରେ ପହଞ୍ଚିବ। ଏହି ଅବସରରେ ଫାଉଣ୍ଡେଶନ ପକ୍ଷରୁ ମହିଳାଙ୍କୁ ବିଭିନ୍ନ ବର୍ଗରେ ବିରାଙ୍ଗନା ପୁରସ୍କାର ଏବଂ କଳିଙ୍ଗ ବିରାଙ୍ଗନା ପୁରସ୍କାର ପ୍ରଦାନ କରାଯିବା ସହ କାର୍ ରାଲିରେ ବିଜୟୀ ହୋଇଥିବା ମହିଳାଙ୍କୁ ସମ୍ମାନିତ କରାଯିବ। ସ୍ଥାନୀୟ ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶା ପରିସରରେ ଫାଉଣ୍ଡେଶନ ପକ୍ଷରୁ ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଫାଉଣ୍ଡର୍ ଲିଙ୍କନ୍ ସୁବୁଦ୍ଧି, ନିର୍ଦ୍ଦେଶିକା ନମ୍ରତା ଚଢା ଏବଂ ବିଶିଷ୍ଟ ଆଥ୍‌ଲେଟ୍ ଓ ରାଲିର ଉପଦେଷ୍ଟା ଅନୁରାଧା ବିଶ୍ୱାଳ ଏହି ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଇଚ୍ଛୁକ ମହିଳାମାନେ https://form.jotform.com/200538883626O5p ଏହି ଲିଙ୍କ ଖୋଲି ନିଜ ନାମ ପଞ୍ଜୀକରଣ କରିବାକୁ ଏହି ଅବସରରେ ଫାଉଣ୍ଡର୍ ସୁବୁଦ୍ଧି ଅନୁରୋଧ କରିଛନ୍ତି।

# 'ପ୍ରକୃତି ସହ ଏକ ସ୍ନେହଶୀଳ ସମ୍ପର୍କ ରଖ'



ଆଲୋଚନାଚକ୍ରରେ ଯୋଗଦେଇଥିବା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟ ଅତିଥିମାନେ ସ୍ମରଣିକାକୁ ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର, ୨୯।୨(ବ୍ୟୁରୋ)**

ବିଜେବି ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ପକ୍ଷରୁ 'ଭାରତରେ କୃଷି: ସମସ୍ୟା, ନୀତି ଓ ଦୃଷ୍ଟିକୋଣ' ଶୀର୍ଷକ ଜାତୀୟ ସ୍ତରୀୟ ଆଲୋଚନାଚକ୍ର ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଦୁଇ ଦିବସୀୟ ଆଲୋଚନାଚକ୍ରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପରିବର୍ତ୍ତିତ ପ୍ରେକ୍ଷାପଟରେ ପ୍ରକୃତି ସହ ଏକ ସ୍ନେହଶୀଳ ସମ୍ପର୍କ ରକ୍ଷାକରି ଏହାର ସଦୁପଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ।

ଏହି ଅବସରରେ ନାବାର୍ଡର ସିଜିଏମ୍ ନୃସିଂହ ପ୍ରସାଦ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତୀୟ କୃଷି ଓ କୃଷକର ବିଭିନ୍ନ ସମସ୍ୟା ସମାଧାନରେ ନାବାର୍ଡ ଭୂମିକା ବିଷୟରେ ଆଲୋକପାତ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କୃଷିକୁ ପ୍ରକୃତିର ବିଭିନ୍ନ ବିଭବ ସହ ଏକ ସଂଯୋଗ ସେତୁ ଭାବେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ଅତିଥିମାନେ ଏକ ସ୍ମରଣିକା ଉନ୍ମୋଚନ କରିଥିଲେ। ଅର୍ଥନୀତି ବିଭାଗର ମୁଖ୍ୟ ପ୍ରାଧ୍ୟାପିକା ଡ. ସୁଜାତା ପତି ଆଲୋଚନାଚକ୍ରର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାଧ୍ୟାପିକା ଡ. ସାଧନା ଶତପଥୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ସୁପ୍ରଭା ପଟ୍ଟନାୟକ ଏହି ଅବସରରେ ସ୍ୱାଗତ ଭାଷଣ ଦେଇଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ କୃଷି ମନ୍ତ୍ରୀ ଅରୁଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କୃଷକକୁ ସାମାଜିକ ପ୍ରତିଷ୍ଠା ଦେବାରେ ଆଦୌ କୁଣ୍ଠିତ ହେବା ଉଚିତ ନୁହେଁ ବୋଲି ମନ୍ତ୍ରୀ ସାହୁ କହିଥିଲେ। ବିଗତ ୧୦୦ ବର୍ଷରେ ଓଡ଼ିଶାର ପ୍ରାକୃତିକ ଦୁର୍ବିପାକ ଓ କୃଷିର ଉନ୍ନତି ଉପରେ ମନ୍ତ୍ରୀ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ନୂଆଦିଲ୍ଲୀ ସ୍ଥିତ ଶିବ ନାଦର ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗ ପ୍ରଫେସର ଡ. ରାଜେଶ୍ୱରୀ ଏସ୍. ରାଇନା ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଓୟୁଏଟିର ପ୍ରାକ୍ତନ ଡିନ୍ ପ୍ରଫେସର ଦିବାକର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଅଧିବେଶନକୁ ବିଭାଗୀୟ ଅଧ୍ୟାପିକା ଡ. ମଧୁଲତା ଶତପଥୀ ଓ ଡ. ଲିପ୍‌ସା ମିଶ୍ର ସଂଯୋଜନା କରିଥିଲେ।

### ବିଜ୍ଞାନକୁ ବୃତ୍ତି କରିବାକୁ ପରାମର୍ଶ

**ନରାଜ,୨୯।୨(ଡି.ଏନ୍.ଏ.)**

କଟକସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଜ୍ଞାନିକ ସିଭି ରମଣଙ୍କ 'ରମଣ ରଶ୍ମି' ଉଦ୍‌ଭାବନକୁ ମନେପକାଇବା ନିମନ୍ତେ ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ପକ୍ଷରୁ ଏହି ଦିବସକୁ ପାଳନ କରାଯାଉଛି। ଏହି ଅବସରରେ ବିଜ୍ଞାନରେ ମହିଳାଙ୍କ ଅବଦାନ ଶୀର୍ଷକ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ସ୍ୱପ୍ନା ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ରାଷ୍ଟ୍ରୀୟ ଓ ଅନ୍ତଃରାଷ୍ଟ୍ରୀୟ ସ୍ତରରେ ମହିଳା ବୈଜ୍ଞାନିକମାନଙ୍କ ଭୂମିକା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଏଥିସହ ବିଜ୍ଞାନକୁ ବୃତ୍ତି ଭାବେ ଗଢ଼ି ତୋଳିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ କୁଳ ସଚିବ ପ୍ରଫେସର ବି ଆର ଶର୍ମା, କ୍ୟାପଟେନ ଚନ୍ଦ୍ରଶେଖର ପଣ୍ଡା ଓ ସଂଘମିତ୍ରା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଶେଷରେ କୁଇଜ୍ ଓ ପ୍ରେଜେଣ୍ଟେଶନ ଆଦି ପ୍ରତିଯୋଗିତା ହୋଇଥିଲା।

# ଉପନ୍ୟାସ ଆଟ୍ରାକଶନ ଉନ୍ମୋଚିତ




ଉତ୍ସବରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର, ୨୯।୨(ବ୍ୟୁରୋ)**

ଭଞ୍ଜକଳା ମଣ୍ଡପରେ ଛତିଶଗଡ଼ର ମୁଖ୍ୟ ସଚିବ ପାହ୍ୟାରୁ ଅବସରପ୍ରାପ୍ତ ଆଇଏଏସ୍ ଏବଂ ଇଂଲିଶ ଭାଷାରେ ପ୍ରସିଦ୍ଧ କବି, ଲେଖକ ବିଜୟ କିଶୋର ସୁନ୍ଦରରାୟଙ୍କର ତିନୋଟି ପୁସ୍ତକ ଶନିବାର ଉନ୍ମୋଚିତ ହୋଇଯାଇଛି। ଏହି ପୁସ୍ତକରେ ଗୋଟିଏ ଉପନ୍ୟାସ ଏବଂ ଅନ୍ୟ ଦୁଇଟି କବିତା ସଂକଳନ। ଉପନ୍ୟାସ 'ଆଟ୍ରାକଶନ'ର ସାରାଂଶ ପୁରୁଷ ଏବଂ ନାରୀଙ୍କ ସମ୍ବନ୍ଧ ଉପରେ କେନ୍ଦ୍ରିତ ହୋଇଥିବା ବେଳେ ଦୁଇ କବିତା ସଂକଳନ ଯଥାକ୍ରମେ 'ଦି ସ୍ମାଇଲ୍ ରୋଜ' ଏବଂ 'ସନ୍‌ସାଇନ୍ ସୋନଟା'ରେ କବି ବିଜୟଙ୍କ ଦ୍ୱାରା ପ୍ରେମ ଏବଂ ମନୁଷ୍ୟର ଆଶା ଉପରେ ଧ୍ୟାନ ଦିଆଯାଇଛି।

ଏହି ଅବସରରେ ଅନୁଷ୍ଠିତ ଉନ୍ମୋଚନ ଉତ୍ସବରେ ପ୍ରଫେସର ରାଜକିଶୋର ମିଶ୍ର ମୁଖ୍ୟ ଅତିଥି, ଡ. ଶକୁନ୍ତଳା ବଳିୟାରସିଂ ବିଶେଷ ଅତିଥି ଏବଂ ଅବସରପ୍ରାପ୍ତ ଆଇଏଏସ୍ ଏବଂ ଭାରତ ସରକାରଙ୍କ ପୂର୍ବତନ ସଚିବ ରମେଶ ଚନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମର ଅଧ୍ୟକ୍ଷ ଭାବେ ଉପସ୍ଥିତ ଥିଲେ। ବକ୍ତାମାନଙ୍କ ଦ୍ୱାରା ସୁନ୍ଦରରାୟଙ୍କ ରଚିତ ପୁସ୍ତକ ସମ୍ବନ୍ଧରେ ଆଲୋକପାତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥିମାନେ କବି ଏବଂ ଲେଖକ ସୁନ୍ଦରରାୟଙ୍କ ସାହିତ୍ୟିକ ପ୍ରତିଭାର ପ୍ରଶଂସା କରିଥିଲେ। ସୁନ୍ଦରରାୟ ଆଜି ପର୍ଯ୍ୟନ୍ତ ୩୭ଟି ପୁସ୍ତକ ରଚନା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଉନ୍ମୋଚିତ ପୁସ୍ତକଗୁଡ଼ିକ ଜାନୁୟାରୀ ୨୦୨୦ରେ ଦିଲ୍ଲୀରେ ଅନୁଷ୍ଠିତ ବିଶ୍ୱ ପୁସ୍ତକ ମେଳାରେ ସଫଳତା ପୂର୍ବକ ସ୍ଥାନ ପାଇଥିଲା ବୋଲି ଜଣାପଡ଼ିଛି।

# ପାଇପ୍‌ଲାଇନରେ ପେଟ୍ରୋଲିୟମ ଲିକ୍ ମୁକାବିଲା ପାଇଁ ମକଡ୍ରିଲ



ପେଟ୍ରୋଲିୟମ ଲିକ୍ ରୋକିବା ନେଇ ମକ୍‌ଡ୍ରିଲ କରାଯାଉଛି।

**ଭୁବନେଶ୍ୱର,୨୯।୨**

ଖୋର୍ଦ୍ଧା ଜିଲା ଆପାତକାଳୀନ ସମୂହର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଇଣ୍ଡିଆନ ଅଏଲ୍ ପିଆର୍‌ଆଇପିଏଲ୍ ପାଇପଲାଇନ ଡିଭିଜନ ପକ୍ଷରୁ ଶୁକ୍ରବାର ଜଟଣୀସ୍ଥିତ କୋଣାର୍କ ଇଞ୍ଜିନିୟରିଂ କଲେଜ ପାର୍ଶ୍ୱରେ ପାଇପଲାଇନରୁ ପେଟ୍ରୋଲିୟମ ଉତ୍ପାଦ ଲିକ୍ ହେଲେ ମୁକାବିଲା ପାଇଁ ଏକ ମକ୍‌ଡ୍ରିଲ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଓସ୍‌ଡମାର ମହାପ୍ରବନ୍ଧକ ଡ. ମଳୟ କୁମାର ପ୍ରଧାନ ଯୋଗଦେଇଥିଲେ। ଆଇଓସିଏଲ ପାଇପଲାଇନ ବିଭାଗର ନିରାପତ୍ତା ଅଧିକାରୀ ରାହୁଲ ରାଜ ମକ୍‌ଡ୍ରିଲର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଭାଗ ମୁଖ୍ୟ ଉପେନ୍ଦ୍ର ମହାତୋ ପାଇପଲାଇନର କାର୍ଯ୍ୟଶୈଳୀ ଉପରେ ଏକ ବିସ୍ତୃତ ବିବରଣୀ ଉପସ୍ଥାପନ କରି ଆପାତକାଳୀନ ପରିସ୍ଥିତିରେ କିପରି ମୁକାବିଲା କରାଯାଇପାରିବ ସେନେଇ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଆପାତକାଳୀନ ଅଧିକାରୀ ସନ୍ଧ୍ୟା ଗୁରୁ, ଇଂ ମନୋଜ କୁମାର ପଣ୍ଡା, ଇଂ ଅର୍ଚ୍ଚନା ଦାଶଙ୍କ ସମେତ ବିଭିନ୍ନ ପେଟ୍ରୋଲିୟମ ଅନୁଷ୍ଠାନର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଦୁର୍ଘଟଣାପ୍ରବଣ ସ୍ଥାନ ଉପରେ ସ୍ୱତନ୍ତ୍ର ଧ୍ୟାନ

**ପୁରୀ ଅଫିସ, ୨୯।୨**




ବୈଠକରେ ଏମ୍‌ପି ପିନାକୀ ମିଶ୍ର, ଜିଲାପାଳ ବଲୱନ୍ତ ସିଂ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରତାପ ସ୍ୱାଇଁ ଏବଂ ଅନ୍ୟ ଅଧିକାରୀମାନେ।

## ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ

- ରାସ୍ତାକୁ ମାଡ଼ି ବସିଥିବା ଦୋକାନ, କ୍ୟାବିନ ହଟିବ
- ଲାଗୁ ହେବ ନୋ ହେଲ୍‌ମେଟ, ନୋ ଫୁଏଲ

ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଶନିବାର ସଡ଼କ ସୁରକ୍ଷା ସଂକ୍ରାନ୍ତ ସଂସଦୀୟ କ୍ଷେତ୍ର କମିଟି (ପିସିସି) ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମ୍‌ପି ପିନାକୀ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଜିଲାପାଳ ବଲୱନ୍ତ ସିଂ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରତାପ ସ୍ୱାଇଁ, ଏନ୍‌ଏଚ୍‌ଏଆଇ ପିଡି ଏସ୍.ନାଗଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ସଡ଼କ ସୁରକ୍ଷା ପ୍ରତି ସଚେତନ ହୋଇ ଦୁର୍ଘଟଣା ହାର କମାଇବା ଉପରେ ଏଥିରେ ଗୁରୁତ୍ୱାରୋପ କରାଯାଇଥିଲା।

ବୈଠକରେ ମୁଖ୍ୟତଃ ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥ ଏବଂ ପୁରୀ-କୋଣାର୍କ ଜାତୀୟ ରାଜପଥ ଉପରେ ଆଲୋଚନା ହୋଇଥିଲା। ଭୁବନେଶ୍ୱର-କୋଣାର୍କ ମଧ୍ୟରେ ଚିହ୍ନଟ ୫ଟି ଦୁର୍ଘଟଣାପ୍ରବଣ ସ୍ଥାନ ପ୍ରତି ସ୍ୱତନ୍ତ୍ର ଭାବେ ଧ୍ୟାନ ଦିଆଯିବ। ରାସ୍ତାକୁ ମାଡ଼ି ବେଆଇନ ଭାବେ ଦୋକାନ, କ୍ୟାବିନ କରାଯାଇଛି। ଅନେକ ବ୍ୟବସାୟୀ ରାସ୍ତାକୁ ମଡ଼ାଇ ଶେଡ୍ କରିଛନ୍ତି। ଏହାକୁ ତୁରନ୍ତ ଉଚ୍ଛେଦ କରାଯିବ। ରାସ୍ତାରେ ଗାଡ଼ିଚାଳକ ଏବଂ ସ୍ଥାନୀୟ ଜନସାଧାରଣଙ୍କ ଲାଗି ଲଗାଯାଉଥିବା ସାଇନେଜ୍ ଅନେକ ସ୍ଥାନରେ ନାହିଁ। ତେଣୁ ଏହି ସାଇନେଜ୍‌କୁ ଠିକ୍ ଭାବେ ଲଗାଯିବ। ଯେଉଁଠି ରାସ୍ତା ଖରାପ ରହିଛି ତାହାର ମରାମତି ହେବ। ଅନେକ ଜାଗାରେ ଲୋକେ ସେମାନଙ୍କ ସୁବିଧା ପାଇଁ ମେଡିଆନକୁ କାଟି ଯା' ଆସ କରୁଛନ୍ତି। ଏହାକୁ ବନ୍ଦ କରିବା ଲାଗି ଏନ୍‌ଏଚ୍‌ଏଆଇ ପିଡିଙ୍କୁ କୁହାଯାଉଛି। ତେବେ ରାସ୍ତାରେ ଦୁର୍ଘଟଣାର ଅନ୍ୟତମ କାରଣ ହେଉଛନ୍ତି ବୁଲା ଗୋରୁ। ବିଭିନ୍ନ ସମୟରେ ଏମାନେ ରାସ୍ତାକୁ ଚାଲିଆସିବାରୁ ଚାଳକ ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହେଉଛନ୍ତି। ତେଣୁ ଭୁବନେଶ୍ୱର-ପୁରୀ ରାସ୍ତାମଝିରେ ରେଲିଂ ଲଗାଇବାକୁ ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ) ସମୀର ଦଳାଇ ଏନ୍‌ଏଚ୍‌ଏଆଇ ଅଧିକାରୀଙ୍କୁ କହିଥିଲେ, କିନ୍ତୁ ସେମାନଙ୍କର ଏହି ରେଲିଂ ଲଗାଇବାର କୌଣସି ପ୍ରୋଭିଜନ ନାହିଁ, ଚିହ୍ନଟ ସ୍ଥାନରେ ସାଇଡ୍ ଗାର୍ଡ କରାଯିବ ବୋଲି ଏନ୍‌ଏଚ୍‌ଏଆଇ ପକ୍ଷରୁ କୁହାଯାଇଥିଲା। ସେହିପରି ପିପିଲି ଟୋଲ୍‌ଗେଟରେ ଅଧିକାଂଶ ସମୟ ଗହଳି ହେଉଛି। ଏଥିପ୍ରତି ଧ୍ୟାନ ଦେବାକୁ ଜିଲାପାଳ ସିଂ ଏନ୍‌ଏଚ୍‌ଏଆଇ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

ଜିଲା ଯୋଗାଣ ଅଧିକାରୀ ତୁଷାରକାନ୍ତ ଦେଓ କହିଥିଲେ, ସଡ଼କ ସୁରକ୍ଷା ନେଇ ବିଭିନ୍ନ ପ୍ରକାର ସଚେତନତାମୂଳକ ପଦକ୍ଷେପ ନିଆଯାଇଛି। ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପେଟ୍ରୋଲପମ୍ପକୁ ହେଲମେଟ ନାହିଁ ତ ଇନ୍ଧନ ନାହିଁ ଲାଗି ଚିଠି କରାଯାଇଛି। ପେଟ୍ରୋଲପମ୍ପଗୁଡ଼ିକରେ ସଡ଼କ ସୁରକ୍ଷା ସମ୍ପର୍କିତ ଡିସ୍‌ପ୍ଲେ ବୋର୍ଡ ଲଗାଇବାକୁ କୁହାଯିବା ସହ ସିସିଟିଭି ପାଇଁ ପରାମର୍ଶ ଦିଆଯାଇଛି। ପ୍ରାୟ ସବୁ ପେଟ୍ରୋଲପମ୍ପରେ ସିସିଟିଭି ରହିଛି। ଯେଉଁମାନଙ୍କର ନାହିଁ ସେମାନଙ୍କୁ ତୁରନ୍ତ ଲଗାଇବାକୁ କୁହାଯାଇଛି। ତେଣୁ ସମସ୍ତେ ସଚେତନ ହୋଇ ହେଲ୍‌ମେଟ ପିନ୍ଧି ପେଟ୍ରୋଲପମ୍ପକୁ ଆସିବା ପାଇଁ ଦେଓ କହିଥିଲେ। ପରିବହନ ବିଭାଗ ପକ୍ଷରୁ ଯାନବାହନ ଚଳାଚଳ ସମ୍ପର୍କରେ କୁହାଯାଇଥିଲା। ଗାଡ଼ି ଚାଳକମାନେ ଯେପରି ମଦ୍ୟପାନ ନ କରିବେ, ଡ୍ରାଇଭିଂ ସମୟରେ ମୋବାଇଲରେ କଥା ନ ହେବେ, ଟ୍ରାଫିକ ନିୟମ ମାନିବେ ଏବଂ ବସ୍ ଛାତରେ ଯେପରି କୌଣସି ଯାତ୍ରୀ ବସିବେ ନାହିଁ ତା' ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ଆର୍‌ଟିଓ କହିଥିଲେ। ଏଥିରେ ବସ୍ ଏବଂ ଟ୍ରକ୍ ମାଲିକ ସଂଘ ସହମତି ପ୍ରକାଶ କରିଥିଲେ। ଗୋରୁଙ୍କୁ କିପରି ରାସ୍ତାକୁ ଛଡ଼ା ନ ଯିବ ସେ ନେଇ ପୌରସଂସ୍ଥା ପଦକ୍ଷେପ ନେବ ବୋଲି ଜିଲାପାଳ କହିଥିଲେ। ସଡ଼କ ସୁରକ୍ଷା ସଂକ୍ରାନ୍ତରେ ଛାତ୍ରୀଛାତ୍ରଙ୍କୁ ମଧ୍ୟ ସଚେତନ କରିବା ଲାଗି ଆଲୋଚନା ହୋଇଥିଲା। ଅନ୍ୟପକ୍ଷରେ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ଯାତାୟାତ କରୁଥିବା ଗାଡ଼ିଗୁଡ଼ିକ କିପରି ସୁରକ୍ଷିତ ଭାବେ ଚଳାଚଳ କରିବ ସେ ନେଇ ପଦକ୍ଷେପ ନିଆଯିବ ବୋଲି ଆର୍‌ଟିଓ କହିଥିଲେ। ଜିଲାର କେତେ ବସ୍, ଟାଟା ମ୍ୟାଜିକ ଗାଡ଼ି ଏଥିରେ ନିୟୋଜିତ ରହିଛି ତାହାର ତାଲିକା ପ୍ରସ୍ତୁତ ହେବ ଏବଂ ଏହାର ଚାଳକମାନଙ୍କୁ ସଚେତନ କରାଯିବ। ସେହିପରି ବିନା ହେଲ୍‌ମେଟରେ ଚଳାଉଥିବା ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ପଦକ୍ଷେପ ନିଆଯିବ ବୋଲି ଆଲୋଚନା ହୋଇଛି। ପୋଲିସ ପକ୍ଷରୁ ରାସ୍ତାରେ ଚେକିଂ କଡ଼ାକଡ଼ି କରାଯିବ ବୋଲି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସ୍ୱାଇଁ କହିଥିଲେ।



# ବ୍ରେକ୍‌ଅପ୍ ପ୍ରୁଫ ଲଭ୍

**ପ୍ରେମ ଏଭଳି ଏକ ନିବିଡ଼ ସମ୍ପର୍କ ଯାହାକି ଦୁଇ ଅଚିହ୍ନା ମଣିଷଙ୍କୁ ବି ଏକାଠି କରିପାରେ। ଆଉ ଏହି ସମ୍ପର୍କକୁ ସାରା ଜୀବନ ଅତୁଟ ରଖିବାକୁ ମଣିଷ କିଛି ବି କରିପାରେ। ହେଲେ ବର୍ତ୍ତମାନ ଅଧିକାଂଶ ଯୁବପିଢ଼ିଙ୍କଠାରେ ସମ୍ପର୍କ ଯୋଡ଼ି ହେବାକୁ ଯେତିକି ସମୟ ନ ଲାଗୁଛି ତା'ଠାରୁ ଶୀଘ୍ର ବ୍ରେକ୍‌ଅପ୍ ହେଉଥିବା ଦେଖିବାକୁ ମିଳୁଛି। ତେଣୁ ସେମାନଙ୍କ ଲାଗି ଲଭ୍ ରିଲେଶନଶିପ୍‌କୁ ବ୍ରେକ୍‌ଅପ୍ ପ୍ରୁଫ କରିବା କୌଣସି ଚ୍ୟାଲେଞ୍ଜଠୁ କମ୍ ନୁହେଁ...**



ବର୍ତ୍ତମାନ ଯୁବପିଢ଼ିଙ୍କ ପାଇଁ ଲଭ୍ ଯେମିତି ଏକ ସାଧାରଣ କଥା ପାଲଟି ଯାଇଛି। କହିବାର ତାତ୍ପର୍ଯ୍ୟ, ବର୍ତ୍ତମାନ ଯୁବପିଢ଼ିଙ୍କ ମଧ୍ୟରେ ହାତ ଗଣତି କେତେଜଣଙ୍କୁ ଛାଡ଼ିଦେଲେ ଲଭ୍ ରିଲେଶନ୍‌ଶିପ୍ ନ ଥିବା ସିଙ୍ଗଲ୍‌ଙ୍କ ମିଳିବା ଖୁବ୍ କଷ୍ଟ। ଆଶ୍ଚର୍ଯ୍ୟର କଥା ହେଉଛି, ଏହି ପ୍ରେମୀ ଯୋଡ଼ାଙ୍କ ମଧ୍ୟରୁ ମାତ୍ର କେତେକ ଯୋଡ଼ିଙ୍କ ସମ୍ପର୍କ ସାରା ଜୀବନ ଅତୁଟ ରହୁଥିବାବେଳେ ଅନ୍ୟମାନଙ୍କ କ୍ଷେତ୍ରରେ ପ୍ରେମ ଯେତେ ଶୀଘ୍ର ନ ହେଉଛି ତା'ଠାରୁ ଶୀଘ୍ର ହେଉଛି ବ୍ରେକ୍‌ଅପ୍। ତେବେ ଏହି ବ୍ରେକ୍‌ଅପ୍‌ର କାରଣ କ'ଣ ଏବଂ କିପରି ଏହି ଲଭ୍ ରିଲେଶନ୍‌ଶିପ୍‌କୁ ବ୍ରେକ୍‌ଅପ୍ ପ୍ରୁଫ ବା ଅତୁଟ ରଖିହେବ ଜାଣି ରଖନ୍ତୁ ସେ ସମ୍ପର୍କରେ...



**ସ୍ୱାର୍ଥ:** ବର୍ତ୍ତମାନ ଅନେକ ବ୍ରେକ୍‌ଅପ୍ ପଛରେ ମୁଖ୍ୟ କାରଣ ହେଉଛି ସ୍ୱାର୍ଥ। ଅର୍ଥାତ୍ ଏବେ ଅର୍ଥର ଲୋଭ ହେଉ ଅବା ଅନ୍ୟ କୌଣସି ସ୍ୱାର୍ଥ ରଖି ଅନେକେ ପ୍ରେମ କରୁଥିବା ଦେଖିବାକୁ ମିଳୁଛି। ଆଉ ନିଜର କାର୍ଯ୍ୟ ପୂରଣ ପରେ ସମ୍ପର୍କରେ ହୋଇଯାଉଛି ଫାଟ ଏବଂ ସାଥୀ ହୋଇଯାଉଛି ଅଲୋଡ଼ା। ବିଶେଷ କରି କଲେଜ ପିଲାଙ୍କ ମଧ୍ୟରେ ଏଭଳି ବ୍ରେକ୍‌ଅପ୍ ସର୍ବାଧିକ। କାରଣ ଅନେକେ ଏଭଳି ଅଛନ୍ତି ଯିଏ ଅଧିକ ଟଙ୍କା ଥିବା ଯୁବତୀଯୁବକଙ୍କୁ ନିଜର ସାଥୀ ଭାବେ ବାଛୁଛନ୍ତି ଏବଂ ନିଜ ଲାଭ ଦେଖୁଛନ୍ତି ଆଉ ସ୍ୱାର୍ଥ ପୂରଣ ପରେ ସମ୍ପର୍କ ଭାଙ୍ଗି ଦେଉଛନ୍ତି। ହେଲେ ଏପରି କରିବା ଦ୍ୱାରା ଯେ, ଅପରପକ୍ଷ ମାନସିକ ଆଘାତ ପାଉଛି ସେକଥା ସେମାନେ ଭୁଲି ଯାଉଛନ୍ତି। ତେଣୁ ପ୍ରେମ ସମ୍ପର୍କକୁ ଅତୁଟ ରଖିବା ଲାଗି ନିଃସ୍ୱାର୍ଥପର ହେବା ଆବଶ୍ୟକ।

**ସନ୍ଦେହ:** ସମ୍ପର୍କରେ ଫାଟ ସୃଷ୍ଟି କରିବାର ସବୁଠୁ ବଡ଼ କାରଣ ହେଉଛି ସନ୍ଦେହ। ଅନେକେ ନିଜ ସାଥୀଙ୍କୁ କାହା ସହ ଖୁସିରେ କଥା ହେଉଥିବାର ଦେଖିଲେ ସେମାନଙ୍କ ଭିତରେ କିଛି ସମ୍ପର୍କ ଥିବା ସନ୍ଦେହ କରନ୍ତି। କେହି କେହି ସାଥୀଙ୍କ ଅନୁପସ୍ଥିତିରେ ତାଙ୍କ ମୋବାଇଲ୍‌ରେ ମେସେଜ, ହ୍ୱାଟ୍ସଆପ୍, ଫେସ୍‌ବୁକ୍ ମେସେଞ୍ଜର ଆଦି ଚେକ୍ କରନ୍ତି। ଏମିତିକି ବେଳେବେଳେ ଅନ୍ୟର ଶୁଣା କଥାରେ ଭାସିଯାଇ ନିଜ ପାର୍ଟନରଙ୍କୁ ସନ୍ଦେହ କରିବା ସହ ତାଙ୍କ କଥାକୁ ମିଛ ବୋଲି ଭାବି ନିଅନ୍ତି। ଏକ୍ଷେତ୍ରରେ ବ୍ରେକ୍‌ଅପ୍‌ର ଆଶଙ୍କା ଅଧିକ। ତେଣୁ ନିଜ ସମ୍ପର୍କକୁ ସୁଦୃଢ଼ କରିବା ଲାଗି କାହାରି କଥାରେ ଭାବପ୍ରବଣ ନ ହୋଇ ସନ୍ଦେହ ନାମକ ଶତ୍ରୁକୁ ମନ ଭିତରୁ ବାହାର କରିବା ଗୁରୁତ୍ୱପୂର୍ଣ୍ଣ। ତେଣୁ ଯଦି ସମ୍ପର୍କ ଅତୁଟ ରଖିବାକୁ ଚାହାନ୍ତି ତେବେ ପରସ୍ପର ସହ କଥା ହୁଅନ୍ତୁ ଏବଂ ସନ୍ଦେହ ଦୂର କରିବାକୁ ଚେଷ୍ଟା କରନ୍ତୁ।



**କମ୍ୟୁନିକେଶନ ଗ୍ୟାପ୍:** ନିଜ ସାଥୀଙ୍କ ସହ ଝଗଡ଼ା ହେଉ କିମ୍ବା କୌଣସି କଥାକୁ ନେଇ ରାଗ ଅବା ସନ୍ଦେହ ସୃଷ୍ଟି ହେଲେ କଥା ନ ହେବା, ମନ ଭିତରେ ଦୁଃଖକୁ ଚାପି ରଖିବା ଦ୍ୱାରା ଧୀରେ ଧୀରେ କମ୍ୟୁନିକେଶନ ଗ୍ୟାପ୍ ବଢ଼ିଥାଏ। ଫଳରେ ଶେଷରେ ଏହା ବ୍ରେକ୍‌ଅପ୍‌ର ରୂପ ନେଇଥାଏ। ବେଳେବେଳେ ବୁଝାମଣା ଅଭାବରୁ ଗ୍ୟାପ୍ ବଢ଼ିଯାଏ। ତେଣୁ ଝଗଡ଼ା କରିବା କିମ୍ବା ସମ୍ପୂର୍ଣ୍ଣ ଚୁପ୍ ରହି ସମ୍ପର୍କ ଖରାପ କରିବା ପରିବର୍ତ୍ତେ ପରସ୍ପର ମଧ୍ୟରେ କଥା ହୋଇ ଏହାର ସମାଧାନ କରିବା ଦ୍ୱାରା ସମ୍ପର୍କ ମଧୁର ହୋଇଥାଏ।

**ଅବିଶ୍ୱାସ:** ବର୍ତ୍ତମାନ ଅନେକ ଲଭ୍‌ରେ ବ୍ରେକ୍‌ଅପ୍‌ର ମୂଳ କାରଣ ହେଉଛି ଅବିଶ୍ୱାସ। ବିଶ୍ୱାସ ଏକ ଉତ୍ତମ ସମ୍ପର୍କର ମୂଳଦୂଆ। ତେଣୁ ଥରେ ଏହା ଭାଙ୍ଗିଲେ ପୁନର୍ବାର ସୃଷ୍ଟି ହେବା ଖୁବ୍ କଷ୍ଟ। ତେଣୁ ନା ନିଜ ପ୍ରେମୀଙ୍କ ଉପରେ ଅବିଶ୍ୱାସ କରନ୍ତୁ, ନା କେବେ ଏଭଳି କୌଣସି କାର୍ଯ୍ୟ କରି ତାଙ୍କୁ ଆପଣଙ୍କ ପ୍ରତି ଅବିଶ୍ୱାସ ସୃଷ୍ଟି କରିବାର ସୁଯୋଗ ଦିଅନ୍ତୁ।

**ଲୁଚାଇବା:** ନିଜ ଲାଇଫ୍ ପାର୍ଟନରଙ୍କ ଆଗରେ ସବୁବେଳେ ହୃଦୟ ଖୋଲା ରଖନ୍ତୁ ଏବଂ ସଚ୍ଚୋଟ ହୁଅନ୍ତୁ। କାରଣ ତାଙ୍କ ଆଗରେ କିଛି ଲୁଚାଇବାର ଅର୍ଥ ଅବିଶ୍ୱାସ ଏବଂ ସନ୍ଦେହର ମଞ୍ଜିବୁଣିବା। ଯାହାକି ବ୍ରେକ୍‌ଅପ୍ ଲାଗି ଯଥେଷ୍ଟ।

**ତୁଳନା:** ସବୁବେଳେ ଅନ୍ୟମାନଙ୍କ ସହ ନିଜ ପାର୍ଟନରଙ୍କ ତୁଳନା କରିବାର ବଦଭ୍ୟାସ କେତେକଙ୍କ ଠାରେ ରହିଛି। ନିଜ ସାଙ୍ଗର ବଏଫ୍ରେଣ୍ଡ ଅବା ଗର୍ଲଫ୍ରେଣ୍ଡ ତା'କୁ କିଭଳି ଗିଫ୍ଟ ଦେଲା, କେତେ ଟଙ୍କା ଖର୍ଚ୍ଚ କଲା ଆଦି ବାରମ୍ବାର ପାର୍ଟନରଙ୍କ ଆଗରେ ଗପିବା ଏବଂ ତାଙ୍କ ସହ ତୁଳନା କରିବା ଦ୍ୱାରା ମନରେ ନକାରାତ୍ମକ ଭାବନା ସୃଷ୍ଟି କରିଥାଏ। କେବଳ ତୁଳନା ନୁହେଁ ଅନେକେ ପାର୍ଟନରଙ୍କ ଆର୍ଥିକ ସ୍ଥିତି ନ ବୁଝି ନିଜ ଇଚ୍ଛା ପୂରଣ କରିବାକୁ ଜିଦ୍ କରିଥାନ୍ତି। ଫଳରେ ପାର୍ଟନରଙ୍କ ଉପରେ ମାନସିକ ତଥା ଆର୍ଥିକ ଚାପ ପଡ଼ିବା ଦ୍ୱାରା ବି କେବେ କେବେ ସମ୍ପର୍କ ଖରାପ ହୋଇଥାଏ। ଯାହାକି ସମ୍ପର୍କକୁ ଅତୁଟ ରଖିବାର ସବୁଠୁ ବଡ଼ ବାଧକ ସାଜିପାରେ। ତେଣୁ ତୁଳନା ଛାଡ଼ି ନିଜ ପାର୍ଟନର ଯେମିତି ତାଙ୍କୁ ସେହି ଭଳି ସ୍ୱୀକାର କରନ୍ତୁ ଏବଂ ସେତିକିରେ ହିଁ ସନ୍ତୁଷ୍ଟ ରହିବାକୁ ଚେଷ୍ଟା କରନ୍ତୁ।

**କଟୁ କଥା:** ମନ ଭଲ ନ ଥିଲେ କିମ୍ବା ଅଫିସ୍ ତଥା ଅନ୍ୟାନ୍ୟ ଟେନ୍‌ସନ୍ ଥିଲେ ଅନେକେ ଏହାର ରାଗ ନିଜ ପାର୍ଟନରଙ୍କ ଉପରେ ଶୁଝାଇଥାନ୍ତି। ଏମିତିକି ରାଗରେ ପାଟିରୁ ବିଭିନ୍ନ କଟୁ କଥା ବି ବାହାରି ଆସେ। ରାଗରେ ହେଉ ନା କାହିଁକି ପାଟିରୁ ଥରେ ବାହାରିଥିବା କଟୁ ବାକ୍ୟ ମନ ଭିତରେ ରହିଯାଏ ଏବଂ କ୍ରମଶଃ ଉଭୟଙ୍କ ମଧ୍ୟରେ ଦୂରତା ବି ବଢ଼ି ବଢ଼ି ଚାଲେ। ମନେରଖନ୍ତୁ ଦୁଇପଦ ମିଠା କଥା ବି ସମ୍ପର୍କକୁ ମଧୁର କରିଥାଏ। ତେଣୁ କ୍ରୋଧରେ ଏମିତି କିଛି କଟୁ କଥା କହିବାଠୁ ନିଜକୁ ନିବୃତ୍ତ ରଖନ୍ତୁ, ଯାହାକି ସମ୍ପର୍କରେ ତିକ୍ତତା ଆଣିବ। ରାଗ ସମୟରେ ଚୁପ୍ ରହିଯିବା ବୁଦ୍ଧିମତାର କାମ।

**ନଜର ରଖିବା:** ବର୍ତ୍ତମାନ ଅଧିକାଂଶ ପ୍ରେମୀ ଯୁଗଳଙ୍କୁ ଉଠିବା ଠାରୁ ଶୋଇବା ପର୍ଯ୍ୟନ୍ତ ପରସ୍ପର ସହ କଥା ହେବା, ସବୁ ଆଲୋଚନା କରୁଥିବାର ଦେଖିବାକୁ ମିଳୁଛି। ଏମିତିକି ପାର୍ଟନର ଯଦି ଫୋନ ନ ଉଠାଏ ସନ୍ଦେହ କରିବା କିମ୍ବା କ'ଣ କରୁଛନ୍ତି ତାଙ୍କ ଅଜାଣତରେ ନଜର ରଖୁଛନ୍ତି। କେବଳ ଏତିକି ନୁହେଁ ଅନେକେ ନିଜ ବ୍ୟତୀତ ଏପରିକି ପରିବାରକୁ ଅଧିକ ସମୟ ଦେଲେ ବି ପାର୍ଟନର ଉପରେ ରାଗିଥାନ୍ତି। ଏଭଳି କ୍ଷେତ୍ରରେ ସମ୍ପର୍କ ଖୁସି ଦେବା ପରିବର୍ତ୍ତେ ଏକ ବୋଝ ଭଳି ମନେହୁଏ ଆଉ ମାନସିକ ଶାନ୍ତି ପାଇଁ ଯେକେହି ସେଥିରୁ ମୁକୁଳିବାକୁ ଚାହାନ୍ତି। ଫଳରେ ବ୍ରେକ୍‌ଅପ୍ ହୁଏ। ତେଣୁ ଏସବୁ ପ୍ରତି ବିଶେଷ ନଜର ଦେଲେ ସମ୍ପର୍କ ମଧୁର ହେବା ସହ ଅତୁଟ ରହିଥାଏ।

# ଜିମ୍ ଗ୍ୟାଜେଟ୍ସ

**ଶରୀରକୁ ଫିଟ୍ ରଖିବା ତଥା ଆଟ୍ରାକ୍ଟିଭ୍ ଫିଗର ଲାଗି ବର୍ତ୍ତମାନ ଅଧିକାଂଶ ଯୁବତୀଯୁବକ ଜିମ୍ ଯାଉଥିବାର ଦେଖିବାକୁ ମିଳୁଛି। ଆଉ ସେଠାରେ ଏକ୍ସରସାଇଜ୍‌କୁ ମନିଟରିଂ କରିବା ସହ ଏଣ୍ଟରଟେନ୍‌ମେଣ୍ଟ ପାଇଁ ମ୍ୟୁଜିକ୍ ଶୁଣିବା ଲାଗି ବିଭିନ୍ନ ଗ୍ୟାଜେଟ୍ ବ୍ୟବହାର କରୁଛନ୍ତି । ତେଣୁ ଜଦି ଆପଣ ବି ଏଭଳି କିଛି ଗ୍ୟାଜେଟ୍ ବ୍ୟବହାର କରିବାକୁ ଚାହାନ୍ତି ତେବେ ଜାଣି ରଖନ୍ତୁ କେତେକ ସ୍ପେଶାଲ୍ ଜିମ୍ ଗ୍ୟାଜେଟ୍ ସମ୍ପର୍କରେ...**

**ଫିଟ୍‌ନେସ୍ ଟ୍ରାକର ବ୍ୟାଣ୍ଡ:** ଏହା ବର୍ତ୍ତମାନ ଏକ୍ସରସାଇଜ୍ କରୁଥିବା ପ୍ରାୟ ଅଧିକାଂଶଙ୍କ ଲାଗି ଏକ ଅତ୍ୟାବଶ୍ୟକ ଗ୍ୟାଜେଟ୍ ପାଲଟି ଗଲାଣି। ଏହାଦ୍ୱାରା ଦିନକୁ କେତେ ଚାଲିଲେ, କେତେ କ୍ୟାଲୋରୀ ବର୍ଣ୍ଣ କଲେ, ହାର୍ଟବିଟ୍ ଇତ୍ୟାଦି ସୂଚନା ପାଇପାରିବେ। ଏଥିରେ ୩୦୦ରୁ ଅଧିକ ଗୀତ ଷ୍ଟୋର କରି ରଖିପାରିବେ। ସାଧାରଣତଃ ଏଥିରେ ବ୍ୟାଟେରୀ ବ୍ୟାକ୍‌ଅପ୍ ଭଲ ଅର୍ଥାତ୍ ଚାର୍ଜ ୪ ରୁ ୫ ଦିନ ପର୍ଯ୍ୟନ୍ତ ରହୁଥିବାରୁ ବ୍ୟବହାର କରିବାକୁ ସହଜ ହେଉଛି। ଏହାକୁ ଜିପିଏସ୍ ସହ କନେକ୍ଟ କରି ନିଜର ଲୋକେଶନ୍ ସମ୍ପର୍କିତ ବିଭିନ୍ନ ତଥ୍ୟ ଜାଣି ପାରିବେ।

**ଯୋଗ ମ୍ୟାଟ୍:** ବର୍ତ୍ତମାନ କେତେକ ସ୍ପେଶାଲ୍ ଯୋଗ ମ୍ୟାଟ୍ ମିଳୁଛି ଯାହାକି ଏକ ପ୍ରକାରର ଭଲ ମାଟେରିଆଲ୍‌ରେ ପ୍ରସ୍ତୁତ କରାଯାଉଛି। ଯାହା ଉପରେ ବସି କିମ୍ବା ଶୋଇ ଯୋଗ କଲେ କହୁଣି, ଆଣ୍ଠୁ ଆଦି ଗଣ୍ଠି ସ୍ଥାନ ଗୁଡ଼ିକରେ ଆଦୌ ଚାପ ପଡୁନାହିଁ। ଏହା ଲଙ୍ଗ୍ ଲାଷ୍ଟିଙ୍ଗ୍ ଏବଂ ରୋଲ୍ କରି କ୍ୟାରି କରିବା ବି ଖୁବ୍ ସହଜ ହେଉଥିବାରୁ ଅନେକେ ଏହା ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। କେବଳ ଏତିକି ନୁହେଁ ବର୍ତ୍ତମାନ ମିଳୁଥିବା ସ୍ମାର୍ଟ ଯୋଗ ମ୍ୟାଟ୍‌ରେ ମୋବାଇଲ୍ ଫୋନ୍ ସହ ବ୍ଲୁଟୁଥ୍ କନେକ୍ଟ ହେବାର ସ୍ପେଶାଲ୍ ଫିଚର ଫିଟ୍‌ନେସ୍ ମନିଟର କରିବାରେ ବେଶ୍ ସାହାଯ୍ୟ କରୁଛି।

**ଥର୍ମୋସ୍ ସ୍ମାର୍ଟ ହାଇଡ୍ରେଶନ୍ ବଟଲ୍:** ଏକ୍ସରସାଇଜ୍ ସମୟରେ ଶରୀରର ଜଳୀୟାଂଶ ଠିକ୍ ରହିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା। ଆଉ ଏଥିପ୍ରତି ନଜର ରଖିବା ଲାଗି ବର୍ତ୍ତମାନ ବେଶ୍ କାମରେ ଆସୁଛି ଥର୍ମୋସ୍ ସ୍ମାର୍ଟ ହକକକକକାଇଡ୍ରେଶନ୍ ବଟଲ୍। ଏହା ଶରୀରକୁ କେବେ ଏବଂ କେତେ ମାତ୍ରାରେ ପାଣି ଆବଶ୍ୟକ ସୂଚାଇ ଦେବାରେ ସାହାଯ୍ୟ କରିଥାଏ।

**ବୋଫ୍ଲେକ୍ସ ଡମ୍‌ବେଲ୍:** ଏହି ଡମ୍‌ବେଲ୍ ମଧ୍ୟ ଫୋନ୍ ସହ ବ୍ଲୁଟୁଥ୍‌ରେ କନେକ୍ଟ ହୋଇପାରୁଛି। ଯାହାକି ଫିଟ୍‌ନେସ୍ ଟ୍ରାକ୍ କରି ମୋବାଇଲ୍‌କୁ ଡାଟା ପଠାଇଥାଏ। ଏଥିରେ ୫ ପାଉଣ୍ଡରୁ ୬୦ ପାଉଣ୍ଡ ପର୍ଯ୍ୟନ୍ତ ଓଜନର ରିଙ୍ଗ୍ ଲାଗିଛି, ଯାହାକୁ ନିଜର ଆବଶ୍ୟକତା ଅନୁଯାୟୀ ଆଡ୍‌ଜଷ୍ଟ କରାଯାଇପାରୁଛି। ତେଣୁ ଏହି ସ୍ମାର୍ଟ ଡମ୍‌ବେଲ୍ ବ୍ୟବହାର କରିବା ଦ୍ୱାରା ଓଜନ ଅନୁଯାୟୀ ପୂର୍ବଭଳି ଆଉ ଅଧିକ ଡମ୍‌ବେଲ୍ ରଖିବା ଆବଶ୍ୟକ ହେଉନାହିଁ।



ଜା ଣ ନ୍ତୁ ଦୁ ନି ଆ

# ୟୁଟ୍ୟୁବ୍

**ବର୍ତ୍ତମାନ ୟୁଟ୍ୟୁବ୍ ଦେଖିବା ବିନା ଯେମିତି ଦିନ ଅଧୁରା ଲାଗୁଛି। ଏଣ୍ଟରଟେନ୍‌ମେଣ୍ଟ ଠୁ ଆରମ୍ଭ କରି ଅନେକ କିଛି ଶିଖିବା ପର୍ଯ୍ୟନ୍ତ ସମସ୍ତେ ଏହା ଉପରେ ନିର୍ଭର କରୁଥିଲେ ହେଁ ଏହା ସମ୍ପର୍କରେ ଏମିତି କିଛି ତଥ୍ୟ ରହିଛି ଯାହାକି ବୋଧହୁଏ ଖୁବ୍ କମ୍ ଲୋକେ ଜାଣିଥିବେ। ଆସନ୍ତୁ ଜାଣିବା ଏଭଳି କିଛି ତଥ୍ୟ ...**




- ୟୁଟ୍ୟୁବ୍ ୨୦୦୫ ମସିହାରେ ଭାଲେଣ୍ଟାଇନ୍ସ ଡେ' ଅର୍ଥାତ୍ ଫେବୃୟାରୀ ୧୪ ତାରିଖରେ ଚାଡ୍ ହୁର୍ଲେ, ଷ୍ଟିଭ୍ ଚେନ୍, ଜାବେଦ୍ କରିମଙ୍କ ମିଳିତ ଉଦ୍ୟମରେ ଆରମ୍ଭ କରାଯାଇଥିଲା। ତେବେ ସେମାନେ କାର୍ଯ୍ୟ କରୁଥିବା କମ୍ପାନୀ 'ପେ ପାଲ'କୁ ଇବେ କମ୍ପାନୀ କିଣି ନେବା ସମୟରେ କର୍ମଚାରୀମାନଙ୍କୁ ଦେଇଥିବା ବୋନସ୍ ଟଙ୍କାରେ ସେମାନେ ୟୁଟ୍ୟୁବ୍ ଆରମ୍ଭ କରିଥିଲେ।
- ୨୦୦୫ ଏପ୍ରିଲ ୨୩ ତାରିଖରେ ୟୁଟ୍ୟୁବ୍‌ରେ 'ମି ଆଟ ଦି ଜୁ' ନାମରେ ପ୍ରଥମ ଭିଡିଓ ଅପ୍‌ଲୋଡ୍ ହୋଇଥିଲା। ଯାହାକି ଏହାର କୋ- ଫାଉଣ୍ଡର ଜାବେଦ୍ କରିମ୍ ସାନ୍ ଡିଏଗୋ ଜୁ ଠାରେ ରେକର୍ଡ କରିଥିଲେ।
- ପ୍ରଥମେ ପ୍ରଥମେ ଏହା ଟ୍ୟୁନ୍ ଇନ୍ ହୁକ୍ ଅପ୍ ନାମରେ ଏକ ଭିଡିଓ ଡେଟିଙ୍ଗ୍ ସାଇଟ୍ ଭାବେ ଖୋଲାଯାଇଥିଲା।
- ୟୁଟ୍ୟୁବ୍ ଆରମ୍ଭ ହେବାର ମାତ୍ର ୧୮ ମାସ ପରେ ଗୁଗୁଲ୍ ଏହାକୁ ୧.୬୫ ବିଲିଅନ୍ ଡଲାରରେ କିଣିନେଇଥିଲା।
- ୧୮୯୪ ମସିହାରେ ସୁଟ୍ ହୋଇଥିବା ଦୁଇଟି ବିଲେଇ ବକ୍ସିଂ କରୁଥିବା ଭିଡିଓ ୟୁଟ୍ୟୁବ୍‌ରେ ଅପ୍‌ଲୋଡ୍ ହୋଇଥିବା ସବୁଠୁ ପୁରୁଣା ବିଲେଇ ଭିଡିଓ।
- ଏଥିରେ ପ୍ରତି ମିନିଟ୍‌ରେ ପ୍ରାୟ ୧୦୦ ଘଣ୍ଟାରୁ ଊର୍ଦ୍ଧ୍ୱ ଅବଧିର ଭିଡିଓ ଅପ୍‌ଲୋଡ୍ ହୋଇଥାଏ।
- ୟୁଟ୍ୟୁବ୍‌ରେ ବିଭିନ୍ନ କଥା ଶିଖିବା ଲାଗି ବହୁସଂଖ୍ୟକ ଟ୍ୟୁଟରିଆଲ୍ ରହିଛି। ତେବେ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ, ୟୁଟ୍ୟୁବ୍‌ର ସବୁଠୁ ଲୋକପ୍ରିୟ ଟ୍ୟୁଟରିଆଲ୍ ହେଉଛି 'ହାଓ ଟୁ କିସ୍' ଏବଂ ଏହା ତଳକୁ ରହିଛି 'ହାଓ ଟୁ ଟାଏ ଏ ଟାଇ'।
- ୨୦୦୭ ମସିହାରେ ୟୁଟ୍ୟୁବ୍‌ରେ ପ୍ରଥମ ଚ୍ୟାନେଲ ଖୋଲିଥିବା ୱାର୍ଲ୍ଡ ଲିଡର ହେଉଛନ୍ତି ବ୍ରିଟିଶ୍ ପ୍ରଧାନମନ୍ତ୍ରୀ ଟୋନି ବ୍ଲେୟାର।
- ୟୁଟ୍ୟୁବ୍‌ରେ ଅପ୍‌ଲୋଡ୍ ହୋଇଥିବା ସବୁଠୁ ଲମ୍ବା ଭିଡିଓର ଅବଧି ହେଉଛି ୫୭୧ ଘଣ୍ଟା ୧ମିନିଟ୍ ୪୧ ସେକେଣ୍ଡ, ଯାହାକି ୨୩ ଦିନ ୧୯ ଘଣ୍ଟା।



## ଏ ସପ୍ତାହର ପ୍ରଶ୍ନ

୧– ବିସିଏଏସ୍‌ର ଫୁଲ୍‌ଫର୍ମ......... ?
୨– ବିଶ୍ୱ ରେଡିଓ ଦିବସ–୨୦୨୦ର ଥିମ୍............ ?
୩– ଇଣ୍ଟରନ୍ୟାଶନାଲ୍ ଫଣ୍ଡ ଫର୍ ଏଗ୍ରିକଲ୍ଚରାଲ ଡେଭେଲପ୍‌ମେଣ୍ଟର ହେଡ୍‌କ୍ୱାର୍ଟର ........... ଠାରେ ଅବସ୍ଥିତ ?
୪– ଏସିଆନ୍ ଗେମ୍‌ରେ କୁସ୍ତିରେ ଭାରତ ପାଇଁ ସ୍ୱର୍ଣ୍ଣ ଜିତିଥିବା ପ୍ରଥମ ମହିଳା ଖେଳାଳି.......... ?
୫– ଆମ ଦେଶରେ ସମୁଦାୟ ...........ଟି ହାଇକୋର୍ଟ ରହିଛି ?

## ଗତ ଥରର ଉତ୍ତର

୧ ୧୮୧୫ ମସିହା
୨ ୱିଲିଅମ୍ ରାମ୍‌ସେ
୩ ଏଲ୍‌ଜି(ଏଲ୍‌ଜି କେଭ୍ଆଇ)
୪ ଏପ୍ରିଲ୍ ୧୦
୫ ୟୁକ୍ରେନ୍

## ଉତ୍ତର ଦାତା



ବିନୋଦ ବିହାରୀ ବେହେରା, କଟକ



ସଞ୍ଜୟ ଦଳାଇ, ଭଦ୍ରକ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

# SUNDAY classifieds




## BRIDE WANTED

Khandayat boy OAS 31+B.Tech, NALCO Engineer 'SUHAG', 7978399083, 9090486408. D-67297

Son age 33, B.Tech, NIT Rourkela, MBA XIMB, working MNC Bangalore 35lakhs. 8144589551 (caste-no-bar). D-16966

Central Government ଚାକିରି 43 ବୟସ୍କ Unmarried Brahmin ପୁଅଙ୍କ ପାଇଁ ଯେ କୌଣସି ଜାତିର ଝିଅ ଦରକାର। 8144890408. D-67935

**Established, Good health, Educated, Divorcee, Businessman of Bhubaneswar, 60 years, OBC, requires Female life partner, 45-50 years, Contact-8260388706.** D-27640

Son age 29, B.Tech, NIT MBA XIMB working in RBI (Govt.) 18-20lakh, Brahmin. 6372748613. D-16967

Goldsmith boy 5'6" 1990 Job & businessman. Contact: 8249431114. D-68793

Bride wanted for Brahmin Groom 32, 5'11", Software Engineer in Bhubaneswar, 9178634018, 7809483982. D-16897

## GROOM WANTED

ବୟସ 45 ବର୍ଷ, 5'.4", M.A, B.Ed, Govt. Techer ମାସିକ ଆୟ 50,000/- ପାଇଁ ଅବିବାହିତ, ଛାଡପତ୍ରପ୍ରାପ୍ତ, ବିପତ୍ନୀକ ବର ଗ୍ରହଣୀୟ ହେବେ। ଯୋଗାଯୋଗ: 9009491423. D-16970

Postal Assistant ଭାବରେ କାର୍ଯ୍ୟରତ ଥିବା 47ବର୍ଷର ବିଧବା ମହିଳା ପାଇଁ ବରପାତ୍ର, ଯୋଗାଯୋଗ କରନ୍ତୁ। 8895411143. D-68821

Girl age 28 MCA Revenshaw, working in Govt. gazetted officer 8lakhs, Brahmin. 7008986005. D-16968

Now Matrimonial ads. only on Wednesday & Sunday Book 1 Get 1 FREE

31ବୟସ୍କା Government Staff Nurse ବିଧବା ସୁନ୍ଦର ଗୋପାଳ ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର। 7381460017. D-67936

Brahmin girl Master in Economics , serving at Pune. Required IIT/ BE. 9861950024. D-16969

Wanted Gen/OBC groom (Govt./reputed company service preferred) for a Rangani girl (1982/ Dhanu, PG) Call- 9437178454, 9861182688 (no mediator please). D-59537

Beautiful Karan girl 1981/5'2", B.Com, MBA require service/ business (early marriage) BARSHA 8144274615, 9338229705. D-68600

32 ବୟସ୍କା ଧୋବା ଅବିବାହିତା Private School Teacher ଝିଅଙ୍କ ପାଇଁ Unmarried ପୁଅ ଦରକାର। 7008080967. D-67934




## SALE

Hyundai creta, I twenty Active, Swift dezire, KUV 100, Pajero & others: 9937153557. D-16964

2015 Bullet Electra, excellent condition, running 14,000k.m, price- Rs.1,20,000/-. Contact: 9778209002, 7978453578. D-16895




## SALE

**Bhubaneswar Patia KIIT University ନିକଟରେ BDA yellowzone plot 30'road, electricity boundary ଥାଇ sqft.-850/-,1000/- (installment/ outrightରେ) ମିଳୁଅଛି। 9937025614, 7008390130.** D-68480

Residential plot & duplex available near Puri Canal, Hanspal. Mob: 9438296153. D-16942

**ଦୋକାନ ଘର ସହିତ commercial ପ୍ଲଟ୍ ବିକ୍ରି ହେବ Jankia ଥାନା ସମ୍ମୁଖରେ NH କୁ ଲାଗି। 9437041063, 9938499755.** D-16924

2BHK simplex 35,00,000/- finishing Hanspal, low cost plot Atala- 6370140491. D-68673

3900 sqft. boundary wall gharabari plot sale near 2nd Infosys Road, Janla, Bhubaneswar. Contact only owner 9238699541. D-53648

**3BHK flat Vivekanandamarg, Nageswartangi, Bhubaneswar. Affordable price 55lacs, 9337288910, 9337292797.** D-67294

Gharabari plot sale Sundarpada near Hi-Tec Plaza sqft-920/.9337766961, 9439364818. D-16939

**ଭୁବନେଶ୍ୱର Tamandoରେ 30'ରାସ୍ତା ଥାଇ/ ପିତାପଲ୍ଲି NHକୁ ଲାଗି ପ୍ଲଟ୍ କିଣନ୍ତୁ। 9348767829.** D-68499

Bhubaneswar, Patia, Bigbazar ରୁ 3.5k.m ଘର କରିବା ପାଇଁ plot 50 x 30= 1500sqft. କୁ 8,25,000/-ରେ ମିଳୁଛି। 9937065503, 8249005131, 9337061817. D-68500

Readymade 2BHK flat at Utkal Vatika, Jharapada canal road, Bhubaneswar with all amenities 5500/- sqft., 9437018423. D-68792

HIG house at Baramunda Housing Board Colony, Bhubaneswar for sale. Contact: 9438532170. D-16961

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-16587

ଭୁବନେଶ୍ୱର Amri Hospital ଠାରେ 30' ରାସ୍ତାଥାଇ BDA yellowzone plot 7894216209. D-68494

Flat sales 2bhk/ 3bhk, Patia Big Bazar, front (RERA) Approved. 7978867139. D-16925

Flat for sale near Om Shanti Ashram just 3kms away from Phulnakhara Chhak, 9853916309, 9338401309. D-67542

**ଖୋର୍ଦ୍ଧାରେ ଘର ଓ ସ୍ଥିତିବାନ ଘରବାଡ଼ି ଜାଗା ବିକ୍ରିହେବ। ନବିନାବାଗ, ବଡଶଙ୍ଖ ପାଖ, ପଲା ହାଇସ୍କୁଲ ଓ Medical ପାଖରେ ମେନ୍‌ରୋଡ୍‌କୁ ଲାଗି। ଯୋଗାଯୋଗ: 8249030042, 9439921218.** D-16923

Booking 2BHK Simplex eastfacing Tankapaniroad Saimandir 1200sqft. land cost Rs.31,50,000/-, 7735738102. D-16958

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-16586

ପୁରୀ ଅଠରନଳା ପାଖ ଗୋପୀନାଥପୁର ମୌଜାରେ କଂକ୍ରିଟରୋଡ଼ ସ୍ଥିତିବାନ ଘରବାରି ପ୍ଲଟ 40'x65' 30ଲକ୍ଷ। 9853966120, 9437177131. D-69013

**A new premium triplex house, 6 bedrooms ready to move at Balianta (Bhubaneswar) project approved by HDFC and LIC @ 2200 per sqft. 7437998131.** D-68071

1600 sqft. gharabari residential plot for sale near Rabi Talkies,Tankapani Road, Bhubaneswar. Price- 51 lakh. Contact: 7504392698. D-69231

**ଭୁବନେଶ୍ୱର ବାଳକାଟି ବଜାରରୁ 2km sqft.-550/-, (ଘରବାରି) ଜଟଣୀଗେଟ୍‌ଠାରେ sqft.-200/-, କଟକ ତ୍ରିଶୁଳିଆରୁ 4km sqft.-300/- ପ୍ଲଟ୍ ମିଳୁଅଛି। 7978939440, 9178004547.** D-68489

**ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍‌ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। 9437166686, 7609956035.** D-68487

Under construction 2BHK flat 3rd floor for sale at Jharpada, Bhubaneswar. 7978751719. D-67541

Plots gharabari demarcated low cast ready registration and boundary wall at Balianta, Bhingarpur, Bhubaneswar, Mob: 9938466916. D-16918

Plot for sale near AIIMS Hospital, Bhubaneswar, yellow zone, gharabari & other. Contact: 9348721088, 9938670164. D-69228

**ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍‌ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। 9437166686, 7609956035.** D-68487

15500sqft. plot with boundary wall near Dhauli Square, Bhubaneswar for sale, Contact- 9438153229, 7008791675. D-16960

**ସୁନ୍ଦରପଦା Hitech Plaza ପାଖରେ 30'ରାସ୍ତା, ଘରବାରି, boundary, ଇଲେକ୍‌ଟ୍ରିସିଟି ଥାଇ ପ୍ଲଟ୍ ବିକ୍ରି ହେଉଛି। 6370292040.** D-68495

**ଭୁବନେଶ୍ୱର ପିତାପଲ୍ଲୀ ଛକ ପାଖରେ NH side ପ୍ଲଟ ମିଳୁଅଛି। Owner-9090963952.** D-68497

Bhubaneswar AMRI Hospital ପଛରେ 20' road Boundary, Electric, Supply Water ଥାଇ ନିଜର 60'x 48' ଘରବାରି ପଟ୍ଟାପ୍ଲଟ୍ ବିକ୍ରିହେବ। 9337383977. D-56663

**Book 3BHK flat at AIIMS Hospital and near Sum Hospital 2/3 BHK at Dhauli Square. Contact: 8114860043.** D-67749

1000 sqft. gharabari residential with semi commercial land for sale at Mahadev Nagar, Jharapara, Bhubaneswar. Price 33 lakh. Contact: 7504392698. D-69229

Book a 3BHK duplex having land area 1400 sqft. and construction area 2100 sqft. at Nandan Vihar, Patia, Bhubaneswar. Price- 77 lakhs, 7504392698. D-69230

## PURCHASE

Plot required on outright/ sharing basis in Bhubaneswar. Contact: 7978751719. D-67540




**Construction residential, commercial for 450/- & 850/-. 8018961216.** D-16856

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-16719

## GENERAL

## SALE

40KW generator, diesel pump, electrical motor and other accessories for sale near Bhanjanagar, Ganjam District. Contact: 9439852555. D-16890

ଭୁବନେଶ୍ୱରରେ ଏକ ଭଲ ଚାଲୁଥିବା Hardware and paint ଦୋକାନ ବିକ୍ରିହେବ: 9437001960, 8249490842. D-68672




Independent bungalow, six rooms and 800sqft. centre room. Parking area 1500sqft. Suitable for bank, office, officer's quarter, office cum godown. Very near to Mahanadi-Zobra barrage at Nimpur Canal road. Contact: 9937547222, 9338112817. D-16893

2BHK flat main road Soubhagyanagar Unit-8 for Office, Bachelors. 9000001508. D-16963

Space suitable for Godowns, Nursing Home and Educational Institute with open area 2 Acre having boundary walls & office at Old Industrial Estate, Jagatpur. Contact: 9437496020, 9437021279. D-16900

3BHK flat with covered parking for 2 four wheelers, 2 AC, geysers and chimney near Khandagiri Square. Call: 9937235603. D-16919

**Four storied bulding on 6500sqft. Godown/Shops, Ground Floor, Suitable for Bank/ Hospital/Collage/ Others at Hi-Tech Chhak Sunderpada, 9437926044.** D-16922

1200sqft. fully furnished Office Space having with furniture available at 2nd floor, Bapuji Nagar, Bhubaneswar @ 12000/-, & 1800sqft. @ 12000/-, on Sharing Basis, Contact- 7008485542. D-67543

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Hindustan Packers & Movers shifting of household goods, office & bike (all over India). 9437045552, 9937288024. D-16608

Shivam logistic packers movers. Household/ car relocation countrywide. 9777044177, 9338461133. D-16741




Newly open full body massage by ladies, gents therapist. 8018656899 D-60872

Ayurvedic full body massage by ladies, gents therapist. 7008773793 D-60873

Sai herbal spa refresh your body with smart, expert therapist. 7608062524. D-69222

Ayurvedic refreshment massage therapy refresh mind and body. Appointment: 7894855541. D-68598

Full body herbal massage with refreshment expert therapist. 7381239385, 06742540855. D-69232

Experience full body massage with us (expert). Call: 7377048581, 06742597822. D-69233

Herbal full body massage by smart / expert therapist. Contact: 8338067247. D-69234

Experience winter therapeutic Abhyanga massage feeling refreshing energetic: Appointment- 9668374480. D-69235

Body massage @ 1099 at mystic Unisex Salon and Spa. 9556978408. D-69237

Rejuvenate and Ayurvedic full body massage by smart therapist. 9114402304. D-69236

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

### ଶୁଭ ବ୍ରତ ଶୁଭେଚ୍ଛା



ପ୍ରବୀଣ କୁମାର ନାଥଙ୍କ ଶୁଭ ବ୍ରତ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ, ଶୁଭେଚ୍ଛା ସହ ଚଲାପଥରେ ପୁଷ୍ପବୃଷ୍ଟି ହେଉ, ଆଗାମୀ ଜୀବନ ଶୁଭମୟ ପାଇଁ କାମନା କରୁଁ। ଅଭିଜିତ ଖମାରୀ, ଅଭିଲିପ୍ସା ଖମାରୀ, ବୁଗ୍‌ବୁଗା, ଅତାବିରା, ବରଗଡ଼

ଧ-୧୬୯୬୫

## CLASSIFIED BOOKING STATIONS

**ASSET PROPERTIES**
R.P. Patra, Plot-3766, Opposite Reliance Trends Footwear/ Odisha Hotel, Rabi talkies chakka, Lewis Road, 9337124748 (What's app) 9439963384

**ANITA ADVERTISER**
S-17, BDA Market Complex, Nilakantha Nagar, Near Passport Office, Nayapalli, BBSR-12 Chinmaya Choudhury Ph:9338991113, 9439811130 Email: anitaadvt@gmail.com

**CUTTACK DHARITRI OFFICE**
Link Road, P. K. Ratha, Mob: 9437196416

**MAHAVEER COMMUNICATION**
Kantapada, Nakhara, Cuttack, Sura Narayan Sahu, Phone: 9438282244

**J. N. MOHANTY & SONS**
Infront of Annapurna Theatre, Grand Road, Puri, Deepak Mohanty, Mob: 9437285941, 9861451995

**BERHAMPUR DHARITRI OFFICE**
Contact: Siba prasad Das, Mob: 9040449673

**MANIKA COLD CABIN**
Dhenkanal Bus-Stand, Dhenkanal, Manabhanjan Pattnaik, Mob : 9937233228

**VIDYA PURI BOOK STORE**
Puri Badasankha, Sibaram Pradhan, Mob : 9861446582

**AMBICA COMPUTERS**
Sanjeeb Ku. Patra, Rajanahar Chowk, Singhlal Complex 1st Floor, Jeypore, Mob : 9439773311

**SHREE GOPAL STORE**
Sakhigopal, Puri, Manjulata Mahapatra, Mob: 7787087031, 9777203839

**ANNAPURNA COMMUNICATION**
Qtr-VII, H-185, C.S.Pur, BBSR Prabina Kumar Mohanty Ph: 9337336614, 7008967858

**NEELACHAL INFOTECH**
Hotel Jajati Complex, Master Canteen Square, BBSR, Nalin Kishore Panda, Ph:0674-2531315, 9861033004

**SAINEE COMMUNICATION**
At- Beheramal, PS/ Dist- Jharsuguda, Contact : Chinmaya Kumar Dwibedy, Mobile: 9861434126

**AMAN ADDCARE**
Plot No: 114/7, Airport Square, Bhimpur, Bhubaneswar- 751020 Email ID: amamaddcare@gmail.com Whatsapp & Mobile No: 9937426436, 9853380364

**PANI COMMUNICATION**
Suphan Ku. Pani, Dharmasal, Jarka, Jajpur. Mobile: 8280196228

**SABARI COMMUNICATION**
Bhejaput, Damanjodi, Koraput, Contact: Mr. Ashoka Khara, Mob: 9437182158, 9668847771.

**JAGANNATH STUDIO**
355, Okilbag, CTC Road, Laxmisagar, near Okilbag Enclave, BBSR. Mr. Ranjan Kumar Sahoo, Mob: 9040302855, 9438185809.

**SAI TOUR TRAVEL**
402/996, Behind Goutam Petrol Pump, BBSR. Mr. Pradeep Kumar Mohanty, Mob: 9348861961, 9040056776.

**ORISSA RESEARCH FOUNDATION & EDUCATIONAL TRUST**
Plot No-1732/A, Gobinda Prasad, Bomikhal, BBSR-10 Mr. Pradeep Kumar Patra, Mob: 8270703878.

**OMM SARALA SERVICES**
At- Othaka, Po/PS- Nischintakoili, Dist- Cuttack, Contact : Ashok Ku. Mohapatra Ph : 9438283428

**APIC COMPUTERS**
Balagandi Chhak, Puri, Madhusudan Mishra, Mob: 9861235622

**SATPATHY ENTERPRISES**
270, Sachivalaya Marg,Unit-IV, BBSR, Kalicharan Satpathy, Ph- 2394630, 3254186, 9090835267

**JOGESWAR DAS**
Rayagada Mob: 06856222611, 9437234611

**MOHAPATRA JOB CENTRE**
C/o. Judhistir Mohapatra Saranda, Dist : Bargarh, Ph : 7894062647, 9338154701, E-mail : aeiodissabgh@gmail.com

**DHARITRI STALL**
Old Bus Stand, Unit-II, BBSR, Dibakar Sathua, Mob: 9853121114

**AKANKSHYA COMMUNICATION**
Near O.S.H.B Office Building, Kharvel Nagar, Unit-III, BBSR-1, Bimal Das., Mob: 9439968686

**GHUNGUR COMMUNICATION**
Palasuni, Bhubaneswar, Manoj Kumar Sahoo, Ph- 9337883640, 9938270084, 9853497164

**DOOR SANCHAR P.C.O**
79, In Front of Hotel Venus Inn, Bapujinagar, BBSR, Biraja prasad Mohanty, Mobile: 9437229325

**POOJA AGENCY**
Plot No-5, Bapuji Nagar, BBSR, Kamal Lochan Patra, 9437136979, 9937022211

**ORIYAPRESSMEDIA.COM**
HN-359, R.K. Complex, 1st Floor, Saheed Nagar, Bhubaneswar, Amarendra Panda, Mob: 9937983859

**MUNNA COMMUNICATION**
163, Jharpada,Cuttack Road, BBSR. Priyabrata Mohalik, Ph: 9337875700, 9861234845

**SUKHALATA SPARE HOUSE**
217, CTC Road, BBSR, Prasant Dash, Mob: 9439339595

**AMAN ADDCARE**
Plot No: 114/7, Airport Square, Bhimpur, Bhubaneswar- 751020 Email ID: amamaddcare@gmail.com Whatsapp & Mobile No: 9937426436, 9853380364

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



ଭାରତକୁ ୫ ଟ୍ରିଲିୟନ ଡଲାର ଅର୍ଥନୀତିରେ ରୂପାନ୍ତରିତ କରିବାକୁ ହେଲେ ବନ୍ଦରଗୁଡିକର ବିଶ୍ୱ ସ୍ତରୀୟ ଭିତ୍ତିଭୂମି ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ।

– ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି



ଭାରତରେ ମାନ୍ଦାବସ୍ଥା କ୍ଷଣସ୍ଥାୟୀ। ସରକାର ଗ୍ରହଣ କରୁଥିବା ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ଫଳପ୍ରଦ ହେବା ନେଇ ଆଶାବାଦୀ।

–ମୁକେଶ ଅମ୍ବାନୀ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଅଧ୍ୟକ୍ଷ



# ‘ଶିଳ୍ପ ଜଗତ ଲାଗି ପରିବେଶ ସୁରକ୍ଷା ଜରୁରୀ’

ଭୁବନେଶ୍ୱର,୨୯–୨




ପରିବେଶ ସୁରକ୍ଷା ବିନା ଶିଳ୍ପଜଗତ ତିଷ୍ଠି ରହିବା କଷ୍ଟକର। ଶିଳ୍ପଜଗତ ଲାଗି ପରିବେଶ ସୁରକ୍ଷା ଅତ୍ୟନ୍ତ ଜରୁରୀ। ଏକ ନିରନ୍ତର ଭବିଷ୍ୟତ ଲାଗି ପରିବେଶ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ ବୋଲି ରାଜ୍ୟ ଶିଳ୍ପ ତଥା ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ଶନିବାର କହିଛନ୍ତି।

ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ (ଆଇସିସି) ରାଜ୍ୟ ପରିଷଦ ପକ୍ଷରୁ ପାଣିପାଗ ପରିବର୍ତ୍ତନ ସମ୍ପର୍କିତ ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କରି ମିଶ୍ର କହିଛନ୍ତି ଯେ, ଶିଳ୍ପ ସଂସ୍ଥାଗୁଡିକ ୩ ପ୍ରମୁଖ ବିଷୟ ଉପରେ ଧ୍ୟାନ ରଖିବାକୁ ହେବ। ଶିଳ୍ପ ସଂସ୍ଥାଗୁଡିକ ନିଜେ ନିରନ୍ତର ରହିବା, ପରିବେଶ ଅନୁକୂଳ ପଦକ୍ଷେପ ଗ୍ରହଣ, ବର୍ଜ୍ୟବସ୍ତୁର ସମ୍ପୂର୍ଣ୍ଣ ପରିଚାଳନା ଉପରେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ଜଙ୍ଗଲ, ପରିବେଶ, ଜଳ ଏବଂ ବାୟୁର ମାନକୁ ସୁରକ୍ଷା ପ୍ରଦାନ କରିବାରେ ଶିଳ୍ପଜଗତକୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ହେବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ଶିଳ୍ପ ସଂସ୍ଥାଗୁଡିକ ପରିବେଶ ନିୟମକୁ କଡାକଡି ଭାବେ ପାଳନ କରିବାକୁ ସେ ଆହ୍ୱାନ ଜଣାଇଛନ୍ତି। ରାଜ୍ୟ ଉଚ୍ଚ ଅଭିବୃଦ୍ଧି ହାସଲ କରିବାକୁ ଚାହେଁକିନ୍ତୁ ସେଥିଲାଗି କୌଣସି ବାହ୍ୟ ମୂଲ୍ୟ ଦେବାକୁ ପ୍ରସ୍ତୁତ ନୁହେଁ। ମାନବ ଜାତି ସହ ଜୀବଜଗତକୁ ସୁରକ୍ଷା ଦେବାକୁ ହେବ। ବର୍ତ୍ତମାନ ଦୁନିଆକୁ ଏକ ନିରନ୍ତର ବିଶ୍ୱରେ ପରିବର୍ତ୍ତନ କରିବାକୁ ପଦକ୍ଷେପ ଗ୍ରହଣ କରିବାକୁ ହେବ। ଏହି ଲକ୍ଷ୍ୟ ହାସଲ ଦିଗରେ ଶିଳ୍ପଜଗତକୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବାକୁ ହେବ ବୋଲି ସେ ଆହ୍ୱାନ ଜଣାଇଛନ୍ତି।

**ପାଣିପାଗ ପରିବର୍ତ୍ତନ ସଂକ୍ରାନ୍ତ ଆଇସିସିର ଜାତୀୟ ସମ୍ମିଳନୀ**

ପରିବେଶ, ଜଙ୍ଗଲ ଓ ପାଣିପାଗ ପରିବର୍ତ୍ତନ ମନ୍ତ୍ରଣାଳୟର ଡେପୁଟି ଡାଇରେକ୍ଟର ଜେନେରାଲ ସୁବ୍ରତ ମହାପାତ୍ର ଜଳ ଓ ବାୟୁ ପ୍ରଦୂଷଣ ଏବଂ ଜଙ୍ଗଲରେ ଲାଗୁଥିବା ନିଆଁ କିଭଳି ଅଙ୍ଗାରକାମ୍ଳ ବାଷ୍ପ ବଢାଉଛି ସେ ଦିଗରେ ଆଲୋଚନା କରିଥିଲେ। ଏଭଳି ସମସ୍ୟା ବିରୋଧରେ ଲଢେଇ ଜାରି ରଖିବା ଲାଗି ସାରା ବିଶ୍ୱରେ ମିଳିତ ଉଦ୍ୟମ ଲୋଡା ବୋଲି ସେ ମତ ପ୍ରକାଶ କରିଛନ୍ତି। ପରିବେଶ ସୁରକ୍ଷା ପ୍ରତି ଅଧିକ ଯତ୍ନବାନ ହେବାକୁ ଆଇସିସି ଓଡିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ଏମ୍.ସି.ଥୋମାସ ଗୁରୁତ୍ୱାରୋପ କରିଛନ୍ତି। କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମୁଖ୍ୟ ପରିବେଶ ଇଞ୍ଜିନିୟର ଡ.ଏନ୍.ଆର୍.ସାହୁ, ରାଜ୍ୟ ପରିବେଶ ଓ ଜଙ୍ଗଲ ବିଭାଗ ନିର୍ଦ୍ଦେଶକ ଡ.କେ.ମୁରୁଗେସନ, ଆଇସିସି ଓଡିଶା ରାଜ୍ୟ ପରିଷଦର କୋର୍ କମିଟି ସଦସ୍ୟ ଏସ୍.ଏସ୍. ଉପାଧ୍ୟାୟ ପ୍ରମୁଖ ଉପସ୍ଥିତ ଥିଲେ।

## ମୁକେଶ ଅମ୍ବାନୀ ବିଶ୍ୱର ୯ମ ଧନଶାଳୀ ବ୍ୟକ୍ତି

ନୂଆଦିଲ୍ଲୀ,୨୯–୨

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଅଧ୍ୟକ୍ଷ ମୁକେଶ ଅମ୍ବାନୀ ବିଶ୍ୱର ଧନଶାଳୀ ବ୍ୟକ୍ତି ତାଲିକାରେ ୯ମ ସ୍ଥାନରେ ରହିଛନ୍ତି। ଏହି ସ୍ଥାନରେ ବିଶ୍ୱର ଆଉ ୨ ଧନଶାଳୀ ବ୍ୟକ୍ତି ଅଛନ୍ତି। ମାଇକ୍ରୋସଫ୍ଟର ଷ୍ଟିଭ ବାଲମର ଏବଂ ଗୁଗଲର ଲାରି ପେଜ୍ ମୁକେଶଙ୍କ ସହ ନବମ ସ୍ଥାନରେ ରହିଛନ୍ତି। ଏହି ବ୍ୟକ୍ତି ବିଶେଷଙ୍କ ପାଖରେ ପ୍ରତ୍ୟେକ ୬୭ ବିଲିୟନ ଡଲାରର ସମ୍ପତ୍ତି ରହିଥିବା ହୁରୁନ ଗ୍ଲୋବାଲ ରିଚ୍ ତାଲିକା ୨୦୨୦ରେ ପ୍ରକାଶ ପାଇଛି। ୬୨ ବର୍ଷିଆ ଅମ୍ବାନୀ ଏହି ତାଲିକାର ଶୀର୍ଷ ୧୦ ମଧ୍ୟରେ ଲଗାତର ଭାବେ ଦ୍ୱିତୀୟ ଥର ଲାଗି ସ୍ଥାନିତ ହୋଇଛନ୍ତି। ତାଙ୍କ ସମ୍ପତ୍ତିରେ ୨୪%ବା ୧୩ ବିଲିୟନ ଡଲାର ବୃଦ୍ଧି ଘଟି ୬୭ ବିଲିୟନ ଡଲାର ଛୁଇଁଛି। ଏକମାତ୍ର ଏସୀୟ ଭାବେ ମୁକେଶ ତାଲିକାର ଶୀର୍ଷ ୧୦ ମଧ୍ୟରେ ରହିଛନ୍ତି। ବିଶେଷ କରି ଟେଲିକମ୍ ବାଣିଜ୍ୟରେ ଉନ୍ନତି ଆସିବା ଯୋଗୁ ତାଙ୍କର ସ୍ଥାନ ଉନ୍ନତ ହୋଇଥିବା ହୁରୁନ ତାଲିକାରେ ପ୍ରକାଶ ପାଇଛି। ରିଲାଏନ୍ସ ବର୍ତ୍ତମାନ ଜିଓ, ରିଟେଲ, ତୈଳ ବିଶୋଧନ ଏବଂ ପେଟ୍ରୋକେମିକାଲ ଭଳି କ୍ଷେତ୍ରରେ ସକ୍ରିୟ ରହିଛି।

## ହୋଣ୍ଡାର ନୂଆ ୟୁନିକର୍ନ ବିଏସ୍–୬

ଭୁବନେଶ୍ୱର,୨୯–୨



ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ୟୁନିକର୍ନର ବିଏସ୍–୬ ମଡେଲକୁ ଉନ୍ମୋଚନ କରାଯାଇଛି। ଏଥିରେ ୧୬୦ ସିସିର ଏଚ୍‌ଇଟି ବିଏସ୍–୬ ଇଞ୍ଜିନ ବ୍ୟବହାର କରାଯାଇଛି। ଗ୍ରାହକଙ୍କ ସୁବିଧା ଲାଗି ଏଥିରେ ଇଞ୍ଜିନ ଷ୍ଟପ ସ୍ୱିଚ, ଅଧିକ ଗ୍ରାଉଣ୍ଡ କ୍ଲିୟରାନ୍ସ, ଲମ୍ବା ସିଟ୍ ଏବଂ ଏଚ୍‌ଇଟି ଟ୍ୟୁବଲେସ ଟାୟାର ବ୍ୟବହାର କରାଯାଇଛି। ଗାଡ଼ିକୁ ପ୍ରିମିୟମ ଲୁକ ଦେବା ଲାଗି ସେଥିରେ କ୍ରୋମ ଗାର୍ନିସ, ୩ଡି ୱିଙ୍ଗ ମାର୍କ ଓ କ୍ରୋମ୍ ଷ୍ଟ୍ରୋକ ଆଦି ରହିଛି। ୟୁନିକର୍ନ ବିଏସ୍–୬ ଉପରେ କମ୍ପାନୀ ପକ୍ଷରୁ ୬ ବର୍ଷର ୱାରେଣ୍ଟି ପ୍ୟାକେଜ ପ୍ରଦାନ କରାଯାଉଛି। ଏହାର ଏକ୍ସ ଶୋ’ରୁମ୍ ଦିଲ୍ଲୀ ମୂଲ୍ୟ ୯୩,୫୯୩ ଟଙ୍କାରୁ ଆରମ୍ଭ ହୋଇଛି। ନୂଆ ୟୁନିକର୍ନ ବିଏସ୍–୬ ସଂପର୍କରେ ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ସିଇଓ ଓ ଏମ୍‌ଡି ମିନୁରୋ କାଟୋ କହିଛନ୍ତି ଯେ, ଭାରତରେ ହୋଣ୍ଡା ଉପସ୍ଥାପନ କରିଥିବା ପ୍ରଥମ ମୋଟରସାଇକଲ ଥିଲା ୟୁନିକର୍ନ। ଉନ୍ମୋଚନ ହେବା ପରଠାରୁ ଇଞ୍ଜିନ ଏବଂ ସୁବିଧାଜନକ ପ୍ରଦର୍ଶନ କ୍ଷେତ୍ରରେ ଏହା ସର୍ବଦା ମାନଦଣ୍ଡ ଧାର୍ଯ୍ୟ କରିଛି। ୧୬ ବର୍ଷରୁ ଅଧିକ ସମୟର ପରମ୍ପରା ରଖିଥିବା ୟୁନିକର୍ନ ୨.୫ କୋଟି ପରିବାରର ପ୍ରଥମ ପସନ୍ଦ ହୋଇ ରହିଆସିଛି। କମ୍ପାନୀର ବରିଷ୍ଠ ଉପସଭାପତି ବିକ୍ରି ଓ ମାର୍କେଟିଂ ୟଦବିନ୍ଦର ସିଂହ ଗୁଲେରିଆ କହିଛନ୍ତି ଯେ, ନୂଆ ଆଧୁନିକ ପିଜିଏମ୍–ଏଫ୍‌ଆଇ ଏଚ୍‌ଇଟି ୧୬୦ ସିସି ଇଞ୍ଜିନ ଅଧିକ ଶକ୍ତି ପ୍ରଦାନ କରୁଥିବା ବେଳେ ୟୁନିକର୍ନ ବିଏସ–୬ ନିରବଚ୍ଛିନ୍ନ ପ୍ରଦର୍ଶନର ସ୍ତରକୁ ବଢ଼ାଇବା ସହିତ ହୋଣ୍ଡାର ଭରସାଯୋଗ୍ୟ ବିଶ୍ୱାସ ପ୍ରଦାନ କରିବ। ଏହା ତିନିଟି ରଙ୍ଗ ପର୍ଲ ଇଗ୍ନିଅସ ବ୍ଲାକ୍, ଇମ୍ପେରିଆଲ ରେଡ୍ ମେଟାଲିକ୍ ଏବଂ ମ୍ୟାଟ୍ ଆକ୍ସିସ ଗ୍ରେ ମେଟାଲିକ ରଙ୍ଗରେ ଉପଲବ୍ଧ ହେବ।


# OFFICE OF THE DIVISIONAL FOREST OFFICER & WILDLIFE WARDEN CHANDAKA WILDLIFE DIVISION, GAJA VIHAR BARAMUNDA, BHUBANESWAR-751003

**Ph. (0674) 2355400/ 2355885 (O),** **No. B-778**
**Email- chandakadampara@gmail.com /dfochandakawl.od@gov.in**
**No. 60 4F (F.C. Act & Lease) - 34 / 2020**
**Dated, Bhubaneswar the 11th February, 2020**

## REASONED ORDER

Sub : Diversion of 10.183 ha. forest land under Chandaka Wildlife Division for construction of 200 feet Master Plan road over a length of 1.790 Km. from Rail Vihar-Hatiasuni-Ekamrakanan within Left Side Road Network (LSRN) (Modified CDP -02 / 2017) in Bhubaneswar City coming under Bhubaneswar Tahasil of Khordha District, Odisha by Executive Engineer, Bhubaneswar (R & B) Division No. III, Bhubaneswar.

Whereas, Forest Diversion Proposal bearing **Proposal No. FP/OR/ROAD/ 35088 /2018, State Sl. No. OR-048 / 2018 dated 06.08.2018** for diversion of 9.924 ha. of forest land as per DGPS Survey out of applied area 10.183 ha. under Chandaka Wildlife Division, Bhubaneswar for construction of 200 feet wide Master Plan Road over a length of 1.790 Km. from Rail Vihar-Hatiasuni-Ekamrakanan within Left Side Road Network (LSRN) (Modified CDP -02/2017) in Bhubaneswar city coming under Bhubaneswar Tahasil of Khordha District, Odisha was submitted by the Project proponent i.e. Executive Engineer, Bhubaneswar (R & B) Division No. III, Bhubaneswar and the said proposal was processed under the Forest (Conservation) Amendment Rule, 2003.

And whereas, the said diversion proposal over 10.183 ha. of forest Land involves Jungle-II kissam- 10.183 ha. Under GA & PG Department, Govt. of Odisha which comes under Chandaka Wildlife Division, Bhubaneswar.

And whereas, the aforesaid diversion proposal submitted over 10.183 ha. has been accorded **‘Stage- I/ in-principle’** approval under Section 2(ii) of the Forest (Conservation) Act,1980 by the Ministry of Environment, Forest and Climate Change, Government of India vide their Letter No.5-ORC373/ 2019-BHU dtd. 29.03.2019.

And whereas, the User Agency has deposited the Compensatory levies in compliance with condition No. 2(ii) & 2(viii) of in-principle approval order & additional conditions stipulated by Govt. of Odisha, Forest & Environment Department in their Letter No. 7316 / F&E dtd. 10.01.2019 as detailed below.

| Sl. No. | Condition No. of Stage - I approval Order | Particulars | Amount demanded Letter No. & Date | Details of deposit of Compensatory levies by the User Agency (Letter No. & Date) |
|---|---|---|---|---|
| 1 | 2(ii) | Cost of Net Present Value (NPV) over 10.183 ha. of Revenue forest land outside of Chandaka-Damapara Wildlife Sanctuary. | **Rs. 63,74,558/-** (Letter No. 4306 dtd. 20.08.2019 of DFO, Chandaka Wildlife Division) | **Rs. 1,78,58,633/-** vide e-Cheque No. 121890 dated 04.10.2019. (Letter No. 402 dtd. 18.01.2020 of the Executive Engineer, Bhubaneswar (R&B), Division No. III, Bhubaneswar) |
| 2 | 2(viii) | Cost of Compensatory Afforestation (CA) over 10.372 ha. | **Rs.73,56,300/-** (Letter No. 4306 dtd. 20.08.2019 of DFO, Chandaka Wildlife Division) | |
| 3 | Additional Conditions Stipulated by the State Govt. | Cost of raising Avenue Plantation over 1.79 RKM. | **Rs. 40,86,212/-** (Letter No. 4306 dtd. 20.08.2019 of DFO, Chandaka Wildlife Division) | |
| 4 | -do- | Cost of plantation of 2(two) times the number of trees to be felled from non-forest stretch. | **Rs. 41,563/-** (Letter No. 4306 dtd. 20.08.2019 of DFO, Chandaka Wildlife Division) | |
| | | **Total** | **1,78,58,633** | |

And whereas, the User Agency has undertaken to comply the other stipulated conditions of **‘Stage- I/ in-principle’** approval under Section 2(ii) of Forest (Conservation) Act, 1980 imposed by the Ministry of Environment, Forest and Climate Change, Government of India vide their Letter No. 5-ORC373/2019-BHU dtd. 29.03.2019 as detailed below:

| Sl. No. | Condition Number of Stage-I approval Order | Stipulated Conditions | Compliance made / to be made |
|---|---|---|---|
| 1 | 2(i) | Legal Status of Forest land proposed for diversion shall remain unchanged | The User Agency has submitted undertaking to this effect vide their letter No. 685 dtd. 03.02.2020 |
| 2 | 2(iii) | At the time of payment of the Net Present Value (NPV) at the present rate, the User Agency shall furnish an undertaking to pay the additional amount of NPV, if so determined, as per the final decision of the Hon'ble Supreme Court of India | The User Agency has submitted undertaking to this effect vide their letter No. 685 dtd. 03.02.2020 |
| 3 | 2(v) | The revenue forest land identified for raising Compensatory Afforestation shall be transferred and mutated in favour of the State Forest Department before issue of Stage-II approval. | Non-forest Govt. revenue land in Mouza - Tulasadeipur in Bhubaneswar Tahasil has been transferred and mutated in favour of State Forest Department vide **Alienation Case No. 05/2019** of Bhubaneswar Tahasil, Khordha District |
| 4 | 2(x) | The user agency shall also comply the recommendations of the State Government. | The User Agency has submitted undertaking to this effect vide their letter No. 685 dtd. 03.02.2020 |
| 5 | 2(xi) | The designing of new culverts/bridges and redesigning the existing ones over the natural streams/ rivers/canals should be done in such a manner that it does not hamper the natural course of water, does not give rise to waterlogging, so that it does not hamper movement of wild animals including fishes & amphibians migration. | The User Agency has submitted undertaking to this effect vide their letter No. 685 dtd. 03.02.2020 |
| 6 | 2(xii) | The boundary of the forest land proposed to be diverted shall be demarcated on the ground at the project cost, by erecting four feet high reinforced cement concrete pillars, each inscribed with its serial number, DGPS coordinates, distances from adjoining pillars etc. | The User Agency has submitted undertaking to this effect vide their letter No. 685 dtd. 03.02.2020. |
| 7 | 2(xiii) | The State Forest Department/UA shall submit the surveyed sketch of non-forest land identified for CA, giving the forward and backward bearing of each demarcation pillar and distance between them. The State Forest Department/user agency shall submit the DGPS reading of each demarcated pillar giving the latitude & longitude. | The User Agency has submitted undertaking to this effect vide their letter No. 685 dtd. 03.02.2020 |
| 8 | 2(xiv) | The user agency shall use fly ash for the road construction and for filling up of void created due to soil borrows which will be followed by compaction and spreading of top soil over it as per Fly Ash Notification No. S.O. 254 (E) dated 25.01.2016. | The User Agency has submitted undertaking to this effect vide their letter No. 685 dtd. 03.02.2020 |
| 9 | 2(xv) | The user agency shall submit an undertaking to ensure that flanks of roads should be filled by transported soil and not with soil dug from the side of the roads. | The User Agency has submitted undertaking to this effect vide their letter No. 685 dtd. 03.02.2020 |
| 10 | 2(xvi) | No additional or new path will be constructed inside the forest area for any activity related to the project work. | The User Agency has submitted undertaking to this effect vide their letter No. 685 dtd. 03.02.2020 |
| 11 | 2(xvii) | No labour camp shall be allowed in the forest area. | The User Agency has submitted undertaking to this effect vide their letter No. 685 dtd. 03.02.2020 |
| 12 | 2(xviii) | The user agency shall provide LPG or alternate fuel to labourers working at the site to avoid damage/tree felling and ensure no fuel wood use. | The User Agency has submitted undertaking to this effect vide their letter No. 685 dtd. 03.02.2020 |
| 13 | 2(xix) | The user agency while executing works, shall not fell any tree or damage forest growth in the surrounding forest area in any manner. | The User Agency has submitted undertaking to this effect vide their letter No. 685 dtd. 03.02.2020 |
| 14 | 2(xx) | The forest land shall not be used for any purpose other than that specified in the proposal and under no circumstances be transferred to any other user agency, department or person without the prior approval of Ministry of Environment, Forest & Climate Change. | The User Agency has submitted undertaking to this effect vide their letter No. 685 dtd. 03.02.2020 |
| 15 | 2(xxi) | The layout plan of the proposed forest land shall not be changed without the prior approval of Ministry of Environment, Forest & Climate Change. | The User Agency has submitted undertaking to this effect vide their letter No. 685 dtd. 03.02.2020 |
| 16 | 2(xxiii) | Any other conditions that the Ministry of Environment, Forest & Climate Change may impose from time to time in the interest of afforestation, conservation and management of flora and fauna in the area, which shall be compiled by the user agency. | The User Agency has submitted undertaking to this effect vide their letter No. 685 dtd. 03.02.2020 |
| 17 | 2(xxiv) | The State Govt. and user agency shall ensure compliance to provisions of the all Acts, Rules, Regulations, Guidelines, NGT Order (s) & Hon'ble Court Order (s) pertaining to this project, if any, for the time being in force, as applicable to the project. | The User Agency has submitted undertaking to this effect vide their letter No. 685 dtd. 03.02.2020 |

And whereas, the guideline vide letter No.II-306/ 2014-FC of MoEF&CC, Govt. of India dated 07.05.2015 on simplified procedure for grant of permission for felling of trees standing on forest land to be diverted for execution of linear projects depicts the procedure to be followed to that effect and the State Govt. vide letter No. 10F(Con)92/2015(pt.)-11624/F&E dated 04.07.2015 has inter alia a'uthorized the Divisional Forest Officer, (T & WL) to accord permission for tree cutting from forest land and allow commencement of work on forest land proposed for diversion for linear projects after compliance to conditions stipulated in Para 3(i) of Government of India guidelines dated 07.05 .2015.

And whereas, the guideline vide letter No. 11-306 /2014-FC(Pt) of MoEF & CC, Government of India dated 28.08.2015 on simplified procedure for grant of permission for felling of trees standing on forest land to be diverted for execution of linear projects states inter alia that the order for tree cutting and commencement of work of a linear project in forest land shall be for a period of one year i.e. from date of issue of this order.

Now therefore, the Project Proponent i.e. Executive Engineer, Bhubaneswar (R&B) Division No. III, Bhubaneswar is hereby allowed for tree cutting as per procedure laid by relevant Rules to the bare minimum out of total enumerated trees i.e. **104** nos. of trees under the strict supervision of Forest Department and commencement of work in the forest land over **10.183 ha.** under Chandaka Wildlife Division subject to strict compliance of the order of the Hon'ble National Green Tribunal vide order dated 13.03.2015 in O.A No. 52 of 2015 before commencement of tree felling in forest land as summarized, hereunder-

i. The project proponent shall publish the entire forest clearance granted in verbatim along with conditions and safeguards imposed by the Central Govt. in Stage-I forest clearance in two widely circulated daily Newspapers, one in vernacular language and the other in English language so as to make people aware of the permission granted to the project for use of forest land for non- forestry purposes.

ii. The project proponent shall submit the copies of forest clearance orders granted by the Central Government / State Government to the heads of local bodies, Panchayats and Municipal bodies along with relevant offices of State Government, who in turn shall display the same within 30 days from the date of receipt.

iii. Detailed action taken in compliance to the above order shall be intimated to the Divisional Forest Officer, Chandaka Wildlife Division / Regional Chief Conservator of Forests, Bhubaneswar Circle, Bhubaneswar / Principal Chief Conservator of Forests (FD & NO, FC Act) Office of the Principal Chief Conservator of Forests & HoFF, Odisha, Bhubaneswar / Forest & Environment Department, Government of Odisha for reference before commencement of tree felling in respect of forest land involved in the project.

It is also pertinent to mention here that this order is subject to compliance of stipulated conditions of Stage-I approval of MoEF &CC, Govt. of India vide No. 5-ORC373/2019-BHU dtd. 29.03.2019 in respect of the aforesaid project proposal and non-compliance thereof within the deadline w.e.f. the date of issue of this reasoned order i.e.11.02.2020 as decided by the State Government vide letter No. 17194/F&E dated 28.09.2015 and 7316/F&E dtd. 10.04.2019 shall stand revoked on 10.02.2021.

**Sd./-**
**Divisional Forest Officer**
**Chandaka Wildlife Division**
**Bhubaneswar**

**OIPR- 34089/11/0015/1920**

# ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା



## ୨୦ କିମି ରେସ୍‌ରେ ବାଜି ମାରିଲେ ଜୁନେଦ୍



**ଭୁବନେଶ୍ୱର, ୨୯।୨ (ସ୍ପୋର୍ଟ୍ସ ବ୍ୟୁରୋ):** ପୁରୁଷ ୨୦ କିମି ରେସ୍‌ରେ ମାଙ୍ଗାଲୋର ବିଶ୍ୱବିଦ୍ୟାଳୟର ଜୁନେଦ୍ ବାଜିମାତ୍ କରିନେଇଛନ୍ତି। କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ରେସ୍‌ରେ ଜୁନେଦ୍ ୧ ଘଣ୍ଟା ୨୯ ମିନିଟ୍ ୫୧.୦୦ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନ ହାସଲ କରିବା ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ରୋହତକ୍ ମହାତ୍ମା ଗାନ୍ଧୀ ବିଶ୍ୱବିଦ୍ୟାଳୟର ହର୍‌ଦୀପ (୧ ଘଣ୍ଟା ୩୦ ମିନିଟ୍) ରୌପ୍ୟ ଓ ଦୀନଦୟାଲ ଉପାଧ୍ୟାୟ ବିଶ୍ୱବିଦ୍ୟାଳୟର ନୀରଜ କୁମାର ଚୌରାଶିଆ (୧:୩୨.୦୨.୦୦) ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଅପରପକ୍ଷରେ ମହିଳା ୨୦ କିମି ରେସ୍‌ରେ ସୋନାଲ ସୁଖୱାଲ (ମୋହନଲାଲ ସୁଖାଦିଆ ବିଶ୍ୱବିଦ୍ୟାଳୟ, ୧:୩୯:୪୩.୦୦), ରାଖୀ ଖୁସବାଲା (ପ୍ରଫେସର ରାଜେନ୍ଦ୍ର ସିଂ ବିଶ୍ୱବିଦ୍ୟାଳୟ୧:୪୦:୩୫.୦୦) ଓ ଶିବାନୀ (ରାଜୀବ ଗାନ୍ଧୀ ବିଶ୍ୱବିଦ୍ୟାଳୟ, ୧:୪୧:୪୭.୦୦) ଯଥାକ୍ରମେ ପ୍ରଥମ, ୨ୟ ଓ ୩ୟ ସ୍ଥାନରେ ରହିଥିଲେ।

# ଦୂତୀଙ୍କୁ ସ୍ୱର୍ଣ୍ଣିମ ସଫଳତା



**ଭୁବନେଶ୍ୱର,୨୯।୨(ସ୍ପୋର୍ଟ୍ସ ବ୍ୟୁରୋ):** ଦେଶର ଦ୍ରୁତତମ ମହିଳା ଦୂତୀ ଚାନ୍ଦ ପୁଣିଥରେ ଖ୍ୟାତି ଅନୁରୂପ ପ୍ରଦର୍ଶନ କରିଛନ୍ତି। ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ସେ କିଟ ବିଶ୍ୱବିଦ୍ୟାଳୟ ତରଫରୁ ପ୍ରତିନିଧିତ୍ୱ କରି ୧୦୦ମିଟର ଫାଇନାଲ ଦୌଡ଼ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଶନିବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏହି ରେସ୍‌ରେ ସେ ୧୧.୪୯ ସେକେଣ୍ଡ ସମୟ ନେଇ ଏହି ସଫଳତା ପାଇଛନ୍ତି। ସେହିପରି ମାଙ୍ଗାଲୋର ବିଶ୍ୱବିଦ୍ୟାଳୟର ଏସ. ଧନଲକ୍ଷ୍ମୀ ୧୧.୯୯ ସେକେଣ୍ଡ ନେଇ ରୌପ୍ୟ ପଦକ ହାସଲ କରିଛନ୍ତି। ଅନ୍ୟପଟେ ମହାତ୍ମା ଗାନ୍ଧୀ ବିଶ୍ୱବିଦ୍ୟାଳୟର ଏସ୍.ଏସ୍. ସ୍ନେହା ୧୨.୦୮ ସେକେଣ୍ଡ ନେଇ ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ଆଚାର୍ଯ୍ୟ ନାଗାର୍ଜୁନ ବିଶ୍ୱବିଦ୍ୟାଳୟର ୟାରାଜୀ ଜ୍ୟୋତି ୧୨. ୩୧ ସେକେଣ୍ଡ ନେଇ ଚତୁର୍ଥ, ଉତ୍କଳ ବିଶ୍ୱବିଦ୍ୟାଳର ଦୀପାଳି ମହାପାତ୍ର ୧୨. ୩୫ ସେକେଣ୍ଡ ସମୟ ନେଇ ପଞ୍ଚମ ସ୍ଥାନରେ ରହିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ ଅଂଶଗ୍ରହଣ କରିଥିବା ଅନ୍ୟତମ ଧାବିକା ବିନତି ବେହେରା ୧୩.୨୪ ସେକେଣ୍ଡ ନେଇ ଅଷ୍ଟମ ସ୍ଥାନରେ ରହିଛନ୍ତି। ଏଥିସହିତ ୨୪ ବର୍ଷୀୟା ଦୂତି ନୂଆ ମିଟ୍ ରେକର୍ଡ ସ୍ଥାପନ କରିଛନ୍ତି। ପୂର୍ବ ରେକର୍ଡ ୧୧. ୫୬କୁ ଦୂତୀ ଅତିକ୍ରମ କରିଛନ୍ତି। ୨୦୧୮ରେ ମାଙ୍ଗାଲୋର ବିଶ୍ୱବିଦ୍ୟାଳୟର ଏନ୍. ସିମ୍ପି ଏହି ରେକର୍ଡ ସୃଷ୍ଟି କରିଥିଲେ। ଏହା ପୂର୍ବରୁ ସେମିଫାଇନାଲରେ ଦୂତୀ ୧୧. ୬୧ ସେକେଣ୍ଡ ସମୟ ନେଇଥିଲେ। ଫାଇନାଲରେ ସେ ତାଙ୍କ ପ୍ରଦର୍ଶନରେ ଉନ୍ନତି ଆଣିଛନ୍ତି। ଦୂତୀଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ଥିଲା ୧୧.୨୨ ସେକେଣ୍ଡ। ଗତବର୍ଷ ଜାତୀୟ ଓପନ୍ ଆଥଲେଟିକ୍ସରେ ସେ ଏହି ସଫଳତା ହାସଲ କରି ରେକର୍ଡରେ ସୁଧାର ଆଣିଥିଲେ। ଦୂତୀ ଏବେ ଏହି ମେଗା ଇଭେଣ୍ଟର ଅନ୍ତିମ ଦିବସ ରବିବାର ୨୦୦ମି. ଦୌଡ଼ରେ ଅଂଶଗ୍ରହଣ କରିବେ। ଉଲ୍ଲେଖଥାଉ କି, ଦୂତୀ ୨୦୧୯ ଜୁଲାଇ ୧୦ ତାରିଖରେ ଇଟାଲୀର ନାପୋଲିରେ ଅନୁଷ୍ଠିତ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ୧୦୦ମିଟର ଦୌଡ଼ରେ ୧୧.୩୨ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେ ପ୍ରଥମ ଭାରତୀୟ ଭାବେ ଏହି କ୍ରୀଡ଼ାରେ ୧୦୦ମି.ରେ ସ୍ୱର୍ଣ୍ଣିମ ସଫଳତା ହାସଲ କରି ଇତିହାସ ସୃଷ୍ଟି କରିଥିଲେ। ପୂର୍ବରୁ କୌଣସି ଭାରତୀୟ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ଇତିହାସରେ ୧୦୦ମି. ଫାଇନାଲକୁ କ୍ୱାଲିଫାଏ କରିପାରି ନ ଥିଲେ।

## 'ପ୍ରଦର୍ଶନ ନେଇ ଖୁସି'

ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ୧୦୦ ମି. ଦୌଡ଼ରେ ସ୍ୱର୍ଣ୍ଣ ପଦକ ହାସଲ କରିବା ପାରେ ତାରକା ମହିଳା ସ୍ପ୍ରିଣ୍ଟର ଦୂତୀ ଚାନ୍ଦ ଖୁସି ଜାହିର କରିଛନ୍ତି। ଏହି ଗେମ୍ସରେ ଅଂଶଗ୍ରହଣ କରିଥିବାରୁ ବେଶ୍ ଆନନ୍ଦିତ ବୋଲି ସେ କହିଛନ୍ତି। ନିଜର ପ୍ରଦର୍ଶନ ଓ ଟାଇମିଂ ନେଇ ସନ୍ତୁଷ୍ଟ ଅଛି। ୨୦୨୦ରେ ପ୍ରଥମଥର ପାଇଁ କୌଣସି ଇଭେଣ୍ଟରେ ଅଂଶଗ୍ରହଣ କରି ବିଜୟୀ ହୋଇଛି। ତେବେ ଆଗାମୀ ମିଟ୍‌ରେ ଅତିକମ୍‌ରେ ୧୦ରୁ ୧୫ ସେକେଣ୍ଡ ସମୟରେ ଉନ୍ନତି ଆଣିବାକୁ ପ୍ରୟାସ କରିବି। ଏବେ ନିଜକୁ ବହୁତ ଫିଟ୍ ଥିବା ଅନୁଭବ କରୁଛି। ଆଗାମୀ ଟୋକିଓ ଅଲିମ୍ପିକ୍ସ ଲାଗି ଯୋଗ୍ୟତା ହାସଲ କରିବାକୁ ହେଲେ ୧୧.୧୫ ସେକେଣ୍ଡ ଟାଇମିଂ ହାସଲ କରିବାକୁ ହେବ। ଏଥିପାଇଁ ସମୟ ଆବଶ୍ୟକ ଓ ସେଭଳି ପ୍ରତିଯୋଗିତାରେ ମଧ୍ୟ ଅଂଶଗ୍ରହଣ କରିବ ଜରୁରୀ। ତେଣୁ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ହେବ ବୋଲି ସେ ସ୍ୱୀକାର କରିଛନ୍ତି। ଏହା ସତ୍ତ୍ୱେ ଟାଇମିଂକୁ ନେଇ ବେଶ୍ ଖୁସି ଅଛି। ନୂଆ ୟୁନିଭର୍ସିଟି ରେକର୍ଡ ହାସଲ କରିଥିବାରୁ ମଧ୍ୟ ଖୁସି ଅଛି ବୋଲି ସେ କହିଛନ୍ତି। ସାରା ବିଶ୍ୱରେ ଏବେ ଦେଖାଦେଇଥିବା କରୋନାଭାଇରସ ଆତଙ୍କ ସମସ୍ୟା ସୃଷ୍ଟି କରିଛି। ଏହି କାରଣରୁ ଏବେ ଟ୍ରାଭେଲ ରେଗୁଲେସନ ଲାଗୁ ହୋଇଛି। ଫଳରେ ୟୁରୋପ୍‌ରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ନେଇ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ତେଣୁ ଚଳିତ ସେସନରେ ଏକ ଭାରତୀୟ ଇଭେଣ୍ଟରେ ମୋତେ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିବାକୁ ହେବ ବୋଲି ଦୂତୀ ସ୍ପଷ୍ଟ କରିଛନ୍ତି। ରବିବାର ୨୦୦ମି. ପ୍ରତିଯୋଗିତା ପାଇଁ ସେ ଅଭ୍ୟାସ ଆରମ୍ଭ କରିଛନ୍ତି।

ଏବେ ମୋର ଅଭ୍ୟାସ ଓ ଟ୍ରେନିଂ ଭଲଭାବେ ଚାଲୁ ରହିଛି। ପ୍ରତିଦିନ ୬ରୁ ୭ ଘଣ୍ଟା ଅଭ୍ୟାସ କରୁଛି। ଟ୍ରାକ୍ ଓ ଜିମ୍‌ରେ ମୋ କୋଚ୍ ମଧ୍ୟ ମୋତେ ବେଶ୍ ସହାୟତା କରୁଛନ୍ତି। ପ୍ରଥମଥର ପାଇଁ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ଭଳି ଇଭେଣ୍ଟ ଆୟୋଜନ କରିଥିବାରୁ ଦୂତୀ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହା କ୍ରୀଡ଼ାରେ ପ୍ରତିଭା ଚିହ୍ନଟ ଓ ବିକାଶରେ ବେଶ ସହାୟକ ହେବ ବୋଲି ସେ କହିଛନ୍ତି।

## ଟିଟି ଇଭେଣ୍ଟ ଫାଇନାଲ ଆଜି



**କଟକ ଅଫିସ,୨୯।୨:** ସ୍ଥାନୀୟ ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ଟେବୁଲ ଟେନିସ୍ ଇଭେଣ୍ଟ ରବିବାର ଉଦ୍‌ଯାପିତ ହେବ। ପୁରୁଷ ବର୍ଗରେ ଚିତ୍‌କାରା ବିଶ୍ୱବିଦ୍ୟାଳୟ (ହିମାଚଳ ପ୍ରଦେଶ) ଓ ଓସମାନିଆ ବିଶ୍ୱବିଦ୍ୟାଳୟ ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ସେମିଫାଇନାଲରେ ଚିତ୍‌କାରା ବିଶ୍ୱବିଦ୍ୟାଳୟ ନର୍ଥ ବେଙ୍ଗଲ ବିଶ୍ୱବିଦ୍ୟାଳୟକୁ ହରାଇଥିଲା। ପୁରୁଷ ବର୍ଗର ଦ୍ୱିତୀୟ ସେମିରେ ଓସମାନିଆ ବିଶ୍ୱବିଦ୍ୟାଳୟ ମାଡ୍ରାସ ବିଶ୍ୱବିଦ୍ୟାଳୟକୁ ହରାଇଛି। ମହିଳା ବର୍ଗରେ ମାଡ୍ରାସ ବିଶ୍ୱବିଦ୍ୟାଳୟ ଓ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ସ୍ପୋର୍ଟ୍ସ କାଉନସିଲ ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ସେମିରେ ମାଡ୍ରାସ ବିଶ୍ୱବିଦ୍ୟାଳୟ ୩-୧ ସେଟରେ ମୁମ୍ବାଇ ବିଶ୍ୱବିଦ୍ୟାଳୟକୁ ହରାଇଥିଲା। ମହିଳା ବର୍ଗର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ସ୍ପୋର୍ଟସ କାଉନସିଲ ୩-୧ ସେଟରେ ଏସ୍‌ଆର୍‌ଏମ ବିଶ୍ୱବିଦ୍ୟାଳୟକୁ ହରାଇଥିଲା।



## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ବନିତାଙ୍କୁ ବ୍ରୋଞ୍ଜ

**ଭୁବନେଶ୍ୱର, ୨୯।୨ (ସ୍ପୋର୍ଟ୍ସ ବ୍ୟୁରୋ):** ଚଳିତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ୯ମ ଦିବସରେ ଶନିବାର ବନିତା ଘଡ଼େଇ ଓଡ଼ିଶା ପାଇଁ ବ୍ରୋଞ୍ଜ ପଦକ ସଫଳତା ଆଣିଛନ୍ତି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ବନିତା ମହିଳା ୮୭ କିଗ୍ରା ବିଭାଗରେ ୩ୟ ସ୍ଥାନରେ ରହିଛନ୍ତି। କିଟ୍ କ୍ୟାମ୍ପସ-୧୩ସ୍ଥିତ ଇନ୍‌ଡୋର ହଲ୍‌ରେ ଅନୁଷ୍ଠିତ ଏହି ଇଭେଣ୍ଟରେ ବନିତା ମୋଟ୍ ୧୬୦ କିଗ୍ରା ଭାର ଉଠାଇଥିଲେ। ୨୧ ବର୍ଷୀୟା ବନିତା ସ୍ନାଚରେ ୭୩ କିଗ୍ରା ଏବଂ କ୍ଲିନ୍ ଆଣ୍ଡ୍ ଜର୍କରେ ୮୭ କିଗ୍ରା ଭାର ଉତ୍ତୋଳନ କରିଥିଲେ। ପଞ୍ଜାବ ବିଶ୍ୱବିଦ୍ୟାଳୟର ମୋନୁ (୭୮+୧୦୬=୧୮୪ କିଗ୍ରା) ଓ ଆନ୍ଧ୍ରପ୍ରଦେଶର ଆଚାର୍ଯ୍ୟ ନାଗାର୍ଜୁନ ବିଶ୍ୱବିଦ୍ୟାଳୟର ମାଦୁ ଓହ ସାଇ (୭୩+୯୩= ୧୬୬) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଥିଲେ।

## ହରମିଲାନଙ୍କୁ ଡବଲ୍ ଗୋଲ୍ଡ

**ଭୁବନେଶ୍ୱର,୨୯।୨ (ସ୍ପୋର୍ଟ୍ସ ବ୍ୟୁରୋ):** ପଞ୍ଜାବୀ ବିଶ୍ୱବିଦ୍ୟାଳୟର ଲଙ୍ଗ ଡିଷ୍ଟାନ୍ସ ମହିଳା ରନର ହରମିଲାନ ବେନ୍ସ ଶନିବାର ଆଉ ଏକ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ୮୦୦ ମିଟର ଦୌଡ଼ରେ ୨:୦୬.୪୦ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନ ଅଧିକାର କରିବା ସହ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ସେହିପରି ସାବିତ୍ରୀ ବାଇ ଫୁଲେ ପୁଣେ ବିଶ୍ୱବିଦ୍ୟାଳୟର ଲଡକାର ଯମୁନା ୨: ୦୬.୮୦ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ଜିତିଛନ୍ତି। ଅନ୍ୟପଟେ ଭାରତୀୟାର ବିଶ୍ୱବିଦ୍ୟାଳୟର ଗୋଥାମୀ ୨:୦୭.୦୮ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଶୁକ୍ରବାର ହରମିଲାନ ୧୫୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରିଥିବାରୁ ଏହା ମୋ ପାଇଁ ଏକ ସ୍ୱତନ୍ତ୍ର ସଫଳତା ସାବ୍ୟସ୍ତ ହୋଇଛି ବୋଲି ସେ କହିଛନ୍ତି। ଏକ କ୍ରୀଡ଼ାବିତ୍ ପରିବାରରୁ ହରମିଲାନଙ୍କ ଆସିଛନ୍ତି। ତାଙ୍କ ମାତାପିତା ମଧ୍ୟ କ୍ରୀଡ଼ାବିତ ରହି ଆସିଛନ୍ତି। ପିତା ଅମନଦୀପ ବେନ୍ସ ୧୫୦୦ମି. ଆଥ୍‌ଲେଟ ଥିଲେ। ସେ ସାଫ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ମା ମାଧୁରୀ ସିଂ ବେନ୍ସ ଏସିଆନ ଗେମ୍ସରେ ରୌପ୍ୟ ହାସଲ କରିଥିଲେ। ପଟିଆଲାର ଏହି ୨୧ ବର୍ଷୀୟା ମହିଳା ଧାବିକା ନିଜ ପ୍ରଦର୍ଶନରେ ବେଶ୍ ସନ୍ତୋଷ ପ୍ରକଟ କରିଛନ୍ତି। ୨ଟି ସ୍ୱର୍ଣ୍ଣ ଜିତିଥିବାରୁ ପଞ୍ଜାବରୁ ବହୁତ ଫୋନ୍ କଲ ଆସୁଛି। ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ଅଭିଜ୍ଞତା ବେଶ୍ ସୁନ୍ଦର ରହିଛି। ୮୦୦ ମି. ଦୌଡ଼ ବହୁତ କଷ୍ଟକର ଥିଲା। ବ୍ୟକ୍ତିଗତ ଭାବେ ଏହା ମୋର ଶ୍ରେଷ୍ଠ ପ୍ରଦର୍ଶନ ଥିଲା। ଦୁଇଟି ସ୍ୱର୍ଣ୍ଣ ଜିତିବି ବୋଲି ଭାବି ନ ଥିଲି। ଆଗକୁ ଆନ୍ତଃ ରାଜ୍ୟ କ୍ରୀଡ଼ାରେ ଅଂଶଗ୍ରହଣ କରିବାକୁ ଲକ୍ଷ୍ୟ ରଖିଛି। ତେବେ ଅଲିମ୍ପିକ ପଦକ ଜିତିବା ମୋର ସବୁଠାରୁ ବଡ଼ ଲକ୍ଷ୍ୟ। ମାତାପିତା ଓ କୋଚ୍‌ଙ୍କ ମଧ୍ୟ ଏହି ଅଭିଳାଷ ରହିଛି।

| ପଦକ ତାଲିକା (ଟପ୍-୧୦) | | | | |
|---|---|---|---|---|
| ବିଶ୍ୱବିଦ୍ୟାଳୟ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ୍ |
| ସାବିତ୍ରୀ ଫୁଲେ ପୁନେ | ୧୬ | ୧୧ | ୮ | ୩୫ |
| ପଞ୍ଜାବ | ୧୫ | ୧୬ | ୧୦ | ୪୧ |
| ପଞ୍ଜାବୀ | ୧୦ | ୬ | ୧୨ | ୨୮ |
| ଏମ୍‌ଡିୟୁ | ୯ | ୧୦ | ୯ | ୨୮ |
| ଜେଏନ୍‌ୟୁ | ୮ | ୬ | ୨ | ୧୬ |
| ଲଭ୍‌ଲି ପ୍ରଫେଶନାଲ | ୭ | ୫ | ୬ | ୧୮ |
| ମାଙ୍ଗାଲୋର | ୬ | ୭ | ୬ | ୧୯ |
| ଦିଲ୍ଲୀ | ୬ | ୬ | ୧୧ | ୨୩ |
| ଗୁରୁ ନାନକ ଦେବ | ୬ | ୪ | ୭ | ୧୭ |
| ମୁମ୍ବାଇ | ୫ | ୭ | ୯ | ୨୧ |
| କିଟ୍ | ୩ | ୧ | ୨ | ୬ |
| ବ୍ରହ୍ମପୁର | ୧ | ୧ | ୧ | ୩ |
| ସମ୍ବଲପୁର | ୧ | ୧ | ୦ | ୨ |

## ନରେନ୍ଦ୍ରଙ୍କୁ ଆଉ ଏକ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୨୯।୨ (ସ୍ପୋର୍ଟ୍ସ ବ୍ୟୁରୋ):** ଚଳିତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ନରେନ୍ଦ୍ର ପ୍ରତାପ ସିଂ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଆଥ୍‌ଲେଟିକ ପ୍ରତିଯୋଗିତାର ୨ୟ ଦିବସରେ ଅନୁଷ୍ଠିତ ପୁରୁଷ ୫୦୦୦ ମିଟର ରେସକୁ ମାଙ୍ଗାଲୋର ବିଶ୍ୱବିଦ୍ୟାଳୟର ଧାବକ ନରେନ୍ଦ୍ର ୧୪ ମିନିଟ୍ ୧୮.୧୯ ସେକେଣ୍ଡରେ ଶେଷ କରି ପୋଡିୟମର ଶୀର୍ଷ ସ୍ଥାନ ହାସଲ କରିଥିଲେ। ମାଙ୍ଗାଲୋର ବିଶ୍ୱବିଦ୍ୟାଳୟର ଅନ୍ୟତମ ଧାବକ ଆଦେଶ (୧୪:୨୭.୨୧) ଓ ସାବିତ୍ରୀବାଈ ଫୁଲେ ପୁଣେ ବିଶ୍ୱବିଦ୍ୟାଳୟର କିଶାନ ନର୍ସି ତାଡଭୀ (୧୪:୫୧.୫୮)ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ୨୩ ବର୍ଷୀୟ ବି.କମ୍. ଛାତ୍ର ନରେନ୍ଦ୍ର ଏଥିପୂର୍ବରୁ ଶୁକ୍ରବାର ୧୦ ହଜାର ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ।

| ୧୦୦ମି. ଫାଇନାଲ୍ସ | | | |
|---|---|---|---|
| ର୍‍ୟାଙ୍କ | ଧାବିକା | ବିଶ୍ୱବିଦ୍ୟାଳୟ | ଟାଇମିଂ |
| ୧ | ଦୂତୀ ଚାନ୍ଦ | କିଟ୍ | ୦: ୧୧.୪୯ |
| ୨ | ଧନଲକ୍ଷ୍ମୀ ଏସ. | ମାଙ୍ଗାଲୋର | ୦: ୧୧.୯୯ |
| ୩ | ସ୍ନେହା ଏସ.ଏସ. | ମହାତ୍ମା ଗାନ୍ଧୀ | ୦:୧୨.୦୮ |
| ୪ | ୟାରାଜି ଜ୍ୟୋତି | ଆଚାର୍ଯ୍ୟ ନାଗାର୍ଜୁନ | ୦:୧୨.୩୧ |
| ୫ | ଦୀପାଳି ମହାପାତ୍ର | ଉତ୍କଳ | ୦:୧୨.୩୫ |



ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ପୁରୁଷ ହର୍ଡଲ୍ସ ଅବସରରେ ପ୍ରତିଯୋଗୀମାନେ।



୮୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ଜିତିଥିବା ପଞ୍ଜାବୀ ବିଶ୍ୱବିଦ୍ୟାଳୟର ହରମିଲାନ ବେନ୍ସ



ଶଟ୍ ସିଲେକ୍ସନରେ ତ୍ରୁଟି ଯୋଗୁ ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଭାରତର ବ୍ୟାଟିଂ ବିପର୍ଯ୍ୟୟ ଘଟିଛି ।
–ହନୁମା ବିହାରୀ, ଭାରତୀୟ ବ୍ୟାଟ୍ସମ୍ୟାନ

ନିଜ ଷ୍ଟାଇଲରେ ଖେଳିବା ଲାଗି ଟିମ୍ ମ୍ୟାନେଜମେଣ୍ଟ ଶେଫାଳି ବର୍ମାଙ୍କୁ ପୂରା ସ୍ୱାଧୀନତା ଦେଇଛି ।
–ହରମନପ୍ରୀତ କୌର
ଭାରତୀୟ କ୍ରିକେଟ ଅଧିନାୟିକା



## ସଂକ୍ଷେପରେ

### ପୁଣି ବିବାଦରେ ହାର୍ଦ୍ଦିକ

**ମୁମ୍ବାଇ,୨୯।୨:** ଭାରତୀୟ ଦଳର ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଦୀର୍ଘ ୫ ମାସର ବ୍ୟବଧାନ ପରେ କ୍ରିକେଟ ଗ୍ରାଉଣ୍ଡକୁ ଫେରିବା ସହ ବିବାଦରେ ଘେରି ହୋଇ ଯାଇଛନ୍ତି। ଡି.ୱାଇ. ପାଟିଲ ଷ୍ଟାଡିୟମରେ ରିଲାଏନ୍ସ ୱାନ୍ ପାଇଁ ସେ ଅଲ୍‌ରାଉଣ୍ଡର ପ୍ରଦର୍ଶନ କରିଥିଲେ। ୨୫ ବଲରେ ୩୮ ରନ୍ କରିବା ସହ ୩ ଉଇକେଟ ନେଇଥିଲେ। ବ୍ୟାଟିଂ ବେଳେ ହାର୍ଦ୍ଦିକ ଭାରତୀୟ ଦଳର ହେଲ୍‌ମେଟ ବ୍ୟବହାର କରିଥିଲେ, ଯେଉଁଥିରେ ବିସିସିଆଇର ଲୋଗୋ ଥିଲା। ଏଥିଯୋଗୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କଡ଼ା କାର୍ଯ୍ୟାନୁଷ୍ଠାନ ନେଇପାରେ। ଘରୋଇ ଟୁର୍ନାମେଣ୍ଟରେ କୌଣସି ଜାତୀୟ ଖେଳାଳି ବିସିସିଆଇର ଲୋଗୋ ଥିବା କିଟ୍ ବ୍ୟବହାର କରିପାରିବେ ନାହିଁ। ଏ ନେଇ ୨୦୧୪ରେ ବିସିସିଆଇ ମ୍ୟାଚ୍ ରେଫରୀଙ୍କୁ ନିର୍ଦ୍ଦେଶ ଦେଇଥିଲା।

### କୋହଲିଙ୍କ ବିପକ୍ଷରେ ସୌଦିଙ୍କ ପରଫେକ୍ଟ ୧୦

**ଖ୍ରୀଷ୍ଟଚର୍ଚ୍ଚ,୨୯।୨:** ଚଳିତ ନ୍ୟୁଜିଲାଣ୍ଡ ଗସ୍ତରେ ବିରାଟ କୋହଲି ପୁଣି ବିଫଳ ହୋଇଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଭାରତୀୟ ଦଳ ମାତ୍ର ୨୪୨ ରନ୍‌ରେ ଅଲଆଉଟ୍ ହୋଇଯାଇଛି। କୋହଲି ମାତ୍ର ୩ ରନ୍ କରିପାରିଥିଲେ ଓ ଦଳର ଏକ ଡିଆରଏସ୍ ମଧ ନଷ୍ଟ କରିଥିଲେ। ତାଙ୍କ ଉଇକେଟ ହାତେଇଥିଲେ ଘରୋଇ ଦଳର ସବୁଠୁ ଅଭିଜ୍ଞ ପେସର ଟି ସୌଦି। ଅନ୍ତର୍ଜାତୀୟ କ୍ରିକେଟ୍‌ରେ ୧୦ମ ଥର ପାଇଁ ସୌଦିଙ୍କ ବଲରେ କୋହଲି ଆଉଟ୍ ହୋଇଛନ୍ତି। ବିଶ୍ୱର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ବିବେଚିତ ହେଉଥିବା କୋହଲିଙ୍କୁ ସୌଦି ୩ ଥର ଟେଷ୍ଟରେ, ଦିନିକିଆରେ ୬ ଥର ଓ ଟି୨୦ ଫର୍ମାଟରେ ଥରେ ପାଭିଲିଅନ ପଠାଇଛନ୍ତି। ଏହା ଯେକୌଣସି ବୋଲରଙ୍କ କ୍ଷେତ୍ରରେ ସର୍ବାଧିକ।

### ଏସ୍‌ଡିସି କପ୍: ସେମିଫାଇନାଲ ଲାଇନଅପ୍ ଚୂଡ଼ାନ୍ତ

**କଟକ ଅଫିସ,୨୯।୨:** ରାଜ୍ୟ ସରକାରଙ୍କ ସ୍ପେସାଲ ଡେଭଲପ୍‌ମେଣ୍ଟ କାଉନସିଲ(ଏସ୍‌ଡିସି) ଓ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ) ମିଳିତ ଆନୁକୂଲ୍ୟରେ ଚାଲିଥିବା ଏସ୍‌ଡିସି କପ୍-୨୦୨୦ର ସେମିଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଛି। ସୁନ୍ଦରଗଡ଼ ଓ କେନ୍ଦୁଝର ଭେନ୍ୟୁରେ ସେମିଫାଇନାଲ ମ୍ୟାଚ୍ ଖେଳାଯିବ। ପୁରୁଷ ବର୍ଗରେ ରାଇରଙ୍ଗପୁର-ସୁନ୍ଦରଗଡ଼ ମଧ୍ୟରେ ପ୍ରଥମ ସେମିଫାଇନାଲ, ବାରିପଦା-କୋରାପୁଟ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଖେଳାଯିବ। ସେହିପରି ମହିଳା ବର୍ଗରେ ରାଇରଙ୍ଗପୁର-ବାରିପଦା ଓ ସୁନ୍ଦରଗଡ଼-କେନ୍ଦୁଝର ମଧ୍ୟରେ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସେମିଫାଇନାଲ ମୁକାବିଲା ହେବ।

# ଭାରତ ୨୪୨ରେ ଅଲଆଉଟ୍

ଦ୍ୱିତୀୟ ଟେଷ୍ଟ

**ଖ୍ରୀଷ୍ଟଚର୍ଚ୍ଚ,୨୯।୨(ପି.ଟି.)**

ପ୍ରଥମ ଟେଷ୍ଟ ଭଳି ଦ୍ୱିତୀୟ ମୁକାବିଲାରେ ମଧ୍ୟ ଭାରତୀୟ କ୍ରିକେଟ ଦଳର ଆରମ୍ଭ ଭଲ ହୋଇନାହିଁ। ଭାରତୀୟ ବ୍ୟାଟ୍ସମ୍ୟାନମାନେ ଲଢୁଆ ଖେଳ ପ୍ରଦର୍ଶନ କରିଥିଲେ ମଧ୍ୟ ଖରାପ ଶଟ୍‌ମାନ ଖେଳି ଉଇକେଟ ଫୋପାଡିଛନ୍ତି। ଫଳରେ ଦଳ ବଡ଼ ସ୍କୋର ହାସଲ କରିବାରେ ବିଫଳ ହୋଇଛି। ସ୍ଥାନୀୟ ହଗଲୀ ଓଭାଲ ଗ୍ରାଉଣ୍ଡରେ ଶନିବାରଠାରୁ ଆରମ୍ଭ ହୋଇଥିବା ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଅଧିନାୟକ କେନ ୱିଲିୟମସନ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବ୍ୟାଟିଂ କରି ଭାରତ ପ୍ରଥମ ଇନିଂସରେ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ୬୩ ଓଭରରେ ୨୪୨ ରନ କରି ଅଲଆଉଟ ହୋଇଛି। ଜବାବରେ ଘରୋଇ ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ ଆରମ୍ଭ କରି ପ୍ରଥମ ଦିବସ ଖେଳ ଶେଷସୁଦ୍ଧା ୨୩ ଓଭରରେ କୌଣସି ଉଇକେଟ ନ ହରାଇ ୬୩ ରନ ସଂଗ୍ରହ କରି ଭଲ ଆରମ୍ଭ କରିବା ସହ ସ୍ଥିତି ଦୃଢ଼ କରିଛି। ନ୍ୟୁଜିଲାଣ୍ଡ ୧୦ ଉଇକେଟ ହାତରେ ରଖି ଏବେ ୧୭୯ ରନ ପଛରେ ପଡିଛି। ଷ୍ଟମ୍ପ ଅପସାରଣ ବେଳକୁ ଦୁଇ ଓପନର ଟମ୍ ଲଥାମ ଓ ଟମ୍ ବ୍ଲଣ୍ଡେଲ ଯଥାକ୍ରମେ ୨୭ ଓ ୨୯ ରନ କରି ଅପରାଜିତ ରହିଛନ୍ତି। ନୂଆ ବଲ୍‌ରେ ଭାରତୀୟ ଦ୍ରୁତ ବୋଲରମାନେ ଉଇକେଟ ହାସଲ କରିବାରେ ପୁଣିଥରେ ବିଫଳ ହୋଇଛନ୍ତି।

ଭାରତ ଆରମ୍ଭ ଭଲ କରିଥିଲେ ମଧ୍ୟ ଏହାକୁ ବଜାୟ ରଖିପାରି ନ ଥିଲା। ଦଳ ତରଫରୁ ଯୁବ ଓପନର ପୃଥ୍ୱୀ ଶ, ଚେତେଶ୍ୱର ପୂଜାରା ଓ ହନୁମା ବିହାରୀ ଅର୍ଦ୍ଧଶତକ ହାସଲ କରିଥିବା ବେଳେ ଅନ୍ୟମାନେ ବିଫଳ ହୋଇଛନ୍ତି। ୬୪ଟି ବଲ୍ ଖେଳି ୮ ଚୌକା ଓ ୧ ଛକା ସହ ୫୪ ରନର ଅର୍ଦ୍ଧଶତକୀୟ ପାଳି ଖେଳି ପୃଥ୍ୱୀ କାଏଲ ଜେମିସନଙ୍କ ବଲ୍‌ରେ ଦ୍ୱିତୀୟ ସ୍ଲିପ୍‌ରେ ଲଥାମଙ୍କୁ କ୍ୟାଚ୍ ଦେଇଥିଲେ। ସେହିପରି ପୂଜାରା ମଧ୍ୟ ୬ ଚୌକା ସହ ୫୪ ରନ ସଂଗ୍ରହ କରିଥିଲେ। ସେ ଉଇକେଟକିପର ବିଜେ ୱାଟଲିଂଙ୍କୁ କ୍ୟାଚ୍ ଦେଇ ଜେମିସନଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ବିହାରୀ ୭୦ ବଲ ଖେଳି ୧୦ ଚୌକା ସହ ୫୫ ରନର ଅର୍ଦ୍ଧଶତକୀୟ ପାଳି ଖେଳି ନିଲ ୱାଗନରଙ୍କ ବଲ୍‌ରେ ୱାଟଲିଂଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଅଧିନାୟକ କୋହଲିଙ୍କ ପାଇଁ ଏଥର ନ୍ୟୁଜିଲାଣ୍ଡ ଗସ୍ତ ଦୁଃସ୍ୱପ୍ନ ସାବ୍ୟସ୍ତ ହୋଇଛି। ମାତ୍ର ୩ ରନ କରିଥିବା ବେଳେ କୋହଲି ଅଭିଜ୍ଞ ସୌଦିଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଏଥିସହିତ କୋହଲିଙ୍କ ବିଫଳତା ଜାରି ରହିଛି। ୪୫ ରନ ଦେଇ ମୂଲ୍ୟବାନ ୫ ଉଇକେଟ ଅକ୍ତିଆର କରିବା ସହ ଜେମିସନ ଭାରତର ବିପର୍ଯ୍ୟୟ ଘଟାଇଥିଲେ।

ଏକଦା ୪ ଉଇକେଟ ହରାଇ ଭାରତ ୧୯୪ ରନ ସଂଗ୍ରହ କରି ସୁବିଧାଜନକ ସ୍ଥିତିରେ ଥିଲା ଓ ଦଳ ସହଜରେ ୩୫୦ରୁ ଊର୍ଦ୍ଧ୍ୱ ସ୍କୋର କରିବ ବୋଲି ଆଶା କରାଯାଉଥିଲା। ତେବେ ମାତ୍ର ୬ ଓଭର ମଧ୍ୟରେ ୨୨ ରନରେ ଭାରତ ୫ ଉଇକେଟ ହରାଇଥିଲା। ବଡ଼ ସ୍କୋର ହାସଲ କରିବାର ସୁଯୋଗ ହାତଛଡ଼ା କରିଥିଲା ଭାରତ। ବ୍ୟାଟ୍ସମ୍ୟାନଙ୍କ ଦୁର୍ବଳ ଶଟ୍ ଦଳକୁ ବ୍ୟାକ୍‌ଫୁଟ୍‌କୁ ନେଇଯାଇଛି। ଚା' ପାନ ବିରତି ପରେ ଜେମିସନ ପୂଜାରା, ପନ୍ତ ଓ ଉମେଶ ଯାଦବଙ୍କୁ ପ୍ୟାଭିଲିୟନ ଫେରାଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଓପନର ମୟଙ୍କ ଅଗ୍ରୱାଲ ୭, ଉପ-ଅଧିନାୟକ ଅଜିଙ୍କ୍ୟ ରାହାନେ ୭, ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ୧୨, ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ୯ ଓ ମହମ୍ମଦ ସାମି ୧୬ ରନ କରି ଆଉଟ ହୋଇଥିଲେ। ଯଶପ୍ରୀତ ବୁମ୍ରା ୧୦ ରନ କରି ଅପରାଜିତ ରହିଥିଲେ। ଅନ୍ତିମ ଉଇକେଟରେ ସାମି ଓ ବୁମ୍ରା ୨୨ ବଲରୁ ଦ୍ରୁତ ୨୬ ରନ ସଂଗ୍ରହ କରିଥିଲେ। ପଞ୍ଚମ ଉଇକେଟରେ ପୂଜାରା ଓ ବିହାରୀ ୮୧ ରନ କରି ସ୍ଥିତି ସମ୍ଭାଳିବାକୁ ପ୍ରୟାସ କରିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ଜେମିସନ ସର୍ବାଧିକ ୫, ସୌଦି ଓ ଟ୍ରେଣ୍ଟ ବୋଲ୍ଟ ଦୁଇଟି ଲେଖାଏ ଓ ୱାଗନର ଗୋଟିଏ ଉଇକେଟ ହାସଲ କରିଥିଲେ।




ଦୁଇ ଅର୍ଦ୍ଧଶତକ ହାସଲକାରୀ ଚେତେଶ୍ୱର ପୂଜାର ଓ ହନୁମା ବିହାରୀ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ– ୬୩ ଓଭରରେ ୨୪୨ ଅଲଆଉଟ (ବିହାରୀ– ୫୫, ପୃଥ୍ୱୀ– ୫୪, ପୂଜାରା– ୫୪, ଜେମିସନ– ୫/୪୫, ସୌଦି– ୨/୩୮, ବୋଲ୍ଟ– ୨/୮୯, ୱାଗନର– ୧/୨୯)।
ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ– ୨୩ ଓଭରରେ ୬୩/୦ (ଲଥାମ– ୨୭*, ବ୍ଲଣ୍ଡେଲ– ୨୯*)

### ରଣଜୀ ଟ୍ରଫି ସେମିଫାଇନାଲ ଆରମ୍ଭ

**ରାଜକୋଟ, ୨୯।୨ (ପି.ଟି.):** ରଣଜୀ ଟ୍ରଫି କ୍ରିକେଟ୍ ଟୁର୍ନାମେଣ୍ଟର ସେମିଫାଇନାଲ ପର୍ଯ୍ୟାୟ ଶନିବାରଠାରୁ ଆରମ୍ଭ ହୋଇଛି। ଏଠାରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଗୁଜରାଟ ବିପକ୍ଷରେ ପ୍ରଥମେ ବ୍ୟାଟିଂ କରି ଘରୋଇ ସୌରାଷ୍ଟ୍ର ଷ୍ଟମ୍ପ ଅପସାରଣ ସୁଦ୍ଧା ୯୦ ଓଭରରେ ୫ ଉଇକେଟ୍ ହରାଇ ୨୧୭ ରନ କରିଛି। ଦଳ ପକ୍ଷରୁ ଶେଲଡନ ଜ୍ୟାକସନ ୬୯ ଓ ଚିରାଗ ଜାନି ୧୬ ରନ କରି ଅପରାଜିତ ରହିଛନ୍ତି। ପ୍ରତିପକ୍ଷ ବୋଲର ଅର୍ଜାନ ନାଗୱାସୱାଲା ୩ ଓ ଅକ୍ଷର ପଟେଲ ୨ ଉଇକେଟ୍ ନେଇଛନ୍ତି। ସେହିଭଳି କୋଲକାତାର ଇଡେନ ଗାର୍ଡେନ୍ସ ଷ୍ଟାଡିୟମରେ ଅନୁଷ୍ଠିତ ଅନ୍ୟ ଏକ ସେମିଫାଇନାଲରେ କର୍ଣ୍ଣାଟକ ବିପକ୍ଷରେ ବ୍ୟାଟିଂ କରି ବେଙ୍ଗଲ ୯ ଉଇକେଟ୍ ହରାଇ ୨୭୫ ରନ କରିଛି। ଦଳ ପକ୍ଷରୁ ଅନୁଷ୍ଟୁପ୍ ମଜୁମଦାର ୧୨୦ ରନ କରି ଅପରାଜିତ ରହିଛନ୍ତି। ସଫଳର ବୋଲର ଭାବେ ଅଭିମନ୍ୟୁ ମିଥୁନଙ୍କୁ ୩ ଉଇକେଟ୍ ମିଳିଛି। ଉଲ୍ଲେଖଯୋଗ୍ୟ, ଓଡ଼ିଶା ବିପକ୍ଷ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ମଧ୍ୟ ଅନୁଷ୍ଟୁପ ୧୫୭ ରନର ଶତକୀୟ ଇନିଂସ ଖେଳିଥିଲେ।

### ଫାଇନାଲରେ ନାଡାଲ

**ଲସ ଏଞ୍ଜେଲ୍ସ, ୨୯।୨:** ଟପ୍ ସିଡ୍ ରାଫାଲ ନାଡାଲ ଏଠାରେ ଚାଲିଥିବା ଏଟିପି ମେକ୍ସିକୋ ଓପନ ଫାଇନାଲରେ ପ୍ରବେଶ କରିଛନ୍ତି। ସେ ସେମିଫାଇନାଲରେ ୬–୩, ୬–୨ ସେଟ୍‌ରେ ଗ୍ରିଗୋର ଡିମିଟ୍ରୋଭଙ୍କୁ ହରାଇ ଦେଇଛନ୍ତି। ଫାଇନାଲରେ ନାଡାଲଙ୍କ ମୁକାବିଲା ଟେଲର ଫ୍ରିଜଙ୍କ ସହ ହେବ।

## ଅଷ୍ଟ୍ରେଲିଆକୁ ହରାଇଲା ଦକ୍ଷିଣ ଆଫ୍ରିକା

**ପାର୍ଲ (ଦକ୍ଷିଣ ଆଫ୍ରିକା), ୨୯।୨ (ଏଏଫ୍‌ପି):** ଏଠାରେ ଅନୁଷ୍ଠିତ ପ୍ରଥମ ଦିନିକିଆ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୭୪ରନରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଘରୋଇ ଦଳ ଦ୍ୱାରା ଧାର୍ଯ୍ୟ ୨୯୨ରନର ବିଜୟ ଲକ୍ଷ୍ୟକୁ ପିଛା କରି ଅଷ୍ଟ୍ରେଲିଆ ୪୫.୧ ଓଭରରେ ୨୧୭ରନ କରି ଅଲ୍‌ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଷ୍ଟିଭେନ ସ୍ମିଥ ସର୍ବାଧିକ ୭୬ ରନ କରିଥିଲେ। ଦକ୍ଷିଣ ଆଫ୍ରିକା ତରଫରୁ ଲୁଙ୍ଗି ଏନ୍‌ଗିଡି ୩ ଉଇକେଟ ହାସଲ କରିଥିଲେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ହେନ୍‌ରିଚ୍ କ୍ଲାସେନଙ୍କ ପ୍ରଥମ ଅନ୍ତର୍ଜାତୀୟ ଶତକ (୧୨୩* ରନ୍, ୭ ଚୌକା, ୩ ଛକା) ସହାୟତାରେ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ବିନିମୟରେ ୨୯୧ ରନ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ କାଇଲ ଭରେନି ୪୮, ଡେଭିଡ୍ ମିଲର ୬୪ ରନ କରିଥିଲେ। ଏହା ପୂର୍ବରୁ କ୍ଲାସେନଙ୍କ ସର୍ବୋଚ୍ଚ ସ୍କୋର ୫୯ ଥିଲା।

**ଅଲୋଡ଼ା କୀର୍ତ୍ତିମାନ**

ଦକ୍ଷିଣ ଆଫ୍ରିକା ପଦାର୍ପଣକାରୀ ବ୍ୟାଟ୍ସମ୍ୟାନ ଜାନେମନ ମଲାନ ଏକ ଅଲୋଡ଼ା ରେକର୍ଡର ଅଧିକାରୀ ହୋଇଛନ୍ତି। ଓପନିଂ କରିବାକୁ ଆସିଥିବା ମଲାନ୍ ଇନିଂସର ପ୍ରଥମ ବଲ୍‌ରେ ମିଚେଲ ଷ୍ଟାର୍କଙ୍କ ଦ୍ୱାରା ଆଉଟ୍ ହୋଇଥିଲେ। ଫଳରେ ଦିନିକିଆ କ୍ରିକେଟ୍ ଇତିହାସରେ ମଲାନ ପ୍ରଥମ ପଦାର୍ପଣକାରୀ ବ୍ୟାଟ୍ସମ୍ୟାନ ଭାବେ ଇନିଂସର ପ୍ରଥମ ବଲରେ ଆଉଟ୍ ହେବାର ଅଲୋଡ଼ା ରେକର୍ଡ କରିଛନ୍ତି। ୨୦୦୯ରେ ବାଂଲାଦେଶ ବିପକ୍ଷ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜର ପଦାର୍ପଣକାରୀ କିରନ ପାୱେଲ ଇନିଂସର ପ୍ରଥମ ବଲରେ ଆଉଟ୍ ହୋଇଥିଲେ। ପାୱେଲଙ୍କୁ ଆଉଟ୍ କରିବା ପୂର୍ବରୁ ବାଂଲାଦେଶ ବୋଲର ମହମ୍ମଦୁଲ୍ଲା ଆଲାମ ଏକ ୱାଇଡ୍ ବଲ୍ ପକାଇଥିଲେ। ଫଳରେ ଇନିଂସର ପ୍ରଥମ ବଲ୍ ୱାଇଡ୍ ଭାବେ ଗଣା ଯାଇଥିଲା।

## ଲୋ ସ୍କୋରିଂ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡର ରେକର୍ଡ ବିଜୟ

**ମେଲବୋର୍ନ,୨୯।୨:** ଚଳିତ ଆଇସିସି ମହିଳା ଟି୨୦ ବିଶ୍ୱକପ୍‌ର ଏକ ଲୋ ସ୍କୋରିଂ ମ୍ୟାଚରେ ନ୍ୟୁଜିଲାଣ୍ଡ ୧୭ ରନରେ ବାଂଲାଦେଶକୁ ପରାସ୍ତ କରିଛି। ଏତେ କମ୍ ସ୍କୋର କରି ମ୍ୟାଚ ଜିତି ନ୍ୟୁଜିଲାଣ୍ଡ ମହିଳା ଟି୨୦ ବିଶ୍ୱକପ୍‌ରେ ଇତିହାସ ସୃଷ୍ଟି କରିଛି। ଶନିବାର ଖେଳାଯାଇଥିବା ଏହି ମ୍ୟାଚରେ ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରି ୧୮.୨ ଓଭରରେ ମାତ୍ର ୯୧ ରନ୍‌ରେ ଅଲ୍ ଆଉଟ ହୋଇଯାଇଥିଲା। ୭ ବ୍ୟାଟ୍ସଓମ୍ୟାନ ଦୁଇ ଅଙ୍କ ସ୍କୋର ଛୁଇଁପାରି ନ ଥିଲେ। ଜବାବରେ ବାଂଲାଦେଶ ଦଳକୁ ୧୯.୫ ଓଭରରେ ୭୪ ରନ୍‌ରେ ଅଲଆଉଟ୍ କରି ନ୍ୟୁଜିଲାଣ୍ଡ ୧୭ ରନ୍‌ରେ ମ୍ୟାଚ୍ ଜିତି ନେଇଥିଲା। ବ୍ୟାଟିଂ ବିପର୍ଯ୍ୟୟରୁ ବାଂଲାଦେଶ ଦଳ କଦାପି ମ୍ୟାଚ୍‌କୁ ଫେରିପାରି ନ ଥିଲା। ଏହି ପରାଜୟ ସହ ବାଂଲାଦେଶ ଟି୨୦ ବିଶ୍ୱକପ୍‌ରୁ ବିଦାୟ ନେବା ନିଶ୍ଚିତ ହୋଇଛି। ଦଳ ତା'ର ପ୍ରଥମ ୩ଟି ମ୍ୟାଚ୍‌ରେ ପରାଜିତ ହୋଇଛି। ନ୍ୟୁଜିଲାଣ୍ଡ ପକ୍ଷରୁ ଲେଗ୍ କାସପରେକ ଓ ହେଲି ଜେନସନ ୩ ଲେଖାଏ ଉଇକେଟ ନେଇଥିଲେ। ଏହି ବିଜୟ ଯୋଗୁ ନ୍ୟୁଜିଲାଣ୍ଡ ଦଳ ତା'ର ସେମିଫାଇନାଲ ଆଶା ଉଜ୍ଜୀବିତ ରଖିଛି। ଦଳକୁ ସେମିଫାଇନାଲରେ ପ୍ରବେଶ କରିବାକୁ ହେଲେ ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ହରାଇବାକୁ ପଡ଼ିବ।




କଳିଙ୍ଗ ଷ୍ଟାଡ଼ିୟମ୍‌ରେ ଅନୁଷ୍ଠିତ ପୁରୁଷ ହାଇଜମ୍ପ ଇଭେଣ୍ଟ ଅବସରରେ ଜଣେ ପ୍ରତିଯୋଗୀ ।

## ଚାଇନା ଖେଳାଳିଙ୍କ ସ୍ୱାସ୍ଥ୍ୟ ରିପୋର୍ଟ ମାଗିଲେ ସରକାର

ଇଣ୍ଡିଆନ୍ ଓପନ୍ ବ୍ୟାଡ୍‌ମିଣ୍ଟନ

**ନୂଆଦିଲ୍ଲୀ, ୨୯।୨ (ପି.ଟି.):** ଆସନ୍ତା ମାସରେ ଇଣ୍ଡିଆନ୍ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ରାଜଧାନୀ ନୂଆଦିଲ୍ଲୀରେ ଖେଳାଯିବ। ଏଥିରେ ଭାଗ ନେବାକୁ ଥିବା ଚାଇନା ଖେଳାଳିଙ୍କ ସ୍ୱାସ୍ଥ୍ୟାବସ୍ଥାର ସ୍ପଷ୍ଟ ଚିତ୍ର ଜଣାଇବା ଲାଗି ସରକାର ଆୟୋଜକ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ (ବାଇ)କୁ କହିଛନ୍ତି। ଟୋକିଓ ଅଲିମ୍ପିକ୍ସ କ୍ୱାଲିଫିକେଶନ ପାଇଁ ଏହି ସୁପର ୫୦୦ ଟୁର୍ନାମେଣ୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଇଭେଣ୍ଟ। ଟୁର୍ନାମେଣ୍ଟରେ ଖେଳିବା ଲାଗି ଭାରତ ଆସିବା ପୂର୍ବରୁ ଚାଇନା ଖେଳାଳିଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ଟିକିନିଖି ବିବରଣୀ ଜାଣିବାକୁ ଚାହିଁଛି କେନ୍ଦ୍ର ବହିର୍ବ୍ୟାପାର ମନ୍ତ୍ରଣାଳୟ। ମନ୍ତ୍ରଣାଳୟ ପକ୍ଷରୁ ବାଇକୁ କେତେକ ପ୍ରଶ୍ନର ଉତ୍ତର ଦେବା ଲାଗି କୁହାଯାଇଛି। ଯଥା ଚାଇନା ଖେଳାଳି/ଅଫିସିଆଲ ସେମାନଙ୍କ ଦେଶର କେଉଁ ଅଞ୍ଚଳରୁ ଆସିଛନ୍ତି। କେତେଜଣ ଖେଳାଳି/ଅଫିସିଆଲଙ୍କ ମେଡିକାଲ ଚେକ୍‌ଅପ୍ ହୋଇଛି ଏବଂ ସେମାନଙ୍କୁ ମେଡିକାଲ ସାର୍ଟିଫିକେଟ ଇସ୍ୟୁ ହୋଇଛି କି ନା ? ଅନ୍ୟ ଦେଶଗୁଡ଼ିକରୁ କେତେଜଣ ଖେଳାଳି/ଅଫିସିଆଲ ଆସୁଛନ୍ତି ଇତ୍ୟାଦି...। ଏହି ପ୍ରଶ୍ନାବଳୀକୁ ଚାଇନିଜ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ନିକଟକୁ ପଠାଇ ଦିଆଯାଇଛି ଏବଂ ଆମେ ଉତ୍ତର ଅପେକ୍ଷାରେ ରହିଛୁ ବୋଲି ବାଇ ସମ୍ପାଦକ ଅଜୟ ସିଂଘାଣିଆ ପ୍ରକାଶ କରିଛନ୍ତି। ଉତ୍ତର ଆସିବା ପରେ ଆମେ ଏହାକୁ ମନ୍ତ୍ରଣାଳୟ ନିକଟକୁ ପଠାଇଦେବା ସହ ଭିଜା ପ୍ରକ୍ରିୟା ଆରମ୍ଭ କରିଦେବୁ ବୋଲି ସେ କହିଛନ୍ତି। ସ୍ଥାନୀୟ ଇନ୍ଦିରାଗାନ୍ଧୀ ଓପନ ଷ୍ଟାଡିୟମରେ ମାର୍ଚ୍ଚ ୨୪ରୁ ୨୯ ଇଣ୍ଡିଆନ ଓପନ ବ୍ୟାଡ୍‌ମିଣ୍ଟନ ଖେଳାଯିବ। ଏଥିରେ ବିଶ୍ୱର ନମ୍ବର ୱାନ ଚେନ୍ ୟୁଫେଇ, ବିଶ୍ୱର ୮ ନମ୍ବର ହି ବିଙ୍ଗ୍ ଜାଓ ଏବଂ ପୂର୍ବତନ ଅଲ ଇଂଲଣ୍ଡ ଚାମ୍ପିୟନ ଶି ୟୁ କ୍ୱିଙ୍କ ସମେତ ବହୁ ଚାଇନିଜ ଖେଳାଳି ଭାଗନେବେ ବୋଲି ଆଶା କରାଯାଉଛି। ପ୍ରତିଯୋଗିତାରେ ଚାଇନାର ଅଂଶଗ୍ରହଣକୁ ନେଇ ବାଇ କିନ୍ତୁ ଆଶାବାଦୀ।

# ଲିଗ୍ ପର୍ଯ୍ୟାୟରେ ଭାରତ ଅପରାଜେୟ

ମହିଳା ଟି୨୦ ବିଶ୍ୱକପ୍




ବିଜୟ ହାସଲ ପରେ ଖୁସି ମନାଉଛନ୍ତି ଦୀପ୍ତି ଶର୍ମା, ଜେମିମା ରୋଡ୍ରିଗୁଏଜ୍ ଓ ରାଧା ଯାଦବ।

**ମେଲବୋର୍ନ,୨୯।୨**

ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଚଳିତ ଆଇସିସି ଟି୨୦ ମହିଳା ବିଶ୍ୱକପ୍‌ର ଲିଗ୍ ପର୍ଯ୍ୟାୟରେ ଅପରାଜେୟ ରହିଛି। ଶନିବାର ଖେଳାଯାଇଥିବା ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଭାରତୀୟ ଦଳ ୭ ଉଇକେଟରେ ଶ୍ରୀଲଙ୍କାକୁ ହରାଇ ଦେଇଛି। ଶ୍ରୀଲଙ୍କା ପକ୍ଷରୁ ଧାର୍ଯ୍ୟ ୧୧୪ ରନ୍‌ର ଟାର୍ଗେଟକୁ ଭାରତୀୟ ଦଳ ୩୨ ବଲ ଓ ୭ ଉଇକେଟ ହାତରେ ରଖି ହାସଲ କରିନେଇଛି। ପୂର୍ବରୁ ସେମିଫାଇନାଲରେ ପ୍ରବେଶ କରିସାରିଥିବା ଭାରତୀୟ ଦଳର ଏହା କ୍ରମାଗତ ଚତୁର୍ଥ ବିଜୟ। ବିଜୟୀ ଦଳର ସଫଳ ବୋଲର ରାଧା ଯାଦବ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ୨୦ ଓଭରରେ ୯ ଉଇକେଟ ହରାଇ ୧୧୩ ରନ୍ କରିଥିଲା। ଦଳ ପାଇଁ ଅଧିନାୟିକା ଚାମାରି ଆଟାପାଟୁ ୩୩ ରନ୍ କରିଥିଲେ। ରାଧା ଯାଦବ ସର୍ବାଧିକ ୪ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଶେଫାଳି ବର୍ମା ଓ ସ୍ମୃତି ମନ୍ଧାନାଙ୍କ ଓପନିଂ ଯୋଡ଼ି ୪.୪ ଓଭରରେ ୩୪ ରନ୍ କରିଥିଲେ। ମନ୍ଧାନା (୧୭) ଆଉଟ୍ ହେବା ପରେ ଶେଫାଳିଙ୍କ ସହ ଅଧିନାୟିକା ହରମନପ୍ରୀତ ମିଶି ଦ୍ୱିତୀୟ ଉଇକେଟ ଲାଗି ୪୭ ରନ୍‌ର ଭାଗୀଦାରି କରିଥିଲେ। ହରମନପ୍ରୀତ (୧୫) ଓ ଶେଫାଳି (୪୭) ଦୁଇ ଓଭରରେ ଆଉଟ୍ ହୋଇଥିଲେ। ଏହାପରେ ଦଳକୁ ବିଜୟ ଲାଗି ଆବଶ୍ୟକ ରନ୍ ଜେମିମା ରୋଡ୍ରିଗୁଏଜ ଓ ଦୀପ୍ତି ଶର୍ମାଙ୍କ ଯୋଡ଼ି ହାସଲ କରି ନେଇଥିଲା। ଦୁହେଁ ୧୫ ରନ୍ ଲେଖାଏ କରି ଅପରାଜିତ ଥିଲେ। ଭାରତୀୟ ଦଳ ୧୪.୪ ଓଭରରେ ୩ ଉଇକେଟ ହରାଇ ୧୧୬ ରନ୍ କରି ମ୍ୟାଚ୍ ଜିତି ନେଇଥିଲା। ବିଜୟ ସହ ଭାରତୀୟ ଦଳ ଗ୍ରୁପ୍ ଏ'ରେ ୪ ମ୍ୟାଚ୍‌ରୁ ୪ ଜିତି ୮ ପଏଣ୍ଟ ହାସଲ କରି ଶୀର୍ଷ ସ୍ଥାନ ଅଧିକାର କରିଛି।

**ସଂକ୍ଷିପ୍ତ ସ୍କୋର**

**ଶ୍ରୀଲଙ୍କା ଦଳ:** ୨୦ ଓଭରରେ ୧୧୩/୯(ଚାମାରି ଆଟାପାଟୁ– ୩୩, କାଭିଶ ଦିଲାରି–୨୫, ରାଧା ଯାଦବ– ୪/୨୩)।
**ଭାରତୀୟ ଦଳ:** ୧୪.୪ ଓଭରରେ ୧୧୬/୩ (ଶେଫାଳି ବର୍ମା–୪୭, ସ୍ମୃତି ମନ୍ଧାନା–୧୭)।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୧/୨୦୨୦ Bhubaneswar, Sunday, March 1/2020

# ଦ୍ୱୈତନଗରୀ ପାଇଁ 'ଜନସାଧାରଣ ସ୍ପେଶାଲ ଟ୍ରେନ'

**ଭୁବନେଶ୍ୱର, ୨୯।୨(ବ୍ୟୁରୋ)**

- **ଆଜିଠୁ ପରୀକ୍ଷାମୂଳକ ଭାବେ ଚଳାଚଳ କରିବ**
- **ଉପକୃତ ହେବେ ଭୁବନେଶ୍ୱର, କଟକ ସହ ଆଖପାଖ ଅଞ୍ଚଳର ଯାତ୍ରୀ**

ଟ୍ରେନ ଯାତ୍ରୀଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଏବଂ ଭୁବନେଶ୍ୱର ଓ କଟକ ଦ୍ୱୈତନଗରୀ ସହିତ ଆଖପାଖ ଅଞ୍ଚଳର ଯାତ୍ରୀଙ୍କୁ ଉତ୍ତମ ଗମନାଗମନ ସୁବିଧା ଯୋଗାଇଦେବା ପାଇଁ ଏକ 'ଜନସାଧାରଣ ସ୍ପେଶାଲ ଟ୍ରେନ' ଚଳାଚଳ ହେବ। ରେଳ ମନ୍ତ୍ରଣାଳୟ ପକ୍ଷରୁ ଅପରାହ୍ନ ସମୟରେ ଭୁବନେଶ୍ୱର ଓ କଟକ ମଧ୍ୟରେ ଏହି ଟ୍ରେନ ଚଳାଚଳ କରାଯିବାକୁ ସ୍ଥିର ହୋଇଛି। ମାର୍ଚ୍ଚ ପହିଲାରୁ ୩୧ ତାରିଖ ମଧ୍ୟରେ ପରୀକ୍ଷାମୂଳକ ଭାବେ ଚଳାଚଳ କରିବ।

ମିଳିଥିବା ସୂଚନା ଅନୁଯାୟୀ, ଭୁବନେଶ୍ୱର-କଟକ ଜନସାଧାରଣ ସ୍ପେଶାଲ ଟ୍ରେନ (୦୮୪୬୦) ଭୁବନେଶ୍ୱରରୁ ଅପରାହ୍ନ ୧ଟା୩୦ରେ ଛାଡ଼ି ବାରଙ୍ଗ ଓ ଗୋପାଳପୁର ବାଲିକୁଦା ମାର୍ଗ ଦେଇ କଟକରେ ଅପରାହ୍ନ ୨ଟା ୩୦ରେ ପହଞ୍ଚିବ। ଫେରିବା ମାର୍ଗରେ ଏହି ଟ୍ରେନ କଟକରୁ ଅପରାହ୍ନ ୨ଟା ୪୦ରେ ଛାଡ଼ି ନିର୍ଗୁଣ୍ଡି, ଗୁରୁଡ଼ିଝାଟିଆ, ରାଧାକିଶୋରପୁର, ନରାଜ ମାର୍ଥାପୁର ମାର୍ଗ ଦେଇ ଭୁବନେଶ୍ୱରରେ ଅପରାହ୍ନ ୪ଟା ୨୦ରେ ପହଞ୍ଚିବ। ଭୁବନେଶ୍ୱର ଓ କଟକ ମଧ୍ୟରେ ଏହି ଟ୍ରେନ ବାଣୀବିହାର, ମଞ୍ଚେଶ୍ୱର, ପଟିଆ, ଭୁବନେଶ୍ୱର ନୂଆ, ବାରଙ୍ଗ, ଗୋପାଳପୁର ବାଲିକୁଦା ଓ କାଠଯୋଡ଼ି ଷ୍ଟେଶନରେ ରହିବ। ଫେରିବା ପଥରେ ଏହା କେନ୍ଦ୍ରାପଡ଼ା ରୋଡ୍, ମଙ୍ଗୁଳି ଚୌଦ୍ୱାର, ନିର୍ଗୁଣ୍ଡି, ଶାଳଗାଁ, ଚାରବାଟିଆ, ବଡ଼ପଦାଗାଁ, ଗୁରୁଡ଼ିଝାଟିଆ, ମାଛପୁର, ରାଧାକିଶୋରପୁର, ଘଣ୍ଟିଖାଲ ନିଧିପୁର, ସର୍ପେଶ୍ୱର, ନରାଜ ମାର୍ଥାପୁର, ବାରଙ୍ଗ, ଭୁବନେଶ୍ୱର ନୂଆ, ପଟିଆ, ମଞ୍ଚେଶ୍ୱର ଓ ବାଣୀବିହାର ଷ୍ଟେଶନରେ ରହଣି କରିବ। ଭୁବନେଶ୍ୱର ଓ କଟକ ମଧ୍ୟରେ ଏହି ସ୍ପେଶାଲ ଟ୍ରେନ ଚଳାଚଳ ପାଇଁ ଏକ ମେମୁ ଟ୍ରେନକୁ ଉପଯୋଗ କରାଯିବ, ଯାହାକି ଭୁବନେଶ୍ୱର ଓ କଟକ ଦ୍ୱୈତନଗରୀ ସହିତ ଚୌଦ୍ୱାର, ଆଠଗଡ଼, ବଡ଼ମ୍ବା, ନରସିଂହପୁର ଓ ଢେଙ୍କାନାଳ ଜିଲାର କେତେକ ଅଞ୍ଚଳର ଯାତ୍ରୀମାନଙ୍କ ଗମନାଗମନ ପାଇଁ ସହାୟକ ହେବ।

## ସଂକ୍ଷେପରେ

### ରାଜ୍ୟ ଜଣାଇଲେ ପଦକ୍ଷେପ ନେବ କେନ୍ଦ୍ର

#### ଶ୍ରୀମନ୍ଦିର ସୌନ୍ଦର୍ଯ୍ୟକରଣ ପ୍ରସଙ୍ଗ

**ପୁରୀ ଅଫିସ, ୨୯।୨:** କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ପ୍ରହଲ୍ଲାଦ ସିଂ ପଟେଲ ଶନିବାର ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। କୋଣାର୍କ ସୂର୍ଯ୍ୟମନ୍ଦିର ସୁରକ୍ଷା ଜାତୀୟ କର୍ମଶାଳାରେ ଯୋଗଦେବାକୁ ଯିବା ପୂର୍ବରୁ ସକାଳେ କେନ୍ଦ୍ରମନ୍ତ୍ରୀ ପଟେଲ ଶ୍ରୀମନ୍ଦିରକୁ ଆସିଥିଲେ। ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ବେଢା ପରିସର ଅନ୍ୟାନ୍ୟ ମନ୍ଦିର ବୁଲି ଦେଖିଥିଲେ। ସିଂହଦ୍ୱାରଠାରେ ଗଣମାଧ୍ୟମକୁ ସୂଚନା ଦେଇ ସେ କହିଥିଲେ, ମହାପ୍ରଭୁଙ୍କୁ ଦର୍ଶନ କରିବାରେ ଯେଉଁ ଆନନ୍ଦ ତାହା ଶବ୍ଦରେ ବର୍ଣ୍ଣନା କରିହେବ ନାହିଁ। ଦେଶବାସୀଙ୍କ ଉପରେ ଭଗବାନ ଏହିପରି ସର୍ବଦା ଆଶୀର୍ବାଦ ରଖିଥାନ୍ତୁ। ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶା ଆଗକୁ ବଢୁଛି। ବର୍ତ୍ତମାନ ଶ୍ରୀମନ୍ଦିରର ଚତୁଃପାର୍ଶ୍ୱ ଉଚ୍ଛେଦ କରାଯାଇ ସୌନ୍ଦର୍ଯ୍ୟକରଣ କାମ ଚାଲିଛି। ଏ କ୍ଷେତ୍ରରେ ଯଦି କୌଣସି ପ୍ରକାର ସହଯୋଗ ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଅନୁରୋଧ କରନ୍ତି ତେବେ ନିଶ୍ଚିତ ପଦକ୍ଷେପ ନିଆଯିବ ବୋଲି କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ପ୍ରକାଶ କରିଥିଲେ। ମନ୍ତ୍ରୀ ପଟେଲ ଦର୍ଶନ ସାରି ଫେରିଯିବାକୁ ପ୍ରସ୍ତୁତ ହେଉଥିବାବେଳେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ପହଞ୍ଚିଥିଲେ। ଦୁଇ କେନ୍ଦ୍ରମନ୍ତ୍ରୀଙ୍କର ଶ୍ରୀମନ୍ଦିର ସମ୍ମୁଖରେ ସାକ୍ଷାତ ହୋଇଥିଲା।

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବାରଙ୍ଗ,୨୯।୨(ଡି.ଏନ୍.ଏ):** ବାରଙ୍ଗ ଥାନା ଅନ୍ତର୍ଗତ ବେଙ୍କଟକାରପଡା ଗ୍ରାମରୁ ଶନିବାର ସକାଳେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଉଦ୍ଧାର କରିଛି। ମୃତକ ହେଲେ, ସେହି ଗ୍ରାମର ବିଜନ ଭୂୟାଁ(୨୬)। ଏ ନେଇ ପୋଲିସ ନଂ. ୧/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ବିଜନ ଶୁକ୍ରବାର ରାତିରେ ଖାଇବା ପରେ ଶୋଇବା ପାଇଁ ଚାଲିଯାଇଥିଲେ। ସକାଳେ ବିଜନ ଫ୍ୟାନରେ ରଶି ଲଗାଇ ଝୁଲୁଥିବା ଦେଖିବାକୁ ମିଳିଥିଲା। ସଙ୍ଗେସଙ୍ଗେ ପରିବାରଲୋକ ପୋଲିସକୁ ଖବର ଦେଇଥିଲେ। ତେବେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ।

# ମାମଲା ବୋଝ କମାଇବାକୁ ଛୁଟିଦିନରେ ବସିଲା ସ୍ୱତନ୍ତ୍ର ବେଞ୍ଚ




**କଟକ ଅଫିସ,୨୯।୨**

ମାମଲା ବୋଝ କମାଇବା ପାଇଁ ଶନିବାର ଛୁଟିଦିନ ହୋଇଥିଲେ ମଧ୍ୟ ହାଇକୋର୍ଟର ସ୍ୱତନ୍ତ୍ର ବେଞ୍ଚ ବସିଥିଲା। ଜେଲ୍ କ୍ରିମିନାଲ ଅପିଲ୍‌ର ଶୁଣାଣି ପାଇଁ ଗଠିତ ସ୍ୱତନ୍ତ୍ର ବେଞ୍ଚରେ ଶନିବାର ୯ ମାମଲାର ସମାଧାନ ହୋଇଛି। ୩ଟି ମାମଲାକୁ ଆଂଶିକ ଗ୍ରହଣ କରାଯାଇଥିବା ବେଳେ ୨ଟି ଆବେଦନକୁ ଅଦାଲତ ଗ୍ରହଣ କରିଥିବା ଜଣାପଡ଼ିଛି। ଜଷ୍ଟିସ୍ ସଙ୍ଗମ କୁମାର ସାହୁ ଏବଂ ଜଷ୍ଟିସ୍ ବିଭୁ ପ୍ରସାଦ ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠରେ ୩ଟି ମାମଲାର ଶୁଣାଣି ହୋଇ ସମାଧାନ ହୋଇଥିଲା। ଜଷ୍ଟିସ୍ ସଙ୍ଗମ କୁମାର ସାହୁଙ୍କୁ ନେଇ ଗଠିତ ଜଣିକିଆ ଖଣ୍ଡପୀଠରେ ଗୋଟିଏ ମାମଲାର ସମାଧାନ ହୋଇଥିଲା। ସେହିପରି ଜଷ୍ଟିସ୍ ପ୍ରମଥ ପଟ୍ଟନାୟକ ଏବଂ ଜଷ୍ଟିସ୍ ଏ.କେ. ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠରେ ୫ ମାମଲାର ଶୁଣାଣି ସାଙ୍ଗକୁ ସମାଧାନ କରାଯାଇଥିଲା। ନିମ୍ନ ଅଦାଲତଙ୍କ ନିର୍ଦ୍ଦେଶରେ ଅନେକ ବିଚାରାଧୀନ କଏଦୀ ରାଜ୍ୟର ବିଭିନ୍ନ ଜେଲ୍‌ରେ ବନ୍ଦୀ ଅଛନ୍ତି। ସେମାନେ ନିମ୍ନ ଅଦାଲତ ରାୟକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ଆବେଦନ କରିଥାନ୍ତି। କିନ୍ତୁ ଅନେକ ସମୟରେ ଏହି ଆବେଦନର ଶୁଣାଣିରେ ବହୁ ବିଳମ୍ବ ଦେଖାଦେଉଛି। ଦିନକୁ ଦିନ ମାମଲା ବୋଝ ମଧ୍ୟ ବଢ଼ିଚାଲୁଛି। ତେଣୁ ଛୁଟିଦିନରେ ସ୍ୱତନ୍ତ୍ର ବେଞ୍ଚରେ ଏଭଳି ମାମଲାଗୁଡ଼ିକର ଶୁଣାଣି କରାଯାଇଥିଲା। ନିମ୍ନ ଅଦାଲତର ରାୟଗୁଡ଼ିକୁ ତର୍ଜମା କରାଯାଇ ରାୟ ପ୍ରକାଶ ପାଇଥିଲା। ଫଳରେ ନିମ୍ନ ଅଦାଲତରୁ ଦଣ୍ଡିତ ହୋଇ ଜେଲ୍‌ଦଣ୍ଡ ଭୋଗୁଥିବା କେତେଜଣ ଉପକୃତ ହୋଇଛନ୍ତି। ପ୍ରାୟ ତିନିବର୍ଷ ପରେ ଏଭଳି ଛୁଟିଦିନରେ ସ୍ୱତନ୍ତ୍ର ବେଞ୍ଚ ବସିଥିବା କୁହାଯାଉଛି।




# ବ୍ରାଉନସୁଗାର ବେପାରୀଙ୍କ ହାତରେ ଚୋରା ବନ୍ଧୁକ


ଜବତ କାର, ବନ୍ଧୁକ ଓ ଗୁଳି।



ଗିରଫ ଦୁଇ ଅଭିଯୁକ୍ତ ଅନନ୍ତ ସାହୁ ଓ ଦୀପ୍ତିରଞ୍ଜନ ବାରିକ।

- **ଏସ୍‌ଟିଏଫ୍ ପଞ୍ଝାରେ ଆଉ ଦୁଇ ବ୍ରାଉନସୁଗାର ବେପାରୀ**
- **୫୬ ଗ୍ରାମ ବ୍ରାଉନସୁଗାର, ଗୋଟିଏ ବନ୍ଧୁକ, ୪ ଗୁଳି ଜବତ**

**ଭୁବନେଶ୍ୱର,୨୯।୨(ବ୍ୟୁରୋ)**

ବନ୍ଧୁକ ମୁନରେ ଚାଲିଛି ବ୍ରାଉନସୁଗାର ବେପାର। କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ କଟକ ଟାଙ୍ଗୀ ଅଞ୍ଚଳରୁ ଦୁଇଜଣ ବ୍ରାଉନସୁଗାର ବେପାରିଙ୍କୁ ଗିରଫ କରିବା ପରେ ଚୋରା ବନ୍ଧୁକ କାରବାରର ମଧ୍ୟ ସୁରାକ ପାଇଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ଭୁବନେଶ୍ୱର ନୟାପଲ୍ଲୀ ଥାନା ଅନ୍ତର୍ଗତ ରେଣ୍ଟାଲ କଲୋନୀର ଅନନ୍ତ ସାହୁ ଓରଫ ବୁଦ୍ଧିଆ ଏବଂ ଦୀପ୍ତିରଞ୍ଜନ ବାରିକ ଓରଫ ଇଲୁ। ଉଭୟଙ୍କ ନିକଟରୁ ଏସ୍‌ଟିଏଫ୍ ୫୬ ଗ୍ରାମର ବ୍ରାଉନସୁଗାର,୯ ଏମ୍‌ଏମ୍‌ର ଗୋଟିଏ ବନ୍ଧୁକ, ୪ ଗୁଳି ଓ ଗୋଟିଏ କାର୍ ଜବତ କରିଛି। ଏସ୍‌ଟିଏଫ୍ ସେମାନଙ୍କୁ ଟାଙ୍ଗୀ ପୋଲିସକୁ ହସ୍ତାନ୍ତର କରିଛି। ଏନେଇ ଟାଙ୍ଗୀ ଥାନାରେ କେସ୍ ନଂ-୪୩/୨୦ ଦଫା ୨୧(ବି) ଏନ୍‌ଡିପିଏସ୍ ମାମଲା ରୁଜୁ କରାଯିବା ସହ ୨୫(୧)(ଏ) ଆର୍ମ ଆକ୍ଟରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଚୌଦ୍ୱାର ଜେଲକୁ ପଠାଇ ଦିଆଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଅନନ୍ତ ଏବଂ ଦୀପ୍ତିରଞ୍ଜନ ବାଲେଶ୍ୱରରୁ ଜଣେ ମହିଳାଙ୍କଠାରୁ ବ୍ରାଉନସୁଗାର ଆଣି କଟକ ଓ ଭୁବନେଶ୍ୱରରେ ବେପାର କରନ୍ତି। ପୂର୍ବରୁ ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ଗିରଫ ହୋଇଥିବା ଅନ୍ୟ ଦୁଇ ବେପାରିଙ୍କୁ ପଚରାଉଚରା ପରେ ଏମାନଙ୍କ ସମ୍ପର୍କରେ ସୂଚନା ପାଇଥିଲା ଏସ୍‌ଟିଏଫ୍। ପରେ ସେମାନଙ୍କ ଉପରେ କଡ଼ା ନଜର ରଖାଯାଇଥିଲା। ବ୍ରାଉନସୁଗାର ବେପାର ପାଇଁ ସେମାନେ ପାଖରେ ଚୋରା ବନ୍ଧୁକ ରଖିଥିଲେ। ଯେଉଁମାନେ ପୋଲିସକୁ ଖବର ଦେବାଲାଗି କହୁଥିଲେ ସେମାନେ ବନ୍ଧୁକ ଦେଖାଇ ଧମକ ଚମକ ଦେଉଥିଲେ। ଫଳରେ ଏମାନଙ୍କ କଳା କାରବାର ବିଷୟରେ ଯିଏ ଜାଣୁଥିଲେ ମୁହଁ ଖୋଲିବାକୁ ସାହସ କରୁ ନ ଥିଲେ। ଶୁକ୍ରବାର ରାତିରେ ଉଭୟ ଟାଙ୍ଗୀ ଅଞ୍ଚଳରେ ଥିବା ଏକ ଅନ୍ଧାରୁଆ ସ୍ଥାନରେ କାର ଭିତରେ ବସି ବ୍ରାଉନସୁଗାର ବିକ୍ରି କରିବାକୁ ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଏସ୍‌ଟିଏଫ୍ ଟିମ୍ ସେଠାରେ ଚଢାଉ କରି ଉଭୟଙ୍କୁ କାବୁ କରିଥିଲା। ଯାଞ୍ଚ ପରେ ସେମାନଙ୍କ ନିକଟରୁ ବ୍ରାଉନସୁଗାର ଓ ଗୁଳି ଭର୍ତ୍ତି ବନ୍ଧୁକ ମିଳିଥିଲା। ସେମାନେ ଉକ୍ତ ଚୋରା ବନ୍ଧୁକ କେଉଁଠି କିଣିଥିଲେ ଓ ତାହାକୁ ଅନ୍ୟ କେଉଁସବୁ ଘଟଣାରେ ବ୍ୟବହାର କରିଛନ୍ତି ତାହାକୁ ନେଇ ଖୋଳତାଡ଼ ଆରମ୍ଭ କରିଛି ଏସ୍‌ଟିଏଫ୍। ସେମାନଙ୍କ ନାମରେ ଟାଙ୍ଗୀ କିମ୍ବା ଅନ୍ୟ କୌଣସି ଥାନାରେ ମାମଲା ରହିଛି କି ନାହିଁ ସେନେଇ ମଧ୍ୟ ଯାଞ୍ଚ କରାଯାଉଛି। ଏପରି କି ଆବଶ୍ୟକ ହେଲେ ଏସ୍‌ଟିଏଫ୍ ଉଭୟଙ୍କୁ ରିମାଣ୍ଡରେ ନେଇ ପଚରାଉଚରା କରିବ। ତେବେ ଉଭୟ ଅଭିଯୁକ୍ତ ସମ୍ଭ୍ରାନ୍ତ ଘରର ବୋଲି ଜଣାପଡିଛି। ଅନନ୍ତଙ୍କ ବାପା ଲୋକସେବା ଭବନରେ ଚାକିରି କରିଥିବାବେଳେ ଦୀପ୍ତିରଞ୍ଜନଙ୍କ ବାପା ସିଆର୍‌ପିଏଫ୍‌ରେ ଜଣେ ଉଚ୍ଚ ପଦସ୍ଥ ଅଧିକାରୀ ଥିବା ଏସ୍‌ଟିଏଫ୍ ସୂଚନା ଦେଇଛି।

### ନିଶା କାରବାର: ଦୁଇ ମାସରେ ୧୩ ମାମଲା, ୨୬ ଗିରଫ

ଏସ୍‌ଟିଏଫ୍ ନିଶା ମାଫିଆ, ଡିଲର, ଏଜେଣ୍ଟ ଓ ବେପାରିଙ୍କୁ ଟାର୍ଗେଟ କରି ଅଭିଯାନ ଚଳାଇଛି। ଗତ ଜାନୁୟାରୀ ମାସରୁ ଏପର୍ଯ୍ୟନ୍ତ କଟକ, ଭୁବନେଶ୍ୱର, ପୁରୀ, ବାଲେଶ୍ୱର, ଅନୁଗୋଳ, ଖୋର୍ଦ୍ଧା, ପିପିଲି,ଢେଙ୍କାନାଳ ଓ ଭଦ୍ରକରେ ଚଢାଉ କରି ୧୩ ମାମଲା ରୁଜୁ କରିବା ସହ ୨୬ଜଣଙ୍କୁ ଗିରଫ କରିଛି। ଏଥିସହ ୧ କେଜି ୩୩୫ ଗ୍ରାମ ବ୍ରାଉନସୁଗାର, ୩୨୬.୪୫ ଗ୍ରାମ ଅଫିମ, ୧୩ ଲକ୍ଷ ୨୧ ହଜାର ଟଙ୍କା, ଗୋଟିଏ ବନ୍ଧୁକ, ୪ରାଉଣ୍ଡ ଗୁଳି, ଗୋଟିଏ କାର, ୮ ବାଇକ ଜବତ କରିଛି। ଆଗାମୀ ଦିନରେ ଏଭଳି କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ଏସ୍‌ଟିଏଫ୍ ଏସ୍‌ପି ରାହୁଲ ପିଆର ସୂଚନା ଦେଇଛନ୍ତି।

# ଭୁବନେଶ୍ୱରରୁ ବାରାଣସୀ ଉଡ଼ିଲା ବିମାନ




**ଭୁବନେଶ୍ୱର, ୨୯।୨(ବ୍ୟୁରୋ)**

ଭୁବନେଶ୍ୱରରୁ ବାରାଣସୀକୁ ସିଧାସଳଖ ବିମାନ ସେବା ଆରମ୍ଭ ହୋଇଛି। ଇଣ୍ଡିଗୋ ଏଟିଆର-୭୨ ଶନିବାର ରାତି ୯ଟା ୫୦ରେ ବାରାଣସୀ ଅଭିମୁଖେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଉଡ଼ାଣ କରିଛି। ବିମାନଟି ରାତି ପ୍ରାୟ ୧୧ଟା ୪୦ରୁ ୧୧ଟା ୫୦ ମଧ୍ୟରେ ବାରାଣସୀରେ ପହଞ୍ଚିବ। ଏହି ବିମାନରେ ମୋଟ ୭୨ ଜଣ ଯାତ୍ରୀ ଯାତ୍ରା କରିବାର ସୁବିଧା ରହିଛି। ଓଡ଼ିଶା ଓ ପର୍ଯ୍ୟଟନ ସହର ବାରାଣସୀ ମଧ୍ୟରେ ସିଧାସଳଖ ବିମାନ ଚଳାଚଳ ଲାଗି ଦୀର୍ଘଦିନରୁ ଦାବି ହେଉଥିବାବେଳେ ଏହି ସେବା ଆରମ୍ଭ ବିଶେଷକରି ପର୍ଯ୍ୟଟକ ଓ ସାଧାରଣ ଯାତ୍ରୀଙ୍କ ପାଇଁ ବେଶ୍ ଲାଭଦାୟକ ହେବ।

# ବକେୟା ଟଙ୍କା ପାଇଁ ଛାତ୍ରଙ୍କୁ ଅପହରଣ

**ବାରଙ୍ଗ,୨୯।୨(ଡି.ଏନ.ଏ)**

ନନ୍ଦନକାନନ ଥାନା ଅନ୍ତର୍ଗତ ରଘୁନାଥପୁର ୟୁପି ସ୍କୁଲର ଜଣେ ଛାତ୍ର ଶନିବାର ସକାଳେ ଅପହରଣ କରାଯାଇଥିଲା। ଅଭିଯୋଗପରେ ପୋଲିସ ତଦନ୍ତ ଆରମ୍ଭ କରିବା ସହ ଅପହୃତ ଛାତ୍ରଙ୍କୁ ଉଦ୍ଧାର କରି ପରିବାରକୁ ହସ୍ତାନ୍ତର କରିଛି। ପୁରୁଣା ବକେୟା ଟଙ୍କା ଦେବାରେ ଅବହେଳା କରିବାରୁ ଏହି ଅପହରଣ କରାଯାଇଥିବା ପୋଲିସ ପ୍ରାଥମିକ ତଦନ୍ତ ବେଳେ ଜାଣିବାକୁ ପାଇଛି। ଏହାସହ ଅପହରଣକାରୀ ଦମ୍ପତିଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା ଚଳାଇଛି। ସୂଚନାଯୋଗ୍ୟ, ରଘୁନାଥପୁର ଗ୍ରାମ ମୁଣ୍ଡରେ ବାଲେଶ୍ୱର ଅଞ୍ଚଳର ପବନା ପରିଡା ନାମକ ଜଣେ ଠିକାଦାର ଘରଭଡ଼ାରେ ରହୁଛନ୍ତି। ସବୁଦିନ ଭଳି ଶନିବାର ପବନାଙ୍କ ପୁଅ ସ୍କୁଲ ଯାଇଥିଲେ। କିନ୍ତୁ ସ୍କୁଲ ସମ୍ମୁଖରୁ ତାଙ୍କୁ ଏକ ଦମ୍ପତି ଆସି ଚକୋଲେଟ ଦେଇ କିଛି ସମୟ କଥାବାର୍ତ୍ତା ହୋଇଥିଲେ। ପରେ ଏକ ସ୍କୁଟିରେ ଛାତ୍ରଙ୍କୁ ନେଇ ପଳାଇଥିଲେ। ଅନ୍ୟ ଛାତ୍ରୀଛାତ୍ରମାନେ ଏହାଦେଖି ବିଦ୍ୟାଳୟରେ ଜଣାଇବା ପରେ ବିଦ୍ୟାଳୟ ପକ୍ଷରୁ ଛାତ୍ରଙ୍କ ପରିବାରକୁ ସୂଚନା ଦିଆଯାଇଥିଲା। ମା'ବାପା ପହଞ୍ଚି ପୁଅକୁ କେହି ଅପହରଣ କରିନେଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପ୍ରଥମେ ଛାତ୍ରଙ୍କ ପରିବାରକୁ ବିଭିନ୍ନ ବିଷୟରେ ପଚାରିଥିଲା। ତେବେ ଜଣେ ରଙ୍ଗମିସ୍ତ୍ରି ପୂର୍ବରୁ ପବନଙ୍କ ପାଖରେ କାର୍ଯ୍ୟ କରୁଥିବାବେଳେ କୌଣସି କାରଣକୁ ନେଇ ଝଗଡ଼ା ହୋଇଥିବା କହିଥିଲେ। ପୋଲିସ ଏଥିରୁ ସନ୍ଦେହ କରି ଉକ୍ତ ରଙ୍ଗମିସ୍ତ୍ରି ଠିକଣା ମୁତାବକ ସାଲିଆ ସାହି ଯାଇ ଛାତ୍ରଙ୍କୁ ଉଦ୍ଧାର କରିବା ସହ ଦମ୍ପତିଙ୍କୁ ଥାନାକୁ ଆଣିଥିଲା। ତେବେ ପୂର୍ବରୁ ଏକ କାର୍ଯ୍ୟରେ ବକେୟା ଟଙ୍କା ପବନା ଉକ୍ତ ରଙ୍ଗମିସ୍ତ୍ରିଙ୍କୁ ଦେଇ ନ ଥିଲେ। ଏହି ଟଙ୍କା ଦେବାକୁ ବହୁବାର କହିଥିଲେ ମଧ୍ୟ ଆଜିକାଲି କହି ଦିନ ଗଡ଼ାଇ ଚାଲିଥିବାରୁ ଶେଷରେ ଏଭଳି ଅପହରଣ ନାଟକ କରିଥିଲେ ବୋଲି ପୋଲିସ ଆଗରେ ଅପହରଣକାରୀ ଦମ୍ପତି ସ୍ୱୀକାର କରିଥିଲେ।

# ଶିଶୁ ହାତରେ ଲାଗିଲା ଆଙ୍ଗୁଠି

**କଟକ ଅଫିସ,୨୯।୨**

### ବିରଳ ପ୍ଲାଷ୍ଟିକ ସର୍ଜରି

### ଏସ୍‌ସିବି ମେଡିକାଲକୁ ଆଉ ଏକ ସଫଳତା



ଏକ ବିରଳ ପ୍ଲାଷ୍ଟିକ ସର୍ଜରି କରି ଆଉ ଏକ ସଫଳତା ହାସଲ କରିଛି କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ(ଏସ୍‌ସିବି) ମେଡିକାଲ କଲେଜ ଓ ହସ୍ପିଟାଲ। ପ୍ଲାଷ୍ଟିକ ସର୍ଜରି ବିଭାଗରେ ଜଣେ ୧୫ ମାସ ବୟସର ଶିଶୁକନ୍ୟାଙ୍କ ହାତରେ ଡାକ୍ତରମାନେ ଆଙ୍ଗୁଠି ଯୋଡ଼ିଛନ୍ତି। ରାଜ୍ୟ ଚିକିତ୍ସା ଇତିହାସରେ ଏହା ପ୍ରଥମ ବୋଲି କୁହାଯାଉଛି। ଦେବଗଡ଼ ଜିଲା ଛତାବର ଅଞ୍ଚଳର ସୁରେନ୍ଦ୍ର କୁମାର ପ୍ରଧାନଙ୍କ ଝିଅ ସ୍ମୃତିରେଖାଙ୍କ ଡାହାଣ ହାତରେ ମାତ୍ର ୪ଟି ଆଙ୍ଗୁଠି ଥିଲା। ବୁଢ଼ାଅଙ୍ଗୁଳି ନ ଥିଲା। ଜିନିଷ ଧରିବାରେ ଅସୁବିଧା ହେଉଥିଲା। ପ୍ଲାଷ୍ଟିକ ସର୍ଜରି ବିଭାଗରେ ପହଞ୍ଚିବା ପରେ ବିଭାଗୀୟ ମୁଖ ପ୍ରଫେସର ଡା. ବିଭୂତି ନାୟକ ସ୍ମୃତିରେଖାଙ୍କ ପରୀକ୍ଷା କରିଥିଲେ। ସେଇ ଡାହାଣ ହାତରୁ ହିଁ ଗୋଟିଏ ଆଙ୍ଗୁଠିକୁ କାଢ଼ି ବୁଢ଼ା ଅଙ୍ଗୁଳିରେ ପ୍ରତିରୋପଣ କରାଯାଇଥିଲା। ଏହି ଅସ୍ତ୍ରୋପଚାର କଠିନ ହୋଇଥିଲେ ମଧ୍ୟ ପ୍ରଫେସର ନାୟକ ଏବଂ ତାଙ୍କ ଟିମରେ ଥିବା ଡା. ଆଶିଷ ପଟ୍ଟନାୟକ, ଡା. ମହେଶ ମଣ୍ଡଳ, ଡା. ଚନ୍ଦନ ଏବଂ ଡା. ରୋଜାଲିନ ପ୍ରମୁଖ ଅସ୍ତ୍ରୋପଚାର କରିଥିଲେ। ଡା. ନାୟକଙ୍କ କହିବାନୁଯାୟୀ, ନିକଟରେ ରାଜ୍ୟ ସରକାର ଏସ୍‌ସିବିକୁ ଅତ୍ୟାଧୁନିକ ମାଇକ୍ରୋସ୍କୋପ ଯୋଗାଇ ଦେଇଥିଲେ। ଫଳରେ ଅସ୍ତ୍ରୋପଚାରରେ ସହଜ ହେଲା। ତିନିଘଣ୍ଟା ପର୍ଯ୍ୟନ୍ତ ସ୍ମୃତିରେଖାଙ୍କ ହାତରେ ଏହି ଅଙ୍ଗୁଳି ପ୍ରତିରୋପଣ କରାଯାଇଥିଲା। ପ୍ରତିରୋପଣ ହୋଇଥିବା ବୁଢ଼ା ଅଙ୍ଗୁଳିଟି ସପ୍ତାହକ ପରେ କାର୍ଯ୍ୟ ଆରମ୍ଭ କରିବ। ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ୮୦ ପ୍ରତିଶତ ପର୍ଯ୍ୟନ୍ତ କାର୍ଯ୍ୟ କରିବ। ଅନ୍ୟ ସାଧାରଣ ପିଲାଙ୍କ ଭଳି ସେ ନିଜ ହାତରେ ସବୁ କାମ କରିପାରିବେ ବୋଲି ଡା. ନାୟକ ସୂଚନା ଦେଇଛନ୍ତି।

ଉଲ୍ଲେଖଥାଉ କି ଏସ୍‌ସିବି ମେଡିକାଲରେ ପ୍ଲାଷ୍ଟିକ୍ ସର୍ଜରି କ୍ଷେତ୍ରରେ ପୂର୍ବରୁ ଅନେକ ସଫଳତା ମିଳିଛି। ଅନ୍ୟପକ୍ଷରେ ଗତ ୩ ତାରିଖରେ କାଡାଭେରିକ କିଡ୍‌ନୀ ପ୍ରତିରୋପଣ କରି ଏସ୍‌ସିବି ମେଡିକାଲ ରାଜ୍ୟ ପାଇଁ ଇତିହାସ ସୃଷ୍ଟି କରିଥିଲା।






1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ଦଉଡ଼ି ଦେଇ ଯୁବକଙ୍କ ଆତ୍ମହତ୍ୟା

**ନରାଜ,୨୯।୨(ଡି.ଏନ୍.ଏ.):** ବାରଙ୍ଗ ଥାନା ଅନ୍ତର୍ଗତ ବେଣ୍ଟକାର ପଡା ଗ୍ରାମରେ ଜଣେ ଯୁବକ ଶୁକ୍ରବାର ରାତିରେ ଦଉଡି ଦେଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସେ ହେଲେ ଗ୍ରାମର ବିଜୁ ଭୂୟାଁ(୨୭)। ପରିବାର ସଦସ୍ୟଙ୍କ ଅଭିଯୋଗ ଅନୁଯାୟୀ, ବିଜୁ ରାତିରେ ଖାଇସାରି ନୂତନ ଘରକୁ ଶୋଇବାକୁ ଯାଇଥିଲେ। ଶନିବାର ସକାଳୁ ପରିବାର ଲୋକେ ତାଙ୍କୁ ଡାକିବାକୁ ଯାଇ ଫ୍ୟାନରେ ଝୁଲୁଥିବା ଦେଖିଥିଲେ। ଖବରପାଇ ଗୋଡ଼ିସାହି ଫାଣ୍ଡି ଅଧିକାରୀ ସୁବାସ ଚନ୍ଦ୍ର ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡମେଡିକାଲକୁ ପଠାଇଛନ୍ତି। ଏନେଇ ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା (ନଂ.୧/୨୦) ରୁଜୁ ହୋଇଛି।

### ମୌଳିକ ଅଧିକାର ସମ୍ପର୍କରେ ସଚେତନତା

**ଆଠଗଡ,୨୯।୨(ସ୍ୱ.ପ୍ର.):** ଆଠଗଡ଼ ତାଲୁକ ଆଇନ ସେବା କମିଟି ପକ୍ଷରୁ ଶନିବାର ୨ୟ ପର୍ଯ୍ୟାୟ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଖୁଣ୍ଟକଟା ପଞ୍ଚାୟତ କାର୍ଯ୍ୟାଳୟରେ ମୌଳିକ ଅଧିକାର ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ତାଲୁକ ଆଇନ ସେବା କମିଟି ଅଧକ୍ଷ ତଥା ଅତିରିକ୍ତ ଜିଲା ଦୌରାଜଜ୍ ଅରବିନ୍ଦ ପଟ୍ଟନାୟକ ଏଥିରେ ସଭାପତିତ୍ୱ କରିଥିଲେ। ସିଭିଲ ଜଜ୍ ସିନିୟର ଡ଼ିଭିଜନ ଶରତ କୁମାର ଜେନା, ଜେଏମ୍ଏଫସି ସୌମ୍ୟଶେଖର ମହନ୍ତ, ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ରାଉତ, ସୁଜିତ ପଟ୍ଟନାୟକ, ପ୍ରତାପ ପଟ୍ଟନାୟକ, ପଦାରବିନ୍ଦ ଜେନା ପ୍ରମୁଖ ଯୋଗଦେଇ ନାଗରିକର ମୌଳିକ ଅଧିକାର ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ଅପରାହ୍ଣରେ ଅଦାଲତ ପରିସରରେ ସଂଶୋଧିତ ମୋଟରଯାନ ଆଇନ ସମ୍ପର୍କରେ ଏକ କର୍ମଶାଳା ଆୟୋଜନ ହୋଇଥିଲା। ଅବସରପ୍ରାପ୍ତ ଜିଲା ଦୌରାଜଜ୍ ପ୍ରେମରାଜ ବହିଦାର, ଆଇନଜୀବୀ ରଞ୍ଜନ କୁମାର ପତି, ବିପିନ ଚୌଧୁରୀ ଓ ମନୋରଞ୍ଜନ ନାୟକ ପ୍ରମୁଖ ଯୋଗଦେଇ ମୋଟରଯାନ ଏବଂ ଦୁର୍ଘଟଣା ଜନିତ କ୍ଷତିପୂରଣ ଆଇନ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ ଆଇନଜୀବୀ ଶ୍ରୀନିବାସ ଦାସ ସଂଯୋଜନା କରିଥିଲେ।

# ୧୨ ଘଣ୍ଟା ବାଙ୍କୀ ବନ୍ଦ


ବାଙ୍କୀରେ କଂଗ୍ରେସ କର୍ମୀ ରାସ୍ତାରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।



ବାରଙ୍ଗରେ କର୍ମୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

**ବାଙ୍କୀ,୨୯।୨(ସ୍ୱ.ପ୍ର.)**

**ଡବଲ ମର୍ଡର ଘଟଣାର ପ୍ରତିବାଦ**

ବାଙ୍କୀ ଡବଲ ମର୍ଡର ଘଟଣାର ପ୍ରତିବାଦରେ ଶନିବାର କଂଗ୍ରେସ ପକ୍ଷରୁ ସ୍ଥାନୀୟ ଅଞ୍ଚଳରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। କଂଗ୍ରେସର ପୂର୍ବତନ ବିଧାୟକ ଡ.ଦେବାଶିଷ ପଟ୍ଟନାୟକ ଏହାର ନେତୃତ୍ୱ ନେଇଥିଲେ। ଏହି ଅବସରରେ କଂଗ୍ରେସ ପକ୍ଷରୁ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି ହୋଇଥିଲା। ଦେବାଶିଷ ଏକ ପ୍ରେସ ବିବୃତି ଜରିଆରେ ଡବଲ ମର୍ଡର ଘଟଣାକୁ ନିନ୍ଦା କରିବା ସହ ହତ୍ୟାକାଣ୍ଡରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଜଡିତ ଥିବା ରାଜନୈତିକ ବ୍ୟକ୍ତିଙ୍କୁ ତଦନ୍ତ ପରିସର ଭିତରକୁ ଆଣିବାକୁ ଦାବି କରିଥିଲେ। ବନ୍ଦ ଯୋଗୁ ବାଙ୍କୀର ସମସ୍ତ ଦୋକାନ ବଜାର, ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିବା ବେଳେ ଯାନବାହନ ଚଳାଚଳ ପ୍ରଭାବିତ ହୋଇଥିଲା। ହାଟ ପାଳି ଥିଲେ ମଧ କୌଣସି ଚାଷୀ ପନିପରିବା ବିକ୍ରି କରିବାକୁ ଆସି ନ ଥିଲେ। ସ୍ଥାନୀୟ ଅଞ୍ଚଳର ଶିକ୍ଷା ଅନୁଷ୍ଠାନଗୁଡିକ ବନ୍ଦ ରହିଥିଲା। କଂଗ୍ରେସ ନେତା ଡ. ଦେବାଶିଷଙ୍କ ନେତୃତ୍ୱରେ କର୍ମୀମାନେ ବାଙ୍କୀ ଟାଉନ୍ ପରିକ୍ରମା କରି ଜନସାଧାରଣଙ୍କୁ ଏହି ହତ୍ୟାକାଣ୍ଡ ସମ୍ପର୍କରେ ଅବଗତ କରାଇଥିଲେ। ଭାଜପା ନେତା ଶୁଭ୍ରାଂଶୁ ମୋହନ ପାଢ଼ୀ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଦଳ ପକ୍ଷରୁ ନୈତିକ ସମର୍ଥନ ଜଣାଇଥିଲେ। ଶାନ୍ତିଶୃଙ୍ଖଳାକୁ ଦୃଷ୍ଟିରେ ରଖି ବାଙ୍କୀର ସରକାରୀ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। କଂଗ୍ରେସର ଏହି ବନ୍ଦ ପାଳନ ବେଳେ ବାଙ୍କନିଧି ବେହେରା, କ୍ଷେତ୍ରବାସୀ ଦାଶ, ବିଶ୍ୱରଞ୍ଜନ ପଣ୍ଡା, କାଶୀନାଥ ମହାପାତ୍ର, ଶିବ ପ୍ରସାଦ ପାଢୀ, ନିତ୍ୟାନନ୍ଦ ବେହେରା, କୁବେର ଚୌଧୁରୀ, ବାବୁଲି ଦଳେଇ ଓ ଗୋପୀନାଥ ବେହେରା ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଉପଖଣ୍ଡ କଳାପଥର, ଡମପଡ଼ା ଓ ବୈଦ୍ୟେଶ୍ୱର ଆଦି ଅଞ୍ଚଳରେ ବନ୍ଦ ପାଳନ ସଫଳ ହୋଇଥିବା ନେଇ କଂଗ୍ରେସ ପକ୍ଷରୁ କୁହାଯାଇଛି।

ଗତ ୧୫ ତାରିଖ ଅପରାହ୍ଣରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବାଙ୍କୀ ଥାନା ଅନ୍ତର୍ଗତ କିଆପଲା ଜୋକଲାଣ୍ଡି ଜଳସେଚନ ପ୍ରକଳ୍ପ ନିକଟରେ ଡବଲ୍ ମର୍ଡର ହୋଇଥିଲା। ଦୁର୍ବୃତ୍ତମାନେ ନୂଆଗାଁ ସରପଞ୍ଚ ମମତା ମହାପାତ୍ରଙ୍କ ସ୍ୱାମୀ ଭଗବାନ ସାଇଁ ଓ ଖଜୁରିପଦାସ୍ଥିତ ୱେବ ପୋର୍ଟାଲ ଖବରଦାତା ଆଦିତ୍ୟ ରଣସିଂହଙ୍କୁ ମାରଣାସ୍ତ୍ର ସାହାଯ୍ୟରେ ଗୋଡ଼େଇ ଗୋଡ଼େଇ ହାଣିଥିଲେ। ଘଟଣାସ୍ଥଳରେ ଆଦିତ୍ୟଙ୍କ ମୃତ୍ୟୁ ହୋଇଥିବା ବେଳେ କଟକ ବଡ଼ ଡାକ୍ତରଖାନାରେ ଭଗବାନଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ପୋଲିସ ମାମଲା (ନଂ.୩୯/୨୦)ରୁଜୁ କରି ଅଦ୍ୟାବଧି ୮ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ ଦାବିରେ କଂଗ୍ରେସ ପକ୍ଷରୁ ବନ୍ଦ ପାଳନ କରାଯାଇଥିଲା।

### ସରକାରୀ କାର୍ଯ୍ୟାଳୟରେ ପିକେଟିଂ

**ନରାଜ,(ଡି.ଏନ.ଏ)–** ବାଙ୍କୀ ଡବଲ ମର୍ଡର ଘଟଣାର ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ବାରଙ୍ଗ ବ୍ଲକ କଂଗ୍ରେସ ପକ୍ଷରୁ ବନ୍ଦ ପାଳନ କରାଯାଇଛି। ଏହି ଅବସରରେ ବ୍ଲକ କଂଗ୍ରେସର ୩୨ ନଂ ଜୋନର ସଭାପତି ମଣ୍ଟୁ ମାଝି, ପୂର୍ବତନ ସରପଞ୍ଚ ଅରୁଣ ସାହୁ, ସରପଞ୍ଚ ଶ୍ରୀକାନ୍ତ ଜେନା, ମୁରଲୀ ସ୍ୱାଇଁ, ସଞ୍ଜୟ ବିଶୋଇ, ରାଜା ବିଶ୍ୱାଳଙ୍କ ସମେତ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ କର୍ମୀ ତ୍ରିଶୂଳିଆ ଛକରେ ନାରାବାଜି କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପିକେଟିଂ କରି ବାରଙ୍ଗର ବିଭିନ୍ନ ସରକାରୀ ଅନୁଷ୍ଠାନ ବନ୍ଦ କରିବା ସହ ତହସିଲ ଅଫିସର ଗେଟକୁ ବନ୍ଦକରି ସମ୍ମୁଖରେ ବସି ରହିଥିଲେ। କଂଗ୍ରେସ କର୍ମୀମାନେ ସ୍ଥାନୀୟ ବ୍ୟବସାୟୀମାନଙ୍କୁ ଦୋକାନ ବଜାର ବନ୍ଦ କରିବାକୁ ଅନୁରୋଧ କରିବା ସହ ବାରଙ୍ଗ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଗେଟ୍ ବନ୍ଦ କରିଥିଲେ। ପରେ ବାରଙ୍ଗ ଭୁବନେଶ୍ୱର ମୁଖ୍ୟରାସ୍ତାକୁ ଅବରୋଧ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଅବରୋଧ ହଟାଇବା ସହ ବିକ୍ଷୋଭକାରୀଙ୍କ ମଧ୍ୟରୁ ୧୦ ଜଣଙ୍କୁ ଗିରଫ କରି ପରେ ଛାଡ଼ିଦେଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବେକର କଣ୍ଠୀ,**
**କେତେ ତୁ ଦେଖାଉ ଛଇଛଟକୀ ।**

ସାଧାରଣତଃ ଅଳଙ୍କାର ପ୍ରତି ମହିଳାମାନଙ୍କ ମନରେ ଅନେକ ଦୁର୍ବଳତା ଭାବ ରହିଥାଏ। ସୁନ୍ଦର ଗହଣାଗାଣ୍ଠି ପିନ୍ଧି ଅନ୍ୟ ଆଗରେ ନିଜ ରୂପଲାବଣ୍ୟକୁ ନେଇ ଦେଖେଇ ହେବାରେ ସେମାନେ ଖୁସି ଅନୁଭବ କରିଥାନ୍ତି। ଏପରିସ୍ଥଳେ ସାମାନ୍ୟ ବେଶଭୂଷା ହୋଇ ଅନ୍ୟ ଆଗେର ଛଇଛଟକ ଦେଖେଇ ହେଉଥିବା ମହିଳାଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ବୁଢ଼ା ବଡ଼ କୃପଣ**
**ପଖାଳ ଭାତରେ ନ ଖାଏ ଲୁଣ ।**

କେତେଜଣ ବ୍ୟକ୍ତି କୃପଣ ସ୍ୱଭାବର ହୋଇଥାନ୍ତି। କାଳେ ଅଧିକ ଧନ ଖର୍ଚ୍ଚ ହୋଇଯିବ ସେହି ଭୟରେ ନା ଭଲକି ଖଣ୍ଡେ ଖାଇଥାନ୍ତି ନା ଦେହକୁ ଭଲ ଖଣ୍ଡେ ପିନ୍ଧିଥାନ୍ତି। ପଖାଳ ଭାତରେ ସାମାନ୍ୟ ଲୁଣ ଟିକେ ନ ପକାଇବା ଭଳି ନିଜ ଦୈନନ୍ଦିନ ଚଳଣିରେ ଯଥାସମ୍ଭବ କାଟଛାଣ୍ଟ କରୁଥିବା କଞ୍ଜୁସ ବ୍ୟକ୍ତି ପ୍ରତି ଏଭଳି ଉକ୍ତି ଉଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

### ଚାଇନା ରଙ୍ଗ ବିକ୍ରି ନ କରିବାକୁ ଦାବି

**ସାଲେପୁର,୨୯।୨(ଡି.ଏନ୍.ଏ.)**

ଭାଇଚାରାର ପର୍ବ ହୋଲି ନିମନ୍ତେ ବଜାରରେ ଚାଇନା ରଙ୍ଗ ବିକ୍ରି ନ କରିବାକୁ ଦାବି ହୋଇଛି। ଚାଇନାରେ କରୋନା ଭାଇରସ୍ ବ୍ୟାପି ଥିବାରୁ ରଙ୍ଗରେ ଏହି ଭାଇରସ୍ ଆସିବାର ଆଶଙ୍କା ରହିଛି। ଏ ନେଇ ବ୍ୟବସାୟୀମାନେ ବଜାରରେ ଏହି ରଙ୍ଗକୁ ବିକ୍ରି ନ କରିବା ପାଇଁ ବିଭିନ୍ନ ସଗଠନ ପକ୍ଷରୁ ଦାବି ହୋଇଛି। ପ୍ରତିବର୍ଷ ହୋଲିରେ ଚାଇନାରୁ ବିଭିନ୍ନ ପ୍ରକାର ସୁଗନ୍ଧମୟ କେମିକାଲ୍ ଯୁକ୍ତ ରଙ୍ଗ ଭାରତକୁ ଆସିଥାଏ। କରୋନା ଭାଇରସ ଆଶଙ୍କା ଥିବାରୁ ଚାଇନାରୁ ଆସୁଥିବା ଏହି ରଙ୍ଗକୁ ହୋଲିରେ ବିକ୍ରି ଓ ବ୍ୟବହାର ନ କରିବା ପାଇଁ ସାଲେପୁର ସ୍ୱାଭିମାନ ମଞ୍ଚ, ମଧୁସୂଦନ ସ୍ମୃତି ସଂସଦ, ସାରସ୍ୱତ ସମାରୋହ ସମିତି, ସତ୍ୟମେବ ଜୟତେ ଆଦି ସଂଗଠନ ପକ୍ଷରୁ ଦାବି ହୋଇଛି।

### ବିଜ୍ଞାନକୁ ବୃତ୍ତି କରିବାକୁ ପରାମର୍ଶ

**ନରାଜ,୨୯।୨(ଡି.ଏନ୍.ଏ.)**

କଟକସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଜ୍ଞାନିକ ସିଭି ରମଣଙ୍କ 'ରମଣ ରଶ୍ମି' ଉଦ୍ଭାବନକୁ ମନେପକାଇବା ନିମନ୍ତେ ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ପକ୍ଷରୁ ଏହି ଦିବସକୁ ପାଳନ କରାଯାଉଛି। ଏହି ଅବସରରେ ବିଜ୍ଞାନରେ ମହିଳାଙ୍କ ଅବଦାନ ଶୀର୍ଷକ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ୨ଦିନ ବ୍ୟାପୀ ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ସ୍ୱପ୍ନା ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ରମଣ ରଶ୍ମିର ପ୍ରୟୋଗ ସମ୍ପର୍କରେ ବୁଝାଇଥିଲେ। ସେ ରାଷ୍ଟ୍ରୀୟ ଓ ଅନ୍ତଃରାଷ୍ଟ୍ରୀୟସ୍ତରରେ ମହିଳା ବୈଜ୍ଞାନିକମାନଙ୍କ ଭୂମିକା ସମ୍ପର୍କରେ ଅବଗତ କରାଇଥିଲେ। ଏଥିସହ ବିଜ୍ଞାନକୁ ବୃତ୍ତି ଭାବେ ଗଢ଼ିତୋଳିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ କୁଳ ସଚିବ ପ୍ରଫେସର ବି ଆର ଶର୍ମା, କ୍ୟାପଟେନ ଚନ୍ଦ୍ରଶେଖର ପଣ୍ଡା ଓ ସଂଘମିତ୍ରା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ କଟକ ଓ ଭୁବନେଶ୍ୱରରୁ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଶେଷରେ କୁଇଜ୍ ଓ ପ୍ରେଜେଣ୍ଟେଶନ ଆଦି ପ୍ରତିଯୋଗିତା ହୋଇଥିଲା।

### ଏପ୍ରିଲ ୨୨ରୁ ବିରୂପା ମହୋତ୍ସବ

**ସାଲେପୁର,୨୯।୨(ଡି.ଏନ୍.ଏ.)**

ସାଲେପୁର ବ୍ଲକ୍ ଗୋପୀନାଥପୁରସ୍ଥିତ ବିରୂପା ନଦୀଶଯ୍ୟାରେ ଏପ୍ରିଲ ୨୨ରୁ ଦଶମ ବିରୂପା ମହୋତ୍ସବ ଆରମ୍ଭ ହେବ। ୭ ଦିନ ବ୍ୟାପୀ ହେବାକୁ ଥିବା ମହୋତ୍ସବ ଏପ୍ରିଲ ୨୮ରେ ଉଦ୍‌ଯାପିତ ହେବ। ଏ ନେଇ ପାଗାସ୍ଥିତ ସୁହାନୀ ମଣ୍ଡପରେ ଶନିବାର ଏକ ପ୍ରସ୍ତୁତି ବୈଠକ ହୋଇଛି। ଚଳଚ୍ଚିତ୍ର ନିର୍ଦ୍ଦେଶକ ଦିଲୀପ ଦାଶ ଏଥିରେ ଅଧ୍ୟକ୍ଷତା କରିଥିଲେ। ମହୋତ୍ସବକୁ ଆକର୍ଷଣୀୟ କରିବା ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ କରିବା ଲାଗି ସ୍ଥିର ହୋଇଥିଲା। ବୈଠକରେ ପ୍ରଶାନ୍ତ କର, ସୁରେଶ ରାଉତ, ବିଶ୍ୱରଞ୍ଜନ ସାହୁ, ଦେବେନ୍ଦ୍ର ସ୍ୱାଇଁ ଓ ରମେଶ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

### 'ଓମେନ୍ ଇନ୍ ସାଇନ୍ସ' ଶୀର୍ଷକ ଆଲୋଚନାଚକ୍ର

**ସାଲେପୁର,୨୯।୨(ଡି.ଏନ୍.ଏ.)**

ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଶନିବାର ଜାତୀୟ ବିଜ୍ଞାନ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ଏକ ବିଜ୍ଞାନ ପ୍ରଦର୍ଶନୀ ମେଳା ଆୟୋଜନ ହୋଇଥିଲା। ମହାବିଦ୍ୟାଳୟର ବହୁ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ମଧୁସୂଦନ ପ୍ରକୋଷ୍ଠରେ 'ଓମେନ୍ ଇନ୍ ସାଇନ୍ସ'' ଶୀର୍ଷକ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଇଂଲିଶ୍ ବିଭାଗର ମୁଖ୍ୟ ଉମାକାନ୍ତ ପଣ୍ଡା ଏଥିରେ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳସଚିବ ଅଶୋକ କୁମାର ଦାଶ ଯୋଗଦେଇ ବିଜ୍ଞାନରେ ନାରୀମାନଙ୍କ ସ୍ଥାନ ସମ୍ପର୍କରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ପ୍ରଫେସର ଉମାକାନ୍ତ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଡ.ପ୍ରକାଶିନୀ ରାୟ ସନ୍ଦର୍ଭର ସାରାଂଶ ପାଠ କରିଥିଲେ। ଡ.ସଂଗୀତା ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଫେସର ଜୟନ୍ତୀବାଳା ପରିଜା ଧନ୍ୟବାଦ ଦେଇଥିଲେ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
78950-82886
73765-91521
B-34/7 A Block Vijay Enclave, Bururi, New Delhi

ASTROLOGY ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସୌତନି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

BUSINESS BUSINESS

Hi TECH TOWER
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ ଉପରେ Digital ଟାୱାର ଲଗାନ୍ତୁ । ଅଗ୍ରିମ- 60,00,000/-, ଭଡ଼ା 40,000/- + 25,000/-ର ଅନ୍ୟାନ୍ୟ ସୁବିଧା।
(NOTE- କୌଣସି ଟାୱାର କମ୍ପାନୀରୁ ଠକାମିର ଶିକାର ହୋଇଥିଲେ କିମ୍ବା କାମ ଚାଲିଥିଲେ ତେବେ ଅଭିଯୋଗ କରି ନିଜର ଟଙ୍କା ଫେରିପାଆନ୍ତୁ ଓ ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାଇ ଟାୱାର ଲଗାନ୍ତୁ।
HELPLINE No.
07488344055

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: galaxytower1999@gmail.com
WhatsApp No
9479667248

Harpreet Corporation Digital Company
Required Land / Roof / Khet in Village and City Digital Tower Installation + Advance 65 Lakh + Rent 45 Thousand +
Contact :-
9811014559

INDUS TOWER LTD
କୌଣସୀ ଖର୍ଚ୍ଚ ନାହିଁ ନିଜର ଖାଲିଥିବା ଜମି, ଛାତ, ପ୍ଲଟ ଓ ଘର ଆଦି ସମସ୍ତ ସ୍ଥାନରେ ଡିଜିଟାଲ ଟାୱର ବସାଇ ଅଗ୍ରୀମ 60,000,00/-, ଭଡା 50,000/- ଟଙ୍କା ପାଆନ୍ତୁ ।
Plot No 37 UA, Bungalow Rd, Kamla Nagar, New Delhi,
8882906094

BUSINESS
American Tower କମ୍ପାନୀ ଦ୍ୱାରା ନିଜର ଖାଲିଥିବା ଜମି ଓ ଛାତ ରେ (ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ) ଟାୱର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 70,000/- ଟଙ୍କା ପାଆନ୍ତୁ + ବାଇକ୍ ପାଆନ୍ତୁ
ଧୋକାବାଜ୍ ଙ୍କୁ ସାବଧାନ
American Tower B Wing, Mumbai, Maharashtra-400021.
9473860496

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday

FINANCE FINANCE

ଋଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ | ପର୍ସନାଲ | ପ୍ରପର୍ଟି | ଏଗ୍ରିକଲ୍ଚର | ବ୍ୟବସାୟ | ଗୃହ ଋଣ | ଟୁ-ହ୍ୱିଲର୍ | ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲଧାରୀଙ୍କୁ ମଧ ଋଣ
8929889612
7290830466
Shahajahanabad, Bhopal (MP)

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
ବିଜିନେସ୍ ଋଣ, ସମ୍ପତ୍ତି ଋଣ, ମାର୍କଶିଟ୍ ଋଣ, ଆଧାର କାର୍ଡ ଋଣ, ବ୍ୟକ୍ତିଗତ ଋଣ, ବିପିଏଲ୍ ଋଣ, ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସବୁକ୍ ଉପରେ ମଧ ଋଣ ଉପଲବ୍ଧ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
୦୮୭୬୫୪୧୪୪୮୧, ୦୯୧୨୬୩୪୪୯୮୦

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ଶ୍ରୀ ସାଇ ଫାଇନାନ୍ସ
—ଖର୍ଚ୍ଚ ଋଣରୁ କଟିବ—
ନ୍ୟାଶନାଲ ଆୱାର୍ଡ ଭାରତର ନଂ.1 କମ୍ପାନୀ
ଦ୍ୱାରା ଶିକ୍ଷା, ପ୍ରପର୍ଟି, ଗ୍ରୁପ୍ ଋଣ, ପର୍ସନାଲ, ଗୃହ ଋଣ, ମୁଦ୍ରା, ଆଧାର କାର୍ଡ, ଇଟାଭାଟି ଋଣ, ସବୁ ବର୍ଗ ପାଇଁ ଘରେ ବସି ପାଆନ୍ତୁ 12 ଘଣ୍ଟାରେ ଋଣ।
2% ସୁଧ 40% ଛାଡ଼
ମହିଳା ଓ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ପ୍ରଥମେ ଆସନ୍ତୁ, ପ୍ରଥମେ ପାଆନ୍ତୁ
ସହାୟତା କେନ୍ଦ୍ର: 75992-54565
89012-71684
94506-10896

DHANLAXMI FINANCE
DHANLAXMIଋଣ 2%ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
8146524009
9992204863

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧ ମାର୍ଚ୍ଚ, ୨୦୨୦



ରଣକୁ ସମ୍ପୂର୍ଣ୍ଣ ପରିଶୋଧ କରିବା ଉଚିତ। ନିଆଁକୁ ସମ୍ପୂର୍ଣ୍ଣ ଲିଭାଇ ଦେବା ଏବଂ ରୋଗ ମୁକ୍ତ ହେବା ଆବଶ୍ୟକ। କାରଣ ରଣ, ଅଗ୍ନି ଓ ବ୍ୟାଧିର ଅବଶେଷ ରହିଲେ ତାହା ପୁଣି ବଢ଼ିଯାଏ।
- ଚାଣକ୍ୟ



## ସଂକ୍ଷେପରେ

### ୨୪ରେ ଜିଲାପରିଷଦ ନିର୍ବାଚନ

**କଟକ ସଦର,୨୯।୨(ଡି.ଏନ୍.ଏ.):** କଟକ ଜିଲା ପରିଷଦ ୭ନଂ. ଜୋନର ନିର୍ବାଚନ ମାର୍ଚ୍ଚ ୨୪ ତାରିଖରେ ହେବ ବୋଲି ରାଜ୍ୟ ନିର୍ବାଚନ ଆୟୁକ୍ତ ଘୋଷଣା କରିଛନ୍ତି। ଏ ସଂକ୍ରାନ୍ତୀୟ ସଂଶୋଧିତ ନିର୍ଦ୍ଦେଶନାମା ଶନିବାର କଟକ ଜିଲାପାଳଙ୍କ ହସ୍ତଗତ ହୋଇଛି। ବିଦ୍ୟାଳୟରେ ହେବାକୁ ଥିବା ପିଲାଙ୍କ ବାର୍ଷିକ ପରୀକ୍ଷା ପାଇଁ ଏଭଳି ପଦକ୍ଷେପ ନିଆଯାଇଥିବା ଜଣାପଡିଛି। ମାର୍ଚ୍ଚ ୨୫ରେ କଟକ ସଦର ବ୍ଲକ କାର୍ଯ୍ୟାଳୟରେ ଭୋଟ୍ ଗଣତି କରାଯାଇ ବିଜୟୀ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ ବୋଲି ନୂତନ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ ମାର୍ଚ୍ଚ ୨୦ରେ ନିର୍ବାଚନ ହେବ ବୋଲି ସ୍ଥିର ହୋଇଥିଲା।

### ଦିଲ୍ଲୀ ଦଙ୍ଗା ପୀଡ଼ିତ ହିନ୍ଦୁଙ୍କ ସୁରକ୍ଷା, କ୍ଷତିପୂରଣ ପାଇଁ ଦାବିପତ୍ର

**କଟକ ଅଫିସ,୨୯।୨:** ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦ ପକ୍ଷରୁ ଦିଲ୍ଲୀ ଦଙ୍ଗା ପୀଡ଼ିତ ହିନ୍ଦୁଙ୍କୁ ସୁରକ୍ଷା ଓ କ୍ଷତିପୂରଣ ଦେବା ପାଇଁ ଶନିବାର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଙ୍ଗଠନ ପକ୍ଷରୁ ଏହି ଦାବିପତ୍ରରେ ଉଲ୍ଲେଖ ରହିଛି, କେନ୍ଦ୍ର ସରକାର ହିନ୍ଦୁ ସମାଜର ସୁରକ୍ଷା ପାଇଁ ଇସଲାମୀ ଆତଙ୍କବାଦର ଦମନ ନିମନ୍ତେ ପୋଲିସକୁ ଅନୁମତି ପ୍ରଦାନ କରନ୍ତୁ। ବାସ୍ତବତାରେ ଦଙ୍ଗା ଘଟାଉଥିବା ବ୍ୟକ୍ତି ଖୋଲାରେ ବୁଲୁଛନ୍ତି। ଦିଲ୍ଲୀ ଦଙ୍ଗାରେ ସମ୍ପୃକ୍ତ ଜେହାଦୀଙ୍କୁ ଫାଷ୍ଟଟ୍ରାକ କୋର୍ଟରେ ବିଚାର କରି ୬୦ ଦିନ ମଧ୍ୟରେ ଦଣ୍ଡିତ କରନ୍ତୁ ଏବଂ ଯେଉଁମାନଙ୍କର ସମ୍ପତ୍ତି ନଷ୍ଟ ହୋଇଛି ଯୁଦ୍ଧକାଳୀନ ଭିତ୍ତିରେ କ୍ଷତିପୂରଣ ଦିଆଯାଉ ବୋଲି ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ପରିଷଦର ରାଜ୍ୟ ଉପସଭାପତି ମହେନ୍ଦ୍ର ଦଳେଇ, ହିନ୍ଦୁସ୍ଥାନ ନିର୍ମାଣ ଦଳର ରାଜ୍ୟ ସଭାପତି ବିଶ୍ୱରଞ୍ଜନ ସେଠୀ, ରାଜ୍ୟ ମଜଦୁର ପରିଷଦର ସମ୍ପାଦକ ଦୀପକ ମହାନ୍ତ, ଅରୁଣ ରାଓ ଓ ଲଲାଟେନ୍ଦୁ ରାଉତରାୟ ଉପସ୍ଥିତ ଥିଲେ।

### ହରିହର ନନ୍ଦଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

**କଟକ ଅଫିସ,୨୯।୨:** ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍)ର ପୂର୍ବତନ ପ୍ରାନ୍ତ ପ୍ରଚାରକ ସ୍ୱର୍ଗତ ହରିହର ନନ୍ଦଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ସ୍ଥାନୀୟ କଲେଜ ଛକସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିରଠାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ସଂସ୍କୃତି ପ୍ରଚାର ସମିତି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମିତିର ସଭାପତି ଡ. ନାରାୟଣ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ସ୍ୱାମୀ ଜୀବନ ମୁକ୍ତାନନ୍ଦ ମୁଖ୍ୟଅତିଥି ଏବଂ 'ରାଷ୍ଟ୍ରଦୀପ'ର ପୂର୍ବତନ ସମ୍ପାଦକ ଜଗବନ୍ଧୁ ମିଶ୍ର ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ। ସ୍ୱର୍ଗତ ନନ୍ଦ ଏକାଧାରରେ ସୁବକ୍ତା, ସାହିତ୍ୟିକ, ଖବରଦାତା ଓ ସୁସଙ୍ଗଠକ ଥିଲେ। ତାଙ୍କର ଲେଖନୀ ଚାଳନା ଦ୍ୱାରା ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ପରିପୁଷ୍ଟ ହୋଇଛି ବୋଲି ମୁଖ୍ୟବକ୍ତା କହିଥିଲେ। ସମିତିର ସମ୍ପାଦକ ନୃସିଂହ ଚରଣ ପଣ୍ଡା ପ୍ରାରମ୍ଭିକ ସୂଚନା ଦେବା ପରେ କୋଷାଧ୍ୟକ୍ଷ ସତ୍ୟନାରାୟଣ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପିକା କୃଷ୍ଣପ୍ରିୟା ବେହେରା ଧନ୍ୟବାଦ ଦେଇଥିଲେ।

# ଛ'ମାସ ଛାଡ଼ିଥିଲେ, ଆଜିଠୁ ଛକିବେ

**କଟକ ଅଫିସ,୨୯।୨**

- ଟ୍ରାଫିକ ନିୟମ କଡ଼ାକଡ଼ି ପାଇଁ ଏସ୍‌ଟିଏର ନିର୍ଦ୍ଦେଶ
- ୧୦ ପ୍ରକାର ଉଲ୍ଲଂଘନ ପାଇଁ ଦଣ୍ଡ
- ଏକ ସମୟରେ ୪ଟି ଗାଡ଼ିର ଯାଞ୍ଚ ହେବ
- ସ୍କୁଲ ଗାଡ଼ି ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ

ସଂଶୋଧିତ ନୂତନ ମୋଟରଯାନ ଆଇନ୍ ଗତ ସେପ୍ଟେମ୍ବରରେ ସାରା ଦେଶରେ ଲାଗୁ ହୋଇଥିଲା। କିନ୍ତୁ ଏଥିରେ ଥିବା କଠୋର ଆର୍ଥିକ ଦଣ୍ଡକୁ ନେଇ ଓଡ଼ିଶାର ବିଭିନ୍ନ ସ୍ଥାନରେ ଅସନ୍ତୋଷ ଦେଖାଦେଇଥିଲା। ଫଳରେ ରାଜ୍ୟ ସରକାର ଦୁଇଟି ଦଫାରେ ମୋଟ ୬ମାସ ପର୍ଯ୍ୟନ୍ତ ଆଇନ୍‌କୁ କୋହଳ କରିଥିଲେ। ଏହି ଅବଧି ଶନିବାର ଶେଷ ହୋଇଛି । ରବିବାର ମାର୍ଚ୍ଚ ୧ରୁ ଯାନବାହନ ଯାଞ୍ଚ ପୁଣି କଡ଼ାକଡ଼ି କରାଯିବ। ଏନେଇ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ତରଫରୁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଶନିବାର ସମସ୍ତ ଜିଲାପାଳ, ଏସ୍‌ପି ଏବଂ ଡିସିପିଙ୍କୁ ପଠାଯାଇଛି।

ଏହି ନିର୍ଦ୍ଦେଶନାମାରେ ଉଲ୍ଲେଖ ଅଛି ଯେ, ରବିବାରଠାରୁ ସଂଶୋଧନ ମୋଟରଯାନ ଆଇନ୍‌କୁ କଡ଼ାକଡ଼ି ଲାଗୁ କରାଯିବ। ଯାଞ୍ଚ ବେଳେ ୧୦ପ୍ରକାର ଉଲ୍ଲଂଘନ ଯଥା ମଦ୍ୟପାନ କରି ଗାଡ଼ିଚାଳନା, ଦ୍ରୁତଗତିରେ ଗାଡ଼ି ଚାଳନା, ଟ୍ରାଫିକର ବିପରୀତ ଦିଗରେ ଗାଡ଼ି ଚଳାଇବା, ଗାଡ଼ିଚାଳନା ବେଳେ ମୋବାଇଲ୍ ଫୋନ୍ ବ୍ୟବହାର, ବିପଦପୂର୍ଣ୍ଣ ଗାଡ଼ି ଚଳାଇବା, ଦୁଇଚକିଆ ଯାନରେ ୩ଜଣ ଯାତ୍ରା କଲେ, ଅତ୍ୟଧିକ ଭାର ପରିବହନ, ନାଲି ସଂକେତକୁ ଅବମାନନା, ହେଲମେଟ୍ ନ ପିନ୍ଧିବା ଏବଂ ସିଟ୍‌ବେଲ୍ଟକୁ ନ ବାନ୍ଧିଥିଲେ ନିୟମ ଅନୁଯାୟୀ ଜରିମାନା ଆଦାୟ କରାଯିବ। ସେହିଭଳି ଛାତ୍ରୀଛାତ୍ରଙ୍କୁ ପରିବହନ କରୁଥିବା ଯାନବାହନଗୁଡ଼ିକୁ ଯାଞ୍ଚ ପରିସରଭୁକ୍ତ କରାଯିବା ସହ ସୁରକ୍ଷିତ ପରିବହନ ଉପରେ ଗୁରୁତ୍ୱ ଦିଆଯିବ। ତେବେ ଯାଞ୍ଚ ବେଳେ ସାଧାରଣ ଲୋକେ ଯେମିତି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେଥିପ୍ରତି ବିଶେଷ ଦୃଷ୍ଟି ଦିଆଯିବ। ଏକ ସମୟରେ ମାତ୍ର ୪ଟି ଯାନକୁ ହିଁ ଯାଞ୍ଚ କରାଯିବ। ଏହା ଦ୍ୱାରା ଭିଡ଼ ହେବ ନାହିଁ।

ଗତ ୬ମାସ କୋହଳ ବେଳେ ପରିବହନ ବିଭାଗ ପକ୍ଷରୁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ଛୁଟିଦିନରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ) ଖୋଲାରହିବାଠାରୁ ଆରମ୍ଭ କରି ସ୍ୱତନ୍ତ୍ର ଶିବିର ଜରିଆରେ ଡ୍ରାଇଭିଂ ଲାଇସେନ୍ସ ଏବଂ ଅନ୍ୟାନ୍ୟ ପ୍ରମାଣପତ୍ର ଦିଆଯାଇଛି। ଏହି ସମୟରେ ସାରା ରାଜ୍ୟରେ ୧୧.୫୪ ଲକ୍ଷ ନୂତନ ଲର୍ଣ୍ଣିଂ ଲାଇସେନ୍ସ, ୩.୮ଲକ୍ଷ ଡ୍ରାଇଭିଂ ଲାଇସେନ୍ସ ଏବଂ ୨୯.୪ ଲକ୍ଷ ପ୍ରଦୂଷଣ ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ଏସ୍‌ଟିଏ ତରଫରୁ ସୂଚନା ଦିଆଯାଇଛି।

# ଯୁକ୍ତ ୨ ପରୀକ୍ଷା: ଚୌଦ୍ୱାର କଲେଜ ହବ୍ ସେଣ୍ଟର

**ଚୌଦ୍ୱାର,୨୯।୨(ଡି.ଏନ୍.ଏ.)**

ଚଳିତବର୍ଷ ଯୁକ୍ତ ୨ ଦ୍ୱିତୀୟ ବର୍ଷ ପରୀକ୍ଷା ଲାଗି ଚୌଦ୍ୱାର କଲେଜକୁ ହବ୍ ସେଣ୍ଟର କରାଯାଇଛି। ମାର୍ଚ୍ଚ ୩ରୁ ବିଜ୍ଞାନ ଏବଂ ୪ରୁ ବାଣିଜ୍ୟ ଓ କଳା ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୨୮ରେ ଶେଷ ହେବ। ହବ୍ ସେଣ୍ଟରରେ ଏହି କଲେଜକୁ ମିଶାଇ ଅଞ୍ଚଳର ୭ କଲେଜର ପ୍ରଶ୍ନପତ୍ର ରଖାଯାଇଥିବା ହବ୍ ସୁପରଭାଇଜର ପ୍ରାଧ୍ୟାପକ ସୁଶୀଲ ପ୍ରଧାନ କହିଛନ୍ତି। ଚୌଦ୍ୱାର କଲେଜକୁ ମିଶାଇ ଅରବିନ୍ଦ ହାୟର ସେକେଣ୍ଡାରୀ ସ୍କୁଲ, ଡ୍ରିମ୍ସ ହାୟର ସେକେଣ୍ଡାରୀ ସ୍କୁଲ, ବି.ଏମ୍ ହାୟର ସେକେଣ୍ଡାରୀ ସ୍କୁଲ, ଓଡିଶା ହାୟର ସେକେଣ୍ଡାରୀ ସ୍କୁଲ, ରେଶ୍‌ମା ହାୟର ସେକେଣ୍ଡାରୀ ସ୍କୁଲର ମୋଟ ୧୦୩୪ ଛାତ୍ରୀଛାତ୍ର ଚୌଦ୍ୱାର କଲେଜରେ ପରୀକ୍ଷା ଦେବାକୁ ଥିବାବେଳେ ସେଥିରୁ ବିଜ୍ଞାନରେ ୭୦୬ ଓ କଳା,ବାଣିଜ୍ୟରେ ୩୨୮ ପରୀକ୍ଷାର୍ଥୀ ଥିବା ଜଣାପଡିଛି। ହବ୍ ସେଣ୍ଟରରୁ ସ୍ଥାନୀୟ ଗୋଖଲେ ଆଦର୍ଶ ମହାବିଦ୍ୟାଳୟ, ଆରଆରବି କଲେଜ ଖୁଣ୍ଟୁଣୀ,ଏସ୍‌ଏସ୍‌ଡି କଲେଜ ବାଲି,ଏସ୍‌ଏସ୍‌ଡି କଲେଜ ଗୁରୁଡିଝାଟିଆ,ଭଗତପୁର ହାୟର ସେକେଣ୍ଡାରୀ ସ୍କୁଲ,ବିଶ୍ୱନାହାକାଣୀ ହାୟର ସେକେଣ୍ଡାରୀ ସ୍କୁଲ,ଚୌଦ୍ୱାର ବାଳିକା ମହାବିଦ୍ୟାଳୟ ଆଦିକୁ ପ୍ରଶ୍ନ ପତ୍ର ଯୋଗାଇ ଦିଆଯିବ। କଡା ସୁରକ୍ଷାରେ ପ୍ରଶ୍ନପତ୍ର ରଖାଯାଇଥିବା ଓ ଠିକ୍ ସମୟରେ କେନ୍ଦ୍ରଗୁଡିକୁ ପ୍ରଶ୍ନପତ୍ର ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଥିବା କଲେଜ ଅଧ୍ୟକ୍ଷା ସବିତା କର କହିଛନ୍ତି।





କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଇସ୍ତଫା ଦାବିରେ ମୁସ୍‌ଲିମ ଓ ଦଳିତ ସୁରକ୍ଷା ମଞ୍ଚ ପକ୍ଷରୁ ଜିଲାପାଳଙ୍କ ଅଫିସ ନିକଟରେ ଧାରଣା ଦିଆଯାଇଛି।

# ଦିଲ୍ଲୀ ଦଙ୍ଗାକାରୀଙ୍କୁ ଗିରଫ ଦାବି

**କଟକ ଅଫିସ,୨୯।୨**

ଦିଲ୍ଲୀରେ ଦେଖାଦେଇଥିବା ଦଙ୍ଗା ପାଇଁ ଯେଉଁମାନେ ଦାୟୀ ସେମାନଙ୍କୁ ଗିରଫ ସହ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଇସ୍ତଫା ଦାବି କରାଯାଇଛି। ମୁସଲିମ ଓ ଦଳିତ ସୁରକ୍ଷା ମଞ୍ଚର ରାଜ୍ୟ ସଭାପତି ଶେଖ୍ ମୁନ୍ତାକିମ୍ ବକ୍ସଙ୍କ ନେତୃତ୍ୱରେ କଟକ ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତି, ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି, ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତି, ପ୍ରଧାନମନ୍ତ୍ରୀ, ଜାତୀୟ ମାନବାଧିକାର କମିଶନ, ଓଡ଼ିଶା ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଦେଶ ବର୍ତ୍ତମାନ ଆର୍‌ଏସ୍‌ଏସ୍‌ର ବିଚାରଧାରାରେ ଚାଲିଛି। ସିଏଏ, ଏନ୍‌ଆରସି, ଏନ୍‌ପିଆର୍ ଭଳି କଳା କାନୁନକୁ ବିରୋଧ କରିବାର ଅଧିକାର ସମସ୍ତଙ୍କର ରହିଛି। ଶାନ୍ତିପୂର୍ଣ୍ଣ ଭାବେ ଦେଶବ୍ୟାପୀ ଧାରଣା ଚାଲିଛି। କେତେଜଣ ମୁଷ୍ଟିମେୟ ଲୋକ ଓ ରାଜନେତାଙ୍କ ଯୋଗୁ ଦିଲ୍ଲୀରେ ବିଶୃଙ୍ଖଳା ସୃଷ୍ଟି ହୋଇଛି। କେନ୍ଦ୍ର ସରକାରଙ୍କ ଅଧୀନ ଦିଲ୍ଲୀ ପୋଲିସ ଉଚିତ ପଦକ୍ଷେପ ନ ନେବାରୁ ୪୨ଜଣଙ୍କ ପ୍ରାଣ ଗଲାଣି। କପିଲ୍ ମିଶ୍ରା, ଅନୁରାଗ ଠାକୁର, ପ୍ରଭେଶ ବର୍ମା ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଦଙ୍ଗା ପାଇଁ ଦାୟୀ। ଅନ୍ୟପଟେ ଏଆଇଏମ୍‌ଆଇଏମ୍ ନେତା ୱାରିସ୍ ପଠାନ୍ ଯେଉଁ ଘୃଣା ବକ୍ତବ୍ୟ ଦେଇଛନ୍ତି, ତାଙ୍କ ବିରୋଧରେ ମଧ୍ୟ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

ଦାବିପତ୍ର ପ୍ରଦାନବେଳେ ରାଜ୍ୟ ସଭାପତି ଶେଖ ମୁନ୍ତାକିମ୍ ବକ୍ସ, ଉପସଭାପତି ଶେଖ ସିଦ୍ଦିକ୍, ସହ ସମ୍ପାଦକ ଶେଖ ଅନିଲ୍, ସମ୍ପାଦକ ସୁକାନ୍ତ ସେଠୀ, ପ୍ରଦୀପ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ହାବିଲଦାର୍ ମେଜରଙ୍କୁ ଅବସର ସମ୍ବର୍ଦ୍ଧନା

**କଟକ ଅଫିସ,୨୯।୨**

ଭିଜିଲାନ୍ସ ନିର୍ଦ୍ଦେଶାଳୟର ଡ୍ରାଇଭର୍ ହାବିଲଦାର୍ ମେଜର ଚନ୍ଦ୍ରମୋହନ ନାୟକ ଶନିବାର ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି। ଅତିରିକ୍ତ ନିର୍ଦ୍ଦେଶକ(ଭିଜିଲାନ୍ସ) ପି.ଏସ୍. ରଣପିସେଙ୍କ ଅଧ୍ୟକ୍ଷତାରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନାୟକ ଜଣେ ସରଳ, ଅମାୟିକ ଓ କର୍ତ୍ତବ୍ୟ ପ୍ରତି ସମର୍ପିତ ମଣିଷ ବୋଲି ରଣପିସେ କହିଥିଲେ। ନାୟକଙ୍କୁ ସମ୍ବର୍ଦ୍ଧନା ସହ ପ୍ରୋଭିଜିନାଲ୍ ପେନ୍‌ସନ୍ ଅର୍ଡର ପ୍ରଦାନ କରିଥିଲେ। ଡିଆଇଜି(ଭିଜିଲାନ୍ସ) ସଞ୍ଜୟ କୁମାର କୌଶଲଙ୍କ ସମେତ ଏସ୍‌ପି (ସମନ୍ୱୟ) ଏ.କେ. ପଟ୍ଟନାୟକ, ଏଆଇଜି ଅଭିରାମ କର, ମୀନାକ୍ଷୀ ପ୍ରଧାନ, କୃଷ୍ଣଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# 'ଯୋଗ ଦ୍ୱାରା ମଣିଷ ସୁସ୍ଥ ରହିପାରିବ'

**କଟକ ଅଫିସ, ୨୯।୨**

ସାଇ ତ୍ରିନାଥ ନୀଳଚକ୍ର ଯୋଗ ସମିତି ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ଛକସ୍ଥିତ ସାରଳା ଭବନଠାରେ ଏକ ଯୋଗ ସଚେତନତା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଯୋଗଗୁରୁ ସାଗରିକା ଜେନା କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ଏଥିରେ ଯୋଗଦ୍ୱାରା ବିଭିନ୍ନ ରୋଗ ନିରାକରଣ ଓ ଉପଚାର ବିଷୟରେ ଆଲୋଚନା କରାଯାଇଥିଲା। ମୁଖ୍ୟଅତିଥି ଭାବେ ପ୍ରଫେସର ନୀଳକଣ୍ଠ ରାଉତ ଯୋଗଦେଇ କହିଥିଲେ ଯେ, ଯୋଗଦ୍ୱାରା ମଣିଷ ସୁସ୍ଥ ରହିପାରିବ। ଏପରି କି ରୋଗରୁ ସମ୍ପୂର୍ଣ୍ଣ ଭାବେ ମୁକ୍ତି ମିଳିପାରିବ। ଆଜିର ଯୁବପିଢି ଏହାକୁ ଆପଣାଇବା ଦରକାର ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ସଙ୍ଗୀତଜ୍ଞ ମୁରଲୀଧର ଶତପଥୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ମାଧବ ଚନ୍ଦ୍ର ବେହେରା ଯୋଗଦେଇଥିଲେ। ସତ୍ୟରଞ୍ଜନ ଷଡଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୌଦାମିନୀ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାମଚନ୍ଦ୍ର ଦାସ, ଦୀନବନ୍ଧୁ ମହାରଣା, ମଞ୍ଜୁଲତା ଜେନା, ନମିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# 'ଓଡ଼ିଶାର ଗୌରବମୟ ଗାଥାକୁ ସ୍ମରଣ କରିବା ଆବଶ୍ୟକ'



ବାର୍ଷିକ ଉତ୍ସବରେ ଅତିଥିଙ୍କଠାରୁ ଯତୀନ୍ଦ୍ରନାଥ ସ୍ୱାଇଁ ଚେଲିତୋଲ ପୁରସ୍କାର ଗ୍ରହଣ କରୁଛନ୍ତି।

**କଟକ ଅଫିସ,୨୯।୨**

ଚେଲିତୋଲ ଅତୀତ ଐତିହ୍ୟର ପ୍ରତୀକ। ଚେଲିତୋଲ ତଥା ବର୍ତ୍ତମାନର ତିର୍ତ୍ତୋଲ ପୂର୍ବ ଉପକୂଳର ଏକ ସମୃଦ୍ଧ ବନ୍ଦର ଥିଲା। ଓଡ଼ିଶାର ନୌବାଣିଜ୍ୟ ପରମ୍ପରା ଅତୀବ ପ୍ରାଚୀନ। ଅତୀତର ସେହି ଗୌରବମୟ ଗାଥାକୁ ପ୍ରତ୍ୟେକ ଓଡ଼ିଆ ସ୍ମରଣ କରିବା ଆବଶ୍ୟକ ବୋଲି ଶନିବାର ଜଷ୍ଟିସ୍ ବି.ପି.ଦାସ କହିଛନ୍ତି । ବିଜୁ ପଟ୍ଟନାୟକ ଛକସ୍ଥିତ ସାରଳା ଭବନର ଚେଲିତୋଲ କଲଚରାଲ ଏକାଡେମୀର ୨୯ତମ ବାର୍ଷିକ ଉତ୍ସବରେ ଜଷ୍ଟିସ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ମୁଖ୍ୟବକ୍ତା ଭାବେ ସାହିତ୍ୟିକା ଡ.ଚିନ୍ମୟୀ ମହାପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ପୋଲିସ ମହାନିର୍ଦ୍ଦେଶକ ଶରତ ଚନ୍ଦ୍ର ମିଶ୍ର ଯୋଗଦେଇଥିବାବେଳେ ଅତିଥି ଭାବେ ଏକାଡେମୀର ପ୍ରତିଷ୍ଠାତା ଡ. ପ୍ରଭାକର ସ୍ୱାଇଁ ଯୋଗଦଇଥିଲେ। ପ୍ରଫେସର ଡା. ନିମାଇଁ ଚରଣ ପରିଜା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଭାରତ ସୌରଶକ୍ତି ନିଗମର ପରିଚାଳନା ନିର୍ଦ୍ଦେଶକ ଯତୀନ୍ଦ୍ର ନାଥ ସ୍ୱାଇଁଙ୍କୁ ଚଳିତବର୍ଷ ମର୍ଯ୍ୟାଦାଜନକ ଚେଲିତୋଲ ପୁରସ୍କାର' ପ୍ରଦାନ କରାଯାଇଥିଲା। ଏହାସହ ସୁରେଶ ମନ୍ତ୍ରୀଙ୍କୁ ଶରତଚନ୍ଦ୍ର ପ୍ରଶାସନ ଓ ସେବା ସମ୍ମାନ', ଡ. ଟହଲି ଚରଣ ମହାନ୍ତିଙ୍କୁ ଚେଲିତୋଲ ସେବା ସମ୍ମାନ', ଇଂ. ସାରଦା ପ୍ରସନ୍ନ ମହାନ୍ତିଙ୍କୁ ଚେଲିତୋଲ ଯାନ୍ତ୍ରିକ ସେବା ସମ୍ମାନ', ପ୍ରମିଳା ତ୍ରିପାଠୀଙ୍କୁ ନାରାୟଣ ବୀରବର ସାମନ୍ତ ସେବା ସମ୍ମାନ', ଡା. ଗୋଲକ ଚନ୍ଦ୍ର ବେହେରାଙ୍କୁ ଚୋଲିତୋଲ ସ୍ୱାସ୍ଥ୍ୟସେବା ସମ୍ମାନ', ଦୈତାରୀ ସାହୁଙ୍କୁ କୃଷ୍ଣଚନ୍ଦ୍ର ତ୍ରିପାଠୀ ଶିକ୍ଷା ସମ୍ମାନ', ନରେନ୍ଦ୍ର ନାଥ ସ୍ୱାଇଁଙ୍କୁ ଚୋଲିତୋଲ ପ୍ରତିରକ୍ଷା ସେବା ସମ୍ମାନ' ଏବଂ ସୁହାଗିନୀ ବେହେରାଙ୍କୁ ଜେନାମଣି ସାରସ୍ୱତ ସମ୍ମାନ' ପ୍ରଦାନ କରାଯାଇଥିଲା। ପ୍ରଫେସର ନିରଞ୍ଜନ ତ୍ରିପାଠୀ ଅତିଥି ପରିଚୟ ଓ ଇଂ. ସୁଶୀଲ ମହାପାତ୍ର ସମ୍ପାଦକୀୟ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳ ଓ ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଡା. ନୀରଦ ଗଚ୍ଛାୟତ ଧନ୍ୟବାଦ ଦେଇଥିଲେ।

# ବିଜୁ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ

**କଟକ ଅଫିସ,୨୯।୨**

ଆସନ୍ତା ୫ତାରିଖରେ ତଳ ବାଲିଯାତ୍ରା ପଡ଼ିଆରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଉତ୍ସବ ପାଳନ ହେବ। ଉତ୍ସବ ଆୟୋଜନ ନେଇ ସ୍ଥାନୀୟ ସର୍କିଟ ହାଉସରେ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମନ୍ତ୍ରୀ ପ୍ରତାପ ଜେନା ଅଧ୍ୟକ୍ଷତା କରିବା ସହିତ ଉତ୍ସବର ସଫଳ ଆୟୋଜନ ନେଇ ଆଲୋଚନା କରିଥିଲେ। ଏଥିରେ ବିପୁଳ ସଂଖ୍ୟାରେ ଜନସମାଗମ ହେବ। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ବ୍ୟବସ୍ଥା କରାଯବାକୁ ସ୍ଥିର ହୋଇଛି। ବିଧାୟକ ଦେବୀପ୍ରସାଦ ମିଶ୍ର, ପ୍ରଣବ ପ୍ରକାଶ ଦାସ, ଚନ୍ଦ୍ରସାରଥି ବେହେରା, ପ୍ରଶାନ୍ତ ବେହେରା, ଡ. ପ୍ରମୋଦ ମଲ୍ଲିକ, ଦେବୀରଞ୍ଜନ ତ୍ରିପାଠୀ, ସୌଭିକ ବିଶ୍ୱାଳ ଏବଂ ପୂର୍ବତନ ବିଧାୟକ ସଞ୍ଜୟ ଦାସବର୍ମାଙ୍କ ସମେତ ଅନେକ ବରିଷ୍ଠ ବିଜେଡି ନେତା ଉପସ୍ଥିତ ଥିଲେ।



ପ୍ରସ୍ତୁତି ବୈଠକରେ ମନ୍ତ୍ରୀ ପ୍ରତାପ ଜେନା, ବିଧାୟକ ଓ ଅନ୍ୟମାନେ।

# ପାନୀୟଜଳ ପାଇଁ ଲୋକେ ହଇରାଣ

**ଖୁଣ୍ଟୁଣୀ,୨୯।୨(ଡି.ଏନ୍.ଏ.)**

**ପୋତିହୋଇପଡିଛି କୂଅ: ପୁନରୁଦ୍ଧାର ପାଇଁ ଦାବିପତ୍ର**



ଖୁଣ୍ଟୁଣୀ ପଞ୍ଚାୟତ ଅଧୀନ କୃଷ୍ଣଶ୍ୟାମପୁର ଗ୍ରାମରେ ଥିବା ଏକ ସରକାରୀ କୂଅ ପୋତି ହୋଇଯିବାରୁ ପାଣି ପାଇଁ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ଗ୍ରାମରେ ଥିବା ଏକ ନଳକୂପ ବ୍ୟବହାର ଉପଯୋଗୀ ନୁହେଁ ବୋଲି ଗ୍ରାମ ସଭାପତି ରୋହିତ ମୁଦୁଲି ଓ ସମ୍ପାଦକ ଶରତ ମୁଦୁଲି କହିଛନ୍ତି। ଏହାର ପ୍ରତିକାର ପାଇଁ ଗ୍ରାମରେ ଏକ ନଳକୂପ ସ୍ଥାପନ ଓ କୂଅର ପୁନରୁଦ୍ଧାର ପାଇଁ ଆଠଗଡ଼ ବିଡିଓ ଅଜାମ୍ବର ମହାନ୍ତିଙ୍କ ନିକଟରେ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି। ସୂଚନାଥାଉ କି, କୃଷ୍ଣଶ୍ୟାମପୁର ଗ୍ରାମରେ ଥିବା ଏହି ସରକାରୀ କୂଅର ପାଣିକୁ ବ୍ୟବହାର କରୁଥିଲେ। କୂଅର ରକ୍ଷଣାବେକ୍ଷଣ କେବଳ କାଗଜକଲମରେ ସୀମିତ ରହିଥିବାରୁ ଗତ ୨ମାସ ପୂର୍ବେ ପ୍ରାୟ ୧୦ଫୁଟ ତଳୁ ଭୁଶୁଡି ପୋତି ହୋଇଯାଇଥିଲା। ଏହାପରେ ପୁଣି କୂଅରୁ ମାଟି ଅତଡା ଖସି ପ୍ରାୟ ୪୦ ଫୁଟ କୂଅରୁ ୩୦ଫୁଟ ପୋତି ହୋଇଯାଇଛି। ଫଳରେ ଗ୍ରାମବାସୀ ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏ ନେଇ ଗ୍ରାମବାସୀ ନିର୍ବାଚିତ ପ୍ରତିନିଧିଙ୍କୁ ଅବଗତ କରାଇଥିଲେ ମଧ୍ୟ କିଛି ସୁଫଳ ମିଳିଲା ନାହିଁ। ଏହାପରେ ଗ୍ରାମବାସୀ ଆଠଗଡ଼ ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ସରକାରୀ କୂଅ ନିକଟରେ ଏକ ନଳକୂପ ନିର୍ମାଣ ହେବାକୁ ଗ୍ରାମବାସୀ ଦେଇଥିବା ଦାବିପତ୍ରରେ ଉଲ୍ଲେଖ ରହିଛି।

ଏ ସମ୍ପର୍କରେ ଆଠଗଡ଼ ବିଡିଓ ମହାନ୍ତି କୁହନ୍ତି, ମେଗା ପ୍ରୋଜେକ୍ଟ ମାଧ୍ୟମରେ ଜନସାଧାରଣଙ୍କୁ ପାଣି ଯୋଗାଇ ଦେବାର ଏକ ବୃହତ୍ ଯୋଜନା ଆରମ୍ଭ ହେବାକୁ ଯାଉଛି। ଏହା ବିଳମ୍ବିତ ପ୍ରକ୍ରିୟା। ଖୁବ୍‌ଶୀଘ୍ର ଗ୍ରାମବାସୀଙ୍କ ପାଇଁ ବିକଳ୍ପ ଜଳ ପାଇବାକୁ ଏକ ଗଭୀର ନଳକୂଅ(ବୋର ୱେଲ)ର ବ୍ୟବସ୍ଥା ପାଇଁ ଉଦ୍ୟମ କରିବି ବୋଲି କହିଛନ୍ତି।

# ଜିଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ସମ୍ମିଳନୀ

**କଟକ ଅଫିସ,୨୯।୨**

ଶହୀଦଭବନଠାରେ ଶନିବାର ଜିଲା ସ୍ତରୀୟ ଆଶା ଏବଂ ଗାଁ କଲ୍ୟାଣ ସମିତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇଥିଲେ। ସମସ୍ତଙ୍କ ଘରେ ସ୍ୱାସ୍ଥ୍ୟ ସେବା ପହଞ୍ଚି ପାରିଛି। ଏଥିରେ ଆଶା ଓ ଗାଁ କଲ୍ୟାଣ ସମିତିର ଭୂମିକା ପ୍ରଶଂସନୀୟ ବୋଲି ଜିଲାପାଳ ଚୟନୀ କହିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଗାଁ କଲ୍ୟାଣ ସମିତି ବରହମ୍‌ପୁରା, ମାହାଙ୍ଗା, ନିଆଳି, ଟାଙ୍ଗୀକୁ ପୁରସ୍କୃତ କରାଯାଇଥିଲା। ସେହିଭଳି ମହିଧରପଡ଼ାର ଆଶାକର୍ମୀ ପାର୍ବତୀ ସାମଲ, ନିଆଳିର ଚିନ୍ମୟୀ ସ୍ୱାଇଁ ଓ ବିନ୍ଧାଣିମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସବିତା ଜେନାଙ୍କୁ ପରୁସ୍କୃତ କରାଯାଇଥିଲା। ସୁସ୍ଥ ପଞ୍ଚାୟତ ପାଇଁ ଆଠଗଡ଼ ବ୍ଲକ୍ ରାଜନଗର ପଞ୍ଚାୟତ, ମାହାଙ୍ଗାର ଉମର, ନରସିଂହପୁରର ପଦମାଳ, ବେଣ୍ଟକାରର ଅରିଲୋ ପଞ୍ଚାୟତକୁ ପୁରସ୍କୃତ କରାଯାଇଥିଲା। ଜିଲାର ୬ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଯଥା ସଫା, ଜେନାପଡ଼ା, ବାରପୁଟ, ତେନ୍ତୋଳ ଓ ବଡବିଲ ଏବଂ ୬ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଟାଙ୍ଗୀ, ବରହମ୍‌ପୁରା, ସୁବର୍ଣ୍ଣପୁର, ସାଲେପୁର ଓ ଅଡଶପୁରକୁ କାୟାକଳ୍ପ ପରୁସ୍କାର ପ୍ରଦାନ କରାଯାଇଥିଲା । ସମ୍ମିଳନୀରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ସତ୍ୟବ୍ରତ ଛୋଟରାୟ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା.ମମତା ମହାପାତ୍ର, ରାଜ୍ୟ ବରିଷ୍ଠ ପରାମର୍ଶଦାତା ଗୋଷ୍ଠୀ କାର୍ଯ୍ୟକ୍ରମ ସୁଶାନ୍ତ କୁମାର ନାୟକ, ବସନ୍ତ କୁମାର ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।





ସମ୍ମିଳନୀରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଓ ଅନ୍ୟ ଅତିଥିମାନେ।



ଯେଉଁମାନେ ଗୁଡ଼ାଏ କଥା କୁହନ୍ତି,
ସେମାନେ ଖୁବ୍ କମ୍ ଚିନ୍ତା କରନ୍ତି।
- ଜନ୍ ଡ୍ରାଇଡେନ୍



## ସଂକ୍ଷେପରେ

### ୨ ବାଇକ୍ ମଧ୍ୟରେ ଧକ୍କା, ୪ ଗୁରୁତର

ପୁରୁଣା ଭୁବନେଶ୍ୱର, ୨୯।୨(ଡି.ଏନ.ଏ.)- ପୁରୀ-ଭୁବନେଶ୍ୱର ୩୧୬ ନଂ. ଜାତୀୟ ରାଜପଥର ମଧୁର ମତ୍ସ୍ୟ ଗବେଷଣା କେନ୍ଦ୍ର (ସିଫା) ନିକଟରେ ଶୁକ୍ରବାର ବିଳମ୍ବିତ ରାତ୍ରିରେ ଦୁଇଟି ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟିଥିଲା। ଏଥିରେ ୪ ଜଣ ଗୁରୁତର ହୋଇଥିଲେ। ଆହତମାନଙ୍କ ମଧ୍ୟରୁ ୩ ଜଣ ଇଞ୍ଜିନିୟରିଂ ଛାତ୍ର ହୋଇଥିବାବେଳେ ଅନ୍ୟ ଜଣେ ସ୍ଥାନୀୟ ଅଞ୍ଚଳର ବୋଲି ଜଣାପଡିଛି। ପୋଲିସ ସୂଚନା ମୁତାବକ, ପିପିଲି ପଟୁ ରଙ୍ଗସାଇଡ଼ରେ ଗୋଟିଏ ବାଇକ୍‌ରେ ୩ ଇଞ୍ଜିନିୟରିଂ ଛାତ୍ର ଦ୍ରୁତଗତିରେ ଆସୁଥିଲେ। ଏହି ସମୟରେ ଭୁବନେଶ୍ୱର ପଟୁ ପିପିଲି ଯାଉଥିବା ଅନ୍ୟ ଏକ ବାଇକ୍ ଚାଳକ ସହ ସେମାନଙ୍କ ବାଇକ୍ ଧକ୍କା ହୋଇଥିଲା। ଉଭୟ ଆହତମାନେ ରାସ୍ତା କଡକୁ ଛିଟିକି ପଡିଥିଲେ। ବାଇକ ଦୁଇଟି ଭାଙ୍ଗିରୁଜି ଯାଇଥିଲା। ଖବର ଲେଖା ହେବା ବେଳକୁ ଗାଡ଼ି ନମ୍ବର କିମ୍ବା ଆହତଙ୍କ ପରିଚୟ ପତ୍ର ମିଳିପାରି ନ ଥିବା ଉତ୍ତରା ଫାଣ୍ଡି ଇନଚାର୍ଜ ମନୋଜ ଦାଶ ସୂଚନା ଦେଇଛନ୍ତି। ଏଭଳି ଏକ ଦୁର୍ଘଟଣା ଘଟିବାର ୨୪ ଘଣ୍ଟା ପରେ ପୋଲିସ ପାଖରେ କୌଣସି ତଥ୍ୟ ନ ମିଳିବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ଯୌତୁକ ଲାଗି ବୋହୂକୁ ପୋଡ଼ି ହତ୍ୟା ଉଦ୍ୟମ

ପୁରୀ ଅଫିସ,୨୯।୨:ଅଧିକ ଯୌତୁକ ଲାଗି ବୋହୂକୁ ପୋଡ଼ି ମାରିବାକୁ ଉଦ୍ୟମ ହୋଇଥିବା ବାସେଳି ସାହି ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଅଟକ ରଖିଛି। ସମ୍ପୃକ୍ତ ମହିଳାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।ଅଭିଯୋଗରେ ଦର୍ଶାଯାଇଛି ଯେ, ୮ବର୍ଷ ତଳେ ରମେଶ ଚନ୍ଦ୍ର ତ୍ରିପାଠୀଙ୍କ ଝିଅ ଝରଣା ପୁରୀ ଜିଲା ପାର୍ବତୀପୁର ଲକ୍ଷ୍ମୀନାରାୟଣ ନଗରର ମନୁଆ ନନ୍ଦଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ତାଙ୍କର ୫ ଓ ୩ବର୍ଷର ଦୁଇଜଣ ପୁଅ ଅଛନ୍ତି। ବିବାହ ସମୟରେ କନ୍ୟାଘର ପକ୍ଷରୁ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ତେବେ ବିବାହର କିଛି ବର୍ଷ ପରେ ଶାଶୁଘର ଲୋକେ ଅଧିକ ଯୌତୁକ ଦାବିରେ ଝରଣାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ଏ ନେଇ ସେ ପରିବାର ଲୋକଙ୍କୁ ଜଣାଇଥିଲେ। ଶନିବାର ଭୋର ସମୟରେ ସେ ପୋଡ଼ି ଯାଇଥିବା ଏବଂ ମେଡିକାଲରେ ଭର୍ତ୍ତି ହୋଇଥିବା ଖବର ପାଇ ତାଙ୍କ ବାପଘର ଲୋକେ ପୁରୀରେ ପହଞ୍ଚିଥିଲେ। ଭଉଣୀ ଝରଣାଙ୍କୁ ଶାଶୁଘର ଲୋକେ ଯୌତୁକ ପାଇଁ ପୋଡ଼ି ମାରିବାକୁ ଉଦ୍ୟମ କରିଛନ୍ତି ବୋଲି ଭାଇ ଅକ୍ଷୟ ତ୍ରିପାଠୀ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ ଜାରି ରହିଥିବା ପୋଲିସ କହିଛି।

# ୧୨ ଘଣ୍ଟା ବାଙ୍କୀ ବନ୍ଦ

ବାଙ୍କୀ/ବାରଙ୍ଗ,୨୯।୨(ସ୍ୱ.ପ୍ର./ ଡି.ଏନ୍.ଏ.)

ବାଙ୍କୀ ଡବଲ ମର୍ଡର ଘଟଣାର ପ୍ରତିବାଦରେ ଶନିବାର କଂଗ୍ରେସ ପକ୍ଷରୁ ସ୍ଥାନୀୟ ଅଞ୍ଚଳରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। କଂଗ୍ରେସର ପୂର୍ବତନ ବିଧାୟକ ଡ.ଦେବାଶିଷ ପଟ୍ଟନାୟକ ଏହାର ନେତୃତ୍ୱ ନେଇଥିଲେ। ଏହି ଅବସରରେ କଂଗ୍ରେସ ପକ୍ଷରୁ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି ହୋଇଥିଲା। ଦେବାଶିଷ ଏକ ପ୍ରେସ ବିବୃତି ଜରିଆରେ ଡବଲ ମର୍ଡର ଘଟଣାକୁ ନିନ୍ଦା କରିବା ସହ ହତ୍ୟାକାଣ୍ଡରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଜଡିତ ଥିବା ରାଜନୈତିକ ବ୍ୟକ୍ତିଙ୍କୁ ତଦନ୍ତ ପରିସର ଭିତରକୁ ଆଣିବାକୁ ଦାବି କରିଥିଲେ। ବନ୍ଦ ଯୋଗୁ ବାଙ୍କୀର ସମସ୍ତ ଦୋକାନ ବଜାର, ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିବା ବେଳେ ଯାନବାହନ ଚଳାଚଳ ପ୍ରଭାବିତ ହୋଇଥିଲା। ହାଟ ପାଳି ଥିଲେ ମଧ୍ୟ କୌଣସି ଚାଷୀ ପନିପରିବା ବିକ୍ରି କରିବାକୁ ଆସି ନ ଥିଲେ। ସ୍ଥାନୀୟ ଅଞ୍ଚଳର ଶିକ୍ଷା ଅନୁଷ୍ଠାନଗୁଡିକ ବନ୍ଦ ରହିଥିଲା। କଂଗ୍ରେସ ନେତା ଡ. ଦେବାଶିଷଙ୍କ ନେତୃତ୍ୱରେ କର୍ମୀମାନେ ବାଙ୍କୀ ଟାଉନ୍ ପରିକ୍ରମା କରି ଜନସାଧାରଣଙ୍କୁ ଏହି ହତ୍ୟାକାଣ୍ଡ ସମ୍ପର୍କରେ ଅବଗତ କରାଇଥିଲେ। ଭାଜପା ନେତା ଶୁଭ୍ରାଂଶୁ ମୋହନ ପାଢ଼ୀ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଦଳ ପକ୍ଷରୁ ନୈତିକ ସମର୍ଥନ ଜଣାଇଥିଲେ। ଶାନ୍ତିଶୃଙ୍ଖଳାକୁ ଦୃଷ୍ଟିରେ ରଖି ବାଙ୍କୀର ସରକାରୀ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। କଂଗ୍ରେସର ଏହି ବନ୍ଦ ପାଳନ ବେଳେ ବାଙ୍କନିଧି ବେହେରା, କ୍ଷେତ୍ରବାସୀ ଦାଶ, ବିଶ୍ୱରଞ୍ଜନ ପଣ୍ଡା, କାଶୀନାଥ ମହାପାତ୍ର, ଶିବ ପ୍ରସାଦ ପାଢୀ, ନିତ୍ୟାନନ୍ଦ ବେହେରା, କୁବେର ଚୌଧୁରୀ, ବାବୁଲି ଦଳେଇ ଓ ଗୋପୀନାଥ ବେହେରା ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଉପଖଣ୍ଡ କଳାପଥର, ଡମପଡ଼ା ଓ ବୈଦ୍ୟେଶ୍ୱର ଆଦି ଅଞ୍ଚଳରେ ବନ୍ଦ ପାଳନ ସଫଳ ହୋଇଥିବା ନେଇ କଂଗ୍ରେସ ପକ୍ଷରୁ କୁହାଯାଇଛି।

ଗତ ୧୫ ତାରିଖ ଅପରାହ୍ନରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବାଙ୍କୀ ଥାନା ଅନ୍ତର୍ଗତ କିଆପଲା ଜୋକଲାଞ୍ଜି ଜଳସେଚନ ପ୍ରକଳ୍ପ ନିକଟରେ ଡବଲ୍ ମର୍ଡର ହୋଇଥିଲା। ଦୁର୍ବୃତ୍ତମାନେ ନୂଆଗାଁ ସରପଞ୍ଚ ମମତା ମହାପାତ୍ରଙ୍କ ସ୍ୱାମୀ ଭଗବାନ ସାଇଁ ଓ ଖଜୁରିପଦାସ୍ଥିତ ୱେବ ପୋର୍ଟାଲ ଖବରଦାତା ଆଦିତ୍ୟ ରଣସିଂହଙ୍କୁ ମାରଣାସ୍ତ୍ର ସାହାଯ୍ୟରେ ଗୋଡ଼େଇ ଗୋଡ଼େଇ ହାଣିଥିଲେ। ଘଟଣାସ୍ଥଳରେ ଆଦିତ୍ୟଙ୍କ ମୃତ୍ୟୁ ହୋଇଥିବା ବେଳେ କଟକ ବଡ଼ ଡାକ୍ତରଖାନାରେ ଭଗବାନଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ପୋଲିସ ମାମଲା (ନଂ.୩୯/୨୦)ରୁଜୁ କରି ଅଦ୍ୟାବଧି ୮ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ ଦାବିରେ କଂଗ୍ରେସ ପକ୍ଷରୁ ବନ୍ଦ ପାଳନ କରାଯାଇଥିଲା।



କଂଗ୍ରେସ କର୍ମୀମାନେ ଟାୟାର ଜାଳି ରାସ୍ତାରୋକୋ କରୁଛନ୍ତି ।

**ଡବଲ ମର୍ଡର ଘଟଣାର ପ୍ରତିବାଦ**

### ବାରଙ୍ଗ ବନ୍ଦ ସଫଳ

ବହୁଚର୍ଚ୍ଚିତ ଖଜୁରିପଦା ଡବଲ ମର୍ଡର ଘଟଣାରେ ପୋଲିସର ନିଷ୍କ୍ରିୟତା, ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ନ କରିବା ଓ ମୃତକଙ୍କ ପରିବାରକୁ ସରକାରୀ ସାହାଯ୍ୟ ଦେବା ଦାବିରେ ବାଙ୍କୀ ନିର୍ବାଚନମଣ୍ଡଳୀ କଂଗ୍ରେସ ପକ୍ଷରୁ ଶନିବାର ୧୨ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା। ତେବେ ଏହି ନିର୍ବାଚନମଣ୍ଡଳୀ ଅଧୀନ ବାରଙ୍ଗରେ ମଧ୍ୟ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ସଫଳ ହୋଇଥିବା ଦେଖିବାକୁ ମିଳିଛି। ଏହି ବନ୍ଦକୁ ସାଧାରଣ ଲୋକଙ୍କ ସହ ବ୍ୟବସାୟୀମାନେ ସମର୍ଥନ ଜଣାଇଛନ୍ତି। ବାରଙ୍ଗ କଂଗ୍ରେସର କର୍ମୀମାନେ ଏକ ଶୋଭାଯାତ୍ରାରେ ବାହାରି ବାରଙ୍ଗ ବ୍ଲକ ଓ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ହତ୍ୟାକାଣ୍ଡରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଧରିବା ନେଇ ନାରାବାଜି ଦେଇଥିଲେ। ବାରଙ୍ଗ ମୁଖ୍ୟରାସ୍ତା ସାମୟିକ ଭାବେ ବନ୍ଦ ହୋଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ସ୍ୱାଭାବିକ ଭାବେ ଗାଡ଼ିମୋଟର ଚଳାଚଳ କରିଥିଲା। ଏଥିରେ ମଣ୍ଟୁ ମାଝି, ଅରୁଣ କୁମାର ସାହୁଙ୍କ ନେତୃତ୍ୱରେ ବାରଙ୍ଗର ବିଭିନ୍ନ ସ୍ଥାନରେ କଂଗ୍ରେସ କର୍ମୀମାନେ ଉପସ୍ଥିତ ରହି ଦୋକାନ ବଜାର ସବୁ ବନ୍ଦ କରିବାକୁ ଅନୁରୋଧ କରିଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବେକର କଣ୍ଠୀ,
କେତେ ତୁ ଦେଖାଉ ଛଇଛଟକୀ ।**

ସାଧାରଣତଃ ଅଳଙ୍କାର ପ୍ରତି ମହିଳାମାନଙ୍କ ମନରେ ଅନେକ ଦୁର୍ବଳତା ଭାବ ରହିଥାଏ। ସୁନ୍ଦର ଗହଣାଗାଣ୍ଠି ପିନ୍ଧି ଅନ୍ୟ ଆଗରେ ନିଜ ରୂପଲାବଣ୍ୟକୁ ନେଇ ଦେଖେଇ ହେବାରେ ସେମାନେ ଖୁସି ଅନୁଭବ କରିଥାନ୍ତି। ଏପରିସ୍ଥଳେ ସାମାନ୍ୟ ବେଶଭୂଷା ହୋଇ ଅନ୍ୟ ଆଗେର ଛଇଛଟକ ଦେଖେଇ ହେଉଥିବା ମହିଳାଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ବୁଢ଼ା ବଡ଼ କୃପଣ
ପଖାଳ ଭାତରେ ନ ଖାଏ ଲୁଣ ।**

କେତେଜଣ ବ୍ୟକ୍ତି କୃପଣ ସ୍ୱଭାବର ହୋଇଥାନ୍ତି। କାଳେ ଅଧିକ ଧନ ଖର୍ଚ୍ଚ ହୋଇଯିବ ସେହି ଭୟରେ ନା ଭଲକି ଖଣ୍ଡେ ଖାଇଥାନ୍ତି ନା ଦେହକୁ ଭଲ ଖଣ୍ଡେ ପିନ୍ଧିଥାନ୍ତି। ପଖାଳ ଭାତରେ ସାମାନ୍ୟ ଲୁଣ ଟିକେ ନ ପକାଇବା ଭଳି ନିଜ ଦୈନନ୍ଦିନ ଚଳଣିରେ ଯଥାସମ୍ଭବ କାଟଛାଣ୍ଟ କରୁଥିବା କଞ୍ଜୁସ ବ୍ୟକ୍ତି ପ୍ରତି ଏଭଳି ଉକ୍ତି ଉଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

# ବିକାଶ ପ୍ରକ୍ରିୟାରେ ନାରୀ ବଞ୍ଚିତ

**ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଜାତୀୟ ଆଲୋଚନାଚକ୍ର**

ଭୁବନେଶ୍ୱର, ୨୯।୨(ବ୍ୟୁରୋ)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଜେଣ୍ଡର ଷ୍ଟଡ଼ିଜ୍ ବିଭାଗ ଆନୁକୂଲ୍ୟରେ ଲିଙ୍ଗ, ପରିବେଶ ଓ ନିରନ୍ତର ବିକାଶ ସମ୍ପର୍କିତ ଜାତୀୟ ଆଲୋଚନାଚକ୍ର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। କୁଳପତି ପଦ୍ମଜା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ପଦ୍ମଶ୍ରୀ ରାଧାମୋହନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେ କହିଥିଲେ ଯେ, ପ୍ରଚଳିତ ବିକାଶ ପ୍ରକ୍ରିୟାରେ ନାରୀମାନେ ବଞ୍ଚିତ ହୋଇଆସୁଛନ୍ତି। କାରିଗରୀ କୌଶଳ ମଧ୍ୟ ନାରୀ ବିରୋଧୀ ହୋଇଛି। ଧର୍ମ, ପରମ୍ପରା ତଥା ସଂସ୍କୃତିରେ ନାରୀମାନେ ପୁରୁଷମାନଙ୍କ ସହ ସମାନ ସ୍ଥାନ ପାଉନାହାନ୍ତି। ଘରେ ତଥା ଶିକ୍ଷାନୁଷ୍ଠାନରେ ମହିଳାମାନେ ପ୍ରଶ୍ନ ପଚାରିବାକୁ ବା ପ୍ରଚଳିତ ପିତୃ କେନ୍ଦ୍ରିକ ବ୍ୟବସ୍ଥାକୁ ପ୍ରତିବାଦ ନ କରିବାକୁ ପ୍ରଶିକ୍ଷିତ ହେଉଛନ୍ତି। ଏହା ବିକାଶ ସର୍ବସ୍ୱ ନୁହେଁ, ଏଥିରେ ପରିବର୍ତ୍ତନ କରିବାର ସମୟ ଆସିଛି। ବଜାର ଅର୍ଥନୀତିରେ କ୍ଷମତାଶୀଳମାନେ ଲାଭ ପାଉଛନ୍ତି, ନାରୀ ଦୁର୍ବଳ ଥିବାରୁ ଏହାର ସୁଯୋଗ ପାଇବାରୁ ବଞ୍ଚିତ ହେଉଛନ୍ତି। ଏସବୁରେ ପରିବର୍ତ୍ତନ ନ ହେଲେ ସାମାଜିକ ବିକାଶ ସମ୍ଭବ ହୋଇପାରିବ ନାହିଁ ବୋଲି ପଦ୍ମଶ୍ରୀ ରାଧାମୋହନ କହିଛନ୍ତି। ଆଲୋଚନାଚକ୍ରରେ ଅନ୍ୟମାନଙ୍କ ମଧ୍ୟରେ ପଦ୍ମଶ୍ରୀ ସାବରମତୀ, କୃଷି ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଏସ. କେ. ଶ୍ରୀବାସ୍ତବ, ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ଼ ପାମେଲା ସିଂ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷା ଡ଼. ସରିତା ସୂପକାର ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ରଖିଥିଲେ। ବିଭାଗୀୟ ମୁଖ୍ୟ ପ୍ରଫେସର ଜ୍ୟୋତିର୍ମୟୀ ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ଼. ଅଲିଭା ମହାନ୍ତି ଧନ୍ୟବାଦ ଦେଇଥିଲେ। ଡ଼. ସାୟନ୍ତନି ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କୁଳପତି ମିଶ୍ର ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆସନ୍ତା ଦିନରେ ଆଲୋଚନାଚକ୍ରରେ ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ଆସିଥିବା ଗବେଷକମାନେ ଶତାଧିକ ପ୍ରବନ୍ଧ ଉପସ୍ଥାପନ କରିବେ ବୋଲି ଶନିବାର ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି।

# ଗଞ୍ଜାମର ଜନଜାତି ମତ୍ସ୍ୟଚାଷୀଙ୍କ କର୍ମଶାଳା

ପିପିଲି/ବାଲକାଟୀ, ୨୯।୨(ସ୍ୱ.ପ୍ର./ଡି.ଏନ୍.ଏ.)

ଭାରତ ସରକାରଙ୍କ ବିଜ୍ଞାନ ଓ ବୈଷୟିକ ବିଭାଗ ପ୍ରାୟୋଜିତ କାର୍ପ ଯାଆଁଳ ଉତ୍ପାଦନ ଓ ଗଞ୍ଜାମ ଜିଲାର ଫାଇଲିନ୍ କ୍ଷତିଗ୍ରସ୍ତ ଆଦିବାସୀ ମତ୍ସ୍ୟଚାଷୀଙ୍କ ପାଇଁ 'ସମନ୍ୱିତ ମତ୍ସ୍ୟଚାଷ' କୌଶଳ ପ୍ରକଳ୍ପର ଶେଷ କର୍ମଶାଳା ସିଫାଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସିଫା ଓ ଓଡ଼ିଶା ସରକାରଙ୍କ ମତ୍ସ୍ୟ ବିଭାଗ ଗଞ୍ଜାମ ଜୋନ୍‌ର ମିଳିତ ସହଯୋଗରେ କାର୍ଯ୍ୟକାରୀ ହେଉଥିବା ଏହି ପ୍ରକଳ୍ପଟି ୨୦୧୬-୧୭ ମସିହାରୁ ଆରମ୍ଭ ହୋଇ ୨୦୨୦ରେ ଶେଷ ହେଉଛି। ସିଫାର ନିର୍ଦ୍ଦେଶିକା ଡ. ବି.ଆର୍.ପିଲାଇଙ୍କ ସଭାପତିତ୍ୱରେ ରାଜ୍ୟ ଖଦି ଓ ଗ୍ରାମୋଦ୍ୟୋଗ ପରିଷଦର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ଗଞ୍ଜାମ ଜୋନ୍‌ର ଡିଡିଏଫ୍ ଶିବ ପ୍ରସାଦ ଭୋଇ ଓ ଅତିରିକ୍ତ ମତ୍ସ୍ୟ ନିର୍ଦ୍ଦେଶକ ଦେବାନନ୍ଦ ଭଞ୍ଜ, ପ୍ରକଳ୍ପର ମୁଖ୍ୟ ତଥା ପ୍ରଧାନ ବୈଜ୍ଞାନିକ ଡ. ବିକାଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଗଞ୍ଜାମ ଜିଲାର ୨୧୩ ଜଣ ଆଦିବାସୀ ମତ୍ସ୍ୟଚାଷୀ ପରିବାରଙ୍କୁ ଏହି ପ୍ରକଳ୍ପ ଅଧୀନରେ ପୋଷ୍ୟ ଭାବେ ଗ୍ରହଣ କରାଯିବା ସହ ସିଫା ଦ୍ୱାରା ପ୍ରସ୍ତୁତ ୪ଗୋଟି ଏଫ୍.ଆର୍.ପି. ହାଚେରି ପ୍ରଦାନ କରାଯାଇଥିଲା। ବୈଜ୍ଞାନିକ ପଦ୍ଧତିରେ ଜଳ କୃଷି କରିବା ପାଇଁ ୧୧ଗୋଟି ଆବଶ୍ୟକୀୟ ପ୍ରଶିକ୍ଷଣ ଦିଆଯାଇ ଡେମୋ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। ପ୍ରକଳ୍ପର ମୁଖ୍ୟ ତଥା ପ୍ରଧାନ ବୈଜ୍ଞାନିକ ଡ.ବିକାଶ ଚନ୍ଦ୍ର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ 'ଗଞ୍ଜାମ ଜିଲାର ଜନଜାତି କୃଷକଙ୍କ ପାଇଁ ମଧୁର ଜଳକୃଷି ପ୍ରଯୁକ୍ତି ବିଦ୍ୟାର ବିସ୍ତାରଣ' ଶୀର୍ଷକ ଏକ ସ୍ୱତନ୍ତ୍ର ପୁସ୍ତିକାକୁ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ୫ ଗୋଟି ପୋଷ୍ୟଗ୍ରାମ, ୩ଜଣ ମତ୍ସ୍ୟ ଅଧିକାରୀଙ୍କୁ ପ୍ରକଳ୍ପର ସଫଳତା ପାଇଁ ସେମାନଙ୍କ ଅବଦାନ ନିମନ୍ତେ ସମ୍ମାନିତ କରାଯାଇଥିଲା। ଶେଷରେ ସାମାଜିକ ବିଜ୍ଞାନ ବିଭାଗର ପ୍ରଧାନ ବୈଜ୍ଞାନିକ ଡ. ଗୌର ସୁନ୍ଦର ସାହା ଧନ୍ୟବାଦ ଦେଇଥିଲେ।




କର୍ମଶାଳାରେ ଅତିଥିମାନେ ଜଣେ ଅଧିକାରୀଙ୍କୁ ସମ୍ମାନିତ କରୁଛନ୍ତି ।

**୫ ପୋଷ୍ୟ ଗ୍ରାମ, ୩ ମତ୍ସ୍ୟ ଅଧିକାରୀଙ୍କୁ ସମ୍ମାନିତ**

### ଆଇଓବିର ଅଲ୍ ଇଣ୍ଡିଆ ୱାର୍କିଂ କମିଟି ବୈଠକ

ଭୁବନେଶ୍ୱର,୨୯।୨

ଇଣ୍ଡିଆନ ଓଭରସିଜ ବ୍ୟାଙ୍କ (ଆଇଓବି)ର ଅଲ ଇଣ୍ଡିଆ ୱାର୍କିଂ କମିଟି ବୈଠକ ଏବଂ ମେମ୍ବର୍ସ ମିଟ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଆଞ୍ଚଳିକ କାର୍ଯ୍ୟାଳୟ ଏବଂ ଶାଖା କାର୍ଯ୍ୟାଳୟଗୁଡିକରୁ ଅଧିକାରୀ ଏବଂ କର୍ମଚାରୀମାନେ ଯୋଗ ଦେଇଥିଲେ। ଆଇବିଏ ନିକଟରେ ହୋଇ ଆସୁଥିବା ମଜୁରି ସଂଶୋଧନ, ୫ ଦିନ କାର୍ଯ୍ୟ ଦିବସ, ବେସିକ ପେ ସହିତ ସ୍ୱତନ୍ତ୍ର ଭତ୍ତା ମିଶ୍ରଣ, ସ୍ୱତନ୍ତ୍ର ପେନସନ ସ୍କିମ, ପରିବାର ପେନସନ ବୃଦ୍ଧି ଭଳି ବିଭିନ୍ନ ପ୍ରସଙ୍ଗ ଉପରେ ଏଠାରେ ଆଲୋଚନା କରାଯାଇଥିଲା। ଅଲ୍ ଇଣ୍ଡିଆ ୱାର୍କିଂ କମିଟିର ସାଧାରଣ ସମ୍ପାଦକ ଭବାନୀ ଶଙ୍କର ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ବୈଠକ ଆୟୋଜନ କରାଯାଇଥିଲା। ଏଥିରେ ସଭାପତି ଆବ୍ରାହମ ଶାହଜି ଜନ୍, କାର୍ଯ୍ୟକାରୀ ସଭାପତି ଆର୍.କାମେଶ୍ୱରନ, ସାଧାରଣ ସମ୍ପାଦକ ଟି.ମୁରଲୀ ସୌନ୍ଦରାଜନ ପ୍ରମୁଖ ଯୋଗ ଦେଇଥିଲେ। ସହାୟକ ସାଧାରଣ ସମ୍ପାଦକ ସଞ୍ଜିତ ପଟ୍ଟନାୟକ , ରଜତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ବିଜୁ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ

କଟକ ଅଫିସ,୨୯।୨:

ଆସନ୍ତା ୫ତାରିଖରେ ତଳବାଲିଯାତ୍ରା ପଡ଼ିଆରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଉତ୍ସବ ପାଳନ ହେବ। ଏ ନେଇ ସ୍ଥାନୀୟ ସର୍କିଟ ହାଉସରେ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମନ୍ତ୍ରୀ ପ୍ରତାପ ଜେନା ଏଥିରେ ଅଧ୍ୟକ୍ଷତା କରିବା ସହିତ ଉତ୍ସବର ସଫଳ ଆୟୋଜନ ନେଇ ଆଲୋଚନା କରିଥିଲେ। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ବ୍ୟବସ୍ଥା କରାଯିବାକୁ ସ୍ଥିର ହୋଇଛି। ବିଧାୟକ ଦେବୀ ପ୍ରସାଦ ମିଶ୍ର, ପ୍ରଣବ ପ୍ରକାଶ ଦାସ, ଚନ୍ଦ୍ରସାରଥୀ ବେହେରା, ପ୍ରଶାନ୍ତ ବେହେରା, ଡ. ପ୍ରମୋଦ ମଲ୍ଲିକ, ଦେବୀ ରଞ୍ଜନ ତ୍ରିପାଠୀ, ସୌଭିକ ବିଶ୍ୱାଳ ଏବଂ ପୂର୍ବତନ ବିଧାୟକ ସଞ୍ଜୟ ଦାସବର୍ମା ପ୍ରମୁଖ ବିଜେଡି ନେତା ଉପସ୍ଥିତ ଥିଲେ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
78950-82886
73765-91521
B-34/7 A Block Vijay Enclave, Bururi, New Delhi

ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: galaxytower1999@gmail.com
WhatsApp No
9479667248

INDUS TOWER LTD
କୌଣସୀ ଖର୍ଚ୍ଚ ନାହିଁ ନିଜର ଖାଲିଥିବା ଜମି, ଛାତ, ପ୍ଲଟ ଓ ଘର ଆଦି ସମସ୍ତ ସ୍ଥାନରେ ଡିଜିଟାଲ ଟାୱାର ବସାଇ ଅଗ୍ରୀମ 60,000,00/-, ଭଡା 50,000/- ଟଙ୍କା ପାଆନ୍ତୁ ।
Plot No 37 UA, Bungalow Rd, Kamla Nagar, New Delhi,
8882906098

FINANCE

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
ବିଜିନେସ୍ ଋଣ
ସମ୍ପତ୍ତି ଋଣ
ମାର୍କଶିଟ୍ ଋଣ
ଆଧାର କାର୍ଡ ଋଣ
ବ୍ୟକ୍ତିଗତ ଋଣ
ବିପିଏଲ୍ ଋଣ
ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
୦୮୭୬୫୪୧୪୪୮୧, ୦୯୧୨୬୩୪୯୮୦

ଶ୍ରୀ ସାଇ ଫାଇନାନ୍ସ
—ଖର୍ଚ୍ଚ ଋଣରୁ କଟିବ—
ନ୍ୟାଶନାଲ ଆୱାର୍ଡ ଭାରତର ନଂ.1 କମ୍ପାନୀ
ଦ୍ୱାରା ଶିକ୍ଷା, ପ୍ରପର୍ଟି, ଗ୍ରୁପ୍ ଋଣ, ପର୍ସନାଲ, ଗୃହ ଋଣ, ମୁଦ୍ରା, ଆଧାର କାର୍ଡ, ଇଟାଭାଟି ଋଣ, ସବୁ ବର୍ଗ ପାଇଁ ଘରେ ବସି ପାଆନ୍ତୁ 12 ଘଣ୍ଟାରେ ଋଣ
2% ସୁଧ 40% ଛାଡ଼
ମହିଳା ଓ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ପ୍ରଥମେ ଆସନ୍ତୁ, ପ୍ରଥମେ ପାଆନ୍ତୁ
ସହାୟତା କେନ୍ଦ୍ର: 75992-54565, 89012-71684, 94506-10896

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS

Hi TECH TOWER
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ ଉପରେ Digital ଟାୱାର ଲଗାନ୍ତୁ । ଅଗ୍ରିମ- 60,00,000/-, ଭଡ଼ା 40,000/- + 25,000/-ର ଅନ୍ୟାନ୍ୟ ସୁବିଧା।
(NOTE- କୌଣସି ଟାୱାର କମ୍ପାନୀରୁ ଠକାମିର ଶିକାର ହୋଇଥିଲେ କିମ୍ବା କାମ ଚାଲିଥିଲେ ତେବେ ଅଭିଯୋଗ କରି ନିଜର ଟଙ୍କା ଫେରିପାଆନ୍ତୁ ଓ ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାଇ ଟାୱାର ଲଗାନ୍ତୁ।
HELPLINE No.
07488344055

Harpreet Corporation Digital Company
Required Land / Roof / Khet in Village and City Digital Tower Installation + Advance 65 Lakh + Rent 45 Thousand +
Contact :-
9811014559

BUSINESS
American Tower କମ୍ପାନୀ ଦ୍ୱାରା ନିଜର ଖାଲିଥିବା ଜମି ଓ ଛାତରେ (ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ) ଟାୱାର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 70,000/- ଟଙ୍କା ପାଆନ୍ତୁ + ବାଇକ୍ ପାଆନ୍ତୁ
ଧୋକାବାଜ୍‌ଙ୍କୁ ସାବଧାନ
American Tower B Wing, Mumbai, Maharashtra-400021.
9473860496

ଋଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ | ପର୍ସନାଲ | ପ୍ରପର୍ଟି | ଏଗ୍ରିକଲ୍ଚର | ବ୍ୟବସାୟ | ଗୃହ ଋଣ | ଟୁ-ହ୍ୱିଲର୍ | ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲଧାରୀଙ୍କୁ ମଧ୍ୟ ଋଣ
8929889612
7290830466
Shahajahanabad, Bhopal (MP)

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

DHANLAXMI FINANCE
DHANLAXMIଋଣ 2%ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
8146524009
9992204863

COLOR DISPLAY CLASSIFIED — on every Tuesday & Friday

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ରଣକୁ ସମ୍ପୂର୍ଣ୍ଣ ପରିଶୋଧ କରିବା ଉଚିତ। ନିଆଁକୁ ସମ୍ପୂର୍ଣ୍ଣ ଲିଭାଇ ଦେବା ଏବଂ ରୋଗ ମୁକ୍ତ ହେବା ଆବଶ୍ୟକ। କାରଣ ରଣ, ଅଗ୍ନି ଓ ବ୍ୟାଧିର ଅବଶେଷ ରହିଲେ ତାହା ପୁଣି ବଢ଼ିଯାଏ।
- ଚାଣକ୍ୟ



# ରାଜପଥ ପାଲଟିଛି ଲୁଟେରାଙ୍କ ଆଡ୍ଡାସ୍ଥଳ

## ପୋଲିସ ପାଟ୍ରୋଲିଂ ଢିଲା

ଖୋର୍ଦ୍ଧା ଅଫିସ,୨୯।୨

କୋଲକାତା-ମାଡ୍ରାସ ୧୬ ନଂ. ଜାତୀୟ ରାଜପଥ ପାଲଟିଛି ଲୁଟେରାଙ୍କ ଆଡ୍ଡାସ୍ଥଳ। ପୋଲିସ ପାଟ୍ରୋଲିଂ ଢିଲା ଯୋଗୁ ବୃଦ୍ଧି ପାଉଛି ଲୁଟ୍। ସ୍ପଷ୍ଟ ଦିବାଲୋକରେ ଲୁଟେରାମାନେ ପୋଲିସକୁ ଚାଲେଞ୍ଜ ଦେଉଥିବା ନଜିର ରହିଛି। ୩ ମାସ ମଧ୍ୟରେ ଖୋର୍ଦ୍ଧା ସହରରେ ଅପରାଧ ମାତ୍ରା ବଢ଼ିଚାଲିଛି। ସତେ ଯେମିତି ପୋଲିସ ଲୋକଙ୍କୁ ସେବା ଯୋଗାଇବାରେ ବିଫଳ ହୋଇଛି। ମାମଲା ପରେ ମାମଲା ବଢ଼ି ଚାଲିଛି। ପୋଲିସ ଫାଇଲରେ ଏସବୁ ଡୋରି ବନ୍ଧା ହୋଇରହିଛି। ଅନ୍ୟପକ୍ଷରେ ୨୦୧୯ ଡିସେମ୍ବରରେ ଡାକ୍ତର, ଔଷଧ ଦୋକାନୀଙ୍କୁ ଗୁଳି ଘଟଣା ଜିଲାରେ ଆଲୋଡନ ସୃଷ୍ଟି କରିଥିଲା। ସେହିପରି ଜାନୁୟାରୀରେ ଖୋର୍ଦ୍ଧା ଏଲଆଇସି ଅଫିସର ଜଣେ କର୍ମଚାରୀଙ୍କଠାରୁ ୨୩ ଲକ୍ଷ ୬୮ ହଜାର ଟଙ୍କା ଲୁଟ ଘଟଣାର ଟେର ଏଯାଏ ପୋଲିସ ପାଇ ନ ଥିବାବେଳେ ପୁଣି ୪ ଦିନ ତଳେ ସହରର ଖ୍ରୀଷ୍ଟିୟାନ ସାହିରୁ ଆଉ ଏକ ବୋଲେରୋ ଲୁଟ୍ ଘଟଣା ସହରବାସୀଙ୍କୁ ବ୍ୟଥିତ କରିଛି । ମାତ୍ର ଲୁଟେରାଙ୍କୁ ଧରିବାରେ ପୋଲିସ ସକ୍ଷମ ନ ହୋଇ ତଦନ୍ତ ଚାଲିଛି ବୋଲି ସବୁବେଳେ ସଫେଇ ଦେଉଛି। ଏବେ ମୋ ସରକାର ଓ ପୋଲିସ ସେବା ଉପରୁ ଲୋକଙ୍କ ଭରସା ତୁଟିବାରେ ଲାଗିଛି।

୧୬ ନଂ. ଜାତୀୟ ରାଜପଥ ଅଞ୍ଚଳରେ ଖୋର୍ଦ୍ଧା ପୋଲିସ ଜିଲାର ଆଦର୍ଶ ଥାନା, ସଦର ଥାନା, ଜଙ୍କିଆ, ନିରାକାରପୁର, ଟାଙ୍ଗୀ, ବାଲୁଗାଁ ଓ ବାଣପୁର ଥାନା ରହିଛି। ଏହି ଥାନାଗୁଡ଼ିକ ଅଞ୍ଚଳରେ ଦୈନନ୍ଦିନ ଛୋଟ ବଡ଼ ଦୁର୍ଘଟଣା ଘଟିବା ସହ ଲୁଟ୍ ମଧ୍ୟ ବଢ଼ି ଚାଲିଛି। ତେବେ ପୋଲିସର ପାଟ୍ରୋଲିଂକୁ କଡ଼ାକଡ଼ି କଲେ ଲୁଟେରାଙ୍କ ଉପରେ ଲଗାମ ଲାଗି ପାରନ୍ତା ବୋଲି ସାଧାରଣରେ ଆଲୋଚନା ହେଉଛି। ଏ ସମ୍ପର୍କରେ ଏସ୍‌ପି ଅଜେୟ ପ୍ରତାପ ସ୍ୱାଇଁ କୁହନ୍ତି, ପୋଲିସ ତା'ର କାର୍ଯ୍ୟ ଜାରି ରଖିଛି। ପୋଲିସ ଫାଇଲରେ କୌଣସି ମାମଲା କେବେ ଚାପି ହୋଇ ରୁହେନାହିଁ। ମାମଲାଗୁଡ଼ିକର ଶୀଘ୍ର ପର୍ଦ୍ଦାଫାଶ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

### ୨୩.୬୮ ଲକ୍ଷ ଲୁଟ୍ ଘଟଣାର ଖିଅ ପାଉନି ପୋଲିସ

ଜାନୁୟାରୀ ୨୫ ରେ ଖୋର୍ଦ୍ଧା ସହରରେ ବର୍ଷ ଆରମ୍ଭରୁ ଘଟିଥିଲା ଏକ ହାଇପ୍ରୋଫାଇଲ ଲୁଟ। ଆଦର୍ଶ ଥାନା ମଙ୍ଗଳା ନଗର ସାଇ ମନ୍ଦିର ନିକଟରୁ ରଏଟେର ସେବ ଗାର୍ଡ ସଂସ୍ଥାର ଏଟିଏମ ଅପରେଟର ବାପୁଜୀ ମହାରଣା ଖୋର୍ଦ୍ଧାର ଏକ ବ୍ୟାଙ୍କକୁ ଉକ୍ତ ଟଙ୍କା ଡିପୋଜିଟ କରିବାକୁ ଯାଉଥିବା ବେଳେ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ଲୁଟ୍ କରି ନେଇ ଫେରାର ହୋଇଯାଇଥିଲେ। ତେବେ ଏହି ଘଟଣା ଘଟିବାର ପ୍ରାୟ ୪ଘଣ୍ଟା ବିଳମ୍ବରେ ବାପୁଜୀ ଥାନାରେ ଅଭିଯୋଗ କରିଥିଲେ। ମାତ୍ର ନଂ. ୨୩/୨୦ରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆଗକୁ ବଢ଼ାଇଥିଲା। ମାତ୍ର ଏହି ଘଟଣା ଟିର ସୂଚନାରେ କୌଣସି ତାଳମେଳ ରହି ନ ଥିଲା। ଏପରି କି ଅଭିଯୋଗକାରୀଙ୍କ ବୟାନକୁ ନେଇ ପୋଲିସ ଅଡୁଆରେ ପଡ଼ିଯାଇଛି। ଏକମାସ ବିତିଯାଇଥିଲେ ମଧ୍ୟ ଏଯାଏ ଘଟଣାର କୌଣସି ଖିଅ ପୋଲିସ ପାଇ ନ ଥିଲା ଭଳି ମନେ ହେଉଛି ।

### ଡାକ୍ତର, ଔଷଧ ଦୋକାନୀଙ୍କୁ ଗୁଳିମାଡ ଘଟଣା

ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟସ୍ଥ ଏକ ଘରୋଇ କ୍ଲିନିକରେ ଶିଶୁରୋଗ ବିଶେଷଜ୍ଞ ଏବଂ ଔଷଧ ଦୋକାନୀଙ୍କୁ ଗୁଳିମାଡ଼କୁ ୨ ମାସ ପୂରି ଯାଇଥିଲେ ମଧ୍ୟ ଏଯାବତ ପୋଲିସ ହାତ ଖାଲିପଡ଼ିଛି। ସନ୍ଦିଗ୍ଧ ଆତତାୟୀଙ୍କ ସ୍କେଚ ଜାରି କରି ପୋଲିସ ଫାଇଲରେ ଡୋରି ବନ୍ଧା ହୋଇ ରହିଥିବା କୁହାଯାଉଛି। କେବେ ଏଭଳି ହାଇପ୍ରୋଫାଇଲ ଅପରାଧକୁ ପୋଲିସ ଫାଇଲରେ ଜବନିକା ପଡ଼ିବ ସେନେଇ ଅଞ୍ଚଳରେ ଆଲୋଚନା ଜୋର ଧରିଛି । ସୂଚନାଥାଉକି ଡିସେମ୍ବର ୧୫ ସନ୍ଧ୍ୟାରେ ଏକ ଘରୋଇ କ୍ଲିନିକରେ ଶିଶୁରୋଗ ବିଶେଷଜ୍ଞ ମାନସ ଦାଶ ଏବଂ ଔଷଧ ଦୋକାନୀ କୃଷ୍ଣଚନ୍ଦ୍ର ସାହୁଙ୍କୁ ଗୁଳିମାଡ କରାଯାଇଥିଲା। ଏହି ଘଟଣାରେ କୃଷ୍ଣଚନ୍ଦ୍ରଙ୍କର ମୃତ୍ୟୁ ହୋଇଯାଇଥିବା ବେଳେ ଡାକ୍ତର ମାନସଙ୍କ ସ୍ୱାସ୍ଥ୍ୟାବସ୍ଥା ଧୀରେ ଧୀରେ ସୁଧୁରୁଛି ।

## ସଂକ୍ଷେପରେ

### ବିଜେଡିର ପଞ୍ଚାୟତ ସଭାପତି ନିର୍ବାଚିତ

ଟାଙ୍ଗୀ (ଖୋର୍ଦ୍ଧା), ୨୯।୨ (ଡି.ଏନ.ଏ.): ଟାଙ୍ଗୀ ବ୍ଲକ୍ ୨୬ଟି ପଞ୍ଚାୟତର ବିଜେଡି ସଭାପତି ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିରାକାରପୁର ରାମକୃଷ୍ଣ ପଟ୍ଟନାୟକ, ଲେଣ୍ଡୋ ରମେଶ ପ୍ରଧାନ, ଡିଆ ପ୍ରଶାନ୍ତ କୁମାର ବେହେରା, ଭୁଷଣ୍ଡପୁର ସୁରେଶ ବେହେରା, ରାମେଶ୍ୱର ସାଜୁଦ୍ଦିନ ଖାନ, ନୂଆଗଡ ମଙ୍ଗୁଳି ଚରଣ ବେହେରା, ସାନରାଉତପଡା କିଶୋର କୁମାର ରାଉତରାୟ, ବାଲିପାଟପୁର ରବୀନ୍ଦ୍ର କୁମାର ସାମନ୍ତରାୟ, ମଙ୍ଗଳାଯୋଡି ରଘୁନାଥ ଜେନା ନିର୍ବାଚିତ ହୋଇଛନ୍ତି। ସେହିଭଳି ଟାଙ୍ଗୀ ସୁରେନ୍ଦ୍ର କୁମାର ଦାସ, କୁହୁଡି ନିରଞ୍ଜନ ଜେନା, ବଡପାରୀ ଗଦାଧର ପାତ୍ର, ଅଚ୍ୟୁତପୁର ବିରଞ୍ଚି ନାରାୟଣ ଦାସ, ବଡପୋଖରିଆ ସାଗର ବଳିଆରସିଂହ, ଝଣଗିରି ଆନନ୍ଦ ପ୍ରଧାନ, ଓଲସିଂହ ପ୍ରେମାନନ୍ଦ ପରିଡା, ସରପାରୀ ଉଦ୍ଧବ ଚନ୍ଦ୍ର ସାହୁ ଓ କମାଗୁରୁ ଅଶୋକ ପଟ୍ଟନାୟକ ପ୍ରମୁଖ ବିଧିବଦ୍ଧ ଭାବେ ସଭାପତି ରୂପେ ନିର୍ବାଚିତ ହୋଇଥିବା ଖବର ମିଳିଛି।

### ରେଳୱେ ସ୍କୁଲ ଅଧକ୍ଷାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଜଟଣୀ,୨୯।୨(ଡି.ଏନ.ଏ.)
ଜଟଣୀସ୍ଥିତ ରେଲୱେ ମିଶ୍ରିତ ଉଚ୍ଚ ମାଧ୍ୟମିକ ସ୍କୁଲର ଅଧକ୍ଷା ସୁକାନ୍ତି ମହାନ୍ତିଙ୍କୁ ଶନିବାର ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ପୁରାତନ ଶିକ୍ଷାନୁଷ୍ଠାନର ଯୁକ୍ତ ୨ ବିଜ୍ଞାନ ଶ୍ରେଣୀରେ ଅଧ୍ୟାପିକା ଭାବେ କାର୍ଯ୍ୟାରମ୍ଭ କରି ଅଧକ୍ଷା ପଦବୀରେ ଦୀର୍ଘବର୍ଷ ରହି ଅବସର ଗ୍ରହଣ କରିଛନ୍ତି। ଅଧକ୍ଷା ରହିବା ସମୟ ମଧ୍ୟରେ ଶିକ୍ଷାନୁଷ୍ଠାନରେ ହୋଇଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମେତ ଛାତ୍ରୀଛାତ୍ରମାନେ କିପରି ରାଜ୍ୟ ଓ ଜାତୀୟସ୍ତରର ବିଭିନ୍ନ ପ୍ରତିଯୋଗିତାରେ ସଫଳ ହୋଇ ସ୍କୁଲର ସୁନାମ ବୃଦ୍ଧି କରିଛନ୍ତି ସେନେଇ ଉପସ୍ଥିତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ କହିଥିଲେ । ଏହି ପରିପ୍ରେକ୍ଷୀରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପାରମ୍ପରିକ ନୃତ୍ୟ ଗୀତ ପରିବେଷଣ ହୋଇଥିଲା ।



### ରୁଦ୍ରଭାନୁ ବିଜେଡିର ଖୋର୍ଦ୍ଧା ବ୍ଲକ ସଭାପତି

ଖୋର୍ଦ୍ଧା ଅଫିସ,୨୯।୨-ଖୋର୍ଦ୍ଧା ବ୍ଲକ ବିଜେଡି ସଭାପତି ଭାବେ ରୁଦ୍ରଭାନୁ ନରେନ୍ଦ୍ରସିଂ ନିର୍ବାଚିତ ହୋଇଛନ୍ତି। ସେହିପରି ବିରଞ୍ଚିନାରାୟଣ ସମାନ୍ତରାୟ ଟାଙ୍ଗୀ ବ୍ଲକ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଉଭୟଙ୍କ ନାମ ଶନିବାର ବିଜେଡି ପକ୍ଷରୁ ଘୋଷଣା କରାଯାଇଛି।




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ ।

# ଭାଷା, ଭାବ, ଛନ୍ଦର ମିଶ୍ରରାଗ ହିଁ କବିତା

## ଡିଏଭି କଲେଜରେ ଓଡ଼ିଆ ସାହିତ୍ୟ ସମାଜର ବାର୍ଷିକ ଉତ୍ସବ

ନିରାକାରପୁର,୨୯।୨(ଡି.ଏନ.ଏ.)

ନିରାକାରପୁର କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟରେ ଶନିବାର ଓଡ଼ିଆ ସାହିତ୍ୟ ସମାଜର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଲୋଚ୍ୟ ଶୀର୍ଷକ ଥିଲା ମୋ ଜୀବନ, ମୋ କବିତା। ସଭାରେ ମହାବିଦ୍ୟାଳୟର ଉପାଧ୍ୟକ୍ଷ ତଥା ବିଭାଗୀୟ ମୁଖ୍ୟ ଡ. ଅଜିତ ରଥଙ୍କ ପୌରୋହିତ୍ୟରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅଶୋକ କୁମାର ବଳବନ୍ତରାୟ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉପସଭାପତି ଡ. ମୃତ୍ୟୁଞ୍ଜୟ ରଥ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କବି ଶରତ କୁମାର ଦାଶ ମୁଖ୍ୟ ଅତିଥି, କବି ଦେବାନନ୍ଦ ସାମଲ ସମ୍ମାନିତ ଅତିଥି, ପ୍ରାଧ୍ୟାପିକା ଓ ସାହିତ୍ୟିକା ମିନାକ୍ଷୀ ମିତ୍ର ମୁଖ୍ୟବକ୍ତା ଓ ଅଧ୍ୟାପକ ଚନ୍ଦନ ମିଶ୍ର ସମ୍ମାନିତ ବକ୍ତା ଭାବେ ଯୋଗଦେଇଥିଲେ। ଅତିଥିମାନେ ଭାଷା, ଭାବ ଓ ଛନ୍ଦର ମିଶ୍ରରାଗ ହିଁ କବିତା ବୋଲି ମତପ୍ରକାଶ କରିଥିଲେ। ଅଧ୍ୟାପକ ପୁଣ୍ୟ ଦର୍ଶନ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରାଧ୍ୟାପକ ବେଣୁଧର ଦାସ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଅଧ୍ୟାପକ ଡ. ବିଜୟ କୁମାର ପଟ୍ଟନାୟକ, ଅଧ୍ୟାପକ ରମେଶ ଚରଣ ତ୍ରିପାଠୀ ଉପସ୍ଥିତ ଥିବାବେଳେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ ଓ ଓଡ଼ିଆ ବିଭାଗର ସମସ୍ତ ଛାତ୍ରୀଛାତ୍ର ସହଯୋଗ କରିଥିଲେ। ଅଧ୍ୟକ୍ଷ ନିମନ୍ତ୍ରିତ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



ଆଇଓସିଏଲ ପାଇପ ଲାଇନ ବିଭାଗର ନିରାପତ୍ତା ରକ୍ଷୀଙ୍କ ପକ୍ଷରୁ କରାଯାଇଥିବା ମକଡ୍ରିଲ ।

# ପାଇପ୍‌ଲାଇନରେ ପେଟ୍ରୋଲିୟମ ଲିକ୍ ମୁକାବିଲା ପାଇଁ ମକଡ୍ରିଲ

ଭୁବନେଶ୍ୱର,୨୯।୨ (ବ୍ୟୁରୋ)

ଖୋର୍ଦ୍ଧା ଜିଲା ଆପାତକାଳୀନ ସମୂହର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଇଣ୍ଡିଆନ ଅଏଲ୍ ପିଆର୍‌ଆଇପିଏଲ୍ ପାଇପଲାଇନ ଡିଭିଜନ ପକ୍ଷରୁ ଶୁକ୍ରବାର ଜଟଣୀସ୍ଥିତ କୋଣାର୍କ ଇଞ୍ଜିନିୟରିଂ କଲେଜ ପାର୍ଶ୍ୱରେ ପାଇପଲାଇନରୁ ପେଟ୍ରୋଲିୟମ ଉତ୍ପାଦ ଲିକ୍ ହେଲେ ମୁକାବିଲା ପାଇଁ ଏକ ମକଡ୍ରିଲ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଓସ୍‌ଡମାର ମହାପ୍ରବନ୍ଧକ ଡ. ମଳୟ କୁମାର ପ୍ରଧାନ ଯୋଗଦେଇଥିଲେ। ଆଇଓସିଏଲ ପାଇପଲାଇନ ବିଭାଗର ନିରାପତ୍ତା ଅଧିକାରୀ ରାହୁଲ ରାଜ ମକଡ୍ରିଲର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଭାଗ ମୁଖ୍ୟ ଉପେନ୍ଦ୍ର ମହାତୋ ପାଇପଲାଇନର କାର୍ଯ୍ୟଶୈଳୀ ଉପରେ ଏକ ବିସ୍ତୃତ ବିବରଣୀ ଉପସ୍ଥାପନ କରି ଆପାତକାଳୀନ ପରିସ୍ଥିତିରେ କିପରି ମୁକାବିଲା କରାଯାଇପାରିବ ସେନେଇ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଆପାତକାଳୀନ ଅଧିକାରୀ ସନ୍ଧ୍ୟା ଗୁରୁ, ଇଂ ମନୋଜ କୁମାର ପଣ୍ଡା, ଇଂ ଅର୍ଚ୍ଚନା ଦାଶଙ୍କ ସମେତ ବିଭିନ୍ନ ପେଟ୍ରୋଲିୟମ ଅନୁଷ୍ଠାନର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

### ବିଭିନ୍ନ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ

ବୋଲଗଡ, ୨୯।୨(ଡି.ଏନ.ଏ.)

ବୋଲଗଡ ବ୍ଲକ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବାଙ୍କୋଇଦେଶ ପଞ୍ଚାୟତର କନ୍ତାଇଲୋ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ୨୫ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଏଥିସହ ବିଜ୍ଞାନ ସମ୍ପର୍କିତ କୁଇଜ, ପାଠଚକ୍ର ଆଦି ଆୟୋଜିତ ହୋଇଥିଲା। ପ୍ରଧାନ ଶିକ୍ଷକ ଜମେଶ୍ୱର ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ପଞ୍ଚୁକୋଟ ଗ୍ରାମ ଅନ୍ତର୍ଗତ ରାମପୁର ପ୍ରକଳ୍ପ ଉପ୍ରା ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ମନମୋହନ କହଲସିଂହଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ପିଲାମାନେ ୧୦ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। କାଉଁରୀପାଟଣା ଉପ୍ରା ବିଦ୍ୟାଳୟ, ବାଙ୍କୋଇ ନୋଡାଲ ଉଚ୍ଚ ବିଦ୍ୟାଳୟ, ବଡକୁମାରୀ ଉପ୍ରା ବିଦ୍ୟାଳୟ ସହଜପୁର ଉପ୍ରା ବିଦ୍ୟାଳୟ, ବେଣାଗାଡିଆ ଉପ୍ରା ବିଦ୍ୟାଳୟଗୁଡିକ ସିଆରସିସି ଧୀରେନ୍ଦ୍ର କୁମାର ପାତ୍ର ବୁଲି ପରିଦର୍ଶନ କରିଥିଲେ।

# ଚାଷୀ ସମସ୍ୟାର ସମାଧାନ ନ କରିବାରୁ ପ୍ରତିବାଦ

## ନବନିର୍ମାଣ କୃଷକ ସଙ୍ଗଠନର ବୈଠକ

ଖୋର୍ଦ୍ଧା ଅଫିସ,୨୯।୨–

ଖୋର୍ଦ୍ଧାର ମଙ୍ଗଳା ମନ୍ଦିରରେ ଶନିବାର ନବନିର୍ମାଣ କୃଷକ ସଙ୍ଗଠନର ଏକ ବୈଠକ ହୋଇଯାଇଛି। ଏଥିରେ ସରକାରଙ୍କୁ ସମାଲୋଚନା କରାଯାଇଛି। ଚାଷୀ ସମସ୍ୟାର ସମାଧାନ ନ କରି ସରକାର ବାହାବା ପାଇଁ ଯେଉଁ ମିଥ୍ୟା ପ୍ରଚାର କରୁଛନ୍ତି ତାହାର ଉଚିତ ଜବାବ ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ଚାଷୀମାନେ ଚାଷରେ କ୍ରମାଗତ କ୍ଷତି ସହି ଆତ୍ମହତ୍ୟା କରୁଥିବା ବେଳେ କେନ୍ଦ୍ର ସରକାର ଚାଷୀଙ୍କର ଆୟ ୨୦୨୨ ମସିହାରେ ଦ୍ୱିଗୁଣିତ ହେବ ବୋଲି ପ୍ରଚାର କରୁଛନ୍ତି। କିନ୍ତୁ କେନ୍ଦ୍ର ସରକାର ତୃଣମୂଳ ସ୍ତରର ଚାଷୀଙ୍କ ସହ ଆଲୋଚନ କି ପରାମର୍ଶ ନ କରି ଯୋଜନା ପ୍ରସ୍ତୁତ କରୁଥିବାରୁ ଏହାର ସୁଫଳ ମିଳୁନାହିଁ। ବରଂ ଚାଷୀଙ୍କ ନାମରେ ପ୍ରଶିକ୍ଷଣ, ତାଲିମ, ବିଭିନ୍ନ ଯନ୍ତ୍ରପାତି ଯୋଗାଣ ଓ ରିହାତି କ୍ଷେତ୍ରରେ କୋଟି କୋଟି ଟଙ୍କା ହରିଲୁଟ୍ କରି ଚାଲିଛନ୍ତି। ଏହାର ନଜିର ମୟୂରଭଞ୍ଜର ଉଦ୍ୟାନ ବିଭାଗର ଶହେ କୋଟି ଟଙ୍କା ଦୁର୍ନୀତିରୁ ସ୍ପଷ୍ଟ ହୋଇଛି ବୋଲି ଅଭିଯୋଗ କରାଯାଇଛି। ଅନ୍ୟପକ୍ଷେ ଛତିଶଗଡ ସରକାର ଧାନ କୁଇଣ୍ଟାଲ ପିଛା ୭ଶହ ଟଙ୍କା ବୋନସ ଦେଉଥିବା ବେଳେ ରାଜ୍ୟ ସରକାର ବୋନସ ନ ଦେଇ ଧାନରେ କାଟଛାଣ୍ଟ କରୁଛନ୍ତି। ଚାଷୀମାନଙ୍କ ପାଖରେ ଏହିସବୁ ବାର୍ତ୍ତା ଠିକ୍ ଭାବେ ପହଞ୍ଚାଇବା ପାଇଁ ଶହେଦିନିଆ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନବନିର୍ମାଣ କୃଷକ ସଙ୍ଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ଖୋର୍ଦ୍ଧା ଜିଲା ସଂଯୋଜକ ସରେଶ ମାନସିଂହ, ସୁରେନ୍ଦ୍ର ନାଥ ମହାରଣା, ଭାଗବତ ପରିଡା ,ରଣଜିତ ପଟ୍ଟନାୟକ , ନିରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।




ଖୋର୍ଦ୍ଧାରେ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ବାହାରିଥିବା ପଦଯାତ୍ରା ।

# ମା' କାଳିକା ଭାଗବତ ପ୍ରତିଯୋଗିତା, ଧଳାବନ୍ଧ ବିଜୟୀ

ବୋଲଗଡ,୨୯।୨(ଡି.ଏନ.ଏ.)

ବୋଲଗଡ ବ୍ଲକର ଅସରଳା ଗ୍ରାମରେ ପ୍ରତିବର୍ଷ ଭଳି ଚଳିତବର୍ଷ ଅନୁଷ୍ଠିତ ହୋଇଛି ମା' କାଳିକା ଭାଗବତ ପ୍ରତିଯୋଗିତା। ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିବା ଏହି ପ୍ରତିଯୋଗିତାର ପ୍ରଥମ ସନ୍ଧ୍ୟାରେ ମହୁଲିଆ ଭାଗବତ ମଣ୍ଡଳୀ ଏବଂ ଧଳାବନ୍ଧ ଭାଗବତ ମଣ୍ଡଳୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମହୁଲିଆ ଦଳଠାରୁ ୨ ପଏଣ୍ଟ ଅଧିକ ବ୍ୟବଧାନରେ ଧଳାବନ୍ଧ ଭାଗବତ ଦଳ ବିଜୟୀ ହୋଇଛି। ଧଳାବନ୍ଧ ଭାଗବତ ମଣ୍ଡଳୀ ମୋଟ ୩୫ ପଏଣ୍ଟ ପାଇଥିବା ବେଳେ ମହୁଲିଆ ଭାଗବତ ମଣ୍ଡଳୀ ୩୩ ପଏଣ୍ଟ ପାଇଥିଲା। ବିଚାରକ ଭାବେ ସୁକାନ୍ତ ନନ୍ଦ ଏବଂ ସଚ୍ଚି ପଟ୍ଟନାୟକ ଯୋଗ ଦେଇଥିଲେ। ଅତିଥି ଭାବେ ବେଗୁନିଆ ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ପ୍ରଦୀପ ସାହୁ ଯୋଗଦେଇଥିବା ବେଳେ ଅସରଳା ଦଳର ସରପଞ୍ଚ ଫକୀର ସ୍ୱାଇଁ ଉପସ୍ଥିତ ଥିଲେ। ଆୟୋଜକଙ୍କ ପକ୍ଷରୁ ଶିକ୍ଷକ କେଦାରନାଥ ପଟ୍ଟଯୋଶୀ ଭାଗବତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶନିବାର ଏହି କାର୍ଯ୍ୟକ୍ରମର ୨ୟ ସନ୍ଧ୍ୟାରେ ସାନସହରା ଏବଂ ଖଇରପଙ୍ଗା ଭାଗବତ ମଣ୍ଡଳୀ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ପ୍ରତିଯୋଗିତାର ୨ୟ ସନ୍ଧ୍ୟାରେ ଅତିଥି ଭାବେ ରୁଦ୍ର ନାରାୟଣ ବାହିନୀପତି ଯୋଗ ଦେଇଥିଲେ।



ଭାଗବତ ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀମାନେ ।

# ପ୍ରଥମଥର ଗୁପ୍ତ ବାଲଟ୍‌ରେ ହେବ କର୍ମକର୍ତ୍ତା ନିର୍ବାଚନ



ଜଟଣୀ ବାର୍ କାଉନସିଲର ନିର୍ବାଚନ ଅଧିକାରୀ ଅକ୍ଷାଂଶୁ ନାୟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରୁଛନ୍ତି।

- ଜଟଣୀ ବାର୍ ଆସୋସିଏଶନ ଚଳଚଞ୍ଚଳ
- ଆଶାୟୀ ପ୍ରାର୍ଥୀ ତତ୍ପର

ଜଟଣୀ,୨୯।୨(ଡି.ଏନ.ଏ):

ଜଟଣୀ ବାର୍ ଆସୋସିଏଶନର କର୍ମକର୍ତ୍ତା ନିର୍ବାଚନ କୋର୍ଟ ପ୍ରତିଷ୍ଠା ହେବା ପରେ ପ୍ରଥମଥର ପାଇଁ ଗୁପ୍ତ ବାଲଟ ମାଧ୍ୟମରେ ଅନୁଷ୍ଠିତ ହେବାକୁ ଯାଉଛି। ଓଡ଼ିଶା ଷ୍ଟେଟ ବାର୍ କାଉନ୍‌ସିଲର ଅନୁବନ୍ଧିତ ତଥା ଏହାର ଅନୁମତିକ୍ରମେ ଜଟଣୀ ବାର ଆସୋସିଏଶନର ନିର୍ବାଚନ ହେବାକୁ ଯାଉଛି । ଏଥିପାଇଁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି । ଏହି ପ୍ରକ୍ରିୟାକୁ ପରିଚାଳନା କରିବାକୁ ଆଇନଜୀବୀ ଅକ୍ଷାଂଶୁ ନାୟକଙ୍କୁ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି । ଜଟଣୀ ବାର ଆସୋସିଏଶନରେ ଥିବା ୪୨ ଜଣ ଆଇନଜୀବୀ ତଥା ଭୋଟର ସେମାନଙ୍କର ମତ ସାବ୍ୟସ୍ତ କରିବେ । ନାମାଙ୍କନ ପତ୍ର ଦାଖଲ ପାଇଁ ମାର୍ଚ୍ଚ ୫ ଓ ୬ ତାରିଖ ଦୁଇଦିନ ରହିଛି। ୭ ତାରିଖରେ ପ୍ରାର୍ଥିପତ୍ର ଯାଞ୍ଚ କରାଯିବ। ୧୨ ତାରିଖରେ ବୈଧ ତାଲିକା ପ୍ରକାଶ, ୧୩ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର, ୧୪ରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ କରାଯିବ। ମାର୍ଚ୍ଚ ୨୮ ସକାଳ ୮ରୁ ଦିନ ୨ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ। ସେହିଦିନ ଅପରାହ୍ଣ ୩ଟାରେ ଭୋଟ ଗଣତି ଓ ଫଳ ପ୍ରକାଶ ପାଇବ। ଏହାକୁ ନେଇ ବିଭିନ୍ନ ପଦବୀ ପାଇଁ ଆଶାୟୀମାନେ ତତ୍ପର ହୋଇପଡ଼ିଛନ୍ତି । ପ୍ରଥମଥର ଗୁପ୍ତ ଭୋଟ ମାଧ୍ୟମରେ ଅନୁଷ୍ଠିତ ହେବାକୁ ଯାଉଥିବାରୁ ଉତ୍ସାହ ମଧ୍ୟ ପ୍ରକାଶ ପାଇଛି।

### ଏମାନେ ଯାହା କୁହନ୍ତି...

ଓଡ଼ିଶା ଷ୍ଟେଟବାର୍ କାଉନ୍‌ସିଲର ୱାନ୍ ବାର ୱାନ୍ ଭୋଟ ଗାଇଡ ଲାଇନ ଅନୁଯାୟୀ ଏହାର ଅନୁବନ୍ଧିତ ସମସ୍ତ ବାର୍ ଆସୋସିଏଶନରେ ଗୋଟିଏ ଦିନରେ ନିର୍ବାଚନ ଅନୁଷ୍ଠିତ ହେବ। ଗୁପ୍ତ ବାଲଟ୍ ଦ୍ୱାରା ନିର୍ବାଚନ ଅନୁଷ୍ଠିତ ହେଉଥିବାରୁ ଉପଯୁକ୍ତ ପ୍ରାର୍ଥୀ ନିର୍ବାଚିତ ହେବା ସହ ସ୍ୱଚ୍ଛତା ରହିବ। ପୂର୍ବରୁ ଆମ ଆସୋସିଏଶନର ସାଧାରଣ ବୈଠକରେ କର୍ମକର୍ତ୍ତା ଚୟନ ହେଉଥିଲା। ଜଟଣୀ ବାର୍ ଆସୋସିଏଶନରେ ଥିବା ୪୨ ଜଣ ଭୋଟର ଗୋଟିଏ ସ୍ଥାନରେ ହିଁ ଭୋଟ ଦେଇପାରିବେ।

**-ଶୁଭ୍ରାଂଶୁ ଶେଖର ଜେନା, ପୂର୍ବତନ ସଭାପତି, ଜଟଣୀ ବାର୍ ଆସୋସିଏଶନ**

ଗୁପ୍ତ ବାଲଟ୍ ମାଧ୍ୟମରେ ନିର୍ବାଚନ ହେବାକୁ ଯାଉଥିବାରୁ ଭୋଟରଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି ହୋଇଛି। ବାର୍ ଆସୋସିଏଶନରେ ୭୦ରୁ ଅଧିକ ସଦସ୍ୟ ଥିଲେ ମଧ୍ୟ ୪୨ ଜଣ ଭୋଟର ରହିଛନ୍ତି। ଆଗାମୀ ଦିନରେ ଭୋଟର ସଂଖ୍ୟା ନିଶ୍ଚୟ ବୃଦ୍ଧି ପାଇବ। ନିର୍ବାଚିତ କର୍ମକର୍ତ୍ତାମାନେ ଆଇନଜୀବୀଙ୍କ ସମେତ ଜଟଣୀର ସ୍ୱାର୍ଥ ସାଧନ ପାଇଁ ମଧ୍ୟ ଧ୍ୟାନ ଦେବେ ବୋଲି ଆଶା ରହିଛି।

**- ଦିଲୀପ ସୁବୁଦ୍ଧି, ପୂର୍ବତନ ସମ୍ପାଦକ, ଜଟଣୀ ବାର୍ ଆସୋସିଏଶନ**

ଓଡ଼ିଶା ଷ୍ଟେଟ ବାର୍ କାଉନ୍‌ସିଲର ନିର୍ଦ୍ଦେଶନାମା ତଥା ନିୟମ ଅନୁଯାୟୀ ଏହି ନିର୍ବାଚନ ପରିଚାଳନା କରାଯିବ। ସମସ୍ତ ଗାଇଡ ଲାଇନକୁ କଡ଼ାକଡ଼ି ଭାବେ ପାଳନ ଉପରେ ଗୁରୁତ୍ୱ ଦିଆଯାଉଛି।

**-ଅକ୍ଷାଂଶୁ ନାୟକ, ନିର୍ବାଚନ ଅଧିକାରୀ, ଜଟଣୀ**

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୧/୨୦୨୦ (୧୬ ପୃଷ୍ଠା+ ଛୁଟିଦିନ) | Bhubaneswar, Sunday, March 1/2020 | ★★★★★★
୪୬ଶ ଭାଗ ୯୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-



**ରାଧାଙ୍କ କ୍ୟାରିୟର ଶ୍ରେଷ୍ଠ ବୋଲିଂ**

ଶ୍ରୀଲଙ୍କା ବିପକ୍ଷ ମହିଳା ଟି୨୦ ବିଶ୍ୱକପ୍ ମ୍ୟାଚରେ କ୍ୟାରିୟରର ଶ୍ରେଷ୍ଠ ବୋଲିଂ କରି ଭାରତୀୟ ସ୍ପିନର ରାଧା ଯାଦବ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ୧୫

୦୨ **ମୁହଁ ସର୍ଜରି କଥା ମାନିଲେ ଶ୍ରୁତି**

ବଲିଉଡ୍ ଅଭିନେତ୍ରୀ ଶ୍ରୁତି ହାସନ ନିଜ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ଏକ ଲମ୍ବା ଚଉଡା ମେସେଜ୍ କରି ନିଜ ମୁହଁର ପାଷ୍ଟିକ୍ ସର୍ଜରି କରିଥିବା ସ୍ୱୀକାର କରିଛନ୍ତି।





କଳିଙ୍ଗ ଷ୍ଟାଡିୟମରେ ଶନିବାର ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ୧୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ଧାବିକା ଦୂତୀ ଚାନ୍ଦ। **(ବିବରଣୀ ଖେଳ ପୃଷ୍ଠାରେ)** (ଫଟୋ: ବିକାଶ ନାୟକ)

# ଆଫଗାନିସ୍ତାନକୁ ଶାନ୍ତି ଫେରିବ

## ଆମେରିକା-ତାଲିବାନ ଚୁକ୍ତି ସ୍ୱାକ୍ଷର

- ୧୮ ବର୍ଷ ଲାଗି ରହିଥିବା ବିବାଦର ଅନ୍ତ
- ୧୪ ମାସରେ ସେନା ପ୍ରତ୍ୟାହାର କରିବ ଆମେରିକା
- ଚୁକ୍ତି ବେଳେ ଉପସ୍ଥିତ ଥିଲେ ଭାରତୀୟ ରାଷ୍ଟ୍ରଦୂତ ପି. କୁମାରନ

ୱାଶିଂଟନ/କାବୁଲ,୨୯।୨ (ପି.ଟି./ଆଇଏଏନ୍ଏସ୍)

ଆମେରିକା ଓ ତାଲିବାନ ମଧ୍ୟରେ ବହୁପ୍ରତୀକ୍ଷିତ ଶାନ୍ତି ଚୁକ୍ତି ଶନିବାର ସ୍ୱାକ୍ଷର ହୋଇଛି। ଏହି ଚୁକ୍ତି ଅନୁଯାୟୀ ୧୪ ମାସ ମଧ୍ୟରେ ଆଫଗାନିସ୍ତାନରୁ ଆମେରିକା ଓ ନାଟୋ ସେନା ପ୍ରତ୍ୟାହୃତ ହେବେ। କାତାର ରାଜଧାନୀ ଦୋହାଠାରେ ଚୁକ୍ତି ସ୍ୱାକ୍ଷର ଅବସରରେ ଆମେରିକା ଓ ଆଫଗାନିସ୍ତାନ ପକ୍ଷରୁ ମିଳିତ ଭାବେ ଏହା ଘୋଷଣା କରାଯାଇଛି। ଫଳରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଆଫଗାନିସ୍ତାନରେ ଲାଗିରହିଥିବା ବିବାଦର ପରିସମାପ୍ତି ହେବାକୁ ଯାଉଛି। ସେଠାରେ ଶାନ୍ତି ଫେରାଇ ଆଣିବା ଚୁକ୍ତିର ମୁଖ୍ୟ ଉଦ୍ଦେଶ୍ୟ ବୋଲି କୁହାଯାଇଛି। ଆଫଗାନିସ୍ତାନରେ ଶାନ୍ତି ପାଇଁ ଆମେରିକାର ସ୍ୱତନ୍ତ୍ର ପ୍ରତିନିଧି ଜଲମେ ଖାଲିଜାଦ୍ ଓ ତାଲିବାନ ସହପ୍ରତିଷ୍ଠାତା ମୁଲ୍ଲା ଅବଦୁଲ ଗନି ବରାଦର ଏହି ଚୁକ୍ତି ସ୍ୱାକ୍ଷର କରିଛନ୍ତି।

ଆଫଗାନିସ୍ତାନରେ ଏବେ ୧୩ ହଜାର ଆମେରିକୀୟ ସୈନ୍ୟ ନିୟୋଜିତ ହୋଇ ରହିଛନ୍ତି। ଚୁକ୍ତିନାମା ଅନୁଯାୟୀ ଏହି ସଂଖ୍ୟା ୮,୬୦୦କୁ ହ୍ରାସ କରାଯିବ। ମିଶନ ପୂରଣ ଲାଗି ଏହା ଅପରିହାର୍ଯ୍ୟ ବୋଲି ଆଫଗାନିସ୍ତାନରେ ଥିବା ଆମେରିକା ଓ ନାଟୋ ସେନାର କମାଣ୍ଡର ଜେନେରାଲ ସ୍କଟ୍ ମିଲର




ଆଫଗାନିସ୍ତାନ ଶାନ୍ତି ପାଇଁ ଆମେରିକାର ସ୍ୱତନ୍ତ୍ର ପ୍ରତିନିଧି ଜଲମେ ଖାଲିଜାଦ୍ (ବାମ) ଓ ତାଲିବାନ ସହପ୍ରତିଷ୍ଠାତା ମୁଲ୍ଲା ଅବଦୁଲ ଗନି ବରାଦର ଚୁକ୍ତି ସ୍ୱାକ୍ଷର କରିବା ପରେ କରମର୍ଦ୍ଦନ କରୁଛନ୍ତି।

ଆକଳନ କରିଥିଲେ। ଏହି ଐତିହାସିକ ଚୁକ୍ତିନାମା ସ୍ୱାକ୍ଷର ବେଳେ ଆମେରିକା ପରରାଷ୍ଟ୍ର ସଚିବ ମାଇକ୍ ପମ୍ପିଓଙ୍କ ସମେତ ଅନ୍ୟ ରାଷ୍ଟ୍ରର କୂଟନୀତିଜ୍ଞମାନେ ଉପସ୍ଥିତ ଥିଲେ। କାତାରରେ ଥିବା ଭାରତୀୟ ରାଷ୍ଟ୍ରଦୂତ ପି. କୁମାରନ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଆଫଗାନିସ୍ତାନରେ ଶାନ୍ତି ଓ ପାରସ୍ପରିକ ବୁଝାମଣାରେ ଭାରତର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେବେ ଏହି ସେନା ପ୍ରତ୍ୟାହାର ସର୍ତ୍ତଭିତ୍ତିକ। ରାଜନୈତିକ ସମାଧାନ ବିଫଳ ହେଲେ ଆମେରିକାକୁ ସେନା ପ୍ରତ୍ୟାହାର ପାଇଁ ବାଧ୍ୟ କରାଯାଇପାରିବ ନାହିଁ ବୋଲି ଏହାର ଜଣେ ଅଧିକାରୀ ନିଜ ନାଁ ଗୋପନ ସର୍ତ୍ତରେ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ୨୦୦୧ ସେପ୍ଟେମ୍ବର ୧୧ରେ ନ୍ୟୁୟର୍କସ୍ଥିତ ବିଶ୍ୱ ବାଣିଜ୍ୟ କେନ୍ଦ୍ର (ଡବ୍ଲ୍ୟୁଟିଓ) ଉପରେ ଆତଙ୍କବାଦୀ ସଂଗଠନ ଅଲ୍ କାଏଦା ଆକ୍ରମଣ କରିଥିଲା। ଏଥିରେ ୨୯୯୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୫ ହଜାରରୁ ଅଧିକ ଆହତ ହୋଇଥିଲେ। ଏହି ଆକ୍ରମଣ ପରେ ତତ୍କାଳୀନ ଆମେରିକା ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ ବୁଶ୍ ତାଲିବାନ ଉପରେ ଆକ୍ରମଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେବେଠାରୁ ୧୮ ବର୍ଷ ହେଲା ଆଫଗାନିସ୍ତାନରେ ଆମେରିକା ଓ ନାଟୋ ସେନା ଉପସ୍ଥିତ ରହିଛନ୍ତି। ଏ ବାବଦରେ ଆମେରିକା ୭୫୦ ବିଲିୟନ ଡଲାର ବ୍ୟୟ କଲାଣି। ବିଭିନ୍ନ ସମୟରେ ଆକ୍ରମଣ ଓ ପ୍ରତିଆକ୍ରମଣ ଯୋଗୁ ଉଭୟ ପକ୍ଷରୁ ହଜାର ହଜାର ଯବାନ ଓ ଆତଙ୍କବାଦୀ ନିହତ ହୋଇଛନ୍ତି। ୨୦୦୧ରୁ ଆମେରିକା ସେଠାରେ ୨୩୦୦ରୁ ଅଧିକ ସୈନ୍ୟଙ୍କୁ ହରାଇଛି।

# ଆଜିଠୁ ଯାନବାହନ ଯାଞ୍ଚ କଡ଼ାକଡ଼ି

## ଧରାପଡ଼ିଲେ ଗଣିବେ ଜରିମାନା

ଭୁବନେଶ୍ୱର, ୨୯।୨ (ବ୍ୟୁରୋ)

ଯାନବାହନ ମାଲିକ ଓ ଚାଳକଙ୍କୁ ଆଉ ମିଳିବନି ରିହାତି। ମାର୍ଚ୍ଚ ପହିଲାରୁ ସଂଶୋଧିତ ମୋଟର ଯାନ ଆଇନ ରାଜ୍ୟରେ କଡାକଡି ଲାଗୁହେବ। ଲାଇସେନ୍ସ, ଫିଟ୍‌ନେସ, ପଲ୍ୟୁଶନ ଅଣ୍ଡର କଣ୍ଟ୍ରୋଲ ସାର୍ଟିଫିକେଟ (ପିୟୁସି) ନ ଥିଲେ କିମ୍ବା ବିନା ହେଲ୍‌ମେଟ, ବିପରୀତ ଦିଗରୁ ଗାଡି ଚଳାଇଲେ, ଟ୍ରାଫିକ୍ ନିୟମ ଉଲ୍ଲଂଘନ କଲେ, ମଦ୍ୟପାନ କରି ଗାଡି ଚଳାଇଲେ, ନାବାଳକ ଗାଡି ଚଳାଇଲେ, ଯାନବାହନରେ ଅଧିକ ପରିବହନ କଲେ ମୋଟା ଅଙ୍କର ଜରିମାନା ଦେବାକୁ ପଡିବ। ଗାଡି କାଗଜପତ୍ର ପ୍ରସ୍ତୁତ କରିବାକୁ ରାଜ୍ୟ ସରକାର ୨ଟି ପର୍ଯ୍ୟାୟରେ ୬ ମାସ ସମୟ ଦେଇଛନ୍ତି। ଆଉ ଅଧିକ ସମୟ ☞ପୃଷ୍ଠା–୪

**ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ**




**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**

**ଆଉ ମାସେ ବଢ଼ିବ ସର୍ବକ୍ଷମା ଯୋଜନା** ........୩........

**ଆଜିର ସମ୍ପାଦକୀୟ**

ମିଛ ଆଶ୍ୱାସନା

**ଆଜିର ମନ୍ତବ୍ୟ**

“ଦିଲ୍ଲୀ ଦଙ୍ଗା ଏକ ଜାତୀୟ କଳଙ୍କ। ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେଉ।

–ରାମ ବିଳାସ ପାଶ୍ୱାନ, କେନ୍ଦ୍ରମନ୍ତ୍ରୀ

**କିଛି ତଥ୍ୟ**

ଚଳିତ ଆର୍ଥିକ ବର୍ଷ ଏପ୍ରିଲ–ଜାନୁୟାରୀରେ ସରକାର ୧୨.୮୨ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିଥିବା ବେଳେ ଏହି ସମୟରେ ଖର୍ଚ୍ଚ ୨୨.୬୮ ଲକ୍ଷ କୋଟି ଟଙ୍କା ରହିଛି।

–ରାଜସ୍ୱ ବିଭାଗ

Taste the difference! Vencobb FRESH CHICKEN

29.02.2020

| Dist | Farm Gate/Kg | With Skin/Kg | Skinless /Kg |
| --- | --- | --- | --- |
| BBSR | 38 | 77 | 87 |
| CTC | 37 | 76 | 86 |
| DKL | 37 | 76 | 86 |
| BDK | 38 | 77 | 87 |
| BLS | 39 | 79 | 89 |
| ANG | 37 | 76 | 86 |
| BMP | 37 | 76 | 86 |

*Conditions Apply
Issued in the Interest of Consumers

# କୋଲାବରେ ବୁଡ଼ିଗଲେ ୩ ଛାତ୍ର

## ଜନ୍ମଦିନରେ କାଳ ଲେଖିଥିଲା ମୃତ୍ୟୁଲଗ୍ନ

କୋରାପୁଟ,୨୯।୨(ସ୍ୱ.ପ୍ର.)

ଜଣେ ବନ୍ଧୁଙ୍କ ଜନ୍ମଦିନ ପାଳିବାକୁ ଯାଇଥିଲେ କେତେଜଣ କଲେଜ ଛାତ୍ର। କିନ୍ତୁ ସେହି ଜନ୍ମଲଗ୍ନରେ କାଳ ଲେଖିଦେଇଗଲା ୩ ଜଣଙ୍କ ମୃତ୍ୟୁର ଲଗ୍ନ। କୋଲାବ ଡ୍ୟାମ୍‌ରେ ବୁଡ଼ିଯାଇ ସଲିଳ ସମାଧି ନେଇଛନ୍ତି ୩ ଜଣ ଛାତ୍ର। କୋରାପୁଟ ଜିଲା ସଦରରେ ଶନିବାର ଏଭଳି ଦୁଃଖଦ ଘଟଣା ଶୋକାକୁଳ ପରିବେଶ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, ଶନିବାର ପୂର୍ବାହ୍ନରେ କୋରାପୁଟସ୍ଥିତ ସରକାରୀ ମହାବିଦ୍ୟାଳୟର ଯୁକ୍ତ ୩ କମ୍ପ୍ୟୁଟର ସାଇନ୍ସର ୭ ଛାତ୍ର ଜଣେ ବନ୍ଧୁଙ୍କ ଜନ୍ମଦିନ ପାଳିବା ପାଇଁ କୋଲାବ ଡ୍ୟାମ୍‌କୁ ଯାଇଥିଲେ। ଏହି ସମୟରେ ପାଣିରେ ଗାଧୋଇ ଫଟୋ ଉଠାଉଥିବାବେଳେ ଜଣେ ଛାତ୍ରଙ୍କ ଗୋଡ଼ ଖସିଯାଇଥିଲା। ସେ ପାଣିରେ ବୁଡ଼ିବା ମାତ୍ରେ ତାଙ୍କୁ ଉଦ୍ଧାର କରିବାକୁ ଯାଇ ଅନ୍ୟ ଦୁଇଜଣ ମଧ୍ୟ ବୁଡ଼ିଯାଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚି ୩ ଜଣଙ୍କୁ ଉଦ୍ଧାର କରିବା ପରେ ସେମାନଙ୍କୁ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ନିଆଯାଇଥିଲା। ସେଠାରେ ଡାକ୍ତର ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ। ମୃତକମାନେ ହେଲେ କୋରାପୁଟ ଅଞ୍ଚଳର ମନ୍ମଥ ସାସମଲ (୧୯), ମାଲକାନଗିରି ଜିଲାର ସନ୍ଦୀପ ପୂଜାରୀ (୧୯) ଓ ରମାକାନ୍ତ ପଟ୍ଟନାୟକ (୧୯)। ଏହି ଘଟଣା ପ୍ରଚାର ହେବା ପରେ ଶତାଧିକ ଛାତ୍ରୀଛାତ୍ର, ଅଧ୍ୟାପକ ମେଡିକାଲ କଲେଜରେ ପହଞ୍ଚିଥିଲେ। ଏଭଳି ଦୁଃଖଦ ଘଟଣା ସମସ୍ତଙ୍କୁ ମର୍ମାହତ କରିଥିବାବେଳେ ସେଠାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। କୋରାପୁଟ ବିଧାୟକ ରଘୁରାମ ପଡାଲ, ଏଡିଏମ୍ ଦେବେନ ପ୍ରଧାନ, ଉପଜିଲାପାଳ ଲଳିତ ମୋହନ କହଁର ମଧ୍ୟ ସେଠାରେ ପହଞ୍ଚିଥିଲେ। ରେଡ୍‌କ୍ରସ୍ ପାଣ୍ଠିରୁ ମୃତକଙ୍କ ପରିବାରକୁ ୧୦ ହଜାର ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରାଯାଇଥିଲା। କୋରାପୁଟ ସଦରଥାନାରେ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଏସ୍‌ଡିପିଓ ବଳଭଦ୍ର ଦୀପ ସୂଚନା ଦେଇଛନ୍ତି। ତେବେ ୩ ଛାତ୍ରଙ୍କ ମଧ୍ୟରୁ ଶନିବାର କାହାର ଜନ୍ମଦିନ ଥିଲା, ସେନେଇ କିଛି ସ୍ପଷ୍ଟ ହୋଇପାରି ନାହିଁ।

# ସୂର୍ଯ୍ୟମନ୍ଦିରରୁ କଢ଼ାଯିବ ବାଲି



ଭୁବନେଶ୍ୱର,(ବ୍ୟୁରୋ)/ କୋଣାର୍କ,୨୯।୨(ଡି.ଏନ୍.ଏ.)

ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିର ଜଗମୋହନରୁ ବାଲି କଢ଼ାଯିବ। ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ତଥା ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) କୋର କମିଟି ସଦସ୍ୟ ଡ. ଏନ୍.ସି. ପାଲ ଶନିବାର ଏହା କହିଛନ୍ତି। ସୂର୍ଯ୍ୟମନ୍ଦିରର ସଂରକ୍ଷଣ ଓ ରକ୍ଷଣାବେକ୍ଷଣ ନେଇ ଏଏସ୍ଆଇ ଆନୁକୂଲ୍ୟରେ ଅନୁଷ୍ଠିତ ଜାତୀୟ କର୍ମଶାଳାର ଶନିବାର ଉଦ୍‌ଯାପନୀ ଦିବସରେ ସେ ଏହି ସୂଚନା ଦେଇଛନ୍ତି।

ସୂର୍ଯ୍ୟମନ୍ଦିରକୁ ସୁରକ୍ଷା ଦେବାକୁ ଯାଇ ୧୯୦୩ରେ ଇଂରେଜମାନେ ମନ୍ଦିର ଜଗମୋହନରେ ବାଲି ଭର୍ତ୍ତି କରିଥିଲେ। ହେଲେ ଭର୍ତ୍ତି ହୋଇଥିବା ୧୨ ଫୁଟର ବାଲି ଦବିବା କାରଣରୁ ମନ୍ଦିର ପ୍ରତି ବିପଦ ସୃଷ୍ଟି ହୋଇଥିବା ବିଶେଷଜ୍ଞମାନେ ଜାଣିପାରିଥିଲେ। ଏନେଇ ବିଭିନ୍ନ ଆଲୋଚନା ପରେ ଜଗମୋହନରୁ ବାଲି କଢ଼ାଯିବାକୁ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ହେଲେ କେଉଁ ଉପାୟରେ ବାଲି କଢ଼ାଯିବ ତାହା ସ୍ପଷ୍ଟ ଜଣାପଡ଼ିନାହିଁ। ଏ ସମ୍ପର୍କରେ ଏଏସ୍ଆଇ ଭୁବନେଶ୍ୱର ସର୍କଲ ସୁପରିଣ୍ଟେଣ୍ଡିଂ ଆର୍କିଓଲୋଜିଷ୍ଟ ଅରୁଣ ମଲ୍ଲିକ କହିଛନ୍ତି ଯେ, ୨ଟି ଉପାୟରେ ବାଲି କଢ଼ାଯାଇପାରେ। ପୂର୍ବରୁ ରତ୍ନଗିରି ମହାକାଳ ମନ୍ଦିରର ପଥର ଖୋଲାଯାଇ ପୁନଃନିର୍ମାଣ କରାଯାଇଛି। ସେହିଭଳି ଉପାୟରେ କୋଣାର୍କ ସୂର୍ଯ୍ୟମନ୍ଦିରର ମଧ୍ୟ ପଥରଗୁଡ଼ିକୁ ନମ୍ବରିଂ କରି କଢ଼ାଯାଇପାରିବ ଏବଂ ଭିତରୁ ବାଲି ବାହାର କରାଯିବାପରେ ନମ୍ବର ଅନୁଯାୟୀ ପଥରଗୁଡ଼ିକୁ ଖଞ୍ଜାଯାଇପାରିବ। ଏହାଦ୍ୱାରା ଭିତର ଅଂଶକୁ ପୁଣି ଥରେ ସଜଡ଼ାଯାଇ ସମ୍ପୂର୍ଣ୍ଣ ମନ୍ଦିରକୁ ସୁରକ୍ଷିତ କରାଯାଇପାରିବ। ଲୋକମାନେ ଜଗମୋହନ ଭିତରକୁ ଯାଇପାରିବେ। ଆଉ ଏକ ଉପାୟ ହେଲା ଜଗମୋହନର ଉତ୍ତର ଓ ପଶ୍ଚିମ ପଟ ଖୋଲି ବାଲି ସୁରକ୍ଷିତ ଭାବେ କଢ଼ାଯାଇପାରିବ। ☞ପୃଷ୍ଠା–୪



# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୧/୨୦୨୦ (୧୬ ପୃଷ୍ଠା+ ଛୁଟିଦିନ) | Bhubaneswar, Sunday, March 1/2020 | ★★★★★★

୪୬ଶ ଭାଗ ୯୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-









## ରାଧାଙ୍କ କ୍ୟାରିୟରର ଶ୍ରେଷ୍ଠ ବୋଲିଂ

ଶ୍ରୀଲଙ୍କା ବିପକ୍ଷ ମହିଳା ଟି୨୦ ବିଶ୍ୱକପ୍ ମ୍ୟାଚରେ କ୍ୟାରିୟରର ଶ୍ରେଷ୍ଠ ବୋଲିଂ କରି ଭାରତୀୟ ସ୍ପିନର ରାଧା ଯାଦବ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। **୧୫**

**୦୨** ମୁହଁ ସର୍ଜରି କଥା ମାନିଲେ ଶ୍ରୁତି





କଳିଙ୍ଗ ଷ୍ଟାଡିୟମରେ ଶନିବାର ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ୧୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ଧାବିକା ଦୂତୀ ଚାନ୍ଦ। **(ବିବରଣୀ ଖେଳ ପୃଷ୍ଠାରେ)** (ଫଟୋ: ବିକାଶ ନାୟକ)

# ଆଫଗାନିସ୍ତାନକୁ ଶାନ୍ତି ଫେରିବ

## ଆମେରିକା-ତାଲିବାନ ଚୁକ୍ତି ସ୍ୱାକ୍ଷର

- ୧୮ ବର୍ଷ ଲାଗି ରହିଥିବା ବିବାଦର ଅନ୍ତ
- ୧୪ ମାସରେ ସେନା ପ୍ରତ୍ୟାହାର କରିବ ଆମେରିକା
- ଚୁକ୍ତି ବେଳେ ଉପସ୍ଥିତ ଥିଲେ ଭାରତୀୟ ରାଷ୍ଟ୍ରଦୂତ ପି. କୁମାରନ

ୱାଶିଂଟନ/କାବୁଲ,୨୯।୨ (ପି.ଟି./ଆଇଏଏନ୍ଏସ୍)

ଆମେରିକା ଓ ତାଲିବାନ ମଧ୍ୟରେ ବହୁପ୍ରତୀକ୍ଷିତ ଶାନ୍ତି ଚୁକ୍ତି ଶନିବାର ସ୍ୱାକ୍ଷର ହୋଇଛି। ଏହି ଚୁକ୍ତି ଅନୁଯାୟୀ ୧୪ ମାସ ମଧ୍ୟରେ ଆଫଗାନିସ୍ତାନରୁ ଆମେରିକା ଓ ନାଟୋ ସେନା ପ୍ରତ୍ୟାହୃତ ହେବେ। କାତାର ରାଜଧାନୀ ଦୋହାଠାରେ ଚୁକ୍ତି ସ୍ୱାକ୍ଷର ଅବସରରେ ଆମେରିକା ଓ ଆଫଗାନିସ୍ତାନ ପକ୍ଷରୁ ମିଳିତ ଭାବେ ଏହା ଘୋଷଣା କରାଯାଇଛି। ଫଳରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଆଫଗାନିସ୍ତାନରେ ଲାଗିରହିଥିବା ବିବାଦର ପରିସମାପ୍ତି ହେବାକୁ ଯାଉଛି। ସେଠାରେ ଶାନ୍ତି ଫେରାଇ ଆଣିବା ଚୁକ୍ତିର ମୁଖ୍ୟ ଉଦ୍ଦେଶ୍ୟ ବୋଲି କୁହାଯାଇଛି। ଆଫଗାନିସ୍ତାନରେ ଶାନ୍ତିପାଇଁ ଆମେରିକାର ସ୍ୱତନ୍ତ୍ର ପ୍ରତିନିଧି ଜଲମେ ଖାଲିଜାଦ୍ ଓ ତାଲିବାନ ସହପ୍ରତିଷ୍ଠାତା ମୁଲ୍ଲା ଅବଦୁଲ ଗନି ବରାଦର ଏହି ଚୁକ୍ତି ସ୍ୱାକ୍ଷର କରିଛନ୍ତି।

ଆଫଗାନିସ୍ତାନରେ ଏବେ ୧୩ ହଜାର ଆମେରିକୀୟ ସୈନ୍ୟ ନିୟୋଜିତ ହୋଇ ରହିଛନ୍ତି। ଚୁକ୍ତିନାମା ଅନୁଯାୟୀ ଏହି ସଂଖ୍ୟା ୮,୬୦୦କୁ ହ୍ରାସ କରାଯିବ। ମିଶନ ପୂରଣ ଲାଗି ଏହା ଅପରିହାର୍ଯ୍ୟ ବୋଲି ଆଫଗାନିସ୍ତାନରେ ଥିବା ଆମେରିକା ଓ ନାଟୋ ସେନାର କମାଣ୍ଡର ଜେନେରାଲ




ଆଫଗାନିସ୍ତାନ ଶାନ୍ତି ପାଇଁ ଆମେରିକାର ସ୍ୱତନ୍ତ୍ର ପ୍ରତିନିଧି ଜଲମେ ଖାଲିଜାଦ୍ (ବାମ) ଓ ତାଲିବାନ ସହପ୍ରତିଷ୍ଠାତା ମୁଲ୍ଲା ଅବଦୁଲ ଗନି ବରାଦର ଚୁକ୍ତି ସ୍ୱାକ୍ଷର କରିବା ପରେ କରମର୍ଦ୍ଦନ କରୁଛନ୍ତି।

ସ୍କଟ୍ ମିଲର ଆକଳନ କରିଥିଲେ। ଏହି ଐତିହାସିକ ଚୁକ୍ତିନାମା ସ୍ୱାକ୍ଷର ବେଳେ ଆମେରିକା ପରରାଷ୍ଟ୍ର ସଚିବ ମାଇକ୍ ପମ୍ପିଓଙ୍କ ସମେତ ଅନ୍ୟ ରାଷ୍ଟ୍ରର କୂଟନୀତିଜ୍ଞମାନେ ଉପସ୍ଥିତ ଥିଲେ। କାତାରରେ ଥିବା ଭାରତୀୟ ରାଷ୍ଟ୍ରଦୂତ ପି. କୁମାରନ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଆଫଗାନିସ୍ତାନରେ ଶାନ୍ତି ଓ ପାରସ୍ପରିକ ବୁଝାମଣାରେ ଭାରତର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେବେ ଏହି ସେନା ପ୍ରତ୍ୟାହାର ସର୍ତ୍ତଭିତ୍ତିକ। ରାଜନୈତିକ ସମାଧାନ ବିଫଳ ହେଲେ ଆମେରିକାକୁ ସେନା ପ୍ରତ୍ୟାହାର ପାଇଁ ବାଧ କରାଯାଇପାରିବ ନାହିଁ ବୋଲି ଏହାର ଜଣେ ଅଧିକାରୀ ନିଜ ନାଁ ଗୋପନ ସର୍ତ୍ତରେ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ୨୦୦୧ ସେପ୍ଟେମ୍ବର ୧୧ରେ ନ୍ୟୁୟର୍କସ୍ଥିତ ବିଶ୍ୱ ବାଣିଜ୍ୟ କେନ୍ଦ୍ର (ଡବ୍ଲ୍ୟୁଟିଓ) ଉପରେ ଆତଙ୍କବାଦୀ ସଂଗଠନ ଅଲ୍ କାଏଦା ଆକ୍ରମଣ କରିଥିଲା। ଏଥିରେ ୨୯୯୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୫ ହଜାରରୁ ଅଧିକ ଆହତ ହୋଇଥିଲେ। ଏହି ଆକ୍ରମଣ ପରେ ତତ୍କାଳୀନ ଆମେରିକା ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ ବୁଶ୍ ତାଲିବାନ ଉପରେ ଆକ୍ରମଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେବେଠାରୁ ୧୮ ବର୍ଷ ହେଲା ଆଫଗାନିସ୍ତାନରେ ଆମେରିକା ଓ ନାଟୋ ସେନା ଉପସ୍ଥିତ ରହିଛନ୍ତି। ଏ ବାବଦରେ ଆମେରିକା ୭୫୦ ବିଲିୟନ ଡଲାର ବ୍ୟୟ କଲାଣି। ବିଭିନ୍ନ ସମୟରେ ଆକ୍ରମଣ ଓ ପ୍ରତିଆକ୍ରମଣ ଯୋଗୁ ଉଭୟ ପକ୍ଷରୁ ହଜାର ହଜାର ଯବାନ ଓ ଆତଙ୍କବାଦୀ ନିହତ ହୋଇଛନ୍ତି। ୨୦୦୧ରୁ ଆମେରିକା ସେଠାରେ ୨୩୦୦ରୁ ଅଧିକ ସୈନ୍ୟଙ୍କୁ ହରାଇଛି।

# ଆଜିଠୁ ଯାନବାହନ ଯାଞ୍ଚ କଡ଼ାକଡ଼ି

## ଧରାପଡ଼ିଲେ ଗଣିବେ ଜରିମାନା

ଭୁବନେଶ୍ୱର, ୨୯।୨ (ବ୍ୟୁରୋ)

ଯାନବାହନ ମାଲିକ ଓ ଚାଳକଙ୍କୁ ଆଉ ମିଳିବନି ରିହାତି। ମାର୍ଚ୍ଚ ପହିଲାରୁ ସଂଶୋଧିତ ମୋଟର ଯାନ ଆଇନ ରାଜ୍ୟରେ କଡାକଡି ଲାଗୁହେବ। ଲାଇସେନ୍ସ, ଫିଟ୍‌ନେସ, ପଲ୍ୟୁଶନ ଅଣ୍ଡର କଣ୍ଟ୍ରୋଲ ସାର୍ଟିଫିକେଟ (ପିୟୁସି) ନ ଥିଲେ କିମ୍ବା ବିନା ହେଲ୍‌ମେଟ, ବିପରୀତ ଦିଗରୁ ଗାଡି ଚଳାଇଲେ, ଟ୍ରାଫିକ୍ ନିୟମ ଉଲ୍ଲଂଘନ କଲେ, ମଦ୍ୟପାନ କରି ଗାଡି ଚଳାଇଲେ, ନାବାଳକ ଗାଡି ଚଳାଇଲେ, ଯାନବାହନରେ ଅଧିକ ପରିବହନ କଲେ ମୋଟା ଅଙ୍କର ଜରିମାନା ଦେବାକୁ ପଡିବ। ଗାଡି କାଗଜପତ୍ର ପ୍ରସ୍ତୁତ କରିବାକୁ ରାଜ୍ୟ ସରକାର ୨ଟି ପର୍ଯ୍ୟାୟରେ ୬ ମାସ ସମୟ ଦେଇଛନ୍ତି। ଆଉ ଅଧିକ ସମୟ ☞ପୃଷ୍ଠା-୪

## ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

## ଆଉ ମାସେ ବଢ଼ିବ ସର୍ବକ୍ଷମା ଯୋଜନା

........ ୩ ........

## ଆଜିର ସମ୍ପାଦକୀୟ

ମିଛ ଆଶ୍ୱାସନା

## ଆଜିର ମନ୍ତବ୍ୟ

"ଦିଲ୍ଲୀ ଦଙ୍ଗା ଏକ ଜାତୀୟ କଳଙ୍କ। ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେଉ।

–ରାମ ବିଳାସ ପାଶ୍ୱାନ, କେନ୍ଦ୍ରମନ୍ତ୍ରୀ

## କିଛି ତଥ୍ୟ

ଚଳିତ ଆର୍ଥିକ ବର୍ଷ ଏପ୍ରିଲ-ଜାନୁୟାରୀରେ ସରକାର ୧୨.୮୨ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିଥିବା ବେଳେ ଏହି ସମୟରେ ଖର୍ଚ୍ଚ ୨୨.୬୮ ଲକ୍ଷ କୋଟି ଟଙ୍କା ରହିଛି।

–ରାଜସ୍ୱ ବିଭାଗ


Taste the difference! Vencobb FRESH CHICKEN

29.02.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 37 | 76 | 86 |
| CTC | 38 | 77 | 87 |
| DKL | 39 | 79 | 89 |
| BDK | 40 | 80 | 90 |
| BLS | 42 | 83 | 93 |
| ANG | 40 | 80 | 90 |
| BMP | 37 | 76 | 86 |

*Conditions Apply

Issued in the Interest of Consumers


# କୋଲାବରେ ବୁଡ଼ିଗଲେ ୩ ଛାତ୍ର

## ଜନ୍ମଦିନରେ କାଳ ଲେଖିଥିଲା ମୃତ୍ୟୁଲଗ୍ନ

କୋରାପୁଟ,୨୯।୨(ସ୍ୱ.ପ୍ର.)

ଜଣେ ବନ୍ଧୁଙ୍କ ଜନ୍ମଦିନ ପାଳିବାକୁ ଯାଇଥିଲେ କେତେଜଣ କଲେଜ ଛାତ୍ର। କିନ୍ତୁ ସେହି ଜନ୍ମଲଗ୍ନରେ କାଳ ଲେଖିଦେଇଗଲା ୩ ଜଣଙ୍କ ମୃତ୍ୟୁର ଲଗ୍ନ। କୋଲାବ ଡ୍ୟାମ୍‌ରେ ବୁଡ଼ିଯାଇ ସଲିଳ ସମାଧି ନେଇଛନ୍ତି ୩ ଜଣ ଛାତ୍ର। କୋରାପୁଟ ଜିଲା ସଦରରେ ଶନିବାର ଏଭଳି ଦୁଃଖଦ ଘଟଣା ଶୋକାକୁଳ ପରିବେଶ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, ଶନିବାର ପୂର୍ବାହ୍ନରେ କୋରାପୁଟସ୍ଥିତ ସରକାରୀ ମହାବିଦ୍ୟାଳୟର ଯୁକ୍ତ ୩ କମ୍ପ୍ୟୁଟର ସାଇନ୍ସର ୭ ଛାତ୍ର ଜଣେ ବନ୍ଧୁଙ୍କ ଜନ୍ମଦିନ ପାଳିବା ପାଇଁ କୋଲାବ ଡ୍ୟାମ୍‌କୁ ଯାଇଥିଲେ। ଏହି ସମୟରେ ପାଣିରେ ଗାଧୋଇ ଫଟୋ ଉଠାଉଥିବାବେଳେ ଜଣେ ଛାତ୍ରଙ୍କ ଗୋଡ଼ ଖସିଯାଇଥିଲା। ସେ ପାଣିରେ ବୁଡ଼ିବା ମାତ୍ରେ ତାଙ୍କୁ ଉଦ୍ଧାର କରିବାକୁ ଯାଇ ଅନ୍ୟ ଦୁଇଜଣ ମଧ୍ୟ ବୁଡ଼ିଯାଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚି ୩ ଜଣଙ୍କୁ ଉଦ୍ଧାର କରିବା ପରେ ସେମାନଙ୍କୁ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ନିଆଯାଇଥିଲା। ସେଠାରେ ଡାକ୍ତର ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ। ମୃତକମାନେ ହେଲେ କୋରାପୁଟ ଅଞ୍ଚଳର ମନ୍ମଥ ସାସମଲ (୧୯), ମାଲକାନଗିରି ଜିଲାର ସନ୍ଦୀପ ପୂଜାରୀ (୧୯) ଓ ରମାକାନ୍ତ ପଟ୍ଟନାୟକ (୧୯)। ଏହି ଘଟଣା ପ୍ରଚାର ହେବା ପରେ ଶତାଧିକ ଛାତ୍ରୀଛାତ୍ର, ଅଧ୍ୟାପକ ମେଡିକାଲ କଲେଜରେ ପହଞ୍ଚିଥିଲେ। ଏଭଳି ଦୁଃଖଦ ଘଟଣା ସମସ୍ତଙ୍କୁ ମର୍ମାହତ କରିଥିବାବେଳେ ସେଠାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। କୋରାପୁଟ ବିଧାୟକ ରଘୁରାମ ପଡାଲ, ଏଡିଏମ୍ ଦେବେନ ପ୍ରଧାନ, ଉପଜିଲାପାଳ ଲଳିତ ମୋହନ କହଁର ମଧ୍ୟ ସେଠାରେ ପହଞ୍ଚିଥିଲେ। ରେଡ୍‌କ୍ରସ୍ ପାଣ୍ଠିରୁ ମୃତକଙ୍କ ପରିବାରକୁ ୧୦ ହଜାର ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରାଯାଇଥିଲା। କୋରାପୁଟ ସଦରଥାନାରେ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଏସ୍‌ଡିପିଓ ବଳଭଦ୍ର ଦୀପ ସୂଚନା ଦେଇଛନ୍ତି। ତେବେ ୩ ଛାତ୍ରଙ୍କ ମଧ୍ୟରୁ ଶନିବାର କାହାର ଜନ୍ମଦିନ ଥିଲା, ସେନେଇ କିଛି ସ୍ପଷ୍ଟ ହୋଇପାରି ନାହିଁ।

# ସୂର୍ଯ୍ୟମନ୍ଦିରରୁ କଢ଼ାଯିବ ବାଲି



ଭୁବନେଶ୍ୱର,(ବ୍ୟୁରୋ)/ କୋଣାର୍କ,୨୯।୨(ଡି.ଏନ୍.ଏ.)

ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିର ଜଗମୋହନରୁ ବାଲି କଢ଼ାଯିବ। ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ତଥା ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) କୋର କମିଟି ସଦସ୍ୟ ଡ. ଏନ୍.ସି. ପାଲ ଶନିବାର ଏହା କହିଛନ୍ତି। ସୂର୍ଯ୍ୟମନ୍ଦିରର ସଂରକ୍ଷଣ ଓ ରକ୍ଷଣାବେକ୍ଷଣ ନେଇ ଏଏସ୍‌ଆଇ ଆନୁକୂଲ୍ୟରେ ଅନୁଷ୍ଠିତ ଜାତୀୟ କର୍ମଶାଳାର ଶନିବାର ଉଦ୍‌ଯାପନୀ ଦିବସରେ ସେ ଏହି ସୂଚନା ଦେଇଛନ୍ତି।

ସୂର୍ଯ୍ୟମନ୍ଦିରକୁ ସୁରକ୍ଷା ଦେବାକୁ ଯାଇ ୧୯୦୩ରେ ଇଂରେଜମାନେ ମନ୍ଦିର ଜଗମୋହନରେ ବାଲି ଭର୍ତ୍ତି କରିଥିଲେ। ହେଲେ ଭର୍ତ୍ତି ହୋଇଥିବା ୧୨ ଫୁଟର ବାଲି ଦବିବା କାରଣରୁ ମନ୍ଦିର ପ୍ରତି ବିପଦ ସୃଷ୍ଟି ହୋଇଥିବା ବିଶେଷଜ୍ଞମାନେ ଜାଣିପାରିଥିଲେ। ଏନେଇ ବିଭିନ୍ନ ଆଲୋଚନା ପରେ ଜଗମୋହନରୁ ବାଲି କଢ଼ାଯିବାକୁ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ହେଲେ କେଉଁ ଉପାୟରେ ବାଲି କଢ଼ାଯିବ ତାହା ସ୍ପଷ୍ଟ ଜଣାପଡ଼ିନାହିଁ। ଏ ସମ୍ପର୍କରେ ଏଏସ୍‌ଆଇ ଭୁବନେଶ୍ୱର ସର୍କଲ ସୁପରିଣ୍ଟେଣ୍ଡିଂ ଆର୍କିଓଲୋଜିଷ୍ଟ ଅରୁଣ ମଲ୍ଲିକ କହିଛନ୍ତି ଯେ, ୨ଟି ଉପାୟରେ ବାଲି କଢ଼ାଯାଇପାରେ। ପୂର୍ବରୁ ରତ୍ନଗିରି ମହାକାଳ ମନ୍ଦିରର ପଥର ଖୋଲାଯାଇ ପୁନଃନିର୍ମାଣ କରାଯାଇଛି। ସେହିଭଳି ଉପାୟରେ କୋଣାର୍କ ସୂର୍ଯ୍ୟମନ୍ଦିରର ମଧ୍ୟ ପଥରଗୁଡ଼ିକୁ ନମ୍ବରିଂ କରି କଢ଼ାଯାଇପାରିବ ଏବଂ ଭିତରୁ ବାଲି ବାହାର କରାଯିବାପରେ ନମ୍ବର ଅନୁଯାୟୀ ପଥରଗୁଡ଼ିକୁ ଖଞ୍ଜାଯାଇପାରିବ। ଏହାଦ୍ୱାରା ଭିତର ଅଂଶକୁ ପୁଣି ଥରେ ସଜଡ଼ାଯାଇ ସମ୍ପୂର୍ଣ୍ଣ ମନ୍ଦିରକୁ ସୁରକ୍ଷିତ କରାଯାଇପାରିବ। ଲୋକମାନେ ଜଗମୋହନ ଭିତରକୁ ଯାଇପାରିବେ। ଆଉ ଏକ ଉପାୟ ହେଲା ଜଗମୋହନର ଉତ୍ତର ଓ ପଶ୍ଚିମ ପଟ ଖୋଲି ବାଲି ସୁରକ୍ଷିତ ଭାବେ କଢ଼ାଯାଇପାରିବ। ☞ପୃଷ୍ଠା-୪






ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବଲିଉଡ୍ ଫିଲ୍ମ 'ଡିଡିଏଲ୍‌ଜେ'କୁ ପ୍ରଶଂସା କରିଛନ୍ତି। ଶାହରୁଖ୍ 'ଡିଡିଏଲ୍‌ଜେ-୨' କରିବା ଉଚିତ୍। ୧୯୯୫ରେ ରିଲିଜ୍ ହୋଇଥିବା ଏହି ସୁପରହିଟ୍ ଫିଲ୍ମର ଦ୍ୱିତୀୟ ପାର୍ଟକୁ ମଧ ଦର୍ଶକ ଅଧିକ ଭଲ ପାଇବେ। 'ଡିଡିଏଲ୍‌ଜେ'ର ନିର୍ଦ୍ଦେଶକ-ପ୍ରଯୋଜକଙ୍କୁ ଏହାର ଦ୍ୱିତୀୟ ପାର୍ଟ କରିବା ପାଇଁ ମୁଁ କହିବି। ଯାହା ଫଳରେ ସାରା ବିଶ୍ୱରୁ ଯେଉଁ ପ୍ରଧାନମନ୍ତ୍ରୀ ବା ରାଷ୍ଟ୍ରପତି ଭାରତ ଆସିବେ ଏହି ଫିଲ୍ମ ଉପରେ ନିଶ୍ଚିତ ଚର୍ଚ୍ଚା କରିବେ।
-ଗୌରୀ ଖାନ୍, ବଲିଉଡ୍ କିଙ୍ଗ୍ ଶାହରୁଖ ଖାନ୍‌ଙ୍କ ସ୍ତ୍ରୀ

# ବିଗ୍‌ବ୍ୟାଙ୍ଗ୍ ପରେ ସବୁଠୁ ବଡ଼ ବିସ୍ଫୋରଣ



**ମେଲବୋର୍ନ:** ବିଗ୍‌ବ୍ୟାଙ୍ଗ୍ ବିସ୍ଫୋରଣରୁ ବିଶ୍ୱ ବ୍ରହ୍ମାଣ୍ଡ ସୃଷ୍ଟି ହୋଇଛି ବୋଲି କୁହାଯାଏ। କିନ୍ତୁ ସେହି ବିରାଟ ବିସ୍ଫୋରଣ ପରେ ଏବେ ଆଉ ଏକ ବିସ୍ଫୋରଣ ବୈଜ୍ଞାନିକମାନେ ମହାକାଶରେ ଦେଖିବାକୁ ପାଇଛନ୍ତି। ପୁଣେସ୍ଥିତ ଜ୍ୟାଣ୍ଟ୍ ମେଟ୍ରିୱେଭ ରେଡିଓ ଟେଲିସ୍କୋପ୍( ଜିଏମ୍ଆର୍‌ଟି) ସମେତ ନାସାର ଚନ୍ଦ୍ର ଏକ୍ସ-ରେ ଅବ୍‌ଜର୍‌ଭେଟୋରି , ୟୁରୋପିଆନ ସ୍ପେସ୍ ଏଜେନ୍ସି( ଇଏସଏ)ର ଏକ୍ସଏମଏମ -ନ୍ୟୁଟନ ଓ ପଶ୍ଚିମ ଅଷ୍ଟ୍ରେଲିଆସ୍ଥିତ ମୁର୍‌ଚିଶନ ୱାଇଡ୍‌ଫିଲ୍ଡ ଆରୟେ (ଏମ୍‌ଡବ୍ଲୁଏ) ଟେଲିସ୍କୋପ ମାଧ୍ୟମରେ ଏହି ବିସ୍ଫୋରଣକୁ ଠାବ କରାଯାଇ ତା 'ଉପରେ ଅନୁଧ୍ୟାନ କରାଯାଇଛି। ମହାକାଶରେ ପୂର୍ବରୁ ସଂଗଠିତ ବିସ୍ଫୋରଣ ତୁଳନାରେ ଏଥିରୁ ୫ ଗୁଣ ଅଧିକ ଶକ୍ତି ନିର୍ଗତ ହୋଇଛି। ପୃଥିବୀଠାରୁ ୩୯୦ ମିଲିୟନ ଆଲୋକ ବର୍ଷ ଦୂରରେ ଥିବା ଏକ ଗ୍ରହାଣୁପୁଞ୍ଜ ବା ଛାୟାପଥ ମଧ୍ୟରେ ଥିବା ବିଶାଳ ବ୍ଲାକ୍ ହୋଲ୍‌ରେ ଘଟିଥିବା ଏହି ବିସ୍ଫୋରଣ ଖୁବ୍ ବଡ ବୋଲି କହିଛନ୍ତି ଆଷ୍ଟ୍ରେଲିଆର କୁର୍ଟିନ ବିଶ୍ୱବିଦ୍ୟାଳୟର ଗବେଷକ ମେଲାନି ଜନଷ୍ଟୋନ ହୋଲିଟ୍। ଏହି ବିସ୍ଫୋରଣ ଖୁବ୍ ଧୀରେ ଧୀରେ ହୋଇଥିଲା ଓ ଏଥିଲାଗି ଶହ ଶହ ମିଲିୟନ ବର୍ଷ ଲାଗିଛି ବୋଲି ଗବେଷକମାନେ ଅନୁମାନ କରିଛନ୍ତି। ଏହାଦ୍ୱାରା ବ୍ଲାକ୍‌ହୋଲ୍ ବାହାରେ ଘେରି ରହିଥିବା ଅତ୍ୟଧିକ ଉତ୍ତପ୍ତ ଗ୍ୟାସ ( ବ୍ଲାକ୍‌ହୋଲ୍ ପ୍ଲାଜମା)ମଧ୍ୟରେ ଏକ ବିଶାଳ ଗାତ ସଦୃଶ ଶୂନ୍ୟସ୍ଥାନ ସୃଷ୍ଟି କରିଦେଇଛି। ଏହା ଏତେ ବଡ ଯେ, ଏହା ମଧ୍ୟରେ ଅନେକ ଗ୍ରହାଣୁପୁଞ୍ଜ ସ୍ଥାନ ନେଇପାରିବ।



ଶ୍ରୁତି ହାସନ

# ମୁହଁ ସର୍ଜରି କଥା ମାନିଲେ ଶ୍ରୁତି

**ମୁମ୍ବାଇ:** ବଲିଉଡ୍ କଳାକାରମାନେ ପ୍ଲାଷ୍ଟିକ୍ ସର୍ଜରୀ କରିବା କିଛି ନୂଆ କଥା ନୁହେଁ। ଅନେକ ଅଭିନେତ୍ରୀ ଓଠ, ନାକ ଆଦି ଶରୀରର ବିଭିନ୍ନ ଅଙ୍ଗକୁ ଆକର୍ଷଣୀୟ କରିବା ପାଇଁ ପ୍ଲାଷ୍ଟିକ୍ ସର୍ଜରୀର ସହାୟତା ନେଇଛନ୍ତି। ମାତ୍ର ଖୁବ୍ କମ୍ କଳାକାର ରହିଛନ୍ତି ଯେଉଁମାନେ ପ୍ଲାଷ୍ଟିକ୍ ସର୍ଜରୀ କରିଥିବା ସ୍ୱୀକାର କରନ୍ତି। ଏମାନଙ୍କ ମଧ୍ୟରୁ ଜଣେ ଅଭିନେତ୍ରୀ ହେଉଛନ୍ତି ଶ୍ରୁତି ହାସନ। ଶ୍ରୁତି ନିଜ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ଏକ ଲମ୍ବା ଚଉଡା ମେସେଜ୍ କରିଛନ୍ତି। ସେଥିରେ ସେ ନିଜ ମୁହଁର ପାଷ୍ଟିକ୍ ସର୍ଜରୀ କରିଥିବା ସ୍ୱୀକାର କରିଛନ୍ତି। ଏହା ଫଳରେ ସେ ଅଧିକ ସୁନ୍ଦରୀ ଓ ଆକର୍ଷଣୀୟ ମଧ୍ୟ ଲାଗୁଛନ୍ତି।

# ପାଦରେ ଲେଖି ପରୀକ୍ଷାରେ ପାସ୍ କଲେ ଛାତ୍ର



**ଆମେଠି :** କୁହାଯାଏ, ଭଗବାନ ଯାହାକୁ ଯେମିତି ସୃଷ୍ଟି କରିଛନ୍ତି, ତାକୁ ସେମିତି ବୁଦ୍ଧି ବିବେକ ମଧ ଦେଇଛନ୍ତି। ଏହି ଉକ୍ତିଟି ଉତ୍ତରପ୍ରଦେଶର ଅମର ବାହାଦୂର ନାମକ ଜଣେ ଛାତ୍ରଙ୍କଠାରେ ଶତ ପ୍ରତିଶତ ପ୍ରମାଣିତ ହୋଇଛି। ଈଶ୍ୱର ତାଙ୍କୁ ହାତ ଦେଇ ନାହାନ୍ତି ସତ ମାତ୍ର ଅମର ତାଙ୍କ ପାଦରେ ପରୀକ୍ଷା ଦେଇ ଭଲ ନମ୍ବର ରଖି ମାଟ୍ରିକ୍ ପାସ୍ କରିଛନ୍ତି। ପିଲାଟି ଦିନରୁ ତାଙ୍କର ଦୁଇ ହାତ ନାହିଁ। ସେ ଗୋଡ଼ରେ ସବୁ କାମ ଭଲ ଭାବରେ କରିପାରନ୍ତି। ଏପରିକି ୨୦୧୭ରେ ରାମବଳୀ ଇଣ୍ଟର କଲେଜରେ ଅମର ହାଇସ୍କୁଲ ପରୀକ୍ଷା ଦେଇଥିଲେ। ପରୀକ୍ଷାରେ ସେ ଗୋଡ଼ରେ ଲେଖିଥିଲେ। ମାତ୍ର ଯେତେବେଳେ ରେଜଲ୍ଟ ବାହାରିଲା ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ। ୫୯ ପ୍ରତିଶତ ନମ୍ବର ରଖି ଅମର ଗାଁର ସମ୍ମାନ ବଢ଼ାଇ ଦେଇଥିଲେ। ଉଚ୍ଚଶିକ୍ଷା ପାଇଁ ତାଙ୍କର ଇଚ୍ଛା ଅଛି। ମାଆ କେବଳା ଦେବୀ ଏବଂ ବାପା ରମଲଖନଙ୍କ ଇଚ୍ଛା ଦିବ୍ୟାଙ୍ଗ ପୁଅକୁ ଉଚ୍ଚଶିକ୍ଷିତ କରିବେ କିନ୍ତୁ ଅର୍ଥ ବାଧକ ସାଜିଛି ବୋଲି କୁହନ୍ତି।

# ୫୦ ବର୍ଷ ମଧ୍ୟରେ ପୁଣି ରେନ୍‌ବୋ ସ୍ନେକ୍



**ୱାଶିଂଟନ୍:** ବେଳେବେଳେ କିଛି ଖରାପ ଜିନିଷ ମଧ୍ୟରେ ଖୁବ୍ ସୁନ୍ଦର ଝଲକ ଦେଖିବାକୁ ମିଳେ। ସେ ବୃକ୍ଷଲତା ହୁଅନ୍ତୁ କିମ୍ବା ଜୀବଜନ୍ତୁ। ଏମିତି ଏକ ସୁନ୍ଦର ଜୀବ ହେଉଛି ରେନ୍‌ବୋ ସାପ। ଇନ୍ଦ୍ରଧନୁ ପରି ସାତ ରଙ୍ଗ ଏହି ସାପ ଦେହରେ ଦେଖିବାକୁ ମିଳେ। ଏହି ପ୍ରଜାତିର ସାପ ବେଶ୍ ଆକର୍ଷଣୀୟ ଦେଖାଯା'ନ୍ତି। ୫୦ ବର୍ଷ ମଧ୍ୟରେ ଆମେରିକାର ଫ୍ଲୋରିଡା ଜଙ୍ଗଲରେ ଏପରି ସାପ ଦେଖିବାକୁ ମିଳେ। ଏହି ସାପର ଫଟୋ ଓକେଲା ନ୍ୟାଶନାଲ ଫରେଷ୍ଟ ଫେସବୁକ୍ ଆକାଉଣ୍ଟରେ ଶେୟାର ହୋଇଛି। ଯାହା ଖୁବ୍ ଭାଇରାଲ ହେବାରେ ଲାଗିଛି। ଏହି ରଙ୍ଗୀନ ସାପର ଲମ୍ବ ୪ ଫୁଟ। ସାପର ବିଶେଷତ୍ୱ ହେଲା ଏହା ବିଷଧର ନୁହେଁ। ତେଣୁ କୌଣସି କ୍ଷତି କରେ ନାହିଁ। ଦୁନିଆରେ ଏହି ପ୍ରଜାତିର ସାପ କ୍ୱଚିତ୍ ଦେଖାଯା'ନ୍ତି। ୧୯୬୯ରେ ଫ୍ଲୋରିଡାରେ ଶେଷଥର ପାଇଁ ଏପରି ସାପ ଦେଖାଯାଇଥିଲା। କୁହାଯାଏ, ଏହା ବହୁତ ଲାଜୁଆ ସ୍ୱଭାବର। ସାଧାରଣତଃ ପାଣି ଥିବା ସ୍ଥାନରେ ଏହି ସାପ ଦେଖିବାକୁ ମିଳେ। ଏହି ସାପବଂଶ ବିଲୁପ୍ତପ୍ରାୟ। ଫ୍ଲୋରିଡାର ବାୟୋଲୋଜିକାଲ ଡାୟବର୍ସିଟି ସେଣ୍ଟର ପକ୍ଷରୁ ୨୦୧୦ରେ ଏପରି ସାପବଂଶ ବଞ୍ଚାଇ ରଖିବା ପାଇଁ ଦାବି କରାଯାଇଥିଲା।

ଫ୍ଲୋରିଡା ସଂଗ୍ରାହାଳୟ ଅନୁଯାୟୀ, ରୋଡମ୍ୟାନ୍ ଝରଣାର ଜଳସ୍ତର ପରିବର୍ତ୍ତନ ହେଉଥିବାରୁ ଏହି ସାପ ବାହାରକୁ ଚାଲିଆସିଛି। କହିରଖୁଛୁ, ଆମେରିକା ସରକାର ଏହାକୁ ବିଲୁପ୍ତ ପ୍ରାୟ ବୋଲି ଧରିନେଇଥିଲେ। ଏପରିକି ଏହି ସାପ ଖୋଜି ଆଣିଦେଲେ ୫୦୦ ଡଲାର ପୁରସ୍କାର ରାଶି ମଧ ଘୋଷଣା କରିଥିଲେ। ମାତ୍ର ଏବେ ଦ୍ୱିତୀୟ ଥର ପାଇଁ ଏହି ସାପ ଦେଖି ଫ୍ଲୋରିଡାବାସୀ ଆଖିକୁ ବିଶ୍ୱାସ କରିପାରୁନାହାନ୍ତି।

# ୩୬ ବର୍ଷରେ ଜାନ୍‌ଭୀ



**ମୁମ୍ବାଇ:** ଛୋଟ ପରଦାର ସୁନ୍ଦରୀ ନାୟିକା ଜାନ୍‌ଭୀ ଛେଡ଼ା ଶନିବାର ୩୬ ବର୍ଷରେ ପାଦ ଦେଇଛନ୍ତି। ସେ ୧୯୮୪ ଫେବୃୟାରୀ ୨୯ରେ ମୁମ୍ବାଇଠାରେ ଜନ୍ମଗ୍ରହଣ କରିଥିଲେ। ପ୍ରତି ୪ ବର୍ଷରେ ଥରେ ଅଧିବର୍ଷ ପଡ଼ିଲେ ଏହା ଫେବୃୟାରୀ ୨୯ ରେ ପାଳନ କରାଯାଇଥାଏ। ତେଣୁ ତାଙ୍କୁ ଜନ୍ମଦିନ ପାଳନ କରିବା ପାଇଁ ୪ ବର୍ଷ ଅପେକ୍ଷା କରିବାକୁ ପଡ଼ିଥାଏ। ଏବେ ତାଙ୍କର ଜନ୍ମଦିନ ପୁଣି ୨୦୨୪ରେ ପଡ଼ିବ ବୋଲି ଜାନଭୀ କୁହନ୍ତି। ତେବେ ଏନେଇ ସେ କେବେ ମନଦୁଃଖ କରି ନ ଥାନ୍ତି। ବାଳିକା ବଧୂ ସିରିଏଲ୍‌ରେ ଜାନ୍‌ଭୀଙ୍କ ଅଭିନୟ ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଥିଲା। ସେହିପରି ସିଆଇଡି ସିରିଏଲ୍‌ରେ

## ୪ ବର୍ଷରେ ଥରେ ପାଳନ କରନ୍ତି ଜନ୍ମଦିନ

ସେ ଇନ୍‌ସ୍ପେକ୍ଟର ଭାବେ ମଧ ଅଭିନୟ କରିଛନ୍ତି। ୨୦୧୧ରେ ଜାନ୍‌ଭୀ ବୟଫ୍ରେଣ୍ଡ୍ ନିଶାନ୍ତ ଗୋପାଲିଆଙ୍କୁ ବିବାହ କରିଥିଲେ। ଏହାପରେ ଜାନ୍‌ଭୀ ଅଭିନୟ ଜଗତରୁ ଦୂରେଇ ରହିଥିଲେ। ତେବେ ମନପସନ୍ଦର ଭୂମିକା ମିଳିଲେ ସେ ପୁଣି ଅଭିନୟ କରିବେ ବୋଲି ଏକ ସାକ୍ଷାତ୍‌କାରରେ କହିଥିଲେ।

**କାଜାଖସ୍ତାନ:** ଦୁନିଆରେ ଏମିତି କିଛି ଅଜବ ଦୃଶ୍ୟ ଅଛି, ଯାହା ଦେଖିଲେ ଆଶ୍ଚର୍ଯ୍ୟ ଲାଗେ। ଏହାର ରହସ୍ୟ ସହଜରେ ବୁଝିହୁଏ ନାହିଁ। ଏପରି ଏକ ସ୍ଥାନ ହେଉଛି 'ଲେକ୍ କ୍ୟାଣ୍ଡି। କାଜାଖସ୍ତାନରେ ଥିବା ଏହି ହ୍ରଦ ସବୁଠୁ ରହସ୍ୟମୟୀ ତଥା ରୋମାଞ୍ଚକର। କାରଣ ଏଠାକାର ପୂରା ଜଙ୍ଗଲ ପାଣି ଭିତରେ ହିଁ ରହିଛି। ସାଧାରଣତଃ ଗଛଗୁଡ଼ିକ ଭୂମିରେ ଉଠିଥାଏ। କିନ୍ତୁ ଏଠାରେ ପାଣି ଭିତରେ ବିରାଟ ବିରାଟ ଗଛ ରହିବା

# ପାଣି ଭିତରେ ଜଙ୍ଗଲ

ରହସ୍ୟଜନକ। କୁହାଯାଏ, ୧୯୧୧ରେ ଏହି ଅଞ୍ଚଳରେ ଭୟଙ୍କର ଭୂକମ୍ପ ହୋଇଥିଲା। ଫଳରେ ଜଙ୍ଗଲଟି ମଧ ଥରି ଉଠିଥିଲା। ସେତେବେଳେ ବଡ଼ବଡ଼ ଗଛ ସବୁ ଜଳାଶୟ ମଧ୍ୟକୁ ଚାଲିଯାଇଥିଲା। ସେହିଦିନଠାରୁ ସମଗ୍ର ଜଙ୍ଗଲଟି ପାଣି ମଧ୍ୟରେ ରହିଯାଇଛି। ସମୁଦ୍ରଠାରୁ ୨୦୦୦ ମିଟର ଉପରେ ଥିବା ଏହି ହ୍ରଦପାଣି ବହୁତ ଥଣ୍ଡା। ଏହି ସ୍ଥାନ ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରେ। ଏହା ଯେତିକି ରହସ୍ୟମୟ ସେତିକି ମନୋଲୋଭା।



# ଡେଲିଭରି ବୟ 'ସୋନୁ'ଙ୍କ କମାଲ

**ନୂଆଦିଲ୍ଲୀ:** ଫୁଡ୍ ଡେଲିଭରି କମ୍ପାନୀ ଜମାଟୋର ଜଣେ ରାଇଡର ସୋନୁ ଏବେ ଇଣ୍ଟରନେଟ୍ ସେନ୍‌ସେଶନ ପାଲଟି ଯାଇଛନ୍ତି। ତାଙ୍କର କିଛି ଭିଡିଓ ଏବେ ଇଣ୍ଟରନେଟରେ ଭାଇରାଲ ହେବାରେ ଲାଗିଛି। ଏଥିରେ ସୋନୁଙ୍କ କଥା କହିବାର ଶୈଳୀ ଓ ସ୍ମାଇଲ ଲୋକଙ୍କ ମନ ଜିତି ପାରିଛି। ତାଙ୍କର ଭିଡିଓ ଏମିତି ଭାଇରାଲ ହୋଇଛି ଯେ, ଜମାଟୋ ଇଣ୍ଡିଆ ତା'ର ଟୁଇଟର ହ୍ୟାଣ୍ଡେଲର ଡିସ୍‌ପ୍ଲେ ପିକ୍ଚର (ଡିପି)ରେ ସୋନୁଙ୍କ ଏକ ସ୍ମାଇଲିଂ ଫଟୋ ଲଗାଇ ଦେଇଛି। ଏହାପରେ ଜମାଟୋ ଇଣ୍ଡିଆ ଟୁଇଟ୍ କରିଛି, ଏହା ଏକ ହାପି ରାଇଡର ଫ୍ୟାନ୍‌ଙ୍କ ଆକାଉଣ୍ଟ। ଏହି ଆକାଉଣ୍ଟର ୧ ଲକ୍ଷରୁ ଊର୍ଦ୍ଧ୍ୱ ଫଲୋୟର୍ସ ହୋଇଯାଇଥିବା ଜଣାପଡିଛି। ପ୍ରଥମେ ସୋନୁଙ୍କର ଏକ ଟିକ୍‌ଟକ୍ ଭିଡିଓ ଦାନିସ ଅଂସାରି ସୋସିଆଲ ମିଡିଆରେ ଶେୟାର କରିଥିଲେ। ଉକ୍ତ ଭିଡିଓ ଧୀରେ ଧୀରେ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା।



ଏଥିରେ ସୋନୁ କହୁଥିଲେ, ସେ ଦିନକୁ ୧୨ ଘଣ୍ଟା ପରିଶ୍ରମ କରୁଥିବା ବେଳେ କମ୍ପାନୀ ତାଙ୍କୁ ଖାଇବା ସହ ଇନସେନଟିଭ ମିଶାଇ ୩୫୦ ଟଙ୍କା ଦରମା ଦେଇଥାଏ। ଏବେ ସୋନୁଙ୍କ ହସହସ ମୁହଁର ଭିଡିଓ ଦେଖିବା ପରେ କିଏ କେତେ ପ୍ରକାରର କମେଣ୍ଟ ଦେଉଛନ୍ତି। କେହି କେହି ଜମାଟୋର ସବୁ ରାଇଡରଙ୍କ ଦରମା ବଢାଇ ଦେବାକୁ କମେଣ୍ଟରେ ଲେଖିଥିବା ଦେଖାଯାଇଛି।

## ଆଇଏଏସ୍ ଅଧିକାରୀ ସ୍ତରରେ ଛୋଟ ଅଦଳବଦଳ

ଭୁବନେଶ୍ୱର,୨୯।୨(ବ୍ୟୁରୋ): ଓଡ଼ିଶା ସରକାର ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଅଧିକାରୀସ୍ତରରେ ଛୋଟ ଧରଣର ଅଦଳବଦଳ କରିଛନ୍ତି। ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ମଧୁସୂଦନ ପାଢ଼ୀଙ୍କୁ କଟକସ୍ଥିତ ଜମିଜମା ରେକର୍ଡସ ଏବଂ ଚକବନ୍ଦୀ କମିଶନର ଭାବେ ନିଯୁକ୍ତି ଦିଆଯାଇଛି। ଏହି କମିଶନର ପଦବୀ ଓଡ଼ିଶା ପ୍ରଶାସନରେ ଆଇଏଏସ୍ ଅଧିକାରୀଙ୍କ ପାଇଁ ଉର୍ଦ୍ଧ୍ୱଷ୍ଟ ପ୍ରମୁଖ ଶାସନ ସଚିବ ପଦ ସହ ସମତୁଲ୍ୟ। ସେହିପରି ବାଣିଜ୍ୟ ଓ ପରିବହନ ବିଭାଗ କମିଶନର ତଥା ଶାସନ ସଚିବ ଡକ୍ଟର ପ୍ରମୋଦ କୁମାର ମେହେର୍ଦ୍ଦାଙ୍କୁ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଭାବେ ଦାୟିତ୍ୱ ଦିଆଯାଇଛି। ଏହାସହ ମେହେର୍ଦ୍ଦା ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ଦାୟିତ୍ୱ ତୁଲାଇବେ ବୋଲି ଜଣାପଡ଼ିଛି। ନିକଟରେ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍)ରୁ ଆଇଏଏସ୍‌କୁ ପଦୋନ୍ନତି ପାଇଥିବା ୮ ଜଣ ଅଧିକାରୀଙ୍କୁ ୨୦୦୯ ବ୍ୟାଚ୍ ପ୍ରଦାନ କରାଯାଇଛି।




# ଆଉ ମାସେ ବଢ଼ିବ ସର୍ବକ୍ଷମା ଯୋଜନା

- ୧୦୦ କୋଟି ଆଦାୟ
- ୨ ମାସ ବଢ଼ାଇବାକୁ ଦାବି
- କଟକ-ଭୁବନେଶ୍ୱରରେ ସର୍ବାଧିକ ଆବେଦନ

**ଭୁବନେଶ୍ୱର,୨୯।୨(ବ୍ୟୁରୋ)**

ଉନ୍ନୟନ କର୍ତ୍ତୃପକ୍ଷଙ୍କ ବିନା ଅନୁମୋଦନ କିମ୍ବା ଅନୁମୋଦନ ନେଇ ନିୟମ ଉଲ୍ଲଂଘନ କରି ଗଢିଉଠିଥିବା ବେଆଇନ ଆବାସିକ କୋଠାଘର, ବ୍ୟବସାୟିକ ଗୃହ ଏବଂ ଅଟ୍ଟାଳିକାଗୁଡ଼ିକୁ ଜରିମାନା ଦେଇ ନିୟମିତ (ରେଗୁଲାର) କରିବା ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଆରମ୍ଭ କରାଯାଇଥିବା ସର୍ବକ୍ଷମା ଯୋଜନା (ଆମ୍‌ନେଷ୍ଟି ସ୍କିମ୍) ଆଉ ମାସକ ପାଇଁ ବଢିବ। ଆସନ୍ତା ସୋମବାର ଏ ନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରାଯିବ ବୋଲି ଜଣାପଡ଼ିଛି। ଜରିମାନା ଦେଇ ଘରକୁ ଅନୁମୋଦନ କରାଇ ନେବାକୁ ଲୋକମାନଙ୍କର ପ୍ରବଳ ଆଗ୍ରହ ଦେଖାଦେଇଛି। ଯଦିଓ ଏହି ଯୋଜନା ୨୦୧୮ରେ ଆରମ୍ଭ କରାଯାଇଥିଲା ତେବେ ଜରିମାନା ରାଶି ଅଧିକ ଥିବାରୁ ଏହି ଯୋଜନା ଘର ମାଲିକଙ୍କୁ ଆକୃଷ୍ଟ କରିପାରି ନ ଥିଲା। ଶେଷ ୬ ମାସ ମଧ୍ୟରେ ସରକାର ଜରିମାନା ରାଶି ହ୍ରାସ କରିବାରୁ ଏଥିପ୍ରତି ପ୍ରବଳ ଆଗ୍ରହ ଦେଖାଦେଇଛି। ଜନସାଧାରଣଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ସର୍ବକ୍ଷମା ଯୋଜନାର ଅବଧି ବୃଦ୍ଧି କରିବାକୁ ବିଭିନ୍ନ ମହଲରୁ ଦାବି ହୋଇଆସୁଛି।

୨୦୨୦ ଫେବୃୟାରୀ ୨୦ରେ ସର୍ବକ୍ଷମା ଯୋଜନାର ଅବଧି ଶେଷ ହୋଇଛି। ଲୋକମାନଙ୍କ ଆଗ୍ରହକୁ ଦେଖି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ସର୍ବକ୍ଷମା ଯୋଜନାର ଅବଧି ଆଉ ୬ ମାସ ବଢ଼ାଇବାକୁ ଗତ ୨୦ ତାରିଖରେ ବିଧାନସଭା ଶୂନ୍ୟକାଳରେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଯୋଜନାର ଅବଧି ବଢ଼ାଇବା ଉପରେ ବିଚାର କରିବାକୁ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ବିଭାଗୀୟ ମନ୍ତ୍ରୀ ପ୍ରତାପ ଜେନା ଅବଧି ନ ବଢ଼ାଇବାକୁ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ମନ୍ତ୍ରୀଙ୍କ ଏଭଳି ଘୋଷଣାକୁ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି। ରାଜ୍ୟ ସରକାରଙ୍କ ଆର୍ଥିକ ଅବସ୍ଥା ଭଲ ନ ଥିବାବେଳେ ଗୃହ ଓ ନଗର ଉନ୍ନୟନ ବିଭାଗ ରାଜସ୍ୱ ଆଦାୟ ବାଟ ବନ୍ଦ କରିବା ନେଇ ଖୋଦ୍ ସରକାରୀ କର୍ମଚାରୀ ମଧ୍ୟ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ।

ମିଳିଥିବା ସୂଚନା ଅନୁଯାୟୀ ସର୍ବକ୍ଷମା ଯୋଜନା ପ୍ରଥମେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଅଞ୍ଚଳରେ ୨୦୦୭ ଡିସେମ୍ବର ୩୧ରେ କାର୍ଯ୍ୟକାରୀ କରାଯାଇଥିଲା। ୨୦୦୯ରେ କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ଅଞ୍ଚଳରେ କାର୍ଯ୍ୟକାରୀ ହୋଇଥିଲା। ଏହି ସ୍କିମ୍‌ରେ ବିଡିଏ ଜରିମାନା ବାବଦରେ ୪୫୯୬ ଜଣଙ୍କଠାରୁ ୩୫ କୋଟି ୬୧ ଲକ୍ଷ ୬୦ ହଜାର ଟଙ୍କା ଆଦାୟ କରିଥିବାବେଳେ ସିଡିଏ ୪୦୮୦ ଜଣ ଆବେଦନକାରୀଙ୍କଠାରୁ ୧୩,୦୨,୦୭,୦୦୦ ଟଙ୍କା ଆଦାୟ କରିଥିଲା। ଅର୍ଥାତ୍ ଉଭୟ ସହରରୁ ମୋଟ ୪୮ କୋଟି ୬୩ ଲକ୍ଷ ୬୭ ହଜାର ଟଙ୍କା ଆଦାୟ ହୋଇଥିଲା। ରାଜସ୍ୱ ମିଳୁଥିବା ଲକ୍ଷ୍ୟକରି ରାଜ୍ୟ ସରକାର ସର୍ବକ୍ଷମା ଯୋଜନାକୁ ରାଜ୍ୟର ୯ଟି ଉନ୍ନୟନ କର୍ତ୍ତୃପକ୍ଷ ଅଞ୍ଚଳରେ ୨୦୧୮ ଜୁନ୍ ୨୦ ତାରିଖରେ ଆରମ୍ଭ କରିଥିଲେ। ୨୦୨୦ ଫେବୃୟାରୀ ୨୦ରେ ଏହି ଯୋଜନା ଅବଧି ଶେଷ ହୋଇଛି। ଏହି ସମୟ ମଧ୍ୟରେ ବିଡିଏର ୫୭୧୯ ଜଣ, ସିଡିଏ ନିକଟରେ ୧୦୨୭, ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ ନିକଟରେ ୬୯, ପୁରୀ ଉନ୍ନୟନ କର୍ତ୍ତୃପକ୍ଷଙ୍କ ନିକଟରେ ୫୬, କଳିଙ୍ଗନଗର ଉନ୍ନୟନ କର୍ତ୍ତୃପକ୍ଷଙ୍କ ନିକଟରେ ୫୯, ତାଳଚେର-ଅନୁଗୋଳ-ମେରାମୁଣ୍ଡଳୀ ଉନ୍ନୟନ କର୍ତ୍ତୃପକ୍ଷଙ୍କ ନିକଟରେ ୪୫, ପାରାଦୀପ ଉନ୍ନୟନ କର୍ତ୍ତୃପକ୍ଷଙ୍କ ନିକଟରେ ୩୩, ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ ନିକଟରେ ୨୪୦ ଏବଂ ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷଙ୍କ ନିକଟରେ ୩୮୭ ଜଣ ନିଜ ଘରକୁ ଅନୁମୋଦନ କରିବାକୁ ଆବେଦନ କରିଛନ୍ତି। ଏ ବାବଦରେ ରାଜ୍ୟ ସରକାର ପ୍ରାୟ ୧୦୦ କୋଟି ଟଙ୍କା ରାଜସ୍ୱ ପାଇଥିବା ଜଣାପଡ଼ିଛି। ବିଶେଷକରି ବିଡିଏ ଏବଂ ସିଡିଏ ଅଞ୍ଚଳରେ ଏହି ଯୋଜନା ଅଧିକ ଲୋକପ୍ରିୟ ହୋଇଛି। ଏହି ଯୋଜନା ବନ୍ଦ କରିବା ପରେ ବହୁ ଜନଅସନ୍ତୋଷ ଦେଖାଦେଇଛି। ସରକାରଙ୍କୁ କୋଟି କୋଟି ଟଙ୍କା ରାଜସ୍ୱ ମିଳୁଥିବା ବେଳେ କେଉଁ ଉଦ୍ଦେଶ୍ୟରେ ଯୋଜନାକୁ ବନ୍ଦ କରି ଦିଆଗଲା ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଏହି ସ୍କିମ୍‌ର ଅବଧି ଆଉ ୬ ମାସ ବଢ଼ାଇବାକୁ ଦାବି କରାଯାଇଛି।

ସୂଚନାଯୋଗ୍ୟ ଯେ ରାଜ୍ୟ ସରକାର ୨୦୧୮ ଜୁନ୍ ୨୦ ତାରିଖରେ ୯ଟି ଉନ୍ନୟନ କର୍ତ୍ତୃପକ୍ଷ ଅଞ୍ଚଳରେ ସର୍ବକ୍ଷମା ଯୋଜନା ଆରମ୍ଭ କରିଥିଲେ। ଏହି ଯୋଜନାରେ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ପ୍ଲାନିଂ ଆଣ୍ଡ ବିଲ୍ଡିଂ ଷ୍ଟାଣ୍ଡାର୍ଡସ ରେଗୁଲେଶନରେ ଥିବା ନିୟମାବଳୀ ଆଧାରରେ ନିୟମ ଉଲ୍ଲଂଘନକାରୀଙ୍କୁ ଏହି ସୁବିଧା ଯୋଗାଇ ଦିଆଯାଉଛି। ପ୍ରଥମେ ଏହାକୁ ୬ ମାସ ପାଇଁ କାର୍ଯ୍ୟକାରୀ କରିବାକୁ ଘୋଷଣା କରାଯାଇଥିଲା। ଏହା ପରେ ପୁଣି ୬ ମାସ ବୃଦ୍ଧି କରାଯାଇଥିଲା। ଜରିମାନା ରାଶି ଅଧିକ ହେବାରୁ ତାହା ଘର ମାଲିକଙ୍କୁ ଆକୃଷ୍ଟ କରିପାରିଲା ନାହିଁ। ଫଳରେ ବାଧ୍ୟ ହୋଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଜରିମାନା ରାଶିକୁ ପ୍ରତି ବର୍ଗମିଟରକୁ ୨୫୦ ଏବଂ ୫୦୦ ଟଙ୍କାକୁ ହ୍ରାସ କରିଥିଲା। ଜରିମାନା ହ୍ରାସ କରିବା ପରେ ଏହାର ଅବଧିକୁ ଆଉ ୬ ମାସ ପାଇଁ ବଢାଯାଇଥିଲା। ଫଳରେ ଏହି ଯୋଜନା ପ୍ରତି ଲୋକଙ୍କର ଆଗ୍ରହ ବୃଦ୍ଧି ପାଇଥିଲା।

# ଯୁକ୍ତ୨ ପରୀକ୍ଷା ପାଇଁ ବ୍ୟାପକ ପ୍ରସ୍ତୁତି

- ପରୀକ୍ଷା କେନ୍ଦ୍ରକୁ ପ୍ରବେଶ ପୂର୍ବରୁ କଡ଼ାକଡ଼ି ହେବ ଯାଞ୍ଚ
- ପ୍ରଶ୍ନପତ୍ରରେ କୌଣସି ଚିହ୍ନ ନ ଦେବାକୁ ପରାମର୍ଶ

**ଭୁବନେଶ୍ୱର, ୨୯।୨(ବ୍ୟୁରୋ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ଆସନ୍ତା ୩ ତାରିଖରୁ ଆରମ୍ଭ ହେବ। ପରୀକ୍ଷାକୁ କପିମୁକ୍ତ କରିବାକୁ ବ୍ୟାପକ ପ୍ରସ୍ତୁତି ହୋଇଛି। ଏଥିପାଇଁ ସିଏଚ୍‌ଏସ୍‌ଇ ପକ୍ଷରୁ ସ୍ୱତନ୍ତ୍ର ନିୟମାବଳୀ ହୋଇଛି। କପିକୁ କିପରି ରୋକାଯାଇପାରିବ ଓ ନକଲି ପରୀକ୍ଷାର୍ଥୀଙ୍କୁ କିପରି ଧରାଯାଇପାରିବ ସେଥିପାଇଁ ପରିଷଦ ପକ୍ଷରୁ ବିଭିନ୍ନ ବ୍ୟବସ୍ଥା କରାଯାଇଛି। ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲାଗିଥିବାବେଳେ ୨୪ଘଣ୍ଟା ଏହା ଅନ୍ ହୋଇ ରହିବ। ପରୀକ୍ଷା କେନ୍ଦ୍ର ଭିତରକୁ ମୋବାଇଲ ଫୋନ୍ ଏବଂ ଅନ୍ୟାନ୍ୟ ବୈଦ୍ୟୁତିକ ଉପକରଣକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ପରୀକ୍ଷା କେନ୍ଦ୍ରରେ ପ୍ରବେଶ ପୂର୍ବରୁ ସମସ୍ତ ଅଧିକାରୀ, ଅବଜରଭର, ସ୍କ୍ୱାଡ୍ ମେମ୍ବର, ଜିଲା ପ୍ରଶାସନିକ ଅଧିକାରୀ ଏବଂ ଅନ୍ୟ କର୍ମଚାରୀମାନେ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ମୋବାଇଲ ଫୋନ ଦାଖଲ କରିବାକୁ କଡ଼ା ନିୟମ କରାଯାଇଛି। ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିବା ପୂର୍ବରୁ ଦୁଇଥର ଯାଞ୍ଚ କରାଯିବ। ଏହାସହ ପରୀକ୍ଷା ସରିବା ପରେ ଛାତ୍ରୀଛାତ୍ର ପ୍ରଶ୍ନପତ୍ର ସାଙ୍ଗରେ ନେଇପାରିବେ ନାହିଁ ବୋଲି ମଧ୍ୟ ନିୟମ କରାଯାଇଛି। ପରୀକ୍ଷା ଚାଲିଥିବା ସମୟରେ ପରୀକ୍ଷାର୍ଥୀମାନେ ପ୍ରଶ୍ନପତ୍ରରେ କୌଣସି ଚିହ୍ନ ନ ଦେବା ପାଇଁ ପରାମର୍ଶ ଦିଆଯାଇଛି। ଯଦି କୌଣସି ପରୀକ୍ଷାର୍ଥୀ ପରୀକ୍ଷା ସମୟରେ ନିଜ ପ୍ରଶ୍ନପତ୍ରରେ ଚିହ୍ନ ଦେଇଥିବେ, ତେବେ ସେ କପି କରୁଥିବା ଧରାଯିବ। ପ୍ରଶ୍ନପତ୍ରଗୁଡ଼ିକ ସକାଳ ୯ଟା ୩୦ରେ ସୁପରିଣ୍ଟେଣ୍ଡେଣ୍ଟ, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଓ ହବ୍ ଅବଜରଭରଙ୍କ ଉପସ୍ଥିତିରେ ଖୋଲାଯିବ। ଆଲଟମେଣ୍ଟ ଅନୁସାରେ ରୁମ୍ ଅନୁସାରେ ଭାଗ ଭାଗ କରାଯିବ। ତାକୁ ସିଲ୍‌ଡ କଭର ମାଧ୍ୟମରେ ପ୍ରତ୍ୟେକ ରୁମ୍‌ରେ ପହଞ୍ଚାଇବାକୁ ବ୍ୟବସ୍ଥା କରାଯିବ। ପୂର୍ବାହ୍ନ ୧୦ଟାରେ ପ୍ରଶ୍ନପତ୍ର ଦିଆଯିବ। ପ୍ରଶ୍ନପତ୍ର ବଳି ପଡ଼ିଲେ, ତାକୁ ସିଲ୍ କରି ରଖାଯିବ। ୧୦ଟା ୩୦ ପରେ କୌଣସି ପରୀକ୍ଷାର୍ଥୀଙ୍କୁ ପରୀକ୍ଷା ହଲ୍ ଭିତରକୁ ଛଡ଼ାଯିବ ନାହିଁ ବୋଲି ପରିଷଦ ପକ୍ଷରୁ କୁହାଯାଇଛି। ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପରିଷଦ ଅଧ୍ୟକ୍ଷ ଅମରେନ୍ଦ୍ର ପଟ୍ଟନାୟକ ଏହିସବୁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଚଳିତବର୍ଷ ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ଆସନ୍ତା ୩ ତାରିଖରୁ ଆରମ୍ଭ ହୋଇ ୨୮ ତାରିଖରେ ଶେଷ ହେବ। ମୋଟ୍ ୨୦ଟି ସିଟିଂରେ ପରୀକ୍ଷା ହେବ। ଏଥର ରାଜ୍ୟରେ ୧୧୪୩ ପରୀକ୍ଷା କେନ୍ଦ୍ରରେ ୩ଲକ୍ଷ ୫୦ହଜାର ୮୦୦ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଏଥିରେ କଳାରେ ୨ଲକ୍ଷ ୨୦ହଜାର ୪୩୭ ପରୀକ୍ଷାର୍ଥୀ ଥିବାବେଳେ ବିଜ୍ଞାନରେ ୯୭ହଜାର ୫୪୬, ବାଣିଜ୍ୟରେ ୨୫ହଜାର ୭୮୫ ଓ ଧନ୍ଦାମୂଳକରେ ୭ହଜାର ୩୨ଜଣ ପରୀକ୍ଷାର୍ଥୀ ଅଛନ୍ତି।







ଜାତୀୟ ପରୀକ୍ଷା ଏଜେନ୍ସି
ମୂଲ୍ୟାୟନରେ ଉତ୍କର୍ଷତା

(ଉଚ୍ଚଶିକ୍ଷା ବିଭାଗ, ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନରେ ଏକ ସ୍ୱୟଂଶାସିତ ସଂଗଠନ)

ଆଇସିଏଆର୍ ପ୍ରବେଶିକା ପରୀକ୍ଷା - ୨୦୨୦
[ଏଆଇଇଇଏ (ୟୁଜି), ଏଆଇଇଇଏ (ପିଜି) ଏବଂ ଏଆଇସିଇ-ଜେଆର୍‌ଏଫ୍/ଏସ୍‌ଆର୍‌ଏଫ୍ (ପିଏଚ୍.ଡି)]
ଜୁନ୍ - ୨୦୨୦

**ସର୍ବସାଧାରଣ ବିଜ୍ଞପ୍ତି**

ତାରିଖ: ୦୧।୦୩।୨୦୨୦

ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ (ଏମ୍‌ଏଚ୍‌ଆରଡି) ଦ୍ୱାରା **ଜାତୀୟ ପରୀକ୍ଷା ଏଜେନ୍ସି** (ଏନ୍‌ଟିଏ)କୁ ଏକ ସ୍ୱାଧୀନ ସ୍ୱୟଂଶାସିତ, ଆତ୍ମ-ନିର୍ଭରଶୀଳ ଏବଂ ଆତ୍ମ-ପୋଷିତ ପ୍ରମୁଖ ପରୀକ୍ଷା ସଙ୍ଗଠନ ଭାବେ ପ୍ରତିଷ୍ଠା କରାଯାଇଛି। **ଆଇସିଏଆର୍ ପ୍ରବେଶିକା ପରୀକ୍ଷା [ଏଆଇଇଇଏ (ୟୁଜି), ଏଆଇଇଇଏ (ପିଜି) ଏବଂ ଏଆଇସିଇ-ଜେଆର୍‌ଏଫ୍/ଏସ୍‌ଆର୍‌ଏଫ୍ (ପିଏଚ୍.ଡି)]-୨୦୨୦** ସଞ୍ଚାଳନ ପାଇଁ ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର୍) ଦ୍ୱାରା ଏନ୍‌ଟିଏ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି।

ଏନ୍‌ଟିଏ ୦୧ ଜୁନ୍, ୨୦୨୦ ଦିନ ଆଇସିଏଆର୍ ପ୍ରବେଶିକା ପରୀକ୍ଷା **[ଏଆଇଇଇଏ (ୟୁଜି), ଏଆଇଇଇଏ (ପିଜି) ଏବଂ ଏଆଇସିଇ-ଜେଆର୍‌ଏଫ୍/ଏସ୍‌ଆର୍‌ଏଫ୍ (ପିଏଚ୍.ଡି)]-୨୦୨୦** ସଞ୍ଚାଳନ କରିବ। ପରୀକ୍ଷା ନିମ୍ନ ଅନୁଯାୟୀ ଏକକ ପ୍ରଶ୍ନପତ୍ର ସମ୍ବଳିତ ହେବ:

| ପରୀକ୍ଷା | ସର୍ବାଧିକ ମାର୍କ | ପ୍ରଶ୍ନାବଳୀ ସଂଖ୍ୟା (ସବୁ ପ୍ରଶ୍ନ ବାଧ୍ୟତାମୂଳକ) | ଅବଧି |
|---|---|---|---|
| ଆଇସିଏଆର୍ ଏଆଇଇଇଏ (ୟୁଜି)-୨୦୨୦ | ୬୦୦ | ୧୫୦ (ପ୍ରତ୍ୟେକ ବିଷୟରେ ୫୦) | ୦୨ ୧/୨ ଘଣ୍ଟା (୧୫୦ ମିନିଟ୍) |
| ଆଇସିଏଆର୍ ଏଆଇଇଇଏ (ପିଜି)-୨୦୨୦ | ୪୮୦ | ୧୨୦ | ୦୨ ଘଣ୍ଟା (୧୨୦ ମିନିଟ୍) |
| ଆଇସିଏଆର୍ ଏଆଇସିଇ-ଜେଆର୍‌ଏଫ୍/ଏସ୍‌ଆର୍‌ଏଫ୍ (ପିଏଚ୍.ଡି)-୨୦୨୦ | ୪୮୦ | ୧୨୦ (ଭାଗ କ-୨୦)+(ଭାଗ ଖ-୫୦)+(ଭାଗ ଗ-୫୦)* | ୦୨ ଘଣ୍ଟା (୧୨୦ ମିନିଟ୍) |

*{ଏଆଇସିଇ ଜେଆର୍‌ଏଫ୍/ଏସ୍‌ଆର୍‌ଏଫ୍ (ପିଏଚ୍.ଡି)ର ସଂଶୋଧିତ ଯୋଜନା ପାଇଁ ପ୍ରାର୍ଥୀମାନଙ୍କୁ http://icar.org.in/node/13680 ପରିଦର୍ଶନ କରିବା ପାଇଁ ପରାମର୍ଶ ଦିଆଯାଉଛି}

ପରୀକ୍ଷା କେବଳ **କମ୍ପ୍ୟୁଟର ଭିତ୍ତିକ ପରୀକ୍ଷା (ସିବିଟି)** ପଦ୍ଧତିରେ ସଞ୍ଚାଳନ କରାଯିବ।

ଉପରଦର୍ଶିତ ପରୀକ୍ଷାରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ପ୍ରାର୍ଥୀମାନେ ଆଇସିଏଆର୍ ପ୍ରବେଶିକା ପରୀକ୍ଷା-୨୦୨୦ର ବିସ୍ତୃତ ସୂଚନା ବୁଲେଟିନ୍ ଦେଖିପାରନ୍ତି ଯାହା **୦୧ ମାର୍ଚ୍ଚ, ୨୦୨୦**ଠାରୁ ୱେବ୍‌ସାଇଟ୍ www.nta.ac.in ଏବଂ https://icar.nta.nic.inରେ ଉପଲବ୍ଧ ହେବ।

ପ୍ରାର୍ଥୀମାନଙ୍କୁ **୦୧ ମାର୍ଚ୍ଚ ୨୦୨୦-୩୧ ମାର୍ଚ୍ଚ ୨୦୨୦ (ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ)** ମଧ୍ୟରେ ଅନ୍‌ଲାଇନ୍‌ରେ ଆବେଦନ କରିବାକୁ ହେବ। ଦେୟଗୁଡ଼ିକ ଅନ୍‌ଲାଇନ୍‌ରେ **୩୧ ମାର୍ଚ୍ଚ ୨୦୨୦ (ରାତ୍ରି ୧୧.୫୦ ଘଟିକା)** ପର୍ଯ୍ୟନ୍ତ ପୈଠ କରାଯାଇପାରିବ।

**ଯୋଗାଯୋଗ ଠିକଣା:**
ବ୍ଲକ୍ ସି-୨୦, ୧ଏ/୮, ସେକ୍ଟର ୬୨, ଆଇଆଇଟିକେ ଆଉଟ୍‌ରିଚ୍ ସେଣ୍ଟର,
ଗୌତମ ବୁଦ୍ଧ ନଗର, ନୋଏଡା-୨୦୧୩୦୯, ଉତ୍ତରପ୍ରଦେଶ (ଭାରତ)

**ବରିଷ୍ଠ ନିର୍ଦ୍ଦେଶକ, ଏନ୍‌ଟିଏ**

davp 21354/11/0017/1920

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧ ମାର୍ଚ୍ଚ, ୨୦୨୦




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଆରାଧ୍ୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୬୯୨୩ କୋଟି ଟଙ୍କାର ପୁଞ୍ଜିନିବେଶକୁ ଅନୁମୋଦନ

ଭୁବନେଶ୍ୱର,୨୯।୨(ବ୍ୟୁରୋ)

ରାଜ୍ୟ ସରକାର ୬୯୨୩.୨୬ କୋଟି ଟଙ୍କାର ପୁଞ୍ଜିନିବେଶକୁ ଶନିବାର ଅନୁମୋଦନ କରିଛନ୍ତି। ୩ ପ୍ରକଳ୍ପ ମାଧ୍ୟମରେ ଏହି ନିବେଶ ଦ୍ୱାରା ୪୬୩୮ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବାର ଲକ୍ଷ୍ୟ ରଖାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଖାରବେଳ ଭବନରେ ବସିଥିବା ୨୨ତମ ଉଚ୍ଚସ୍ତରୀୟ କ୍ଲିଅରାନ୍ସ ଅଥରିଟି ବୈଠକରେ ଏହାକୁ ଅନୁମୋଦନ କରିଛି। ଏହି କମିଟି ତ୍ରିବେଣୀ ଆର୍ଥମୁଭର ପ୍ରାଃ ଲିଃର ବାର୍ଷିକ ୩୦ ମିଲିୟନ ଟନ୍ କ୍ଷମତା ବିଶିଷ୍ଟ ପ୍ଲାଣ୍ଟକୁ ମଞ୍ଜୁରୀ ଦେଇଛି। କେନ୍ଦୁଝର ଜିଲାର ଦେଓଝରଠାରେ ଦୁଇ ପର୍ଯ୍ୟାୟରେ ଏହାର ନିର୍ମାଣ କରାଯିବ। ଏହି ପ୍ରକଳ୍ପରେ ୧୪୨୬.୭୫ କୋଟି ଟଙ୍କାର ପୁଞ୍ଜିନିବେଶ ଦ୍ୱାରା ୮୮୪ଜଣଙ୍କୁ ନିଯୁକ୍ତି ଦେବାର ଲକ୍ଷ୍ୟ ରଖାଯାଇଛି। ଅନୁରୂପ ଭାବେ ଏହି କମ୍ପାନୀର ଭିତରଗଡ ସିଟିରେ ପେଲେଟ ପ୍ଲାଣ୍ଟକୁ ମଧ୍ୟ ସମ୍ପ୍ରସାରଣ କରାଯିବ। ୩ ପର୍ଯ୍ୟାୟରେ ବାର୍ଷିକ ୨୪ ମିଲିୟନ ଟନ୍ କ୍ଷମତା ବିଶିଷ୍ଟ ପ୍ଲାଣ୍ଟ ନିର୍ମିତ ହେବ। ଏହି ପ୍ରକଳ୍ପରେ ୩୩୯୬.୫୧ କୋଟି ଟଙ୍କା ନିବେଶରେ ଅତିରିକ୍ତ ୯୫୪ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବ। ଅନୁରୂପ ଭାବେ ଓଡିଶା ମେଟାଲିକ୍ସ ପ୍ରାଃ ଲିଃରେ ବାର୍ଷିକ ୧.୨ ମିଲିୟନ ଟନ୍ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟ ସହ ୨୨୫ ମେଗାୱାଟ ସିପିପି କେନ୍ଦୁଝର ଜିଲାରେ ପ୍ରତିଷ୍ଠା ହେବ। ଏହି ପ୍ରକଳ୍ପରେ ୨୧୦୦ କୋଟି ଟଙ୍କାର ନିବେଶରେ ୨୮୦୦ ଲୋକଙ୍କ ପାଇଁ ନିଯୁକ୍ତି ସୃଷ୍ଟି ହେବ ଲକ୍ଷ୍ୟ ରଖାଯାଇଛି।

ପ୍ରଥମ ପୃଷ୍ଠାରୁ...

## ଆଜିଠୁ...

ଦିଆଯିବ ନାହିଁ। କଡାକଡି ଯାଞ୍ଚ କରିବାକୁ ସମସ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ପରିବହନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

ସମଗ୍ର ଦେଶରେ ଦିନକୁ ଦିନ ଦୁର୍ଘଟଣା ହାର ବଢିଚାଲିଛି। ଓଡ଼ିଶାରେ ସର୍ବାଧିକ ଦୁର୍ଘଟଣା ଘଟୁଛି। ଏଥିରେ ବହୁ ଧନଜୀବନ ନଷ୍ଟ ହେଉଛି। ମିଳିଥିବା ସୂଚନା ଅନୁଯାୟୀ ଗତ ୧୦ବର୍ଷ ମଧ୍ୟରେ ଓଡ଼ିଶାରେ ସମୁଦାୟ ୧ ଲକ୍ଷ ୧ ହଜାର ୩୯୫ ସଡକ ଦୁର୍ଘଟଣାରେ ୪୩ ହଜାର ୩୭୧ ଜଣଙ୍କର ଜୀବନ ଯାଇଥିବା ବେଳେ ୧ ଲକ୍ଷ ୧୨ ହଜାର ୫୩୮ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ବଢୁଥିବା ଦୁର୍ଘଟଣାକୁ ନେଇ ସୁପ୍ରିମକୋର୍ଟ ଘୋର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏ ନେଇ ପଦକ୍ଷେପ ନେବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବେପରୁଆ ଗାଡି ଚାଳକଙ୍କ ଉପରେ ଅଙ୍କୁଶ ଲଗାଇବାକୁ କେନ୍ଦ୍ର ସରକାର ପୁରୁଣା ଆଇନକୁ ସଂଶୋଧନ କରି ଜରିମାନା ରାଶିକୁ ବହୁଗୁଣିତ କରିଛନ୍ତି। ଏହାଛଡା ପ୍ରତ୍ୟେକ ବର୍ଷ ୧୦ ପ୍ରତିଶତ ଦୁର୍ଘଟଣା ହ୍ରାସ କରିବା ପାଇଁ ପଦକ୍ଷେପ ନେବାକୁ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ତାଗିଦ୍ କରିଛନ୍ତି। ହେଲେ ସରକାର ଦୁର୍ଘଟଣା ହାର କମାଇବାରେ ବିଫଳ ହୋଇଛନ୍ତି। ପରିବହନ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ୨୦୧୭ ଠାରୁ ୨୦୧୮ରେ ଦୁର୍ଘଟଣା ହାର ୧୦.୯୬ ପ୍ରତିଶତ ଅଧିକ ରହିଥିବା ବେଳେ ୨୦୧୯ରେ ୨୦୧୮ ତୁଳନାରେ ୦.୩୪ ପ୍ରତିଶତ ଅଧିକ ରହିଛି। କେବଳ ଗତ ୩ ବର୍ଷ ୨୦୧୭ ଠାରୁ ୨୦୧୯ ମଧ୍ୟରେ ରାଜ୍ୟରେ ସଡକ ଦୁର୍ଘଟଣାରେ ୧୫ ହଜାର ୪୩୮ ଜଣଙ୍କର ମୃତ୍ୟୁ ହୋଇଛି। ୨୦୧୭ରେ ୪୭୯୦ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୦୧୮ରେ ୫୩୧୫ ଏବଂ ୨୦୧୯ରେ ୫୩୩୩ ଜଣଙ୍କର ଜୀବନ ଚାଲିଯାଇଛି। ଦୁର୍ଘଟଣା ମୁଖ୍ୟତଃ ବେପରୁଆ ଗାଡି ଚାଳନା ଓ ମଦ୍ୟପାନ ଯୋଗୁ ହୋଇଥିବା କୁହାଯାଉଛି। ଏହାକୁ ରୋକିବାକୁ ସଂଶୋଧିତ ମୋଟର ଯାନ ଆଇନକୁ ରାଜ୍ୟରେ କଡାକଡି ଲାଗୁ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି।

ସୂଚନାଯୋଗ୍ୟ ଯେ ୨୦୧୯ ସେପ୍ଟେମ୍ବର ପହିଲାରୁ ରାଜ୍ୟରେ ସଂଶୋଧିତ ମୋଟର ଯାନ ଆଇନ ଲାଗୁ କରାଯାଇଛି। ଏହି ଆଇନ କାର୍ଯ୍ୟକାରୀ ହେବା ଦିନଠାରୁ ୨୦୨୦ ଜାନୁୟାରୀ ୩୧ ତାରିଖ ମଧ୍ୟରେ ବେପରୁଆ ଗାଡିଚାଳକ ଓ ବିନା କାଗଜପତ୍ରରେ ଚାଲୁଥିବା ଯାନବାହନଗୁଡିକରୁ ୩୮ କୋଟି ୬୭ ଲକ୍ଷ ୨୫ ହଜାର ଟଙ୍କା ଆଦାୟ ହୋଇଛି। ଏହି ସମୟ ମଧ୍ୟରେ ୪ ଲକ୍ଷ ୧୩ ହଜାର ୯୯୪ ଜଣଙ୍କ ମଧ୍ୟରୁ ୨,୮୭,୯୩୨ ଜଣଙ୍କୁ ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ କରାଯାଇଛି।

## ସୂର୍ଯ୍ୟମନ୍ଦିରରୁ...

କୋଣାର୍କ ଯାତ୍ରୀନିବାସ ସମ୍ମିଳନୀ କକ୍ଷରେ ଆୟୋଜିତ କର୍ମଶାଳାରେ ଅନେକ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ବିଶେଷକରି ସୂର୍ଯ୍ୟମନ୍ଦିର ଗର୍ଭଗୃହରେ ଯେତିକି ବାଲି ଦବିଛି ସେତିକି ବାଲି ଭର୍ତ୍ତି କରିବାକୁ ପ୍ରସ୍ତାବ ଆସିଥିଲା। କିନ୍ତୁ ତାହାକୁ ବିଶେଷଜ୍ଞମାନେ ଗ୍ରହଣ କରି ନ ଥିଲେ। କାରଣ ବାଲି ପୁଣି ଭର୍ତ୍ତି କରିବା ଦ୍ୱାରା ସୂର୍ଯ୍ୟମନ୍ଦିରକୁ ଅତିବେଶିରେ ୧୦୦ ବର୍ଷ ସୁରକ୍ଷିତ ରଖାଯାଇପାରିବ। କିନ୍ତୁ ବାଲି କାଢ଼ି ଭିତର ଅଂଶକୁ ଆଧୁନିକ ଜ୍ଞାନକୌଶଳରେ ସଜଡ଼ାଗଲେ ୫୦୦ ବର୍ଷ ପର୍ଯ୍ୟନ୍ତ ଏହି ବିଶ୍ୱ ଐତିହ୍ୟକୁ ସୁରକ୍ଷିତ କରାଯାଇପାରିବ ବୋଲି ଆଲୋଚନା ହୋଇଥିଲା। ଅନ୍ୟପକ୍ଷରେ ଉପଯୁକ୍ତ ବ୍ୟବସ୍ଥା ଓ ସତର୍କତା ଅନୁଯାୟୀ ବାଲି କଢ଼ା ନ ଗଲେ ସୂର୍ଯ୍ୟମନ୍ଦିର ପ୍ରତି ବିପଦ ସୃଷ୍ଟି ହେବ ବୋଲି ପଦ୍ମଶ୍ରୀ ଜି.ସି. ମିତ୍ର କହିଥିଲେ।

କର୍ମଶାଳାର ଉଦ୍‌ଯାପନୀ ସମାରୋହରେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, କୋଣାର୍କ ସୂର୍ଯ୍ୟମନ୍ଦିରରୁ ବିଚ୍ଛୁରିତ ହୋଇ ପଡ଼ିଥିବା ପ୍ରସ୍ତରଗୁଡିକ ନମ୍ବରିଂ କରାଯାଇ ସଂରକ୍ଷିତ ରଖାଯିବ। ଏଥିସହ ମନ୍ଦିରର କଳାକୃତିକୁ ଉଜ୍ଜୀବିତ ରଖିବା ପାଇଁ ଏହାର ସଂରକ୍ଷଣ ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ। କର୍ମଶାଳାରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ)ର ମୁଖ୍ୟ ପରାମର୍ଶଦାତା ଆର୍. ବାଲକ୍ରିଷ୍ଣନ୍ ବିଶ୍ୱର ଅନ୍ୟାନ୍ୟ କଳାକୃତିର ଉଦାହରଣ ଦେଇ ଐତିହ୍ୟର ରକ୍ଷଣାବେକ୍ଷଣ ପାଇଁ ରାଜ୍ୟ ସରକାର ସବୁ ପ୍ରକାର ସହଯୋଗ କରିବେ ବୋଲି କହିଥିଲେ। କର୍ମଶାଳାରେ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ୍ କ୍ୟୁରି ଏନ.କେ. ମହାନ୍ତି, ଚେନ୍ନାଇ ଆଇଆଇଟିର ବିଶେଷଜ୍ଞ, ସିବିଆର୍‌ଆଇର ପ୍ରତିନିଧି ଦଳଙ୍କ ସମେତ ବହୁ ବିଶେଷଜ୍ଞ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ 'ଅନଟୋଲ୍ଡ ଷ୍ଟୋରି ଅଫ୍ କୋଣାର୍କ' ସମ୍ପର୍କିତ ଏକ ପୁସ୍ତକ ଉନ୍ମୋଚନ କରିଥିଲେ। ଆଗାମୀ ଦିନରେ ସୂର୍ଯ୍ୟମନ୍ଦିରରୁ ବାଲି କାଢିବା, ସଂରକ୍ଷଣ ଓ ରକ୍ଷଣାବେକ୍ଷଣ ପାଇଁ ବିଶେଷଜ୍ଞ କମିଟି ଦେଇଥିବା ରିପୋର୍ଟକୁ ଗୁରୁତ୍ୱ ଦିଆଯାଉଛି ନା ଚାପି ଦିଆଯାଉଛି ତାହା ସମୟ କହିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି । ଏହି ପରିପ୍ରେକ୍ଷୀରେ କୋଣାର୍କ ସୁରକ୍ଷା ସମିତି ପକ୍ଷରୁ ସଭାପତି ବାଦଲ ଦାଶ, ସମ୍ପାଦକ ରାମକୃଷ୍ଣ ମହାନ୍ତି ଓ ଆବାହକ ଭାଗୀରଥି ସ୍ୱାଇଁ କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କୁ ଭେଟି ସୂର୍ଯ୍ୟମନ୍ଦିରର ସଂରକ୍ଷଣ ଓ ରକ୍ଷଣାବେକ୍ଷଣ ନିମନ୍ତେ ଏକ ଦାବିପତ୍ର ପ୍ରଦାନ କରିଥିଲେ।



କୋଣାର୍କଠାରେ ଶନିବାର ଜାତୀୟ କର୍ମଶାଳାର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲ ଓ ଅନ୍ୟ ଅତିଥି 'ଅନଟୋଲ୍ଡ ଷ୍ଟୋରି ଅଫ୍ କୋଣାର୍କ' ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ସମ୍ ଅଲ୍ଟିମେଟ୍ ମେଡିକେୟାର ଲୋକାର୍ପିତ



ସମ୍ ଅଲ୍ଟିମେଟ୍ ମେଡିକେୟାର ଲୋକାର୍ପଣ ଉତ୍ସବରେ ମଞ୍ଚାସୀନ (ବାମରୁ) ସିଇଓ ଡା. ଶ୍ୱେତପଦ୍ମା ଦାଶ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ସୋଆର ସଭାପତି ପ୍ରଫେସର ଡ. ମନୋଜରଞ୍ଜନ ନାୟକ।

ଭୁବନେଶ୍ୱର, ୨୯।୨(ବ୍ୟୁରୋ)

ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ (ସୋଆ) ଦ୍ୱାରା ଶନିବାର ଅତ୍ୟାଧୁନିକ ସମ୍ ଅଲ୍ଟିମେଟ୍ ମେଡିକେୟାର(ସମ୍ମମ୍) ଲୋକାର୍ପିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ନବୀନ ପଟ୍ଟନାୟକ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ହସ୍ପିଟାଲକୁ ଲୋକାର୍ପିତ କରିଥିଲେ। ମୁଖ୍ୟମନ୍ତ୍ରୀ ସୋଆର ନୂତନ ପଦକ୍ଷେପକୁ ପ୍ରଶଂସା କରିବା ସହ ଏହି ହସ୍ପିଟାଲ ଓଡ଼ିଶା ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା କ୍ଷେତ୍ରରେ ଏକ ବିଶେଷ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହା କହିଥିଲେ ଯେ, ଦେଶରେ ସମସ୍ତଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ଲାଗି ସରକାରୀ ଭିତ୍ତିଭୂମି ପର୍ଯ୍ୟାପ୍ତ ନୁହେଁ। ଏ କ୍ଷେତ୍ରରେ ଘରୋଇ ଉଦ୍ୟୋଗୀମାନଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା କ୍ଷେତ୍ରରେ ବେସରକାରୀ ଅନୁଷ୍ଠାନଗୁଡ଼ିକର ସହଯୋଗର ଆବଶ୍ୟକତା ରହିଛି ବୋଲି ଶାହା କହିଥିଲେ। ଅନ୍ୟତମ ଅତିଥି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ ଯେ, ଏହି ହସ୍ପିଟାଲ ପୂର୍ବ ଭାରତର ଅନ୍ୟତମ ବୃହତ ହସ୍ପିଟାଲରେ ପରିଣତ ହେବ। ଏହି ଅବସରରେ ସେ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ୍ ଭାରତ ଯୋଜନାକୁ ରାଜ୍ୟରେ ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଥିଲେ। ସମ୍ମମର ସିଇଓ ଡା. ଶ୍ୱେତପଦ୍ମା ଦାଶ କହିଥିଲେ ଯେ, ଏହି ହସ୍ପିଟାଲରେ ଡାକ୍ତରୀ ଶିକ୍ଷା ଏବଂ ଗବେଷଣା ଉପରେ ଗୁରୁତ୍ୱ ଦିଆଯିବ। ସମ୍ମମ୍ ଏଭଳି ଏକ ପ୍ଲାଟଫର୍ମ ହେବ, ଯେଉଁଠାରେ ଆମେ ସମାଜର ସମସ୍ତ ବର୍ଗଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇପାରିବୁ। ଏହି ଆଶା ଓ ଆବେଗକୁ ପାଥେୟ କରି ଆମେ ରୋଗୀଙ୍କୁ ଉତ୍ତମଧରଣର ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ଉଦ୍ୟମ କରିବୁ ବୋଲି ସିଇଓ କହିଛନ୍ତି। ଲୋକାର୍ପଣ ଉତ୍ସବରେ ସୋଆ ସଭାପତି ପ୍ରଫେସର ଡ. ମନୋଜରଞ୍ଜନ ନାୟକ ଉପସ୍ଥିତ ରହି ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

'ସମ୍ମମ୍'ରେ ୧୪ଟି ମଡ୍ୟୁଲାର ଓଟି ସହିତ ଟ୍ରମା ଆଇସିୟୁ ତଥା ଆନ୍ତର୍ଜାତିକ ଜ୍ଞାନକୌଶଳ ପର୍ଯ୍ୟବସିତ ପେଟ୍ ସିଟି ସ୍କାନ୍, ଥ୍ରୀ ଟେଲସା ଏମଆରଆଇ ଏବଂ ଏଚଡିଆର୍ ବ୍ରାଭୋସ୍ ବ୍ରାକିଥେରାପି ଭଳି ଅତ୍ୟାଧୁନିକ କ୍ୟାନ୍ସର ଚିକିତ୍ସାର ବ୍ୟବସ୍ଥା କରାଯାଇଛି। ପ୍ରାୟ ୩୦ଟି ସ୍ପେଶିଆଲିଟି କ୍ଷେତ୍ରରେ ଚିକିତ୍ସା ଯୋଗାଇ ଦେବା ନିମନ୍ତେ ବ୍ୟବସ୍ଥା ରହିଛି।

- ସ୍ୱାସ୍ଥ୍ୟସେବାରେ ଓଡ଼ିଶାବାସୀଙ୍କୁ ବିଶେଷ ସହାୟକ ହେବ: ମୁଖ୍ୟମନ୍ତ୍ରୀ
- ସ୍ୱାସ୍ଥ୍ୟ କ୍ଷେତ୍ରରେ ଘରୋଇ ଉଦ୍ୟୋଗୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି: ଅମିତ ଶାହା
- ରାଜ୍ୟରେ ଆୟୁଷ୍ମାନ୍ ଭାରତ ଯୋଜନା ଲାଗୁ ହେଉ: ଧର୍ମେନ୍ଦ୍ର ପ୍ରଧାନ



# ଦିଲ୍ଲୀ ଜଳୁଥିବା ବେଳେ ସିଏଏ ସପକ୍ଷ ରାଲି ଦୁର୍ଭାଗ୍ୟଜନକ: ସୁରେଶ

ଭୁବନେଶ୍ୱର,୨୯।୨(ବ୍ୟୁରୋ)

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଥିବାବେଳେ ରାଜଧାନୀ ଭୁବନେଶ୍ୱରରେ ଭାଜପା ପକ୍ଷରୁ ଆୟୋଜିତ ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ) ସପକ୍ଷ ରାଲିରେ ଉଦ୍‌ବୋଧନ ଦେଇଥିଲା। ଶାହା ନିଜର ୧୬ ମିନିଟ୍‌ର ବକ୍ତବ୍ୟରେ ବିରୋଧୀ କଂଗ୍ରେସକୁ ସର୍ବାଧିକ ଟାର୍ଗେଟ କରିଥିଲେ। ସିଏଏ ବିରୋଧରେ ଜନତାଙ୍କୁ କଂଗ୍ରେସ ମତାଇ ହିଂସାକାଣ୍ଡ ସୃଷ୍ଟି କରୁଥିବା କହିଥିଲେ। ସେହିପରି କଂଗ୍ରେସ ଶାସନ ସମୟ ତୁଳନାରେ ବର୍ତ୍ତମାନ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଓଡ଼ିଶାକୁ ଅଧିକ ଅର୍ଥ ଦେଉଥିବା କହିଥିଲେ। ଶାହାଙ୍କ ଏପରି ବକ୍ତବ୍ୟକୁ ନେଇ ପ୍ରଦେଶ କଂଗ୍ରେସ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି।

ବରିଷ୍ଠ କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ କଂଗ୍ରେସ ଭବନରେ ଖବରଦାତା ସମ୍ମିଳନୀ କରି ଭାଜପାକୁ ଟାର୍ଗେଟ କରିଛନ୍ତି। ସୁରେଶ କହିଛନ୍ତି ଯେ, ଅମିତ ଶାହା ଦେଶରେ ଗୁଜରାଟ ମଡେଲ ଦଙ୍ଗା କରାଇବା ପାଇଁ ଷଡ଼ଯନ୍ତ୍ର କରୁଛନ୍ତି। ଭାରତର ରାଜଧାନୀ ଦିଲ୍ଲୀ ଜଳୁଥିବା ବେଳେ ଶାହା ଆସି ଓଡ଼ିଶାରେ ସିଏଏ ସମର୍ଥନରେ ରାଲି କରିବା ଦୁର୍ଭାଗ୍ୟଜନକ। ଯେଉଁ ସମୟରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ଦିଲ୍ଲୀ ହାଇକୋର୍ଟ ଓ ସୁପ୍ରିମକୋର୍ଟ ଭର୍ତ୍ସନା କରିଛନ୍ତି, ସେ ସମୟରେ ଦିଲ୍ଲୀର ଦଙ୍ଗା ପୀଡିତଙ୍କ ସମସ୍ୟା ନ ବୁଝି ଓଡ଼ିଶା ଆସି ସିଏଏ ବିଷୟରେ ବୁଝାଇବା କେତେଦୂର ସମୀଚୀନ ବୋଲି ସୁରେଶ ପ୍ରଶ୍ନ କରିଛନ୍ତି। ସେହିଭଳି ପୂର୍ବତନ ଆରବିଆଇ ଗଭର୍ନର ରଘୁରାମ ରାଜନ, ନୋବେଲ ପୁରସ୍କାର ବିଜେତା ଅର୍ଥନୀତିଜ୍ଞ ଅଭିଜିତ୍ ବାନାର୍ଜୀ ଭାରତର ଅର୍ଥନୀତି ଭୁଶୁଡ଼ି ପଡ଼ିଛି ବୋଲି ମତ ଦେଇସାରିଲେଣି। ହେଲେ କେନ୍ଦ୍ର ସରକାର ଏହାକୁ ସ୍ୱୀକାର କରୁନାହାନ୍ତି। ବିଜେଡି ସହ ଭାଗୁଆଳି ଭାବେ ଶାସନ କରିବା ସମୟରେ ହିଁ କନ୍ଧମାଳରେ ଭୟାନକ ଦଙ୍ଗା ହୋଇଥିଲା। ଭାରତୀୟ ସେନା ପାଇଁ ଭାଜପା ସରକାରର ଅସଲ ମନୋଭାବ ପଦାରେ ପଡ଼ିଯାଇଛି। ସୀମାରେ ଜଗିଥିବା ଯବାନମାନଙ୍କୁ ଉପଯୁକ୍ତ ଖାଦ୍ୟ, ପୋଷାକ ଓ ଜୋତା ଦିଆଯାଉ ନାହିଁ ବୋଲି ସିଏଜି ରିପୋର୍ଟରେ ଉଲ୍ଲେଖ କରାଯାଇଛି। କଂଗ୍ରେସ ପ୍ରାକ୍ ସ୍ୱାଧୀନତା କାଳରୁ ଦେଶବାସୀଙ୍କ ସହ ରହିଆସିଥିବାବେଳେ ଭାଜପାର ମୂଳ ସଂଗଠନ ଆରଏସ୍‌ଏସ୍ ବ୍ରିଟିଶ ସରକାରର ଗୋଲାମଗିରି କରୁଥିଲା। ଆଜିର ବିକଶିତ ଭାରତ କେବଳ କଂଗ୍ରେସ ସରକାରର ସୁଶାସନର ପ୍ରତିଫଳନ। ସେହିପରି ଆଗକୁ ରାଜ୍ୟ ସଭା ନିର୍ବାଚନ ଆସୁଛି। ପୂର୍ବଥର ଭଳି ବିଜେଡି-ଭାଜପା ଏକ ହୋଇ କୌଣସି ପ୍ରାର୍ଥୀଙ୍କୁ ଯେ ନ ପଠାଇବେ, ସେ କଥା କିଏ କହିବ ବୋଲି ସୁରେଶ କହିଥିଲେ।

ଅପରପକ୍ଷରେ ଭାଜପା ପକ୍ଷରୁ ପୃଥ୍ୱୀରାଜ ହରିଚନ୍ଦନ କଂଗ୍ରେସର ଆରୋପକୁ ଖଣ୍ଡନ କରିଛନ୍ତି। ପୃଥ୍ୱୀରାଜ କହିଛନ୍ତି ଯେ, କଂଗ୍ରେସ ଦେଶ ଏବଂ ରାଜ୍ୟରେ ନିଜ ସ୍ଥିତି ହରାଇଛି। ଭାଜପା ଦେଶକୁ ପ୍ରଗତିପଥରେ ନେଉଛି। ତେଣୁ ଜନତାଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇଥିବା ଦଳର କୌଣସି କଥାକୁ ଗୁରୁତ୍ୱ ଦିଆଯିବା ଆବଶ୍ୟକ ନାହିଁ।



ଖବରଦାତା ସମ୍ମିଳନୀରେ ବିଧାୟକ ସୁରେଶ ରାଉତରାୟ ଓ ଅନ୍ୟ କଂଗ୍ରେସ ନେତା।

# ୪୭ ହଜାର କୋଟି ଲାଞ୍ଚ ଦେଉଛନ୍ତି ଟ୍ରକ୍ ଡ୍ରାଇଭର

ନୂଆଦିଲ୍ଲୀ, ୨୯।୨

ଦୁର୍ନୀତି ପାଇଁ ଦୁର୍ନାମ ମୁଣ୍ଡାଇଛି ଭାରତ। ଲାଞ୍ଚ କାରବାର ଓ ଆର୍ଥିକ ଅନିୟମିତତା ଭଳି ଘଟଣା ଦେଶର ପ୍ରଶାସନିକ ବ୍ୟବସ୍ଥାକୁ ପଙ୍ଗୁ କରିସାରିଲାଣି। ଲାଞ୍ଚର ଇନ୍ଦ୍ରଜାଲରୁ ବର୍ତ୍ତିପାରିନି ଭାରତୀୟ ପରିବହନ ବ୍ୟବସ୍ଥା। ନିକଟରେ 'ସେଭ୍ ଲାଇଫ୍ ଫାଉଣ୍ଡେଶନ' ପକ୍ଷରୁ କରାଯାଇଥିବା ଏକ ସର୍ଭେରେ ଏପରି ତଥ୍ୟ ସାମ୍ନାକୁ ଆସିଛି। ଦେଶର ଟ୍ରକ୍ ଚାଳକମାନେ ବାର୍ଷିକ ୪୭ ହଜାର କୋଟି ଟଙ୍କା ଲାଞ୍ଚ ଦେଉଛନ୍ତି। ଏତେ ବଡ଼ ପରିମାଣର ଲାଞ୍ଚ କାରବାରରେ ପୋଲିସ, ଟ୍ରାଫିକ୍ ପୋଲିସ, ଟାକ୍ସ ଅଫିସର, ଆର୍‌ଟିଓର କର୍ମଚାରୀଙ୍କ ସମ୍ପୃକ୍ତି ରହିଛି। କେବଳ ପୂଜା ଚାନ୍ଦା ବାବଦରେ ଟ୍ରକ୍ ଡ୍ରାଇଭରଙ୍କଠାରୁ ପାଖାପାଖି ୬ ହଜାର କୋଟି ଟଙ୍କା ଆଦାୟ କରାଯାଉଥିବା ସର୍ଭେରେ କୁହାଯାଇଛି।

ଟ୍ରକ୍ ଚାଳକଙ୍କ ଜୀବନ ବେଶ୍ ସଂଘର୍ଷପୂର୍ଣ୍ଣ। ଠିକଣା ସ୍ଥାନରେ ନିର୍ଦ୍ଧାରିତ ସମୟରେ ସାମଗ୍ରୀ ପହଞ୍ଚାଇବା ଲାଗି ସେମାନେ ନିଜ ଜୀବନକୁ ବିପଦ ମୁହଁକୁ ଠେଲି ଦେଇଥାନ୍ତି। ମାନସିକ ଚାପ, ରାତି ଅନିଦ୍ରା ରହିବା ସେମାନଙ୍କ ସ୍ୱାଭାବିକ ଜୀବନକୁ ପ୍ରଭାବିତ କରିଥାଏ। କ୍ଳାନ୍ତି ଦୂର କରିବାକୁ ସେମାନେ ଡ୍ରଗ୍ସ, ନିଶା ଜାଲରେ ଛନ୍ଦି ହୋଇପଡୁଛନ୍ତି। ଏହି କାରଣରୁ ପ୍ରତି ୫ ଡ୍ରାଇଭରଙ୍କ ମଧ୍ୟରୁ ଜଣେ ନିଶାଗ୍ରସ୍ତ। ଏପରି ନିଶା ସେବନ କେବଳ ସେମାନଙ୍କ ବ୍ୟକ୍ତିଗତ ଜୀବନକୁ ପ୍ରଭାବିତ କରୁଛି ତାହା ନୁହେଁ, ଏହାଦ୍ୱାରା ସେମାନେ ନିଜର ଜାଣତ ଅଜାଣତରେ ଅନ୍ୟମାନଙ୍କୁ ମୃତ୍ୟୁମୁଖକୁ ଠେଲି ଦେଉଛନ୍ତି। ନିଶାସେବନ କରି ଗାଡ଼ିଚାଳନା ଯୋଗୁ ବାର୍ଷିକ ୫୭ ହଜାର ଦୁର୍ଘଟଣା ଘଟୁଛି। ଏଥିରେ ୨୪ ହଜାର ଲୋକଙ୍କ ଜୀବନ ଯାଉଛି। ଏହାସହ ୫୦ ହଜାରରୁ ଉର୍ଦ୍ଧ୍ୱ ଗୁରୁତର ହେଉଛନ୍ତି।

ଦିଲ୍ଲୀ-ଏନ୍‌ସିଆର୍, ଜୟପୁର, ଅହମଦାବାଦ, ମୁମ୍ବାଇ, କାନପୁର, ବିଜୟୱାଡା, ଚେନ୍ନାଇ, ବାଙ୍ଗାଲୋର, ଗୁଆହାଟୀ ଏବଂ କୋଲକାତା ଭଳି ୧୦ ଟ୍ରାନ୍ସପୋର୍ଟ ହବ୍ ସହରକୁ ଏହି ସର୍ବେକ୍ଷଣରେ ସାମିଲ କରାଯାଇଥିଲା। ଏଥିସହ ୧୨୦୦ ଟ୍ରକ୍ ଡ୍ରାଇଭରଙ୍କ ମତାମତ ଲୋଡ଼ାଯାଇଥିଲା। ସେମାନଙ୍କ ମଧ୍ୟରୁ ୨୨% ଡ୍ରାଇଭର ଡ୍ରଗ୍ସ ନେଉଥିବା କଥା ସ୍ୱୀକାର କରିଥିଲେ। କେତେଜଣ ଡ୍ରାଇଭର କହିଛନ୍ତି, ସେମାନଙ୍କୁ ଦୈନିକ ହାରାହାରି ୧୨ ଘଣ୍ଟାରେ ୪୧୭ କି.ମି. ଯାତ୍ରା କରିବାକୁ ପଡ଼େ। ଠିକଣା ସମୟରେ ପହଞ୍ଚିବା ସେମାନଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ପାଲଟିଥାଏ। ନିଦ ଏବଂ ଥକ୍କାପଣ ଦୂରକରିବା ଲାଗି ସେମାନେ ବାଧ୍ୟହୋଇ ଡ୍ରଗ୍ସ ସେବନ କରିଥାନ୍ତି। ସେହିପରି ୧୦ରୁ ୯ଜଣ ଡ୍ରାଇଭର ଔପଚାରିକ ଟ୍ରେନିଂ ବିନା ଡାଇଭିଂ ଲାଇସେନ୍ସ ହାତେଇଥିବା ସ୍ୱୀକାର କରିଛନ୍ତି।

ଫାଉଣ୍ଡେଶନର ସିଇଓ ପୀୟୂଷ ତିୱାରୀ କହିଛନ୍ତି, ଟ୍ରକ୍ ଡ୍ରାଇଭରମାନେ ମାନସିକ ଦୁଶ୍ଚିନ୍ତାରେ କାଳ କାଟୁଛନ୍ତି। ନିଜ ପେସାରେ ଖୁସି ନାହାନ୍ତି। ୮୪% ଡ୍ରାଇଭର ସେମାନଙ୍କ ପିଲାଙ୍କୁ ଏହି ବୃତ୍ତିକୁ ଆଣିବାକୁ ଅନିଚ୍ଛା ପ୍ରକାଶ କରିଛନ୍ତି। ଅନ୍ୟପଟେ ଏ ନେଇ କେନ୍ଦ୍ର ପରିବହନ ରାଷ୍ଟ୍ରମନ୍ତ୍ରୀ ଜେନେରାଲ ଭି.କେ. ସିଂ କହିଛନ୍ତି, ସଡ଼କ ଦୁର୍ଘଟଣା ହ୍ରାସ କରିବା ଲାଗି ସରକାରୀସ୍ତରରେ ଲଗାତର ପ୍ରୟାସ ଜାରି ରହିଛି। ଫାଉଣ୍ଡେଶନର ରିପୋର୍ଟ ଏଥିରେ ସହାୟତା କରିବ ବୋଲି ମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।



# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ଆପଣଙ୍କ ରାଶିରେ ଶୁକ୍ରଙ୍କ ସହ ଚନ୍ଦ୍ରଙ୍କ ସଂଯୋଗରୁ ମନ ପ୍ରଫୁଲ୍ଲ ରହିବା ସହ ହସଖୁସିରେ ଦିନଟି ଅତିବାହିତ ହେବ। ସମ୍ପର୍କୀୟ ବନ୍ଧୁ ସାହାଯ୍ୟ କରିବେ। ଏହା ସାଙ୍ଗକୁ ସୁଖଭ୍ରମଣ ଯୋଗ ମଧ୍ୟ ରହିଛି। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇନେବେ। କର୍ମକ୍ଷେତ୍ରରେ ସମ୍ମାନଜନକ ସ୍ଥିତିରେ ରହିବା ସହ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ବୃଷ**
ବିଳାସକାରକ ଗ୍ରହଙ୍କ ଶୁଭ ସଂସ୍ଥାନରୁ ମନୋରଞ୍ଜନ ପ୍ରିୟ ହେବେ ଏବଂ ତତ୍ ସମ୍ପର୍କିତ ଉପକରଣ କ୍ରୟ କରିବେ। କର୍ମକ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବା ସାଙ୍ଗକୁ ଅର୍ଥଲାଭ ମଧ୍ୟ ହେବ। ରୁକ୍ଷ ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେବା ସହ ସନ୍ତାନ ହେତୁକ ଦ୍ୱନ୍ଦ୍ୱର ସମ୍ମୁଖୀନ ହେବେ। ବ୍ୟବସାୟିକ ସ୍ଥିତି ପୂର୍ବ ପରି ରହିବ।

**ମିଥୁନ**
ପ୍ରତ୍ୟେକ କ୍ଷେତ୍ରରେ ଶନିଙ୍କ ପ୍ରଭାବ କାମକୁ ବିଳମ୍ବ ଓ ସମସ୍ୟାବହୁଳ କରିବ। କିନ୍ତୁ ଏକାଦଶସ୍ଥ ଗ୍ରହ ଆପଣଙ୍କ ଆଶା ଓ ଅଭିଳାଷକୁ ପୂର୍ଣ୍ଣ କରିବାରେ ପଶ୍ଚାଦ୍‌ପଦ ହେବନାହିଁ। ବନ୍ଧୁମାନଙ୍କ ସହ ସାଧାରଣ କଥାକୁ କେନ୍ଦ୍ରକରି ମନାନ୍ତରର ଆଶଙ୍କା ରହିଛି। କଳା, କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**କର୍କଟ**
ପ୍ରତ୍ୟେକ ଦୃଷ୍ଟିକୋଣରୁ ଦିନଟି ବହୁତ ଭଲ, ଅବଶ୍ୟ ଖର୍ଚ୍ଚାନ୍ତ ହେଲେ ମଧ୍ୟ ସୁଯୋଗର ସଦୁପଯୋଗ କରିବାରେ ସଫଳ ହେବେ। କିନ୍ତୁ ଅଶ୍ଳେଷା ନକ୍ଷତ୍ର ମନକଥା ମନରେ ରଖିପାରିବେ ନାହିଁ, ଅନ୍ୟକୁ କହି ସମସ୍ୟାକୁ ଡାକି ଆଣିବେ। ପାରିବାରିକ କ୍ଷେତ୍ରରେ ସ୍ତ୍ରୀଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ବିଶେଷ ଭାବରେ ଉପକୃତ ହେବେ।

**ସିଂହ**
ପୂର୍ବ ପରିକଳ୍ପିତ କାର୍ଯ୍ୟାରମ୍ଭ କଲେ କୌଣସି ଅସୁବିଧା ହେବନାହିଁ। ତଥାପି ପ୍ରତ୍ୟେକ କ୍ଷେତ୍ରରେ ନୂତନ ପଦକ୍ଷେପ ନେବା ପୂର୍ବରୁ ଭଲ ଭାବରେ ଚିନ୍ତା କରିବା ଭଲ ହେବ। ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ବନ୍ଧୁମାନଙ୍କ ସାହାଯ୍ୟରେ ସଫଳତା ହାସଲ କରିବେ। ସ୍ଥଗିତ କାମ ସକାଶେ ଉପରିସ୍ଥଙ୍କୁ କୈଫିୟତ୍ ଦେବାକୁ ପଡ଼ିପାରେ।

**କନ୍ୟା**
ଧନ ସ୍ଥାନକୁ ଗ୍ରହଙ୍କ ଦୃଷ୍ଟି ଆପଣଙ୍କୁ ଅର୍ଥ ସାଙ୍ଗକୁ ମନ ଚାହୁଁଥିବା ସୁବିଧା ସୁଯୋଗ ମଧ୍ୟ ପ୍ରଦାନ କରିବ। ହସ୍ତା ନକ୍ଷତ୍ର ଅସୁବିଧା କ୍ଷେତ୍ରରେ ନେତୃ ସ୍ଥାନୀୟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଉପକୃତ ହେବେ। ପାରିବାରିକ କ୍ଷେତ୍ରରେ ରହିଥିବା ସମସ୍ୟା ସମାଧାନ ହୋଇଯିବ। ଅସ୍ଥିରତା ଦେଖାଦେଲେ ମଧ୍ୟ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାକୁ ସମର୍ଥ ହେବେ।

**ତୁଳା**
ଆପଣଙ୍କ ମନ ଯେମିତି, କାମ ମଧ୍ୟ ତଦନୁରୂପ ହେବାରେ କୌଣସି ଅସୁବିଧା ରହିବ ନାହିଁ। ଚେଷ୍ଟା କରୁଥିବା କାର୍ଯ୍ୟ ହାସଲ ସକାଶେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି।

**ବିଛା**
ଗ୍ରହ ସ୍ଥିତି ଅନୁକୂଳ ରହିଥିଲେ ମଧ୍ୟ କୌଣସି ପରିସ୍ଥିତି ଆପଣଙ୍କୁ ଅସ୍ଥିରତା ପ୍ରଦାନ କରିପାରେ। କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ପ୍ରତିକୂଳତା କାରଣରୁ ଆଜିହିଁ ସମ୍ପନ୍ନ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନି। ଯାତ୍ରା, ବ୍ୟବସାୟ ଓ ପରିବହନରେ ବିଶେଷ ଉନ୍ନତି କରିବେ।

**ଧନୁ**
ଆପଣ ଧନୁ ପରି ନଇଁଯିବେ ସିନା କୌଣସି କ୍ଷେତ୍ରରେ ଭାଙ୍ଗପଡିବେ ନାହିଁ। ଏହି କାରଣରୁ ପରିବାର, ବନ୍ଧୁବର୍ଗ, ସାହିପଡ଼ିଶା ପ୍ରତ୍ୟେକ ଦିଗରୁ ଅପ୍ରିୟତା ମାଡ଼ି ଆସିବ। ଆକସ୍ମିକ ଭାବରେ ସ୍ଥାନାନ୍ତର କିମ୍ବା ନୂତନ କର୍ମସଂସ୍ଥାନ ପାଇଁ ମନ ବଳିପାରେ। ନୂତନ ଗୃହୋପକରଣ କ୍ରୟ କରିପାରନ୍ତି ଏବଂ ସମ୍ପର୍କରେ ନ୍ୟୂନତାରୁ କ୍ଷୋଭ ପ୍ରକାଶ ମଧ୍ୟ କରିପାରନ୍ତି।

**ମକର**
ସବୁ ଦିଗରୁ ଭଲ ଥିଲେ ମଧ୍ୟ ଯାହା ମନକୁ ଆସିଲା ତାହା କହିବା ଓ କରିବା ସମସ୍ୟାର କାରଣ ହେବ। ଯେତେ ଚେଷ୍ଟା କଲେ ମଧ୍ୟ କାମରେ ପ୍ରତିବନ୍ଧକ ଯୋଗୁ ଅଗ୍ରଗତି ହୋଇ ପାରିବ ନାହିଁ। ବ୍ୟାବହାରିକ ବିଷମତା ଜନିତ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତାପ୍ରକଟ କରିବେ। ତଥାପି ପରକ୍ଷଣରେ ସମସ୍ୟା ସମାଧାନ ପାଇଁ ଚେଷ୍ଟିତ ହୋଇପାରନ୍ତି।

**କୁମ୍ଭ**
ଏକାଦଶସ୍ଥ ଉଚ୍ଚାରୋହୀ ମଙ୍ଗଳଙ୍କ ଯୋଗୁ କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରେ ଆସିବେ। କିନ୍ତୁ ପରିବାରରେ ପିଲାମାନଙ୍କ ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ନିଜ ଦୋଷକୁ ଅସ୍ୱୀକାର କରି ପାଖରେ ନ ଥିବା ଜିନିଷଟି ପାଇଁ ପରିବାରରେ ବିବାଦ ବଢ଼ିବ। ଆର୍ଥିକ, ବ୍ୟବସାୟିକ କ୍ଷେତ୍ର ଭଲ ରହିବା ସହ ବିବାଦୀୟ କ୍ଷେତ୍ରରେ ବିଜୟୀ ହେବେ।

**ମୀନ**
କେତୁଙ୍କ କୁପ୍ରଭାବରେ ଅପରିଣାମଦର୍ଶୀ ହୋଇ କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି। ତଥାପି ସମସ୍ୟା ସମାଧାନ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିବେ। ଅର୍ଥ ସଂକଟ ରହିଥିଲେ ମଧ୍ୟ ନୂତନ କାର୍ଯ୍ୟାରମ୍ଭରେ କୃତକାର୍ଯ୍ୟ ହେବେ। ବନ୍ଧୁମାନଙ୍କ ସହଯୋଗରେ ନିଜ ପରିସରରେ ପ୍ରାଧାନ୍ୟ ବିସ୍ତାର କରିପାରନ୍ତି।

ଆଜି ଫାଲ୍‌ଗୁନ ଶୁକ୍ଳ ଷଷ୍ଠୀ ଯୁକ୍ତ ସପ୍ତମୀ, ମାର୍ଚ୍ଚ ୧ ତାରିଖ, ରବିବାର, ରାଶି ନକ୍ଷତ୍ର-କୃତିକା/ମେଷ, ଦିବା ଘ୨।୧୬ମି. ଗତେ, ବୃଷ ଚନ୍ଦ୍ର, ମେଷ ରାଶିର ଘାତବାର, ପୂର୍ବାହ୍ନେ ମେଷ ରାଶି ଏବଂ ଅପରାହ୍ନେ, ବିଛା ରାଶିର ଘାତଚନ୍ଦ୍ର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୬।୫୬ମି. ଗତେ ଘ୧୦।୦୨ମି. ମଧ୍ୟେ ଅମୃତବେଳା। ଦିବା ଘ୯।୦୩ମି. ଗତେ ଘ୧୦।୩୦ମି. ମଧ୍ୟେ ଘ୧।୨୦ମି. ଗତେ ଘ୨।୪୬ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୪।୨୦ମି. ଗତେ ଘ୫।୪୮ମି. ମଧ୍ୟେ ରାହୁକାଳ।

> ସାଧାରଣ ଜୀବନଟି ହେଉଛି–ବହୁବିଧ ଆକାଂକ୍ଷା ଓ ପ୍ରଲୋଭନର ଗୋଟିଏ ଗତାନୁଗତିକ ପରିକ୍ରମା। ଯେତେଦିନ ପର୍ଯ୍ୟନ୍ତ ବ୍ୟକ୍ତି ତହିଁରେ ବ୍ୟସ୍ତ ରହିଥାଏ, ସେତେଦିନ ପର୍ଯ୍ୟନ୍ତ ତା'ର କୌଣସି ସ୍ଥାୟୀ ଅଗ୍ରଗତି ହୁଏ ନାହିଁ। –ଶ୍ରୀମା

# ମିଛ ଆଶ୍ୱାସନା



ଆକାର ପଟେଲ

ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରିମାସୀରେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ପୁଣି ୪.୭ ପ୍ରତିଶତକୁ କମିଯାଇଛି। ଗତ ଛଅବର୍ଷ ଭିତରେ ଏହା ସବୁଠାରୁ କମ୍। କିନ୍ତୁ ଆମ ଅର୍ଥନୀତି ବେଶି ଖରାପ ହୋଇଯାଇ ନାହିଁ ଭାବି ଅର୍ଥମନ୍ତ୍ରୀ ଆଶ୍ୱସ୍ତ ଅଛନ୍ତି। ତାଙ୍କ ଅମଲାତନ୍ତ୍ରୀମାନେ ଏହାକୁ 'ବଟମିଙ୍ଗ୍ ଆଉଟ୍' ବୋଲି କହି ମିଛ ଆଶ୍ୱାସନା ଦେଇଛନ୍ତି। ଅର୍ଥାତ୍ ଏହା ଆଉ ଖରାପ ହେବ ନାହିଁ ଏବଂ ଏଇଠୁ ଉପରକୁ ଉଠିବ। କିନ୍ତୁ ଏହା ସତ ନୁହେଁ। ମୋଦି ସରକାର ଏ ବାବଦରେ ତଥ୍ୟ ପ୍ରକାଶ କରିବା ଅବସରରେ ପୂର୍ବ ତ୍ରିମାସୀଗୁଡ଼ିକର ତଥ୍ୟରେ ସଂଶୋଧନ କରିଛନ୍ତି। ଅର୍ଥାତ୍ ୨୦୧୯–୨୦ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରିମାସୀରେ ଘୋଷିତ ୪.୫୫ ପ୍ରତିଶତକୁ ୫.୧ ପ୍ରତିଶତ ଭାବେ ଏବଂ ପ୍ରଥମ ତ୍ରିମାସୀରେ ଘୋଷିତ ୫ ପ୍ରତିଶତକୁ ୫.୬ ପ୍ରତିଶତ ଭାବେ ସଂଶୋଧନ କରିଛନ୍ତି। ସୁତରାଂ ଜାନୁୟାରୀ–ମାର୍ଚ୍ଚ ୨୦୧୮ରୁ ଏ ପର୍ଯ୍ୟନ୍ତ ୮ଟି ତ୍ରିମାସୀରେ ଅଭିବୃଦ୍ଧି ହାର ଯଥାକ୍ରମେ ୮.୧%, ୭.୯%, ୭%, ୬.୫%, ୫.୮%, ୫.୬%, ୫.୧% ଓ ବର୍ତ୍ତମାନ ୪.୭% ହୋଇଛି ବୋଲି ସରକାର ଘୋଷଣା କରିଛନ୍ତି। କ୍ରମାଗତ ଭାବେ ଗତ ୮ଟି ତ୍ରିମାସୀରେ ଅଭିବୃଦ୍ଧି ହାର କମିବାରେ ଲାଗିଛି। ଏହାପରେ ଆଉ କମିବ ନାହିଁ ବୋଲି କିଏ କହିପାରିବ ? ଆମେ ଯଦି ବି ଉକ୍ତ ସରକାରୀ ତଥ୍ୟକୁ ଠିକ୍ ବୋଲି ମାନିନେଉ, ତଥାପି ଏଥିରେ କେବଳ କମିବାର ଦୃଶ୍ୟ ହିଁ ଦେଖିବାକୁ ମିଳୁଛି। ସରକାର କହୁଛନ୍ତି ୨୦୧୯–୨୦ ଆର୍ଥିକ ବର୍ଷର ହାରାହାରି ଅଭିବୃଦ୍ଧି ୫ ପ୍ରତିଶତ ହେବ। ଭାରତରେ ବିଶ୍ୱସନୀୟ ଭାବେ ଔପଚାରିକ କ୍ଷେତ୍ର ବାହାରେ ତଥ୍ୟ ସଂଗ୍ରହ କରିବା କଷ୍ଟକର। ପୁନଶ୍ଚ ଗତବର୍ଷରେ ଔପଚାରିକ କ୍ଷେତ୍ର ପ୍ରବଳଭାବେ କ୍ଷତିଗ୍ରସ୍ତ ହୋଇଛି। ଦୁଇଟି କ୍ରମିକ ତ୍ରିମାସୀରେ ଉଭୟ ବିକ୍ରୟ ଓ ଲାଭ କ୍ଷେତ୍ରରେ ବିୟୁକ୍ତାତ୍ମକ ଅଭିବୃଦ୍ଧି ଘଟିଛି। ଭାରତୀୟ ଅର୍ଥନୀତି ପର୍ଯ୍ୟବେକ୍ଷଣ କେନ୍ଦ୍ରର କହିବା ଅନୁସାରେ, ୨୦୧୯–୨୦ର ଅକ୍ଟୋବର–ଡିସେମ୍ବର ତ୍ରିମାସୀରେ କର୍ପୋରେଟ୍ ବିକ୍ରୟ ୧.୨% ହ୍ରାସ ପାଇଛି (ପୂର୍ବ ତ୍ରିମାସୀରେ ତାହା ୨.୮% ହ୍ରାସ ପାଇଥିଲା) ଏବଂ ଟିକସ ପ୍ରଦାନ ପୂର୍ବର ଲାଭ ୧୦ ପ୍ରତିଶତ ହ୍ରାସ ପାଇଛି (ପୂର୍ବ ତ୍ରିମାସୀରେ ତାହା ୬୦% ହ୍ରାସ ପାଇଥିଲା)। ଏଥିରୁ ବଟମିଙ୍ଗ୍ ଆଉଟ୍ ବା ଏଇଠୁ ଉପରକୁ ଉଠିବାର ସୂଚନା ମିଳୁନାହିଁ। ପୂର୍ବବର୍ଷ ତୁଳନାରେ ପୁଞ୍ଜିନିବେଶ ୫.୨ ପ୍ରତିଶତ ହ୍ରାସ ପାଇଛି। ପୂର୍ବ ତ୍ରିମାସୀରେ ତାହା ୪.୨ ପ୍ରତିଶତ ହ୍ରାସ ପାଇଥିଲା, ଅର୍ଥାତ୍ ଏବେ ଆହୁରି କମିଛି। ସରକାର ଆଶା କରୁଛନ୍ତି ପୂରା ବର୍ଷ ପାଇଁ ଏହା ବିୟୁକ୍ତାତ୍ମକ ରହିବ, ଅର୍ଥାତ୍ ପୂର୍ବବର୍ଷ ତୁଳନାରେ କମ୍ ପୁଞ୍ଜିନିବେଶ ହେବ।

ଚାଇନାର ଜଣେ ନେତା ଲି କେକ୍ୱିଆଙ୍ଗ୍ ଅଭିବୃଦ୍ଧି ଆକଳନ କରିବା ପାଇଁ ଏକ ପଦ୍ଧତିର ବିକାଶ କରିଛନ୍ତି। ଏଥିପାଇଁ ସେ ରେଳଗାଡ଼ିରେ ପରିବହନ ହେଉଥିବା ସାମଗ୍ରୀର ପରିମାଣ, ବ୍ୟାଙ୍କ ଋଣ ଓ ବିଜୁଳିଶକ୍ତିର ବ୍ୟବହାର ଉପରେ ମିଳୁଥିବା ନିର୍ଭରଯୋଗ୍ୟ ତଥ୍ୟ ଉପରେ ଭରସା କରିଥାନ୍ତି। ଏ ତିନୋଟି କ୍ଷେତ୍ରରେ ଭାରତ ବିୟୁକ୍ତାତ୍ମକ ରହିଛି। ନିର୍ମାଣ କ୍ଷେତ୍ର ପୁନରପି ସଂକୁଚିତ ହୋଇଯାଇଛି। ଏହା ଆଶ୍ଚର୍ଯ୍ୟଜନକ କାରଣ ମୋଦି ନିଜେ ମେକ୍ ଇନ୍ ଇଣ୍ଡିଆ ଯୋଜନା ଦ୍ୱାରା ଅର୍ଥନୈତିକ ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦେଉଛନ୍ତି। ତାଙ୍କର ଏହି ଯୋଜନା କେବଳ ବିଫଳ ହୋଇନାହିଁ ବରଂ ଜିଡିପିରେ ନିର୍ମାଣ କ୍ଷେତ୍ରର ଅଂଶ ହ୍ରାସ ପାଇଛି। ବେକାରି ଏବେ ୮% ରହିଛି ଏବଂ ଦୀର୍ଘଦିନ ହେଲା ଏହା ତା'ରି ପାଖାପାଖି ରହିଆସିଛି। ଏ କ୍ଷେତ୍ରରେ ସରକାର ତାଙ୍କ ତଥ୍ୟ ପ୍ରକାଶ କରୁନାହାନ୍ତି କାରଣ ଗତ ପାଞ୍ଚ ଦଶନ୍ଧି ଭିତରେ ଏହା ସର୍ବନିମ୍ନ ହୋଇଥିବାରୁ ଏହାଦ୍ୱାରା ସରକାରଙ୍କ ବିଫଳତା ପ୍ରମାଣିତ ହେବ।

ସରକାର ନିଜର ସଂଗୃହୀତ ତଥ୍ୟ ପ୍ରକାଶ କରୁ ନ ଥିବା ବେଳେ ଘର ଘର ବୁଲି ତଥ୍ୟ ସଂଗ୍ରହ କରିବାରେ ନୂଆ ସମସ୍ୟା ଉଭା ହୋଇଛି। ଚଳିତ ମାସରେ ହାଇଦ୍ରାବାଦରେ ଜାତୀୟ ନମୁନା ସର୍ବେକ୍ଷଣ କାର୍ଯ୍ୟାଳୟର ତଥ୍ୟ ସଂଗ୍ରହକାରୀମାନେ ଲୋକେ ଗମନାଗମନରେ କେତେ ଖର୍ଚ୍ଚ କରନ୍ତି ଜାଣିବା ପାଇଁ ଯାଇଥିବା ବେଳେ ବିରୋଧର ସମ୍ମୁଖୀନ ହୋଇ କାର୍ଯ୍ୟ ବନ୍ଦ କରିଦେଇଛନ୍ତି। ଜାତୀୟ ନାଗରିକ ପଞ୍ଜୀକରଣ (ଏନ୍ଆରସି) ସହ ଏହାର ସମ୍ବନ୍ଧ ଅଛି ବୋଲି ସନ୍ଦେହ କରି ଲୋକେ ତଥ୍ୟ ଦେବାକୁ ମନା କରିଦେଇଥିଲେ। ଯଥାସମୟରେ ସର୍ଭେ ରିପୋର୍ଟ ଦେଇହେବ ନାହିଁ ଏବଂ ଦେବା ମୋଟେ ସମ୍ଭବ ନ ହୋଇପାରେ ବୋଲି ହାଇଦ୍ରାବାଦରେ ଏନ୍ଏସ୍ଏସ୍ଓ ଯୁଗ୍ମ ନିର୍ଦ୍ଦେଶକ କହିଛନ୍ତି। ଏହା ହେଉଛି ଏବେ ଦେଶର ଅବସ୍ଥା। ବିନା ତଥ୍ୟରେ ସରକାର କିଛି କରିପାରିବେ ନାହିଁ।

ଭାଜପା ସରକାର କେବଳ ବିଭାଜନକାରୀ ରାଜନୀତି ଉପରେ ଗୁରୁତ୍ୱ ଦେଇ ଦେଶର ଆର୍ଥିକ ଅଭିବୃଦ୍ଧି କିପରି ବଢ଼ିବ ତା' ଉପରେ ଆଦୌ ଗୁରୁତ୍ୱ ଦେଉନାହାନ୍ତି। ଦିଲ୍ଲୀ ହିଂସା ଘଟଣା ବିଶ୍ୱ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଦେଶର ସମ୍ମାନରେ ଆଞ୍ଚ ଆସିଛି। କରୋନା ଭାଇରସ୍କୁ ନେଇ ବିଶ୍ୱ ଅର୍ଥନୀତି ବେଶ୍ ପ୍ରଭାବିତ ହୋଇଛି। ଚାରି ସପ୍ତାହ ପରେ ଜାତୀୟ ଜନସଂଖ୍ୟା ପଞ୍ଜିକା ପାଇଁ ତଥ୍ୟ ସଂଗ୍ରହ ଆରମ୍ଭ ହେବ। କିନ୍ତୁ ଭାଜପା–ନିୟନ୍ତ୍ରିତ ବିହାର ସମେତ ଅନେକ ରାଜ୍ୟ ମୋଦି ସରକାରଙ୍କ ଏନ୍ପିଆର୍ ଯୋଜନାକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ପୁନଶ୍ଚ ତଥ୍ୟ ସଂଗ୍ରହକାରୀମାନଙ୍କୁ ବିଭିନ୍ନ ସ୍ଥାନରେ ହାଇଦ୍ରାବାଦ ଭଳି ବିରୋଧର ସମ୍ମୁଖୀନ ହେବାକୁ ପଡ଼ିପାରେ। ଅର୍ଥନୈତିକ ଓ ସାମାଜିକ ଦୃଷ୍ଟିରୁ ଭାରତ ଏବେ ଅତ୍ୟନ୍ତ ଖରାପ ସ୍ଥିତିରେ ଅଛି। ତେଣୁ ସରକାର ଏ ସବୁ ଉପରେ ଦୃଷ୍ଟି ଦେଇ ସକାରାତ୍ମକ ଆଭିମୁଖ୍ୟ ଗ୍ରହଣ କରିବା ଉଚିତ।

Email: aakar.patel@gmail.com

## ଚିରନ୍ତନୀ

ପଉଷ ପଥ ଉତ୍ତରା ହେ
ଉତ୍ତରୀୟ ତବ
ଉଡ଼ାଇ ଦେଲେ ଅଖିଳ ପ୍ରାଣେ
ଲଗାଅ ଅନୁଭବ।
(ପଉଷ ସନ୍ଧ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

# ଗୀତାର ପ୍ରାସଙ୍ଗିକତା



ଶରତ ଚନ୍ଦ୍ର ମିଶ୍ର

ମହାଭାରତ ଯୁଦ୍ଧ କଥା ପ୍ରାୟ ସମସ୍ତେ ଜାଣନ୍ତି। ସେହି ମହାଭାରତରେ ଭୀଷ୍ମ ପର୍ବର ୩ୟ ଅଧ୍ୟାୟରୁ ୪୨ ଅଧ୍ୟାୟକୁ 'ଭଗବତ୍ ଗୀତା' ପର୍ବ ବୋଲି କୁହାଯାଏ। ଅନ୍ୟ ସମସ୍ତ ଧର୍ମପୁସ୍ତକ ଅପେକ୍ଷା 'ଗୀତା' ଅଧିକ ଭାବରେ ଲୋକଙ୍କ ହୃଦୟରେ ସ୍ଥାନ ଅଧିକାର କରିଛି। କୋର୍ଟ କଚେରିରେ ସାକ୍ଷୀମାନଙ୍କୁ ଗୀତା ଉପରେ ହାତ ରଖି ଶପଥ ନେବାକୁ ହୁଏ। ଗୀତା ହେଉଛି ଦୁଇ ବ୍ୟକ୍ତିଙ୍କ କଥୋପକଥନ। ନର (ଅର୍ଜୁନ) ଓ କୃଷ୍ଣରୂପୀ ନାରାୟଣଙ୍କର ଯୁଦ୍ଧ କ୍ଷେତ୍ରରେ ବାର୍ତ୍ତାଳାପ। ଗୀତାର ୭୦୧ ଶ୍ଳୋକ ଅର୍ଜୁନଙ୍କ ବିଷାଦ ଯୋଗରୁ ଆରମ୍ଭହୋଇ ମୋକ୍ଷ ସନ୍ନ୍ୟାସ ଯୋଗରେ ଶେଷ ହୋଇଛି। ଗୀତାରେ ପରିବେଷିତ ସମସ୍ତ ଜ୍ଞାନ ବୈଦିକ ଜ୍ଞାନର ଅନ୍ତର୍ଭୁକ୍ତ। ବୈଦିକ ଯୁଗର ଯାଗଯଜ୍ଞର ପ୍ରାଧାନ୍ୟରେ ଏହି ଜ୍ଞାନ ଲୋପ ପାଇବା ସମୟରେ ଶ୍ରୀକୃଷ୍ଣ ଶୁଦ୍ଧ ବୈଦିକ ତତ୍ତ୍ୱ ଅର୍ଜୁନଙ୍କୁ ଗୀତାରେ ବୁଝାଇଛନ୍ତି। ସମଗ୍ର ଗୀତା ଉପନିଷଦ ବା ବେଦତତ୍ତ୍ୱର ସାରସଂଗ୍ରହ। ଗୀତା ସ୍ମୃତିରେ ଏକ ବଚନ ଅନୁସାରେ ଶ୍ରୀକୃଷ୍ଣ ସବୁ ଉପନିଷଦରୂପୀ ଗାଈଠାରୁ ଗୀତାମୃତରୂପୀ ଦୁଗ୍ଧ ଦୋହନ କରିଛନ୍ତି ଏବଂ ଅର୍ଜୁନରୂପୀ ବାଛୁରି ତାହା ପ୍ରଥମେ ପାନ କରିବା ସହ ଦୋହନରେ ସାହାଯ୍ୟ କରିଛନ୍ତି। ସୁଧୀ ବା ସଜ୍ଜନମାନେ ସେଇ ଦୁଗ୍ଧ ପାନ କରିବା ଲୋକ। ମନୁଷ୍ୟର ଦାର୍ଶନିକ ପଥର ଏହା ଏକ ସ୍ୱୟଂସମ୍ପୂର୍ଣ୍ଣ ସଂଶ୍ଳେଷଣ। ବିଭିନ୍ନ ପଥ ହେଲା ଜ୍ଞାନ, ଭକ୍ତି, କର୍ମ ଓ ସନ୍ନ୍ୟାସ। ଆଲଡସ ହକ୍ସଲେଙ୍କ ମତରେ ଗୀତା ହେଉଛି ଚିରନ୍ତନ ଦର୍ଶନର ସର୍ବଶ୍ରେଷ୍ଠ ପଦ୍ଧତିଗତ ବିବରଣ।

ସମସ୍ତ ସୃଷ୍ଟି ଓ ଭକ୍ତଙ୍କ ପ୍ରତି ଦିବ୍ୟଶକ୍ତିଙ୍କର ଚିରନ୍ତନ ପ୍ରେମ ଓ ସ୍ନେହ, ଭାରତୀୟ ଦର୍ଶନରେ ଗୀତାର ଗୁରୁତ୍ୱପୂର୍ଣ୍ଣ ଅଭିନବକରଣ। ବୈଦିକ ଧର୍ମର କଠିନ କୃଚ୍ଛ୍ର ସାଧନାରେ ଗୀତା ହିଁ ପ୍ରଥମେ ଆବେଗପ୍ରବଣତାର ଶିକ୍ଷା ପ୍ରଦାନ କଲା। ଦୈବ ଶକ୍ତିକୁ ବ୍ୟକ୍ତିଗତ ସ୍ତରକୁ ନେଇ ଆସିବା ଓ ହୃଦୟ ମଧ୍ୟରେ ଅନୁଭବ କରିବା ଗୀତାରୁ ହିଁ ଆରମ୍ଭ। ବୈଦିକ ଯୁଗରେ ଏ ଚିନ୍ତାଧାରାର ପରିପ୍ରକାଶ ଥିଲେ ମଧ୍ୟ ଯଜ୍ଞ ଓ ତପସ୍ୟା ଏବଂ ବ୍ରାହ୍ମଣବାଦର ପ୍ରଭାବରେ ଏହା ଲୋପ ପାଇ ଯାଇଥିଲା। ଶ୍ରୀକୃଷ୍ଣ ସେଇ ଚିନ୍ତାଧାରାକୁ କୁରୁକ୍ଷେତ୍ର ଯୁଦ୍ଧରେ ଅର୍ଜୁନଙ୍କ ଆଗରେ ପୁନଃପ୍ରକାଶ କଲେ। ତେଣୁ ଶ୍ରୀକୃଷ୍ଣଙ୍କୁ ଏକ ନବପ୍ରବର୍ତ୍ତକ ବିବେଚନା ନ କରି ଏକ ପୁନଃପ୍ରବର୍ତ୍ତକ ବୋଲି ଭାବିବା ଠିକ୍ ହେବ। ଗୀତାର ଚିନ୍ତାଧାରା ଉପନିଷଦଗୁଡ଼ିକରେ ସ୍ଥାନିତ ଥିଲେ ମଧ୍ୟ ଜନମାନସରେ ଏହି ଧାର୍ମିକ ଭାବକୁ ଆଣିବାରେ ଗୀତା ହିଁ ସଫଳ ହେଲା। ମହାଭାରତ ଯୁଦ୍ଧ ଏକ ଐତିହାସିକ ସତ୍ୟ ଘଟଣା ହୋଇଥାଇପାରେ। ଗୀତାରେ ଏ ଯୁଦ୍ଧକୁ କେବଳ ଉପଲକ୍ଷ୍ୟ ଭାବରେ ଗ୍ରହଣ କରାଯାଇଛି। ମଣିଷ ଜୀବନର ଅନ୍ତର୍ଦାହ, ଅନ୍ତର୍ଯୁଦ୍ଧ, ଐଶ୍ୱରିକ ଚେତନା ଓ ଆସୁରିକ ଚେତନା ମଧ୍ୟରେ ସଂଘର୍ଷ, ଉଚିତ ଓ ଅନୁଚିତ ମଧ୍ୟରେ ସଂଘର୍ଷ ହିଁ ଗୀତାର ପ୍ରକୃତ କାହାଣୀ। ଜୀବନର ସମସ୍ତ ସମସ୍ୟାର ଜଟିଳତା ଓ ତାହାର ସମାଧାନ ନିମନ୍ତେ ଗୀତା ଦିଗ୍ଦର୍ଶନ ପ୍ରଦାନ କରେ।

ଭାରତର ଧର୍ମ ହିଁ ଆର୍ଯ୍ୟ ଧର୍ମ। ଏହା ପୃଥିବୀର ସର୍ବପ୍ରାଚୀନ ଜୀବନ୍ତ ଧର୍ମ। ଏ ଧର୍ମର ମୂଳମନ୍ତ୍ର ହେଉଛି ସମସ୍ତେ ନିଜ ନିଜର କର୍ତ୍ତବ୍ୟ ପ୍ରତି ଦୃଷ୍ଟି ଦେବେ। ଏଇ ନୀତିରେ ପ୍ରତିଷ୍ଠିତ ଆର୍ଯ୍ୟ ସଭ୍ୟତା ଅବିଚ୍ଛିନ୍ନ ଧାରାରେ ଚାଲିଛି। ଶ୍ରୀକୃଷ୍ଣ ଗୀତାରେ ସେଇଆ ହିଁ କହିଛନ୍ତି। ଶ୍ରୀକୃଷ୍ଣ ଗୀତାରେ ଅର୍ଜୁନଙ୍କୁ ଆର୍ଯ୍ୟଧର୍ମ ବୁଝାଇଛନ୍ତି। ଯୋଗ ଓ ସ୍ୱଧର୍ମ ହିଁ ଆର୍ଯ୍ୟ ଧର୍ମର ଭିତ୍ତି। ଏହି ଯୋଗସିଦ୍ଧ ହେବା ନିମନ୍ତେ ବ୍ରହ୍ମରେ ବୁଦ୍ଧି ସ୍ଥିର ରହିବା ଦରକାର। ବ୍ରହ୍ମ ହିଁ ମନୁଷ୍ୟର ସ୍ଥିର ଓ ଚରମ ଆଦର୍ଶ। ବ୍ରହ୍ମର ଆଦର୍ଶରେ ମନ ସ୍ଥିର କରି ନିଷ୍କାମ ଅଥଚ ନିରଳସ ଭାବରେ ନିଜର କର୍ମ କରିଯିବା ହିଁ ଯୋଗ। ଗୀତା ଧର୍ମ ମାନବ ଧର୍ମ। ସରଳ ସାଧାରଣ ଜୀବନରେ, କର୍ମରେ, ସ୍ୱଧର୍ମନିରତ ହେବା ହିଁ ଗୀତା ଧର୍ମ। ଏହାର ଆଦର୍ଶ ଶାନ୍ତି।

ଆର୍ଯ୍ୟ ଧର୍ମ ଅବତାରବାଦରେ ବିଶ୍ୱାସ କରେ। ସମସ୍ତ ଅବତାରଙ୍କ ମଧ୍ୟରେ ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ଓ ଶ୍ରୀକୃଷ୍ଣ ସର୍ବାଧିକ ଜନପ୍ରିୟ। ପର୍ଶୁରାମଙ୍କ ବ୍ୟତୀତ ସମସ୍ତ ମାନବ ଅବତାର କ୍ଷତ୍ରିୟ। ରାଜ୍ୟ ପାଳନ ସେମାନଙ୍କର ଧର୍ମ। ସେଇ ଧର୍ମରୁ ସେମାନେ ବିଚ୍ୟୁତ ହେବାରୁ ବ୍ରାହ୍ମଣ ପର୍ଶୁରାମ ସେମାନଙ୍କର ଦଣ୍ଡବିଧାନ କଲେ। କ୍ଷତ୍ରିୟ ଧର୍ମର ପୁନଃପ୍ରତିଷ୍ଠା କଲେ ଶ୍ରୀରାମଚନ୍ଦ୍ର। ଶ୍ରୀକୃଷ୍ଣ କିନ୍ତୁ ଅବତାର ଗ୍ରହଣ କରିଥିଲେ ଆର୍ଯ୍ୟଧର୍ମର ପୁନଃପ୍ରତିଷ୍ଠା ନିମନ୍ତେ। ତାଙ୍କ ସମୟରେ ଭାରତରେ ଜରାସନ୍ଧ, କଂସ, ଶିଶୁପାଳ, ଦୁର୍ଯ୍ୟୋଧନ ଆଦି ରାଜା, ସମ୍ରାଟମାନେ ଆର୍ଯ୍ୟଧର୍ମ ପାଳନ ନ କରି ଅନ୍ୟାନ୍ୟ ଧର୍ମକୁ ପ୍ରୋତ୍ସାହନ ପ୍ରଦାନ କରୁଥିଲେ। ସେ ସମସ୍ତଙ୍କ ବିନାଶ କରି ଆର୍ଯ୍ୟଧର୍ମର ପୁନଃପ୍ରତିଷ୍ଠା କଲେ।

ଦୁର୍ଯ୍ୟୋଧନ କାମନାଗ୍ରସ୍ତ ହୋଇ ପାଣ୍ଡବମାନଙ୍କୁ ରାଜ୍ୟରେ ସ୍ଥାନ ନ ଦେଇ ନିଜେ ସବୁ ଭୋଗ କରିବାକୁ ବସିଲେ। ଆର୍ଯ୍ୟଧର୍ମର ଧାରା ଲୋପ ହେବାକୁ ବସିଲା। ଅଧିକନ୍ତୁ ସମାଜର ଅନେକ ମୁଖ୍ୟ ବ୍ୟକ୍ତି, ରାଜା ମହାରାଜା ଆସି ଦୁର୍ଯ୍ୟୋଧନ ନିମନ୍ତେ ରଣାଙ୍ଗନରେ ଠିଆହେଲେ। ଦୁର୍ଯ୍ୟୋଧନର ସୈନ୍ୟବଳ ପାଣ୍ଡବମାନଙ୍କଠାରୁ ବହୁଗୁଣରେ ଅଧିକ। ସମାଜରେ ଅନ୍ୟାୟକୁ ସମର୍ଥନ କରିବା ଲୋକ ନ୍ୟାୟର ସମର୍ଥକଙ୍କଠାରୁ ଅଧିକ। ଅନ୍ୟାୟ ସମର୍ଥନକାରୀମାନେ ମଧ୍ୟ ସମାଜର ବଡ଼ପଣ୍ଡା। ଏ କଥା ଏବେ ବି ସମାଜରେ ପରିଦୃଷ୍ଟ। ଶ୍ରୀକୃଷ୍ଣ ଆର୍ଯ୍ୟଧର୍ମର ଧାରା ରକ୍ଷାରେ ପାଣ୍ଡବମାନଙ୍କୁ ଧରି ରଣାଙ୍ଗନରେ ଅବତୀର୍ଣ୍ଣ ହେଲେ। ସମ୍ମୁଖରେ ନିଜର ଜ୍ଞାତିକୁଟୁମ୍ବଙ୍କୁ ଦେଖି ଅର୍ଜୁନ ଧର୍ମସଙ୍କଟରେ ପଡ଼ିଗଲେ। ଏମାନଙ୍କୁ ମାରିଲେ କୁଳକ୍ଷୟ ହେବ, କୁଳଧର୍ମ ବୁଡ଼ିଯିବ, ପିତୃମାନେ ପିଣ୍ଡପାଣି ନ ପାଇ ନରକରେ ପଡ଼ିବେ। କୁଳନାରୀମାନେ ଅନ୍ୟ ପୁରୁଷ ଆଦରିବେ ଓ ଆର୍ଯ୍ୟ ଜାତି ନଷ୍ଟ ହୋଇଯିବ। ଏହା କହି ସେ ଧନୁଶର ଛାଡ଼ିଦେଲେ। ଶ୍ରୀକୃଷ୍ଣ ଏ ବିଷାଦ ଅବସ୍ଥାର ମୁକାବିଲା କରିବାକୁ ଉଦ୍ୟମ କଲେ। ଭାରତର ବଡ଼ ବଡ଼ ଲୋକ ଦୁର୍ଯ୍ୟୋଧନର ଏଇ ଦୁର୍ବାର ଲାଳସାରେ ଆପତ୍ତି ନ କରି ତା'ର ସହାୟ ହୋଇ ଯୁଦ୍ଧରେ ଅବତୀର୍ଣ୍ଣ ହୋଇଛନ୍ତି। ଲାଳସା ଏକ ସ୍ୱଭାବଗତ ପ୍ରବୃତ୍ତି। ସଂଯମ ହିଁ ଲାଳସାକୁ ଆୟତ୍ତରେ ରଖେ। ସେଇ ସଂଯମ ଏବେ ତୁଟିବା ଉପରେ। ଶ୍ରୀକୃଷ୍ଣ ବୁଝାଇଲେ, ନିଜର ଧର୍ମ ପାଳନ କରିବା ସମସ୍ତଙ୍କର କର୍ତ୍ତବ୍ୟ। କର୍ତ୍ତବ୍ୟ ପାଳନରେ ଫଳର ବିଚାର ନ କରି କାର୍ଯ୍ୟ କରିଯିବ। ଯୁଦ୍ଧରେ କାହାର ମୃତ୍ୟୁ ନାହିଁ। କାରଣ ଆତ୍ମା ଅମର। କେବଳ ଶରୀରର ଘଟ ପରିବର୍ତ୍ତନ ହୁଏ। ଯୁଦ୍ଧରେ ମୃତାହତଙ୍କ ଶୋକକୁ ଡରି ସନ୍ନ୍ୟାସ ନେବା ଆର୍ଯ୍ୟଧର୍ମ ନୁହେଁ କି କୌଣସି ଧର୍ମ ନୁହେଁ। ଏଇ ଶୋକ ଏଡ଼ି ନିଜର କର୍ତ୍ତବ୍ୟ କରିବା ହିଁ ସ୍ୱଧର୍ମ। ଶେଷରେ ବିଶ୍ୱରୂପ ପ୍ରଦର୍ଶନ କରି ଅନୁଭବ କରାଇଛନ୍ତି ଯେ, ସଂସାରରେ ସମସ୍ତ କାର୍ଯ୍ୟ ଦିବ୍ୟ ଇଙ୍ଗିତରେ ହିଁ ଚାଲୁଛି। ତେଣୁ ମାନବ ନିଜର କର୍ମ ହିଁ କରିଯିବା ଦରକାର। ଭକ୍ତି, ଜ୍ଞାନ, କର୍ମ ଇତ୍ୟାଦି ନାନାଦି ପନ୍ଥା ଥିଲେ ହେଁ ସଂସାରୀ ପ୍ରତି କର୍ମଯୋଗ ଅଧିକ ପ୍ରଯୁଜ୍ୟ।

ଶ୍ରୀକୃଷ୍ଣଙ୍କ ସମୟରେ ମଧ୍ୟ ଚାର୍ବାକ୍ପନ୍ଥୀ ଥିଲେ, ଯେଉଁମାନେ କି କେବଳ ଭୋଗବିଳାସରେ ବିଶ୍ୱାସ କରୁଥିଲେ। ଏମାନେ ଦେହବାଦୀ ଓ ଭୌତିକ ସୁଖରେ ବିଶ୍ୱାସୀ। ବର୍ତ୍ତମାନ ସଂସାରରେ ଏଇମାନଙ୍କ ସଂଖ୍ୟା ମାତ୍ରାଧିକ। ଫଳତଃ ସଂସାରରେ ଅଶାନ୍ତି ଓ ହତାଶାର ଧାରା ପ୍ରବହମାନ। କାମନା ଏକ ସହଜାତ ପ୍ରବୃତ୍ତି। କାମନାକୁ ବନ୍ଦ କରିବା ସହଜସାଧ୍ୟ ନୁହେଁ। ବୁଦ୍ଧଦେବଙ୍କ ବାଣୀ 'କାମନାର ବିନାଶରେ ଦୁଃଖର ବିନାଶ' ମଧ୍ୟ ଆଶାନୁରୂପ ଅନୁସୃତ ହୋଇପାରିଲାନି। କର୍ମଯୋଗରେ 'ପ୍ରବୃତ୍ତିଂ ଯାନ୍ତି ଭୂତାନି ନିଗ୍ରହଃ କିଂ ଭବିଷ୍ୟତି'ରେ ମଧ୍ୟ ଏଇ ଭାବଧାରା ପ୍ରତିଫଳିତ। ଯିଏ କର୍ମେନ୍ଦ୍ରିୟମାନଙ୍କୁ ରୋକି, ମନ ମଧ୍ୟରେ ଇନ୍ଦ୍ରିୟ ଭୋଗ କଥା ବିଚାରୁଥାଏ, ତାକୁ ମିଥ୍ୟାଚାର କୁହାଯାଏ। ବର୍ତ୍ତମାନ ଜଗତରେ ଏଇ ପ୍ରକାର ବ୍ୟକ୍ତି ଅନେକ। ଗୀତା ଧର୍ମର ପ୍ରଚାର ଓ ଗ୍ରହଣୀୟତା ବୃଦ୍ଧି ପାଇଲେ, ସଂସାରରୁ ଅଶାନ୍ତି ଓ ହତାଶା ହ୍ରାସପାଇବ। ଜ୍ଞାନ, ଭକ୍ତି ଓ କର୍ମ ଏହି ତ୍ରିଗୁଣର ସୁଷମ ବିକାଶରେ ହିଁ ବ୍ୟକ୍ତିତ୍ୱର ପ୍ରତିଷ୍ଠା ଲାଭ ହେବ।

ମୋ–୯୯୩୭୪୨୨୫୨୧

# 'ରେବତୀ' ଅନୁବାଦିକା

ସାହିତ୍ୟ କ୍ଷେତ୍ରରେ ସର୍ବୋଚ୍ଚ ପୁରସ୍କାର ପାଇବାଠାରୁ ପାଠକୀୟ ସ୍ୱୀକୃତି ଜଣେ ଲେଖକଙ୍କୁ ଅଧିକ ଉତ୍ସାହିତ କରିଥାଏ ବୋଲି ବହୁ ସମୟରେ ବିଭିନ୍ନ ସାହିତ୍ୟିକ କହିଥାଆନ୍ତି। କିନ୍ତୁ ଯେଉଁ ଚରିତ୍ର ଆଧାରରେ ଲେଖକ ଜଣେ ବ୍ୟକ୍ତିଙ୍କ ବିଷୟରେ ଲେଖିଥିବେ ସେ ଯଦି ତାଙ୍କୁ ପ୍ରଶଂସା କରନ୍ତି, ସମ୍ଭବତଃ ତାହାଠାରୁ ବଡ଼ ସମ୍ମାନ ସମ୍ପୃକ୍ତ ସାହିତ୍ୟିକଙ୍କ ଜୀବନରେ ଆସି ନ ଥାଏ। ଅନୁବାଦ କ୍ଷେତ୍ରରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପାଇବା ଲାଗି ଯୋଗ୍ୟ ହୋଇଥିବା ତେଲୁଗୁ ଲେଖିକା ପି. ସତ୍ୟବତୀଙ୍କୁ ନିକଟରେ ସେଭଳି ଆନନ୍ଦ ମିଳିଛି। କିନ୍ନର ତଥା ତାମିଲ ଲେଖିକା ରେବତୀ ୨୦୦୪ରେ ତାଙ୍କ ଆତ୍ମଜୀବନୀ ପୁସ୍ତକ 'ଉନର୍ଭୁମ୍ ଉରୁଭାମୁମ୍' ରଚନା କରିଥିଲେ। ତାହା ଇଂଲିଶରେ ଅନୁବାଦ କରାଯାଇଥିଲା। ସତ୍ୟବତୀ ସେହି ଇଂଲିଶ ପୁସ୍ତକ ପଢ଼ିବା ପରେ ରେବତୀଙ୍କ କାହାଣୀ ପ୍ରତି ଆକୃଷ୍ଟ ହୋଇଥିଲେ। ସମାଜରେ କିନ୍ନରମାନଙ୍କୁ ଅତି ନ୍ୟୂନ ଦୃଷ୍ଟିରେ ଦେଖାଯାଉଥିବା ଅନୁଭବ କରିବା ପରେ ଉକ୍ତ ପୁସ୍ତକକୁ ତେଲୁଗୁରେ ଅନୁବାଦ କରିବାକୁ ସେ ମନସ୍ଥ କରିଥିଲେ। ଫଳରେ ଇଂଲିଶ ଅନୂଦିତ 'ଦି ଟ୍ରୁଥ୍ ଏବାଉଟ୍ ମି: ଏ ହିଜ୍ରା ଲାଇଫ୍ ଷ୍ଟୋରି'କୁ ସତ୍ୟବତୀ ତେଲୁଗୁରେ 'ନିଜାମ୍ ଚେପ୍ତୁନ୍ନା: ଓକା ହିଜ୍ରା ଆତ୍ମକଥା' ନାମକ ପୁସ୍ତକରେ ୨୦୧୬ରେ ଏହାକୁ ପ୍ରକାଶ କରିଥିଲେ। ୨୪ ଫେବୃୟାରୀ ୨୦୨୦ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ତାଙ୍କୁ ଯେତେବେଳେ ଏହି ବହି ପାଇଁ ପୁରସ୍କୃତ କରାଯିବ ବୋଲି ଟେଲିଫୋନ୍ ମିଳିଲା ସେତେବେଳେ ସତ୍ୟବତୀ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏହା ପରେ ଗଣମାଧ୍ୟମରେ ଏହି ଖବର ପ୍ରସାରିତ ହେବା ପରେ ତାଙ୍କ ନିକଟକୁ ଅନେକ୍ ଫୋନ ଆସିଥିଲା। ତେବେ ସବୁଠାରୁ ଅଧିକ ଆନନ୍ଦ ଦେଇଥିଲେ ନିଜେ ରେବତୀ ତାଙ୍କ ସହ କଥା ହେବା। ସତ୍ୟବତୀ କହିଛନ୍ତି, କଥା ହେବା ଲାଗି ପରସ୍ପରର ଭାଷା ପ୍ରତିବନ୍ଧକ ସୃଷ୍ଟି କରିଥିଲେ ମଧ୍ୟ ଉଭୟ ହିନ୍ଦୀରେ କାମ ଚଳାଇ ନେଇଥିଲେ।

### ବ୍ୟକ୍ତିତ୍ୱ



ପି. ସତ୍ୟବତୀ

ବାସ୍ତବରେ ରେବତୀ ତାଙ୍କୁ କଥା ହେବା ପାଇଁ କଲ୍ କରିବା ଥିଲା ପ୍ରକୃତ ପୁରସ୍କାର ବୋଲି ସତ୍ୟବତୀ କହିଛନ୍ତି। ଏଭଳି ମର୍ମସ୍ପର୍ଶୀ ଅନୁଭବକୁ ବ୍ୟକ୍ତ କରିଥିବାରୁ ସତ୍ୟବତୀଙ୍କ ଦୀର୍ଘବର୍ଷର ସୃଜନଶୀଳତାକୁ ଜାଣିବା ଲାଗି ସମସ୍ତେ ଆଗ୍ରହ ରଖିବା ସ୍ୱାଭାବିକ।

ଆନ୍ଧ୍ରପ୍ରଦେଶ ତେନାଲିର ଏକ ଛୋଟିଆ ଗ୍ରାମ କୋଲାକାଲୁରର ଏକ ମଧ୍ୟବିତ୍ତ ପରିବାରରେ ସତ୍ୟବତୀଙ୍କ ଜନ୍ମ। ପିତା ସତ୍ୟନାରାୟଣ ଦେଶୀରାଜୁ ଥିଲେ ଜଣେ କୃଷକ ଓ ମାତା କନକା ଦୁର୍ଗ ଥିଲେ ଗୃହିଣୀ। ୭୯ ବର୍ଷୀୟା ସତ୍ୟବତୀ ହେଉଛନ୍ତି ପରିବାରର ବଡ଼ ଝିଅ। ସେତେବେଳର ରକ୍ଷଣଶୀଳ ସମାଜରେ ପିତାଙ୍କ ପ୍ରଗତିଶୀଳ ଚିନ୍ତାଧାରା ତାଙ୍କୁ ପଢ଼ିବା ଲାଗି ସୁଯୋଗ ଦେଖାଇଥିବାରୁ ସେ ତାଙ୍କ ନିକଟରେ କୃତଜ୍ଞ ବୋଲି କହିଥାଆନ୍ତି। ସ୍କୁଲ ଶିକ୍ଷା ପରେ ଇଂଲିଶ ସାହିତ୍ୟରେ ସ୍ନାତକୋତ୍ତର କରିଥିଲେ। ପରବର୍ତ୍ତୀ ସମୟରେ ଅଧ୍ୟାପିକା ଭାବେ ଯୋଗଦେଇ ସୟେଦ ଆପଲ୍ଲାସ୍ୱାମୀ କଲେଜରେ ପ୍ରାଧ୍ୟାପକ ହୋଇଥିଲେ। ୧୯୭୧ରେ ଲେଖାଲେଖି ପ୍ରତି ଅନୁରାଗ ରଖିଥିବା ସତ୍ୟବତୀଙ୍କ ସୃଜନଯାତ୍ରା ୧୯୯୮ରୁ ଅଧିକ କ୍ରିୟାଶୀଳ ହୋଇଥିଲା। ଅଦ୍ୟାବଧି ସେ ୬୦ କ୍ଷୁଦ୍ରଗଳ୍ପ ଲେଖି ସାରିଛନ୍ତି। ଉଭୟ ମୌଳିକ ଓ ଅନୁବାଦ ସାହିତ୍ୟରେ ସେ ସିଦ୍ଧହସ୍ତା ହୋଇଥିଲେ ହେଁ ନିଜେ କାହାଣୀ ସୃଷ୍ଟି ଲାଗି ଅଧିକ ଆଗ୍ରହ ରଖିଥାଆନ୍ତି। ରେବତୀଙ୍କ ଚରିତ୍ର ତାଙ୍କୁ ଅଧିକ ପ୍ରଭାବିତ କରିଥିବାରୁ ସେ ଉପରଲିଖିତ ପୁସ୍ତକକୁ ଅନୁବାଦ କରିଥିଲେ ବୋଲି ସତ୍ୟବତୀ କହିଥାଆନ୍ତି। ତାଙ୍କ ରଚନାରେ ସାମାଜିକ ମୂଲ୍ୟବୋଧ ଭରି ରହିଥିବାରୁ 'ହ୍ୱାଟ୍ ଇଜ୍ ମାଇଁ ନେମ୍' ଆନ୍ଧ୍ରପ୍ରଦେଶର ଦଶମ ଶ୍ରେଣୀ ପାଠ୍ୟପୁସ୍ତକରେ ସ୍ଥାନ ପାଇପାରିଛି। ଏହା ଉପରେ ମତ ଦେଇ ଲେଖିକା କହିଛନ୍ତି ଯେ, ସାଧାରଣତଃ ଜଣେ ମହିଳା ବିବାହ କରିସାରିବା ପରେ ନିଜ ପରିଚୟ ହଜାଇ ବସିଥାଆନ୍ତି। ଉକ୍ତ ଲେଖାରେ ଜଣେ ମହିଳା ନିଜ ନାମ ଜାଣିବା ଲାଗି ସହରର ଏତେତେଣେ ବୁଲୁଛନ୍ତି, ଯେଭଳି ତାଙ୍କୁ କେହି ଚିହ୍ନିପାରିବେ ନାହିଁ। କାହାଣୀ ଗତିଶୀଳ ହେଉଛି ବୁଲିବା ଭିତରେ ମହିଳା ଜଣଙ୍କ ଯେତେବେଳେ ନିଜ ପରିଚୟ, ସଉକ ଏବଂ ପ୍ରତିଭାକୁ ଖୋଜିପାଉଛନ୍ତି। ସେଥିପାଇଁ ସତ୍ୟବତୀ ଏହି ଲେଖା ମାଧ୍ୟମରେ ପ୍ରତ୍ୟେକ ମହିଳାଙ୍କୁ ଆହ୍ୱାନ ଦେଉଛନ୍ତି, ପରିସ୍ଥିତି ଯେତେ ଶୋଚନୀୟ ହେଉ ପଛେ ନିଜ ପରିଚୟ ହରାନ୍ତୁ ନାହିଁ। ଏଭଳି ଏକ ଆତ୍ମପ୍ରତ୍ୟୟର ବାର୍ତ୍ତା ଦେଇ ସେ ନାରୀ ସମାଜକୁ ସଶକ୍ତ କରିବାକୁ ଚାହିଁଛନ୍ତି।

ଆଜିର ଯୁବପିଢ଼ି ପଢ଼ା ପ୍ରତି ଆକର୍ଷିତ ହେଉନାହାନ୍ତି। ସେମାନଙ୍କୁ ସନ୍ଦେଶ ଦେବାକୁ ଯାଇ ସତ୍ୟବତୀ କହନ୍ତି, ପିଲାଟିଏ କେଉଁ ପରିବେଶରେ ବଢ଼ୁଛି ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତାଙ୍କ ପିଲାବେଳେ ଖବରକାଗଜ ଓ ପୁସ୍ତକ ପଠନ ପ୍ରତି ଆଗ୍ରହ ଥିଲା। ସେ ଆଜି ଯେଉଁଠାରେ ପହଞ୍ଚିଛନ୍ତି, ଏହା ପଛରେ ପଢ଼ାଭ୍ୟାସ ଥିଲା। ଏବେ ଅନ୍ଲାଇନ୍ରେ ପୁସ୍ତକ ମିଳିପାରୁଛି। ଆଜିର ପ୍ରଯୁକ୍ତିବିଦ୍ୟା ଓ କ୍ଷିପ୍ର ଯୁଗରେ ଏହା ଦରକାର। କିନ୍ତୁ ଖଣ୍ଡେ ବହି ହାତରେ ଧରି ପଢ଼ିବାରେ ଥାଏ ଅପାର ଆନନ୍ଦ ଓ ଅନୁଭବ। ଜଣେ ପୁସ୍ତକପ୍ରେମୀ ସେଥିରୁ ବାସ୍ତବ ବାସ୍ନା ପାଇଥାଏ ବୋଲି ସତ୍ୟବତୀ କହନ୍ତି।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ପଞ୍ଜାବରେ କେତେକ ସରକାରୀ ସ୍କୁଲରେ ପିଲାମାନେ ପଢିବା ସହ ସ୍କୁଲ ବଗିଚାରେ ଚାଷ କରି ଉଦାହରଣ ସୃଷ୍ଟି କରିଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ମନ୍ସା ଜିଲାର ୭୦ଟି ସରକାରୀ ବିଦ୍ୟାଳୟରେ। ଏହିସବୁ ବିଦ୍ୟାଳୟର ପାଖାପାଖି ୫୦୦ ପିଲା ବିନା କୀଟନାଶକରେ ଚାଷ କରୁଛନ୍ତି। ସେମାନେ ବାଇଗଣ, ଛତୁ, ଲଙ୍କା, କଲରା, କଖାରୁ ଏବଂ ବିଭିନ୍ନ ପ୍ରକାର ଶାଗ ଉତ୍ପାଦନ କରି ତାହାକୁ ମଧ୍ୟାହ୍ନଭୋଜନରେ ଉପଯୋଗ କରୁଛନ୍ତି। ଅନେକ ସମୟରେ ଆବଶ୍ୟକତାଠାରୁ ଅଧିକ ପରିବା ଉତ୍ପାଦିତ ହେଲେ ସେମାନେ ଗ୍ରାମବାସୀଙ୍କୁ ମାଗଣାରେ ବାଣ୍ଟି ଦେଉଛନ୍ତି। ମୁଖ୍ୟତଃ କୃଷିଭିତ୍ତିକ ବ୍ୟାବହାରିକ ଜ୍ଞାନ ହାସଲ କରିବା ପାଇଁ ୫ମରୁ ୧୦ମ ଶ୍ରେଣୀ ଯାଏ ପଢୁଥିବା ପିଲାମାନଙ୍କୁ କୃଷି ସମ୍ପର୍କରେ ଏଭଳି ଶିକ୍ଷା ଦିଆଯାଉଛି। ଜିଲା ଉଦ୍ୟାନ କୃଷି ବିଭାଗର 'ଏଡିବଲ ଗାର୍ଡେନ' ନାମକ ଯୋଜନାର ଏକ ଅଂଶଭାବେ ଏହି ପାଠ୍ୟକ୍ରମ ସ୍କୁଲରେ ଆରମ୍ଭ କରାଯାଇଛି। ପ୍ରତି ସପ୍ତାହରେ ପିଲାମାନଙ୍କୁ ବଗିଚାରେ ୧ ଘଣ୍ଟା କାମ କରିବା ଲାଗି ସମୟ ରଖାଯାଇଛି। ପ୍ରଥମେ ଚାଷ ସମ୍ପର୍କରେ ପଢାଯିବା ପରେ ବଗିଚାରେ ବ୍ୟାବହାରିକ ଶିକ୍ଷା ପ୍ରଦାନ କରାଯାଉଛି। ପିଲାମାନେ ଚାଷରେ ଜୈବ ଖତ ବ୍ୟବହାର କରୁଛନ୍ତି। ସବୁଜ ବର୍ଜ୍ୟବସ୍ତୁରୁ ସେମାନେ ଖତ ପ୍ରସ୍ତୁତ କରୁଛନ୍ତି। କେତେକ ସ୍କୁଲରେ ପିଲାମାନେ ଗହମ ଓ ନଡାର ଧୂସରୁ ଖତ ପ୍ରସ୍ତୁତ କରିବା ସହ ସେଥିରେ ଛତୁଚାଷ ବି କରୁଛନ୍ତି। ୧ କିଲୋ ଗହମ ଧୂସ ବ୍ୟବହାର କରି ସେମାନେ ୬୦୦ ଗ୍ରାମ୍ ଛତୁ ଉତ୍ପାଦନ କରୁଛନ୍ତି ବୋଲି କୁହନ୍ତି ଶିକ୍ଷକ ଡ. ଯଶବୀର ସିଂ। କୃଷି ଶିକ୍ଷା ବ୍ୟତୀତ ପିଲାମାନଙ୍କୁ ନଡାରୁ କିଭଳି ଫର୍ନିଚର ପ୍ରସ୍ତୁତ କରାଯାଇପାରିବ ସେ ସମ୍ପର୍କରେ ମଧ୍ୟ ଶିକ୍ଷା ପ୍ରଦାନ କରାଯାଉଛି। ଅନେକ ପିଲା ସ୍କୁଲରୁ ଚାଷ ସମ୍ପର୍କରେ ଶିକ୍ଷା ପାଇବା ପରେ ଘର ବଗିଚାରେ ବି ଚାଷ ଆରମ୍ଭ କରିବା ଲକ୍ଷ୍ୟ କରାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

**୧ ମାର୍ଚ୍ଚ ୧୯୯୫**

- ବିଦ୍ରୋହୀ କୁର୍ଦ୍ଦ ନିୟନ୍ତ୍ରିତ ଇରାକ ଉତ୍ତରାଞ୍ଚଳ ଜାଖୋ ସହରରେ ଗତକାଲି ଏକ କାରବୋମା ବିସ୍ଫୋରଣ ଘଟି ୧୦୦ରୁ ଊର୍ଦ୍ଧ୍ୱ ମୃତ୍ୟୁବରଣ କରିଛନ୍ତି।
- ପାକିସ୍ତାନର ସୋରେଦାଜ କୋଇଲା ଖଣିରେ ବିସ୍ଫୋରଣ ଘଟି ୨୭ ଜଣ ଶ୍ରମିକଙ୍କ ପ୍ରାଣହାନି।

## ପାଠକ ଶ୍ରେଷ୍ଠ ବିଚାରକ

### ଗରିବ ହେବାକୁ ପ୍ରତିଯୋଗିତା

ମହାଶୟ,

ଆଜିକାଲି ଦେଖାଯାଉଛି କି ଧନୀ, ମାନୀ, ନେତା, ଜମିମାଲିକ ଓ ସରକାରୀ କର୍ମଚାରୀ ସମସ୍ତେ ଗରିବ ହେବାକୁ ପ୍ରତିଯୋଗିତା ଆରମ୍ଭ କରିଦେଇଛନ୍ତି। ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟ ସରକାର ଗରିବଙ୍କ ପାଇଁ ଗୋଟିଏ ପରେ ଗୋଟିଏ ଆକର୍ଷଣୀୟ ଯୋଜନା କରିଚାଲିଛନ୍ତି ଭୋଟରମାନଙ୍କୁ ପ୍ରଭାବିତ କରିବା ପାଇଁ। ଯଦି ଥରେ ଦେହରେ ଗରିବୀ ମୋହର ବାଜିଯାଏ, ତା'ହେଲେ ଆରାମରେ ଟଙ୍କିକିଆ ଚାଉଳ, ଚିନି, କିରୋସିନ ପାଇବାଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଭତ୍ତା, ଆବାସ ଓ ପାଇଖାନା ହାତେଇବାରେ କିଛି ଅସୁବିଧା ହେବନି। ଖାଲି ନିଜ ପାଇଁ ନୁହେଁ ସ୍ତ୍ରୀ, ପୁଅ, ବାପମା'ଙ୍କୁ ମଧ୍ୟ ଏହି ଯୋଜନାରେ ସାମିଲ କରିହେବ, ଯଦି ତୁମେ ପାରିଲାପଣିଆ ଦେଖାଇ ସମ୍ପୃକ୍ତ ଅଧିକାରୀଙ୍କୁ ସନ୍ତୁଷ୍ଟ କରିପାରିବ। ବଡ଼ ପରିତାପର ବିଷୟ, ଶୀତତାପ ନିୟନ୍ତ୍ରିତ ବହୁତଳ ପ୍ରାସାଦ ଥାଇ ପୁଅଝିଅମାନେ ବାହାରେ ଉଚ୍ଚ ପଦପଦବୀରେ ଥିଲେ ମଧ୍ୟ ନିଜକୁ ଗରିବ ବୋଲି ଦର୍ଶାଇ ଧାଡିରେ ଠିଆହୋଇ ପ୍ରକୃତ ଗରିବମାନଙ୍କୁ ଦଳିଚକଟି ଆଗକୁ ମାଡ଼ିଯିବାର ପ୍ରଚେଷ୍ଟା ମଣିଷର ମଣିଷପଣିଆକୁ କ୍ଷୁଣ୍ଣ କରୁନାହିଁ କି ? ବିଚରା ନିରୀହ ଅଶିକ୍ଷିତ ନିପାରିଲା ମଣିଷଗୁଡିକ କି ହନ୍ତସନ୍ତ ହେଉଛନ୍ତି, ସେଥିପ୍ରତି କାହାରି ଦୃଷ୍ଟି ନାହିଁ।

ଭଗବାନ ଦାସ, ହରିନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

### ଗାନ୍ଧିଜୀ ଭାରତରତ୍ନଠୁ ଊର୍ଦ୍ଧ୍ୱରେ

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କୁ ଭାରତ ରତ୍ନ ପ୍ରଦାନ ଲାଗି ସୁପ୍ରିମ୍କୋର୍ଟରେ ଆଗତ ଏକ ଜନସ୍ୱାର୍ଥ ମାମଲାର ବିଚାର କରି କୋର୍ଟ ଏହି ରାୟ ଦେଇଛନ୍ତି ଯେ, ଔପଚାରିକ ମାନ୍ୟତାଠାରୁ ଗାନ୍ଧିଜୀ ବହୁ ଉଚ୍ଚ ସମ୍ମାନର ଅଧିକାରୀ। ସାରା ଦେଶରେ ତାଙ୍କର ସ୍ଥାନ ଭାରତରତ୍ନଠାରୁ ବହୁ ଊର୍ଦ୍ଧ୍ୱରେ। ବାସ୍ତବିକ ମହାତ୍ମା ଗାନ୍ଧୀ ହେଉଛନ୍ତି ମହାନ ଆତ୍ମା। ସାରା ଦେଶ ଓ ବିଶ୍ୱ ପାଇଁ ବିରଳ, ଅବିସ୍ମରଣୀୟ ବ୍ୟକ୍ତିତ୍ୱ। ତାଙ୍କ ଦେହାନ୍ତର ଏତେ ବର୍ଷ ପରେ ଭାରତରତ୍ନ ପରି ତୁଚ୍ଛ ସମ୍ମାନ ପାଇଁ କୋର୍ଟରେ ଲଢ଼େଇ କରିବା ହାସ୍ୟାସ୍ପଦ।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଯେଉଁ ଘରେ ସୁଲକ୍ଷଣା ନାରୀ ବାସ କରେ, ସେହି ଘରେ ଲକ୍ଷ୍ମୀ ରହନ୍ତି। କୋଟି କୋଟି ଦେବତା ମଧ ସେହି ଘରକୁ ତ୍ୟାଗ କରନ୍ତି ନାହିଁ।
- ମହର୍ଷି ଗର୍ଗ



## ସଂକ୍ଷେପରେ

### ପ୍ରାଚୀ ସୁରକ୍ଷା ସମନ୍ୱୟ ସମିତି ବୈଠକ

**କାକଟପୁର,୨୯।୨(ଡି.ଏନ୍.ଏ.):** ଓଡ଼ିଶାର ସଂସ୍କୃତି, ବାଣିଜ୍ୟ, କଳା ଓ ଐତିହ୍ୟ ସହ ଜଡିତ ପ୍ରାଚୀ ନଦୀର ସୁରକ୍ଷା ନିମନ୍ତେ ପ୍ରାଚୀ ପ୍ରଜ୍ଞା ପରିଷଦ ଓ ପ୍ରାଚୀ ସୁରକ୍ଷା ସମିତିର ଏକ ବୈଠକ କାକଟପୁର ନିକଟ ରୋହିଣୀକୁଣ୍ଡ ମଠରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆବାହକ ସ୍ୱପ୍ନେଶ୍ୱର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ପ୍ରାଚୀ ନଦୀ ସମ୍ପ୍ରତି ଶୁଷ୍କ ହୋଇଯାଉଥିବାରୁ ଖନନ କରାଯାଇ ପୁନଃ ଜଳପ୍ରବାହ କରାଯିବାକୁ ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ ଓ ୫-ଟି ସଚିବଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ ଆବାହକ ପ୍ରଫେସର ଯୁଧିଷ୍ଠିର ଖଟୁଆ, ଉପଦେଷ୍ଟା ଅଶ୍ୱିନୀ ମହାପାତ୍ର, ଡ. ତ୍ରିନାଥ ପଟ୍ଟନାୟକ, ଦୁର୍ଗାଚରଣ ମିଶ୍ର, ଅନୁପ ସାମଲ, ତ୍ରିଲୋଚନ ମିଶ୍ର, ସୋମନାଥ ପାତ୍ର, ବିପିନ ବେହେରା, ଦିଲ୍ଲୀପ ବେହେରା, ହିମାଂଶୁ ଭୂଷଣ ଦୀକ୍ଷିତ, ଅଲେଖଚରଣ ସାହୁ, ଉମାକାନ୍ତ କର, ଜ୍ଞାନରଞ୍ଜନ ସାହୁ, କୈଳାସ ଚନ୍ଦ୍ର ଦାଶ, ଛବିନ୍ଦ୍ର ପାତ୍ର, ହାଡିବନ୍ଧୁ ବିଶ୍ୱାଳ, ସାଧୁଚରଣ ବିଶ୍ୱାଳ, ରାଧାଶ୍ୟାମ ମହାନ୍ତି, କୈଳାସ ଚନ୍ଦ୍ର ପାତ୍ର, କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ବନ୍ଧ ମହାବୀର ମନ୍ଦିରର ବାର୍ଷିକ ପ୍ରତିଷ୍ଠା ଦିବସ

**ପିପିଲି,୨୯।୨(ସ୍ୱ.ପ୍ର.):** ପିପିଲି-ଜଟଣୀ ରୋଡ କଲେଜ ଛକ ଜୟପୁର କିଲା ଗ୍ରାମର ବନ୍ଧ ମହାବୀର ପରିଚାଳନା କମିଟି ଆନୁକୂଲ୍ୟରେ ବନ୍ଧ ମହାବୀର ମନ୍ଦିରର ୫ମ ବାର୍ଷିକ ପ୍ରତିଷ୍ଠା ଦିବସ ଓ ବିଶ୍ୱ କଲ୍ୟାଣ ଯଜ୍ଞୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ବିଶ୍ୱ କଲ୍ୟାଣ ଯଜ୍ଞୋତ୍ସବ ବୈଦିକ ରୀତିରେ ପୀଠ ପୂଜକ ସର୍ବେଶ୍ୱର ପଣ୍ଡାଙ୍କ ତତ୍ତ୍ୱାବଧାନରେ ପଣ୍ଡିତ ନାରାୟଣ ଦାଶ ରଥ ଶର୍ମା, ଅଜୟ ଦାଶ, ସନ୍ତୋଷ ଦାଶ ପ୍ରମୁଖଙ୍କ ମିଳିତ ମନ୍ତ୍ର ପାଠରେ ଯଜ୍ଞ କାର୍ଯ୍ୟ ସୁଚାରୁ ରୂପେ ହୋଇଥିଲା। ଏଥିରେ ଭାରତୀ ବାଳା ଦାସ ଓ ଉମେଶ ଚନ୍ଦ୍ର ଦାସ କର୍ତ୍ତାକର୍ତ୍ତ୍ରୀ ଭାବେ ଯଜ୍ଞ ସଙ୍କଳ୍ପ ନେଇଥିଲେ। ଉକ୍ତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଭଜନ, କୀର୍ତ୍ତନ ପରିବେଷଣ କରାଯିବା ସହ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଉକ୍ତ ଆଧ୍ୟାତ୍ମିକ ଅନୁଷ୍ଠାନ ବନ୍ଧ ମହାବୀର ପରିଚାଳନା କମିଟିର ସଭ୍ୟ ବସନ୍ତ ସିଂ, ଉମେଶ ବେହେରା, ଉମେଶ ଚନ୍ଦ୍ର ନାୟକ, କାର୍ତ୍ତିକ ବେହେରା, ପର୍ଶୁରାମ ସାମନ୍ତରାୟ, ଦେବ ବେହେରା, ମୁନିଆ ସେଠୀଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ପଞ୍ଚାୟତରେ ହେବ କୃଷକ ଅଭିଯୋଗ ଶୁଣାଣି

- ଆମ କୃଷି ବୈଠକ
- ଚିନାବାଦାମ ବିହନ ଗଜା ନ ହେବା ନେଇ ଉଦ୍‌ବେଗ



ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ, ଜିଲା ମୁଖ୍ୟ କୃଷି ଅଧିକାରୀ ଏସ୍. ଚନ୍ଦ୍ରଶେଖର ରାଓ ଏବଂ ଅନ୍ୟ ଅଧିକାରୀ।

**ପୁରୀ ଅଫିସ, ୨୯।୨**

କୃଷି ଉତ୍ପାଦନ ବୃଦ୍ଧି ସହ କୃଷକମାନଙ୍କ ଆର୍ଥିକ ଅବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଜିଲା କୃଷି କାର୍ଯ୍ୟାଳୟ ପଦକ୍ଷେପ ଗ୍ରହଣ କରିଛି। ଉତ୍ପାଦନ ବୃଦ୍ଧି ସଚେତନତା ସହ ବୈଷୟିକ ସହାୟତା ପ୍ରଦାନ ଓ ତାଲିମରେ କୃଷକଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତି ନିମନ୍ତେ ଆରମ୍ଭ ହୋଇଛି ଆମ କୃଷି କାର୍ଯ୍ୟକ୍ରମ। ଶନିବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇଙ୍କ ଅଧ୍ୟକ୍ଷତାରେ ଆମ କୃଷି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। କେତେକ ପ୍ରସଙ୍ଗକୁ ନେଇ ବୈଠକ ସରଗରମ୍ ରହିଥିଲା।

କୃଷକମାନଙ୍କ ଅଭିଯୋଗ ଶୁଣିବା ପାଇଁ ସରକାରୀ ଅଧିକାରୀ ଏବେ ଚାଷୀଙ୍କ ପାଖକୁ ଯିବେ। ପ୍ରତି ସୋମବାର ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଜିଲାର ପ୍ରତ୍ୟେକ ପଞ୍ଚାୟତ କାର୍ଯ୍ୟାଳୟରେ କୃଷକଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଖୁବ୍‌ଶୀଘ୍ର ଆରମ୍ଭ କରାଯିବ। ଏହି ଶୁଣାଣି ଶିବିରରେ କୃଷି ବିଭାଗ, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ ଏବଂ ସମବାୟ ସମିତି ଅଧିକାରୀ ଉପସ୍ଥିତ ରହିବେ ବୋଲି ଜିଲା ମୁଖ୍ୟ କୃଷି ଅଧିକାରୀ ଏସ୍. ଚନ୍ଦ୍ରଶେଖର ରାଓ କହିଛନ୍ତି। ଜିଲାର ସମସ୍ତ ୨୬୮ ପଞ୍ଚାୟତରୁ ପରୀକ୍ଷା ପାଇଁ ମାଟି ସଂଗ୍ରହ ପ୍ରକ୍ରିୟା ଜାରି ରହିଛି। ବର୍ତ୍ତମାନ ସୁଦ୍ଧା ୧୧ ହଜାର ମାଟି ସଂଗ୍ରହ କରାଯାଇଛି। ତେବେ ଚିନାବାଦାମ ବିହନ ଗଜା ନ ହେବାକୁ ନେଇ ବୈଠକ ସରଗରମ ହୋଇଥିଲା। କୃଷ୍ଣପ୍ରସାଦ ବ୍ଲକର ବହୁ ଚାଷୀ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ବିହନ ନେଇଥିଲେ, କିନ୍ତୁ ତାହା ଗଜା ନ ହେବାରୁ ପୁଣି ବାହାରୁ କିଣିଥିଲେ। ଚାଷୀ ଅଯଥା ଖର୍ଚ୍ଚାନ୍ତ ହେଉଥିବା ନେଇ ୯ ନମ୍ବର ଜୋନ ଜିଲା ପରିଷଦ ସଦସ୍ୟା ଜିଲା ମୁଖ୍ୟ କୃଷି ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ। ତେଣୁ ସବୁ ବ୍ଲକରେ ଉନ୍ନତମାନର ବିହନ ନିଶ୍ଚିତ କରିବାକୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଶାଳ ସିଂ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ସ୍ଥାନରେ ଜଙ୍ଗଲି ଜନ୍ତୁଙ୍କ ଦ୍ୱାରା ଫସଲହାନି ଏବଂ ପାଣି ଜମି ରହିବା ସମସ୍ୟାର ତୁରନ୍ତ ସମାଧାନ ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମୃତ୍ତିକା ସଂରକ୍ଷଣ ବିଭାଗ ଅଧିକାରୀ ପୋଖରୀ ଖନନ ନେଇ ସବିଶେଷ ତଥ୍ୟ ରଖିଥିଲେ। ୨୦୧୯-୨୦ରେ ୮୪୬ଟି ପୋଖରୀ ଖୋଳିବା ପାଇଁ ଯୋଜନା ଥିବା ବେଳେ ଏଥିଲାଗି ୧୦୯୩ ଜଣ ଆବେଦନ କରିଥିବା କହିଥିଲେ। ଏଥିସହ ମାଛ ଚାଷ, ବତକ, ପନିପରିବା ଚାଷ ନେଇ ସରକାରଙ୍କ ପକ୍ଷରୁ କଣ ପ୍ରୋତ୍ସାହନ ରହିଛି ସେ ସମ୍ପର୍କରେ ସୂଚନା ଦେଇଥିଲେ। ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ କହିଥିଲେ, ଚାଷଜମିରେ ଚିଙ୍ଗୁଡ଼ି ଚାଷ ପାଇଁ ପୋଖରୀ ଖୋଳାଯାଉଥିବାରୁ ଜଳ ନିଷ୍କାସନରେ ବାଧା ସୃଷ୍ଟି ହେଉଛି। ଫଳରେ ଜମିରେ ପାଣି ଜମି ରହି ଧାନ ଫସଲ ନଷ୍ଟ ହେଉଛି। ସିଡିଭିଓ ପ୍ରସନ୍ନ କୁମାର ପୃଷ୍ଟି ପଶୁପାଳନ ଏବଂ ଜିଲା ମତ୍ସ୍ୟ ଅଧିକାରୀ ଦେବେନ୍ଦ୍ର କୁମାର ବେହେରା ମାଛ ଚାଷରେ କିପରି ଜଣେ ଲାଭବାନ ହୋଇପାରିବ ସେ ସମ୍ପର୍କରେ ସୂଚନା ଦେଇଥିଲେ। ଉଦ୍ୟାନ କୃଷି ବିଭାଗ ଅଧିକାରୀ କହିଥିଲେ, ଫନୀରେ ଜିଲାରେ ପ୍ରାୟ ୧୧ଲକ୍ଷ ୩୭୮ ନଡ଼ିଆ ଗଛ ନଷ୍ଟ ହୋଇଥିଲା। ଏଥିପାଇଁ ସରକାରଙ୍କ ପକ୍ଷରୁ ସହାୟତା ଦିଆଯାଇଛି। ୧ଲକ୍ଷ ୬,୧୬୩ ଚାଷୀଙ୍କ ଆକାଉଣ୍ଟକୁ ୪୩ କୋଟି ୭୧ଲକ୍ଷ ୯,୫୦୦ ଟଙ୍କା ପଠାଯାଇଛି। ନଡ଼ିଆ ଚାଷକୁ ପୁଣି ପ୍ରୋତ୍ସାହିତ କରିବା ପାଇଁ ୪,୫୪୨ ହେକ୍ଟର ଜମିରେ ୮ଲକ୍ଷ ନଡ଼ିଆ ଗଛ ଲଗାଯିବ। ଜଣଙ୍କୁ ୫ଟି ଲେଖାଏ କରି ଲକ୍ଷେ ଚାଷୀଙ୍କୁ ମାଗଣାରେ ନଡ଼ିଆ ଚାରା ବଣ୍ଟାଯିବାକୁ ଯୋଜନା ହୋଇଛି। ଜିଲା ପରିଷଦ କୃଷି ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ କୈଳାସ ପରିଡ଼ା ଉଦ୍ୟାନ, ମତ୍ସ୍ୟ ଓ ପଶୁପାଳନକୁ ଉତ୍ସାହିତ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ବୈଠକରେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରବିନାରାୟଣ ତ୍ରିପାଠୀ, ବିଭିନ୍ନ ବିଭାଗୀୟ ପଦାଧିକାରୀ, ଜିଲା ପରିଷଦ ସଦସ୍ୟା ସଦସ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଅଧ୍ୟକ୍ଷ ପ୍ରମୁଖ ଉପସ୍ଥିତ ଥିଲେ।

## ଗଞ୍ଜାମର ଜନଜାତି ମତ୍ସ୍ୟଚାଷୀଙ୍କ କର୍ମଶାଳା

### ୫ ପୋଷ୍ୟ ଗ୍ରାମ, ୩ ମତ୍ସ୍ୟ ଅଧିକାରୀ ସମ୍ମାନିତ

**ପିପିଲି/ବାଲକାଟୀ,୨୯।୨(ସ୍ୱ.ପ୍ର./ଡି.ଏନ୍.ଏ.):** ଭାରତ ସରକାରଙ୍କ ବିଜ୍ଞାନ ଓ ବୈଷୟିକ ବିଭାଗ ପ୍ରାୟୋଜିତ କାର୍ପ ଯାଆଁଳ ଉତ୍ପାଦନ ଓ ଗଞ୍ଜାମ ଜିଲାର ଫାଇଲିନ୍ କ୍ଷତିଗ୍ରସ୍ତ ଆଦିବାସୀ ମତ୍ସ୍ୟଚାଷୀଙ୍କ ପାଇଁ 'ସମନ୍ୱିତ ମତ୍ସ୍ୟଚାଷ' କୌଶଳ ପ୍ରକଳ୍ପର ଶେଷ କର୍ମଶାଳା ସିଫାଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସିଫା ଓ ଓଡ଼ିଶା ସରକାରଙ୍କ ମତ୍ସ୍ୟ ବିଭାଗ ଗଞ୍ଜାମ ଜୋନ୍‌ର ମିଳିତ ସହଯୋଗରେ କାର୍ଯ୍ୟକାରୀ ହେଉଥିବା ଏହି ପ୍ରକଳ୍ପଟି ୨୦୧୬-୧୭ ମସିହାରୁ ଆରମ୍ଭ ହୋଇ ୨୦୨୦ରେ ଶେଷ ହେଉଛି। ସିଫାର ନିର୍ଦ୍ଦେଶିକା ଡ. ବି.ଆର୍.ପିଲାଇଙ୍କ ସଭାପତିତ୍ୱରେ ରାଜ୍ୟ ଖଦି ଓ ଗ୍ରାମୋଦ୍ୟୋଗ ପରିଷଦର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗଞ୍ଜାମ ଜୋନ୍‌ର ଡିଡିଏଫ୍ ଶିବ ପ୍ରସାଦ ଭୋଇ ଓ ଅତିରିକ୍ତ ମତ୍ସ୍ୟ ନିର୍ଦ୍ଦେଶକ ଦେବାନନ୍ଦ ଭଞ୍ଜ, ପ୍ରକଳ୍ପର ମୁଖ୍ୟ ତଥା ପ୍ରଧାନ ବୈଜ୍ଞାନିକ ଡ. ବିକାଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଗଞ୍ଜାମ ଜିଲାର ୨୧୩ ଜଣ ଆଦିବାସୀ ମତ୍ସ୍ୟଚାଷୀ ପରିବାରଙ୍କୁ ଏହି ପ୍ରକଳ୍ପ ଅଧୀନରେ ପୋଷ୍ୟ ଭାବେ ଗ୍ରହଣ କରାଯିବା ସହ ସିଫା ଦ୍ୱାରା ପ୍ରସ୍ତୁତ ୪ଗୋଟି ଏଫ୍.ଆର୍.ପି. ହାଚେରି ପ୍ରଦାନ କରାଯାଇଥିଲା। ପ୍ରକଳ୍ପର ମୁଖ୍ୟ ତଥା ପ୍ରଧାନ ବୈଜ୍ଞାନିକ ଡ.ବିକାଶ ଚନ୍ଦ୍ର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ 'ଗଞ୍ଜାମ ଜିଲାର ଜନଜାତି କୃଷକଙ୍କ ପାଇଁ ମଧୁର ଜଳକୃଷି ପ୍ରଯୁକ୍ତି ବିଦ୍ୟାର ବିସ୍ତାରଣ' ଶୀର୍ଷକ ଏକ ସ୍ୱତନ୍ତ୍ର ପୁସ୍ତିକାକୁ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ୫ ଗୋଟି ପୋଷ୍ୟଗ୍ରାମ, ୩ଜଣ ମତ୍ସ୍ୟ ଅଧିକାରୀଙ୍କୁ ପ୍ରକଳ୍ପର ସଫଳତା ପାଇଁ ସେମାନଙ୍କ ଅବଦାନ ନିମନ୍ତେ ସମ୍ମାନିତ କରାଯାଇଥିଲା। ଶେଷରେ ଡ. ଗୌର ସୁନ୍ଦର ସାହା ଧନ୍ୟବାଦ ଦେଇଥିଲେ।

## ଆମ ପୋଲିସ ବୈଠକ

**ବଲଙ୍ଗା,୨୯।୨(ଡି.ଏନ୍.ଏ.)**

ବଲଙ୍ଗା ଥାନା ପକ୍ଷରୁ ତ୍ରିନାଥ ମନ୍ଦିର ମଣ୍ଡପରେ ଶନିବାର ଆମ ପୋଲିସ ବୈଠକ ଶିକ୍ଷାବିତ୍ ରାଜକିଶୋର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବଲଙ୍ଗା ବଜାର ଟ୍ରାଫିକ ସମସ୍ୟା, ଚୋରା ମଦ କାରବାର, ବରିଷ୍ଠ ନାଗରିକଙ୍କୁ ସୁରକ୍ଷା ପ୍ରଦାନ, ରାସ୍ତା ଅବରୋଧ ମୁକ୍ତ, ରାସ୍ତା ସ୍ୱଚ୍ଛ ରଖିବା, ରାତ୍ରିକାଳୀନ ପାଟ୍ରୋଲିଂ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ସାମାଜିକ କର୍ମୀ ମାନସ ରଞ୍ଜନ ଦାଶ, ମନୋଜ ପ୍ରଧାନ, ୧୭ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଶିକ୍ଷାବିତ୍ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ୟା ସମାଧାନ ପାଇଁ ପ୍ରୟାସ ଜାରି ରହିବ ବୋଲି ଆଇଆଇସି ସଞ୍ଜୀବ କୁମାର ପ୍ରଧାନ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବେକର କଣ୍ଠୀ,**
**କେତେ ତୁ ଦେଖାଉ ଛଇଛଟକୀ ।**

ସାଧାରଣତଃ ଅଳଙ୍କାର ପ୍ରତି ମହିଳାମାନଙ୍କ ମନରେ ଅନେକ ଦୁର୍ବଳତା ଭାବ ରହିଥାଏ। ସୁନ୍ଦର ଗହଣାଗାଣ୍ଠି ପିନ୍ଧି ଅନ୍ୟ ଆଗରେ ନିଜ ରୂପଲାବଣ୍ୟକୁ ନେଇ ଦେଖେଇ ହେବାରେ ସେମାନେ ଖୁସି ଅନୁଭବ କରିଥାନ୍ତି। ଏପରିସ୍ଥଳେ ସାମାନ୍ୟ ବେଶଭୂଷା ହୋଇ ଅନ୍ୟ ଆଗେର ଛଇଛଟକ ଦେଖେଇ ହେଉଥିବା ମହିଳାଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ବୁଢ଼ା ବଡ଼ କୃପଣ**
**ପଖାଳ ଭାତରେ ନ ଖାଏ ଲୁଣ ।**

କେତେଜଣ ବ୍ୟକ୍ତି କୃପଣ ସ୍ୱଭାବର ହୋଇଥାନ୍ତି। କାଳେ ଅଧିକ ଧନ ଖର୍ଚ୍ଚ ହୋଇଯିବ ସେହି ଭୟରେ ନା ଭଲକି ଖଣ୍ଡେ ଖାଇଥାନ୍ତି ନା ଦେହକୁ ଭଲ ଖଣ୍ଡେ ପିନ୍ଧିଥାନ୍ତି। ପଖାଳ ଭାତରେ ସାମାନ୍ୟ ଲୁଣ ଟିକେ ନ ପକାଇବା ଭଳି ନିଜ ଦୈନନ୍ଦିନ ଚଳଣିରେ ଯଥାସମ୍ଭବ କାଟଛାଣ୍ଟ କରୁଥିବା କଞ୍ଜୁସ ବ୍ୟକ୍ତି ପ୍ରତି ଏଭଳି ଉକ୍ତି ଉଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃ ଲିଃ

## 'ମାନବ ଜନ୍ମ ଦୁର୍ଲ୍ଲଭ'



ଭାଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଚାଲିଛି।

**ପୁରୀ ଅଫିସ,୨୯।୨**

ବିଶ୍ୱ କଲ୍ୟାଣ, ଆଧ୍ୟାତ୍ମିକ ଚେତନାର ବିକାଶ ତଥା ମାନବାତ୍ମାର ସଦ୍‌ଗତି ଉଦ୍ଦେଶ୍ୟରେ ଲକ୍ଷ୍ମୀନାରାୟଣ ସତ୍‌ସଂଘ ପକ୍ଷରୁ ସିଂହଦ୍ୱାର ନିକଟରେ ୫୦ତମ ବାର୍ଷିକ ଅଧିବେଶନ ଏବଂ ଶ୍ରୀଜଗନ୍ନାଥ ଦାସକୃତ ଭାଗବତ ପାରାୟଣ ଓ ପ୍ରବଚନ ମହାଯଜ୍ଞ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ସ୍ୱାମୀ ଜଗନ୍ନାଥାନନ୍ଦ ସରସ୍ୱତୀ ଏବଂ ବଡଓଡ଼ିଆ ମଠ ମହନ୍ତ ବଂଶୀଧର ଦାସ ଗୋସ୍ୱାମୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହା ମାର୍ଚ୍ଚ ୬ତାରିଖ ପର୍ଯ୍ୟନ୍ତ ଚାଲିବ। ମାର୍ଚ୍ଚ ୭ରୁ ୧୧ତାରିଖ ପର୍ଯ୍ୟନ୍ତ ଝାଞ୍ଜପିଟା ମଠ ପକ୍ଷରୁ ଚବିଶପ୍ରହର ଅଖଣ୍ଡ ନାମ ସଂକୀର୍ତ୍ତନ ସହ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ୫୩୫ତମ ଜୟନ୍ତୀ ଉତ୍ସବ ଆୟୋଜନ ହେବ।

ଉଦ୍‌ଘାଟନୀ ଦିବସରେ ପଣ୍ଡିତ ପ୍ରମୋଦ କୁମାର ହରିଚନ୍ଦନ ଭାଗବତର ମାହାତ୍ମ୍ୟ ସମ୍ପର୍କରେ ପ୍ରବଚନ ଦେଇଥିଲେ। ଶନିବାର ପ୍ରବକ୍ତା ସରୋଜିନୀ ଦେବୀ ମାନବ ଜନ୍ମର ଦୁର୍ଲ୍ଲଭତା ସମ୍ପର୍କରେ ବୁଝାଇଥିଲେ। ମାର୍ଚ୍ଚ ୧ରେ ପଣ୍ଡିତ ସୋମନାଥ ଦାସ ଓ ପଣ୍ଡିତ ପ୍ରମୋଦ ନାୟକ ମାନବ ଜନ୍ମର କ୍ରମ ବିକାଶ ସମ୍ପର୍କରେ ପ୍ରବଚନ ଦେବେ ବୋଲି ଅନୁଷ୍ଠାନ ସମ୍ପାଦିକା ଅନ୍ନପୂର୍ଣ୍ଣା ମିଶ୍ର କହିଛନ୍ତି।




ରୋଟାରୀ କ୍ଲବ ଜଗନ୍ନାଥ ଧାମ ପକ୍ଷରୁ ପୁରୀ ସର୍ବୋଦୟନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପିଲାଙ୍କୁ କମ୍ପ୍ୟୁଟର ଶିକ୍ଷା ପ୍ରଦାନ କରାଯାଉଛି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
78950-82886
73765-91521
B-34/7 A Block Vijay Enclave, Bururi, New Delhi

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: galaxytower1999@gmail.com
WhatsApp No
9479667248

INDUS TOWER LTD
କୌଣସୀ ଖର୍ଚ୍ଚ ନାହିଁ ନିଜର ଖାଲିଥିବା ଜମି, ଛାତ, ପ୍ଲଟ ଓ ଘର ଆଦି ସମସ୍ତ ସ୍ଥାନରେ ଡିଜିଟାଲ ଟାୱର ବସାଇ ଅଗ୍ରୀମ 60,000,00/-, ଭଡା 50,000/- ଟଙ୍କା ପାଆନ୍ତୁ ।
Plot No 37 UA, Bungalow Rd, Kamla Nagar, New Delhi,
8882906098

FINANCE

BUSINESS

Hi TECH TOWER
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ ଉପରେ Digital ଟାୱାର ଲଗାନ୍ତୁ । ଅଗ୍ରିମ- 60,00,000/-, ଭଡ଼ା 40,000/- + 25,000/-ର ଅନ୍ୟାନ୍ୟ ସୁବିଧା।
(NOTE- କୌଣସି ଟାୱାର କମ୍ପାନୀରୁ ଠକାମିର ଶିକାର ହୋଇଥିଲେ କିମ୍ବା କାମ ଚାଲିଥିଲେ ତେବେ ଅଭିଯୋଗ କରି ନିଜର ଟଙ୍କା ଫେରିପାଆନ୍ତୁ ଓ ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାଇ ଟାୱାର ଲଗାନ୍ତୁ।
HELPLINE No.
07488344055

Harpreet Corporation Digital Company
Required Land / Roof / Khet in Village and City Digital Tower Installation + Advance 65 Lakh + Rent 45 Thousand +
Contact :-
9811014559

BUSINESS
American Tower କମ୍ପାନୀ ଦ୍ୱାରା ନିଜର ଖାଲିଥିବା ଜମି ଓ ଛାତରେ (ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ) ଟାୱାର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 70,000/- ଟଙ୍କା ପାଆନ୍ତୁ + ବାଇକ୍ ପାଆନ୍ତୁ
ଧୋକାବାଜ୍ ଙ୍କୁ ସାବଧାନ
American Tower B Wing, Mumbai, Maharashtra-400021.
9473860496

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday

ଋଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ | ପର୍ସନାଲ | ପ୍ରପର୍ଟି | ଏଗ୍ରିକଲ୍ଚର | ବ୍ୟବସାୟ | ଗୃହ ଋଣ | ଟୁ-ହ୍ୱିଲର୍ | ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲଧାରୀଙ୍କୁ ମଧ ଋଣ
8929889612
7290830466
Shahajahanabad, Bhopal (MP)

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
ବିଜିନେସ୍ ଋଣ, ସମ୍ପତ୍ତି ଋଣ, ମାର୍କଶିଟ୍ ଋଣ, ଆଧାର କାର୍ଡ ଋଣ, ବ୍ୟକ୍ତିଗତ ଋଣ, ବିପିଏଲ୍ ଋଣ, ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସବୁକ୍ ଉପରେ ମଧ ଋଣ ଉପଲବ୍ଧ
ସମ୍ପର୍କ କରନ୍ତୁ କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
୦୮୭୬୫୪୧୪୪୮୧, ୦୯୧୨୬୩୪୪୯୮୦

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ଶ୍ରୀ ସାଇ ଫାଇନାନ୍ସ
—ଖର୍ଚ୍ଚ ଋଣରୁ କଟିବ—
ନ୍ୟାଶନାଲ ଆୱାର୍ଡ ଭାରତର ନଂ.1 କମ୍ପାନୀ
ଦ୍ୱାରା ଶିକ୍ଷା, ପ୍ରପର୍ଟି, ଗ୍ରୁପ୍ ଋଣ, ପର୍ସନାଲ, ଗୃହ ଋଣ, ମୁଦ୍ରା, ଆଧାର କାର୍ଡ, ଇଟାଭାଟି ଋଣ, ସବୁ ବର୍ଗ ପାଇଁ ଘରେ ବସି ପାଆନ୍ତୁ 12 ଘଣ୍ଟାରେ ଋଣ ।
2% ସୁଧ 40% ଛାଡ଼
ମହିଳା ଓ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ପ୍ରଥମେ ଆସନ୍ତୁ, ପ୍ରଥମେ ପାଆନ୍ତୁ
ସହାୟତା କେନ୍ଦ୍ରଃ 75992-54565
89012-71684
94506-10896

DHANLAXMI FINANCE
DHANLAXMIଋଣ 2%ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
8146524009
9992204863

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯେତେବେଳେ ମନ ଭିତରକୁ ଖରାପ ଚିନ୍ତା ମାଡ଼ି ଆସୁଛି, ସେତେବେଳେ ଭଗବାନଙ୍କୁ ରଡ଼ିଛାଡ଼ି ଡାକ, ଫଳରେ ଦୁର୍ବୁଦ୍ଧି ମନ ଭିତରେ ପଶିପାରିବ ନାହିଁ।
- ଶିରିଡ଼ି ସାଇବାବା



## ସଂକ୍ଷେପରେ

### ୧୦ଦିନ ପରେ ବି ପୋଲିସ ହାତ ଖାଲି

#### ୮୦ହଜାର ଟଙ୍କା ଲୁଟ୍ ଘଟଣା

**ପିପିଲି,୨୯।୨(ସ୍ୱ.ପ୍ର.):** ପିପିଲି ଥାନା ସମ୍ମୁଖରୁ ଜଗନ୍ନାଥପୁର ଗ୍ରାମର ବ୍ରଜ ମୋହନ ପଣ୍ଡା(୭୦)ଙ୍କ ଠାରୁ ୮୦ହଜାର ଟଙ୍କା ଲୁଟ୍ ଘଟଣାକୁ ୧୦ଦିନ ବିତିଯାଇଥିଲେ ମଧ ପୋଲିସ କାହାରିକୁ ଗିରଫ କରିପାରି ନ ଥିବା ଜଣାପଡିଛି। ସୂଚନାଥାଉ କି, ପିପିଲି ନିକଟ ଜଗନ୍ନାଥପୁର ଗ୍ରାମର ବ୍ରଜମୋହନ ଗତ ୧୮ତାରଖରେ ଭାରତୀୟ ଷ୍ଟେଟ ବ୍ୟାଙ୍କରୁ ୫୦ହଜାର ଟଙ୍କା ଉଠାଇ ପିପିଲି ହାଟଛକ ସ୍ଥିତ ଡାକଘରକୁ ଯାଇଥିଲେ। ଡାକଘରୁ ୩୦ହଜାର ଟଙ୍କା ଉଠାଇ ମୋଟ ୮୦ହଜାର ଟଙ୍କା ଏକ ବ୍ୟାଗରେ ତାଙ୍କ ଗ୍ରାମର ଜଣେ ବ୍ୟକ୍ତିଙ୍କ ବାଇକ୍‌ରେ ଘରକୁ ଫେରୁଥିଲେ। ପିପିଲି ଥାନା ସମ୍ମୁଖରେ ଏକ ବାଇକ୍‌ରେ ଦୁଇ ଜଣ ଯୁବକ ଭୁଜାଲି ଦେଖାଇ ବ୍ରଜମୋହନଙ୍କ ହାତରୁ ୮୦ହଜାର ଟଙ୍କା ଥିବା ବ୍ୟାଗକୁ ନେଇ ଫେରାର ହୋଇଯାଇଥିଲେ। ଏ ନେଇ ବ୍ରଜମୋହନଙ୍କ ଅଭିଯୋଗକ୍ରମେ ପିପିଲି ପୋଲିସ ଏକ ମାମଲା (ନଂ.୪୮/୨୦)ରୁଜୁକରି ତଦନ୍ତ ଚଳାଇଥିଲା। ପୋଲିସ ବ୍ୟାଙ୍କରେ ଲାଗିଥିବା ସିସି କ୍ୟାମେରା ଯାଞ୍ଚ କରିଥିଲା। ଭଙ୍ଗା ମାଟିକାନ୍ଥ ଛପର ଘରକୁ ଭାଙ୍ଗି ଛାତ ଘର କରିବା ପାଇଁ ଟଙ୍କା ଉଠାଇ ଆସୁଥିବା ବେଳେ ଲୁଟେରାଙ୍କ ଶିକାର ହୋଇଥିଲେ ବୋଲି ବ୍ରଜମୋହନ କହିଛନ୍ତି। ଏ ନେଇ ଥାନା ଅଧିକାରୀ ଶରତ କୁମାର ସାହୁ କହିଛନ୍ତି ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି।

# ଦୁର୍ଘଟଣାପ୍ରବଣ ସ୍ଥାନ ଉପରେ ସ୍ୱତନ୍ତ୍ର ଧ୍ୟାନ

**ପୁରୀ ଅଫିସ, ୨୯।୨**

ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଶନିବାର ସଡ଼କ ସୁରକ୍ଷା ସଂକ୍ରାନ୍ତ ସଂସଦୀୟ କ୍ଷେତ୍ର କମିଟି (ପିସିସି) ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମ୍‌ପି ପିନାକୀ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଜିଲାପାଳ ବଲୱନ୍ତ ସିଂ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରତାପ ସ୍ୱାଇଁ, ଏନ୍‌ଏଚ୍‌ଏଆଇ ପିଡି ଏସ୍.ନାଗଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ସଡ଼କ ସୁରକ୍ଷା ପ୍ରତି ସଚେତନ ହୋଇ ଦୁର୍ଘଟଣା ହାର କମାଇବା ଉପରେ ଏଥିରେ ଗୁରୁତ୍ୱାରୋପ କରାଯାଇଥିଲା।

ବୈଠକରେ ମୁଖ୍ୟତଃ ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥ ଏବଂ ପୁରୀ-କୋଣାର୍କ ଜାତୀୟ ରାଜପଥ ଉପରେ ଆଲୋଚନା ହୋଇଥିଲା। ଭୁବନେଶ୍ୱର-କୋଣାର୍କ ମଧ୍ୟରେ ଚିହ୍ନଟ ୫ଟି ଦୁର୍ଘଟଣାପ୍ରବଣ ସ୍ଥାନ ପ୍ରତି ସ୍ୱତନ୍ତ୍ର ଭାବେ ଧ୍ୟାନ ଦିଆଯିବ। ରାସ୍ତାକୁ ମାଡ଼ି ବେଆଇନ ଭାବେ ଦୋକାନ, କ୍ୟାବିନ କରାଯାଇଛି। ଅନେକ ବ୍ୟବସାୟୀ ରାସ୍ତାକୁ ମଡ଼ାଇ ଶେଡ୍ କରିଛନ୍ତି। ଏହାକୁ ତୁରନ୍ତ ଉଚ୍ଛେଦ କରାଯିବ। ରାସ୍ତାରେ ଗାଡ଼ିଚାଳକ ଏବଂ ସ୍ଥାନୀୟ ଜନସାଧାରଣଙ୍କ ଲାଗି ଲଗାଯାଉଥିବା ସାଇନେଜ୍ ଅନେକ ସ୍ଥାନରେ ନାହିଁ। ତେଣୁ ଏହି ସାଇନେଜ୍‌କୁ ଠିକ୍ ଭାବେ ଲଗାଯିବ। ଯେଉଁଠି ରାସ୍ତା ଖରାପ ରହିଛି ତାହାର ମରାମତି ହେବ। ଅନେକ ଜାଗାରେ ଲୋକେ ସେମାନଙ୍କ ସୁବିଧା ପାଇଁ ମେଡିଆନକୁ କାଟି ଯା' ଆସ କରୁଛନ୍ତି। ଏହାକୁ ବନ୍ଦ କରିବା ଲାଗି ଏନ୍‌ଏଚ୍‌ଏଆଇ ପିଡିଙ୍କୁ କୁହାଯାଉଛି। ତେବେ ରାସ୍ତାରେ ଦୁର୍ଘଟଣାର ଅନ୍ୟତମ କାରଣ ହେଉଛନ୍ତି ବୁଲା ଗୋରୁ। ବିଭିନ୍ନ ସମୟରେ ଏମାନେ ରାସ୍ତାକୁ ଚାଲିଆସିବାରୁ ଚାଳକ ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହେଉଛନ୍ତି। ତେଣୁ ଭୁବନେଶ୍ୱର-ପୁରୀ ରାସ୍ତାମଝିରେ ରେଲିଂ ଲଗାଇବାକୁ ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ) ସମୀର ଦଳାଇ ଏନ୍‌ଏଚ୍‌ଏଆଇ ଅଧିକାରୀଙ୍କୁ କହିଥିଲେ, କିନ୍ତୁ ସେମାନଙ୍କର ଏହି ରେଲିଂ ଲଗାଇବାର କୌଣସି ପ୍ରୋଭିଜନ ନାହିଁ, ଚିହ୍ନଟ ସ୍ଥାନରେ ସାଇଡ୍ ଗାର୍ଡ କରାଯିବ ବୋଲି ଏନ୍‌ଏଚ୍‌ଏଆଇ ପକ୍ଷରୁ କୁହାଯାଇଥିଲା। ସେହିପରି ପିପିଲି ଟୋଲ୍‌ଗେଟରେ ଅଧିକାଂଶ ସମୟ ଗହଳି ହେଉଛି। ଏଥିପ୍ରତି ଧ୍ୟାନ ଦେବାକୁ ଜିଲାପାଳ ସିଂ ଏନ୍‌ଏଚ୍‌ଏଆଇ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।





ବୈଠକରେ ଏମ୍‌ପି ପିନାକୀ ମିଶ୍ର, ଜିଲାପାଳ ବଲୱନ୍ତ ସିଂ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରତାପ ସ୍ୱାଇଁ ଏବଂ ଅନ୍ୟ ଅଧିକାରୀମାନେ।

### ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ

- ରାସ୍ତାକୁ ମାଡ଼ି ବସିଥିବା ଦୋକାନ, କ୍ୟାବିନ ହଟିବ
- ଲାଗୁ ହେବ ନୋ ହେଲ୍‌ମେଟ, ନୋ ଫୁଏଲ

ଜିଲା ଯୋଗାଣ ଅଧିକାରୀ ତୁଷାରକାନ୍ତ ଦେଓ କହିଥିଲେ, ସଡ଼କ ସୁରକ୍ଷା ନେଇ ବିଭିନ୍ନ ପ୍ରକାର ସଚେତନତାମୂଳକ ପଦକ୍ଷେପ ନିଆଯାଇଛି। ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପେଟ୍ରୋଲପମ୍ପକୁ ହେଲମେଟ ନାହିଁ ତ ଇନ୍ଧନ ନାହିଁ ଲାଗି ଚିଠି କରାଯାଇଛି। ପେଟ୍ରୋଲପମ୍ପଗୁଡ଼ିକରେ ସଡ଼କ ସୁରକ୍ଷା ସମ୍ପର୍କିତ ଡିସ୍‌ପ୍ଲେ ବୋର୍ଡ ଲଗାଇବାକୁ କୁହାଯିବା ସହ ସିସିଟିଭି ପାଇଁ ପରାମର୍ଶ ଦିଆଯାଇଛି। ପ୍ରାୟ ସବୁ ପେଟ୍ରୋଲପମ୍ପରେ ସିସିଟିଭି ରହିଛି। ଯେଉଁମାନଙ୍କର ନାହିଁ ସେମାନଙ୍କୁ ତୁରନ୍ତ ଲଗାଇବାକୁ କୁହାଯାଇଛି। ତେଣୁ ସମସ୍ତେ ସଚେତନ ହୋଇ ହେଲ୍‌ମେଟ ପିନ୍ଧି ପେଟ୍ରୋଲପମ୍ପକୁ ଆସିବା ପାଇଁ ଦେଓ କହିଥିଲେ। ପରିବହନ ବିଭାଗ ପକ୍ଷରୁ ଯାନବାହନ ଚଳାଚଳ ସମ୍ପର୍କରେ କୁହାଯାଇଥିଲା। ଗାଡ଼ି ଚାଳକମାନେ ଯେପରି ମଦ୍ୟପାନ ନ କରିବେ, ଡ୍ରାଇଭିଂ ସମୟରେ ମୋବାଇଲରେ କଥା ନ ହେବେ, ଟ୍ରାଫିକ ନିୟମ ମାନିବେ ଏବଂ ବସ୍ ଛାତରେ ଯେପରି କୌଣସି ଯାତ୍ରୀ ବସିବେ ନାହିଁ ତା' ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ଆର୍‌ଟିଓ କହିଥିଲେ। ଏଥିରେ ବସ୍ ଏବଂ ଟ୍ରକ୍ ମାଲିକ ସଂଘ ସହମତି ପ୍ରକାଶ କରିଥିଲେ। ଗୋରୁଙ୍କୁ କିପରି ରାସ୍ତାକୁ ଛଡ଼ା ନ ଯିବ ସେ ନେଇ ପୌରସଂସ୍ଥା ପଦକ୍ଷେପ ନେବ ବୋଲି ଜିଲାପାଳ କହିଥିଲେ। ସଡ଼କ ସୁରକ୍ଷା ସଂକ୍ରାନ୍ତରେ ଛାତ୍ରୀଛାତ୍ରଙ୍କୁ ମଧ୍ୟ ସଚେତନ କରିବା ଲାଗି ଆଲୋଚନା ହୋଇଥିଲା। ଅନ୍ୟପକ୍ଷରେ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ଯାତାୟାତ କରୁଥିବା ଗାଡ଼ିଗୁଡ଼ିକ କିପରି ସୁରକ୍ଷିତ ଭାବେ ଚଳାଚଳ କରିବ ସେ ନେଇ ପଦକ୍ଷେପ ନିଆଯିବ ବୋଲି ଆର୍‌ଟିଓ କହିଥିଲେ। ଜିଲାର କେତେ ବସ୍, ଟାଟା ମ୍ୟାଜିକ ଗାଡ଼ି ଏଥିରେ ନିୟୋଜିତ ରହିଛି ତାହାର ତାଲିକା ପ୍ରସ୍ତୁତ ହେବ ଏବଂ ଏହାର ଚାଳକମାନଙ୍କୁ ସଚେତନ କରାଯିବ। ସେହିପରି ବିନା ହେଲ୍‌ମେଟରେ ଚଳାଉଥିବା ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ପଦକ୍ଷେପ ନିଆଯିବ ବୋଲି ଆଲୋଚନା ହୋଇଛି। ପୋଲିସ ପକ୍ଷରୁ ରାସ୍ତାରେ ଚେକିଂ କଡ଼ାକଡ଼ି କରାଯିବ ବୋଲି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସ୍ୱାଇଁ କହିଥିଲେ।

### ଯୌତୁକ ଲାଗି ବୋହୂକୁ ପୋଡ଼ି ହତ୍ୟା ଉଦ୍ୟମ

**ପୁରୀ ଅଫିସ,୨୯।୨**

ଅଧିକ ଯୌତୁକ ଲାଗି ବୋହୂକୁ ପୋଡ଼ି ମାରିବାକୁ ଉଦ୍ୟମ ହୋଇଥିବା ବାସେଳି ସାହି ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଅଟକ ରଖିଛି। ସମ୍ପୃକ୍ତ ମହିଳାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅଭିଯୋଗରେ ଦର୍ଶାଯାଇଛି ଯେ, ୮ବର୍ଷ ତଳେ ରମେଶ ଚନ୍ଦ୍ର ତ୍ରିପାଠୀଙ୍କ ଝିଅ ଝରଣା ପୁରୀ ଜିଲା ପାର୍ବତୀପୁର ଲକ୍ଷ୍ମୀନାରାୟଣ ନଗରର ମନୁଆ ନନ୍ଦଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ତାଙ୍କର ୫ ଓ ୩ବର୍ଷର ଦୁଇଜଣ ପୁଅ ଅଛନ୍ତି। ବିବାହ ସମୟରେ କନ୍ୟାଘର ପକ୍ଷରୁ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ତେବେ ବିବାହର କିଛି ବର୍ଷ ପରେ ଶାଶୁଘର ଲୋକେ ଅଧିକ ଯୌତୁକ ଦାବିରେ ଝରଣାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ଏ ନେଇ ସେ ପରିବାର ଲୋକଙ୍କୁ ଜଣାଇଥିଲେ। ଶନିବାର ଭୋର ସମୟରେ ସେ ପୋଡ଼ି ଯାଇଥିବା ଏବଂ ମେଡିକାଲରେ ଭର୍ତ୍ତି ହୋଇଥିବା ଖବର ପାଇ ତାଙ୍କ ବାପଘର ଲୋକେ ପୁରୀରେ ପହଞ୍ଚିଥିଲେ। ଭଉଣୀ ଝରଣାଙ୍କୁ ଶାଶୁଘର ଲୋକେ ଯୌତୁକ ପାଇଁ ପୋଡ଼ି ମାରିବାକୁ ଉଦ୍ୟମ କରିଛନ୍ତି ବୋଲି ଭାଇ ଅକ୍ଷୟ ତ୍ରିପାଠୀ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ ଜାରି ରହିଥିବା ପୋଲିସ କହିଛି।

# ୧ଲକ୍ଷ ଲେଖାଏ ପାଇବେ ୧୪ କ୍ଷତିଗ୍ରସ୍ତ ଯାଦବ ପରିବାର

**ପୁରୀ ଅଫିସ,୨୯।୨**

### ଜିଲାପାଳଙ୍କ ରିଭ୍ୟୁ ପିଟିଶନ ଓଏଚ୍‌ଆର୍‌ସିରେ ଖାରଜ

ବ୍ରହ୍ମଗିରି ଥାନା ଅଧୀନ ବୁଢାକେରା ଗ୍ରାମର ୧୪ଟି ଯାଦବ ପରିବାର ପ୍ରତ୍ୟେକ ୧ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ପାଇବେ। ଓଡ଼ିଶା ରାଜ୍ୟ ମାନବାଧିକାର କମିଶନ (ଓଏଚ୍‌ଆର୍‌ସି) ସରକାରଙ୍କୁ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏପ୍ରିଲ ୬ତାରିଖ ସୁଦ୍ଧା ଏହା ଉପରେ ପଦକ୍ଷେପ ନେବା ଲାଗି ରାୟରେ ଉଲ୍ଲେଖ ରହିଛି।

ସୂଚନା ଅନୁଯାୟୀ, ବୁଢାକେରା ଗ୍ରାମର ଅନାବାଦୀ ଓ ଗୋଚର ଜମିରେ ୧୪ଟି ଯାଦବ ପରିବାର ପାରମ୍ପରିକ ଭାବେ ଗୋପାଳନ କରି ଗୁଜୁରାଣ ମେଣ୍ଟାଉଥିଲେ। ଗ୍ରାମର କେତେଜଣ ଜମି ମାଫିଆ ଅସାମାଜିକ ଯୁବକଙ୍କ ଜରିଆରେ ସେମାନଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ସେଠାରୁ ତଡ଼ି ଦେଇଥିଲେ। ଫଳରେ ଏହି ଯାଦବ ପରବାର ରାସ୍ତାକୁ ଚାଲିଆସିଥିଲେ। ଯାଦବ ପରିବାରଗୁଡ଼ିକର ଜୀବନ ଜୀବିକା ଲାଗି ମାନବାଧିକାର କର୍ମୀ ବାଘାମ୍ବର ପଟ୍ଟନାୟକ ଓଏଚ୍‌ଆର୍‌ସିରେ ଅଭିଯୋଗ କରିଥିଲେ। ଏଥିରେ ସେ ଜିଲା ପ୍ରଶାସନକୁ ପକ୍ଷଭୁକ୍ତ କରିଥିଲେ। ଏହି ଅଭିଯୋଗ ଉପରେ ପୁରୀ ଜିଲାପାଳ ବଲୱନ୍ତ ସିଂ ଗତ ୨୦୧୯ ସେପ୍ଟେମ୍ବର ୨୭ ତାରିଖରେ କମିଶନଙ୍କ ନିକଟରେ ରିଭ୍ୟୁ ପିଟିଶନ୍ ଦାଖଲ କରିଥିଲେ। ଏହାର ଜବାବରେ ମାନବାଧିକାର କର୍ମୀ ପଟ୍ଟନାୟକ ଜିଲାପାଳଙ୍କ ଆପତ୍ତି ଉପରେ କମିଶନଙ୍କ ନିକଟରେ ଉତ୍ତର ରଖିଥିଲେ। କମିଶନ ସମସ୍ତ ପ୍ରମାଣ, ରିପୋର୍ଟ ବିଚାରକୁ ନେଇ ଜିଲାପାଳଙ୍କ ରିଭ୍ୟୁ ପିଟିଶନକୁ ଖାରଜ କରିବା ସହ ସମସ୍ତ କ୍ଷତିଗ୍ରସ୍ତ ଯାଦବ ପରିବାରଙ୍କୁ ୧ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦେବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। କମିଶନଙ୍କ ଏହି ରାୟ ପରେ କ୍ଷତିଗ୍ରସ୍ତ ଯାଦବ ପରିବାରଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଓଏଚ୍‌ଆର୍‌ସିଙ୍କ ଏହି ରାୟ ଫଳରେ ଦୀର୍ଘଦିନ ଧରି ନିଷ୍ପେଷିତ ହୋଇ ଦିନ କାଟୁଥିବା ଯାଦବ ପରିବାରଙ୍କୁ ଉପଯୁକ୍ତ ନ୍ୟାୟ ମିଳିଛି ବୋଲି ପଟ୍ଟନାୟକ ଗଣମାଧ୍ୟମ ଆଗରେ କହିଛନ୍ତି।

### ପଞ୍ଚାୟତ ପ୍ରତିନିଧିଙ୍କୁ ସରପଞ୍ଚଙ୍କ ଉପେକ୍ଷା ଅଭିଯୋଗ

**ବ୍ରହ୍ମଗିରି,୨୯।୨(ଡି.ଏନ.ଏ.)**

ବ୍ରହ୍ମଗିରି ବ୍ଲକ କହଲପଦା ସରପଞ୍ଚ ପଞ୍ଚାୟତ ପ୍ରତିନିଧିମାନଙ୍କୁ ଉପେକ୍ଷା କରୁଛନ୍ତି। ସେ କାହାକୁ କିଛି ନ ପଚାରି ବେନିୟମ କାର୍ଯ୍ୟ କରିଚାଲିଛନ୍ତି ବୋଲି ଶନିବାର କେତେକ ୱାର୍ଡର ସଭ୍ୟାସଭ୍ୟ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଅଭିଯୋଗ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, ଗତ ୩୫ମାସ ମଧ୍ୟରେ ମାତ୍ର ୩ଥର ପଞ୍ଚାୟତ ବୈଠକ ଡକାଯାଇଛି। ପିଠା କାର୍ଯ୍ୟକ୍ରମର ହିସାବ ଏ ପର୍ଯ୍ୟନ୍ତ ଉପସ୍ଥାପନ କରାଯାଇ ନାହିଁ। ଏମ୍‌ଜିଏନ୍‌ଆରଇଜିଏସ୍ କାମ, ଫନୀ ହିତାଧିକାରୀ ଚୟନ ଓ ସହାୟତା ପ୍ରଦାନ ଏବଂ ହ୍ୟାଣ୍ଡପମ୍ପ ମରାମତିରେ ଅନିୟମିତତା ହୋଇଛି। ବାର୍ଦ୍ଧକ୍ୟ ଭତ୍ତା ଠିକ୍ ଭାବେ ଦିଆଯାଉ ନାହିଁ। ଏସବୁ ଅଭିଯୋଗ ସମ୍ପର୍କରେ ସରପଞ୍ଚ ପ୍ରଭାତି ପଲେଇ କହିଛନ୍ତି, ରାଜନୈତିକ ଅଭିସନ୍ଧି ରଖି ମୋ' ବିରୋଧରେ ଏଭଳି ଅଭିଯୋଗ କରାଯାଇଛି। ଯଦି କୌଣସିରେ କିଛି ଅନିୟମିତତା ରହିଛି ତେବେ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ। ସବୁପ୍ରକାର ତଦନ୍ତକୁ ମୁଁ ସ୍ୱାଗତ କରିବି।

# ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ

**ପୁରୀ ଅଫିସ, ୨୯।୨**

### ଏସ୍‌ସିଏସ୍ କଲେଜର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଶନିବାର ହେରିଟେଜ୍ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଅଧ୍ୟକ୍ଷା ପ୍ରଫେସର ସୁଜାତା ମିଶ୍ର ଉଦ୍‌ଘାଟନ କରି କହିଲେ ଯେ, ଏହି କଲେଜ ବର୍ତ୍ତମାନ ପ୍ଲାଟିନମ ଜୁବିଲି ପାଳନ କରୁଛି। କଲେଜର ବିକାଶ ଦିଗରେ ସମସ୍ତଙ୍କ ଉତ୍ତରଦାୟିତ୍ୱ ରହିଛି। ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା ପରିଷଦର ଅଧ୍ୟକ୍ଷ ପ୍ରଫେସର ଅଶୋକ ଦାଶ ଯୋଗଦେଇ ଗୁଣାତ୍ମକ ଶିକ୍ଷା ଏବଂ ଶୈକ୍ଷିକ ବାତାବରଣ ଉପରେ ଗୁରୁତ୍ୱାରୋପ କରିଥିଲେ। କଲେଜ ଉପାଧ୍ୟକ୍ଷ ଶଙ୍କର୍ଷଣ ଦାଶ କଲେଜର ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ପ୍ଲାଟିନମ ଜୁବିଲି ଲୋଗୋକୁ ମୁଖ୍ୟଅତିଥି ଉନ୍ମୋଚନ କରିଥିଲେ। ଏହି ଲୋଗୋ ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ଶୁଭ୍ରାଂଶୁ ଶେଖର ସାହୁଙ୍କ ସମେତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଡ. ବଳରାମ ମିଶ୍ର, ଡ. ମେରି ମହାନ୍ତି, ଡ. ସୁନନ୍ଦିନୀ ପାଣି, ଡ. ରବୀନ୍ଦ୍ର କୁମାର ପ୍ରଧାନ, ଡ. ଶୁଭେନ୍ଦୁ ପରିଡା, ଡ. ଦିଲୀପ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବିଦ୍ୟାଳୟ ପରିସରରୁ ବାଇକ୍ ଚୋରି

**କଣାସ,୨୯।୨(ସ୍ୱ.ପ୍ର.):** କଣାସ ଥାନା ଅଧୀନ ବାଲିପାଟଣା ଉନ୍ନୀତ ଉଚ୍ଚବିଦ୍ୟାଳୟ ପରିସରରୁ ଶିକ୍ଷକ ପ୍ରକାଶ ଚନ୍ଦ୍ର ତ୍ରିପାଠୀଙ୍କ ବାଇକ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ଏ ନେଇ ତଦନ୍ତ ଚଳାଇଛି। ତ୍ରିଲୋଚନପୁର ପଞ୍ଚାୟତ ନୀଳକଣ୍ଠପୁର ଗ୍ରାମର ଶିକ୍ଷକ ତ୍ରିପାଠୀ ବୁଧବାର ସ୍କୁଲ ପରିସରରେ ବାଇକ୍ ରଖି କ୍ଲାସକୁ ଯାଇଥିଲେ। ସ୍କୁଲ ଛୁଟି ହେବା ପରେ ତାଙ୍କ ବାଇକ୍ ନ ଥିବା ଦେଖି ଖୋଜାଖୋଜି କରି ନିରାଶ ହୋଇଥିଲେ। ସେ ଥାନାରେ ଏତଲା ଦେଇଥିଲେ।

# ଅସମ୍ପୂର୍ଣ୍ଣ ପ୍ରକଳ୍ପ ଶୀଘ୍ର ସାରିବାକୁ ନିର୍ଦ୍ଦେଶ





ବୈଠକରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ନିର୍ବାଚିତ ଲୋକପ୍ରତିନିଧି ଏବଂ ଅଧିକାରୀମାନେ।

**ପୁରୀ ଅଫିସ,୨୯।୨**

ପୁରୀ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଶନିବାର ଜିଲା ଉନ୍ନୟନ, ସମନ୍ୱୟ ଏବଂ ତଦାରଖ କମିଟି (ଦିଶା) ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରୀ ଏମ୍‌ପି ପିନାକୀ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲାରେ ନିର୍ମାଣାଧୀନ ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଯେଉଁଗୁଡ଼ିକର କାମ ଅଟକିଛି ତାହାକୁ ଶୀଘ୍ର ଶେଷ କରିବାକୁ ନିଷ୍ପତ୍ତି ହୋଇଥିଲା।

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ପୁରୀ ଡିଭିଜନରେ ୪୨୩ ରାସ୍ତାରୁ ବର୍ତ୍ତମାନ ସୁଦ୍ଧା ୩୭୦ଟି ଶେଷ ହୋଇଛି। ନିମାପଡ଼ା ଡିଭିଜନରେ ୨୪୭ଟି ରାସ୍ତା ମଧ୍ୟରେ ୨୩୫ଟି ସରିଥିବା ବେଳେ ୧୨ଟି ନିର୍ମାଣାଧୀନ ରହିଥିବା ବିଭାଗୀୟ ଅଧିକାରୀ କହିଥିଲେ। ସମଗ୍ର ଶିକ୍ଷା ଅଭିଯାନ ଆଲୋଚନା ବେଳେ ଜିଲା ପାଇଁ ୫୨୪ଟି ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ଲକ୍ଷ୍ୟ ରଖାଯାଇଥିବା ବେଳେ ଏହାର କାମ ଆରମ୍ଭ ହୋଇନାହିଁ। ସେହିପରି ବାଳକଙ୍କ ଲାଗି ୧୦ଟି ଏବଂ ବାଳିକାଙ୍କ ଲାଗି ୬ଟି ଟଏଲେଟ୍ ଟାର୍ଗେଟ ଥିବା ବେଳେ ଏସବୁର ନିର୍ମାଣ ଶେଷ ହୋଇଛି। ୨୦୧୯-୨୦ରେ ସମଗ୍ର ଶିକ୍ଷା ଅଭିଯାନ ପାଇଁ ୯୯୨୮.୧୫ ଲକ୍ଷ ଟଙ୍କା ଆସିଥିବା ବେଳେ ବିଭିନ୍ନ ଯୋଜନାରେ ଗତ ୧୫ ତାରିଖ ସୁଦ୍ଧା ୫୨୦୨.୨୩ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ସେହିପରି ମଧ୍ୟାହ୍ନ ଭୋଜନ ପାଇଁ ୨୦୧୯-୨୦ରେ ୩୬୮୩.୮୫ ମେଟ୍ରିକ ଟନ୍ ଚାଉଳ ଆସିଥିବା ବେଳେ ସେଥିମଧ୍ୟରୁ ୩୨୧୭.୫୮ ମେଟ୍ରିକ ଟନ ଖର୍ଚ୍ଚ ହୋଇଥିବା ବୈଠକରେ ସୂଚନା ଦିଆଯାଇଥିଲା। ଏତଦ୍‌ବ୍ୟତୀତ ସ୍ୱଚ୍ଛ ଭାରତ, ଗ୍ରାମୀଣ ସ୍ୱଚ୍ଛ ଭାରତ, ଜାତୀୟ ଗ୍ରାମୀଣ ପାନୀୟ ଜଳ ଯୋଜନା, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଶିଶୁ ବିକାଶ ଯୋଜନା, ଦୀନଦୟାଲ ଉପାଧ୍ୟାୟ ଗ୍ରାମଜ୍ୟୋତି ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚନ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଅଟଳ ମିଶନ, ଏମ୍‌ଜିଏନ୍‌ଆରଇଜିଏସ୍, ହୃଦୟ ଆଦି ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଭାଗୀୟ ଅଧିକାରୀମାନେ ୨୦୧୯-୨୦ରେ ରହିଥିବା ଟାର୍ଗେଟ କେତେ ପୂରଣ କରିଛନ୍ତି ଏବଂ ଆସିଥିବା ଅନୁଦାନ କେତେ ଖର୍ଚ୍ଚ କରିଛନ୍ତି ତାହାର ତଥ୍ୟ ରଖିଥିଲେ। ବୈଠକରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ, ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ, ପିପିଲି ବିଧାୟକ ପ୍ରଦୀପ ମହାରଥୀ, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଜିଲାପାଳ ବଲୱନ୍ତ ସିଂ, ପିଡି ଡିଆରଡିଏ ବିଶାଲ ସିଂଙ୍କ ସମେତ ଦିଶା କମିଟିର ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।


Government of Odisha No.: B-785

OFFICE OF THE SUPERINTENDING ENGINEER CUTTACK (R&B) CIRCLE, CUTTACK

E-mail.ID-sectcrb_2006@yahoo.co.in, Tel/Fax – 0671-2301751/2302751

('e' – PROCUREMENT NOTICE)

Bid Identification No.S.E.Ctc.(R&B) 15/2019-20.

1. The Superintending Engineer, Cuttack (R&B)Circle, Cuttack on behalf of Governor of Odisha invites on Percentage rate basis bid in double cover system in ONLINE MODE from eligible contractors for Road work as mentioned below.
2. No. of work : 6 Nos.
3. Nature of work : Road work.
4. Class of contractor : 'B', 'A' & Special Class
5. Tender paper cost : Rs.10000/- (online)
6. Available of bid documents: in the web site. From 16.03.2020 to 16.00 Hours of 30.03.2020
7. Date of opening of bid : Dt. 31.03.2020 at 11.00 Hours.
8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd./- T.P.Mishra
Superintending Engineer
Cuttack(R&B)Circle

OIPR-34012/11/0022/1920

Government of Odisha

e- Procurement Notice

INVITATION FOR BIDS (IFB)

Bid Identification No. S.E.Dkl.(R&B) 12/2019-20

Email Id-sedklpwd@gmail.com

No.: B-784: The Superintending Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Road works as detailed in the table below:

1. Name of the work : Road works
2. No of works : 02 (Two) Nos
3. Estimated Cost : Rs.1,10,63,188/- to Rs. 8,51,12,535/
4. Cost of tender paper : Rs 10,000.00
5. Class of contractor : "A", "B", "Special" & "Super" Class
6. Period of Completion of work : 04( Four) to 11 (Eleven) Calendar months
7. Date and time of availability of bid Document in the website : From Dt.06.03.2020 to 16.00 hours of Dt.20.03.2020
8. Date of opening of bid : Dt.21.03.2020 at 11.30 hours

The bidders have to participate in ONLINE bidding only further details can be seen from the e-Procurement Portal: **www.tendersodisha.gov.in**. Any addendum / corrigendum / cancellation of tender can also be seen in the said website.

Superintending Engineer
Dhenkanal(R&B) Circle, Dhenkanal

OIPR-34132/11/0013/1920

No. C-537

ପୌରପରିଷଦ କାର୍ଯ୍ୟାଳୟ : ତାଳଚେର

ପତ୍ର ସଂଖ୍ୟା : ୪୯୧/ ତା. ୨୯.୦୨.୨୦୨୦

ନୋଟିସ

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି, ତାଳଚେର ପୌରପରିଷଦ ଅନ୍ତର୍ଗତ ନିମ୍ନ ତଫସିଲ ବର୍ଣ୍ଣିତ ସଇରାତଗୁଡିକ ସ୍ମ ୨୦୨୦-୨୧ ବର୍ଷ ପାଇଁ ତା. ୦୧.୦୪.୨୦୨୦ ରିଖ ଠାରୁ ତା. ୩୧.୦୩.୨୦୨୧ ରିଖ ପର୍ଯ୍ୟନ୍ତ ନିମ୍ନସ୍ୱାକ୍ଷରକାରୀଙ୍କ ଦ୍ୱାରା ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି। ଟେଣ୍ଡରରେ ଭାଗନେବାକୁ ଇଚ୍ଛୁକ ଥିବା ବ୍ୟକ୍ତି ତା. ୦୨.୦୩.୨୦୨୦ ରିଖ ଠାରୁ ତା. ୧୧.୦୩.୨୦୨୦ ରିଖ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ (ସରକାରୀ ଛୁଟିଦିନ ବ୍ୟତୀତ) ନିର୍ଦ୍ଦିଷ୍ଟ ଟେଣ୍ଡର ଫର୍ମ ଟ. ୫୦୦/- ଙ୍କା (ପାଞ୍ଚଶତ ଟଙ୍କା) ଦାଖଲ କରି ପୌର କାର୍ଯ୍ୟାଳୟରୁ କ୍ରୟ କରିପାରିବେ। ଟେଣ୍ଡର ତା. ୧୨.୦୩.୨୦୨୦ ରିଖ ପୂର୍ବାହ୍ନ ୧.୦୦ ଘଟିକା ପର୍ଯ୍ୟନ୍ତ ଗ୍ରହଣ କରାଯିବ ଓ ତା. ୧୨.୦୩.୨୦୨୦ରିଖ ଅପରାହ୍ନ ୪.୦୦ ଘଟିକା ସମୟରେ ଟେଣ୍ଡରଦାତା କିମ୍ୱା ତାଙ୍କର କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଖୋଲାଯିବ। ଟେଣ୍ଡର ପକାଇବା ସମୟରେ ନିମ୍ନବର୍ଣ୍ଣିତ ସର୍ତ୍ତାବଳୀ ପାଳନ କରିବେ ଏବଂ ପରିଷଦର ନିୟମାନୁଯାୟୀ ସଂପତ୍ତି ପରିଚାଳନା କରିବେ ଏବଂ ଫି ଇତ୍ୟାଦି ଆଦାୟ କରିବେ।

ସର୍ତ୍ତାବଳୀ

୧. ଯଉଭୁଦ ଟେଣ୍ଡରରେ ଭାଗନେବା ବ୍ୟକ୍ତି ଯେଉଁ ସଇରାତ ସଂପତ୍ତିକୁ ଟେଣ୍ଡରରେ ନେବାକୁ ଚାହାନ୍ତି ସେହି ସଂପତ୍ତିର ନିର୍ଦ୍ଧାରିତ ଅମାନତ ଟଙ୍କା ନିର୍ବାହୀ ଅଧିକାରୀ, ତାଳଚେର ମ୍ୟୁନିସିପାଲିଟିଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଟେଣ୍ଡର ପେପର ସହିତ ନିର୍ଦ୍ଧାରିତ ଟେଣ୍ଡର ବାକ୍ସରେ ଜଉମୁଦ ଲଫାପାରେ ପକାଇବେ, ଯାହାଙ୍କର ଟେଣ୍ଡର ସିଦ୍ଧାନ୍ତ ହେବନାହିଁ ତାଙ୍କ ଟଙ୍କା ଫେରସ୍ତ ଦିଆଯିବ।
୨. ଯେଉଁ ବ୍ୟକ୍ତିଙ୍କ ଉପରେ ପରିଷଦର ବକେୟାପାଉଣା ଥିବ ସେମାନେ ଟେଣ୍ଡରରେ ଭାଗନେଇ ପାରିବେ ନାହିଁ, ଯଦି କରିଥାନ୍ତି ତାହା ଗ୍ରହଣୀୟ ହେବନାହିଁ।
୩. ଟେଣ୍ଡର ଫର୍ଦ୍ଦ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅନୁମୋଦନ ହେବାପରେ ଟେଣ୍ଡରଧାରୀ ଉକ୍ତଦିନ ସଙ୍ଗେ ସଙ୍ଗେ ସମସ୍ତ ଟଙ୍କା ଏକକାଳୀନ ଦାଖଲ କରିବେ ଓ ୩ (ତିନି) ଦିନ ମଧ୍ୟରେ ନିଜ ଖର୍ଚ୍ଚରେ ପରିଷଦ ସହିତ ଚୁକ୍ତିନାମା ସଂପାଦନା କରିବେ। ଏହାପରେ ତାଙ୍କୁ ସଂପତ୍ତି ପରିଚାଳନା ନିମନ୍ତେ ହସ୍ତାନ୍ତର କରାଯିବ।
୪. ଯେଉଁ ବ୍ୟକ୍ତିଙ୍କ ନାମରେ ଟେଣ୍ଡର ଧାର୍ଯ୍ୟ ହେବ, ଯଦି ସେହି ବ୍ୟକ୍ତି ସମସ୍ତ ଟଙ୍କା ପଇଠ ନ କରନ୍ତି, ତାଙ୍କ ଟେଣ୍ଡରଟି ରଦ୍ଦ କରାଯିବା ସଙ୍ଗେ ସଙ୍ଗେ ଦେଇଥିବା ଅମାନତ ଟଙ୍କା ବାଜ୍ୟାପ୍ତି କରାଯିବ।
୫. ଟେଣ୍ଡରଧାରୀ ନିମ୍ନ ସଂପତ୍ତି ପାଇଁ ପରିଷଦର ନିର୍ଦ୍ଧାରିତ ଧାର୍ଯ୍ୟ ସ୍ଥାନରୁ ମହାସୁଲ ଆଦାୟ କରିବେ।
୬. ଦୈବିଦୁର୍ବିପାକ କିମ୍ୱା କୌଣସି କାରଣରୁ ଟେଣ୍ଡରଧାରୀ ଯଦି କ୍ଷତି ସହନ୍ତି, ତେବେ ପରିଷଦ ଦାୟୀ ରହିବେ ନାହିଁ କିମ୍ୱା ଟେଣ୍ଡରଧାରୀ କିଛି ଦାବି କରିପାରିବେ ନାହିଁ। ଏଥିପାଇଁ କୌଣସି ରିହାତି ଦରଖାସ୍ତ ଗ୍ରହଣୀୟ ହେବ ନାହିଁ।
୭. ଟେଣ୍ଡରଧାରୀ ପରିଷଦର ନିର୍ଦ୍ଦେଶ ପ୍ରକାରେ ଚୁକ୍ତିପତ୍ରର ସର୍ତ୍ତାବଳୀ ମୁତାବକ ସଂପତ୍ତି ପରିଚାଳନା କରିବେ, କୌଣସି ସର୍ତ୍ତ ଖିଲାପ କଲେ କିମ୍ୱା ନିୟମାନୁଯାୟୀ ସେହି ସଂପତ୍ତି ପରିଚାଳନା ନ କରିଲେ ଟେଣ୍ଡର ରଦ୍ଦ କରାଯିବା ସଙ୍ଗେ ସଙ୍ଗେ ଅମାନତ ଟଙ୍କାକୁ ବାଜ୍ୟାପ୍ତି କରାଯିବ।
୮. ଟେଣ୍ଡରକାରୀ (ନିର୍ବାହୀ ଅଧିକାରୀ) ଯେ କୌଣସି ଟେଣ୍ଡରର ସର୍ବୋଚ୍ଚ ମୂଲ୍ୟ ଗ୍ରହଣ ନିମନ୍ତେ ବାଧ ନୁହଁନ୍ତି। ସେ ଇଚ୍ଛା କଲେ ବିନା ନୋଟିସରେ କୌଣସି କାରଣ ନ ଦର୍ଶାଇ ଟେଣ୍ଡର ରଦ୍ଦ କରିପାରିବେ।
୯. ଟେଣ୍ଡର ଖୋଲାଯିବ ସମୟରେ ଟେଣ୍ଡରଧାରୀ କିମ୍ୱା ତାଙ୍କର କ୍ଷମତାପ୍ରାପ୍ତ ବ୍ୟକ୍ତିମାନେ ଯଦି ଉପସ୍ଥିତ ନ ରୁହନ୍ତି ତେବେ ବି ନିୟମାନୁଯାୟୀ ଟେଣ୍ଡର ଠିକ୍ ସମୟରେ ଖୋଲାଯିବ। ଏ ବାବଦରେ କୌଣସି ପ୍ରକାର ଅଭିଯୋଗ ଟେଣ୍ଡର ଖୋଲାଯିବା ପରେ ଗ୍ରହଣୀୟ ହେବନାହିଁ।
୧୦. ତା. ୦୨.୦୩.୨୦୨୦ରିଖଠାରୁ ତା. ୧୧.୦୩.୨୦୨୦ ରିଖ ମଧ୍ୟରେ ଯେ କୌଣସି କାର୍ଯ୍ୟ ଦିବସରେ ପରିଷଦ କାର୍ଯ୍ୟାଳୟରୁ ନିର୍ଦ୍ଧାରିତ ଟେଣ୍ଡର ଫର୍ମ ଟ. ୫୦୦.୦୦ (ପାଞ୍ଚ ଶହ ଟଙ୍କା) ମାତ୍ର ଦାଖଲ କରି ପାଇ ପାରିବେ ଓ ଟେଣ୍ଡର ସମ୍ବନ୍ଧୀୟ ତଥ୍ୟ ବୁଝିପାରିବେ।

| | ସଇରାତ ସଂପତ୍ତିଗୁଡିକର ନାମ | ସରକାରୀ ଡାକ | ଅମାନତ ଟଙ୍କା |
|---|---|---|---|
| ୧ | ଦୈନିକ ଗୁଜୁରୀ ହାଟ | ଟ. ୧,୩୦,୦୦୦/- | ଟ. ୨୬,୦୦୦/- |
| ୨ | ହାଟତୋଟା ଶୌଚାଳୟ | ଟ. ୨୧,୧୦୦/- | ଟ. ୫,୦୦୦/- |
| ୩ | ଅଙ୍ଗାରୁଆ ଶୌଚାଳୟ | ଟ. ୨୨,୦୦୦/- | ଟ. ୫,୦୦୦/- |
| ୪ | ରାଣୀପାର୍କ ଶୌଚାଳୟ | ଟ. ୧,୦୯,୦୦୦/- | ଟ. ୨୨,୦୦୦/- |
| ୫ | ଆଡଭର୍ଟାଇଜ୍ ବୋର୍ଡ | ଟ. ୧,୬୦,୦୦୦/- | ଟ. ୩୨,୦୦୦/- |
| ୬ | ଦୀନ୍‌ଦୟାଲ ଭବନ | ଟ. ୧୯,୦୦୦/- | ଟ. ୪,୦୦୦/- |
| ୭ | ହାଟତୋଟା ରୋଡ୍ ମାଂସ ଦୋକାନ ନଂ-୧ | ଟ. ୩୫,୦୦୦/- | ଟ. ୭,୦୦୦/- |
| ୮ | ଚିତ୍ରକୁଟ ପୋଖରୀ ମାଂସ ଦୋକାନ | ଟ. ୨୫,୦୦୦/- | ଟ. ୪,୦୦୦/- |
| ୯ | ବିରାଦରପଡା ମାଂସ ଦୋକାନ-୨ ଗୋଟି | ଟ. ୨୭,୦୦୦/- | ଟ. ୫,୫୦୦/- |
| ୧୦ | ଶର୍ମାଛକ ମାଂସ ଦୋକାନ-୨ | ଟ. ୩୧,୦୦୦/- | ଟ. ୬,୦୦୦/- |
| ୧୧ | ଜେଲ ରୋଡ ମାଛ ମାର୍କେଟ ମାଂସ ଦୋକାନ | ଟ. ୪,୦୦୦/- | ଟ. ୧,୦୦୦/- |
| ୧୨ | ହାଣ୍ଡିଧୁଆଁଛକ ମାଂସ ଦୋକାନ - ୫ ଗୋଟି | ଟ. ୯,୭୦୦/- | ଟ. ୨,୦୦୦/- |
| ୧୩ | ବଜାର ପୋଖରୀ (ମଦନମୋହନ ପଛପାଖ) | ଟ. ୫୦,୦୦୦/- | ଟ. ୧୦,୦୦୦/- |
| ୧୪ | ଚିତ୍ରକୁଟ ପୋଖରୀ | ଟ. ୩୦,୦୦୦/- | ଟ. ୬,୦୦୦/- |
| ୧୫ | ରାଣୀପାର୍କ ବସ୍ ପାର୍କିଂ ଫି | ଟ. ୩,୨୦,୦୦୦/- | ଟ. ୬୪,୦୦୦/- |
| ୧୬ | ରାଣୀ ପାର୍କ ଅଟୋ (ଟାଟାମେଜିକ୍) ଷ୍ଟାଣ୍ଡ | ଟ. ୧୬,୦୦୦/- | ଟ. ୩,୨୦୦/- |
| ୧୭ | ଦେଉଳବେଡ଼ା କୋଲିୟରି ମାଂସ ଦୋକାନ | ଟ. ୧୪,୦୦୦/.- | ଟ. ୩,୦୦୦/- |
| ୧୮ | ବାଘୁଆବୋଲ ରୋଡ ମାଂସ ଦୋକାନ | ଟ. ୪,୦୦୦.- | ଟ. ୧,୦୦୦/- |

ସ୍ୱା./- ନିର୍ବାହୀ ଅଧିକାରୀ, ତାଳଚେର ପୌର ପରିଷଦ

OIPR-13077/11/0015/1920

ଧରିତ୍ରୀ DHARITRI
ଭୁବନେଶ୍ୱର, ରବିବାର, ୧ ମାର୍ଚ୍ଚ, ୨୦୨୦





# ବ୍ରେକ୍ଅପ୍ ପ୍ରୁଫ ଲଭ୍

**ପ୍ରେମ ଏଭଳି ଏକ ନିବିଡ଼ ସମ୍ପର୍କ ଯାହାକି ଦୁଇ ଅଚିହ୍ନା ମଣିଷଙ୍କୁ ବି ଏକାଠି କରିପାରେ। ଆଉ ଏହି ସମ୍ପର୍କକୁ ସାରା ଜୀବନ ଅତୁଟ ରଖିବାକୁ ମଣିଷ କିଛି ବି କରିପାରେ। ହେଲେ ବର୍ତ୍ତମାନ ଅଧିକାଂଶ ଯୁବପିଢ଼ିଙ୍କଠାରେ ସମ୍ପର୍କ ଯୋଡ଼ି ହେବାକୁ ଯେତିକି ସମୟ ନ ଲାଗୁଛି ତା'ଠାରୁ ଶୀଘ୍ର ବ୍ରେକ୍ଅପ୍ ହେଉଥିବା ଦେଖିବାକୁ ମିଳୁଛି। ତେଣୁ ସେମାନଙ୍କ ଲାଗି ଲଭ୍ ରିଲେଶନଶିପ୍‌କୁ ବ୍ରେକ୍ଅପ୍ ପ୍ରୁଫ କରିବା କୌଣସି ଚ୍ୟାଲେଞ୍ଜଠୁ କମ୍ ନୁହେଁ...**





ବର୍ତ୍ତମାନ ଯୁବପିଢ଼ିଙ୍କ ପାଇଁ ଲଭ୍ ଯେମିତି ଏକ ସାଧାରଣ କଥା ପାଲଟି ଯାଇଛି। କହିବାର ତାତ୍ପର୍ଯ୍ୟ, ବର୍ତ୍ତମାନ ଯୁବପିଢ଼ିଙ୍କ ମଧ୍ୟରେ ହାତ ଗଣତି କେତେଜଣଙ୍କୁ ଛାଡ଼ିଦେଲେ ଲଭ୍ ରିଲେଶନ୍‌ଶିପ୍ ନ ଥିବା ସିଙ୍ଗଲ୍‌ଙ୍କ ମିଳିବା ଖୁବ୍ କଷ୍ଟ। ଆଶ୍ଚର୍ଯ୍ୟର କଥା ହେଉଛି, ଏହି ପ୍ରେମୀ ଯୋଡ଼ାଙ୍କ ମଧ୍ୟରୁ ମାତ୍ର କେତେକ ଯୋଡ଼ିଙ୍କ ସମ୍ପର୍କ ସାରା ଜୀବନ ଅତୁଟ ରହୁଥିବାବେଳେ ଅନ୍ୟମାନଙ୍କ କ୍ଷେତ୍ରରେ ପ୍ରେମ ଯେତେ ଶୀଘ୍ର ନ ହେଉଛି ତା'ଠାରୁ ଶୀଘ୍ର ହେଉଛି ବ୍ରେକ୍ଅପ୍। ତେବେ ଏହି ବ୍ରେକ୍ଅପ୍‌ର କାରଣ କ'ଣ ଏବଂ କିପରି ଏହି ଲଭ୍ ରିଲେଶନ୍‌ଶିପ୍‌କୁ ବ୍ରେକ୍ଅପ୍ ପ୍ରୁଫ ବା ଅତୁଟ ରଖିହେବ ଜାଣି ରଖନ୍ତୁ ସେ ସମ୍ପର୍କରେ...

**ସ୍ୱାର୍ଥ:** ବର୍ତ୍ତମାନ ଅନେକ ବ୍ରେକ୍ଅପ୍ ପଛରେ ମୁଖ୍ୟ କାରଣ ହେଉଛି ସ୍ୱାର୍ଥ। ଅର୍ଥାତ୍ ଏବେ ଅର୍ଥର ଲୋଭ ହେଉ ଅବା ଅନ୍ୟ କୌଣସି ସ୍ୱାର୍ଥ ରଖି ଅନେକେ ପ୍ରେମ କରୁଥିବା ଦେଖିବାକୁ ମିଳୁଛି। ଆଉ ନିଜର କାର୍ଯ୍ୟ ପୂରଣ ପରେ ସମ୍ପର୍କରେ ହୋଇଯାଉଛି ଫାଟ ଏବଂ ସାଥୀ ହୋଇଯାଉଛି ଅଲୋଡ଼ା। ବିଶେଷ କରି କଲେଜ ପିଲାଙ୍କ ମଧ୍ୟରେ ଏଭଳି ବ୍ରେକ୍ଅପ୍ ସର୍ବାଧିକ। କାରଣ ଅନେକେ ଏଭଳି ଅଛନ୍ତି ଯିଏ ଅଧିକ ଟଙ୍କା ଥିବା ଯୁବତୀଯୁବକଙ୍କୁ ନିଜର ସାଥୀ ଭାବେ ବାଛୁଛନ୍ତି ଏବଂ ନିଜ ଲାଭ ଦେଖୁଛନ୍ତି ଆଉ ସ୍ୱାର୍ଥ ପୂରଣ ପରେ ସମ୍ପର୍କ ଭାଙ୍ଗି ଦେଉଛନ୍ତି। ହେଲେ ଏପରି କରିବା ଦ୍ୱାରା ଯେ, ଅପରପକ୍ଷ ମାନସିକ ଆଘାତ ପାଉଛି ସେକଥା ସେମାନେ ଭୁଲି ଯାଉଛନ୍ତି। ତେଣୁ ପ୍ରେମ ସମ୍ପର୍କକୁ ଅତୁଟ ରଖିବା ଲାଗି ନିଃସ୍ୱାର୍ଥପର ହେବା ଆବଶ୍ୟକ।

**ସନ୍ଦେହ:** ସମ୍ପର୍କରେ ଫାଟ ସୃଷ୍ଟି କରିବାର ସବୁଠୁ ବଡ଼ କାରଣ ହେଉଛି ସନ୍ଦେହ। ଅନେକେ ନିଜ ସାଥୀଙ୍କୁ କାହା ସହ ଖୁସିରେ କଥା ହେଉଥିବାର ଦେଖିଲେ ସେମାନଙ୍କ ଭିତରେ କିଛି ସମ୍ପର୍କ ଥିବା ସନ୍ଦେହ କରନ୍ତି। କେହି କେହି ସାଥୀଙ୍କ ଅନୁପସ୍ଥିତିରେ ତାଙ୍କ ମୋବାଇଲ୍‌ରେ ମେସେଜ, ହ୍ୱାଟ୍ସଆପ୍, ଫେସ୍‌ବୁକ୍ ମେସେଞ୍ଜର ଆଦି ଚେକ୍ କରନ୍ତି। ଏମିତିକି ବେଳେବେଳେ ଅନ୍ୟର ଶୁଣା କଥାରେ ଭାସିଯାଇ ନିଜ ପାର୍ଟନରଙ୍କୁ ସନ୍ଦେହ କରିବା ସହ ତାଙ୍କ କଥାକୁ ମିଛ ବୋଲି ଭାବି ନିଅନ୍ତି। ଏକ୍ଷେତ୍ରରେ ବ୍ରେକ୍ଅପ୍‌ର ଆଶଙ୍କା ଅଧିକ। ତେଣୁ ନିଜ ସମ୍ପର୍କକୁ ସଦୃଢ଼ କରିବା ଲାଗି କାହାରି କଥାରେ ଭାବପ୍ରବଣ ନ ହୋଇ ସନ୍ଦେହ ନାମକ ଶତ୍ରୁକୁ ମନ ଭିତରୁ ବାହାର କରିବା ଗୁରୁତ୍ୱପୂର୍ଣ୍ଣ। ତେଣୁ ଯଦି ସମ୍ପର୍କ ଅତୁଟ ରଖିବାକୁ ଚାହାନ୍ତି ତେବେ ପରସ୍ପର ସହ କଥା ହୁଅନ୍ତୁ ଏବଂ ସନ୍ଦେହ ଦୂର କରିବାକୁ ଚେଷ୍ଟା କରନ୍ତୁ।



**କମ୍ୟୁନିକେଶନ ଗ୍ୟାପ୍:** ନିଜ ସାଥୀଙ୍କ ସହ ଝଗଡ଼ା ହେଉ କିମ୍ବା କୌଣସି କଥାକୁ ନେଇ ରାଗ ଅବା ସନ୍ଦେହ ସୃଷ୍ଟି ହେଲେ କଥା ନ ହେବା, ମନ ଭିତରେ ଦୁଃଖକୁ ଚାପି ରଖିବା ଦ୍ୱାରା ଧୀରେ ଧୀରେ କମ୍ୟୁନିକେଶନ ଗ୍ୟାପ୍ ବଢ଼ିଥାଏ। ଫଳରେ ଶେଷରେ ଏହା ବ୍ରେକ୍ଅପ୍‌ର ରୂପ ନେଇଥାଏ। ବେଳେବେଳେ ବୁଝାମଣା ଅଭାବରୁ ଗ୍ୟାପ୍ ବଢ଼ିଯାଏ। ତେଣୁ ଝଗଡ଼ା କରିବା କିମ୍ବା ସମ୍ପୂର୍ଣ୍ଣ ଚୁପ୍ ରହି ସମ୍ପର୍କ ଖରାପ କରିବା ପରିବର୍ତ୍ତେ ପରସ୍ପର ମଧ୍ୟରେ କଥା ହୋଇ ଏହାର ସମାଧାନ କରିବା ଦ୍ୱାରା ସମ୍ପର୍କ ମଧୁର ହୋଇଥାଏ।

**ଅବିଶ୍ୱାସ:** ବର୍ତ୍ତମାନ ଅନେକ ଲଭ୍‌ରେ ବ୍ରେକ୍ଅପ୍‌ର ମୂଳ କାରଣ ହେଉଛି ଅବିଶ୍ୱାସ। ବିଶ୍ୱାସ ଏକ ଉତ୍ତମ ସମ୍ପର୍କର ମୂଳଦୂଆ। ତେଣୁ ଥରେ ଏହା ଭାଙ୍ଗିଲେ ପୁନର୍ବାର ସୃଷ୍ଟି ହେବା ଖୁବ୍ କଷ୍ଟ। ତେଣୁ ନା ନିଜ ପ୍ରେମୀଙ୍କ ଉପରେ ଅବିଶ୍ୱାସ କରନ୍ତୁ, ନା କେବେ ଏଭଳି କୌଣସି କାର୍ଯ୍ୟ କରି ତାଙ୍କୁ ଆପଣଙ୍କ ପ୍ରତି ଅବିଶ୍ୱାସ ସୃଷ୍ଟି କରିବାର ସୁଯୋଗ ଦିଅନ୍ତୁ।

**ଲୁଚାଇବା:** ନିଜ ଲାଇଫ୍ ପାର୍ଟନରଙ୍କ ଆଗରେ ସବୁବେଳେ ହୃଦୟ ଖୋଲା ରଖନ୍ତୁ ଏବଂ ସଚ୍ଚୋଟ ହୁଅନ୍ତୁ। କାରଣ ତାଙ୍କ ଆଗରେ କିଛି ଲୁଚାଇବାର ଅର୍ଥ ଅବିଶ୍ୱାସ ଏବଂ ସନ୍ଦେହର ମଞ୍ଜିବୁଣିବା। ଯାହାକି ବ୍ରେକ୍ଅପ୍ ଲାଗି ଯଥେଷ୍ଟ।

**ତୁଳନା:** ସବୁବେଳେ ଅନ୍ୟମାନଙ୍କ ସହ ନିଜ ପାର୍ଟନରଙ୍କ ତୁଳନା କରିବାର ବଦଭ୍ୟାସ କେତେକଙ୍କ ଠାରେ ରହିଛି। ନିଜ ସାଙ୍ଗର ବଏଫ୍ରେଣ୍ଡ ଅବା ଗର୍ଲଫ୍ରେଣ୍ଡ ତା'କୁ କିଭଳି ଗିଫ୍ଟ ଦେଲା, କେତେ ଟଙ୍କା ଖର୍ଚ୍ଚ କଲା ଆଦି ବାରମ୍ବାର ପାର୍ଟନରଙ୍କ ଆଗରେ ଗପିବା ଏବଂ ତାଙ୍କ ସହ ତୁଳନା କରିବା ଦ୍ୱାରା ମନରେ ନକାରାତ୍ମକ ଭାବନା ସୃଷ୍ଟି କରିଥାଏ। କେବଳ ତୁଳନା ନୁହେଁ ଅନେକେ ପାର୍ଟନରଙ୍କ ଆର୍ଥିକ ସ୍ଥିତି ନ ବୁଝି ନିଜ ଇଚ୍ଛା ପୂରଣ କରିବାକୁ ଜିଦ୍ କରିଥାନ୍ତି। ଫଳରେ ପାର୍ଟନରଙ୍କ ଉପରେ ମାନସିକ ତଥା ଆର୍ଥିକ ଚାପ ପଡ଼ିବା ଦ୍ୱାରା ବି କେବେ କେବେ ସମ୍ପର୍କ ଖରାପ ହୋଇଥାଏ। ଯାହାକି ସମ୍ପର୍କକୁ ଅତୁଟ ରଖିବାର ସବୁଠୁ ବଡ଼ ବାଧକ ସାଜିପାରେ। ତେଣୁ ତୁଳନା ଛାଡ଼ି ନିଜ ପାର୍ଟନର ଯେମିତି ତାଙ୍କୁ ସେହି ଭଳି ସ୍ୱୀକାର କରନ୍ତୁ ଏବଂ ସେତିକିରେ ହିଁ ସନ୍ତୁଷ୍ଟ ରହିବାକୁ ଚେଷ୍ଟା କରନ୍ତୁ।

**କଟୁ କଥା:** ମନ ଭଲ ନ ଥିଲେ କିମ୍ବା ଅଫିସ୍ ତଥା ଅନ୍ୟାନ୍ୟ ଟେନ୍‌ସନ୍ ଥିଲେ ଅନେକେ ଏହାର ରାଗ ନିଜ ପାର୍ଟନରଙ୍କ ଉପରେ ଶୁଝାଇଥାନ୍ତି। ଏମିତିକି ରାଗରେ ପାଟିରୁ ବିଭିନ୍ନ କଟୁ କଥା ବି ବାହାରି ଆସେ। ରାଗରେ ହେଉ ନା କାହିଁକି ପାଟିରୁ ଥରେ ବାହାରିଥିବା କଟୁ ବାକ୍ୟ ମନ ଭିତରେ ରହିଯାଏ ଏବଂ କ୍ରମଶଃ ଉଭୟଙ୍କ ମଧ୍ୟରେ ଦୂରତା ବି ବଢ଼ି ବଢ଼ି ଚାଲେ। ମନେରଖନ୍ତୁ ଦୁଇପଦ ମିଠା କଥା ବି ସମ୍ପର୍କକୁ ମଧୁର କରିଥାଏ। ତେଣୁ କ୍ରୋଧରେ ଏମିତି କିଛି କଟୁ କଥା କହିବାଠୁ ନିଜକୁ ନିବୃତ୍ତ ରଖନ୍ତୁ, ଯାହାକି ସମ୍ପର୍କରେ ତିକ୍ତତା ଆଣିବ। ରାଗ ସମୟରେ ଚୁପ୍ ରହିଯିବା ବୁଦ୍ଧିମତାର କାମ।

**ନଜର ରଖିବା:** ବର୍ତ୍ତମାନ ଅଧିକାଂଶ ପ୍ରେମୀ ଯୁଗଳଙ୍କୁ ଉଠିବା ଠାରୁ ଶୋଇବା ପର୍ଯ୍ୟନ୍ତ ପରସ୍ପର ସହ କଥା ହେବା, ସବୁ ଆଲୋଚନା କରୁଥିବାର ଦେଖିବାକୁ ମିଳୁଛି। ଏମିତିକି ପାର୍ଟନର ଯଦି ଫୋନ ନ ଉଠାଏ ସନ୍ଦେହ କରିବା କିମ୍ବା କ'ଣ କରୁଛନ୍ତି ତାଙ୍କ ଅଜାଣତରେ ନଜର ରଖୁଛନ୍ତି। କେବଳ ଏତିକି ନୁହେଁ ଅନେକେ ନିଜ ବ୍ୟତୀତ ଏପରିକି ପରିବାରକୁ ଅଧିକ ସମୟ ଦେଲେ ବି ପାର୍ଟନର ଉପରେ ରାଗିଥାନ୍ତି। ଏଭଳି କ୍ଷେତ୍ରରେ ସମ୍ପର୍କ ଖୁସି ଦେବା ପରିବର୍ତ୍ତେ ଏକ ବୋଝ ଭଳି ମନେହୁଏ ଆଉ ମାନସିକ ଶାନ୍ତି ପାଇଁ ଯେକେହି ସେଥିରୁ ମୁକୁଳିବାକୁ ଚାହାନ୍ତି। ଫଳରେ ବ୍ରେକ୍ଅପ୍ ହୁଏ। ତେଣୁ ଏସବୁ ପ୍ରତି ବିଶେଷ ନଜର ଦେଲେ ସମ୍ପର୍କ ମଧୁର ହେବା ସହ ଅତୁଟ ରହିଥାଏ।

# ଜିମ୍ ଗ୍ୟାଜେଟ୍ସ

**ଶରୀରକୁ ଫିଟ୍ ରଖିବା ତଥା ଆଟ୍ରାକ୍ଟିଭ୍ ଫିଗର ଲାଗି ବର୍ତ୍ତମାନ ଅଧିକାଂଶ ଯୁବତୀଯୁବକ ଜିମ୍ ଯାଉଥିବାର ଦେଖିବାକୁ ମିଳୁଛି। ଆଉ ସେଠାରେ ଏକ୍ସରସାଇଜ୍‌କୁ ମନିଟରିଂ କରିବା ସହ ଏଣ୍ଟରଟେନ୍‌ମେଣ୍ଟ ପାଇଁ ମ୍ୟୁଜିକ୍ ଶୁଣିବା ଲାଗି ବିଭିନ୍ନ ଗ୍ୟାଜେଟ୍ ବ୍ୟବହାର କରୁଛନ୍ତି। ତେଣୁ ଜଦି ଆପଣ ବି ଏଭଳି କିଛି ଗ୍ୟାଜେଟ୍ ବ୍ୟବହାର କରିବାକୁ ଚାହାନ୍ତି ତେବେ ଜାଣି ରଖନ୍ତୁ କେତେକ ସ୍ପେଶାଲ୍ ଜିମ୍ ଗ୍ୟାଜେଟ୍ ସମ୍ପର୍କରେ...**

**ଫିଟ୍‌ନେସ୍ ଟ୍ରାକର ବ୍ୟାଣ୍ଡ:** ଏହା ବର୍ତ୍ତମାନ ଏକ୍ସରସାଇଜ୍ କରୁଥିବା ପ୍ରାୟ ଅଧିକାଂଶଙ୍କ ଲାଗି ଏକ ଅତ୍ୟାବଶ୍ୟକ ଗ୍ୟାଜେଟ୍ ପାଲଟି ଗଲାଣି। ଏହାଦ୍ୱାରା ଦିନକୁ କେତେ ଚାଲିଲେ, କେତେ କ୍ୟାଲୋରୀ ବର୍ଣ୍ଣ କଲେ, ହାର୍ଟବିଟ୍ ଇତ୍ୟାଦି ସୂଚନା ପାଇପାରିବେ। ଏଥିରେ ୩୦୦ରୁ ଅଧିକ ଗୀତ ଷ୍ଟୋର କରି ରଖିପାରିବେ। ସାଧାରଣତଃ ଏଥିରେ ବ୍ୟାଟେରୀ ବ୍ୟାକ୍ଅପ୍ ଭଲ ଅର୍ଥାତ୍ ଚାର୍ଜ ୪ ରୁ ୫ ଦିନ ପର୍ଯ୍ୟନ୍ତ ରହୁଥିବାରୁ ବ୍ୟବହାର କରିବାକୁ ସହଜ ହେଉଛି। ଏହାକୁ ଜିପିଏସ୍ ସହ କନେକ୍ଟ କରି ନିଜର ଲୋକେଶନ୍ ସମ୍ପର୍କିତ ବିଭିନ୍ନ ତଥ୍ୟ ଜାଣି ପାରିବେ।

**ଯୋଗ ମ୍ୟାଟ୍:** ବର୍ତ୍ତମାନ କେତେକ ସ୍ପେଶାଲ୍ ଯୋଗ ମ୍ୟାଟ୍ ମିଳୁଛି ଯାହାକି ଏକ ପ୍ରକାରର ଭଲ ମାଟେରିଆଲ୍‌ରେ ପ୍ରସ୍ତୁତ କରାଯାଉଛି। ଯାହା ଉପରେ ବସି କିମ୍ବା ଶୋଇ ଯୋଗ କଲେ କହୁଣି, ଆଣ୍ଠୁ ଆଦି ଗଣ୍ଠି ସ୍ଥାନ ଗୁଡ଼ିକରେ ଆଦୌ ଚାପ ପଡୁନାହିଁ। ଏହା ଲଙ୍ଗ୍ ଲାଷ୍ଟିଙ୍ଗ୍ ଏବଂ ରୋଲ୍ କରି କ୍ୟାରି କରିବା ବି ଖୁବ୍ ସହଜ ହେଉଥିବାରୁ ଅନେକେ ଏହା ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। କେବଳ ଏତିକି ନୁହେଁ ବର୍ତ୍ତମାନ ମିଳୁଥିବା ସ୍ମାର୍ଟ ଯୋଗ ମ୍ୟାଟ୍‌ରେ ମୋବାଇଲ୍ ଫୋନ୍ ସହ ବ୍ଲୁଟୁଥ୍ କନେକ୍ଟ ହେବାର ସ୍ପେଶାଲ୍ ଫିଚର ଫିଟ୍‌ନେସ୍ ମନିଟର କରିବାରେ ବେଶ୍ ସାହାଯ୍ୟ କରୁଛି।

**ଥର୍ମୋସ୍ ସ୍ମାର୍ଟ ହାଇଡ୍ରେଶନ୍ ବଟଲ୍:** ଏକ୍ସରସାଇଜ୍ ସମୟରେ ଶରୀରର ଜଳୀୟାଂଶ ଠିକ୍ ରହିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା। ଆଉ ଏଥିପ୍ରତି ନଜର ରଖିବା ଲାଗି ବର୍ତ୍ତମାନ ବେଶ୍ କାମରେ ଆସୁଛି ଥର୍ମୋସ୍ ସ୍ମାର୍ଟ ହକକକକକାଇଡ୍ରେଶନ୍ ବଟଲ୍। ଏହା ଶରୀରକୁ କେବେ ଏବଂ କେତେ ମାତ୍ରାରେ ପାଣି ଆବଶ୍ୟକ ସୂଚାଇ ଦେବାରେ ସାହାଯ୍ୟ କରିଥାଏ।

**ବୋଫ୍ଲେକ୍ସ ଡମ୍‌ବେଲ୍:** ଏହି ଡମ୍‌ବେଲ୍ ମଧ୍ୟ ଫୋନ୍ ସହ ବ୍ଲୁଟୁଥ୍‌ରେ କନେକ୍ଟ ହୋଇପାରୁଛି। ଯାହାକି ଫିଟ୍‌ନେସ୍ ଟ୍ରାକ୍ କରି ମୋବାଇଲ୍‌କୁ ଡାଟା ପଠାଇଥାଏ। ଏଥିରେ ୫ ପାଉଣ୍ଡରୁ ୬୦ ପାଉଣ୍ଡ ପର୍ଯ୍ୟନ୍ତ ଓଜନର ରିଙ୍ଗ୍ ଲାଗିଛି, ଯାହାକୁ ନିଜର ଆବଶ୍ୟକତା ଅନୁଯାୟୀ ଆଡ୍‌ଜଷ୍ଟ କରାଯାଇପାରୁଛି। ତେଣୁ ଏହି ସ୍ମାର୍ଟ ଡମ୍‌ବେଲ୍ ବ୍ୟବହାର କରିବା ଦ୍ୱାରା ଓଜନ ଅନୁଯାୟୀ ପୂର୍ବଭଳି ଆଉ ଅଧିକ ଡମ୍‌ବେଲ୍ ରଖିବା ଆବଶ୍ୟକ ହେଉନାହିଁ।



ଜା | ଣ | ନ୍ତୁ | ଦୁ | ନି | ଆ

# ୟୁଟ୍ୟୁବ୍

**ବର୍ତ୍ତମାନ ୟୁଟ୍ୟୁବ୍ ଦେଖିବା ବିନା ଯେମିତି ଦିନ ଅଧୁରା ଲାଗୁଛି। ଏଣ୍ଟରଟେନ୍‌ମେଣ୍ଟ ଠୁ ଆରମ୍ଭ କରି ଅନେକ କିଛି ଶିଖିବା ପର୍ଯ୍ୟନ୍ତ ସମସ୍ତେ ଏହା ଉପରେ ନିର୍ଭର କରୁଥିଲେ ହେଁ ଏହା ସମ୍ପର୍କରେ ଏମିତି କିଛି ତଥ୍ୟ ରହିଛି ଯାହାକି ବୋଧହୁଏ ଖୁବ୍ କମ୍ ଲୋକେ ଜାଣିଥିବେ। ଆସନ୍ତୁ ଜାଣିବା ଏଭଳି କିଛି ତଥ୍ୟ ...**




- ୟୁଟ୍ୟୁବ୍ ୨୦୦୫ ମସିହାରେ ଭାଲେଣ୍ଟାଇନ୍ସ ଡେ' ଅର୍ଥାତ୍ ଫେବୃୟାରୀ ୧୪ ତାରିଖରେ ଚାଡ୍ ହୁର୍ଲେ, ଷ୍ଟିଭ୍ ଚେନ୍, ଜାବେଦ୍ କରିମଙ୍କ ମିଳିତ ଉଦ୍ୟମରେ ଆରମ୍ଭ କରାଯାଇଥିଲା। ତେବେ ସେମାନେ କାର୍ଯ୍ୟ କରୁଥିବା କମ୍ପାନୀ 'ପେ ପାଲ'କୁ ଇବେ କମ୍ପାନୀ କିଣି ନେବା ସମୟରେ କର୍ମଚାରୀମାନଙ୍କୁ ଦେଇଥିବା ବୋନସ୍ ଟଙ୍କାରେ ସେମାନେ ୟୁଟ୍ୟୁବ୍ ଆରମ୍ଭ କରିଥିଲେ।
- ୨୦୦୫ ଏପ୍ରିଲ ୨୩ ତାରିଖରେ ୟୁଟ୍ୟୁବ୍‌ରେ 'ମି ଆଟ ଦି ଜୁ' ନାମରେ ପ୍ରଥମ ଭିଡିଓ ଅପ୍‌ଲୋଡ୍ ହୋଇଥିଲା। ଯାହାକି ଏହାର କୋ- ଫାଉଣ୍ଡର ଜାବେଦ୍ କରିମ୍ ସାନ୍ ଡିଏଗୋ ଜୁ ଠାରେ ରେକର୍ଡ କରିଥିଲେ।
- ପ୍ରଥମେ ପ୍ରଥମେ ଏହା ଟ୍ୟୁନ୍ ଇନ୍ ହୁକ୍ ଅପ୍ ନାମରେ ଏକ ଭିଡିଓ ଡେଟିଙ୍ଗ୍ ସାଇଟ୍ ଭାବେ ଖୋଲାଯାଇଥିଲା।
- ୟୁଟ୍ୟୁବ୍ ଆରମ୍ଭ ହେବାର ମାତ୍ର ୧୮ ମାସ ପରେ ଗୁଗୁଲ୍ ଏହାକୁ ୧.୬୫ ବିଲିଅନ୍ ଡଲାରରେ କିଣିନେଇଥିଲା।
- ୧୮୯୪ ମସିହାରେ ସୁଟ୍ ହୋଇଥିବା ଦୁଇଟି ବିଲେଇ ବକ୍ସିଂ କରୁଥିବା ଭିଡିଓ ୟୁଟ୍ୟୁବ୍‌ରେ ଅପ୍‌ଲୋଡ୍ ହୋଇଥିବା ସବୁଠୁ ପୁରୁଣା ବିଲେଇ ଭିଡିଓ।
- ଏଥିରେ ପ୍ରତି ମିନିଟ୍‌ରେ ପ୍ରାୟ ୧୦୦ ଘଣ୍ଟାରୁ ଊର୍ଦ୍ଧ୍ୱ ଅବଧିର ଭିଡିଓ ଅପ୍‌ଲୋଡ୍ ହୋଇଥାଏ।
- ୟୁଟ୍ୟୁବ୍‌ରେ ବିଭିନ୍ନ କଥା ଶିଖିବା ଲାଗି ବହୁସଂଖ୍ୟକ ଟ୍ୟୁଟରିଆଲ୍ ରହିଛି। ତେବେ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ, ୟୁଟ୍ୟୁବ୍‌ର ସବୁଠୁ ଲୋକପ୍ରିୟ ଟ୍ୟୁଟରିଆଲ୍ ହେଉଛି 'ହାଓ ଟୁ କିସ୍' ଏବଂ ଏହା ତଳକୁ ରହିଛି 'ହାଓ ଟୁ ଟାଏ ଏ ଟାଇ'।
- ୨୦୦୭ ମସିହାରେ ୟୁଟ୍ୟୁବ୍‌ରେ ପ୍ରଥମ ଚ୍ୟାନେଲ ଖୋଲିଥିବା ୱାର୍ଲ୍ଡ ଲିଡର ହେଉଛନ୍ତି ବ୍ରିଟିଶ୍ ପ୍ରଧାନମନ୍ତ୍ରୀ ଟୋନି ବ୍ଲେୟାର।
- ୟୁଟ୍ୟୁବ୍‌ରେ ଅପ୍‌ଲୋଡ୍ ହୋଇଥିବା ସବୁଠୁ ଲମ୍ବା ଭିଡିଓର ଅବଧି ହେଉଛି ୫୭୧ ଘଣ୍ଟା ୧ମିନିଟ୍ ୪୧ ସେକେଣ୍ଡ, ଯାହାକି ୨୩ ଦିନ ୧୯ ଘଣ୍ଟା।



## ଏ ସପ୍ତାହର ପ୍ରଶ୍ନ

୧- ବିସିଏଏସ୍‌ର ଫୁଲ୍‌ଫର୍ମ......... ?
୨- ବିଶ୍ୱ ରେଡିଓ ଦିବସ-୨୦୨୦ର ଥିମ୍............ ?
୩- ଇଣ୍ଟରନ୍ୟାଶନାଲ୍ ଫଣ୍ଡ ଫର୍ ଏଗ୍ରିକଲ୍ଚରାଲ ଡେଭେଲପ୍‌ମେଣ୍ଟର ହେଡ୍‌କ୍ୱାର୍ଟର ........... ଠାରେ ଅବସ୍ଥିତ ?
୪- ଏସିଆନ୍ ଗେମ୍‌ରେ କୁସ୍ତିରେ ଭାରତ ପାଇଁ ସ୍ୱର୍ଣ୍ଣ ଜିତିଥିବା ପ୍ରଥମ ମହିଳା ଖେଳାଳି.......... ?
୫- ଆମ ଦେଶରେ ସମୁଦାୟ ...........ଟି ହାଇକୋର୍ଟ ରହିଛି ?

## ଗତ ଥରର ଉତ୍ତର

୧ ୧୮୧୫ ମସିହା
୨ ୱିଲିଅମ୍ ରାମ୍‌ସେ
୩ ଏଲ୍‌ଜି(ଏଲ୍‌ଜି କେଭାଇ)
୪ ଏପ୍ରିଲ୍ ୧୦
୫ ୟୁକ୍ରେନ୍

## ଉତ୍ତର ଦାତା


ବିନୋଦ ବିହାରୀ ବେହେରା, କଟକ


ସଞ୍ଜୟ ଦଳାଇ, ଭଦ୍ରକ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com



ମହାରାଷ୍ଟ୍ର ସରକାର ଶନିବାର ବରିଷ୍ଠ ଆଇପିଏସ୍ ଅଧିକାରୀ ପରମ୍‌ବୀର ସିଂଙ୍କୁ ମୁମ୍ବାଇର ନୂଆ ପୋଲିସ କମିଶନର ଭାବେ ନିଯୁକ୍ତି ଦେଇଛନ୍ତି। ସେ ରାଜ୍ୟ ଦୁର୍ନୀତି ବିରୋଧୀ ବ୍ୟୁରୋ(ଏସିବି)ର ଡିଜି ଭାବେ କାର୍ଯ୍ୟ କରୁଥିଲେ। ରାଜ୍ୟ ଉପମୁଖ୍ୟମନ୍ତ୍ରୀ ଅଜିତ୍ ପାୱାର ବିଦର୍ଭ ଜଳସେଚନ ବିକାଶ ନିଗମ ପ୍ରକଳ୍ପ କାର୍ଯ୍ୟରେ ଅନିୟମିତତା କରିଥିବା ଅଭିଯୋଗ କରାଯାଇଥିବା ବେଳେ ପରମ୍‌ବୀର ତାଙ୍କୁ କ୍ଲିନ୍‌ଚିଟ ଦେଇଥିଲେ।



# ଆଫଗାନିସ୍ତାନରେ ଆମେରିକା ସେନା



୨୦୦୧ରେ ନ୍ୟୁୟର୍କସ୍ଥିତ ବିଶ୍ୱ ବାଣିଜ୍ୟ କେନ୍ଦ୍ର ଉପରେ ଅଲ୍‌କାଏଦାର ଆକ୍ରମଣ।

୨୦୦୧ରୁ ଆଫଗାନିସ୍ତାନରେ ଆମେରିକା ଓ ନାଟୋ ସେନା ଉପସ୍ଥିତ ରହିଛନ୍ତି। ଯୁଦ୍ଧରେ ୨୪୦୦ ଆମେରିକା ସୈନ୍ୟ ପ୍ରାଣ ହରାଇଥିବାବେଳେ ଆଫଗାନିସ୍ତାନର ୧୦ ହଜାରରୁ ଊର୍ଦ୍ଧ୍ୱ ଯବାନ ନିହତ ହୋଇଥିଲେ। ଦୀର୍ଘଦିନର ସଂଘର୍ଷ ମଧ୍ୟରେ ସେଠାରେ ୫୦ ହଜାରରୁ ଅଧିକ ଲୋକଙ୍କ ଜୀବନ ଯାଇଛି।

**୨୦୦୧ ନଭେମ୍ବର:** ଆଫଗାନିସ୍ତାନରେ ପହଞ୍ଚିଥିଲେ ୧୩୦୦ ଆମେରିକୀୟ ସୈନ୍ୟ।

**୨୦୦୧ ଡିସେମ୍ବର:** ଆମେରିକା ସୈନ୍ୟ ସଂଖ୍ୟା ୨୫୦୦କୁ ବୃଦ୍ଧି ପାଇଥିଲା। ଯୁଦ୍ଧରେ ତାଲିବାନ କ୍ଷମତାଚ୍ୟୁତ ହେବା ସହ ପସ୍ତୁନ୍ ନେତା ହମିଦ୍ କାର୍ଜାଇଙ୍କ ନେତୃତ୍ୱରେ ଅନ୍ତରୀଣ ସରକାର ଗଠନ ହୋଇଥିଲା।

**୨୦୦୨ ମାର୍ଚ୍ଚ:** ଆଫଗାନିସ୍ତାନରେ ଆମେରିକା ସୈନ୍ୟ ସଂଖ୍ୟା ୭୨୦୦କୁ ବୃଦ୍ଧି ପାଇଥିଲା।

**୨୦୦୨ ଡିସେମ୍ବର:** ଆମେରିକା ସୈନ୍ୟ ସଂଖ୍ୟା ବର୍ଷ ଶେଷରେ ୯୭୦୦ରେ ପହଞ୍ଚିଥିଲା।

**୨୦୦୪ ଏପ୍ରିଲ:** ପୁନର୍ଗଠନ କାର୍ଯ୍ୟକୁ ସୁରକ୍ଷା ଯୋଗାଇବା ପାଇଁ ଆଫଗାନିସ୍ତାନ-ପାକିସ୍ତାନ ସୀମାରେ ଆମେରିକା ଏକ ସ୍ୱତନ୍ତ୍ର ବାହିନୀ ଗଠନ କରିଥିଲା ଓ ମୋଟ ସୈନ୍ୟ ସଂଖ୍ୟା ୨୦,୩୦୦କୁ ବୃଦ୍ଧି ପାଇଥିଲା।

**୨୦୦୬ ଡିସେମ୍ବର:** ଇରାକ ଯୁଦ୍ଧ ଯୋଗୁ ଆଫଗାନିସ୍ତାନରୁ ଅଳ୍ପ ସଂଖ୍ୟକ ସେନା ଫେରାଇ ନେଇଥିଲା ଆମେରିକା।



## ଏକାଧିକ ଥର ବିଫଳ ହୋଇଛି ସମ୍ପୂର୍ଣ୍ଣ ପ୍ରତ୍ୟାହାର ଉଦ୍ୟମ

**୨୦୦୭ ଡିସେମ୍ବର:** ପୁଣି ଆଫଗାନିସ୍ତାନରେ ଆମେରିକା ଓ ନାଟୋ ସୈନ୍ୟ ସଂଖ୍ୟା ୨୫,୦୦୦କୁ ବୃଦ୍ଧି ପାଇଥିଲା।

**୨୦୦୯ ମେ':** ଆଫଗାନିସ୍ତାନରେ ଅଲ୍‌କାଏଦା ଓ ତାଲିବାନ ବିରୋଧରେ ଆମେରିକା ଆକ୍ରମଣକୁ ଜୋରଦାର କରିଥିଲା। ଫଳରେ ସେଠାରେ ଆମେରିକା ସୈନ୍ୟସଂଖ୍ୟା ୫୦, ୦୦୦ ଟପିଥିଲା। ବର୍ଷ ଶେଷ ବେଳକୁ ଏହି ସଂଖ୍ୟା ୬୭,୦୦୦ରେ ପହଞ୍ଚିଥିଲା। ତତ୍କାଳୀନ ରାଷ୍ଟ୍ରପତି ବାରାକ ଓବାମା ଆଉ ୩୩,୦୦୦ ସୈନ୍ୟ ପଠାଇବାକୁ ନିର୍ଦ୍ଦେଶ ଦେଇଥିଲେ।

**୨୦୧୦ ଅଗଷ୍ଟ:** ଆଫଗାନିସ୍ତାନରେ ଆମେରିକା ସୈନ୍ୟ ସଂଖ୍ୟା ଲକ୍ଷେରେ ପହଞ୍ଚିଥିଲା।

**୨୦୧୧ ମେ':** ଆମେରିକା ସେନାର ସ୍ୱତନ୍ତ୍ର ଅପରେଶନରେ ପାକିସ୍ତାନର ଆବୋଟାବାଦରେ ଥିବା ଅଲ୍‌କାଏଦା ନେତା ଓସାମା ବିନ୍ ଲାଡେନ ନିହତ ହୋଇଥିଲେ।

**୨୦୧୧ ଜୁନ୍:** ଲକ୍ଷ୍ୟ ପୂରଣ ହେବା ପରେ ଓବାମା ସୈନ୍ୟ ପ୍ରତ୍ୟାହାର ଯୋଜନା ଘୋଷଣା କରିଥିଲେ। ସେହିବର୍ଷ ଶେଷ ସୁଦ୍ଧା ୧୦ ହଜାର ଯବାନ ପ୍ରତ୍ୟାହୃତ ହୋଇଥିଲେ। ୨୦୧୨ ସେପ୍ଟେମ୍ବରରେ ସୈନ୍ୟସଂଖ୍ୟା ୭୭,୦୦୦କୁ ହ୍ରାସ ପାଇଥିଲା।

**୨୦୧୪ ମାର୍ଚ୍ଚ:** ଆଫଗାନିସ୍ତାନରେ ଆମେରିକା ସୈନ୍ୟସଂଖ୍ୟା ୩୪,୦୦୦ରେ ପହଞ୍ଚିଥିବାବେଳେ ରାଷ୍ଟ୍ରପତି ଓବାମା ସମ୍ପୂର୍ଣ୍ଣ ସେନା ପ୍ରତ୍ୟାହାର ଚାହିଁଥିଲେ। ତେବେ କାର୍ଜାଇ ଆମେରିକା ସହ ସୁରକ୍ଷା ଚୁକ୍ତି ସ୍ୱାକ୍ଷର କରିବାକୁ ମନା କରିଦେଇଥିଲେ। ପରେ ୨୦୧୬ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ସୈନ୍ୟ ପ୍ରତ୍ୟାହାର ପାଇଁ ଓବାମା ଘୋଷଣା କରିଥିଲେ। ଏହି ଘୋଷଣା ପରେ ସୈନ୍ୟ ସଂଖ୍ୟା ୨୦୧୪ ଡିସେମ୍ବରରେ ୧୬,୧୦୦କୁ ହ୍ରାସ ପାଇଥିଲା।

**୨୦୧୫ ଅକ୍ଟୋବର:** ଆଫଗାନିସ୍ତାନରେ ଆମେରିକା ସୈନ୍ୟସଂଖ୍ୟା ୯୮୦୦କୁ ହ୍ରାସ ପାଇଥିବାବେଳେ ଆତଙ୍କବାଦ ନିରୋଧୀ ମିଶନ ପାଇଁ ଆଉ ଅଧିକ ସୈନ୍ୟ ଫେରାଇ ନ ନେବାକୁ ଓବାମା ନିଷ୍ପତ୍ତି ନେଇଥିଲେ।

**୨୦୧୬ ଜୁଲାଇ:** ସେନା କମାଇବା ପାଇଁ ପୂର୍ବରୁ ଘୋଷଣା କରିଥିଲେ ମଧ୍ୟ ସୁରକ୍ଷା ସ୍ଥିତିକୁ ଲକ୍ଷ୍ୟ କରି ୨୦୧୭ ଜାନୁୟାରୀ ପର୍ଯ୍ୟନ୍ତ ସେଠାରେ ୮୪୦୦ ସୈନ୍ୟ ରଖିବାକୁ ଓବାମା ଘୋଷଣା କରିଥିଲେ।

**୨୦୧୭ ଅଗଷ୍ଟ:** ସେନା ପ୍ରତ୍ୟାହାରର ବିପଜ୍ଜନକ ପରିଣାମ ହୋଇପାରେ ବୋଲି ଜାଣିବା ପରେ ଏହାକୁ କମାଇବା ପରିବର୍ତ୍ତେ ୧୪,୦୦୦କୁ ବୃଦ୍ଧି କରିଥିଲା ଆମେରିକା।

**୨୦୧୯ ସେପ୍ଟେମ୍ବର:** ରାଜିନାମା ଚୂଡ଼ାନ୍ତ ହେଲେ ଆଫଗାନିସ୍ତାନରୁ ୧୩୫ ଦିନରେ ୫ ହଜାର ସୈନ୍ୟ ପ୍ରତ୍ୟାହାର ହେବେ ବୋଲି ଆମେରିକା ରାଷ୍ଟ୍ରଦୂତ ଖଲିଲଜାଦ୍ ଘୋଷଣା କରିଥିଲେ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ତାଲିବାନ ନେତା ଓ ଆଫଗାନିସ୍ତାନ ରାଷ୍ଟ୍ରପତିଙ୍କ ମଧ୍ୟରେ କ୍ୟାମ୍ପ ଡେଭିଡରେ ହେବାକୁ ଥିବା ବୈଠକ ବାତିଲ ହୋଇଥିଲା।

**୨୦୨୦ ଫେବୃୟାରୀ ୨୯:** ଆମେରିକା ଓ ତାଲିବାନ ମଧ୍ୟରେ ଚୂଡ଼ାନ୍ତ ଶାନ୍ତି ଚୁକ୍ତି ସ୍ୱାକ୍ଷର ହୋଇଛି।



ଦୋହାଠାରେ ଶନିବାର ଶାନ୍ତି ଚୁକ୍ତି ସ୍ୱାକ୍ଷର ପୂର୍ବରୁ ଆମେରିକା ପରରାଷ୍ଟ୍ର ସଚିବ ମାଇକ୍ ପମ୍ପିଓଙ୍କ ସହ କାତାର ବିଦେଶ ମନ୍ତ୍ରୀ ଶେଖ୍ ମହମ୍ମଦବିନ୍ ଅବଦୁଲ୍ଲାମନ ଅଲ ଥାନି ।

## ତାଲିବାନ ଦମନର ପୃଷ୍ଠଭୂମି

**କାବୁଲ,୨୯।୨:** ୨୦୦୧ ସେପ୍ଟେମ୍ବର ୧୧ରେ ନ୍ୟୁୟର୍କସ୍ଥିତ ବିଶ୍ୱ ବାଣିଜ୍ୟ କେନ୍ଦ୍ର ଉପରେ ବିମାନ ଆକ୍ରମଣ ସାରା ଦେଶକୁ ସ୍ତବ୍ଧ କରିଦେଇଥିଲା। ଓସାମା ବିନ୍ ଲାଡେନ୍ ନେତୃତ୍ୱରେ ଆଫଗାନିସ୍ତାନରେ ସକ୍ରିୟ ଥିବା ଅଲ୍‌କାଏଦା ଆତଙ୍କବାଦୀମାନେ ଏହି ଆକ୍ରମଣ କରିଥିଲେ, ଯେଉଁଥିରେ ୨୯୭୭ ଜଣଙ୍କ ମୃତ୍ୟୁ ହେବା ସହ ୨୫,୦୦୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ। ଏଥିରେ ୧୦ ବିଲିୟନ ଡଲାର ମୂଲ୍ୟର ଭିତ୍ତିଭୂମି ଓ ସମ୍ପତ୍ତି ଧ୍ୱଂସ ହୋଇଥିଲା। ଆମେରିକାରୁ ବିମାନ ଅପହରଣ କରି ଏହାର ସେଣ୍ଟର ଉପରେ ଆକ୍ରମଣ କରିଥିଲେ ଆତଙ୍କବାଦୀ। ବିଶ୍ୱର ସବୁଠୁ ଶକ୍ତିଶାଳୀ ରାଷ୍ଟ୍ର ଉପରେ ଥିଲା ଏହା ପ୍ରଥମ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ । ଏହାର ପ୍ରତିଶୋଧ ନେବା ପାଇଁ ତତ୍କାଳୀନ ଆମେରିକା ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ. ବୁଶ୍ ଆଫଗାନିସ୍ତାନ ଉପରେ ଆକ୍ରମଣ ଘୋଷଣା କରିଥିଲେ। ଅଲ୍ କାଏଦାକୁ ଆଶ୍ରୟ ଦେବା ସହ ସହଯୋଗ କରୁଥିବା ତାଲିବାନକୁ କ୍ଷମତାରୁ ହଟାଇବା ପାଇଁ ଏହି ଆକ୍ରମଣ କରାଯାଇଥିଲା। ୨୦୦୧ ଅକ୍ଟୋବର ୭ରେ ଆମେରିକା ଓ ଏହାର ମିତ୍ରଶକ୍ତି ତାଲିବାନକୁ କ୍ଷମତାରୁ ହଟାଇବାରେ ସଫଳ ହୋଇଥିଲେ। ପ୍ରାଥମିକ ଲକ୍ଷ୍ୟ ପୂରଣ ହୋଇଥିଲେ ହେଁ ସେଠାରେ ଆମେରିକା ଓ ନାଟୋ ପକ୍ଷରୁ ଏକ ସୁରକ୍ଷା ମିଶନ ଗଢ଼ାଯାଇଥିଲା। ୨୦୧୪ ପର୍ଯ୍ୟନ୍ତ ଆଫଗାନ ସରକାରୀ ସେନା ସହ ମିଶି ଆମେରିକା ତାଲିବାନ ଉଗ୍ରପନ୍ଥୀଙ୍କ ବିରୋଧରେ ଲଢ଼େଇ ଜାରି ରଖିଥିଲା। ଏହା ଆମେରିକା ଇତିହାସରେ ଦୀର୍ଘତମ ଯୁଦ୍ଧ।

# ଦିଲ୍ଲୀରେ ସ୍ୱାଭାବିକ ହେଉଛି ସ୍ଥିତି

## ପୋଲିସର ଫ୍ଲାଗ୍‌ମାର୍ଚ୍ଚ
## ଗୁଜବରେ ବିଶ୍ୱାସ ନ କରିବାକୁ ପରାମର୍ଶ

ନୂଆଦିଲ୍ଲୀ,୨୯।୨(ପି.ଟି.)

ଦଙ୍ଗାଗ୍ରସ୍ତ ଉତ୍ତରପୂର୍ବ ଦିଲ୍ଲୀରେ ଶନିବାର ସ୍ଥିତି ଶାନ୍ତିପୂର୍ଣ୍ଣ ରହିଥିଲା। ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିବାବେଳେ ଲୋକେ କାମ ପାଇଁ ବାହାରକୁ ବାହାରିଛନ୍ତି। ଘରଛାଡ଼ି ପଳାଇଥିବା ଅଧିକାଂଶ ଲୋକ ଫେରିଆସି ସେମାନଙ୍କ ଘର ସଜାଡିବା ଆରମ୍ଭ କରିଛନ୍ତି। ସମ୍ପୂର୍ଣ୍ଣ ସ୍ୱାଭାବିକ ଅବସ୍ଥା ଫେରିବାକୁ ଆଉ କିଛିଦିନ ଲାଗିବ ବୋଲି କର୍ତ୍ତୃପକ୍ଷ କହିଛନ୍ତି। ଶନିବାର ଦଙ୍ଗା ଅଞ୍ଚଳରେ କେତେକ ଦୋକାନ ଖୋଲିଥିବା ଦେଖାଯାଇଥିଲା। ତେବେ ଅଧିକ ସଂଖ୍ୟାରେ ଲୋକ ଏକାଠି ରୁଣ୍ଡ ହେବା ଉପରେ କଟକଣା ଲଗାଯାଇଛି। ପୋଲିସ ୫୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଅଟକ ରଖି ପଚରାଉଚରା କରୁଛି। ହିଂସାକାଣ୍ଡ ସ୍ଥଳରୁ ଉତ୍ତର ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ ଭଗ୍ନାବଶେଷକୁ ସଫା କରିଦେଇଛି। ଜଳିଯାଇଥିବା ଗାଡ଼ିଗୁଡ଼ିକୁ ଉଠାଇବା ଓ ରାସ୍ତା ଅବରୋଧ ହଟାଇବାରେ କ୍ରେନ୍ ଓ ବୁଲ୍‌ଡୋଜର ବ୍ୟବହାର କରାଯାଉଛି। ସୁରକ୍ଷାବଳ ପକ୍ଷରୁ ଫ୍ଲାଗ୍ ମାର୍ଚ୍ଚ କରାଯିବା ସହ ସ୍ଥାନୀୟ ଲୋକଙ୍କ ମନରୁ ଭୟ ଦୂର କରିବା ପାଇଁ ସେମାନଙ୍କ ସହ ଆଲୋଚନା କରୁଛନ୍ତି। ଜନସାଧାରଣ ଗୁଜବରେ ବିଶ୍ୱାସ ନ କରିବାକୁ ଏବଂ ଷଡ଼ଯନ୍ତ୍ରକାରୀଙ୍କ ଚକ୍ରାନ୍ତରେ ନ ପଡିବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି। ସାମ୍ପ୍ରଦାୟିକ ସଦ୍ଭାବରେ ଉନ୍ନତି ଲାଗି ଦିଲ୍ଲୀ ପୋଲିସ ପକ୍ଷରୁ ଶାନ୍ତି ବୈଠକ ଅନୁଷ୍ଠିତ ହୋଇଥିଲା। ସ୍ଥିତି ସ୍ୱାଭାବିକ ହେବା ପର୍ଯ୍ୟନ୍ତ ଶାନ୍ତି କମିଟି ବୈଠକ ଏକାଧିକ ଥର ଅନୁଷ୍ଠିତ ହେବ ବୋଲି କୁହାଯାଇଛି। ଗତ ୨୩ ତାରିଖରୁ ୩ ଦିନ ଧରି ଉତ୍ତରପୂର୍ବ ଦିଲ୍ଲୀର ଜାଫରାବାଦ, ମୌଜପୁର, ବାବରପୁର, ଚାନ୍ଦବାଗ୍, ଶିବ ବିହାର, ଭଜନପୁରା, ଯମୁନା ବିହାର ଅଞ୍ଚଳରେ ହିଂସାକାଣ୍ଡ ଯୋଗୁ ୪୩ ଜଣଙ୍କ ଜୀବନ ଯାଇଥିବାବେଳେ ୨୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ।



ଉତ୍ତରପୂର୍ବ ଦିଲ୍ଲୀର ପୁରୁଣା ମୁସ୍ତଫାବାଦ୍‌ରେ ଲୋକେ ପନିପରିବା କିଣୁଛନ୍ତି।

## ସିରିଆ ଅସ୍ତ୍ରାଗାରରେ ତୁର୍କୀର କ୍ଷେପଣାସ୍ତ୍ର ମାଡ଼

**ଆଙ୍କାରା,୨୯।୨:** ସିରିଆର ରାସାୟନିକ ଅସ୍ତ୍ରଶସ୍ତ୍ର ଗୋଦାମ ଉପରେ ତୁର୍କୀ କ୍ଷେପଣାସ୍ତ୍ର ମାଡ଼ କରିଛି। ଏଥିରେ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଧ୍ୱଂସ ହୋଇଥିବା ତୁର୍କୀ ଦାବି କରିଛି। ଏହାପୂର୍ବରୁ ୨ ଦିନ ତଳେ ସିରିଆ ପକ୍ଷରୁ ହୋଇଥିବା କ୍ଷେପଣାସ୍ତ୍ର ମାଡ଼ରେ ୩୩ ଜଣ ତୁର୍କୀ ସୈନ୍ୟଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ତୁର୍କୀ ଏବଂ ରୁଷିଆର ଚିନ୍ତା ବୃଦ୍ଧି ପାଇଥିଲେ। ଦୁହିଁଙ୍କ ମଧ୍ୟରେ ଏକ ବୈଠକ ମଧ୍ୟ ବସିଥିଲା। ଏହାର ପ୍ରତିଶୋଧ ନେବାକୁ ଯାଇ ତୁର୍କୀ ପକ୍ଷରୁ ଏଭଳି କ୍ଷେପଣାସ୍ତ୍ର ମାଡ଼ କରାଯାଇଛି। ଉତ୍ତର-ପଶ୍ଚିମ ସିରିଆରେ ଥିବା ଅସ୍ତ୍ରଶସ୍ତ୍ର ଗୋଦାମକୁ ଟାର୍ଗେଟ୍ କରାଯାଇଥିବା ତୁର୍କୀର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ଟିଏମ୍‌ସି ଟିକେଟରେ ରାଜ୍ୟ ସଭା ଯିବେ ପ୍ରଶାନ୍ତ



ପ୍ରଶାନ୍ତ କିଶୋର

**ନୂଆଦିଲ୍ଲୀ, ୨୯।୨:** ଆସନ୍ତା ମାସରେ ହେବାକୁ ଥିବା ରାଜ୍ୟ ସଭା ନିର୍ବାଚନ ଲାଗି ତତ୍ପରତା ବୃଦ୍ଧି ପାଇବାରେ ଲାଗିଥିବା ବେଳେ ରାଜନୈତିକ କୂଟନୀତିଜ୍ଞ ଭାବେ ଜଣାଶୁଣା ପ୍ରଶାନ୍ତ କିଶୋର ତୃଣମୂଳ କଂଗ୍ରେସ(ଟିଏମ୍‌ସି)ରୁ ଉଚ୍ଚସଦନକୁ ଯିବାର ସମ୍ଭାବନା ରହିଛି। ଗତ ଜାନୁୟାରୀ ଶେଷ ଭାଗରେ ଜେଡିୟୁ ପକ୍ଷରୁ ତାଙ୍କୁ ନିଲମ୍ବିତ କରାଯାଇଥିଲା। ମାର୍ଚ୍ଚ ୨୬ରେ ପଶ୍ଚିମବଙ୍ଗରେ ୪ ରାଜ୍ୟ ସଭା ଆସନ ଲାଗି ନିର୍ବାଚନ କରାଯିବ। ଟିଏମ୍‌ସି ନେତା ମନୀଷ୍ ଗୁପ୍ତା, ଯୋଗେନ୍ ଚୌଧୁରୀ, ଅହମଦ ହାସନ ଇମ୍ରାନ ଓ କେ.ଡି. ସିଂଙ୍କ କାର୍ଯ୍ୟାକାଳ ପୂରିଯାଉଥିବା ବେଳେ ଏହି ଆସନ ଲାଗି ଦଳ ପକ୍ଷରୁ ଦକ୍ଷ, ନୂଆ ମୁହଁ ଖୋଜାଚାଲିଛି। ଭାଜପା ବିରୋଧୀ ଆଭିମୁଖ୍ୟ ରଖି ମୋର୍ଚ୍ଚା ଗଠନ କରିଥିବା ପ୍ରଶାନ୍ତଙ୍କୁ ଏଥର ଟିଏମ୍‌ସି ରାଜ୍ୟ ସଭାକୁ ପଠାଇବ ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି। ଜାତୀୟ ସ୍ତରରେ ବିଭିନ୍ନ ପ୍ରସଙ୍ଗ ଉଠାଇବାରେ ଏହା ଦଳକୁ ସାହାଯ୍ୟ କରିବ। ଅନ୍ୟ ଆସନ ଲାଗି ଦୀନେଶ୍ ତ୍ରିବେଦୀ, ମୌସମ ନୂର୍‌ଙ୍କୁ ଟିଏମ୍‌ସି ରାଜ୍ୟ ସଭାକୁ ପଠାଇପାରେ ବୋଲି କୁହାଯାଉଛି। ରାଜ୍ୟ ବିଧାନସଭାରେ ସଂଖ୍ୟା ଦୃଷ୍ଟିରୁ ଟିଏମ୍‌ସି ଏହି ୪ ରାଜ୍ୟ ସଭା ଆସନ ହାତେଇବାରେ କୌଣସି ଅସୁବିଧାର ସମ୍ମୁଖୀନ ହେବ ନାହିଁ।

## [ଇତିହାସର ଆଇନାରେ] ମାର୍ଚ୍ଚ ୧ର ପ୍ରମୁଖ ଘଟଣା

### ବସନ୍ତରାଓ ପାଟିଲଙ୍କ ଦେହାନ୍ତ

୧୯୮୯ ମାର୍ଚ୍ଚ ୧ରେ ମହାରାଷ୍ଟ୍ରର ଷଷ୍ଠ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସର ମରାଠା ନେତା ବସନ୍ତରାଓ ପାଟିଲଙ୍କ ପରଲୋକ ହୋଇଥିଲା। ସେ ଦୁଇଥର ରାଜ୍ୟ ମୁଖ୍ୟମନ୍ତ୍ରୀ ହେବା ସହ ରାଜସ୍ଥାନର ରାଜ୍ୟପାଳ ମଧ୍ୟ ହୋଇଥିଲେ। ଜଣେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଭାବେ ମଧ୍ୟ ସେ ପରିଚିତ।

### କୁନ୍‌ମିଙ୍ଗ୍ ଷ୍ଟେଶନରେ ଛୁରାମାଡ଼

୨୦୧୪ ମାର୍ଚ୍ଚ ୧ରେ ଚାଇନାର କୁନ୍‌ମିଙ୍ଗ ରେଳ ଷ୍ଟେଶନରେ ଆଖିବୁଜା ଛୁରାମାଡ଼ ହେବାରୁ ୩୫ ଜଣଙ୍କ ମୃତ୍ୟୁ ହୋଇଥିଲା। ଏଥିରେ ୧୪୩ ବ୍ୟକ୍ତି ଆହତ ହୋଇଥିଲେ। ହାତରେ ଛୁରି ଧରି ଆତଙ୍କବାଦୀମାନେ ଯାତ୍ରୀମାନଙ୍କୁ ଏଭଳି ଅତର୍କିତ ଆକ୍ରମଣ କରିଥିଲେ।


**idco** Your power to grow — ISO 9001 & 14001 Corporation | ODISHA NEW OPPORTUNITIES

**EXPRESSION OF INTEREST**

**No. HO/CIV/T&E/E-4395/01/2017/ 4319, Date:26.02.2020**

No.CAD-1041 :- Expression of Interest is invited from Architects for rendering Architectural Planning & Design Services for Construction of "Integrated Infrastructure Complex, Kandhamal". The detail EOI notice can be seen in our website www.idco.in (in tenders EoI/REP/ Others).The bid document can be downloaded from 5.00 PM of 03.03.2020.The last date of submission of the EOI is 16.03.2020 by 5.00 P.M. by Regd. Post or Speed Post /Courier Services only.

**Sd./- Chief General Manager (Civil)**
**IDCO, Bhubaneswar**
**OIPR-14003/11/0075/1920**

**MUNICIPAL OFFICE, KENDRAPARA**
**'e' Procurement Notice No. 1109/ Dt.29.02.2020**
**Bid Identification No. KM_10-2019/20**

| | | |
|---|---|---|
| 1. | Procurement Officer - Publisher / Officer Inviting the Tender/Bids (OIT) | Executive Officer, Kendrapara Municipality, Kendrapara |
| 2. | Name of the Work | 15 Nos of Civil Work |
| 3. | Estimated Cost (Approx.) of the Works | Rs.2.67 Lakhs to 49.48 Lakhs |
| 4. | Date & Time of availability of bid document in the portal | From 11 A.M. of Dt. 02.03.2020 to 5 P.M. of Dt. 16.03.2020 |
| 5. | Date & Time of bid Opening | 11 A.M. of 17.03.2020 |

(1) Other details can be seen from Detailed Notice Inviting Tenders, available in website www.tendersorissa.gov.in
(2) Corrigendum if any shall only be published in the above website.

**Sd./- Executive Officer, Kendrapara Municipality**

**OFFICE OF THE MUNICIPAL COUNCIL, JODA**

**Phone No.06767-272214, Fax No. 06767-272214, E-Mail : jodam.hud@nic.in**
**No.845** **'e'-Procurement Notice** **Dt.28.02.2020**

**Bid Identification No.JM-12/2019-20**

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e www.tendersodisha.gov.in

1. Nature of Work : Civil., 2. No. of Works : 02 Nos., 3. Estimated Cost : Rs.82,98,000/- to Rs.1,68,60,000/-., 4. Bid identification No. : 2020_ORULB_60319 1 to 2020_ ORULB_60319_2., 5. Date & time of availability of the Documents in the Portal : From 11.00 A.M. on dt. 29.02.2020 to 5.00 P.M of Dt. 16.03.2020., 6. Last date/time for receipt of Bids in the Portal : on dt. 16.03.2020 up to 5.00 P.M. 7. Last date for submission & drop the Bid documents in the box : from 10.00 A.M on dt. 17.03.2020 to dt. 19.03.2020 up to 5.00 P.M., 8. Technical Bids received on line shall be opened : at 11.00 AM on Dt.20.03.2020., 9.Financial Bids received on line shall be opened : at 11.30 AM on Dt.23.03.2020., 10. Name and address of the Officer Inviting Bid. : Executive Officer, Joda Municipality.
Further details can be seen from the e-Procurement Portal : www.tendersodisha.gov.in.

**Sd./- Executive Officer, Joda Municipality**

**GOVERNMENT COLLEGE OF ENGINEERING, KEONJHAR**
**(A Constituent College of BPUT, Rourkela)**
**At : Jamunalia, P.O. : Old Town, Dist : Keonjhar, Pin : 758002(Odisha)**
**Tel.: 06766-213180 (O), Website : www.gcekjr.ac.in, Mail Id : principal@gcekjr.ac.in**

**No.336** **Date: 29.02.2020**

**TENDER CALL NOTICE FOR EVENT MANAGEMENT**

Sealed tenders are invited from registered Event Management Firm having valid **GST REGISTRATION** number for arrangement of stage, gates, light and sound and to supply different items according to the specification and quantity as mentioned in the tender document. Tender Document can be downloaded from the official website of the college (**www.gcekjr.ac.in**) and submitted during the due date along with Rs.500/- (Rupees five hundred only) in shape of Demand Draft, in favour of Principal, Government College of Engineering, Keonjhar, payable at Keonjhar, towards cost of the Tender Document. The completed tender document must reach the office of the undersigned on or before **07.03.2020 upto 10:00 AM.** The tender will be opened on **07.03.2020 at 11:00 AM.**

The annual function will be held on **12th, 13th and 14th March 2020**.

**Sd/-**
**Principal**

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KALAHANDI**
**(DISTRICT PROGRAMME MANAGEMENT UNIT)**
**PHONE/FAX: 06670-230998**
**EMAIL : dpmukalahandi@gmail.com**
**ZillaSwasthyaSamiti, Kalahandi**
**Adv. No.994 /DPMU/NHM/20** **Date: 28 FEB 2020**

**Tender Call Notice for Hiring of Vehicle**

No.E-779 :- Sealed quotations are invited in the prescribed format from Travel Agencies / Individuals for engagement/empanelment of vehicle (SCORPIO /INNOVA / MARAZZO/ ERTIGA/ BOLERO/ DZIRE/ZEST/INDIGO etc - Minimum 5 seated 7 above vehicle) with A/C and Non A/C for engagement by the office of CDM & PHO, Kalahandi as and when required.

Details Eligibility criteria, TOR, format for submission of bid etc. are available in district office/ DPMU-NHM Kalahandi during office hour.

Interested firm/ agency/parties/ tour operators may apply to the undersigned in the prescribed format with required documents for engagement of Vehicle as and when required by the O/O CDM&PHO, Kalahandi. The last date of submission of application is 12.03.2020 upto 5.00 PM .Tender will be opened on 13.03.2020 (11.00 A.M). Incomplete/ delay receipt proposals will be rejected. The district authority having the right to cancel/ reject all or any proposals without assigning any reason thereof.

**Sd./- Chief District Medical & Public Health Officer, Kalahandi**
**OIPR-10076/11/0015/1920**

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, NABARANGPUR, UMERKOTE**
**E-mail : eerwukt@gmail.com, eerwukt@ymail.com**

**e-Procurement Notice** No.O-1173

**Identification No Online Tender /07/RWD-UKT/2019-20**
**Letter No.693** **Date: 26.02.2020**

**01. Name of the work : Road & Building works.**
**02. Total Number of works : 12 Nos.**
**03. Estimated Cost : Varies from 2.83 Lakhs to 6.19 Lakhs.**
**04. Class of Contractor : "C" and "D"**
**05. Period of Completion : As per TCN**
**06. Other Details**

| Procurement Officer | Bid Identification No. | Availability of tender online for bidding | | Last Date & Time Seeking Tender Clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| Executive Engineer, R.W. Division-II, Nabarangpur, Umerkote | Online Tender /07/RWD-UKT/2019-20 | 03.03.2020 At 11.00 A.M. | 12.03.2020 At 03.00 P.M. | 11.03.2020 At 03.00 P.M. | 13.03.2020 At 11.00 A.M. |

Further details can be seen from the website www.tendersorissa.gov.in

**Sd./- Executive Engineer,**
**Rural Works Division-II, Nabarangpur, Umerkote**
**OIPR-25155/11/0007/1920**

**DISTRICT RURAL DEVELOPMENT AGENCY, MAYURBHANJ**
**BARIPADA -757001: ODISHA**
**E-MAIL : ori-dmayurbhanj@nic.in**
**Ph. No. 06792-260318, Fax- 260487**

**No.1945** **ORDER** **Dt.19.02.2020**

No.CAD-1040 :- The Advertisement for contractual engagement of Multi Purpose Assistants (Gram Rozgar Sevaks) of Mayurbhanj District under MGNREGA vide Adv. No.5594/ DRDA dated 21.04.2017 is hereby cancelled consequent upon receipt of "Comprehensive Guidelines for selection and engagement of Gram Rozgar Sevaks under MGNREGS" issued vide Govt. in PR&DW Department letter No.6681/PR&DW dated 06.04.2018.

Further advertisement shall be published in near future.

**Sd./- Collector-cum-CEO,**
**Zilla Parishad, Mayurbhanj**
**OIPR-19082/11/0009/1920**

**O/O THE DIVISIONAL FOREST OFFICER-CUM-DMU CHIEF, SUBARNAPUR**
**At - Patabhadi, Po - Sonepur**
**DIST.- Subarnapur, Pin-767017, Odisha**

**ADVERTISEMENT**

**FOR CONTRACTUAL ENGAGEMENT OF FMU COORDINATOR (MICRO PLANNING AND LIVELIHOOD SUPPORT) UNDER ODISHA FORESTRY SECTOR DEVELOPMENT PROJECT-II**

The DFO-cum-DMU Chief Subarnapur DMU invites application from suitable candidates for engagement of one post FMU Coordinator (Micro Planning and Livelihood Support) in Ullunda FMU of DMU, Subarnapur on contractual basis under the Odisha Forestry Sector Development Project phase-II.

Interested candidates may obtain Terms of Reference and Application form from the O/o DFO-cum-DMU Chief, Subarnapur during office hours or may download from the **ofsdp.org website.** Duly filled in application complete in all respect along with Demand Draft from any Nationalized Bank for Rs.500/- (non-refundable) in favour of Divisional Forest Officer-cum-DMU Chief, Subarnapur Forest Division should reach the O/o the undersigned on or before 4.00PM on 20.03.2020.

**Sd./- DFO-cum-DMU Chief,**
**Subarnapur Forest Division**

# SUNDAY classifieds




## MATRIMONIAL

### BRIDE WANTED

Khandayat boy OAS 31+B.Tech, NALCO Engineer 'SUHAG', 7978399083, 9090486408. D-67297

Son age 33, B.Tech, NIT Rourkela, MBA XIMB, working MNC Bangalore 35lakhs. 8144589551 (caste-no-bar). D-16966

Central Government ଚାକିରି 43 ବୟସ୍କ Unmarried Brahmin ପୁଅଙ୍କ ପାଇଁ ଯେ କୌଣସି ଜାତିର ଝିଅ ଦରକାର। 8144890408. D-67935

**Established, Good health, Educated, Divorcee, Businessman of Bhubaneswar, 60 years, OBC, requires Female life partner, 45-50 years, Contact- 8260388706.** D-27640

Son age 29, B.Tech, NIT MBA XIMB working in RBI (Govt.) 18-20lakh, Brahmin. 6372748613. D-16967

Goldsmith boy 5'6" 1990 Job & businessman. Contact: 8249431114. D-68793

Bride wanted for Brahmin Groom 32, 5'11", Software Engineer in Bhubaneswar, 9178634018, 7809483982. D-16897

### GROOM WANTED

ବୟସ 45 ବର୍ଷ, 5'.4", M.A, B.Ed, Govt. Techer ମାସିକ ଆୟ 50,000/- ପାଇଁ ଅବିବାହିତ, ଛାଡପତ୍ରପ୍ରାପ୍ତ, ବିପତ୍ନୀକ ବର ଗ୍ରହଣୀୟ ହେବେ। ଯୋଗାଯୋଗ: 9009491423. D-16970

Postal Assistant ଭାବରେ କାର୍ଯ୍ୟରତ ଥିବା 47ବର୍ଷର ବିଧବା ମହିଳା ପାଇଁ ବରପାତ୍ର, ଯୋଗାଯୋଗ କରନ୍ତୁ। 8895411143. D-68821

Girl age 28 MCA Revenshaw, working in Govt. gazetted officer 8lakhs, Brahmin. 7008986005. D-16968

Now Matrimonial ads. only on Wednesday & Sunday Book 1 Get 1 FREE

31ବୟସ୍କା Government Staff Nurse ବିଧବା ସୁନ୍ଦର ଗୋପାଳ ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର। 7381460017. D-67936

Brahmin girl Master in Economics , serving at Pune. Required IIT/ BE. 9861950024. D-16969

Wanted Gen/OBC groom (Govt./reputed company service preferred) for a Rangani girl (1982/ Dhanu, PG) Call- 9437178454, 9861182688 (no mediator please). D-59537

Beautiful Karan girl 1981/5'2", B.Com, MBA require service/ business (early marriage) BARSHA 8144274615, 9338229705. D-68600

32 ବୟସ୍କା ଧୋବା ଅବିବାହିତା Private School Teacher ଝିଅଙ୍କ ପାଇଁ Unmarried ପୁଅ ଦରକାର। 7008080967. D-67934

## AUTOMOBILE

### SALE

Hyundai creta, I twenty Active, Swift dezire, KUV 100, Pajero & others: 9937153557. D-16964

2015 Bullet Electra, excellent condition, running 14,000k.m, price- Rs.1,20,000/-. Contact: 9778209002, 7978453578. D-16895

## real estate

### SALE

**Bhubaneswar Patia KIIT University ନିକଟରେ BDA yellowzone plot 30'road, electricity boundary ଥାଇ sqft.-850/-,1000/- (installment/ outrightରେ) ମିଳୁଅଛି। 9937025614, 7008390130.** D-68480

Residential plot & duplex available near Puri Canal, Hanspal. Mob: 9438296153. D-16942

ଦୋକାନ ଘର ସହିତ **commercial** ପ୍ଲଟ୍ ବିକ୍ରି ହେବ **Jankia** ଥାନା ସମ୍ମୁଖରେ **NH** କୁ ଲାଗି। **9437041063, 9938499755.** D-16924

2BHK simplex 35,00,000/- finishing Hanspal, low cost plot Atala- 6370140491. D-68673

3900 sqft. boundary wall gharabari plot sale near 2nd Infosys Road, Janla, Bhubaneswar. Contact only owner 9238699541. D-53648

**3BHK flat Vivekanandamarg, Nageswartangi, Bhubaneswar. Affordable price 55lacs, 9337288910, 9337292797.** D-67294

Gharabari plot sale Sundarpada near Hi-Tec Plaza sqft- 920/.9337766961, 9439364818. D-16939

ଭୁବନେଶ୍ୱର **Tamandoରେ 30'ରାସ୍ତା** ଥାଇ/ ପିତାପଲ୍ଲି **NHକୁ** ଲାଗି ପ୍ଲଟ୍ କିଣନ୍ତୁ। **9348767829.** D-68499

Bhubaneswar, Patia, Bigbazar ରୁ 3.5k.m ଘର କରିବା ପାଇଁ plot 50 x 30= 1500sqft. କୁ 8,25,000/-ରେ ମିଳୁଛି। 9937065503, 8249005131, 9337061817. D-68500

Readymade 2BHK flat at Utkal Vatika, Jharapada canal road, Bhubaneswar with all amenities 5500/- sqft., 9437018423. D-68792

HIG house at Baramunda Housing Board Colony, Bhubaneswar for sale. Contact: 9438532170. D-16961

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-16587

ଭୁବନେଶ୍ୱର Amri Hospital ଠାରେ 30' ରାସ୍ତାଥାଇ BDA yellowzone plot 7894216209. D-68494

Flat sales 2bhk/ 3bhk, Patia Big Bazar, front (RERA) Approved. 7978867139. D-16925

Flat for sale near Om Shanti Ashram just 3kms away from Phulnakhara Chhak, 9853916309, 9338401309. D-67542

ଖୋର୍ଦ୍ଧାରେ ଘର ଓ ସ୍ଥିତିବାନ ଘରବାଡ଼ି ଜାଗା ବିକ୍ରିହେବ। ନବିନାବାଗ, ବଡଶଙ୍ଖ ପାଖ, ପଲା ହାଇସ୍କୁଲ ଓ **Medical** ପାଖରେ ମେନ୍‌ରୋଡ୍‌କୁ ଲାଗି। ଯୋଗାଯୋଗ: **8249030042, 9439921218.** D-16923

Booking 2BHK Simplex eastfacing Tankapaniroad Saimandir 1200sqft. land cost Rs.31,50,000/-, 7735738102. D-16958

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-16586

ପୁରୀ ଅଠରନଳା ପାଖ ଗୋପୀନାଥପୁର ମୌଜାରେ କଂକ୍ରିଟରୋଡ଼ ସ୍ଥିତିବାନ ଘରବାରି ପ୍ଲଟ 40'x65' 30ଲକ୍ଷ। 9853966120, 9437177131. D-69013

**A new premium triplex house, 6 bedrooms ready to move at Balianta (Bhubaneswar) project approved by HDFC and LIC @ 2200 per sqft. 7437998131.** D-68071

1600 sqft. gharabari residential plot for sale near Rabi Talkies, Tankapani Road, Bhubaneswar. Price- 51 lakh. Contact: 7504392698. D-69231

**ଭୁବନେଶ୍ୱର ବାଳକାଟି ବଜାରରୁ 2km sqft.-550/-, (ଘରବାରି) କଟଣୀଗେଟ୍‌ଠାରେ sqft.-200/-, କଟକ ତ୍ରିଶୁଳିଆରୁ 4km sqft.-300/- ପ୍ଲଟ୍ ମିଳୁଅଛି। 7978939440, 9178004547.** D-68489

ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। **9437166686, 7609956035.** D-68487

Under construction 2BHK flat 3rd floor for sale at Jharpada, Bhubaneswar. 7978751719. D-67541

Plots gharabari demarcated low cast ready registration and boundary wall at Balianta, Bhingarpur, Bhubaneswar, Mob: 9938466916. D-16918

Plot for sale near AIIMS Hospital, Bhubaneswar, yellow zone, gharabari & other. Contact: 9348721088, 9938670164. D-69228

ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। **9437166686, 7609956035.** D-68487

15500sqft. plot with boundary wall near Dhauli Square, Bhubaneswar for sale, Contact- 9438153229, 7008791675. D-16960

ସୁନ୍ଦରପଦା **Hitech Plaza** ପାଖରେ **30'ରାସ୍ତା**, ଘରବାରି, **boundary**, ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ ବିକ୍ରି ହେଉଛି। **6370292040.** D-68495

ଭୁବନେଶ୍ୱର ପିତାପଲ୍ଲୀ ଛକ ପାଖରେ **NH side** ପ୍ଲଟ ମିଳୁଅଛି। **Owner- 9090963952.** D-68497

Bhubaneswar AMRI Hospital ପଛରେ 20' road Boundary, Electric, Supply Water ଥାଇ ନିଜର 60'x 48' ଘରବାରି ପଟ୍ଟାପ୍ଲଟ୍ ବିକ୍ରିହେବ। 9337383977. D-56663

**Book 3BHK flat at AIIMS Hospital and near Sum Hospital 2/3 BHK at Dhauli Square. Contact: 8114860043.** D-67749

1000 sqft. gharabari residential with semi commercial land for sale at Mahadev Nagar, Jharapara, Bhubaneswar. Price 33 lakh. Contact: 7504392698. D-69229

Book a 3BHK duplex having land area 1400 sqft. and construction area 2100 sqft. at Nandan Vihar, Patia, Bhubaneswar. Price- 77 lakhs, 7504392698. D-69230

### PURCHASE

Plot required on outright/ sharing basis in Bhubaneswar. Contact: 7978751719. D-67540

## construction

**Construction residential, commercial for 450/- & 850/-. 8018961216.** D-16856

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-16719

## GENERAL

### SALE

40KW generator, diesel pump, electrical motor and other accessories for sale near Bhanjanagar, Ganjam District. Contact: 9439852555. D-16890

ଭୁବନେଶ୍ୱରରେ ଏକ ଭଲ ଚାଲୁଥିବା Hardware and paint ଦୋକାନ ବିକ୍ରିହେବ: 9437001960, 8249490842. D-68672

## to-let

Independent bungalow, six rooms and 800sqft. centre room. Parking area 1500sqft. Suitable for bank, office, officer's quarter, office cum godown. Very near to Mahanadi-Zobra barrage at Nimpur Canal road. Contact: 9937547222, 9338112817. D-16893

2BHK flat main road Soubhagyanagar Unit-8 for Office, Bachelors. 9000001508. D-16963

Space suitable for Godowns, Nursing Home and Educational Institute with open area 2 Acre having boundary walls & office at Old Industrial Estate, Jagatpur. Contact: 9437496020, 9437021279. D-16900

3BHK flat with covered parking for 2 four wheelers, 2 AC, geysers and chimney near Khandagiri Square. Call: 9937235603. D-16919

**Four storied bulding on 6500sqft. Godown/Shops, Ground Floor, Suitable for Bank/ Hospital/Collage/ Others at Hi-Tech Chhak Sunderpada, 9437926044.** D-16922

1200sqft. fully furnished Office Space having with furniture available at 2nd floor, Bapuji Nagar, Bhubaneswar @ 12000/-, & 1800sqft. @ 12000/-, on Sharing Basis, Contact- 7008485542. D-67543

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## packers & movers

Hindustan Packers & Movers shifting of household goods, office & bike (all over India). 9437045552, 9937288024. D-16608

Shivam logistic packers movers. Household/ car relocation countrywide. 9777044177, 9338461133. D-16741

## healthcare

Newly open full body massage by ladies, gents therapist. 8018656899 D-60872

Ayurvedic full body massage by ladies, gents therapist. 7008773793 D-60873

Sai herbal spa refresh your body with smart, expert therapist. 7608062524. D-69222

Ayurvedic refreshment massage therapy refresh mind and body. Appointment: 7894855541. D-68598

Full body herbal massage with refreshment expert therapist. 7381239385, 06742540855. D-69232

Experience full body massage with us (expert). Call: 7377048581, 06742597822. D-69233

Herbal full body massage by smart / expert therapist. Contact: 8338067247. D-69234

Experience winter therapeutic Abhyanga massage feeling refreshing energetic: Appointment- 9668374480. D-69235

Body massage @ 1099 at mystic Unisex Salon and Spa. 9556978408. D-69237

Rejuvenate and Ayurvedic full body massage by smart therapist. 9114402304. D-69236

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

**ଶୁଭ ବ୍ରତ ଶୁଭେଚ୍ଛା**



ପ୍ରବୀଣ କୁମାର ନାଥଙ୍କ ଶୁଭ ବ୍ରତ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ, ଶୁଭେଚ୍ଛା ସହ ଚଳାପଥରେ ପୁଷ୍ପବୃଷ୍ଟି ହେଉ, ଆଗାମୀ ଜୀବନ ଶୁଭମୟ ପାଇଁ କାମନା କରୁଁ।
ଅଭିଜିତ ଖମାରୀ, ଅଭିଲିପ୍ସା ଖମାରୀ, ବୁଟବୁଗା, ଅତାବିରା, ବରଗଡ଼
ଧ-୧୬୯୬୪

## CLASSIFIED BOOKING STATIONS

**ASSET PROPERTIES**
R.P. Patra, Plot-3766, Opposite Reliance Trends Footwear/ Odisha Hotel, Rabi talkies chakka, Lewis Road, 9337124748 (What's app) 9439963384

**ANITA ADVERTISER**
S-17, BDA Market Complex, Nilakantha Nagar, Near Passport Office, Nayapalli, BBSR-12 Chinmaya Choudhury Ph:9338991113, 9439811130 Email: anitaadvt@gmail.com

**CUTTACK**
**DHARITRI OFFICE**
Link Road, P. K. Ratha, Mob: 9437196416

**MAHAVEER COMMUNICATION**
Kantapada, Nakhara, Cuttack, Sura Narayan Sahu, Phone: 9438282244

**J. N. MOHANTY & SONS**
Infront of Annapurna Theatre, Grand Road, Puri, Deepak Mohanty, Mob: 9437285941, 9861451995

**BERHAMPUR**
**DHARITRI OFFICE**
Contact: Siba prasad Das, Mob: 9040449673

**MANIKA COLD CABIN**
Dhenkanal Bus-Stand, Dhenkanal, Manabhanjan Pattnaik, Mob : 9937233228

**VIDYA PURI BOOK STORE**
Puri Badasankha, Sibaram Pradhan, Mob : 9861446582

**AMBICA COMPUTERS**
Sanjeeb Ku. Patra, Rajanahar Chowk, Singhlal Complex 1st Floor, Jeypore, Mob : 9439773311

**SHREE GOPAL STORE**
Sakhigopal, Puri, Manjulata Mahapatra, Mob: 7787087031, 9777203839

**ANNAPURNA COMMUNICATION**
Qtr-VII, H-185, C.S.Pur, BBSR Prabina Kumar Mohanty Ph: 9337336614, 7008967858

**NEELACHAL INFOTECH**
Hotel Jajati Complex, Master Canteen Square, BBSR, Nalin Kishore Panda, Ph:0674-2531315, 9861033004

**SAINEE COMMUNICATION**
At- Beheramal, PS/ Dist- Jharsuguda, Contact : Chinmaya Kumar Dwibedy, Mobile: 9861434126

**AMAN ADDCARE**
Plot No: 114/7, Airport Square, Bhimpur, Bhubaneswar- 751020 Email ID: amamaddcare@gmail.com Whatsapp & Mobile No: 9937426436, 9853380364

**PANI COMMUNICATION**
Suphan Ku. Pani, Dharmasal, Jarka, Jajpur. Mobile: 8280196228

**SABARI COMMUNICATION**
Bhejaput, Damanjodi, Koraput, Contact: Mr. Ashoka Khara, Mob: 9437182158, 9668847771.

**JAGANNATH STUDIO**
355, Okilbag, CTC Road, Laxmisagar, near Okilbag Enclave, BBSR. Mr. Ranjan Kumar Sahoo, Mob: 9040302855, 9438185809.

**SAI TOUR TRAVEL**
402/996, Behind Goutam Petrol Pump, BBSR. Mr. Pradeep Kumar Mohanty, Mob: 9348861961, 9040056776.

**ORISSA RESEARCH FOUNDATION & EDUCATIONAL TRUST**
Plot No-1732/A, Gobinda Prasad, Bomikhal, BBSR-10 Mr. Pradeep Kumar Patra, Mob: 8270703878.

**OMM SARALA SERVICES**
At- Othaka, Po/PS- Nischintakoili, Dist- Cuttack, Contact : Ashok Ku. Mohapatra Ph : 9438283428

**APIC COMPUTERS**
Balagandi Chhak, Puri, Madhusudan Mishra, Mob: 9861235622

**SATPATHY ENTERPRISES**
270, Sachivalaya Marg,Unit-IV, BBSR, Kalicharan Satpathy, Ph- 2394630, 3254186, 9090835267

**JOGESWAR DAS**
Rayagada Mob: 06856222611, 9437234611

**MOHAPATRA JOB CENTRE**
C/o. Judhistir Mohapatra Saranda, Dist : Bargarh, Ph : 7894062647, 9338154701, E-mail : aeiodissabgh@gmail.com

**DHARITRI STALL**
Old Bus Stand, Unit-II, BBSR, Dibakar Sathua, Mob: 9853121114

**AKANKSHYA COMMUNICATION**
Near O.S.H.B Office Building, Kharvel Nagar, Unit-III, BBSR-1, Bimal Das., Mob: 9439968686

**GHUNGUR COMMUNICATION**
Palasuni, Bhubaneswar, Manoj Kumar Sahoo, Ph- 9337883640, 9938270084, 9853497164

**DOOR SANCHAR P.C.O**
79, In Front of Hotel Venus Inn, Bapujinagar, BBSR, Biraja prasad Mohanty, Mobile: 9437229325

**POOJA AGENCY**
Plot No-5, Bapuji Nagar, BBSR, Kamal Lochan Patra, 9437136979, 9937022211

**ORIYAPRESSMEDIA.COM**
HN-359, R.K. Complex, 1st Floor, Saheed Nagar, Bhubaneswar, Amarendra Panda, Mob: 9937983859

**MUNNA COMMUNICATION**
163, Jharpada,Cuttack Road, BBSR. Priyabrata Mohalik, Ph: 9337875700, 9861234845

**SUKHALATA SPARE HOUSE**
217, CTC Road, BBSR, Prasant Dash, Mob: 9439339595

**AMAN ADDCARE**
Plot No: 114/7, Airport Square, Bhimpur, Bhubaneswar- 751020 Email ID: amamaddcare@gmail.com Whatsapp & Mobile No: 9937426436, 9853380364

**ମନେ ପଡ଼ନ୍ତି**

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ସୁପ୍ରଭା ସାମନ୍ତରାୟ
ଗୋପିନାଥ ନଗର, ବ୍ରହ୍ମପୁର
ଆବିର୍ଭାବ : ୨୫.୦୮.୧୯୬୮
ତିରୋଧାନ : ୧୯.୦୨.୨୦୨୦
ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା।
ଶୋକସନ୍ତପ୍ତ : ସ୍ୱାମୀ-ଶିବ ପ୍ରସାଦ ସମନ୍ତରାୟ, ପୁଅ-ରାଜୀବ, ବୋହୂ-ତପସ୍ୱିନୀ, ଝିଅ-ପ୍ରିୟଙ୍କା, ଝାଇଁ-ଦୀପକ, ନାତୁଣୀ-ଦିଶା, ଶ୍ରୀନିକା ଓ ପରିବାରବର୍ଗ
ଧ-୬୬୬୩୭

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/– ରେ। ରଙ୍ଗୀନ ଟ୪୨୦/– ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଭାରତକୁ ୫ ଟ୍ରିଲିୟନ ଡଲାର ଅର୍ଥନୀତିରେ ରୂପାନ୍ତରିତ କରିବାକୁ ହେଲେ ବନ୍ଦରଗୁଡ଼ିକର ବିଶ୍ୱ ସ୍ତରୀୟ ଭିତ୍ତିଭୂମି ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ।

– ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି



ଭାରତରେ ମାନ୍ଦାବସ୍ଥା କ୍ଷଣସ୍ଥାୟୀ। ସରକାର ଗ୍ରହଣ କରୁଥିବା ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ଫଳପ୍ରଦ ହେବା ନେଇ ଆଶାବାଦୀ।

–ମୁକେଶ ଅମ୍ବାନୀ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଅଧ୍ୟକ୍ଷ



# ‘ଶିଳ୍ପ ଜଗତ ଲାଗି ପରିବେଶ ସୁରକ୍ଷା ଜରୁରୀ’

**ଭୁବନେଶ୍ୱର,୨୯-୨**




ପରିବେଶ ସୁରକ୍ଷା ବିନା ଶିଳ୍ପଜଗତ ତିଷ୍ଠି ରହିବା କଷ୍ଟକର। ଶିଳ୍ପଜଗତ ଲାଗି ପରିବେଶ ସୁରକ୍ଷା ଅତ୍ୟନ୍ତ ଜରୁରୀ। ଏକ ନିରନ୍ତର ଭବିଷ୍ୟତ ଲାଗି ପରିବେଶ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ ବୋଲି ରାଜ୍ୟ ଶିଳ୍ପ ତଥା ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ଶନିବାର କହିଛନ୍ତି।

ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ (ଆଇସିସି) ରାଜ୍ୟ ପରିଷଦ ପକ୍ଷରୁ ପାଣିପାଗ ପରିବର୍ତ୍ତନ ସମ୍ପର୍କିତ ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କରି ମିଶ୍ର କହିଛନ୍ତି ଯେ, ଶିଳ୍ପ ସଂସ୍ଥାଗୁଡ଼ିକ ୩ ପ୍ରମୁଖ ବିଷୟ ଉପରେ ଧ୍ୟାନ ରଖିବାକୁ ହେବ। ଶିଳ୍ପ ସଂସ୍ଥାଗୁଡ଼ିକ ନିଜେ ନିରନ୍ତର ରହିବା, ପରିବେଶ ଅନୁକୂଳ ପଦକ୍ଷେପ ଗ୍ରହଣ, ବର୍ଜ୍ୟବସ୍ତୁର ସମ୍ପୂର୍ଣ୍ଣ ପରିଚାଳନା ଉପରେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ଜଙ୍ଗଲ, ପରିବେଶ, ଜଳ ଏବଂ ବାୟୁର ମାନକୁ ସୁରକ୍ଷା ପ୍ରଦାନ କରିବାରେ ଶିଳ୍ପଜଗତକୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ହେବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ଶିଳ୍ପ ସଂସ୍ଥାଗୁଡ଼ିକ ପରିବେଶ ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ସେ ଆହ୍ୱାନ ଜଣାଇଛନ୍ତି। ରାଜ୍ୟ ଉଚ୍ଚ ଅଭିବୃଦ୍ଧି ହାସଲ କରିବାକୁ ଚାହେଁ କିନ୍ତୁ ସେଥି ଲାଗି କୌଣସି ବାହ୍ୟ ମୂଲ୍ୟ ଦେବାକୁ ପ୍ରସ୍ତୁତ ନୁହେଁ। ମାନବ ଜାତି ସହ ଜୀବଜଗତକୁ ସୁରକ୍ଷା ଦେବାକୁ ହେବ। ବର୍ତ୍ତମାନ ଦୁନିଆକୁ ଏକ ନିରନ୍ତର ବିଶ୍ୱରେ ପରିବର୍ତ୍ତନ କରିବାକୁ ପଦକ୍ଷେପ ଗ୍ରହଣ କରିବାକୁ ହେବ। ଏହି ଲକ୍ଷ୍ୟ ହାସଲ ଦିଗରେ ଶିଳ୍ପଜଗତକୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବାକୁ ହେବ ବୋଲି ସେ ଆହ୍ୱାନ ଜଣାଇଛନ୍ତି।

**ପାଣିପାଗ ପରିବର୍ତ୍ତନ ସଂକ୍ରାନ୍ତ ଆଇସିସିର ଜାତୀୟ ସମ୍ମିଳନୀ**

ପରିବେଶ, ଜଙ୍ଗଲ ଓ ପାଣିପାଗ ପରିବର୍ତ୍ତନ ମନ୍ତ୍ରଣାଳୟର ଡେପୁଟି ଡାଇରେକ୍ଟର ଜେନେରାଲ ସୁବ୍ରତ ମହାପାତ୍ର ଜଳ ଓ ବାୟୁ ପ୍ରଦୂଷଣ ଏବଂ ଜଙ୍ଗଲରେ ଲାଗୁଥିବା ନିଆଁ କିଭଳି ଅଙ୍ଗାରକାମ୍ଳ ବାଷ୍ପ ବଢ଼ାଉଛି ସେ ଦିଗରେ ଆଲୋଚନା କରିଥିଲେ। ଏଭଳି ସମସ୍ୟା ବିରୋଧରେ ଲଢ଼େଇ ଜାରି ରଖିବା ଲାଗି ସାରା ବିଶ୍ୱରେ ମିଳିତ ଉଦ୍ୟମ ଲୋଡ଼ା ବୋଲି ସେ ମତ ପ୍ରକାଶ କରିଛନ୍ତି। ପରିବେଶ ସୁରକ୍ଷା ପ୍ରତି ଅଧିକ ଯତ୍ନବାନ ହେବାକୁ ଆଇସିସି ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ଏମ୍.ସି.ଥୋମାସ ଗୁରୁତ୍ୱାରୋପ କରିଛନ୍ତି। କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମୁଖ୍ୟ ପରିବେଶ ଇଞ୍ଜିନିୟର ଡ.ଏନ୍.ଆର୍.ସାହୁ, ରାଜ୍ୟ ପରିବେଶ ଓ ଜଙ୍ଗଲ ବିଭାଗ ନିର୍ଦ୍ଦେଶକ ଡ.କେ.ମୁରୁଗେସନ, ଆଇସିସି ଓଡ଼ିଶା ରାଜ୍ୟ ପରିଷଦର କୋର୍ କମିଟି ସଦସ୍ୟ ଏସ୍.ଏସ୍. ଉପାଧ୍ୟାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଆଇଓବିର ଅଲ୍ ଇଣ୍ଡିଆ ୱାର୍କିଂ କମିଟି ବୈଠକ

**ଭୁବନେଶ୍ୱର,୨୯-୨**

ଇଣ୍ଡିଆନ ଓଭରସିଜ ବ୍ୟାଙ୍କ (ଆଇଓବି)ର ଅଲ ଇଣ୍ଡିଆ ୱାର୍କିଂ କମିଟି ବୈଠକ ଏବଂ ମେମ୍ବରର୍ସ ମିଟ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଆଞ୍ଚଳିକ କାର୍ଯ୍ୟାଳୟ ଏବଂ ଶାଖା କାର୍ଯ୍ୟାଳୟଗୁଡ଼ିକରୁ ଅଧିକାରୀ ଏବଂ କର୍ମଚାରୀମାନେ ଯୋଗ ଦେଇଥିଲେ। ଆଇବିଏ ନିକଟରେ ହୋଇ ଆସୁଥିବା ମଜୁରୀ ସଂଶୋଧନ, ୫ ଦିନ କାର୍ଯ୍ୟ ଦିବସ, ବେସିକ ପେ ସହିତ ସ୍ୱତନ୍ତ୍ର ଭତ୍ତା ମିଶ୍ରଣ, ସ୍ୱତନ୍ତ୍ର ପେନଶନ ସ୍କିମ, ପରିବାର ପେନଶନ ବୃଦ୍ଧି ଭଳି ବିଭିନ୍ନ ପ୍ରସଙ୍ଗ ଉପରେ ଏଠାରେ ଆଲୋଚନା କରାଯାଇଥିଲା। ଅଲ୍ ଇଣ୍ଡିଆ ୱାର୍କିଂ କମିଟିର ସାଧାରଣ ସମ୍ପାଦକ ଭବାନୀ ଶଙ୍କର ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ବୈଠକ ଆୟୋଜନ କରାଯାଇଥିଲା। ଏଥିରେ ସଭାପତି ଆବ୍ରାହମ ଶାହଜି ଜନ୍, କାର୍ଯ୍ୟକାରୀ ସଭାପତି ଆର୍.କାମେଶ୍ୱରନ, ସାଧାରଣ ସମ୍ପାଦକ ଟି.ମୁରଲୀ ସୌନ୍ଦରାଜନ ପ୍ରମୁଖ ଯୋଗ ଦେଇଥିଲେ। ସହାୟକ ସାଧାରଣ ସମ୍ପାଦକ ସଞ୍ଜିତ ପଟ୍ଟନାୟକ , ରଜତ ମହାପାତ୍ରଙ୍କ ସମେତ ଅନ୍ୟମାନେ ଏହି ଅବସରରେ ଉପସ୍ଥିତ ଥିଲେ।

## ହୋଣ୍ଡାର ନୂଆ ୟୁନିକର୍ନ ବିଏସ୍-୬

**ଭୁବନେଶ୍ୱର,୨୯-୨**



ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ୟୁନିକର୍ନର ବିଏସ୍-୬ ମଡେଲକୁ ଉନ୍ମୋଚନ କରାଯାଇଛି। ଏଥିରେ ୧୬୦ ସିସିର ଏଚ୍‌ଇଟି ବିଏସ୍-୬ ଇଞ୍ଜିନ ବ୍ୟବହାର କରାଯାଇଛି। ଗ୍ରାହକଙ୍କ ସୁବିଧା ଲାଗି ଏଥିରେ ଇଞ୍ଜିନ ଷ୍ଟପ ସ୍ୱିଚ, ଅଧିକ ଗ୍ରାଉଣ୍ଡ କ୍ଲିୟରାନ୍ସ, ଲମ୍ବା ସିଟ୍ ଏବଂ ଏଚ୍‌ଇଟି ଟ୍ୟୁବଲେସ ଟାୟାର ବ୍ୟବହାର କରାଯାଇଛି। ଗାଡ଼ିକୁ ପ୍ରିମିୟମ ଲୁକ ଦେବା ଲାଗି ସେଥିରେ କ୍ରୋମ ଗାର୍ନିସ, ୩ଡି ୱିଙ୍ଗ ମାର୍କ ଓ କ୍ରୋମ୍ ଷ୍ଟ୍ରୋକ ଆଦି ରହିଛି। ୟୁନିକର୍ନ ବିଏସ୍-୬ ଉପରେ କମ୍ପାନୀ ପକ୍ଷରୁ ୬ ବର୍ଷର ୱାରେଣ୍ଟି ପ୍ୟାକେଜ ପ୍ରଦାନ କରାଯାଉଛି। ଏହାର ଏକ୍ସ ଶୋ’ରୁମ୍ ଦିଲ୍ଲୀ ମୂଲ୍ୟ ୯୩,୫୯୩ ଟଙ୍କାରୁ ଆରମ୍ଭ ହୋଇଛି। ନୂଆ ୟୁନିକର୍ନ ବିଏସ୍-୬ ସଂପର୍କରେ ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ସିଇଓ ଓ ଏମ୍‌ଡି ମିନୁରୋ କାଟୋ କହିଛନ୍ତି ଯେ, ଭାରତରେ ହୋଣ୍ଡା ଉପସ୍ଥାପନ କରିଥିବା ପ୍ରଥମ ମୋଟରସାଇକଲ ଥିଲା ୟୁନିକର୍ନ। ଉନ୍ମୋଚନ ହେବା ପରଠାରୁ ଇଞ୍ଜିନ ଏବଂ ସୁବିଧାଜନକ ପ୍ରଦର୍ଶନ କ୍ଷେତ୍ରରେ ଏହା ସର୍ବଦା ମାନଦଣ୍ଡ ଧାର୍ଯ୍ୟ କରିଛି। ୧୬ ବର୍ଷରୁ ଅଧିକ ସମୟର ପରମ୍ପରା ରଖିଥିବା ୟୁନିକର୍ନ ୨.୫ କୋଟି ପରିବାରର ପ୍ରଥମ ପସନ୍ଦ ହୋଇ ରହିଆସିଛି। କମ୍ପାନୀର ବରିଷ୍ଠ ଉପସଭାପତି ବିକ୍ରି ଓ ମାର୍କେଟିଂ ୟଦବିନ୍ଦର ସିଂହ ଗୁଲେରିଆ କହିଛନ୍ତି ଯେ, ନୂଆ ଆଧୁନିକ ପିଜିଏମ୍-ଏଫ୍‌ଆଇ ଏଚ୍‌ଇଟି ୧୬୦ ସିସି ଇଞ୍ଜିନ ଅଧିକ ଶକ୍ତି ପ୍ରଦାନ କରୁଥିବା ବେଳେ ୟୁନିକର୍ନ ବିଏସ-୬ ନିରବଚ୍ଛିନ୍ନ ପ୍ରଦର୍ଶନର ସ୍ତରକୁ ବଢ଼ାଇବା ସହିତ ହୋଣ୍ଡାର ଭରସାଯୋଗ୍ୟ ବିଶ୍ୱାସ ପ୍ରଦାନ କରିବ। ଏହା ତିନିଟି ରଙ୍ଗ ପର୍ଲ ଇଞ୍ଜିନିଅସ ବ୍ଲାକ୍, ଇମ୍ପେରିଆଲ ରେଡ୍ ମେଟାଲିକ୍ ଏବଂ ମ୍ୟାଟ୍ ଆକ୍ସିସ ଗ୍ରେ ମେଟାଲିକ ରଙ୍ଗରେ ଉପଲବ୍ଧ ହେବ।

# OFFICE OF THE DIVISIONAL FOREST OFFICER & WILDLIFE WARDEN CHANDAKA WILDLIFE DIVISION, GAJA VIHAR BARAMUNDA, BHUBANESWAR-751003

**Ph. (0674) 2355400/ 2355885 (O),** **No. B-778**
**Email- chandakadampara@gmail.com /dfochandakawl.od@gov.in**
**No. 60 4F (F.C. Act & Lease) - 34 / 2020**
**Dated, Bhubaneswar the 11th February, 2020**

## REASONED ORDER

Sub : Diversion of 10.183 ha. forest land under Chandaka Wildlife Division for construction of 200 feet Master Plan road over a length of 1.790 Km. from Rail Vihar-Hatiasuni-Ekamrakanan within Left Side Road Network (LSRN) (Modified CDP -02 / 2017) in Bhubaneswar City coming under Bhubaneswar Tahasil of Khordha District, Odisha by Executive Engineer, Bhubaneswar (R & B) Division No. III, Bhubaneswar.

Whereas, Forest Diversion Proposal bearing **Proposal No. FP/OR/ROAD/ 35088 /2018, State Sl. No. OR-048 / 2018 dated 06.08.2018** for diversion of 9.924 ha. of forest land as per DGPS Survey out of applied area 10.183 ha. under Chandaka Wildlife Division, Bhubaneswar for construction of 200 feet wide Master Plan Road over a length of 1.790 Km. from Rail Vihar-Hatiasuni-Ekamrakanan within Left Side Road Network (LSRN) (Modified CDP -02/2017) in Bhubaneswar city coming under Bhubaneswar Tahasil of Khordha District, Odisha was submitted by the Project proponent i.e. Executive Engineer, Bhubaneswar (R & B) Division No. III, Bhubaneswar and the said proposal was processed under the Forest (Conservation) Amendment Rule, 2003.

And whereas, the said diversion proposal over 10.183 ha. of forest Land involves Jungle-II kissam- 10.183 ha. Under GA & PG Department, Govt. of Odisha which comes under Chandaka Wildlife Division, Bhubaneswar.

And whereas, the aforesaid diversion proposal submitted over 10.183 ha. has been accorded **‘Stage- I/ in-principle’** approval under Section 2(ii) of the Forest (Conservation) Act,1980 by the Ministry of Environment, Forest and Climate Change, Government of India vide their Letter No.5-ORC373/ 2019-BHU dtd. 29.03.2019.

And whereas, the User Agency has deposited the Compensatory levies in compliance with condition No. 2(ii) & 2(viii) of in-principle approval order & additional conditions stipulated by Govt. of Odisha, Forest & Environment Department in their Letter No. 7316 / F&E dtd. 10.01.2019 as detailed below.

| Sl. No. | Condition No. of Stage - I approval Order | Particulars | Amount demanded Letter No. & Date | Details of deposit of Compensatory levies by the User Agency (Letter No. & Date) |
|---|---|---|---|---|
| 1 | 2(ii) | Cost of Net Present Value (NPV) over 10.183 ha. of Revenue forest land outside of Chandaka-Damapara Wildlife Sanctuary. | **Rs. 63,74,558/-** (Letter No. 4306 dtd. 20.08.2019 of DFO, Chandaka Wildlife Division) | **Rs. 1,78,58,633/-** vide e-Cheque No. 121890 dated 04.10.2019. (Letter No. 402 dtd. 18.01.2020 of the Executive Engineer, Bhubaneswar (R&B), Division No. III, Bhubaneswar) |
| 2 | 2(viii) | Cost of Compensatory Afforestation (CA) over 10.372 ha. | **Rs.73,56,300/-** (Letter No. 4306 dtd. 20.08.2019 of DFO, Chandaka Wildlife Division) | |
| 3 | Additional Conditions Stipulated by the State Govt. | Cost of raising Avenue Plantation over 1.79 RKM. | **Rs. 40,86,212/-** (Letter No. 4306 dtd. 20.08.2019 of DFO, Chandaka Wildlife Division) | |
| 4 | -do- | Cost of plantation of 2(two) times the number of trees to be felled from non-forest stretch. | **Rs. 41,563/-** (Letter No. 4306 dtd. 20.08.2019 of DFO, Chandaka Wildlife Division) | |
| | | **Total** | **1,78,58,633** | |

And whereas, the User Agency has undertaken to comply the other stipulated conditions of **‘Stage- I/ in-principle’** approval under Section 2(ii) of Forest (Conservation) Act, 1980 imposed by the Ministry of Environment, Forest and Climate Change, Government of India vide their Letter No. 5-ORC373/2019-BHU dtd. 29.03.2019 as detailed below:

| Sl. No. | Condition Number of Stage-I approval Order | Stipulated Conditions | Compliance made / to be made |
|---|---|---|---|
| 1 | 2(i) | Legal Status of Forest land proposed for diversion shall remain unchanged | The User Agency has submitted undertaking to this effect vide their letter No. 685 dtd. 03.02.2020 |
| 2 | 2(iii) | At the time of payment of the Net Present Value (NPV) at the present rate, the User Agency shall furnish an undertaking to pay the additional amount of NPV, if so determined, as per the final decision of the Hon’ble Supreme Court of India | The User Agency has submitted undertaking to this effect vide their letter No. 685 dtd. 03.02.2020 |
| 3 | 2(v) | The revenue forest land identified for raising Compensatory Afforestation shall be transferred and mutated in favour of the State Forest Department before issue of Stage-II approval. | Non-forest Govt. revenue land in Mouza - Tulasadeipur in Bhubaneswar Tahasil has been transferred and mutated in favour of State Forest Department vide **Alienation Case No. 05/2019** of Bhubaneswar Tahasil, Khordha District |
| 4 | 2(x) | The user agency shall also comply the recommendations of the State Government. | The User Agency has submitted undertaking to this effect vide their letter No. 685 dtd. 03.02.2020 |
| 5 | 2(xi) | The designing of new culverts/bridges and redesigning the existing ones over the natural streams/ rivers/canals should be done in such a manner that it does not hamper the natural course of water, does not give rise to waterlogging, so that it does not hamper movement of wild animals including fishes & amphibians migration. | The User Agency has submitted undertaking to this effect vide their letter No. 685 dtd. 03.02.2020 |
| 6 | 2(xii) | The boundary of the forest land proposed to be diverted shall be demarcated on the ground at the project cost, by erecting four feet high reinforced cement concrete pillars, each inscribed with its serial number, DGPS coordinates, distances from adjoining pillars etc. | The User Agency has submitted undertaking to this effect vide their letter No. 685 dtd. 03.02.2020. |
| 7 | 2(xiii) | The State Forest Department/UA shall submit the surveyed sketch of non-forest land identified for CA, giving the forward and backward bearing of each demarcation pillar and distance between them. The State Forest Department/user agency shall submit the DGPS reading of each demarcated pillar giving the latitude & longitude. | The User Agency has submitted undertaking to this effect vide their letter No. 685 dtd. 03.02.2020 |
| 8 | 2(xiv) | The user agency shall use fly ash for the road construction and for filling up of void created due to soil borrows which will be followed by compaction and spreading of top soil over it as per Fly Ash Notification No. S.O. 254 (E) dated 25.01.2016. | The User Agency has submitted undertaking to this effect vide their letter No. 685 dtd. 03.02.2020 |
| 9 | 2(xv) | The user agency shall submit an undertaking to ensure that flanks of roads should be filled by transported soil and not with soil dug from the side of the roads. | The User Agency has submitted undertaking to this effect vide their letter No. 685 dtd. 03.02.2020 |
| 10 | 2(xvi) | No additional or new path will be constructed inside the forest area for any activity related to the project work. | The User Agency has submitted undertaking to this effect vide their letter No. 685 dtd. 03.02.2020 |
| 11 | 2(xvii) | No labour camp shall be allowed in the forest area. | The User Agency has submitted undertaking to this effect vide their letter No. 685 dtd. 03.02.2020 |
| 12 | 2(xviii) | The user agency shall provide LPG or alternate fuel to labourers working at the site to avoid damage/tree felling and ensure no fuel wood use. | The User Agency has submitted undertaking to this effect vide their letter No. 685 dtd. 03.02.2020 |
| 13 | 2(xix) | The user agency while executing works, shall not fell any tree or damage forest growth in the surrounding forest area in any manner. | The User Agency has submitted undertaking to this effect vide their letter No. 685 dtd. 03.02.2020 |
| 14 | 2(xx) | The forest land shall not be used for any purpose other than that specified in the proposal and under no circumstances be transferred to any other user agency, department or person without the prior approval of Ministry of Environment, Forest & Climate Change. | The User Agency has submitted undertaking to this effect vide their letter No. 685 dtd. 03.02.2020 |
| 15 | 2(xxi) | The layout plan of the proposed forest land shall not be changed without the prior approval of Ministry of Environment, Forest & Climate Change. | The User Agency has submitted undertaking to this effect vide their letter No. 685 dtd. 03.02.2020 |
| 16 | 2(xxiii) | Any other conditions that the Ministry of Environment, Forest & Climate Change may impose from time to time in the interest of afforestation, conservation and management of flora and fauna in the area, which shall be compiled by the user agency. | The User Agency has submitted undertaking to this effect vide their letter No. 685 dtd. 03.02.2020 |
| 17 | 2(xxiv) | The State Govt. and user agency shall ensure compliance to provisions of the all Acts, Rules, Regulations, Guidelines, NGT Order (s) & Hon’ble Court Order (s) pertaining to this project, if any, for the time being in force, as applicable to the project. | The User Agency has submitted undertaking to this effect vide their letter No. 685 dtd. 03.02.2020 |

And whereas, the guideline vide letter No.II-306/ 2014-FC of MoEF&CC, Govt. of India dated 07.05.2015 on simplified procedure for grant of permission for felling of trees standing on forest land to be diverted for execution of linear projects depicts the procedure to be followed to that effect and the State Govt. vide letter No. 10F(Con)92/2015(pt.)-11624/F&E dated 04.07.2015 has inter alia a’uthorized the Divisional Forest Officer, (T & WL) to accord permission for tree cutting from forest land and allow commencement of work on forest land proposed for diversion for linear projects after compliance to conditions stipulated in Para 3(i) of Government of India guidelines dated 07.05 .2015.

And whereas, the guideline vide letter No. 11-306 /2014-FC(Pt) of MoEF & CC, Government of India dated 28.08.2015 on simplified procedure for grant of permission for felling of trees standing on forest land to be diverted for execution of linear projects states inter alia that the order for tree cutting and commencement of work of a linear project in forest land shall be for a period of one year i.e. from date of issue of this order.

Now therefore, the Project Proponent i.e. Executive Engineer, Bhubaneswar (R&B) Division No. III, Bhubaneswar is hereby allowed for tree cutting as per procedure laid by relevant Rules to the bare minimum out of total enumerated trees i.e. **104** nos. of trees under the strict supervision of Forest Department and commencement of work in the forest land over **10.183 ha.** under Chandaka Wildlife Division subject to strict compliance of the order of the Hon’ble National Green Tribunal vide order dated 13.03.2015 in O.A No. 52 of 2015 before commencement of tree felling in forest land as summarized, hereunder-

i. The project proponent shall publish the entire forest clearance granted in verbatim along with conditions and safeguards imposed by the Central Govt. in Stage-I forest clearance in two widely circulated daily Newspapers, one in vernacular language and the other in English language so as to make people aware of the permission granted to the project for use of forest land for non- forestry purposes.

ii. The project proponent shall submit the copies of forest clearance orders granted by the Central Government / State Government to the heads of local bodies, Panchayats and Municipal bodies along with relevant offices of State Government, who in turn shall display the same within 30 days from the date of receipt.

iii. Detailed action taken in compliance to the above order shall be intimated to the Divisional Forest Officer, Chandaka Wildlife Division / Regional Chief Conservator of Forests, Bhubaneswar Circle, Bhubaneswar / Principal Chief Conservator of Forests (FD & NO, FC Act) Office of the Principal Chief Conservator of Forests & HoFF, Odisha, Bhubaneswar / Forest & Environment Department, Government of Odisha for reference before commencement of tree felling in respect of forest land involved in the project.

It is also pertinent to mention here that this order is subject to compliance of stipulated conditions of Stage-I approval of MoEF &CC, Govt. of India vide No. 5-ORC373/2019-BHU dtd. 29.03.2019 in respect of the aforesaid project proposal and non-compliance thereof within the deadline w.e.f. the date of issue of this reasoned order i.e.11.02.2020 as decided by the State Government vide letter No. 17194/F&E dated 28.09.2015 and 7316/F&E dtd. 10.04.2019 shall stand revoked on 10.02.2021.

**Sd./-**
**Divisional Forest Officer**
**Chandaka Wildlife Division**
**Bhubaneswar**

**OIPR- 34089/11/0015/1920**

## ୨୦ କିମି ରେସ୍‌ରେ ବାଜି ମାରିଲେ ଜୁନେଦ୍



**ଭୁବନେଶ୍ୱର, ୨୯।୨ (ସ୍ପୋର୍ଟ୍ସ ବ୍ୟୁରୋ):** ପୁରୁଷ ୨୦ କିମି ରେସ୍‌ରେ ମାଙ୍ଗାଲୋର ବିଶ୍ୱବିଦ୍ୟାଳୟର ଜୁନେଦ୍ ବାଜିମାତ୍ କରିନେଇଛନ୍ତି। କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ରେସ୍‌ରେ ଜୁନେଦ୍ ୧ ଘଣ୍ଟା ୨୯ ମିନିଟ୍ ୫୧.୦୦ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନ ହାସଲ କରିବା ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ରୋହତକ୍ ମହାତ୍ମା ଗାନ୍ଧୀ ବିଶ୍ୱବିଦ୍ୟାଳୟର ହର୍‌ଦୀପ (୧ ଘଣ୍ଟା ୩୦ ମିନିଟ୍) ରୌପ୍ୟ ଓ ଦୀନଦୟାଲ ଉପାଧ୍ୟାୟ ବିଶ୍ୱବିଦ୍ୟାଳୟର ନୀରଜ କୁମାର ଚୌରାଶିଆ (୧:୩୨.୦୨.୦୦) ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଅପରପକ୍ଷରେ ମହିଳା ୨୦ କିମି ରେସ୍‌ରେ ସୋନାଲ ସୁଖୱାଲ (ମୋହନଲାଲ ସୁଖାଡିଆ ବିଶ୍ୱବିଦ୍ୟାଳୟ, ୧:୩୯:୪୩.୦୦), ରାଖୀ ଖୁସବାଲା (ପ୍ରଫେସର ରାଜେନ୍ଦ୍ର ସିଂ ବିଶ୍ୱବିଦ୍ୟାଳୟ୧:୪୦:୩୫.୦୦) ଓ ଶିବାନୀ (ରାଜୀବ ଗାନ୍ଧୀ ବିଶ୍ୱବିଦ୍ୟାଳୟ, ୧:୪୧:୪୭.୦୦) ଯଥାକ୍ରମେ ପ୍ରଥମ, ୨ୟ ଓ ୩ୟ ସ୍ଥାନରେ ରହିଥିଲେ।



# ଦୂତୀଙ୍କୁ ସ୍ୱର୍ଣ୍ଣିମ ସଫଳତା

**ଭୁବନେଶ୍ୱର,୨୯।୨(ସ୍ପୋର୍ଟ୍ସ ବ୍ୟୁରୋ):** ଦେଶର ଦ୍ରୁତତମ ମହିଳା ଦୂତୀ ଚାନ୍ଦ ପୁଣିଥରେ ନିଜ ଖ୍ୟାତି ଅନୁରୂପ ପ୍ରଦର୍ଶନ କରିଛନ୍ତି। ଏଠାରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ସେ କିଟ ବିଶ୍ୱବିଦ୍ୟାଳୟ ତରଫରୁ ପ୍ରତିନିଧିତ୍ୱ କରି ୧୦୦ମିଟର ଫାଇନାଲ ଦୌଡ଼ରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଶନିବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏହି ରେସ୍‌ରେ ସେ ୧୧.୪୯ ସେକେଣ୍ଡ ସମୟ ନେଇ ଏହି ସଫଳତା ପାଇଛନ୍ତି। ସେହିପରି ମାଙ୍ଗାଲୋର ବିଶ୍ୱବିଦ୍ୟାଳୟର ଏସ. ଧନଲକ୍ଷ୍ମୀ ୧୧.୯୯ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନରେ ରହିବା ସହ ରୌପ୍ୟ ପଦକ ହାସଲ କରିଛନ୍ତି। ଅନ୍ୟପଟେ ମହାତ୍ମା ଗାନ୍ଧୀ ବିଶ୍ୱବିଦ୍ୟାଳୟର ଏସ୍.ଏସ୍. ସ୍ନେହା ୧୨.୦୮ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ଆଚାର୍ଯ୍ୟ ନାଗାର୍ଜ୍ଜୁନ ବିଶ୍ୱବିଦ୍ୟାଳୟର ୟାରାଜୀ ଜ୍ୟୋତି ୧୨. ୩୧ ସେକେଣ୍ଡ ସମୟ ନେଇ ଚତୁର୍ଥ, ଉତ୍କଳ ବିଶ୍ୱବିଦ୍ୟାଳର ଦୀପାଳି ମହାପାତ୍ର ୧୨. ୩୫ ସେକେଣ୍ଡ ସମୟ ନେଇ ପଞ୍ଚମ ସ୍ଥାନରେ ରହିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ ଅଂଶଗ୍ରହଣ କରିଥିବା ଅନ୍ୟତମ ଧାବିକା ବିନତି ବେହେରା ୧୩.୨୪ ସେକେଣ୍ଡ ସମୟ ନେଇ ଅଷ୍ଟମ ସ୍ଥାନରେ ରହିଛନ୍ତି। ଏଥିସହିତ ୨୪ ବର୍ଷୀୟା ଦୂତି ନୂଆ ମିଟ୍ ରେକର୍ଡ ସ୍ଥାପନ କରିଛନ୍ତି। ପୂର୍ବର ରେକର୍ଡ ୧୧. ୫୬କୁ ଦୂତୀ ଅତିକ୍ରମ କରିଛନ୍ତି। ୨୦୧୮ରେ ମାଙ୍ଗାଲୋର ବିଶ୍ୱବିଦ୍ୟାଳୟର ଏନ୍. ସିମ୍ପି ଏହି ରେକର୍ଡ ସୃଷ୍ଟି କରିଥିଲେ। ଏହା ପୂର୍ବରୁ ସକାଳେ ସେମିଫାଇନାଲରେ ଦୂତୀ ୧୧. ୬୧ ସେକେଣ୍ଡ ସମୟ ନେଇଥିଲେ। ଫାଇନାଲରେ ସେ ତାଙ୍କ ପ୍ରଦର୍ଶନରେ ଉନ୍ନତି ଆଣିଛନ୍ତି। ଦୂତୀଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ଥିଲା ୧୧.୨୨ ସେକେଣ୍ଡ। ଗତବର୍ଷ ଜାତୀୟ ଓପନ୍ ଆଥଲେଟିକ୍ସରେ ସେ ଏହି ସଫଳତା ହାସଲ କରି ନିଜ ପୂର୍ବ ରେକର୍ଡରେ ସୁଧାର ଆଣିଥିଲେ। ଦୂତୀ ଏବେ ଏହି ମେଗା ଇଭେଣ୍ଟର ଅନ୍ତିମ ଦିବସ ରବିବାର ୨୦୦ମି. ଦୌଡ଼ରେ ଅଂଶଗ୍ରହଣ କରିବେ। ଏହି ଇଭେଣ୍ଟରେ ଦୂତୀ ଅବଶ୍ୟ ଫେଭରାଇଟ ବିବେଚିତ ହେଉଛନ୍ତି। ଉଲ୍ଲେଖଥାଉ କି, ଦୂତୀ ୨୦୧୯ ଜୁଲାଇ ୧୦ ତାରିଖରେ ଇଟାଲୀର ନାପୋଲିରେ ଅନୁଷ୍ଠିତ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ୧୦୦ମିଟର ଦୌଡ଼ରେ ୧୧.୩୨ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେ ପ୍ରଥମ ଭାରତୀୟ ଭାବେ ଏହି କ୍ରୀଡ଼ାରେ ୧୦୦ମି.ରେ ସ୍ୱର୍ଣ୍ଣିମ ସଫଳତା ହାସଲ କରି ଇତିହାସ ସୃଷ୍ଟି କରିଥିଲେ। ପୂର୍ବରୁ କୌଣସି ଭାରତୀୟ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ଇତିହାସରେ ୧୦୦ମି. ଫାଇନାଲକୁ କ୍ୱାଲିଫାଏ କରିପାରି ନ ଥିଲେ।



କଳିଙ୍ଗ ଷ୍ଟାଡ଼ିୟମ୍‌ରେ ଅନୁଷ୍ଠିତ ପୁରୁଷ ହାଇଜମ୍ପ ଇଭେଣ୍ଟ ଅବସରରେ ଜଣେ ପ୍ରତିଯୋଗୀ।

## ପ୍ରଦର୍ଶନ ନେଇ ଖୁସି ଅଛି: ଦୂତୀ

ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ୧୦୦ ମି. ଦୌଡ଼ରେ ସ୍ୱର୍ଣ୍ଣ ପଦକ ହାସଲ କରିବା ପରେ ତାରକା ମହିଳା ସ୍ପ୍ରିଣ୍ଟର ଦୂତୀ ଚାନ୍ଦ ଖୁସି ଜାହିର କରିଛନ୍ତି। ଏହି ଗେମ୍ସରେ ଅଂଶଗ୍ରହଣ କରିଥିବାରୁ ବେଶ୍ ଆନନ୍ଦିତ ବୋଲି ସେ କହିଛନ୍ତି। ନିଜର ପ୍ରଦର୍ଶନ ଓ ଟାଇମିଂ ନେଇ ସନ୍ତୁଷ୍ଟ ଅଛି। ୨୦୨୦ରେ ପ୍ରଥମଥର ପାଇଁ କୌଣସି ଇଭେଣ୍ଟରେ ଅଂଶଗ୍ରହଣ କରି ବିଜୟୀ ହୋଇଛି। ତେବେ ଆଗାମୀ ମିଟ୍‌ରେ ଅତିକମ୍‌ରେ ୧୦ରୁ ୧୫ ସେକେଣ୍ଡ ସମୟରେ ଉନ୍ନତି ଆଣିବାକୁ ପ୍ରୟାସ କରିବି। ଏବେ ନିଜକୁ ବହୁତ ଫିଟ୍ ଥିବା ଅନୁଭବ କରୁଛି। ଆଗାମୀ ଟୋକିଓ ଅଲିମ୍ପିକ୍ସ ଲାଗି ଯୋଗ୍ୟତା ହାସଲ କରିବାକୁ ହେଲେ ୧୧.୧୫ ସେକେଣ୍ଡ ଟାଇମିଂ ହାସଲ କରିବାକୁ ହେବ। ଏଥିପାଇଁ ସମୟ ଆବଶ୍ୟକ ଓ ସେଭଳି ପ୍ରତିଯୋଗିତାରେ ମଧ୍ୟ ଅଂଶଗ୍ରହଣ କରିବ ଜରୁରୀ। ତେଣୁ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ହେବ ବୋଲି ସେ ସ୍ୱୀକାର କରିଛନ୍ତି। ଏହା ସତ୍ତ୍ୱେ ଟାଇମିଂକୁ ନେଇ ବେଶ୍ ଖୁସି ଅଛି। ନୂଆ ୟୁନିଭର୍ସିଟି ରେକର୍ଡ ହାସଲ କରିଥିବାରୁ ମଧ୍ୟ ଖୁସି ଅଛି ବୋଲି ସେ କହିଛନ୍ତି। ସାରା ବିଶ୍ୱରେ ଏବେ ଦେଖାଦେଇଥିବା କରୋନାଭାଇରସ ଆତଙ୍କ ସମସ୍ୟା ସୃଷ୍ଟି କରିଛି। ଏହି କାରଣରୁ ଏବେ ଟ୍ରାଭେଲ ରେଗୁଲେସନ ଲାଗୁ ହୋଇଛି। ଫଳରେ ୟୁରୋପ୍‌ରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ନେଇ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ତେଣୁ ଚଳିତ ସେସନରେ ଏକ ଭାରତୀୟ ଇଭେଣ୍ଟରେ ମୋତେ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିବାକୁ ହେବ ବୋଲି ଦୂତୀ ସ୍ପଷ୍ଟ କରିଛନ୍ତି। ରବିବାର ୨୦୦ମି. ପ୍ରତିଯୋଗିତା ପାଇଁ ସେ ଅଭ୍ୟାସ ଆରମ୍ଭ କରିଛନ୍ତି।

ଏବେ ମୋର ଅଭ୍ୟାସ ଓ ଟ୍ରେନିଂ ଭଲଭାବେ ଚାଲୁ ରହିଛି। ପ୍ରତିଦିନ ୬ରୁ ୭ ଘଣ୍ଟା ଅଭ୍ୟାସ କରୁଛି। ଟ୍ରାକ୍ ଓ ଜିମ୍‌ରେ ମୋ କୋଚ୍ ମଧ୍ୟ ମୋତେ ବେଶ୍ ସହାୟତା କରୁଛନ୍ତି। ପ୍ରଥମଥର ପାଇଁ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ଭଳି ଇଭେଣ୍ଟ ଆୟୋଜନ କରିଥିବାରୁ ଦୂତୀ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହା କ୍ରୀଡ଼ାରେ ପ୍ରତିଭା ଚିହ୍ନଟ ଓ ବିକାଶରେ ବେଶ ସହାୟକ ହେବ ବୋଲି ସେ କହିଛନ୍ତି।



## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ବନିତାଙ୍କୁ ବ୍ରୋଞ୍ଜ

**ଭୁବନେଶ୍ୱର, ୨୯।୨ (ସ୍ପୋର୍ଟ୍ସ ବ୍ୟୁରୋ):** ଚଳିତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ୯ମ ଦିବସରେ ଶନିବାର ବନିତା ଘଡ଼େଇ ଓଡ଼ିଶା ପାଇଁ ବ୍ରୋଞ୍ଜ ପଦକ ସଫଳତା ଆଣିଛନ୍ତି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ବନିତା ମହିଳା ୮୭ କିଗ୍ରା ବିଭାଗରେ ୩ୟ ସ୍ଥାନରେ ରହିଛନ୍ତି। କିଟ୍ କ୍ୟାମ୍ପସ-୧୩ସ୍ଥିତ ଇନ୍‌ଡୋର ହଲ୍‌ରେ ଅନୁଷ୍ଠିତ ଏହି ଇଭେଣ୍ଟରେ ବନିତା ମୋଟ୍ ୧୬୦ କିଗ୍ରା ଭାର ଉଠାଇଥିଲେ। ୨୧ ବର୍ଷୀୟା ବନିତା ସ୍ନାଚରେ ୭୩ କିଗ୍ରା ଏବଂ କ୍ଲିନ୍ ଆଣ୍ଡ୍ ଜର୍କରେ ୮୭ କିଗ୍ରା ଭାର ଉତ୍ତୋଳନ କରିଥିଲେ। ପଞ୍ଜାବ ବିଶ୍ୱବିଦ୍ୟାଳୟର ମୋନୁ (୭୮+୧୦୬=୧୮୪ କିଗ୍ରା) ଓ ଆନ୍ଧ୍ରପ୍ରଦେଶର ଆଚାର୍ଯ୍ୟ ନାଗାର୍ଜ୍ଜୁନ ବିଶ୍ୱବିଦ୍ୟାଳୟର ମାଦୁ ଓହ ସାଇ (୭୩+୯୩= ୧୬୬) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଥିଲେ।

### ପଦକ ତାଲିକା (ଟପ୍-୧୦)

| ବିଶ୍ୱବିଦ୍ୟାଳୟ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ୍ |
|---|---|---|---|---|
| ସାବିତ୍ରୀ ଫୁଲେ ପୁନେ | ୧୬ | ୧୧ | ୮ | ୩୫ |
| ପଞ୍ଜାବ | ୧୫ | ୧୬ | ୧୦ | ୪୧ |
| ପଞ୍ଜାବୀ | ୧୦ | ୬ | ୧୨ | ୨୮ |
| ଏମ୍‌ଡିୟୁ | ୯ | ୧୦ | ୯ | ୨୮ |
| ଜେଏନ୍‌ୟୁ | ୮ | ୬ | ୨ | ୧୬ |
| ଲଭ୍‌ଲି ପ୍ରଫେଶନାଲ | ୭ | ୫ | ୬ | ୧୮ |
| ମାଙ୍ଗାଲୋର | ୬ | ୭ | ୬ | ୧୯ |
| ଦିଲ୍ଲୀ | ୬ | ୬ | ୧୧ | ୨୩ |
| ଗୁରୁ ନାନକ ଦେବ | ୬ | ୪ | ୭ | ୧୭ |
| ମୁମ୍ବାଇ | ୫ | ୭ | ୯ | ୨୧ |
| କିଟ୍ | ୩ | ୧ | ୨ | ୬ |
| ବ୍ରହ୍ମପୁର | ୧ | ୧ | ୧ | ୩ |
| ସମ୍ବଲପୁର | ୧ | ୧ | ୦ | ୨ |

## ନରେନ୍ଦ୍ରଙ୍କୁ ଆଉ ଏକ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୨୯।୨ (ସ୍ପୋର୍ଟ୍ସ ବ୍ୟୁରୋ):** ଚଳିତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ନରେନ୍ଦ୍ର ପ୍ରତାପ ସିଂ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଆଥ୍‌ଲେଟିକ ପ୍ରତିଯୋଗିତାର ୨ୟ ଦିବସରେ ଅନୁଷ୍ଠିତ ପୁରୁଷ ୫୦୦୦ ମିଟର ରେସକୁ ମାଙ୍ଗାଲୋର ବିଶ୍ୱବିଦ୍ୟାଳୟର ଧାବକ ନରେନ୍ଦ୍ର ୧୪ ମିନିଟ୍ ୧୮.୧୯ ସେକେଣ୍ଡରେ ଶେଷ କରି ପୋଡିୟମର ଶୀର୍ଷ ସ୍ଥାନ ହାସଲ କରିଥିଲେ। ମାଙ୍ଗାଲୋର ବିଶ୍ୱବିଦ୍ୟାଳୟର ଅନ୍ୟତମ ଧାବକ ଆଦେଶ (୧୪:୨୭.୨୧) ଓ ସାବିତ୍ରୀବାଈ ଫୁଲେ ପୁଣେ ବିଶ୍ୱବିଦ୍ୟାଳୟର କିଶାନ ନର୍ସି ତାଡଭୀ (୧୪:୫୧.୫୮)ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ୨୩ ବର୍ଷୀୟ ବି.କମ୍. ଛାତ୍ର ନରେନ୍ଦ୍ର ଏଥିପୂର୍ବରୁ ଶୁକ୍ରବାର ୧୦ ହଜାର ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ।

### ୧୦୦ମି. ଫାଇନାଲ୍ସ

| ର୍ୟାଙ୍କ | ଧାବିକା | ବିଶ୍ୱବିଦ୍ୟାଳୟ | ଟାଇମିଂ |
|---|---|---|---|
| ୧ | ଦୂତୀ ଚାନ୍ଦ | କିଟ୍ | ୦: ୧୧.୪୯ |
| ୨ | ଧନଲକ୍ଷ୍ମୀ ଏସ. | ମାଙ୍ଗାଲୋର | ୦: ୧୧.୯୯ |
| ୩ | ସ୍ନେହା ଏସ.ଏସ. | ମହାତ୍ମା ଗାନ୍ଧୀ | ୦:୧୨.୦୮ |
| ୪ | ୟାରାଜି ଜ୍ୟୋତି | ଆଚାର୍ଯ୍ୟ ନାଗାର୍ଜ୍ଜୁନ | ୦:୧୨.୩୧ |
| ୫ | ଦୀପାଳି ମହାପାତ୍ର | ଉତ୍କଳ | ୦:୧୨.୩୫ |

## ହରମିଲାନଙ୍କୁ ଡବଲ୍ ଗୋଲ୍ଡ

**ଭୁବନେଶ୍ୱର,୨୯।୨ (ସ୍ପୋର୍ଟ୍ସ ବ୍ୟୁରୋ):** ପଞ୍ଜାବୀ ବିଶ୍ୱବିଦ୍ୟାଳୟର ଲଙ୍ଗ ଡିଷ୍ଟାନ୍ସ ମହିଳା ରନର ହରମିଲାନ ବେନ୍ସ ଶନିବାର ଆଉ ଏକ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ୮୦୦ ମିଟର ଦୌଡ଼ରେ ୨:୦୬.୪୦ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନ ଅଧିକାର କରିବା ସହ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ସେହିପରି ସାବିତ୍ରୀ ବାଇ ଫୁଲେ ପୁଣେ ବିଶ୍ୱବିଦ୍ୟାଳୟର ଲଡକାର ଯମୁନା ୨: ୦୬.୮୦ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ଜିତିଛନ୍ତି। ଅନ୍ୟପଟେ ଭାରତୀୟାର ବିଶ୍ୱବିଦ୍ୟାଳୟର ଗୋଥାମୀ ୨:୦୭.୦୮ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଶୁକ୍ରବାର ହରମିଲାନ ୧୫୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରିଥିବାରୁ ଏହା ମୋ ପାଇଁ ଏକ ସ୍ୱତନ୍ତ୍ର ସଫଳତା ସାବ୍ୟସ୍ତ ହୋଇଛି ବୋଲି ସେ କହିଛନ୍ତି। ଏକ କ୍ରୀଡ଼ାବିତ୍ ପରିବାରରୁ ହରମିଲାନଙ୍କ ଆସିଛନ୍ତି। ତାଙ୍କ ମାତାପିତା ମଧ୍ୟ କ୍ରୀଡ଼ାବିତ ରହି ଆସିଛନ୍ତି। ପିତା ଅମନଦୀପ ବେନ୍ସ ୧୫୦୦ମି. ଆଥ୍‌ଲେଟ ଥିଲେ। ସେ ସାଫ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ମା ମାଧୁରୀ ସିଂ ବେନ୍ସ ଏସିଆନ ଗେମ୍ସରେ ରୌପ୍ୟ ହାସଲ କରିଥିଲେ। ପଟିଆଲାର ଏହି ୨୧ ବର୍ଷୀୟା ମହିଳା ଧାବିକା ନିଜ ପ୍ରଦର୍ଶନରେ ବେଶ୍ ସନ୍ତୋଷ ପ୍ରକଟ କରିଛନ୍ତି। ୨ଟି ସ୍ୱର୍ଣ୍ଣ ଜିତିଥିବାରୁ ପଞ୍ଜାବରୁ ବହୁତ ଫୋନ୍ କଲ ଆସୁଛି। ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ଅଭିଜ୍ଞତା ବେଶ୍ ସୁନ୍ଦର ରହିଛି। ୮୦୦ ମି. ଦୌଡ଼ ବହୁତ କଷ୍ଟକର ଥିଲା। ବ୍ୟକ୍ତିଗତ ଭାବେ ଏହା ମୋର ଶ୍ରେଷ୍ଠ ପ୍ରଦର୍ଶନ ଥିଲା। ଦୁଇଟି ସ୍ୱର୍ଣ୍ଣ ଜିତିବି ବୋଲି ଭାବି ନ ଥିଲି। ଆଗକୁ ଆନ୍ତଃ ରାଜ୍ୟ କ୍ରୀଡ଼ାରେ ଅଂଶଗ୍ରହଣ କରିବାକୁ ଲକ୍ଷ୍ୟ ରଖିଛି। ତେବେ ଅଲିମ୍ପିକ ପଦକ ଜିତିବା ମୋର ସବୁଠାରୁ ବଡ଼ ଲକ୍ଷ୍ୟ। ମାତାପିତା ଓ କୋଚ୍‌ଙ୍କ ମଧ୍ୟ ଏହି ଅଭିଳାଷ ରହିଛି।



ପୁରୁଷ ୧୦୦ ମିଟର ରେସ୍‌ର ଏକ ଉତ୍କଣ୍ଠାପୂର୍ଣ୍ଣ ମୁହୂର୍ତ୍ତ।



୮୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ଜିତିଥିବା ପଞ୍ଜାବୀ ବିଶ୍ୱବିଦ୍ୟାଳୟର ହରମିଲାନ ବେନ୍ସ



“ ଶଟ୍ ସିଲେକ୍ସନରେ ତ୍ରୁଟି ଯୋଗୁ ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଭାରତର ବ୍ୟାଟିଂ ବିପର୍ଯ୍ୟୟ ଘଟିଛି ।

–ହନୁମା ବିହାରୀ, ଭାରତୀୟ ବ୍ୟାଟ୍ସମ୍ୟାନ

“ ନିଜ ଷ୍ଟାଇଲରେ ଖେଳିବା ଲାଗି ଟିମ୍ ମ୍ୟାନେଜମେଣ୍ଟ ଶେଫାଳି ବର୍ମାଙ୍କୁ ପୂରା ସ୍ୱାଧୀନତା ଦେଇଛି ।

–ହରମନପ୍ରୀତ କୌର
ଭାରତୀୟ କ୍ରିକେଟ ଅଧିନାୟିକା



## ସଂକ୍ଷେପରେ

### ପୁଣି ବିବାଦରେ ହାର୍ଦ୍ଦିକ

**ମୁମ୍ବାଇ,୨୯।୨:** ଭାରତୀୟ ଦଳର ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଦୀର୍ଘ ୫ ମାସର ବ୍ୟବଧାନ ପରେ କ୍ରିକେଟ ଗ୍ରାଉଣ୍ଡକୁ ଫେରିବା ସହ ବିବାଦରେ ଘେରି ହୋଇ ଯାଇଛନ୍ତି। ଡି.ୱାଇ. ପାଟିଲ ଷ୍ଟାଡିୟମରେ ରିଲାଏନ୍ସ ୱାନ୍ ପାଇଁ ସେ ଅଲ୍‌ରାଉଣ୍ଡର ପ୍ରଦର୍ଶନ କରିଥିଲେ। ୨୫ ବଲରେ ୩୮ ରନ୍ କରିବା ସହ ୩ ଉଇକେଟ ନେଇଥିଲେ। ବ୍ୟାଟିଂ ବେଳେ ହାର୍ଦ୍ଦିକ ଭାରତୀୟ ଦଳର ହେଲ୍‌ମେଟ ବ୍ୟବହାର କରିଥିଲେ, ଯେଉଁଥିରେ ବିସିସିଆଇର ଲୋଗୋ ଥିଲା। ଏଥିଯୋଗୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କଡ଼ା କାର୍ଯ୍ୟାନୁଷ୍ଠାନ ନେଇପାରେ। ଘରୋଇ ଟୁର୍ନାମେଣ୍ଟରେ କୌଣସି ଜାତୀୟ ଖେଳାଳି ବିସିସିଆଇର ଲୋଗୋ ଥିବା କିଟ୍ ବ୍ୟବହାର କରିପାରିବେ ନାହିଁ। ଏ ନେଇ ୨୦୧୪ରେ ବିସିସିଆଇ ମ୍ୟାଚ୍ ରେଫରୀଙ୍କୁ ନିର୍ଦ୍ଦେଶ ଦେଇଥିଲା।

### କୋହଲିଙ୍କ ବିପକ୍ଷରେ ସୌଦିଙ୍କ ପରଫେକ୍ଟ ୧୦

**ଖ୍ରୀଷ୍ଟଚର୍ଚ୍ଚ,୨୯।୨:** ଚଳିତ ନ୍ୟୁଜିଲାଣ୍ଡ ଗସ୍ତରେ ବିରାଟ କୋହଲି ପୁଣି ବିଫଳ ହୋଇଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଭାରତୀୟ ଦଳ ମାତ୍ର ୨୪୨ ରନ୍‌ରେ ଅଲଆଉଟ୍ ହୋଇଯାଇଛି। କୋହଲି ମାତ୍ର ୩ ରନ୍ କରିପାରିଥିଲେ ଓ ଦଳର ଏକ ଡିଆରଏସ୍ ମଧ ନଷ୍ଟ କରିଥିଲେ। ତାଙ୍କ ଉଇକେଟ ହାତେଇଥିଲେ ଘରୋଇ ଦଳର ସବୁଠୁ ଅଭିଜ୍ଞ ପେସର ଟି ସୌଦି। ଅନ୍ତର୍ଜାତୀୟ କ୍ରିକେଟ୍‌ରେ ୧୦ମ ଥର ପାଇଁ ସୌଦିଙ୍କ ବଲରେ କୋହଲି ଆଉଟ୍ ହୋଇଛନ୍ତି। ବିଶ୍ୱର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ବିବେଚିତ ହେଉଥିବା କୋହଲିଙ୍କୁ ସୌଦି ୩ ଥର ଟେଷ୍ଟରେ, ଦିନିକିଆରେ ୬ ଥର ଓ ଟି୨୦ ଫର୍ମାଟରେ ଥରେ ପାଭିଲିଅନ ପଠାଇଛନ୍ତି। ଏହା ଯେକୌଣସି ବୋଲରଙ୍କ କ୍ଷେତ୍ରରେ ସର୍ବାଧିକ।

### ଏସ୍‌ଡିସି କପ୍: ସେମିଫାଇନାଲ ଲାଇନଅପ୍ ଚୂଡ଼ାନ୍ତ

**କଟକ ଅଫିସ,୨୯।୨:** ରାଜ୍ୟ ସରକାରଙ୍କ ସ୍ପେସାଲ ଡେଭଲପ୍‌ମେଣ୍ଟ କାଉନସିଲ(ଏସ୍‌ଡିସି) ଓ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ) ମିଳିତ ଆନୁକୂଲ୍ୟରେ ଚାଲିଥିବା ଏସ୍‌ଡିସି କପ୍-୨୦୨୦ର ସେମିଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଛି। ସୁନ୍ଦରଗଡ଼ ଓ କେନ୍ଦୁଝର ଭେନ୍ୟୁରେ ସେମିଫାଇନାଲ ମ୍ୟାଚ୍ ଖେଳାଯିବ। ପୁରୁଷ ବର୍ଗରେ ରାଇରଙ୍ଗପୁର-ସୁନ୍ଦରଗଡ଼ ମଧ୍ୟରେ ପ୍ରଥମ ସେମିଫାଇନାଲ, ବାରିପଦା-କୋରାପୁଟ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଖେଳାଯିବ। ସେହିପରି ମହିଳା ବର୍ଗରେ ରାଇରଙ୍ଗପୁର-ବାରିପଦା ଓ ସୁନ୍ଦରଗଡ଼-କେନ୍ଦୁଝର ମଧ୍ୟରେ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସେମିଫାଇନାଲ ମୁକାବିଲା ହେବ।

# ଭାରତ ୨୪୨ରେ ଅଲଆଉଟ୍

ଦ୍ୱିତୀୟ ଟେଷ୍ଟ

ଖ୍ରୀଷ୍ଟଚର୍ଚ୍ଚ,୨୯।୨(ପି.ଟି.)

ପ୍ରଥମ ଟେଷ୍ଟ ଭଳି ଦ୍ୱିତୀୟ ମୁକାବିଲାରେ ମଧ୍ୟ ଭାରତୀୟ କ୍ରିକେଟ ଦଳର ଆରମ୍ଭ ଭଲ ହୋଇନାହିଁ। ଭାରତୀୟ ବ୍ୟାଟ୍ସମ୍ୟାନମାନେ ଲଢୁଆ ଖେଳ ପ୍ରଦର୍ଶନ କରିଥିଲେ ମଧ୍ୟ ଖରାପ ଶଟ୍‌ମାନ ଖେଳି ଉଇକେଟ ଫୋପାଡ଼ିଛନ୍ତି। ଫଳରେ ଦଳ ବଡ଼ ସ୍କୋର ହାସଲ କରିବାରେ ବିଫଳ ହୋଇଛି। ସ୍ଥାନୀୟ ହଗଲୀ ଓଭାଲ ଗ୍ରାଉଣ୍ଡରେ ଶନିବାରଠାରୁ ଆରମ୍ଭ ହୋଇଥିବା ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଅଧିନାୟକ କେନ ୱିଲିୟମସନ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବ୍ୟାଟିଂ କରି ଭାରତ ପ୍ରଥମ ଇନିଂସରେ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ୬୩ ଓଭରରେ ୨୪୨ ରନ କରି ଅଲଆଉଟ ହୋଇଛି। ଜବାବରେ ଘରୋଇ ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ ଆରମ୍ଭ କରି ପ୍ରଥମ ଦିବସ ଖେଳ ଶେଷସୁଦ୍ଧା ୨୩ ଓଭରରେ କୌଣସି ଉଇକେଟ ନ ହରାଇ ୬୩ ରନ ସଂଗ୍ରହ କରି ଭଲ ଆରମ୍ଭ କରିବା ସହ ସ୍ଥିତି ଦୃଢ଼ କରିଛି। ନ୍ୟୁଜିଲାଣ୍ଡ ୧୦ ଉଇକେଟ ହାତରେ ରଖି ଏବେ ୧୭୯ ରନ ପଛରେ ପଡ଼ିଛି। ଷ୍ଟମ୍ପ ଅପସାରଣ ବେଳକୁ ଦୁଇ ଓପନର ଟମ୍ ଲଥାମ ଓ ଟମ୍ ବ୍ଲଣ୍ଡେଲ ଯଥାକ୍ରମେ ୨୭ ଓ ୨୯ ରନ କରି ଅପରାଜିତ ରହିଛନ୍ତି। ନୂଆ ବଲ୍‌ରେ ଭାରତୀୟ ଦ୍ରୁତ ବୋଲରମାନେ ଉଇକେଟ ହାସଲ



ଦୁଇ ଅର୍ଦ୍ଧଶତକ ହାସଲକାରୀ ଚେତେଶ୍ୱର ପୂଜାର ଓ ହନୁମା ବିହାରୀ।

କରିବାରେ ପୁଣିଥରେ ବିଫଳ ହୋଇଛନ୍ତି।

ଭାରତ ଆରମ୍ଭ ଭଲ କରିଥିଲେ ମଧ୍ୟ ଏହାକୁ ବଜାୟ ରଖିପାରି ନ ଥିଲା। ଦଳ ତରଫରୁ ଯୁବ ଓପନର ପୃଥ୍ୱୀ ଶ, ଚେତେଶ୍ୱର ପୂଜାରା ଓ ହନୁମା ବିହାରୀ ଅର୍ଦ୍ଧଶତକ ହାସଲ କରିଥିବା ବେଳେ ଅନ୍ୟମାନେ ବିଫଳ ହୋଇଛନ୍ତି। ୬୪ଟି ବଲ୍ ଖେଳି ୮ ଚୌକା ଓ ୧ ଛକା ସହ ୫୪ ରନର ଅର୍ଦ୍ଧଶତକୀୟ ପାଳି ଖେଳି ପୃଥ୍ୱୀ କାଏଲ ଜେମିସନଙ୍କ ବଲ୍‌ରେ ଦ୍ୱିତୀୟ ସ୍ଲିପ୍‌ରେ ଲଥାମଙ୍କୁ କ୍ୟାଚ୍ ଦେଇଥିଲେ। ସେହିପରି ପୂଜାରା ମଧ୍ୟ ୬ ଚୌକା ସହ ୫୪ ରନ ସଂଗ୍ରହ କରିଥିଲେ। ସେ ଉଇକେଟକିପର ବିଜେ ୱାଟଲିଂଙ୍କୁ କ୍ୟାଚ୍ ଦେଇ ଜେମିସନଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ବିହାରୀ ୭୦ ବଲ ଖେଳି ୧୦ ଚୌକା ସହ ୫୫ ରନର ଅର୍ଦ୍ଧଶତକୀୟ ପାଳି ଖେଳି ନିଲ ୱାଗନରଙ୍କ ବଲ୍‌ରେ ୱାଟଲିଂଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଅଧିନାୟକ କୋହଲିଙ୍କ ପାଇଁ ଏଥର ନ୍ୟୁଜିଲାଣ୍ଡ ଗସ୍ତ ଦୁଃସ୍ୱପ୍ନ ସାବ୍ୟସ୍ତ ହୋଇଛି। ମାତ୍ର ୩ ରନ କରିଥିବା ବେଳେ କୋହଲି ଅଭିଜ୍ଞ ସୌଦିଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଏଥିସହିତ କୋହଲିଙ୍କ ବିଫଳତା ଜାରି ରହିଛି। ୪୫ ରନ ଦେଇ ମୂଲ୍ୟବାନ ୫ ଉଇକେଟ ଅକ୍ତିଆର କରିବା ସହ ଜେମିସନ ଭାରତର ବିପର୍ଯ୍ୟୟ ଘଟାଇଥିଲେ।

ଏକଦା ୪ ଉଇକେଟ ହରାଇ ଭାରତ ୧୯୪ ରନ ସଂଗ୍ରହ କରି ସୁବିଧାଜନକ ସ୍ଥିତିରେ ଥିଲା ଓ ଦଳ ସହଜରେ ୩୫୦ରୁ ଊର୍ଦ୍ଧ୍ୱ ସ୍କୋର କରିବ ବୋଲି ଆଶା କରାଯାଉଥିଲା। ତେବେ ମାତ୍ର ୬ ଓଭର ମଧ୍ୟରେ ୨୨ ରନରେ ଭାରତ ୫ ଉଇକେଟ ହରାଇଥିଲା। ବଡ଼ ସ୍କୋର ହାସଲ କରିବାର ସୁଯୋଗ ହାତଛଡ଼ା କରିଥିଲା ଭାରତ। ବ୍ୟାଟ୍ସମ୍ୟାନଙ୍କ ଦୁର୍ବଳ ଶଟ୍ ଦଳକୁ ବ୍ୟାକ୍‌ଫୁଟ୍‌କୁ ନେଇଯାଇଛି। ଚା’ ପାନ ବିରତି ପରେ ଜେମିସନ ପୂଜାରା, ପନ୍ତ ଓ ଉମେଶ ଯାଦବଙ୍କୁ ପ୍ୟାଭିଲିୟନ ଫେରାଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଓପନର ମୟଙ୍କ ଅଗ୍ରୱାଲ ୭, ଉପ-ଅଧିନାୟକ ଅଜିଙ୍କ୍ୟ ରାହାନେ ୭, ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ୧୨, ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ୯ ଓ ମହମ୍ମଦ ସାମି ୧୬ ରନ କରି ଆଉଟ ହୋଇଥିଲେ। ଯଶପ୍ରୀତ ବୁମ୍‌ରା ୧୦ ରନ କରି ଅପରାଜିତ ରହିଥିଲେ। ଅନ୍ତିମ ଉଇକେଟରେ ସାମି ଓ ବୁମ୍‌ରା ୨୨ ବଲରୁ ଦ୍ରୁତ ୨୬ ରନ ସଂଗ୍ରହ କରିଥିଲେ। ପଞ୍ଚମ ଉଇକେଟରେ ପୂଜାରା ଓ ବିହାରୀ ୮୧ ରନ କରି ସ୍ଥିତି ସମ୍ଭାଳିବାକୁ ପ୍ରୟାସ କରିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ଜେମିସନ ସର୍ବାଧିକ ୫, ସୌଦି ଓ ଟ୍ରେଣ୍ଟ ବୋଲ୍ଟ ଦୁଇଟି ଲେଖାଏ ଓ ୱାଗନର ଗୋଟିଏ ଉଇକେଟ ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

**ଭାରତ ପ୍ରଥମ ଇନିଂସ- ୬୩ ଓଭରରେ ୨୪୨ ଅଲଆଉଟ (ବିହାରୀ- ୫୫, ପୃଥ୍ୱୀ- ୫୪, ପୂଜାରା- ୫୪, ଜେମିସନ- ୫/୪୫, ସୌଦି- ୨/୩୮, ବୋଲ୍ଟ- ୨/୮୯, ୱାଗନର- ୧/୨୯)।**
**ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ- ୨୩ ଓଭରରେ ୬୩/୦ (ଲଥାମ- ୨୭*, ବ୍ଲଣ୍ଡେଲ- ୨୯*)**

### ଜୟପୁରରେ ଖେଳାଯିବ ମହିଳା ଟି୨୦ ଚ୍ୟାଲେଞ୍ଜ

**ନୂଆଦିଲ୍ଲୀ,୨୯।୨:** ଗତଥର ୨୦୧୯ ସଂସ୍କରଣ ଭଳି ଆଇପିଏଲ ପ୍ଲେଅଫ୍ସ ଓ ଫାଇନାଲ ବେଳେ ମହିଳା ଟି୨୦ ଚ୍ୟାଲେଞ୍ଜ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ଇଭେଣ୍ଟ ପାଇଁ ଜୟପୁର ସୱାଇ ମାନସିଂ ଷ୍ଟାଡିୟମକୁ ଚୟନ କରାଯାଇଛି। ତେବେ ଚଳିତବର୍ଷ ହେବାକୁ ଥିବା ମହିଳା ଟି୨୦ ଚ୍ୟାଲେଞ୍ଜ ପ୍ରତିଯୋଗିତାରେ ୪ ଦଳ ଅଂଶଗ୍ରହଣ କରିବେ। ତେବେ ଚତୁର୍ଥ ତଥା ନୂଆ ଦଳର ନାମ ପ୍ରକାଶ କରାଯାଇ ନାହିଁ। କାର୍ଯ୍ୟସୂଚୀ, ଦଳର ନାମ ଓ କେଉଁ ବିଦେଶୀ ଖେଳାଳିମାନେ ଖେଳିବେ ତାହା ପରେ ପ୍ରକାଶ ପାଇବ। ପ୍ରତିଯୋଗିତାରେ ୪ର୍ଥ ଦଳ ସାମିଲ କରାଯିବାରୁ ଲିଗ୍‌ର ମ୍ୟାଚ୍ ସଂଖ୍ୟା ୬କୁ ବୃଦ୍ଧି ପାଇଛି। ଗତବର୍ଷ ଫାଇନାଲ ପୂର୍ବରୁ ୩ ଲିଗ୍ ମ୍ୟାଚ୍ ଖେଳାଯିବାର ଥିଲା। ୨୦୧୮ରେ ମହିଳା ଟି୨୦ ଚ୍ୟାଲେଞ୍ଜ ଆରମ୍ଭ ହୋଇଥିଲା। ସେଥର କେବଳ ଗୋଟିଏ ମ୍ୟାଚ୍ ଖେଳାଯାଇଥିଲା।

### ଫାଇନାଲରେ ନାଡାଲ

**ଲସ ଏଞ୍ଜେଲ୍ସ, ୨୯।୨:** ଟପ୍ ସିଡ୍ ରାଫାଲ ନାଡାଲ ଏଠାରେ ଚାଲିଥିବା ଏଟିପି ମେକ୍ସିକୋ ଓପନ ଫାଇନାଲରେ ପ୍ରବେଶ କରିଛନ୍ତି। ସେ ସେମିଫାଇନାଲରେ ୬-୩, ୬-୨ ସେଟ୍‌ରେ ଗ୍ରିଗୋର ଡିମିଟ୍ରୋଭଙ୍କୁ ହରାଇ ଦେଇଛନ୍ତି। ଦୁଇ ଥର ଚାମ୍ପିୟନ ନାଡାଲ ଟାଇଟଲ ହାତେଇବା ପାଇଁ ଫେଭରାଇଟ ଖେଳାଳି। ବିଶ୍ୱର ଦ୍ୱିତୀୟ ର୍‍ୟାଙ୍କ ନାଡାଲ ଟାଇଟଲ ମୁକାବିଲାରେ ଟେଲର ଫ୍ରିଜଙ୍କୁ ଭେଟିବେ। ୧୫ ବର୍ଷ ତଳେ ସେ ଏଠାରେ ପ୍ରଥମ ଟାଇଟଲ ଜିତିଥିଲେ।


ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ପୁରୁଷ ହର୍ଡଲ୍ସ ଅବସରରେ ପ୍ରତିଯୋଗୀମାନେ।

## ଫିଟ୍‌ନେସ ପ୍ରମାଣ ଦେଲେ ହାର୍ଦ୍ଦିକ, ଭୁବି, ଧାୱନ

**ନବି ମୁମ୍ବାଇ, ୨୯।୨:** ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା, ସିମର ଭୁବନେଶ୍ୱର କୁମାର, ଓପନର ଶିଖର ଧାୱନ ଆହତ ସମସ୍ୟାରୁ ଫେରୁଛନ୍ତି। ସମସ୍ତେ ଡିୱାଇ ପାଟିଲ ଟି୨୦ ଟୁର୍ନାମେଣ୍ଟରେ ରିଲାଏନ୍ସ ୱାନ ପକ୍ଷରୁ ଶୁକ୍ରବାର ଖେଳିଥିଲେ। ସେମାନଙ୍କ ଫିଟ୍‌ନେସକୁ ଯାଞ୍ଚ କରିଥିଲେ ମୁଖ୍ୟ ଚୟନକର୍ତ୍ତା ଏମ୍‌ଏସକେ ପ୍ରସାଦ। ପୂର୍ବତନ ଉଇକେଟକିପର ପ୍ରସାଦଙ୍କ କାର୍ଯ୍ୟକାଳରେ ବୃଦ୍ଧି ହୋଇପାରେ। ସେ ମାର୍ଚ୍ଚ ୧୨ ତାରିଖଠାରୁ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଆରମ୍ଭ ହେବାକୁ ଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଲାଗି ଦଳ ଚୟନ କରିବେ। ହାର୍ଦ୍ଦିକ ଓ ଭୁବି ଭଲ ବୋଲିଂ କରୁଛନ୍ତି। ସମସ୍ତ ଖେଳାଳି ଫିଟ୍ ଲାଗୁଛନ୍ତି। ଗତବର୍ଷ ସେପ୍ଟେମ୍ବର ୨୨ ତାରିଖରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ପାଣ୍ଡ୍ୟା ଅନ୍ତିମ ଥର ଅନ୍ତର୍ଜାତୀୟ କ୍ରିକେଟ ଖେଳିଥିଲେ। ତାଙ୍କ ଅଣ୍ଟାର ନିମ୍ନ ଭାଗରେ ସଫଳ ଅସ୍ତ୍ରୋପଚାର କରାଇଥିଲେ। ୫ ମାସ ପରେ ଗ୍ରାଉଣ୍ଡକୁ ଫେରିଥିବା ହାର୍ଦ୍ଦିକ ୪ର୍ଥ କ୍ରମରେ ବ୍ୟାଟିଂ କରିବାକୁ ଆସି ୨୫ ବଲରେ ୩୮ ରନ୍‌ର ବିସ୍ଫୋରକ ଇନିଂସ ଖେଳିଥିଲେ। ତାଙ୍କ ଇନିଂସରେ ସାମିଲ ଥିଲା ୪ ଛକା। ଆଉ ପରେ ୩.୪ ଓଭର ବୋଲିଂ କରି ୨୬ ରନ୍ ଦେଇ ୩ ଉଇକେଟ ନେଇଥିଲେ। ପିଚ୍‌ରେ ଦୌଡ଼ିବାବେଳେ କିମ୍ବା ବୋଲିଂ ବେଳେ ତାଙ୍କର କୌଣସି ଅସୁବିଧା ହେଉ ନ ଥିଲା। ତାଙ୍କ ଯୋଗୁ ରିଲାଏନ୍ସ ୱାନ ୨୫ ରନ୍‌ରେ ବ୍ୟାଙ୍କ ଅଫ୍ ବରୋଦାକୁ ହରାଇଥିଲା। ପାଣ୍ଡ୍ୟାଙ୍କ ବ୍ୟତୀତ ଅସ୍ତ୍ରୋପଚାର କରାଇଥିବା ଭୁବି ଓ ଧାୱନ ଅନ୍ତର୍ଜାତୀୟ କ୍ରିକେଟକୁ ଫେରିବା ଲାଗି ଫିଟ୍‌ନେସ ପ୍ରମାଣ ଦେଇଛନ୍ତି। ସେମାନେ ଅନ୍ତର୍ଜାତୀୟ କ୍ରିକେଟ ଓ ଆଇପିଏଲରେ ଖେଳିପାରିବେ। ଧାୱନ ମାତ୍ର ଗୋଟିଏ ଲେଖାଏ ଚୌକା ଓ ଛକା ବଲରେ ୧୪ ରନ୍ କରିଥିଲେ। ସେହିଭଳି ଭୁବି ୩ ଓଭର ବୋଲିଂ କରି ଗୋଟିଏ ହେଲେ ଉଇକେଟ ନେଇପାରି ନ ଥିଲେ। ମାତ୍ର ୧୪ ରନ୍ ଦେଇଥିଲେ। ମ୍ୟାଚ୍‌ବେଳେ ମୁମ୍ବାଇ ଇଣ୍ଡିଆନ ଦଳର କୋଚିଂ ଷ୍ଟାଫ ଜାହିର ଖାଁ, କିରୋନ ମୋରେ, ପ୍ରବୀଣ ଆମ୍ରେ ଓ ରବିନ ସିଂ ମଧ୍ୟ ଉପସ୍ଥିତ ଥିଲେ।

## ଲୋ ସ୍କୋରିଂ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡର ରେକର୍ଡ ବିଜୟ

**ମେଲବୋର୍ନ,୨୯।୨:** ଚଳିତ ଆଇସିସି ମହିଳା ଟି୨୦ ବିଶ୍ୱକପ୍‌ର ଏକ ଲୋ ସ୍କୋରିଂ ମ୍ୟାଚରେ ନ୍ୟୁଜିଲାଣ୍ଡ ୧୭ ରନରେ ବାଂଲାଦେଶକୁ ପରାସ୍ତ କରିଛି। ଏତେ କମ୍ ସ୍କୋର କରି ମ୍ୟାଚ ଜିତି ନ୍ୟୁଜିଲାଣ୍ଡ ମହିଳା ଟି୨୦ ବିଶ୍ୱକପ୍‌ରେ ଇତିହାସ ସୃଷ୍ଟି କରିଛି। ଶନିବାର ଖେଳାଯାଇଥିବା ଏହି ମ୍ୟାଚରେ ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରି ୧୮.୨ ଓଭରରେ ମାତ୍ର ୯୧ ରନ୍‌ରେ ଅଲ୍ ଆଉଟ ହୋଇଯାଇଥିଲା। ୭ ବ୍ୟାଟ୍ସଓମ୍ୟାନ ଦୁଇ ଅଙ୍କ ସ୍କୋର ଛୁଇଁପାରି ନ ଥିଲେ। ଜବାବରେ ବାଂଲାଦେଶ ଦଳକୁ ୧୯.୫ ଓଭରରେ ୭୪ ରନ୍‌ରେ ଅଲଆଉଟ୍ କରି ନ୍ୟୁଜିଲାଣ୍ଡ ୧୭ ରନ୍‌ରେ ମ୍ୟାଚ୍ ଜିତି ନେଇଥିଲା। ବ୍ୟାଟିଂ ବିପର୍ଯ୍ୟୟରୁ ବାଂଲାଦେଶ ଦଳ କଦାପି ମ୍ୟାଚ୍‌କୁ ଫେରିପାରି ନ ଥିଲା। ଏହି ପରାଜୟ ସହ ବାଂଲାଦେଶ ଟି୨୦ ବିଶ୍ୱକପ୍‌ରୁ ବିଦାୟ ନେବା ନିଶ୍ଚିତ ହୋଇଛି। ଦଳ ତା’ର ପ୍ରଥମ ୩ଟି ମ୍ୟାଚ୍‌ରେ ପରାଜିତ ହୋଇଛି। ନ୍ୟୁଜିଲାଣ୍ଡ ପକ୍ଷରୁ ଲେଗ୍ କାସପରେକ ଓ ହେଲି ଜେନସନ ୩ ଲେଖାଏ ଉଇକେଟ ନେଇଥିଲେ। ଏହି ବିଜୟ ଯୋଗୁ ନ୍ୟୁଜିଲାଣ୍ଡ ଦଳ ତା’ର ସେମିଫାଇନାଲ ଆଶା ଉଜ୍ଜୀବିତ ରଖିଛି। ଦଳକୁ ସେମିଫାଇନାଲରେ ପ୍ରବେଶ କରିବାକୁ ହେଲେ ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ହରାଇବାକୁ ପଡ଼ିବ।

## ଚାଇନା ଖେଳାଳିଙ୍କ ସ୍ୱାସ୍ଥ୍ୟ ରିପୋର୍ଟ ମାଗିଲେ ସରକାର

ଇଣ୍ଡିଆନ୍ ଓପନ୍ ବ୍ୟାଡ୍‌ମିଣ୍ଟନ

**ନୂଆଦିଲ୍ଲୀ, ୨୯।୨ (ପି.ଟି.):** ଆସନ୍ତା ମାସରେ ଇଣ୍ଡିଆନ୍ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ରାଜଧାନୀ ନୂଆଦିଲ୍ଲୀରେ ଖେଳାଯିବ। ଏଥିରେ ଭାଗ ନେବାକୁ ଥିବା ଚାଇନା ଖେଳାଳିଙ୍କ ସ୍ୱାସ୍ଥ୍ୟାବସ୍ଥାର ସ୍ପଷ୍ଟ ଚିତ୍ର ଜଣାଇବା ଲାଗି ଆୟୋଜକ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ (ବାଇ)କୁ କହିଛନ୍ତି। ଟୋକିଓ ଅଲିମ୍ପିକ୍ସ କ୍ୱାଲିଫିକେଶନ ପାଇଁ ଏହି ସୁପର ୫୦୦ ଟୁର୍ନାମେଣ୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଇଭେଣ୍ଟ। ଟୁର୍ନାମେଣ୍ଟରେ ଖେଳିବା ଲାଗି ଭାରତ ଆସିବା ପୂର୍ବରୁ ଚାଇନା ଖେଳାଳିଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ଟିକିନିଖି ବିବରଣୀ ଜାଣିବାକୁ ଚାହିଁଛି କେନ୍ଦ୍ର ବହିର୍ବ୍ୟାପାର ମନ୍ତ୍ରଣାଳୟ। ମନ୍ତ୍ରଣାଳୟ ପକ୍ଷରୁ ବାଇକୁ କେତେକ ପ୍ରଶ୍ନର ଉତ୍ତର ଦେବା ଲାଗି କୁହାଯାଇଛି। ଯଥା ଚାଇନା ଖେଳାଳି/ଅଫିସିଆଲ ସେମାନଙ୍କ ଦେଶର କେଉଁ ଅଞ୍ଚଳରୁ ଆସିଛନ୍ତି। କେତେଜଣ ଖେଳାଳି/ଅଫିସିଆଲଙ୍କ ମେଡିକାଲ ଚେକ୍‌ଅପ୍ ହୋଇଛି ଏବଂ ସେମାନଙ୍କୁ ମେଡିକାଲ ସାର୍ଟିଫିକେଟ ଇସ୍ୟୁ ହୋଇଛି କି ନା ? ଅନ୍ୟ ଦେଶଗୁଡ଼ିକରୁ କେତେଜଣ ଖେଳାଳି/ଅଫିସିଆଲ ଆସୁଛନ୍ତି ଇତ୍ୟାଦି... । ଏହି ପ୍ରଶ୍ନାବଳୀକୁ ଚାଇନିଜ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ନିକଟକୁ ପଠାଇ ଦିଆଯାଇଛି ଏବଂ ଆମେ ଉତ୍ତର ଅପେକ୍ଷାରେ ରହିଛୁ ବୋଲି ବାଇ ସମ୍ପାଦକ ଅଜୟ ସିଂଘାଣିଆ ପ୍ରକାଶ କରିଛନ୍ତି। ଉତ୍ତର ଆସିବା ପରେ ଆମେ ଏହାକୁ ମନ୍ତ୍ରଣାଳୟ ନିକଟକୁ ପଠାଇଦେବା ସହ ଭିଜା ପ୍ରକ୍ରିୟା ଆରମ୍ଭ କରିଦେବୁ ବୋଲି ସେ କହିଛନ୍ତି। ସ୍ଥାନୀୟ ଇନ୍ଦିରାଗାନ୍ଧୀ ଓପନ ଷ୍ଟାଡିୟମରେ ମାର୍ଚ୍ଚ ୨୪ରୁ ୨୯ ଇଣ୍ଡିଆନ ଓପନ ବ୍ୟାଡ୍‌ମିଣ୍ଟନ ଖେଳାଯିବ। ଏଥିରେ ବିଶ୍ୱର ନମ୍ବର ୱାନ ଚେନ୍ ୟୁଫେଇ, ବିଶ୍ୱର ୮ ନମ୍ବର ହି ବିଙ୍ଗ୍ ଜାଓ ଏବଂ ପୂର୍ବତନ ଅଲ ଇଂଲଣ୍ଡ ଚାମ୍ପିୟନ ଶି ୟୁ କ୍ୱିଙ୍କ ସମେତ ବହୁ ଚାଇନିଜ ଖେଳାଳି ଭାଗନେବେ ବୋଲି ଆଶା କରାଯାଉଛି। ପ୍ରତିଯୋଗିତାରେ ଚାଇନାର ଅଂଶଗ୍ରହଣକୁ ନେଇ ବାଇ କିନ୍ତୁ ଆଶାବାଦୀ।

# ଲିଗ୍ ପର୍ଯ୍ୟାୟରେ ଭାରତ ଅପରାଜେୟ



ବିଜୟ ହାସଲ ପରେ ଖୁସି ମନାଉଛନ୍ତି ଦୀପ୍ତି ଶର୍ମା, ଜେମିମା ରୋଡ୍ରିଗୁଏଜ୍ ଓ ରାଧା ଯାଦବ।

ମହିଳା ଟି୨୦ ବିଶ୍ୱକପ୍

ମେଲବୋର୍ନ,୨୯।୨

ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଚଳିତ ଆଇସିସି ଟି୨୦ ମହିଳା ବିଶ୍ୱକପ୍‌ର ଲିଗ୍ ପର୍ଯ୍ୟାୟରେ ଅପରାଜେୟ ରହିଛି। ଶନିବାର ଖେଳାଯାଇଥିବା ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଭାରତୀୟ ଦଳ ୭ ଉଇକେଟରେ ଶ୍ରୀଲଙ୍କାକୁ ହରାଇ ଦେଇଛି। ଶ୍ରୀଲଙ୍କା ପକ୍ଷରୁ ଧାର୍ଯ୍ୟ ୧୧୪ ରନ୍‌ର ଟାର୍ଗେଟକୁ ଭାରତୀୟ ଦଳ ୩୨ ବଲ ଓ ୭ ଉଇକେଟ ହାତରେ ରଖି ହାସଲ କରିନେଇଛି। ପୂର୍ବରୁ ସେମିଫାଇନାଲରେ ପ୍ରବେଶ କରିସାରିଥିବା ଭାରତୀୟ ଦଳର ଏହା କ୍ରମାଗତ ଚତୁର୍ଥ ବିଜୟ। ବିଜୟୀ ଦଳର ସଫଳ ବୋଲର ରାଧା ଯାଦବ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ୨୦ ଓଭରରେ ୯ ଉଇକେଟ ହରାଇ ୧୧୩ ରନ୍ କରିଥିଲା। ଦଳ ପାଇଁ ଅଧିନାୟିକା ଚାମାରି ଆଟାପାଟ୍ଟୁ ୩୩ ରନ୍ କରିଥିଲେ। ରାଧା ଯାଦବ ସର୍ବାଧିକ ୪ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଶେଫାଳି ବର୍ମା ଓ ସ୍ମୃତି ମନ୍ଧାନାଙ୍କ ଓପନିଂ ଯୋଡ଼ି ୪.୪ ଓଭରରେ ୩୪ ରନ୍ କରିଥିଲେ। ମନ୍ଧାନା (୧୭) ଆଉଟ୍ ହେବା ପରେ ଶେଫାଳିଙ୍କ ସହ ଅଧିନାୟିକା ହରମନପ୍ରୀତ ମିଶି ଦ୍ୱିତୀୟ ଉଇକେଟ ଲାଗି ୪୭ ରନ୍‌ର ଭାଗୀଦାରି କରିଥିଲେ। ହରମନପ୍ରୀତ (୧୫) ଓ ଶେଫାଳି (୪୭) ଦୁଇ ଓଭରରେ ଆଉଟ୍ ହୋଇଥିଲେ। ଏହାପରେ ଦଳକୁ ବିଜୟ ଲାଗି ଆବଶ୍ୟକ ରନ୍ ଜେମିମା ରୋଡ୍ରିଗୁଏଜ ଓ ଦୀପ୍ତି ଶର୍ମାଙ୍କ ଯୋଡ଼ି ହାସଲ କରି ନେଇଥିଲା। ଦୁହେଁ ୧୫ ରନ୍ ଲେଖାଏ କରି ଅପରାଜିତ ଥିଲେ। ଭାରତୀୟ ଦଳ ୧୪.୪ ଓଭରରେ ୩ ଉଇକେଟ ହରାଇ ୧୧୬ ରନ୍ କରି ମ୍ୟାଚ୍ ଜିତି ନେଇଥିଲା। ବିଜୟ ସହ ଭାରତୀୟ ଦଳ ଗ୍ରୁପ୍ ଏ’ରେ ୪ ମ୍ୟାଚ୍‌ରୁ ୪ ଜିତି ୮ ପଏଣ୍ଟ ହାସଲ କରି ଶୀର୍ଷ ସ୍ଥାନ ଅଧିକାର କରିଛି।

**ସଂକ୍ଷିପ୍ତ ସ୍କୋର**

**ଶ୍ରୀଲଙ୍କା ଦଳ:** ୨୦ ଓଭରରେ ୧୧୩/୯(ଚାମାରି ଆଟାପାଟ୍ଟୁ- ୩୩, କାଭିଶ ଦିଲାରି-୨୫, ରାଧା ଯାଦବ- ୪/୨୩)।
**ଭାରତୀୟ ଦଳ:** ୧୪.୪ ଓଭରରେ ୧୧୬/୩ (ଶେଫାଳି ବର୍ମା-୪୭, ସ୍ମୃତି ମନ୍ଧାନା-୧୭)।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୧/୨୦୨୦ Bhubaneswar, Sunday, March 1/2020

# ଦ୍ୱୈତନଗରୀ ପାଇଁ 'ଜନସାଧାରଣ ସ୍ପେଶାଲ ଟ୍ରେନ'

■ ଆଜିଠୁ ପରୀକ୍ଷାମୂଳକ ଭାବେ ଚଳାଚଳ କରିବ
■ ଉପକୃତ ହେବେ ଭୁବନେଶ୍ୱର, କଟକ ସହ ଆଖପାଖ ଅଞ୍ଚଳର ଯାତ୍ରୀ

**ଭୁବନେଶ୍ୱର, ୨୯।୨(ବ୍ୟୁରୋ)**

ଟ୍ରେନ ଯାତ୍ରୀଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଏବଂ ଭୁବନେଶ୍ୱର ଓ କଟକ ଦ୍ୱୈତନଗରୀ ସହିତ ଆଖପାଖ ଅଞ୍ଚଳର ଯାତ୍ରୀଙ୍କୁ ଉତ୍ତମ ଗମନାଗମନ ସୁବିଧା ଯୋଗାଇଦେବା ପାଇଁ ଏକ 'ଜନସାଧାରଣ ସ୍ପେଶାଲ ଟ୍ରେନ' ଚଳାଚଳ ହେବ। ରେଳ ମନ୍ତ୍ରଣାଳୟ ପକ୍ଷରୁ ଅପରାହ୍ଣ ସମୟରେ ଭୁବନେଶ୍ୱର ଓ କଟକ ମଧ୍ୟରେ ଏହି ଟ୍ରେନ ଚଳାଚଳ କରାଯିବାକୁ ସ୍ଥିର ହୋଇଛି। ମାର୍ଚ୍ଚ ପହିଲାରୁ ୩୧ ତାରିଖ ମଧ୍ୟରେ ପରୀକ୍ଷାମୂଳକ ଭାବେ ଚଳାଚଳ କରିବ।

ମିଳିଥିବା ସୂଚନା ଅନୁଯାୟୀ, ଭୁବନେଶ୍ୱର-କଟକ ଜନସାଧାରଣ ସ୍ପେଶାଲ ଟ୍ରେନ (୦୮୪୬୦) ଭୁବନେଶ୍ୱରରୁ ଅପରାହ୍ଣ ୧ଟା୩୦ରେ ଛାଡ଼ି ବାରଙ୍ଗ ଓ ଗୋପାଳପୁର ବାଲିକୁଦା ମାର୍ଗ ଦେଇ କଟକରେ ଅପରାହ୍ଣ ୨ଟା ୩୦ରେ ପହଞ୍ଚିବ। ଫେରିବା ମାର୍ଗରେ ଏହି ଟ୍ରେନ କଟକରୁ ଅପରାହ୍ଣ ୨ଟା ୪୦ରେ ଛାଡ଼ି ନିର୍ଗୁଣ୍ଡି, ଗୁରୁଡ଼ିଝାଟିଆ, ରାଧାକିଶୋରପୁର, ନରାଜ ମାର୍ଥାପୁର ମାର୍ଗ ଦେଇ ଭୁବନେଶ୍ୱରରେ ଅପରାହ୍ଣ ୫ଟା ୨୦ରେ ପହଞ୍ଚିବ। ଭୁବନେଶ୍ୱର ଓ କଟକ ମଧ୍ୟରେ ଏହି ଟ୍ରେନ ବାଣୀବିହାର, ମଞ୍ଚେଶ୍ୱର, ପଟିଆ, ଭୁବନେଶ୍ୱର ନୂଆ, ବାରଙ୍ଗ, ଗୋପାଳପୁର ବାଲିକୁଦା ଓ କାଠଯୋଡ଼ି ଷ୍ଟେଶନରେ ରହିବ। ଫେରିବା ପଥରେ ଏହା କେନ୍ଦ୍ରାପଡ଼ା ରୋଡ୍, ମଙ୍ଗୁଳି ଚୌଦ୍ୱାର, ନିର୍ଗୁଣ୍ଡି, ଶାଳଗାଁ, ଚାରବାଟିଆ, ବଡ଼ପଦାଗାଁ, ଗୁରୁଡ଼ିଝାଟିଆ, ମାଛପୁର, ରାଧାକିଶୋରପୁର, ଘଣ୍ଟିଖାଲ ନିଧିପୁର, ସର୍ପେଶ୍ୱର, ନରାଜ ମାର୍ଥାପୁର, ବାରଙ୍ଗ, ଭୁବନେଶ୍ୱର ନୂଆ, ପଟିଆ, ମଞ୍ଚେଶ୍ୱର ଓ ବାଣୀବିହାର ଷ୍ଟେଶନରେ ରହଣି କରିବ। ଭୁବନେଶ୍ୱର ଓ କଟକ ମଧ୍ୟରେ ଏହି ସ୍ପେଶାଲ ଟ୍ରେନ ଚଳାଚଳ ପାଇଁ ଏକ ମେମୁ ଟ୍ରେନକୁ ଉପଯୋଗ କରାଯିବ, ଯାହାକି ଭୁବନେଶ୍ୱର ଓ କଟକ ଦ୍ୱୈତନଗରୀ ସହିତ ଚୌଦ୍ୱାର, ଆଠଗଡ଼, ବଡ଼ମ୍ବା, ନରସିଂହପୁର ଓ ଢେଙ୍କାନାଳ ଜିଲାର କେତେକ ଅଞ୍ଚଳର ଯାତ୍ରୀମାନଙ୍କ ଗମନାଗମନ ପାଇଁ ସହାୟକ ହେବ।

## ସଂକ୍ଷେପରେ

### ରାଜ୍ୟ ଜଣାଇଲେ ପଦକ୍ଷେପ ନେବ କେନ୍ଦ୍ର

ଶ୍ରୀମନ୍ଦିର ସୌନ୍ଦର୍ଯ୍ୟକରଣ ପ୍ରସଙ୍ଗ

**ପୁରୀ ଅଫିସ, ୨୯।୨:** କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲ ଶନିବାର ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। କୋଣାର୍କ ସୂର୍ଯ୍ୟମନ୍ଦିର ସୁରକ୍ଷା ଜାତୀୟ କର୍ମଶାଳାରେ ଯୋଗଦେବାକୁ ଯିବା ପୂର୍ବରୁ ସକାଳେ କେନ୍ଦ୍ରମନ୍ତ୍ରୀ ପଟେଲ ଶ୍ରୀମନ୍ଦିରକୁ ଆସିଥିଲେ। ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ବେଢ଼ା ପରିସର ଅନ୍ୟାନ୍ୟ ମନ୍ଦିର ବୁଲି ଦେଖିଥିଲେ। ସିଂହଦ୍ୱାରଠାରେ ଗଣମାଧ୍ୟମକୁ ସୂଚନା ଦେଇ ସେ କହିଥିଲେ, ମହାପ୍ରଭୁଙ୍କୁ ଦର୍ଶନ କରିବାରେ ଯେଉଁ ଆନନ୍ଦ ତାହା ଶବ୍ଦରେ ବର୍ଣ୍ଣନା କରିହେବ ନାହିଁ। ଦେଶବାସୀଙ୍କ ଉପରେ ଭଗବାନ ଏହିପରି ସର୍ବଦା ଆଶୀର୍ବାଦ ରଖିଥାନ୍ତୁ। ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶା ଆଗକୁ ବଢ଼ୁଛି। ବର୍ତ୍ତମାନ ଶ୍ରୀମନ୍ଦିରର ଚତୁଃପାର୍ଶ୍ୱ ଉଚ୍ଛେଦ କରାଯାଇ ସୌନ୍ଦର୍ଯ୍ୟକରଣ କାମ ଚାଲିଛି। ଏ କ୍ଷେତ୍ରରେ ଯଦି କୌଣସି ପ୍ରକାର ସହଯୋଗ ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଅନୁରୋଧ କରନ୍ତି ତେବେ ନିଶ୍ଚିତ ପଦକ୍ଷେପ ନିଆଯିବ ବୋଲି କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ପ୍ରକାଶ କରିଥିଲେ। ମନ୍ତ୍ରୀ ପଟେଲ ଦର୍ଶନ ସାରି ଫେରିଯିବାକୁ ପ୍ରସ୍ତୁତ ହେଉଥିବାବେଳେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ପହଞ୍ଚିଥିଲେ। ଦୁଇ କେନ୍ଦ୍ରମନ୍ତ୍ରୀଙ୍କର ଶ୍ରୀମନ୍ଦିର ସମ୍ମୁଖରେ ସାକ୍ଷାତ ହୋଇଥିଲା।

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବାରଙ୍ଗ,୨୯।୨(ଡି.ଏନ୍.ଏ):** ବାରଙ୍ଗ ଥାନା ଅନ୍ତର୍ଗତ ବେଣ୍ଟକାରପଡା ଗ୍ରାମରୁ ଶନିବାର ସକାଳେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଉଦ୍ଧାର କରିଛି। ମୃତକ ହେଲେ, ସେହି ଗ୍ରାମର ବିଜନ ଭୂୟାଁ(୨୬)। ଏ ନେଇ ପୋଲିସ ନଂ. ୧/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ବିଜନ ଶୁକ୍ରବାର ରାତିରେ ଖାଇବା ପରେ ଶୋଇବା ପାଇଁ ଚାଲିଯାଇଥିଲେ। ସକାଳେ ବିଜନ ଫ୍ୟାନରେ ରଶି ଲଗାଇ ଝୁଲୁଥିବା ଦେଖିବାକୁ ମିଳିଥିଲା। ସଙ୍ଗେସଙ୍ଗେ ପରିବାରଲୋକ ପୋଲିସକୁ ଖବର ଦେଇଥିଲେ। ତେବେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ।

### 'ଆଇନଜୀବୀଙ୍କୁ ମିଳୁ ୫ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା'

ନିଖିଳ ଓଡ଼ିଶା ଆଇନଜୀବୀ ସଂଘର କାର୍ଯ୍ୟକାରୀ କମିଟି ବୈଠକ

**କଟକ ଅଫିସ,୨୯।୨:** ହାଇକୋର୍ଟ ବାର୍ ଆସୋସିଏଶନ ସମ୍ମିଳନୀ କକ୍ଷରେ ଶନିବାର ନିଖିଳ ଓଡ଼ିଶା ଆଇନ୍‌ଜୀବୀ ସଂଘର ୨୦୨୦ ବର୍ଷର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ବିଚିତ୍ର କୁମାର ବଡ଼ଜେନା ଏଥିରେ ଅଧ୍ୟକ୍ଷତା କରିଥିଲେ। ହାଇକୋର୍ଟ ଆଇନଜୀବୀ ସଂଘ ସଭାପତି ଗୋପାଳକୃଷ୍ଣ ମହାନ୍ତି ଏଥିରେ ନେତୃତ୍ୱ ନେଇଥିଲେ। ବୈଠକରେ ଆଇନଜୀବୀଙ୍କ ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରାଯାଇଛି। ଆଇନଜୀବୀଙ୍କୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ସ୍ୱାସ୍ଥ୍ୟ ବୀମା ବ୍ୟବସ୍ଥା କରିବାକୁ ସରକାରଙ୍କ ନିକଟରେ ଦାବି ରଖାଯିବ। ସେହିଭଳି ଯୁବ ଆଇନଜୀବୀଙ୍କୁ ମାସିକ ୫ହଜାର ଟଙ୍କା ଭତ୍ତା, ସମସ୍ତ ଆଇନ୍‌ଜୀବୀ ସଂଘ ପାଇଁ ବିଦ୍ୟୁତ୍, ପାଣି, ପାଠାଗାର, ସୁରକ୍ଷା ବ୍ୟବସ୍ଥା ଏବଂ ସମସ୍ତ ଜିଲା ସଦର ମହକୁମାରେ ଆଇନଜୀବୀ କଲ୍ୟାଣ ଭବନ ଏବଂ ପ୍ରତ୍ୟେକ ବାର୍ ଆସୋସିଏଶନ ପାଇଁ ଆମ୍ବୁଲାନ୍ସର ବ୍ୟବସ୍ଥା ନିମନ୍ତେ ସରକାରଙ୍କ ପାଖରେ ଦାବି କରାଯିବ। ସଂଘର ସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ। କାର୍ଯ୍ୟରତ ଆଇନଜୀବୀମାନେ କୌଣସି ଫୌଜଦାରୀ ମକଦ୍ଦମାର ସମ୍ମୁଖୀନ ହେଲେ ମକଦ୍ଦମା ପାଇଁ ରାଜ୍ୟ ଆଇନଜୀବୀ ପରିଷଦର ଅନୁମୋଦନ ନେବାକୁ ପଡ଼ିବ ବୋଲି ସିଆର୍‌ପିସିରେ ସଂଶୋଧନ/ରିଭ୍ୟୁ ରଖିବାକୁ ଦାବି କରାଯିବ। ସଂଘର ପରବର୍ତ୍ତୀ ବୈଠକ ନବରଙ୍ଗପୁରରେ ହେବ ବୋଲି ସର୍ବସମ୍ମତିରେ ନିଷ୍ପତ୍ତି ନିଆଯାଇଥିଲା। ଉପସଭାପତି ସୁଶାନ୍ତ କୁମାର ବରାଳ, ଉପଦେଷ୍ଟା ଶିବାନନ୍ଦ ରାୟ, ଶିଶିର ପାଢ଼ୀ, ଅକ୍ଷୟ କୁମାର ପତି, ପ୍ରଦୀପ କୁମାର ପଣ୍ଡା, ସଂଗଠନ ସମ୍ପାଦକ ବିଭୁ ପ୍ରସନ୍ନ ମହାପାତ୍ର, ଜ୍ୟୋତି ପ୍ରସାଦ ରଥ, ଦୁଷ୍ମନ୍ତ କୁମାର ବିଶ୍ୱାଳ, ଆଶିଷ କୁମାର ମିଶ୍ର, ପୀତବାସ ପଣ୍ଡା, ବିଶ୍ୱଜିତ ଦାସ, ମୁକ୍ତିକାନ୍ତ ଦାସ, ପ୍ରଦୀପ ପଟ୍ଟନାୟକ, ଗୋବର୍ଦ୍ଧନ ସାହୁ, ନିରଞ୍ଜନ ନାୟକ, ଅଭିଜିତ ଦାସ, ଜଗଦୀପ ସାହୁଙ୍କ ସମେତ ବହୁ ଆଇନ୍‌ଜୀବୀ ବୈଠକରେ ଉପସ୍ଥିତ ଥିଲେ।

# ବ୍ରାଉନସୁଗାର ବେପାରୀଙ୍କ ହାତରେ ଚୋରା ବନ୍ଧୁକ




ଜବତ କାର, ବନ୍ଧୁକ ଓ ଗୁଳି।




ଗିରଫ ଦୁଇ ଅଭିଯୁକ୍ତ ଅନନ୍ତ ସାହୁ ଓ ଦୀପ୍ତିରଞ୍ଜନ ବାରିକ।

■ ଏସ୍‌ଟିଏଫ୍ ପଞ୍ଝାରେ ଆଉ ଦୁଇ ବ୍ରାଉନସୁଗାର ବେପାରୀ
■ ୫୬ ଗ୍ରାମ ବ୍ରାଉନସୁଗାର, ଗୋଟିଏ ବନ୍ଧୁକ, ୪ ଗୁଳି ଜବତ

**ଭୁବନେଶ୍ୱର,୨୯।୨(ବ୍ୟୁରୋ)**

ବନ୍ଧୁକ ମୁନରେ ଚାଲିଛି ବ୍ରାଉନସୁଗାର ବେପାର। କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ କଟକ ଟାଙ୍ଗୀ ଅଞ୍ଚଳରୁ ଦୁଇଜଣ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିବା ପରେ ଚୋରା ବନ୍ଧୁକ କାରବାରର ମଧ୍ୟ ସୁରାକ ପାଇଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ଭୁବନେଶ୍ୱର ନୟାପଲ୍ଲୀ ଥାନା ଅନ୍ତର୍ଗତ ରେଣ୍ଟାଲ କଲୋନୀର ଅନନ୍ତ ସାହୁ ଓରଫ ବୁଦ୍ଧିଆ ଏବଂ ଦୀପ୍ତିରଞ୍ଜନ ବାରିକ ଓରଫ ଇଲୁ। ଉଭୟଙ୍କ ନିକଟରୁ ଏସ୍‌ଟିଏଫ୍ ୫୬ ଗ୍ରାମର ବ୍ରାଉନସୁଗାର,୯ ଏମ୍‌ଏମ୍‌ର ଗୋଟିଏ ବନ୍ଧୁକ, ୪ ଗୁଳି ଓ ଗୋଟିଏ କାର୍ ଜବତ କରିଛି। ଏସ୍‌ଟିଏଫ୍ ସେମାନଙ୍କୁ ଟାଙ୍ଗୀ ପୋଲିସକୁ ହସ୍ତାନ୍ତର କରିଛି। ଏନେଇ ଟାଙ୍ଗୀ ଥାନାରେ କେସ୍ ନଂ–୪୩/୨୦ ଦଫା ୨୧(ବି) ଏନ୍‌ଡିପିଏସ୍ ମାମଲା ରୁଜୁ କରାଯିବା ସହ ୨୫(୧)(ଏ) ଆର୍ମ ଆକ୍ଟରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଚୌଦ୍ୱାର ଜେଲକୁ ପଠାଇ ଦିଆଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଅନନ୍ତ ଏବଂ ଦୀପ୍ତିରଞ୍ଜନ ବାଲେଶ୍ୱରରୁ ବ୍ରାଉନସୁଗାର ଆଣି କଟକ ଓ ଭୁବନେଶ୍ୱରରେ ବେପାର କରନ୍ତି। ପୂର୍ବରୁ ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ଗିରଫ ହୋଇଥିବା ଅନ୍ୟ ଦୁଇ ବେପାରୀଙ୍କୁ ପଚରାଉଚରା ପରେ ଏମାନଙ୍କ ସମ୍ପର୍କରେ ସୂଚନା ପାଇଥିଲା ଏସ୍‌ଟିଏଫ୍। ପରେ ସେମାନଙ୍କ ଉପରେ କଡ଼ା ନଜର ରଖାଯାଇଥିଲା। ବ୍ରାଉନସୁଗାର ବେପାର ପାଇଁ ସେମାନେ ପାଖରେ ଚୋରା ବନ୍ଧୁକ ରଖିଥିଲେ। ଯେଉଁମାନେ ପୋଲିସକୁ ଖବର ଦେବାଲାଗି କହୁଥିଲେ ସେମାନେ ବନ୍ଧୁକ ଦେଖାଇ ଧମକ ଚମକ ଦେଉଥିଲେ। ଫଳରେ ଏମାନଙ୍କ କଳା କାରବାର ବିଷୟରେ ଯିଏ ଜାଣୁଥିଲେ ମୁହଁ ଖୋଲିବାକୁ ସାହସ କରୁ ନ ଥିଲେ। ଶୁକ୍ରବାର ରାତିରେ ଉଭୟ ଟାଙ୍ଗୀ ଅଞ୍ଚଳରେ ଥିବା ଏକ ଅନ୍ଧାରୁଆ ସ୍ଥାନରେ କାର ଭିତରେ ବସି ବ୍ରାଉନସୁଗାର ବିକ୍ରି କରିବାକୁ ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଏସ୍‌ଟିଏଫ୍ ଟିମ୍ ସେଠାରେ ଚଢ଼ାଉ କରି ଉଭୟଙ୍କୁ କାବୁ କରିଥିଲା। ଯାଞ୍ଚ ପରେ ସେମାନଙ୍କ ନିକଟରୁ ବ୍ରାଉନସୁଗାର ଓ ଗୁଳି ଭର୍ତ୍ତି ବନ୍ଧୁକ ମିଳିଥିଲା। ସେମାନେ ଉକ୍ତ ଚୋରା ବନ୍ଧୁକ କେଉଁଠି କିଣିଥିଲେ ଓ ତାହାକୁ ଅନ୍ୟ କେଉଁସବୁ ଘଟଣାରେ ବ୍ୟବହାର କରିଛନ୍ତି ଏନେଇ ଖୋଳତାଡ଼ ଆରମ୍ଭ କରିଛି ଏସ୍‌ଟିଏଫ୍। ସେମାନଙ୍କ ନାମରେ ଟାଙ୍ଗୀ କିମ୍ବା ଅନ୍ୟ କୌଣସି ଥାନାରେ ମାମଲା ରହିଛି କି ନାହିଁ ସେନେଇ ମଧ୍ୟ ଯାଞ୍ଚ କରାଯାଉଛି। ଏପରି କି ଆବଶ୍ୟକ ହେଲେ ଏସ୍‌ଟିଏଫ୍ ଉଭୟଙ୍କୁ ରିମାଣ୍ଡରେ ନେଇ ପଚରାଉଚରା କରିବ ବୋଲି ସୂଚନା ମିଳିଛି। ତେବେ ମିଳିଥିବା ସୂଚନାନୁସାରେ ଉଭୟ ଅଭିଯୁକ୍ତ ସମ୍ଭ୍ରାନ୍ତ ଘରର ବୋଲି ଜଣାପଡିଛି।

### ନିଶା କାରବାର: ଦୁଇ ମାସରେ ୧୩ ମାମଲା, ୨୬ ଗିରଫ

ଏସ୍‌ଟିଏଫ୍ ନିଶା ମାଫିଆ, ଡିଲର, ଏଜେଣ୍ଟ ଓ ବେପାରୀଙ୍କୁ ଟାର୍ଗେଟ କରି ଅଭିଯାନ ଚଳାଇଛି। ଗତ ଜାନୁଆରୀ ମାସରୁ ଏପର୍ଯ୍ୟନ୍ତ କଟକ, ଭୁବନେଶ୍ୱର, ପୁରୀ, ବାଲେଶ୍ୱର, ଅନୁଗୋଳ, ଖୋର୍ଦ୍ଧା, ପିପିଲି,ଢେଙ୍କାନାଳ ଓ ଭଦ୍ରକରେ ଚଢ଼ାଉ କରି ୧୩ ମାମଲା ରୁଜୁ କରିବା ସହ ୨୬ଜଣଙ୍କୁ ଗିରଫ କରିଛି। ଏଥିସହ ୧ କେଜି ୩୩୫ ଗ୍ରାମ ବ୍ରାଉନସୁଗାର, ୩୨୬.୪୫ ଗ୍ରାମ ଅଫିମ, ୧୩ ଲକ୍ଷ ୨୧ ହଜାର ଟଙ୍କା, ଗୋଟିଏ ବନ୍ଧୁକ, ୪ରାଉଣ୍ଡ ଗୁଳି, ଗୋଟିଏ କାର, ୮ ବାଇକ ଜବତ କରିଛି। ଆଗାମୀ ଦିନରେ ଏଭଳି କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ଏସ୍‌ଟିଏଫ୍ ଏସ୍‌ପି ରାହୁଲ ପିଆର୍ ସୂଚନା ଦେଇଛନ୍ତି।

# ମାମଲା ବୋଝ କମାଇବାକୁ ଛୁଟିଦିନରେ ବସିଲା ସ୍ୱତନ୍ତ୍ର ବେଞ୍ଚ




**କଟକ ଅଫିସ,୨୯।୨**

ମାମଲା ବୋଝ କମାଇବା ପାଇଁ ଶନିବାର ଛୁଟିଦିନ ହୋଇଥିଲେ ମଧ୍ୟ ହାଇକୋର୍ଟର ସ୍ୱତନ୍ତ୍ର ବେଞ୍ଚ ବସିଥିଲା। ଜେଲ୍ କ୍ରିମିନାଲ ଅପିଲ୍‌ର ଶୁଣାଣି ପାଇଁ ଗଠିତ ସ୍ୱତନ୍ତ୍ର ବେଞ୍ଚରେ ଶନିବାର ୯ ମାମଲାର ସମାଧାନ ହୋଇଛି। ୩ଟି ମାମଲାକୁ ଆଂଶିକ ଗ୍ରହଣ କରାଯାଇଥିବା ବେଳେ ୨ଟି ଆବେଦନକୁ ଅଦାଲତ ଗ୍ରହଣ କରିଥିବା ଜଣାପଡ଼ିଛି। ଜଷ୍ଟିସ୍ ସଙ୍ଗମ କୁମାର ସାହୁ ଏବଂ ଜଷ୍ଟିସ୍ ବିଭୁ ପ୍ରସାଦ ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠରେ ୩ଟି ମାମଲାର ଶୁଣାଣି ହୋଇ ସମାଧାନ ହୋଇଥିଲା। ଜଷ୍ଟିସ୍ ସଙ୍ଗମ କୁମାର ସାହୁଙ୍କୁ ନେଇ ଗଠିତ ଜଣିକିଆ ଖଣ୍ଡପୀଠରେ ଗୋଟିଏ ମାମଲାର ସମାଧାନ ହୋଇଥିଲା। ସେହିପରି ଜଷ୍ଟିସ୍ ପ୍ରମଥ ପଟ୍ଟନାୟକ ଏବଂ ଜଷ୍ଟିସ୍ ଏ.କେ. ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠରେ ୫ ମାମଲାର ଶୁଣାଣି ସାଙ୍ଗକୁ ସମାଧାନ କରାଯାଇଥିଲା। ନିମ୍ନ ଅଦାଲତଙ୍କ ନିର୍ଦ୍ଦେଶରେ ଅନେକ ବିଚାରାଧୀନ କଏଦୀ ରାଜ୍ୟର ବିଭିନ୍ନ ଜେଲ୍‌ରେ ବନ୍ଦୀ ଅଛନ୍ତି। ସେମାନେ ନିମ୍ନ ଅଦାଲତ ରାୟକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ଆବେଦନ କରିଥାନ୍ତି। କିନ୍ତୁ ଅନେକ ସମୟରେ ଏହି ଆବେଦନର ଶୁଣାଣିରେ ବହୁ ବିଳମ୍ବ ଦେଖାଦେଉଛି। ଦିନକୁ ଦିନ ମାମଲା ବୋଝ ମଧ୍ୟ ବଢ଼ିଚାଲୁଛି। ତେଣୁ ଛୁଟିଦିନରେ ସ୍ୱତନ୍ତ୍ର ବେଞ୍ଚରେ ଏଭଳି ମାମଲାଗୁଡ଼ିକର ଶୁଣାଣି କରାଯାଇଥିଲା। ନିମ୍ନ ଅଦାଲତର ରାୟଗୁଡ଼ିକୁ ତର୍ଜମା କରାଯାଇ ରାୟ ପ୍ରକାଶ ପାଇଥିଲା। ଫଳରେ ନିମ୍ନ ଅଦାଲତରୁ ଦଣ୍ଡିତ ହୋଇ ଜେଲ୍‌ଦଣ୍ଡ ଭୋଗୁଥିବା କେତେଜଣ ଉପକୃତ ହୋଇଛନ୍ତି। ପ୍ରାୟ ତିନିବର୍ଷ ପରେ ଏଭଳି ଛୁଟିଦିନରେ ସ୍ୱତନ୍ତ୍ର ବେଞ୍ଚ ବସିଥିବା କୁହାଯାଉଛି।




# ଶିଶୁ ହାତରେ ଲାଗିଲା ଆଙ୍ଗୁଠି

ବିରଳ ପ୍ଲାଷ୍ଟିକ ସର୍ଜରି

ଏସ୍‌ସିବି ମେଡିକାଲକୁ ଆଉ ଏକ ସଫଳତା

**କଟକ ଅଫିସ,୨୯।୨**

ଏକ ବିରଳ ପ୍ଲାଷ୍ଟିକ ସର୍ଜରି କରି ଆଉ ଏକ ସଫଳତା ହାସଲ କରିଛି କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ(ଏସ୍‌ସିବି) ମେଡିକାଲ କଲେଜ ଓ ହସ୍ପିଟାଲ। ପ୍ଲାଷ୍ଟିକ ସର୍ଜରି ବିଭାଗରେ ଜଣେ ୧୫ ମାସ ବୟସର ଶିଶୁକନ୍ୟାଙ୍କ ହାତରେ ଡାକ୍ତରମାନେ ଆଙ୍ଗୁଠି ଯୋଡ଼ିଛନ୍ତି। ରାଜ୍ୟ ଚିକିତ୍ସା ଇତିହାସରେ ଏହା ପ୍ରଥମ ବୋଲି କୁହାଯାଉଛି। ଦେବଗଡ଼ ଜିଲା ଛତାବର ଅଞ୍ଚଳର ସୁରେନ୍ଦ୍ର କୁମାର ପ୍ରଧାନଙ୍କ ଝିଅ ସ୍ମୃତିରେଖାଙ୍କ ଡାହାଣ ହାତରେ ମାତ୍ର ୪ଟି ଆଙ୍ଗୁଠି ଥିଲା। ବୁଢ଼ାଅଙ୍ଗୁଳି ନ ଥିଲା। ଜିନିଷ ଧରିବାରେ ଅସୁବିଧା ହେଉଥିଲା। ପ୍ଲାଷ୍ଟିକ ସର୍ଜରି ବିଭାଗରେ ପହଞ୍ଚିବା ପରେ ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ବିଭୂତି ନାୟକ ସ୍ମୃତିରେଖାଙ୍କ ପରୀକ୍ଷା କରିଥିଲେ। ସେଇ ଡାହାଣ ହାତରୁ ହିଁ ଗୋଟିଏ ଆଙ୍ଗୁଠିକୁ କାଢ଼ି ବୁଢ଼ା ଅଙ୍ଗୁଳିରେ ପ୍ରତିରୋପଣ



କରାଯାଇଥିଲା। ଏହି ଅସ୍ତ୍ରୋପଚାର କଠିନ ହୋଇଥିଲେ ମଧ୍ୟ ପ୍ରଫେସର ନାୟକ ଏବଂ ତାଙ୍କ ଟିମରେ ଥିବା ଡା. ଆଶିଷ ପଟ୍ଟନାୟକ, ଡା. ମହେଶ ମଣ୍ଡଳ, ଡା. ଚନ୍ଦନ ଏବଂ ଡା. ରୋଜାଲିନ ପ୍ରମୁଖ ଅସ୍ତ୍ରୋପଚାର କରିଥିଲେ। ଡା. ନାୟକଙ୍କ କହିବାନୁଯାୟୀ, ନିକଟରେ ରାଜ୍ୟ ସରକାର ଏସ୍‌ସିବିକୁ ଅତ୍ୟାଧୁନିକ ମାଇକ୍ରୋସ୍କୋପ ଯୋଗାଇ ଦେଇଥିଲେ। ଫଳରେ ଅସ୍ତ୍ରୋପଚାରରେ ସହଜ ହେଲା। ତିନିଘଣ୍ଟା ପର୍ଯ୍ୟନ୍ତ ସ୍ମୃତିରେଖାଙ୍କ ହାତରେ ଏହି ଅଙ୍ଗୁଳି ପ୍ରତିରୋପଣ କରାଯାଇଥିଲା। ପ୍ରତିରୋପଣ ହୋଇଥିବା ବୁଢ଼ା ଅଙ୍ଗୁଳିଟି ସପ୍ତାହକ ପରେ କାର୍ଯ୍ୟ ଆରମ୍ଭ କରିବ। ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ୮୦ ପ୍ରତିଶତ ପର୍ଯ୍ୟନ୍ତ କାର୍ଯ୍ୟ କରିବ। ଅନ୍ୟ ସାଧାରଣ ପିଲାଙ୍କ ଭଳି ସେ ନିଜ ହାତରେ ସବୁ କାମ କରିପାରିବେ ବୋଲି ଡା. ନାୟକ ସୂଚନା ଦେଇଛନ୍ତି।

ଉଲ୍ଲେଖଥାଉ କି ଏସ୍‌ସିବି ମେଡିକାଲରେ ପ୍ଲାଷ୍ଟିକ୍ ସର୍ଜରି କ୍ଷେତ୍ରରେ ପୂର୍ବରୁ ଅନେକ ସଫଳତା ମିଳିଛି। ଅନ୍ୟପକ୍ଷରେ ଗତ ୩ ତାରିଖରେ କାଡାଭେରିକ କିଡ୍‌ନୀ ପ୍ରତିରୋପଣ କରି ଏସ୍‌ସିବି ମେଡିକାଲ ରାଜ୍ୟ ପାଇଁ ଇତିହାସ ସୃଷ୍ଟି କରିଥିଲା।

## ୧୫ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

**କଟକ ରୋଡ,୨୯।୨(ଡି.ଏନ୍.ଏ.)**

ଜଣେ ବ୍ୟକ୍ତିଙ୍କ ଋଣ ଟଙ୍କା ଠକି ନେବା ଅଭିଯୋଗରେ ବଡ଼ଗଡ଼ ଥାନା ପୋଲିସ ଶନିବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ପୁରୀ ଜିଲା ସତ୍ୟବାଦୀ ଥାନା ଇଲିପୁର ଗ୍ରାମର ଯୁଧିଷ୍ଠିର ପ୍ରଧାନ। ପୋଲିସ ସୂଚନା ଅନୁଯାୟୀ, ବଡ଼ଗଡ଼ ଥାନା ଅଧୀନ ବିଜେବି ନଗରରେ ରହୁଥିବା ସତ୍ୟବ୍ରତ ସାହୁ ଯୁଧିଷ୍ଠିରଙ୍କ ମାଧ୍ୟମରେ ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାରୁ ୨୭ଲକ୍ଷ ୮୨ହଜାର ଟଙ୍କା ଋଣ କରିଥିଲେ। ଋଣ ଗ୍ରହୀତାଙ୍କ ବ୍ୟାଙ୍କ ଜମାଖାତାରେ ସମସ୍ତ ଟଙ୍କା ଡିପୋଜିଟ ପରେ ଅର୍ଥ ଲଗାଣ ସଂସ୍ଥା ମ୍ୟାନେଜର ୧୦ଟି ଚେକ୍ ମାଗିଥିବା ସତ୍ୟବ୍ରତଙ୍କୁ କହିଥିଲେ। ଫଳରେ ସତ୍ୟବ୍ରତ ଖାଲି ଚେକରେ ଦସ୍ତଖତ କରି ଯୁଧିଷ୍ଠିରଙ୍କୁ ଚେକ୍ ଦେଇଥିଲେ। ପରେ ଯୁଧିଷ୍ଠିର ତାଙ୍କର ସମ୍ପର୍କୀୟଙ୍କ ମାଧ୍ୟମରେ ବିଭିନ୍ନ ସମୟରେ ସମସ୍ତ ଋଣ ଟଙ୍କା ଉଠାଇ ନେଇଥିଲେ। ଏହା ଜଣାପଡିବା ପରେ ସତ୍ୟବ୍ରତ ତାଙ୍କୁ ଟଙ୍କା ମାଗିବା ପରେ ବିଭିନ୍ନ ପର୍ଯ୍ୟାୟରେ ୧୨ଲକ୍ଷ ୫୦ହଜାର ଟଙ୍କା ଯୁଧିଷ୍ଠିର ଫେରାଇଥିଲେ ମଧ୍ୟ ବାକି ଟଙ୍କା ଫେରାଇ ନ ଥିଲେ। ଏ ସମ୍ପର୍କରେ ବଡ଼ଗଡ଼ ଥାନାରେ ସତ୍ୟବ୍ରତ ୨୦୧୯ ସେପ୍ଟେମ୍ବର ୮ତାରିଖରେ ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ଏକ ମାମଲା (ନଂ.୨୩୮/୧୯)ରୁଜୁ ହୋଇଥିଲା।

## ଭୁବନେଶ୍ୱରରୁ ବାରାଣସୀ ଉଡ଼ିଲା ବିମାନ

**ଭୁବନେଶ୍ୱର, ୨୯।୨(ବ୍ୟୁରୋ)**

ଭୁବନେଶ୍ୱରରୁ ବାରାଣସୀକୁ ସିଧାସଳଖ ବିମାନ ସେବା ଆରମ୍ଭ ହୋଇଛି। ଇଣ୍ଡିଗୋ ଏଟିଆର–୭୨ ଶନିବାର ରାତି ୯ଟା ୫୦ରେ ବାରାଣସୀ ଅଭିମୁଖେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଉଡ଼ାଣ କରିଛି। ବିମାନଟି ରାତି ପ୍ରାୟ ୧୧ଟା ୪୦ରୁ ୧୧ଟା ୫୦ ମଧ୍ୟରେ ବାରାଣସୀରେ ପହଞ୍ଚିବ। ଏହି ବିମାନରେ ମୋଟ ୭୨ ଜଣ ଯାତ୍ରୀ ଯାତ୍ରା କରିବାର ସୁବିଧା ରହିଛି। ଓଡ଼ିଶା ଓ ପର୍ଯ୍ୟଟନ ସହର ବାରାଣସୀ ମଧ୍ୟରେ ସିଧାସଳଖ ବିମାନ ଚଳାଚଳ ଲାଗି ଦୀର୍ଘଦିନରୁ ଦାବି ହେଉଥିବାବେଳେ ଏହି ସେବା ଆରମ୍ଭ ବିଶେଷକରି ପର୍ଯ୍ୟଟକ ଓ ସାଧାରଣ ଯାତ୍ରୀଙ୍କ ପାଇଁ ବେଶ୍ ଲାଭଦାୟକ ହେବ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ